+୨

# ରାଜନୀତି ବିଜ୍ଞାନ

## ଦ୍ୱିତୀୟ ପତ୍ର

## ଭାରତରେ ଗଣତନ୍ତ୍ର ଓ ଆର୍ନ୍ତଜାତୀୟ ରାଜନୀତି

ପତ୍ର ବିନିମୟ ଶିକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର

+୨

# ରାଜନୀତି ବିଜ୍ଞାନ

## ଦ୍ୱିତୀୟ ପତ୍ର

## ଭାରତରେ ଗଣତନ୍ତ୍ର ଓ ଆର୍ନ୍ତଜାତୀୟ ରାଜନୀତି


ସମ୍ପାଦନା :

ଡଃ ମାଳା ମହାନ୍ତି

ପ୍ରାଧ୍ୟାପିକା, ରାଜନୀତି ବିଜ୍ଞାନ

ମ୍ୟୁନିସିପାଲ କଲେଜ, ରାଉରକେଲା

ଲେଖକ ମଣ୍ଡଳୀ :

ଡଃ ରତ୍ନାକର ରାୟ

ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ

ଶ୍ରୀ ଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟ ଗୁରୁଡ଼ିଝାଟିଆ, କଟକ

ଡଃ ସରୋଜ କୁମାର ଜେନା

ଅଧ୍ୟାପକ, ରାଜନୀତି ବିଜ୍ଞାନ

ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ, ଆସିକା



ପତ୍ର ବିନିମୟ ଶିକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର

# ମୁଖବନ୍ଧ

ଯୁକ୍ତ ଦୁଇ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ପ୍ରତି ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଉଛି । ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ଦିଆଯିବା ଦ୍ୱାରା କୋମଳମତି ଛାତ୍ରଛାତ୍ରୀମାନେ ବିଷୟବସ୍ତୁକୁ ସହଜରେ ବୁଝିପାରିବେ ଏବଂ ହୃଦୟଙ୍ଗମ କରିପାରିବେ । ଏହି ଦୃଷ୍ଟିରୁ ଆଖି ଆଗରେ ରଖି ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପତ୍ର ବିନିମୟ ଶିକ୍ଷା କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଷୟ ପାଇଁ +୨ ଦ୍ୱିତୀୟ ବର୍ଷର ପାଠ୍ୟକ୍ରମ ଅନୁସାରେ ଏହି ପୁସ୍ତକଟି ପ୍ରସ୍ତୁତ କରାଯାଇଛି । ଏହି ପୁସ୍ତକଟିର ବିଭିନ୍ନ ପରିଚ୍ଛେଦକୁ ଡଃ ରତ୍ନାକର ରାୟ ଓ ଡଃ ସରୋଜ କୁମାର ଲେଖିଥିବାରୁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ଡଃ ମାଳା ମହାନ୍ତି ଏହାର ସଂପାଦନାର ଦାୟିତ୍ୱ ବହନ କରିଥିବାରୁ ଆମେ ତାଙ୍କ ନିକଟରେ କୃତଜ୍ଞ । ପୁସ୍ତକ ପ୍ରକାଶନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସଚୀବ ପ୍ରାଧ୍ୟାପକ ସତ୍ୟଜିତ୍ ଦାଶମହାପାତ୍ର ଓ ପରୀକ୍ଷା ନିୟନ୍ତ୍ରକ ଡଃ ବିଜୟ କୁମାର ସାହୁ ଉଦ୍ୟମ ପ୍ରଶଂସନୀୟ ।

ପୁସ୍ତକ ପ୍ରକାଶନରେ କୌଣସି ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହେଲେ ଏହାର ସଂଶୋଧନ ପାଇଁ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଏହା ପରିଷଦର ଦୃଷ୍ଟିକୁ ଆଣିବାକୁ ସବିନୟ ଅନୁରୋଧ ।

ଅଧ୍ୟକ୍ଷ
ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ
ଓଡ଼ିଶା, ଭୁବନେଶ୍ୱର

# SYLLABUS

**Second Year CHSE (2017-2018)**
**Political Science Paper-II**
**DEMOCRACY IN INDIA AND INTERNATIONAL POLITICS**
**PART-A POLITICS IN INDIA**

**UNIT-I(Democracy in India)**

1 Democracy: Meaning, Types and Features; Challenges to Democratic Process in India- Inequality, Illiteracy, Regionalism, Naxalite Problem,Gender Inequality.

2 Party system in India: Meaning, Types; One Party Dominance, Coalition Politics; Regional Parties.

**UNIT-II (Democratic process in India-1)**

1 Federalism in India: Features; Centre-State relation; Recent Trends in Indian Federalism.

2 Local Governance in India-Rural & Urban Local Bodies- Composition & Functions.

**Unit-III Democratic process in India-II)**

1 Challenges to Nation-Building: Meaning; Communalism, Casteism,Regionalism, Terrorism; Remedies.

2 Contemporary issues in Indian Politics: Popular Movements-Women Movement; Environment protection Movements; Development-Displacement Movements.

## PART-B CONTEMPORARY WORLD POLITICS

**UNIT-IV (India in World Politics)**

1 Indian Foreign Policy: Basic Features; India and its neighbours-China, Pakistan.

2 International Organizations: UN: Major Organs-General Assembly; Security Council; International Court of Justice; Reforms of the UN. India's position in UN. International Economic Organizations- World Bank and the IMF.

**UNIT-V (Issues in International Politics)**

1 Changing Dimension of Security in Contemporary World: Traditional Security Concerns: Arms Race and Disarmament.Non-Traditional Security Concerns: Human security: Global Poverty,Inequality, Health and Education.

2 Environment and Natural Resources: Global Environmental Concerns;Development and Environment; Global Warming and Climate Change.

# ବିଷୟ ସୂଚୀ


| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|
| | **UNIT-I** | |
| ପ୍ରଥମ ଅଧ୍ୟାୟ | ଗଣତନ୍ତ୍ର | ୧ |
| ଦ୍ୱିତୀୟ ଅଧ୍ୟାୟ | ଭାରତର ରାଜନୈତିକ ଦଳୀୟ ବ୍ୟବସ୍ଥା | ୧୭ |
| | **UNIT-II** | |
| ତୃତୀୟ ଅଧ୍ୟାୟ | ଭାରତରେ ସଂଘୀୟବାଦ | ୨୯ |
| ଚତୁର୍ଥ ଅଧ୍ୟାୟ | ଭାରତରେ ଗ୍ରାମ୍ୟ (ପଞ୍ଚାୟତି ରାଜ) ଓ ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥା | ୪୮ |
| ପଞ୍ଚମ ଅଧ୍ୟାୟ | ଭାରତରେ ଜାତୀୟ ସଂହତିର ପ୍ରତିବନ୍ଧକ | ୬୭ |
| ଷଷ୍ଠ ଅଧ୍ୟାୟ | ଭାରତୀୟ ରାଜନୀତିରେ ସାଂପ୍ରତିକ ପ୍ରସଙ୍ଗ | ୮୬ |
| | **UNIT-IV** | |
| ସପ୍ତମ ଅଧ୍ୟାୟ | ଭାରତର ବୈଦେଶିକ ନୀତି | ୧୦୩ |
| ଅଷ୍ଟମ ଅଧ୍ୟାୟ | ଆନ୍ତର୍ଜାତୀୟ ଅନୁଷ୍ଠାନ | ୧୧୨ |
| | **UNIT-V** | |
| ନବମ ଅଧ୍ୟାୟ | ସମସାମୟିକ ବିଶ୍ୱରେ ସୁରକ୍ଷାର ପରିବର୍ତ୍ତିତ ଦିଗ | ୧୨୭ |
| ଦଶମ ଅଧ୍ୟାୟ | ପରିବେଶ ଓ ପ୍ରାକୃତିକ ସମ୍ପଦ | ୧୪୭ |


❑❑❑

**UNIT-1**

# ଭାରତରେ ରାଜନୀତି
# POLITICS IN INDIA

**ପ୍ରଥମ ଅଧ୍ୟାୟ**

## ଗଣତନ୍ତ୍ର
## (DEMOCRACY)

---

**ସଂରଚନା**


୧. ଉଦ୍ଦେଶ୍ୟ

୧.୧. ଗଣତନ୍ତ୍ରର ଅର୍ଥ ଓ ସଂଜ୍ଞା

୧.୨ ଗଣତନ୍ତ୍ରର ଲକ୍ଷଣ

୧.୩ ପ୍ରତ୍ୟକ୍ଷ ଗଣତନ୍ତ୍ର ଓ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର

୧.୩.୧ ଗଣମତାମତ ଗ୍ରହଣ (ରିଫରେଣ୍ଡମ୍), ଗଣ ଉଦ୍ୟୋଗ (ଇନିସିଏଟିଭ୍) ଓ ପ୍ରତ୍ୟାହାର (Recall)

୧.୩.୨ ପ୍ରତ୍ୟକ୍ଷ ଗଣତନ୍ତ୍ରର ଉପକାରିତା ଓ ଅପକାରିତା

୧.୩.୩ ପରୋକ୍ଷ ଗଣତନ୍ତ୍ରର ଉପକାରିତା ଓ ଅପକାରିତା

୧.୪.୧ ଗଣତନ୍ତ୍ରର ଉପକାରିତା

୧.୪.୨ ଗଣତନ୍ତ୍ରର ଅପକାରିତା

୧.୫ ଗଣତନ୍ତ୍ରର ସଫଳତା ପାଇଁ ଦାୟୀ ସର୍ତ୍ତାବଳୀ

୧.୬ ଭାରତରେ ଗଣତନ୍ତ୍ର ପ୍ରତି ପ୍ରମୁଖ ଆହ୍ୱାନ

୧.୭ ଭାରତରେ ନକ୍ସଲ ଆତଙ୍କବାଦ :ଗଣତନ୍ତ୍ର ପାଇଁ ଏକ ପ୍ରମୁଖ ଆହ୍ୱାନ

୧.୮ ସାରାଂଶ

୧.୯ ନିଜର ପ୍ରଗତି ପରୀକ୍ଷାପାଇଁ ଅନୁଶୀଳନୀ

୧.୧୦ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର

## ୧. ଉଦ୍ଦେଶ୍ୟ

ଏହି ପରିଚ୍ଛେଦ ଅଧ୍ୟୟନ ପରେ ଆପଣ .....

- ଗଣତନ୍ତ୍ରର ଅର୍ଥ ଓ ସଂଜ୍ଞା ତଥା ଲକ୍ଷଣ ଜାଣିପାରିବେ ।
- ଗଣତନ୍ତ୍ରର ଶ୍ରେଣୀ ବିଭାଗ -.ପ୍ରତ୍ୟକ୍ଷ ଓ ପରୋକ୍ଷ ଗଣତନ୍ତ୍ର ବିଷୟରେ ଅବଗତ ହୋଇପାରିବେ ।
- ଗଣତନ୍ତ୍ରର ସଫଳତାର ସର୍ତ୍ତାବଳୀ ସଂପର୍କରେ ତଥ୍ୟ ପାଇପାରିବେ ।
- ଭାରତରେ ନକ୍ସଲବାଦୀ ଆନ୍ଦୋଳନର ପ୍ରଭାବ ସଂପର୍କରେ ଅବଗତ ହେବେ ।

ଅତି ସରଳ ଅର୍ଥରେ ଅଧ୍ୟାପକ ସିଲି ଗଣତନ୍ତ୍ରର ସଂଜ୍ଞାନିରୂପଣ କରି ମତ ଦେଇଛନ୍ତି ଯେ, "ଯେଉଁ ଶାସନ ବ୍ୟବସ୍ଥାରେ ପ୍ରତ୍ୟେକ ଲୋକଙ୍କର ଅଂଶ ଥାଏ ତାହାକୁ ଗଣତନ୍ତ୍ର କୁହାଯାଏ ।" ଲୋକମାନଙ୍କର ସାର୍ବଭୌମ କ୍ଷମତା ଗଣତନ୍ତ୍ରର ଲକ୍ଷ୍ୟ ଅଟେ । ଆଇନର ଶାସନ, ସ୍ୱତନ୍ତ୍ରତା, ସମାନତା ଓ ନ୍ୟାୟ ଗଣତନ୍ତ୍ରର ମୌଳିକ ଉପାଦାନ ଅଟେ । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ କହିଥିଲେ, "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଏକ ସରକାର ଅଟେ ।"

## ୧.୧ ଗଣତନ୍ତ୍ରର ଅର୍ଥ ଓ ସଂଜ୍ଞା :

- ଗଣତନ୍ତ୍ର (Democracy) ଶବ୍ଦଟି ଗ୍ରୀକ୍ ଭାଷାର 'ଡ଼େମସ୍' (Demos) ଓ 'କ୍ରାସିଆ' (Kratia) ଶବ୍ଦର ସମ୍ମିଶ୍ରଣରେ ଗଠିତ । ଏହାର ଅର୍ଥ ଯଥାକ୍ରମେ 'ଲୋକମାନେ' ଓ 'କ୍ଷମତା' ଅଟେ । ଅର୍ଥାତ୍ ଆକ୍ଷରିକ ଅର୍ଥରେ ଗଣତନ୍ତ୍ରର ଅର୍ଥ 'ଲୋକମାନଙ୍କର କ୍ଷମତା' ।
- ଆମେରିକାର ଭୂତପୂର୍ବ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କ ଭାଷାରେ, "ଗଣତନ୍ତ୍ର ହେଉଛି ଲୋକଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଏକ ଶାସନ ।"
- ଲର୍ଡ଼ ବ୍ରାଇସ୍‌ଙ୍କ ମତରେ, "ଯେଉଁ ସରକାରରେ ଶାସନ କ୍ଷମତା କୌଣସି ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକଙ୍କ ହାତରେ ନଥାଇ ସମୁଦାୟ ଗୋଷ୍ଠୀର ସଦସ୍ୟମାନଙ୍କ ହାତରେ ଆଇନତଃ ନ୍ୟସ୍ତ ରହିଥାଏ । ତାହାକୁ ଗଣତନ୍ତ୍ର କୁହାଯାଏ ।"

ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଆଇନର ଶାସନ, ଶାସନ ପ୍ରକ୍ରିୟାରେ ଜନ ଅଂଶଗ୍ରହଣ ଆଦି ଉପରେ ଗୁରୁତ୍ୱ ଦେଉଥିବା ପୁରାତନ ଉଦାରବାଦୀ ଗଣତନ୍ତ୍ର ତତ୍ତ୍ୱ, ବିଂଶ ଶତାବ୍ଦୀରେ କ୍ଷୁଦ୍ର ସଂଖ୍ୟାଲଘୁ ଗୋଷ୍ଠୀ ହାତରେ ଶାସନ କ୍ଷମତା ଅର୍ପଣ କରିବାକୁ ମତ ଦେଉଥିବା 'ଗଣତନ୍ତ୍ର ସମ୍ବନ୍ଧୀୟ ସର୍ବୋତ୍କୃଷ୍ଟ ଗୋଷ୍ଠୀ ତତ୍ତ୍ୱ' ଏବଂ ରାଷ୍ଟ୍ର ସହ ଅନ୍ୟ ସଂଘମାନଙ୍କ ମଧ୍ୟରେ କ୍ଷମତାର ବଣ୍ଟନ ଚାହୁଁଥିବା ଗଣତନ୍ତ୍ରର ବହୁଳବାଦୀ ତତ୍ତ୍ୱର ବିକାଶ ହୋଇଥିଲା । ଗଣତନ୍ତ୍ରର ମାର୍କ୍ସବାଦୀ ତତ୍ତ୍ୱରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଅପେକ୍ଷା ଗଣତାନ୍ତ୍ରିକ ସମାଜ ଗଠନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ।

## ୧.୨ ଗଣତନ୍ତ୍ରର ଲକ୍ଷଣ :-

(କ) ଗଣତନ୍ତ୍ର ଏକ ମୁକ୍ତ ପ୍ରକ୍ରିୟା ଯାହା ବ୍ୟାପକ ଜନ ଅଂଶ ଗ୍ରହଣ ଓ ଜନ ସମର୍ଥନ ମାଧ୍ୟମରେ ପରିଚାଳିତ ହୋଇଥାଏ ।

(ଖ) ଏହା ବ୍ୟକ୍ତି ସ୍ୱତନ୍ତ୍ରତା, ସମାନତା ଓ ନ୍ୟାୟ ଉପରେ ଆଧାରିତ ।

(ଗ)　ଏହା ଶାସନବ୍ୟବସ୍ଥା ଓ ଲୋକମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସଂପର୍କ ପ୍ରତିଷ୍ଠା କରେ ।

(ଘ)　ଏହା ଏକ ଦାୟିତ୍ୱଶୀଳ ଓ ଲୋକାଭିମୁଖୀ ଶାସନ ବ୍ୟବସ୍ଥା ଅଟେ ।

(ଙ)　ଏହା 'ଆଇନର ଶାସନ' ଓ ଜନପ୍ରିୟ ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥାଏ ।

(ଚ)　ଏହା କ୍ଷମତାର ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ଦିଏ ।

**ଗଣତନ୍ତ୍ରର ପ୍ରକାର :** ଗଣତନ୍ତ୍ର ସାଧାରଣତଃ ଦୁଇ ପ୍ରକାରର ଅଟେ । ଯଥା :- ପ୍ରତ୍ୟକ୍ଷ ଓ ପରୋକ୍ଷ ଗଣତନ୍ତ୍ର ।

## ୧.୩　ପ୍ରତ୍ୟକ୍ଷ ଗଣତନ୍ତ୍ର ଓ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର

ଜନ ଅଂଶଗ୍ରହଣର ପ୍ରକୃତି ଭିତ୍ତିରେ ଗଣତନ୍ତ୍ରକୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ, ଯଥା- ପ୍ରତ୍ୟକ୍ଷ ଗଣତନ୍ତ୍ର ଓ ପରୋକ୍ଷ ଗଣତନ୍ତ୍ର । ଯେଉଁ ସରକାରରେ ପ୍ରତ୍ୟେକ ସାବାଳକ ନାଗରିକ ପ୍ରତ୍ୟକ୍ଷ ତଥା ସକ୍ରିୟ ଭାବେ ଶାସନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରନ୍ତି, ତାହାକୁ 'ପ୍ରତ୍ୟକ୍ଷ ଗଣତନ୍ତ୍ର' କୁହାଯାଏ । ପ୍ରାଚୀନ ଗ୍ରୀସ୍ ଓ ବର୍ତ୍ତମାନର ସୁଇଜରଲାଣ୍ଡରେ ଏହାର ପ୍ରଚଳନ ଦେଖିବାକୁ ମିଳିଥାଏ । ଏହା ଜନପ୍ରିୟ ସାର୍ବଭୌମତ୍ୱ ଉପରେ ପ୍ରତିଷ୍ଠିତ, ରାଜନୈତିକ ଦଳୀୟ ବ୍ୟବସ୍ଥାର କୁପ୍ରଭାବରୁ ମୁକ୍ତ ଏକ ଶାସନ ବ୍ୟବସ୍ଥା ଅଟେ ।

ପ୍ରତ୍ୟକ୍ଷ ଗଣତନ୍ତ୍ର ପାଇଁ (କ) ରାଷ୍ଟ୍ରର ଜନସଂଖ୍ୟା ଅତ୍ୟନ୍ତ ସୀମିତ ହେବା ଆବଶ୍ୟକ ; (ଖ) ଲୋକମାନଙ୍କର ରାଜନୈତିକ ସଚେତନଶୀଳତା ଉନ୍ନତ ମାନର ଥିବା ଦରକାର ; (ଗ) ଦଳୀୟ ମନୋବୃତ୍ତି ନଥିବା ଉଚିତ ଓ (ଘ) ଲୋକମାନଙ୍କର ଜାତୀୟ ଚରିତ୍ର ଉଚ୍ଚତର ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

କିନ୍ତୁ ରାଷ୍ଟ୍ରର ଜନସଂଖ୍ୟା, ଆକାର ଓ କାର୍ଯ୍ୟପରିସରରେ ମାତ୍ରାଧିକ ବୃଦ୍ଧି ଯୋଗୁଁ ପ୍ରତ୍ୟକ୍ଷ ଗଣତନ୍ତ୍ରର ବାସ୍ତବ ରୂପାୟନ ଅସମ୍ଭବ ହେଲା ଓ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ରର ବିକାଶ ସମ୍ଭବ ହୋଇଛି । ଏହା ଲୋକମାନଙ୍କର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଏହା ଜନସମର୍ଥନ ଉପରେ ପ୍ରତିଷ୍ଠିତ ଓ ଜନମତ ଦ୍ୱାରା ନିୟନ୍ତ୍ରିତ ତଥା ପରିଚାଳିତ ଏକ ଶାସନ ବ୍ୟବସ୍ଥା ଅଟେ । ଏହା ଏକ ଦାୟିତ୍ୱଶୀଳ ଶାସନ ବ୍ୟବସ୍ଥା । କିନ୍ତୁ ଏହା ସଂଖ୍ୟା ଉପରେ ଅଧିକ ଗୁରୁତ୍ୱ ଦେଇ ଏକ ଅଦକ୍ଷ ଓ ଅଜ୍ଞ ସରକାରରେ ପରିଣତ ହୋଇଥାଏ ବୋଲି ସମାଲୋଚିତ ହୁଏ । ପରୋକ୍ଷ ଗଣତନ୍ତ୍ର 'ସଂଖ୍ୟାଗରିଷ୍ଠତାରା ଏକଛତ୍ରବାଦ' ପ୍ରତିଷ୍ଠା କରେ ବୋଲି କୁହାଯାଏ ।ଏହି ବ୍ୟବସ୍ଥାରେ ଜନ ଅଂଶଗ୍ରହଣର ମାତ୍ରା ବୃଦ୍ଧି କରି ଏହାକୁ ଅଧିକ ଗଣତାନ୍ତ୍ରିକ କରିବା ନିମନ୍ତେ "ଜନ ମତାମତ ଗ୍ରହଣ" (Referendum) ଏବଂ "ଗଣ ଉଦ୍ୟୋଗ"(Initiative) ପରି ଦୁଇଟି ମାଧ୍ୟମର ପ୍ରୟୋଗ କରାଯାଉଛି ।

### ୧.୩.୧ ଗଣମତାମତ ଗ୍ରହଣ (ରିଫରେଣ୍ଡମ୍) ଗଣ ଉଦ୍ୟୋଗ (ଇନିସିଏଟିଭ୍)

ଗଣମତାମତଗ୍ରହଣ (ରିଫରେଣ୍ଡମ୍) ଓ ଗଣଉଦ୍ୟୋଗ (ଇନିସିଏଟିଭ୍) ପ୍ରତ୍ୟକ୍ଷ ଗଣତନ୍ତ୍ରର ଦୁଇଟି ଆଧୁନିକ ମାଧ୍ୟମ ଅଟେ । ଏହି ଦୁଇଟି ମାଧ୍ୟମ ଦ୍ୱାରା ପ୍ରତିନିଧିମୂଳକ ଗଣତନ୍ତ୍ରରେ ଲୋକମାନଙ୍କୁ ଶାସନ ପ୍ରକ୍ରିୟାରେ ଅଂଶଗ୍ରହଣର ଅଧିକ ସୁଯୋଗ ପ୍ରଦାନ କରାଯାଇଥାଏ ।

ଗଣମତାମତଗ୍ରହଣ ବା ଗଣଭୋଟ୍ ବ୍ୟବସ୍ଥାରେ ବ୍ୟବସ୍ଥାପକ ସଭାରେ ଗୃହୀତ ଆଇନ ସଂକ୍ରାନ୍ତୀୟ ପ୍ରସ୍ତାବ ବା ବିଧେୟକକୁ ଲୋକମାନଙ୍କର ସ୍ୱୀକୃତି ବା ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଥାଏ ।

ଏଣୁ ଆଇନର କାର୍ଯ୍ୟକାରିତା ପୂର୍ବରୁ ଗଣସମର୍ଥନ ଭିକ୍ଷା କରାଯାଏ । ଏହା ଦୁଇ ପ୍ରକାରର, ଯଥା- ବାଧ୍ୟତାମୂଳକ ଗଣମତାମତ ଓ ଇଚ୍ଛାଧୀନ ଗଣମତାମତ । **'ବାଧ୍ୟତାମୂଳକ ଗଣମତାମତ'** ଗ୍ରହଣ ପ୍ରକ୍ରିୟାରେ ସମସ୍ତ ସାମ୍ବିଧାନିକ ସଂଶୋଧନ ବିଧେୟକଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇ ଏଗୁଡ଼ିକ ନିଶ୍ଚିତ ଭାବେ ଜନସାଧାରଣଙ୍କ ଅନୁମୋଦନ ପାଇଁ ପ୍ରେରିତ ହେବାର ବ୍ୟବସ୍ଥା କରାଯାଇଥାଏ । କିନ୍ତୁ **'ଇଚ୍ଛାଧୀନ ଗଣମତାମତ'** ଗ୍ରହଣ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଲୋକ ଓ ରାଜ୍ୟର ଦାବି କ୍ରମେ ଏକ ନିର୍ଦ୍ଦିଷ୍ଟ ବିଷୟରେ ଗୃହୀତ ବିଧେୟକ ଲୋକମାନଙ୍କର ଅନୁମୋଦନ ପାଇଁ ପଠାଯାଇଥାଏ । ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପ୍ରଶ୍ନ ଉପରେ ଜନମତ ସଂଗ୍ରହ କରାଗଲେ ତାହାକୁ **'ପ୍ଲେବିସାଇଟ୍'** (Plebiscite) କୁହାଯାଏ । ବ୍ୟବସ୍ଥାପିକାର ସ୍ୱେଚ୍ଛାଚାରୀ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର କ୍ଷମତା ଲୋକମାନେ ପାଇଥା'ନ୍ତି । ଏହା ନାସ୍ତିସୂଚକ ପ୍ରକୃତି ସଂପନ୍ନ ଅଟେ । ଏହା ଲୋକମାନଙ୍କ ପାଖରେ ଢାଲ ସଦୃଶ ଅଟେ ।

ଗଣଉଦ୍ୟୋଗ ଆସ୍ତିସୂଚକ ମାଧ୍ୟମ ଅଟେ । ଏହାଦ୍ୱାରା ବ୍ୟବସ୍ଥାପିକା ଆଇନ ପ୍ରଣୟନ କରୁ ନଥିବା ପରିସ୍ଥିତିରେ ସଂଖ୍ୟାଧିକ ଭୋଟଦାତା ଆଇନ ପ୍ରଣୟନ ପ୍ରକ୍ରିୟା ଆରମ୍ଭ କରିପାରନ୍ତି । ସେମାନେ ପୂର୍ଣ୍ଣାଙ୍ଗ ରୂପରେ ଆଇନ ପ୍ରଣୟନ କରି କିମ୍ବା ଆଇନ ସଂକ୍ରାନ୍ତୀୟ ଏକ ପ୍ରସ୍ତାବକୁ ବ୍ୟବସ୍ଥାପିକାର ଅନୁମୋଦନ ପାଇଁ ଉପସ୍ଥାପନ କରିପାରନ୍ତି । ଏହା ଲୋକମାନଙ୍କ ପାଖରେ ଖଣ୍ଡା ସଦୃଶ ଅଟେ ।ଏହା ଦୁଇ ପ୍ରକାରର ଯଥା- ପୂର୍ଣ୍ଣାଙ୍ଗ (Formulated) ଓ ପ୍ରସ୍ତାବ ଆକୃତି ସଂପନ୍ନ ବା ଅପୂର୍ଣ୍ଣାଙ୍ଗ (Unformulated) । **'ପୂର୍ଣ୍ଣାଙ୍ଗ ଗଣଉଦ୍ୟୋଗ'** କ୍ଷେତ୍ରରେ ଭୋଟଦାତାମାନେ ସଂପୂର୍ଣ୍ଣ ଲିଖିତ ଭାବରେ ଆଇନ ପ୍ରଣୟନର ପ୍ରସ୍ତାବ ବ୍ୟବସ୍ଥାପିକା ନିକଟରେ ଉପସ୍ଥାପନ କରନ୍ତି । କିନ୍ତୁ **'ଅପୂର୍ଣ୍ଣାଙ୍ଗ ଗଣଉଦ୍ୟୋଗ'** କ୍ଷେତ୍ରରେ କେବଳ ଏକ ପ୍ରସ୍ତାବ ବ୍ୟବସ୍ଥାପିକାରେ ଭୋଟଦାତାମାନେ ଆଗତ କରନ୍ତି ଯାହାକୁ ବିଚାରକୁ ନେଇ ବ୍ୟବସ୍ଥାପିକା ପୂର୍ଣ୍ଣାଙ୍ଗ ଆଇନ ପ୍ରଣୟନ କରେ ।

**ପ୍ରତ୍ୟାହାର (Recall) :** ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟ ଅସନ୍ତୋଷଜନକ ହେଲେ ତାଙ୍କର ନିର୍ଦ୍ଧାରିତ କାର୍ଯ୍ୟକାଳ ପୂର୍ବରୁ ତାଙ୍କୁ ଯେଉଁ ପଦ୍ଧତିରେ କ୍ଷମତାରୁ ଅନ୍ତର କରାଯାଏ ତାହାକୁ 'ପ୍ରତ୍ୟାହାର' କୁହାଯାଏ । ଏହା ନିର୍ବାଚିତ ଲୋକପ୍ରତିନିଧିମାନଙ୍କୁ ଦାୟିତ୍ୱଶୀଳ କରିଥାଏ ।

### ୧.୩.୨ ପ୍ରତ୍ୟକ୍ଷ ଗଣତନ୍ତ୍ରର ଉପକାରିତା :

(କ) ଏହା ଜନପ୍ରିୟ ସାର୍ବଭୌମତ୍ୱ ଉପରେ ପ୍ରତିଷ୍ଠିତ ।

(ଖ) ନାଗରିକମାନେ ନିଜେ ଶାସନ କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରୁଥିବାରୁ ରାଷ୍ଟ୍ରପତି ବିଶେଷଭାବେ ଅନୁଗତ ରହିଥା'ନ୍ତି ।

(ଗ) ଜନସାଧାରଣ ରାଜନୈତିକ ଶିକ୍ଷା ଓ ତାଲିମ ପାଇବା ଫଳରେ ସେମାନଙ୍କର ରାଜନୈତିକ ସଚେତନଶୀଳତାର ବିକାଶ ସମ୍ଭବ ହୋଇଥାଏ ।

(ଘ) ଦେଶପ୍ରାଣତା ବୃଦ୍ଧି ପାଏ ଓ ଜାତୀୟ ସଂହତିର ଭିତ୍ତି ଦୃଢ଼ ହୁଏ ।

(ଙ) ଏହା ରାଜନୈତିକ ଦଳର କୁପ୍ରଭାବ ହ୍ରାସ କରେ ।

**ପ୍ରତ୍ୟକ୍ଷ ଗଣତନ୍ତ୍ରର ଅପକାରିତା :**

(କ) ଏହା ବୃହତ୍ ରାଜ୍ୟ ଓ ଅଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ପାଇଁ ଅନୁପଯୁକ୍ତ ।

(ଖ) ଏହା ଏକ ଜଟିଳ ଓ ବ୍ୟୟବହୁଳ ବ୍ୟବସ୍ଥା ଅଟେ ।

(ଗ) ଲୋକମାନଙ୍କ ମଧ୍ୟରେ ମାତ୍ରାଧିକ ନିରକ୍ଷରତା, ବିତୃଷ୍ଣା ଓ ଅନାଗ୍ରହ ରହିଥିବାରୁ ଏହା ସଫଳତାର ସହ କାର୍ଯ୍ୟକାରୀ ହୋଇପାରେ ନାହିଁ ।

(ଘ) କେତେକ ଚତୁର ଓ ସୁବିଧାବାଦୀ ଲୋକ ବିଭିନ୍ନ ଉପାୟରେ ଶାସନକୁ ନିଜ ଅକ୍ତିଆରରେ ରଖି ଲୋକଙ୍କ ନାମରେ ନିଜର ଫାଇଦା ଉଠାଇଥା'ନ୍ତି ।

(ଙ) ସାଧାରଣ ଭୋଟଦାତା ଆଇନ ପ୍ରଣୟନ ପାଇଁ ସଂପୂର୍ଣ୍ଣ ଯୋଗ୍ୟତା ଓ ଦକ୍ଷତା ସଂପନ୍ନ ନ ହେବା ଫଳରେ ସଫଳ ତଥା ପ୍ରଗତିଶୀଳ ଆଇନ ପ୍ରଣୟନ ହୋଇପାରେ ନାହିଁ ।

**୧.୩.୩ ପରୋକ୍ଷ ଗଣତନ୍ତ୍ରର ଉପକାରିତା :**

(କ) ଏହା ଜନସମର୍ଥନର ଭିତ୍ତି ଉପରେ ପ୍ରତିଷ୍ଠିତ ଜନମତ ଅନୁଯାୟୀ ପରିଚାଳିତ ଏକ ଦାୟିତ୍ୱଶୀଳ ଶାସନ ବ୍ୟବସ୍ଥା ଅଟେ ।

(ଖ) ଏହା ରାଜନୈତିକ ବିରୋଧୀ ମତ ଓ ଦଳକୁ ଉପଯୁକ୍ତ ମର୍ଯ୍ୟାଦା ଦିଏ ।

(ଗ) ଏହା ରାଜନୈତିକ ଶିକ୍ଷା ଓ ତାଲିମର କ୍ଷେତ୍ରକୁ ଅଧିକ ବ୍ୟାପକ କରିଥାଏ ।

(ଘ) ଏହା ଦୃଢ଼ ଓ ଦକ୍ଷ ଶାସନର ପ୍ରବର୍ତ୍ତନ କରିଥାଏ ।

(ଙ) ଏହା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସଂସ୍କାରର ଉପଯୁକ୍ତ ମାଧ୍ୟମ ଅଟେ ।

(ଚ) ଏହା ସମାନତା, ସ୍ୱତନ୍ତ୍ରତା, ଆଇନର ଶାସନ ଆଦି ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ ।

(ଛ) ଏହା ବୃହତ ରାଷ୍ଟ୍ର ପାଇଁ ଉପଯୁକ୍ତ ଅଟେ ।

**ପରୋକ୍ଷ ଗଣତନ୍ତ୍ରର ଅପକାରିତା :**

(କ) ଏହା ଅଜ୍ଞ ଓ ଅଦକ୍ଷ ଲୋକଙ୍କର ସରକାର ଅଟେ ।

(ଖ) ଏହା ଗୁଣାତ୍ମକମାନ ଅପେକ୍ଷା ସଂଖ୍ୟା ଉପରେ ଅଧିକ ଗୁରୁତ୍ୱ ଦିଏ ।

(ଗ) ଏହା ଧନିକ ଶ୍ରେଣୀର ସରକାର ଅଟେ ।

(ଘ) ଏହା ରାଜନୈତିକ ଦଳୀୟ ବ୍ୟବସ୍ଥାର କୁପ୍ରଭାବର ଶୀକାର ହୋଇଥାଏ ।

(ଙ) ଏହା ଏକ ଅସ୍ଥିର ସରକାର ପ୍ରତିଷ୍ଠା କରେ ।

(ଚ) ରାଜନୀତି ଏକ ବୃତ୍ତିରେ ପରିଣତ ହେବା ଫଳରେ ସ୍ୱାର୍ଥପରତା, ଦୁର୍ନୀତି, ଅସାଧୁତା ବୃଦ୍ଧିପାଏ ।

(ଛ) ଏହା ଅମଲାତନ୍ତ୍ରର ଭୂମିକା ଓ ଉତ୍ପୀଡ଼ନ ବୃଦ୍ଧି କରେ ।

**୧.୪.୧ ଗଣତନ୍ତ୍ରର ଉପକାରିତା**

**(୧) ବ୍ୟକ୍ତି ସ୍ୱାଧୀନତା** – ଗଣତନ୍ତ୍ର ବ୍ୟକ୍ତିର ସ୍ୱାଧୀନତା ବା ସ୍ୱତନ୍ତ୍ରତା ଉପରେ ଗୁରୁତ୍ୱ ଆରୋପ କରିଥାଏ । ଏହା ସମାନତାର ବାତାବରଣ ମଧ୍ୟରେ ସ୍ୱତନ୍ତ୍ରତା ପ୍ରଦାନ କରେ । ଏହି ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣ ଉଭୟ ରାଜନୈତିକ ଓ ସାମାଜିକ ଅଧିକାର ଉପଭୋଗ କରିବା ଫଳରେ ଶାସନ କ୍ଷେତ୍ରରେ ସମସ୍ତେ ସମାନ ମତବ୍ୟକ୍ତ କରିପାରନ୍ତି ଯାହା ଫଳରେ ବ୍ୟକ୍ତି ନିଜର ଅଧିକାର ଓ କର୍ତ୍ତବ୍ୟ ପ୍ରତି ସଚେତନ ରହେ ।

**(୨) ରାଜନୈତିକ ସମାନତା** – ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନ ନିକଟରେ ସମସ୍ତେ ସମାନ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ଗଣତନ୍ତ୍ରର ଏକ ମୂଲ୍ୟବୋଧ । ଜାତି, ବର୍ଣ୍ଣ, ଧର୍ମ ଓ ପଦ ମର୍ଯ୍ୟାଦା ନିର୍ବିଶେଷରେ ସମସ୍ତ ନାଗରିକ ମତଦାନର ଅଧିକାର ପାଇଥା'ନ୍ତି । ଜଣେ ବ୍ୟକ୍ତି ଗୋଟିଏ ଭୋଟ ନୀତି ଉପରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ।

**(୩) ରାଜନୈତିକ ଶିକ୍ଷା** – ଗଣତନ୍ତ୍ରର ଲୋକମାନଙ୍କ ମଧ୍ୟରେ ରାଜନୈତିକ ଚେତନା ବୃଦ୍ଧି ପାଏ । ଏହି ଶାସନରେ ଜନସାଧାରଣ ମତଦାନ ମାଧ୍ୟମରେ ରାଜନୀତିରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥା'ନ୍ତି । ଏହା ନାଗରିକଙ୍କୁ ସୁନାଗରିକ ଭାବେ ଗଢ଼ିଥାଏ । ଶାସନରେ ଜନସାଧାରଣ ନିଜର ମତାମତ ଦେବାକୁ ସୁବିଧା ପାଉଥିବାରୁ ସେମାନଙ୍କର ରାଜନୈତିକ ଚିନ୍ତାଧାରାର ବିକାଶ ଘଟେ ।ଏହା ରାଜନୈତିକ ଶିକ୍ଷା ଓ ତାଲିମ ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରେ ।

**(୪) ଦାୟିତ୍ୱପୂର୍ଣ୍ଣ ଓ ଦକ୍ଷ ସରକାର** – ଗଣତନ୍ତ୍ର ସରକାର ପ୍ରତିନିଧିମୂଳକ ସରକାର ହୋଇଥିବାରୁ ଏହା ଲୋକଙ୍କର ମତ ଉପରେ ପ୍ରତିଷ୍ଠିତ । ଗଣତାନ୍ତ୍ରିକ ସରକାରରେ ଶାସକମାନେ ଜନସାଧାରଣଙ୍କ ନିକଟରେ ଦାୟି ରହନ୍ତି । ଏଥିରେ ଲୋକ ଅସନ୍ତୋଷର ସମ୍ଭାବନା କମ୍ ଥାଏ । ତେଣୁ ଗଣତନ୍ତ୍ର ଶାସନ ଏକ ସ୍ଥାୟୀ, ଦକ୍ଷ ଏବଂ ଦାୟିତ୍ୱପୂର୍ଣ୍ଣ ସରକାର ଗଠନ କରେ ।

**(୫) ସ୍ୱଦେଶ ପ୍ରୀତି** – ଗଣତନ୍ତ୍ରରେ ଜନସାଧାରଣ ରାଷ୍ଟ୍ର ଶାସନରେ ସକ୍ରିୟ ଅଂଶଗ୍ରହଣ କରିଥା'ନ୍ତି । ଗଣତନ୍ତ୍ର ବ୍ୟକ୍ତିର ଦେଶାତ୍ମବୋଧ ଓ ଜାତୀୟତାବାଦର ବିକାଶ ଘଟାଏ । ଏହା ଜାତୀୟ ସଂହତି ପ୍ରତିଷ୍ଠାରେ ସହାୟକ ହୁଏ ।

(୬) ଗଣତନ୍ତ୍ର ଜନ ଅଂଶଗ୍ରହଣ ଦ୍ୱାରା ଜନ ସ୍ୱାର୍ଥର ଉପଯୁକ୍ତ ସଂରକ୍ଷଣ କରିଥାଏ ।

(୭) ଏହା ସମାନତା, ବ୍ୟକ୍ତି ସ୍ୱତନ୍ତ୍ରତା ଓ ନ୍ୟାୟ ଉପରେ ଅଧିକ ଗୁରୁତ୍ୱ ହେଉଥାଏ ।

(୮) ଏହା ଲୋକମାନଙ୍କ ସହ ଶାସନ ବ୍ୟବସ୍ଥାର ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରୁଥିବାରୁ ଜନମତ ଭିତ୍ତିରେ ପରିଚାଳିତ ଏକ ଲୋକାଭିମୁଖି ଶାସନ ବ୍ୟବସ୍ଥା ରୂପେ ପରିଚିତ ହୋଇଥାଏ ।

(୯) ଗଣତାନ୍ତ୍ରିକ ବିକେନ୍ଦ୍ରିକରଣ ପ୍ରକ୍ରିୟା ଅଧିକ ସଫଳତାର ସହ କାର୍ଯ୍ୟ କରେ ।

(୧୦) ଉଦାରବାଦୀ ଗଣତନ୍ତ୍ର ଏକ ଗଣତାନ୍ତ୍ରିକ ଜୀବନ ପ୍ରକ୍ରିୟାକୁ ସୂଚିତ କରେ ।

## ୧.୪.୨ ଗଣତନ୍ତ୍ରର ଅପକାରିତା

**(୧) ଅଯୋଗ୍ୟତାର ନିଦର୍ଶନ** – ଗଣତନ୍ତ୍ରରେ ଗୁଣ ଅପେକ୍ଷା ସଂଖ୍ୟାର ପ୍ରାଧାନ୍ୟ ଦିଆଯାଇଥାଏ । ଗଣତନ୍ତ୍ର ନାମରେ ଅନେକ ଅଯୋଗ୍ୟ ବ୍ୟକ୍ତି ନିର୍ବାଚନ ଜିଣି ଶାସନକାର୍ଯ୍ୟ କରିଚାଳନା କରନ୍ତି । ଫଳତଃ ଦେଶରେ ଅଜ୍ଞ, ଅଯୋଗ୍ୟ ଏବଂ ଅନଭିଜ୍ଞ ବ୍ୟକ୍ତିମାନଙ୍କର ଶାସନ ଚାଲେ । ବିଜ୍ଞ ଓ ଶିକ୍ଷିତ ଜନସାଧାରଣ ଦଳୀୟ ରାଜନୀତିରୁ ଦୂରେଇ ରହନ୍ତି ।

(୨) ଏହା ଅଜ୍ଞ ଓ ଅଦକ୍ଷ ଲୋକଙ୍କର ଶାସନ ବ୍ୟବସ୍ଥାରେ ପରିଣତ ହୋଇଥାଏ ।

**(୩) ବ୍ୟୟସାପେକ୍ଷ** – ଗଣତନ୍ତ୍ର ଶାସନ ବ୍ୟୟସାପେକ୍ଷ ଅଟେ । ଶସ୍ତା ଲୋକପ୍ରିୟତା ପାଇଁ ଅନେକ ସମୟରେ ଅପବ୍ୟୟ କରିଥା'ନ୍ତି । କ୍ଷମତାସୀନ ରାଜନୈତିକ ଦଳ ରାଷ୍ଟ୍ରର ଅର୍ଥନୈତିକ ପରିସ୍ଥିତିକୁ ଦୃଷ୍ଟିରେ ନ ରଖି ଅଯଥା ଖର୍ଚ୍ଚ କରିଥା'ନ୍ତି । ଏହାଦ୍ୱାରା ଜନସାଧାରଣ ଆର୍ଥିକ ସଙ୍କଟର ସମ୍ମୁଖୀନ ହୁଅନ୍ତି ।

**(୪) ଦାୟିତ୍ୱହୀନତାର ପ୍ରତୀକ** – ଗଣତନ୍ତ୍ର ଶାସନରେ ପ୍ରତ୍ୟେକ ବ୍ୟକ୍ତି ଶାସନରେ ଅଂଶଗ୍ରହଣ କରନ୍ତି; ତେଣୁ 'ପ୍ରତ୍ୟେକର କାର୍ଯ୍ୟ କାହା କାର୍ଯ୍ୟ' ନୁହେଁ ନ୍ୟାୟରେ ଶାସନ ଅବହେଳିତ ହୁଏ । ଏଥିରେ ଦାୟିତ୍ୱ ସମସ୍ତଙ୍କ ଉପରେ ନ୍ୟସ୍ତ ଥିବାରୁ କେହି ନିଜକୁ ସମ୍ପୂର୍ଣ୍ଣରୂପେ ଦାୟୀ କରନ୍ତି ନାହିଁ । ତେଣୁ ଗଣତନ୍ତ୍ରର ଶାସନ ଦାୟିତ୍ୱହୀନତାର ପ୍ରତୀକ ।

(୫) ଦଳୀୟ ରାଜନୀତିର କୁପରିଣାମ – ରାଜନୈତିକ ଦଳ ବିନା ଗଣତନ୍ତ୍ର ବଞ୍ଚିପାରେ ନାହିଁ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଜନୈତିକ ଦଳଗୁଡ଼ିକ ଦଳୀୟ ମନୋଭାବ ନେଇ କାର୍ଯ୍ୟ କରିଥା'ନ୍ତି । ଫଳରେ ଏହା ଲୋକ ଚରିତ୍ର ଉପରେ କୁପ୍ରଭାବ ପକାଏ ।

(୬) ଜରୁରୀକାଳୀନ ପରିସ୍ଥିତି ପାଇଁ ଅନୁପଯୁକ୍ତ – ଗଣତନ୍ତ୍ର ଶାସନ ଜରୁରୀକାଳୀନ ପରିସ୍ଥିତି ପାଇଁ ଅନୁପଯୁକ୍ତ । ଗଣତନ୍ତ୍ରରେ ନିଷ୍ପତ୍ତି ନେବାରେ ବିଳମ୍ବ ହୁଏ; ଏଣୁ ଜରୁରୀକାଳୀନ ପରିସ୍ଥିତିରେ ଉଚିତ ମୁକାବିଲା ପାଇଁ ଆବଶ୍ୟକୀୟ ଜରୁରୀ ପଦକ୍ଷେପ ନିଆଯାଇପାରେ ନାହିଁ ।

(୭) ଏହା ସର୍ବଦା ପରିବର୍ତ୍ତନ ଶୀଳ ଜନମତ ଏବଂ ଜନ ସମର୍ଥନ ଅନୁଯାଇ ଏହା ପରିଚାଳିତ ହେଉଥିବାରୁ ଶାସନ ବ୍ୟବସ୍ଥା ଦୃଢ଼ ଓ ସ୍ଥିର ନୁହେଁ ।

(୮) ସଂଖ୍ୟାଗରିଷ୍ଠତାର ଏକଚ୍ଛତ୍ରବାଦ – ବର୍ତ୍ତମାନର ପ୍ରତିନିଧିମୂଳକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସଂଖ୍ୟାଗରିଷ୍ଠ ଦଳ ଶାସନ କାର୍ଯ୍ୟ ପରିଚାଳନା କରୁଥିବାରୁ ଓ ଦୃଢ଼ ଶୃଙ୍ଖଳାନୀତି ହେତୁ ସଂଖ୍ୟାଗରିଷ୍ଠତାର ଏକଚ୍ଛତ୍ରବାଦ ଏକ ପ୍ରତିଷ୍ଠିତ ସତ୍ୟରେ ପରିଣତ ହୋଇଛି ।

(୯) ସାମାଜିକ ଓ ଅର୍ଥନୈତିକ ସମାନତା ଉପରେ ଗୁରୁତ୍ୱ ଦେଉ ନଥିବାରୁ ରାଜନୈତିକ ଗଣତନ୍ତ୍ର ବିଫଳ ହୋଇଥାଏ ।

(୧୦) ଏହା ବାସ୍ତବରେ ଏକ 'ଉତ୍କୃଷ୍ଟ ଗୋଷ୍ଠୀ' (Elite) ର ଶାସନ ହୋଇଥିବାରୁ ସାଧାରଣ ଲୋକଙ୍କ ସ୍ୱାର୍ଥବ୍ୟାହତ ହେବାର ସମ୍ଭାବନା ରହିଛି ।

## ୧.୫ ଗଣତନ୍ତ୍ରର ସଫଳତା ପାଇଁ ଦାୟୀ ସର୍ତ୍ତାବଳୀ :

ଗଣତନ୍ତ୍ର ବର୍ତ୍ତମାନର ପ୍ରଚଳିତ ବ୍ୟବସ୍ଥାମାନଙ୍କ ମଧ୍ୟରୁ ସର୍ବାପେକ୍ଷା ଉନ୍ନତ ଓ ଗ୍ରହଣ ଯୋଗ୍ୟ ବ୍ୟବସ୍ଥା ହୋଇଥିବାରୁ ଏହାର ଦୋଷ ତ୍ରୁଟିକୁ ସଂଶୋଧନ କରି ଦେଲେ ଏହାର ଉପଯୋଗିତା ବୃଦ୍ଧି ପାଇବ ।ଏଥିରେ ସାର୍ବଭୌମତ୍ୱ ଲୋକମାନଙ୍କ ଉପରେ ଆଧାରିତ । ବର୍ତ୍ତମାନର ପ୍ରତିନିଧିମୂଳକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣତନ୍ତ୍ର ଅଯୋଗ୍ୟ ଓ ଅଦକ୍ଷ ଲୋକଙ୍କର ଶାସନ ବ୍ୟବସ୍ଥାରେ ପରିଣତ ହୋଇ ଦଳୀୟ କୁବ୍ୟବସ୍ଥା, ସଂଖ୍ୟାଗରିଷ୍ଠତାର ଦୌରାତ୍ମ୍ୟ ଆଦିର ଶୀକାର ହେବା ଫଳରେ ଏହାର ପ୍ରକୃତ ଲକ୍ଷ୍ୟ ବ୍ୟାହତ ହେଉଛି । ଏଣୁ ନିମ୍ନଲିଖିତ ସର୍ତ୍ତାବଳୀକୁ ପୂରଣ କରାଗଲେ ଗଣତାନ୍ତ୍ରିକ ବ୍ୟବସ୍ଥା ସଫଳ ହୋଇପାରିବ:-

(୧) ନୈତିକ ଓ ବୌଦ୍ଧିକ ବିକାଶ – ଲର୍ଡ଼ ବ୍ରାଇସ୍ କହନ୍ତି ଯେ ଉତ୍ତମ ନାଗରିକତା ସକାଶେ ବୁଦ୍ଧି, ଆତ୍ମସଂଯମ ଏବଂ ବିବେକ ଦରକାର । ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକ ବୁଦ୍ଧିମାନ୍ ହେଲେ ସେମାନେ ନିଜର ପ୍ରତିନିଧି ଠିକ୍‌ଭାବେ ବାଛି ପାରିବେ । ଆତ୍ମସଂଯମ ହେଲେ ସେମାନେ ଦୁର୍ନୀତିମୁକ୍ତ ହେବେ ଏବଂ ନୈତିକ ମନୋଭାବ ସେମାନଙ୍କୁ ବିବେକୀ କରାଇଥାଏ ।

(୨) ଶିକ୍ଷା ପ୍ରସାର – ଭାରତର ଦାର୍ଶନିକ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଥିଲେ ଯେ ଶିକ୍ଷା ହେଉଛି ରାଷ୍ଟ୍ରର ଦ୍ୱିତୀୟ ଧାଡ଼ିର ପ୍ରତିରକ୍ଷା ବ୍ୟବସ୍ଥା । ଇଂରେଜ ଦାର୍ଶନିକ ମିଲ୍ କହିଥିଲେ ଯେ ସାର୍ବଜନୀନ ଭୋଟ ପ୍ରଥା ସାର୍ବଜନୀନ ଶିକ୍ଷା ପରେ ପ୍ରାପ୍ତ ହେବା ଉଚିତ । ଜନ୍ ଷ୍ଟୁଆର୍ଟ ମିଲ୍‌ଙ୍କ ମତରେ ଗଣତନ୍ତ୍ରର ସଫଳତା ପାଇଁ ରାଜନୈତିକ ଅଂଶଗ୍ରହଣ ନିମନ୍ତେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ରଖାଯିବା ଆବଶ୍ୟକ । ଶିକ୍ଷାର ପ୍ରସାର ନ ହେଲେ ଜଣେ ନାଗରିକ ନିଜର କର୍ତ୍ତବ୍ୟକୁ ସୁଚାରୁରୂପେ ସଂପାଦନ କରିପାରିବ ନାହିଁ, ଅଯୋଗ୍ୟ ଶାସନ ବ୍ୟବସ୍ଥାରେ ପରିଣତ ନ ହେବା ପାଇଁ ଗଣତନ୍ତ୍ରରେ ରାଜନୈତିକ ସଚେତନଶୀଳତାର ବୃହତ୍ ଭୂମିକା ରହିଛି ଯାହା କେବଳ ଶିକ୍ଷାର ପ୍ରସାର ଫଳରେ ସମ୍ଭବ ହୋଇପାରିବ । ଯେଉଁ ନାଗରିକ ଅଶିକ୍ଷିତ ତାହାଦ୍ୱାରା ଗଣତନ୍ତ୍ର ସୁରକ୍ଷିତ ହେବ ନାହିଁ ।

**(୩) ଅର୍ଥନୈତିକ ସମତା** – ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ ଯେ ଖାଲି ପେଟରେ କେହି ହେଲେ ଦେଶପ୍ରେମୀ ହୋଇପାରିବ ନାହିଁ । ଅର୍ଥନୈତିକ ବୈଷମ୍ୟ ଓ ଶୋଷଣ ରାଜନୈତିକ ସ୍ୱାତନ୍ତ୍ର୍ୟ ଓ ସମତା ପାଇଁ ବାଧା ଉପୁଜାଇଥାଏ । ଏଣୁ କୁହାଯାଏ ଅର୍ଥନୈତିକ ଗଣତନ୍ତ୍ର ବିନା ରାଜନୈତିକ ଗଣତନ୍ତ୍ର ଅସମ୍ଭବ ଅଟେ । ପ୍ରତ୍ୟେକ ବ୍ୟକ୍ତିର ସର୍ବନିମ୍ନ ଅର୍ଥନୈତିକ ଆବଶ୍ୟକତା; ଯଥା– ଖାଦ୍ୟ, ବସ୍ତ୍ର ଓ ବାସଗୃହ ପୂରଣ ହେବା ଆବଶ୍ୟକ ।

**(୪) କ୍ଷମତା ବିକେନ୍ଦ୍ରୀକରଣ** – ଲର୍ଡ଼ ଆକଟନ୍‌ଙ୍କ ମତାନୁଯାୟୀ କ୍ଷମତା ମନୁଷ୍ୟକୁ ଦୁର୍ନୀତିଗ୍ରସ୍ତ କରାଇଥାଏ । ଏଣୁ କ୍ଷମତା କେନ୍ଦ୍ରୀଭୂତ ହେଲେ ଦୁର୍ନୀତିର ମାତ୍ରା ବୃଦ୍ଧି ପାଇଥାଏ । କ୍ଷମତାର ବିକେନ୍ଦ୍ରୀକରଣ କରାଗଲେ ଶାସନର ସର୍ବନିମ୍ନ ସୋପାନରୁ ଲୋକମାନେ ଅଂଶଗ୍ରହଣର ସୁଯୋଗ ପାଇବେ ଯାହାଫଳରେ ରୋଧ ଓ ସନ୍ତୁଳନ ନୀତିର ପ୍ରୟୋଗ ସମ୍ଭବ ହେବ ଏବଂ ଦୁର୍ନୀତିର ମାତ୍ରା ହ୍ରାସ ପାଇବ । ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଦ୍ୱାରା କ୍ଷମତା ବିକେନ୍ଦ୍ରୀକରଣକୁ ବାସ୍ତବ ରୂପ ପ୍ରଦାନ କରାଯାଇପାରେ । ଏହାକୁ ଗଣତନ୍ତ୍ରର ପ୍ରାଥମିକ ସ୍ତର ବା ତୃଣମୂଳ ସୋପାନ ରୂପେ ଗ୍ରହଣ କରାଯାଇଥାଏ ।

**(୫) ଗଣତାନ୍ତ୍ରିକ ମନୋବୃତ୍ତି** – 'ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚିବାର ଅଧିକାର ପ୍ରଦାନ କରିବା', ଗଣତନ୍ତ୍ରର ମୌଳିକ ନୀତି ଅଟେ । ରାଷ୍ଟ୍ରର ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସ୍ନେହ, ସୌହାର୍ଦ୍ଦ୍ୟ, ତ୍ୟାଗ, ଦୟା, ସହଯୋଗ, ସହନଶୀଳତା ଆଦି ମାନବୀୟ ସଦ୍‌ଗୁଣ ପ୍ରକାଶିତ ହେଲେ ଗଣତାନ୍ତ୍ରିକ ସମାଜ ଗଠନ ସମ୍ଭବ ହୋଇପାରିବ ।

**(୬)ଦୃଢ଼ ଓ ସୁସ୍ଥ ବିରୋଧୀ ଦଳ** – ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠତା ତଥା ଶାସକଦଳର ସ୍ୱେଚ୍ଛାଚାରିତାରୁ ମୁକ୍ତି ପାଇବା ପାଇଁ ଏକ ସୁସଙ୍ଗଠିତ ଦୃଢ଼ ବିରୋଧୀ ଦଳର ଆବଶ୍ୟକତା ରହିଛି । ଏହା ଏକ ଦ୍ୱିଦଳୀୟ ବ୍ୟବସ୍ଥାରେ ସହଜରେ କାର୍ଯ୍ୟକ୍ଷମ ହୋଇଥାଏ । ସରକାରଙ୍କୁ ଗଠନ ମୂଳକ ସମାଲୋଚନା କରିବା, ଜନବିରୋଧୀ ନୀତିର ବିରୋଧ କରିବା, ଜନସ୍ୱାର୍ଥର ପୂରଣ ପାଇଁ ନୂତନ ପ୍ରସ୍ତାବ ଦେବା ଏବଂ ଶାସକଦଳ କ୍ଷମତାଚ୍ୟୁତ ହେଲେ ଏକ ବିକଳ୍ପ ସରକାର ଗଠନ କରିବା ଆଦି ବିରୋଧୀ ଦଳର ମୁଖ୍ୟ ଦାୟିତ୍ୱ ଅଟେ । ଏହାର ସୁଚାରୁ ସଂପାଦନ ଉପରେ ଗଣତନ୍ତ୍ରର ସଫଳତା ନିର୍ଭର କରିଥାଏ ।

**(୭) ଜାଗ୍ରତ ଜନମତ** – ଜନମତ ହିଁ ଗଣତନ୍ତ୍ରର ଆତ୍ମା । ପ୍ରତିନିଧିମୂଳକ ଗଣତନ୍ତ୍ରରେ ପ୍ରତିନିଧି ନିର୍ବାଚନ ଠାରୁ ଆରମ୍ଭ କରି ସରକାର ପ୍ରତିଷ୍ଠା, ଶାସନର ସ୍ଥାୟିତ୍ୱ, ପରିଚାଳନା, ନିୟନ୍ତ୍ରଣ, ଆଦି ପ୍ରତ୍ୟେକ କ୍ଷେତ୍ରରେ ଜନମତର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଥାଏ । ଜନମତ ଜାଗ୍ରତ ହେଲେ ଗଣତନ୍ତ୍ର ଏକଛତ୍ରବାଦମୁଖରୁ ରକ୍ଷାପାଏ । ଜନସାଧାରଣ ନିଜର ଅଧିକାର ଓ କର୍ତ୍ତବ୍ୟ ସଂପର୍କରେ ସଚେତନଶୀଳ ନ ରହିଲେ ଗଣତନ୍ତ୍ରର ସଫଳତା ସମ୍ଭବପର ନୁହେଁ ।ଜାଗ୍ରତ ଜନମତ ହିଁ ଗଣତନ୍ତ୍ରର ସତର୍କ ପ୍ରହରୀ । ଗଣତନ୍ତ୍ରରେ ଜନମତ ହିଁ ପ୍ରକୃତ ଭାଗ୍ୟନିୟନ୍ତା । ପ୍ରତିନିଧିମୂଳକ ଗଣତନ୍ତ୍ରରେ ପ୍ରତିନିଧି ନିର୍ବାଚନଠାରୁ ଆରମ୍ଭ କରି ସରକାର ପ୍ରତିଷ୍ଠା, ଶାସନର ଦାୟିତ୍ୱ, ପରିଚାଳନା, ନୀତି ନିର୍ଦ୍ଧାରଣ ଆଦି ପ୍ର ତ୍ୟେକ କ୍ଷେତ୍ରରେ ଜନମତ ହିଁ ମୁଖ୍ୟ ଭୂମିକା ଗ୍ରହଣ କରେ ।

**(୮) କର୍ତ୍ତବ୍ୟବୋଧ ଓ ଦାୟିତ୍ୱଜ୍ଞାନ** – ଗଣତନ୍ତ୍ରର ସଫଳତା ପାଇଁ ନାଗରିକ, ଶାସକ ଦଳ, ବିରୋଧୀ ଦଳ ଇତ୍ୟାଦି ପ୍ରତ୍ୟେକଙ୍କ ପାଖରେ ଉଚ୍ଚକୋଟୀର କର୍ତ୍ତବ୍ୟବୋଧ ଓ ଦାୟିତ୍ୱଜ୍ଞାନ ଥିବ ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତି ଓ ଅନୁଷ୍ଠାନ ନିଜର ଭୂମିକା ଠିକ୍ ଭାବେ ସମ୍ପାଦନ କଲେ ଗଣତନ୍ତ୍ର ସଫଳ ହେବ ।ଗଣତନ୍ତ୍ରର ସୁରକ୍ଷା ଲୋକମାନଙ୍କର ସାମାଜିକ, ନୈତିକ ଓ ବୌଦ୍ଧିକ ଉନ୍ନତି ଉପରେ ନିର୍ଭର କରେ । ମାକ୍‌ସେଙ୍କ ମତରେ, ଗଣତନ୍ତ୍ର ହେଉଛି ଏକ ଜୀବନଧାରା ।

**(୯) ଅର୍ଥନୈତିକ ଉନ୍ନତି ଓ ଉଚ୍ଚ ଜୀବନଧାରଣ ମାନ :** ଅର୍ଥନୈତିକ ଶୋଷଣ ଓ ବୈଷମ୍ୟ ରାଜନୈତିକ ସ୍ୱତନ୍ତ୍ରତା ଓ ସମାନତା ପାଇଁ ପ୍ରତିବନ୍ଧକ ସାଜି ଥାଏ । ଏଣୁ ବାସ୍ତବରେ କୁହାଯାଇଛି ଯେ ଅର୍ଥନୈତିକ ଗଣତନ୍ତ୍ର ବିନା ରାଜନୈତିକ ଗଣତନ୍ତ୍ର ସଫଳ ହୋଇପାରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ସର୍ବନିମ୍ନ ଅର୍ଥନୈତିକ ଆବଶ୍ୟକତା ଯଥା– ଖାଦ୍ୟ, ବସ୍ତ୍ର ଓ ବାସଗୃହ ପୂରଣ ହେବା ଆବଶ୍ୟକ । ସମାଜରେ ଅର୍ଥନୈତିକ ନ୍ୟାୟ ପ୍ରତିଷ୍ଠା ଗଣତନ୍ତ୍ରର ସଫଳତାରେ ସହାୟକ ହୋଇଥାଏ ।

**(୧୦)** ସ୍ୱାଧୀନ ଓ ନିରପେକ୍ଷ ଗଣମାଧ୍ୟମ : ଜନମତ ସୃଷ୍ଟି ଓ ସଂଚଳନରେ ନିରପେକ୍ଷ ଓ ନିର୍ଭୀକ ଗଣମାଧ୍ୟମଗୁଡ଼ିକର ଭୂମିକା ଅନସ୍ୱୀକାର୍ଯ୍ୟ । ସମ୍ବାଦ ସଂସ୍ଥାକୁ ଗଣତନ୍ତ୍ରର 'ଚତୁର୍ଥସ୍ତମ୍ଭ' (Fourth Estate) କୁହାଯାଏ । ଏହା ଜନମତର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ସରକାରଙ୍କୁ ନିୟନ୍ତ୍ରଣ କରେ ଓ ଦିଗ୍‌ଦର୍ଶନ ପ୍ରଦାନ କରିଥାଏ ।

**(୧୧)** ଦ୍ୱିଦଳୀୟ ବ୍ୟବସ୍ଥା : ଗଣତନ୍ତ୍ରର ସଫଳତା ପାଇଁ ଦେଶରେ କେବଳ ଦୁଇଟି ପ୍ରଧାନ ଦଳ ରହିବା ଆବଶ୍ୟକ । ମିଳିତ ସାନ୍ଧୁଖ୍ୟ ବା ବହୁଦଳୀୟ ବ୍ୟବସ୍ଥାରେ ଜନମତ ବହୁଧା ବିଭକ୍ତ ହୋଇ ଅସ୍ପଷ୍ଟ ହେବା ଫଳରେ ଗଣତନ୍ତ୍ର ଦୁର୍ବଳ ହୋଇଥାଏ । ଏଣୁ ଇଂଲଣ୍ଡ ଓ ଆମେରିକା ପରି ଦ୍ୱିଦଳୀୟ ବ୍ୟବସ୍ଥା ଗଣତନ୍ତ୍ରର ସଫଳତା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ ।

**(୧୨)** ଉତ୍ତମ ସମ୍ବିଧାନ : ଉତ୍ତମ ସମ୍ବିଧାନ ହେଉଛି ଗଣତନ୍ତ୍ରର ମୂଳପିଣ୍ଡ । ଏହି ସମ୍ବିଧାନରେ ନାଗରିକର ମୌଳିକ ଅଧିକାର, ବିଚାର ବିଭାଗର ସ୍ୱାଧୀନତା, ସାର୍ବଜନୀନ ସାବାଳକ ଭୋଟ ପ୍ରଥା, ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା, ଅର୍ଥନୈତିକ ନ୍ୟାୟ, ଦାୟିତ୍ୱମୂଳକ ଶାସନ, ସରକାର ପରିବର୍ତ୍ତନ ପାଇଁ ଯୁକ୍ତିଯୁକ୍ତ ବ୍ୟବସ୍ଥା ଆଦି ରହିବା ଦରକାର ।

**(୧୩) ଉନ୍ନତ ଜାତୀୟ ଚରିତ୍ର ବା କର୍ତ୍ତବ୍ୟବୋଧ ଓ ଦେଶପ୍ରାଣତା :** ଲୋକମାନେ ଉନ୍ନତ ଜାତୀୟ ଚରିତ୍ର ସଂପନ୍ନ ହେବା ଆବଶ୍ୟକ ; ଅର୍ଥାତ୍ ସେମାନେ ସାଧୁତା, ନିଃସ୍ୱାର୍ଥପରତା, କର୍ତ୍ତବ୍ୟପରାୟଣତା, ନ୍ୟାୟପନ୍ଥୀ ଆଦି ଚରିତ୍ରକୁ ନିଜ ବ୍ୟବହାରରେ ପ୍ରଦର୍ଶନ କଲେଗଣତନ୍ତ୍ରର ଭିତ୍ତି ଦୃଢ଼ ହୋଇପାରିବ ବୋଲି ବିଶ୍ୱାସ କରାଯାଏ । ଏତଦ୍‌ବ୍ୟତୀତ ଲୋକମାନଙ୍କ ମଧ୍ୟରେ ଆଞ୍ଚଳିକତାବାଦ, ସାଂପ୍ରଦାୟିକତାବାଦ, ଜାତିଆଣବାଦ ଆଦି ବିଭାଜନକାରୀ ଶକ୍ତିର ବିକାଶ ନ ହୋଇ ନିଛକ ଦେଶପ୍ରାଣତା ସୃଷ୍ଟି ହେଲେ ଜାତୀୟ ସଂହତି ରକ୍ଷା ସମ୍ଭବ ହୋଇପାରିବ ଓ ସେହି ପରିବେଶରେ ଗଣତନ୍ତ୍ର ସଫଳ ହେବ ।

ଜନସାଧାରଣଙ୍କ ଭିତରେ ଦୃଢ଼ ସାମାଜିକ ଚେତନା ଉପରେ ଗଣତନ୍ତ୍ରର ସଫଳତା ନିର୍ଭର କରେ । ଦେଶର ସମସ୍ୟା ବିଷୟରେ ଜନସାଧାରଣଙ୍କ ମଧ୍ୟରେ ଆଲୋଚନାକୁ ରାଷ୍ଟ୍ର ଉତ୍ସାହିତ କରିବା ଉଚିତ ଓ ସେହି ଦୃଷ୍ଟିରୁ ସଂଘ ଗଠନ କରିବା, ସଭା କରିବା, ଯୋଗାଯୋଗ ରକ୍ଷା କରିବା ଓ ଶୃଙ୍ଖଳିତ ଭାବରେ ପ୍ରତିବାଦ କରିବାର ସାମ୍ବିଧାନିକ ତଥା ଆନୁଷ୍ଠାନିକ ସୁଯୋଗ ପ୍ରଦାନ କରାଗଲେ ଗଣତନ୍ତ୍ର ସଫଳ ହୋଇପାରିବ ।

ସିଲିଙ୍କ ମତରେ, "ଯେଉଁ ସରକାରରେ ପ୍ରତ୍ୟେକ ଲୋକଙ୍କର ଅଂଶ ଥାଏ, ତାହାକୁ ଗଣତନ୍ତ୍ର କୁହାଯାଏ ।" ଏଣୁ ଗଣତନ୍ତ୍ର ଲୋକମାନଙ୍କର ଏକ ଶାସନବ୍ୟବସ୍ଥାକୁ ସୂଚିତ କରେ । ଏହା ଏକ ଦାୟିତ୍ୱଶୀଳ ଶାସନବ୍ୟବସ୍ଥା ଅଟେ ।

## ୧.୬ ଭାରତରେ ଗଣତନ୍ତ୍ର ପ୍ରତି ପ୍ରମୁଖ ଆହ୍ୱାନ

**Challenges to Indian Democracy**

ଭାରତ ପୃଥିବୀର ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣତନ୍ତ୍ରର ସଫଳତା ନାଗରିକମାନଙ୍କର ରାଜନୈତିକ ସଚେତନତା ଉପରେ ନିର୍ଭର କରିଥାଏ । ଦୀର୍ଘ ୭୦ ବର୍ଷର ଭାରତର ଗଣତନ୍ତ୍ର କାର୍ଯ୍ୟକାରିତା ଭାରତୀୟ ଗଣତନ୍ତ୍ରକୁ ସଫଳଭାବେ ପ୍ରତିଷ୍ଠା କରିଥିଲେ ହେଁ ବାସ୍ତବରେ ଏହାର କାର୍ଯ୍ୟକାରିତା ପଥରେ ରହିଛି ନିମ୍ନଲିଖିତ ପ୍ରତିବନ୍ଧକମାନ ।

**(କ) ଅସମାନତା :**

ଭାରତୀୟ ସମାଜରେ ଦେଖାଯାଉଥିବା ବିଭିନ୍ନ ବୈଷମ୍ୟ ଯଥା ସାମାଜିକ, ଆର୍ଥିକ ବୈଷମ୍ୟ ଓ ଲିଙ୍ଗଗତ ବୈଷମ୍ୟ ଗଣତନ୍ତ୍ରର ସଫଳତା ପଥକୁ ଅବରୋଧ କରୁଅଛି । ଅନେକ ସ୍ଥାନରେ ନାଗରିକମାନଙ୍କର ନିର୍ବାଚନ ଆଚରଣକୁ ଜାତିପ୍ରଥା ପ୍ରଭାବିତ କରୁଅଛି । ସେହିପରି ଦରିଦ୍ର ଲୋକମାନଙ୍କୁ ସହଜରେ ଧନୀ ଲୋକମାନେ ନିର୍ବାଚନ ସମୟରେ ଅର୍ଥ ମାଧ୍ୟମରେ କିଣିପାରୁଛନ୍ତି । ଭାରତୀୟ ସମାଜ ଏକ ପୁରୁଷପ୍ରଧାନ ସମାଜ ହୋଇଥିବାରୁ ଏବଂ ମହିଳାମାନେ ନିଜର ଭରଣପୋଷଣ ପାଇଁ ପ୍ରାୟତଃ ସ୍ୱାମୀଙ୍କ ଉପରେ ନିର୍ଭର କରୁଥିବାରୁ ସ୍ୱାମୀଙ୍କ ନିର୍ଦ୍ଦେଶରେ ନିର୍ବାଚନରେ ନିଜର ମତାଧିକାର ପ୍ରଦାନ କରିଥାନ୍ତି ।

**(ଖ) ନିରକ୍ଷରତା :**

ଭାରତରେ ପ୍ରାୟତଃ ଶତକଡା ୪୦ ଭାଗଲୋକ ନିରକ୍ଷର । ନିରକ୍ଷର ଲୋକମାନେ ଗଣତନ୍ତ୍ରର ମୂଲ୍ୟବୋଧ ବୁଝନ୍ତି ନାହିଁ । ସେମାନେ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ ନୁହଁନ୍ତି । ସତତ୍ ଜାଗୃତି ସ୍ୱାଧୀନତାର ରକ୍ଷାକବଚ ହୋଇଥିବା ବେଳେ ନିରକ୍ଷରତା ଏହା ମୁଖ୍ୟ ପ୍ରତିବନ୍ଧକ ହୋଇ ଦଣ୍ଡାୟମାନ । ଭାରତରେ ଥିବା ଅଧିକାଂଶ ନିରକ୍ଷର ନାଗରିକମାନଙ୍କୁ ଅତି ସହଜରେ ରାଜନେତା ଓ ରାଜନୈତିକ ଦଳମାନେ ପ୍ରଭାବିତ କରିପାରୁଛନ୍ତି । ଫାଗେଟ୍ କହିଥିବା ଗଣତନ୍ତ୍ର ଅଯୋଗ୍ୟତାର ମତବାଦ ତତ୍ତ୍ୱ ଭାରତ ପ୍ରୟତଃ ପ୍ରମାଣିତ ହୋଇଅଛି ।

**(ଗ) ଆଞ୍ଚଳିକତାବାଦ :**

ଭାରତର ଗଣତନ୍ତ୍ର ଏବଂ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଏକ ପ୍ରମୁଖ ଆହ୍ୱାନ ହେଉଛି ଆଞ୍ଚଳିକତାବାଦ । ଭାରତରେ ଅଧିକାଂଶ ଅଞ୍ଚଳରେ ଜନସାଧାରଣ ଜାତୀୟ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ସଂକୀର୍ଣ୍ଣ ଓ ଆଞ୍ଚଳିକ ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଆଞ୍ଚଳିକତାବାଦକୁ ଆଧାର କରି ଦେଶର ବିଭିନ୍ନ ରାଜ୍ୟରେ ଗଠିତ ହୋଇଛି ଅନେକ ଆଞ୍ଚଳିକ ରାଜନୈତିକ ଦଳ । ଏହି ସମସ୍ତ ଦଳ ମଧ୍ୟରୁ ଅଧିକାଂଶ ରାଜ୍ୟରେ ପ୍ରାୟତଃ ଆଞ୍ଚଳିକ ଦଳମାନେ ପ୍ରଭାବ ବିସ୍ତାର କରିଛନ୍ତି କିମ୍ବା ଶାସନକ୍ଷମତା ଉପଭୋଗ କରୁଛନ୍ତି । ଆଞ୍ଚଳିକ ଚିନ୍ତାଧାରାକୁ ନେଇ ରାଜ୍ୟ-ରାଜ୍ୟ ମଧ୍ୟରେ ବିବାଦ ଯୋଗୁ ଭାରତରେ ସଂଘୀୟ ଶାସନ ପ୍ରତି ବିପଦ ଦେଖାଯାଇଛି । ଆଞ୍ଚଳିକ ଚିନ୍ତାଧାରା ଓ ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ଯୋଗୁ କେନ୍ଦ୍ରରେ ଅଧିକାଂଶ ସମୟରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇ କାର୍ଯ୍ୟକାଳ ସାରିବା ପୂର୍ବରୁ ସରକାରର ପତନ ହେଉଅଛି ।

**(ଘ) ନକ୍ସଲ ସମସ୍ୟା :**

ଭାରତର ପ୍ରାୟ ୧୦ଟି ରାଜ୍ୟରେ ୭୫ଟି ଜିଲ୍ଲା ନକ୍ସଲ ଆନ୍ଦୋଳନ ତା'ର କାୟାବିସ୍ତାର କରିଛି । ୧୯୬୭ ମସିହାରେ କମ୍ୟୁନିଷ୍ଟମାନଙ୍କ ଦ୍ୱାରା ପଶ୍ଚିମବଙ୍ଗ ଦାର୍ଜିଲିଂ ଜିଲ୍ଲାର ନକ୍ସଲବାରି ଥାନା ଅଞ୍ଚଳରେ ଦେଖାଯାଇଥିବା କୃଷକ ଆନ୍ଦୋଳନରୁ ସୃଷ୍ଟ ଏହି ଆନ୍ଦୋଳନ ଭାରତର ଗଣତନ୍ତ୍ରର ପଥରେ ପ୍ରତିବନ୍ଧକ ସୃଷ୍ଟି କରିଛି । ନକସ୍‌ଲାଇଟମାନେ ଅନେକ ସମୟରେ ଆତଙ୍କରାଜ ସୃଷ୍ଟି କରି ଧନଜୀବନ ନଷ୍ଟ କରୁଛନ୍ତି । ନିର୍ବାଚନ ସମୟରେ ରାସ୍ତା ଅବରୋଧ, ଭୋଟକେନ୍ଦ୍ର ଜବର ଦଖଲ, ଭୋଟ ବାକ୍ସ ଲୁଟ, ପ୍ରାର୍ଥୀଙ୍କୁ ହତ୍ୟା ଧମକ ଦେବା, ଅପହରଣ କରିବା କିମ୍ବା କେତେକ ସ୍ଥଳରେ ହତ୍ୟା କରିବା ଦ୍ୱାରା ଅବାଧ ଓ ନିରପେକ୍ଷ ଭୋଟ କରିବା ସମ୍ଭବ ହେଉନାହିଁ ।

**(ଙ) ଲିଙ୍ଗଗତ ବୈଷମ୍ୟ :**

ଲିଙ୍ଗଗତ ବୈଷମ୍ୟ ବା ପୁରୁଷ ଓ ନାରୀ ମଧ୍ୟରେ ଥିବା ଭେଦଭାବ ଭାରତର ଗଣତନ୍ତ୍ର ପ୍ରତି ଏକ ଆହ୍ୱାନ ଅଟେ । ପାରମ୍ପରିକ ଭାବେ ଭାରତ ଏକ ପୁରୁଷପ୍ରଧାନ ସମାଜ । ଭାରତର ଅଧିକାଂଶ ମହିଳା ଆର୍ଥିକ କ୍ଷେତ୍ରରେ ସ୍ୱାଧୀନ ହୋଇନଥିବା ଯୋଗୁ ସେମାନେ ପୁରୁଷଙ୍କ ଉପରେ ନିର୍ଭର କରି ଚଳିଥାନ୍ତି । ତେଣୁ ସେମାନେ ପୁରୁଷଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇଥାନ୍ତି । ଭାରତ ସମ୍ବିଧାନ ସାର୍ବଜନୀନ ସାବାଳକ ଭୋଟପ୍ରଥା ଦ୍ୱାରା ଉଭୟ ପୁରୁଷ ଓ ନାରୀଙ୍କୁ ସମାନ ରାଜନୈତିକ ଅଧିକାର ପ୍ରଦାନ କରିଛନ୍ତି । ମାତ୍ର ମତଦାନ ସମୟରେ ପ୍ରାୟତଃ ଭାରତୀୟ ମହିଳା ତା'ର ଅଭିଭାବକଙ୍କ ନିର୍ଦ୍ଦେଶ ଅନୁସାରେ ମତଦାନ କରିଥାନ୍ତି । ସେହିପରି ସ୍ଥାନୀୟ ସ୍ୱାୟତ୍ତଶାସନଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜନୈତିକ ବ୍ୟବସ୍ଥାରେ ମହିଳାମାନଙ୍କର ପ୍ରତିନିଧିତ୍ୱ ନ୍ୟୂନ ଅଟେ । ୭୩ ଓ ୭୪ ତମ, ସମ୍ବିଧାନ ସଂଶୋଧନ ଆଇନ ଯଥାକ୍ରମେ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରସଂସ୍ଥା ମାନଙ୍କରେ ମହିଳାମାନଙ୍କ ସ୍ଥାନ ସଂରକ୍ଷଣ କରିଥିଲେ ହେଁ, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଇଁ ସେମାନଙ୍କର ଅଭିଭାବକ ମାନେ କାର୍ଯ୍ୟ କରୁଛନ୍ତି ।

## ୧.୭ ଭାରତରେ ନକ୍ସଲ ଆତଙ୍କବାଦ :ଗଣତନ୍ତ୍ର ପାଇଁ ଏକ ପ୍ରମୁଖ ଆହ୍ୱାନ

ନକ୍ସଲପନ୍ଥୀଙ୍କୁ ଭାରତରେ ମାଓବାଦୀ କମ୍ୟୁନିଷ୍ଟ ସଙ୍ଗଠନର ଗରିଲା ଗୋଷ୍ଠୀର ସଦସ୍ୟରୂପେ ଗ୍ରହଣ କରାଯାଇଥାଏ । ପଶ୍ଚିମବଙ୍ଗର ନକ୍ସଲବରୀ ଗ୍ରାମରୁ ନକ୍ସଲପନ୍ଥୀ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ନକ୍ସଲପନ୍ଥୀମାନେ ଉଗ୍ର ବାମପନ୍ଥୀ ଗୋଷ୍ଠୀ ଅଟନ୍ତି । ଭାରତୀୟ କମ୍ୟୁନିଷ୍ଟ ଦଳରେ ୧୯୬୭ ମସିହାର ବିଭାଜନ ପରେ ମାଓବାଦୀ-ଲେନିନ୍‌ବାଦୀ ଗୋଷ୍ଠୀର ଆବିର୍ଭାବ ହୋଇ ପଶ୍ଚିମବଙ୍ଗ ସହ ପଡ଼ୋଶୀ ଓଡ଼ିଶା, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଆଦିରେ ଏହି ସଙ୍ଗଠନ ନିଜର କାୟାବିସ୍ତାର କରିଥିଲା ।

ଆଦିବାସୀମାନଙ୍କୁ ସେମାନଙ୍କର ଜମି ଓ ବାସଗୃହରୁ ବିତାଡ଼ନ କରିବା ଦିଗରେ ସରକାରଙ୍କ ଉପନିବେଶବାଦୀ କାର୍ଯ୍ୟକ୍ରମକୁ ପ୍ରତିରୋଧ କରିବାପାଇଁ ନକ୍ସଲପନ୍ଥୀ ଓ ବର୍ତ୍ତମାନର ମାଓବାଦୀ ଆନ୍ଦୋଳନର ଉଦ୍‌ଭବ ହୋଇଥିଲା । ଆଦିବାସୀମାନଙ୍କୁ ସେମାନଙ୍କର ପାରମ୍ପରିକ ଜଙ୍ଗଲଜାତ ଦ୍ରବ୍ୟ ଉପଯୋଗରୁ ବଞ୍ଚିତ କରିବା ବିରୋଧରେ ଏହା ଏକ ସଂଗଠିତ ବିଦ୍ରୋହ ଅଟେ ।

୨୦୦୨ ରୁ ୨୦୦୬ ମସିହା ମଧ୍ୟରେ ନକ୍ସଲ ଓ ଅଧିକାରୀ ପ୍ରଶାସନ ମଧ୍ୟରେ ଯୁଦ୍ଧରେ ପ୍ରାୟ ତିନି ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା ଓ ୨୦୦୯ ମସିହା ପର୍ଯ୍ୟନ୍ତ ପ୍ରାୟତଃ ତିନିଲକ୍ଷ ପଚାଶ ହଜାର ଆଦିବାସୀ ଗୋଷ୍ଠୀ ସେମାନଙ୍କର ପ୍ରାଚୀନ ଭୂମି ଓ ଜୀବିକାର ବିତାଡ଼ିତ ହୋଇଥିଲେ । ୨୦୦୬ ମସିହାରେ ଭାରତର ଗୁପ୍ତଚର ସଂସ୍ଥା 'ର' (Raw Research and Analysis Wing) ର ତଥ୍ୟ ଅନୁଯାୟୀ ପଚାଶ ହଜାର ସ୍ଥାୟୀ କ୍ୟାଡ଼ରଙ୍କ ସହ କୋଡ଼ିଏ ହଜାର ସଶସ୍ତ୍ର କ୍ୟାଡ଼ର ନକ୍ସଲପନ୍ଥୀ ଭାରତର ବିଭିନ୍ନ ଅଞ୍ଚଳରେ ସକ୍ରିୟ ରହିଛନ୍ତି ଯାହାଙ୍କୁ ବିଚାରକୁ ନେଇ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏହାକୁ ଭାରତର ଜାତୀୟ ନିରାପତ୍ତା ପ୍ରତି ଏକ ଭୟଙ୍କର ଆଭ୍ୟନ୍ତରୀଣ ବିପଦ ବୋଲି ଅଭିହିତ କରିଥିଲେ । ୨୦୦୯ ମସିହା ବେଳକୁ ନକ୍ସଲପନ୍ଥୀମାନେ ଭାରତର ୧୦ ଗୋଟି ରାଜ୍ୟର ୧୮୦ ଟି ଜିଲ୍ଲାରେ ନିଜର ଦୃଢ଼ ଆସ୍ଥାନ ପ୍ରତିଷ୍ଠା କରିସାରିଥିଲେ । ଏହାକୁ ଦମନ କରିବାପାଇଁ ଭାରତ ସରକାର ଏକ ସଂଯୁକ୍ତ କାର୍ଯ୍ୟକ୍ରମ (Integrated Action Plan - IAP) ପ୍ରସ୍ତୁତ କରି ରାଜ୍ୟମାନଙ୍କର ମିଳିତ ସହଯୋଗ କ୍ରମେ ୨୦୦୯ ଫେବୃୟାରୀ ମାସରୁ କାର୍ଯ୍ୟକାରୀ କଲେ । ନକ୍ସଲ ଅଧ୍ୟୁଷିତ ଅଞ୍ଚଳରେ ଅର୍ଥନୈତିକ ବିକାଶ ପାଇଁ ଏଥିରେ ବ୍ୟାପକ ବ୍ୟବସ୍ଥା ରହିଥିଲା । ୨୦୧୦ ଅଗଷ୍ଟ ମାସରୁ ଏହି କାର୍ଯ୍ୟକ୍ରମର ସଫଳ ବିନ୍ୟାସ ଫଳରେ ୨୦୧୧ ମସିହାରେ କର୍ଣ୍ଣାଟକ ନକ୍ସଲମୁକ୍ତ ଅଞ୍ଚଳରେ ପରିଣତ ହେଲା ଓ ନକ୍ସଲ ପ୍ରଭାବୀ ଜିଲ୍ଲା ସଂଖ୍ୟା ୮୩କୁ ଖସି ଆସିଲା । ମାଓବାଦୀମାନଙ୍କ ପ୍ରଭାବ ୨୦୧୦ରୁ ବୃଦ୍ଧି ପାଉଥିଲେ ମଧ୍ୟ ଜାତୀୟ ସ୍ତରରେ ଏହି କାରଣରୁ ମୃତ୍ୟୁ ସଂଖ୍ୟା ଯଥେଷ୍ଟ ହ୍ରାସ ପାଉଛି ।

ଭାରତର ପଶ୍ଚିମବଙ୍ଗ ରାଜ୍ୟର ନକ୍ସଲବରୀ ଗ୍ରାମରେ ଚାରୁ ମଜୁମ୍‌ଦାର, କାନୁ ସାନ୍ୟାଲ ଓ ଜଙ୍ଗଲ ସାନ୍ତାଲଙ୍କ ନେତୃତ୍ୱରେ ଭୂମିହୀନଙ୍କୁ ଭୂମିର ପୁନଃବଣ୍ଟନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ନକ୍ସଲପନ୍ଥୀ ଆନ୍ଦୋଳନ ୧୯୬୭ ମସିହାରେ ଆରମ୍ଭ ହୋଇଥିଲା । ସାନ୍ତାଳୀ ଜନଜାତିମାନେ ଅନ୍ୟ ଗରିବ ଲୋକଙ୍କ ସହ ମିଶି ସ୍ଥାନୀୟ ଜମିଦାରମାନଙ୍କ ଉପରେ ସଶସ୍ତ୍ର ଆକ୍ରମଣ କଲେ । ଭାରତ ସମ୍ବିଧାନର ୫ମ ଓ ୬ଷ୍ଠ ଅନୁସୂଚୀରେ ଜନଜାତି ଅଞ୍ଚଳର ବିକାଶ ପାଇଁ ରହିଥିବା ବ୍ୟବସ୍ଥା କାର୍ଯ୍ୟକାରୀ ନହେବା କାରଣରୁ ନକ୍ସଲପନ୍ଥୀ ଆନ୍ଦୋଳନ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲା । ମାଓ ଜେଡ଼ଙ୍ଗ ନକ୍ସଲପନ୍ଥୀ ଆନ୍ଦୋଳନରୁ ଆଦର୍ଶଗତ ନେତୃତ୍ୱ ପ୍ରଦାନ କରିଥିଲେ । ଚାରୁ ମଜୁମ୍‌ଦାରଙ୍କ ଲିଖିତ "Historic Eight Documents" ନକ୍ସଲବାଦୀ ଆଦର୍ଶବାଦର ମୁଖ୍ୟ ଗ୍ରନ୍ଥ ଅଟେ । ଏହି ଆନ୍ଦୋଳନର ଅନେକ ନେତା ପ୍ରାଥମିକ ଅବସ୍ଥାରେ ପଶ୍ଚିମବଙ୍ଗର ବାମପନ୍ଥୀ ମେଣ୍ଟ ସରକାରର ଅଂଶବିଶେଷ ଥିଲେ । ନକ୍ସଲପନ୍ଥୀମାନେ ଭାରତୀୟ କମ୍ୟୁନିଷ୍ଟ ଦଳ (ମାର୍କ୍ସବାଦୀ ଲେନିନ୍‌ବାଦୀ) ର ସଦସ୍ୟ ରୂପେ ବିବେଚିତ ହୋଇଥା'ନ୍ତି । ୧୯୮୦ ମସିହାଠାରୁ ଏହି ଆନ୍ଦୋଳନ ଓ ଗୋଷ୍ଠୀରେ ବ୍ୟାପକ ବିଭାଜନ ଦେଖାଦେଲା । ୧୯୭୧ ମସିହାଠାରୁ ଛାତ୍ରମାନଙ୍କ ଅଂଶଗ୍ରହଣ ଫଳରେ ଏହି ଆନ୍ଦୋଳନ ଦୃଢ଼ ହୋଇପାରିଥିଲା ।

**ବିକାଶ ପ୍ରକ୍ରିୟାରେ ଆନ୍ଦୋଳନର କୁପ୍ରଭାବ :**

(i) ମୋଟ ଗୃହ ଉତ୍ପାଦ (GDP) ବୃଦ୍ଧି ଓ ମୁଣ୍ଡପିଛା ଆୟରେ ହ୍ରାସ ।

(ii) ନକ୍ସଲବାଦୀଙ୍କ ସମାନ୍ତରାଳ ସରକାର ଫଳରେ ସରକାରୀ କଳ ରାଜସ୍ୱ ଓ କର ଆଦାୟ ସଠିକ୍ ଢଙ୍ଗରେ କରି ନପାରିବା ଫଳରେ ରାଜସ୍ୱ ସଂଗ୍ରହ ହ୍ରାସ ହୋଇଛି ।

(iii) ନକ୍ସଲ ଆନ୍ଦୋଳନ ଦମନ ପାଇଁ ବ୍ୟାପକ ବ୍ୟୟବରାଦ ଫଳରେ ଉପଭୋକ୍ତାମାନଙ୍କ ପାଇଁ ଦ୍ରବ୍ୟ ଉତ୍ପାଦନ ନିମନ୍ତେ ପୁଞ୍ଜିର ଅଭାବ ପରିଲକ୍ଷିତ ହୋଇଛି ।

(iv) ଆମଦାନୀ-ରପ୍ତାନି ବାଧାପ୍ରାପ୍ତ ହେଉଛି । ପ୍ରତ୍ୟକ୍ଷ ବୈଦେଶିକ ବିନିଯୋଗରେ ହ୍ରାସ ଦେଖାଦେଉଛି ।

(v) ଯୋଗାଯୋଗ ବ୍ୟବସ୍ଥାର ଅବକ୍ଷୟ ଘଟୁଛି ଓ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି ।

(vi) ପର୍ଯ୍ୟଟନ ଶିଳ୍ପ ଗଭୀରଭାବେ ବାଧାପ୍ରାପ୍ତ ହେଉଛି ।

(vii) ବିଦ୍ୟାଳୟରେ ଉପସ୍ଥାନ ହାର ହ୍ରାସ ଘଟୁଛି ଓ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି ।

(viii) ବ୍ୟାଙ୍କ ଓ ଶିଳ୍ପ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇ ଉପଯୁକ୍ତ ସେବା ଯୋଗାଇ ପାରୁନାହାନ୍ତି ।

(ix) ନକ୍ସଲପନ୍ଥୀମାନେ ନିଜର ଆଧିପତ୍ୟ ଓ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଅଧିକ ଆଗ୍ରହ ପ୍ରକାଶ କରି ପ୍ରଶାସନରେ ଅଧିକ ହିଂସା ଓ ଅସ୍ଥିରତା ସୃଷ୍ଟି କରୁଛନ୍ତି ।

(x) ଗଣତନ୍ତ୍ରରେ ନିର୍ବାଚନକୁ ନକ୍ସଲପନ୍ଥୀମାନେ ଭୟ ପ୍ରଦର୍ଶନଦ୍ୱାରା କବଳିତ କରି ଗଣତନ୍ତ୍ରର ମୂଳଭିତ୍ତିକୁ ଦୁର୍ବଳ କରି ଦେଉଛନ୍ତି । ତୃଣମୂଳ ଗଣତନ୍ତ୍ର ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଛି ।

(xi) ନିରୀହ ଜନସାଧାରଣ ନକ୍ସଲପନ୍ଥୀଙ୍କ ହିଂସାର ଶିକାର ହେଉଛନ୍ତି ।

(xii) ସରକାରଙ୍କ ଭୂସଂସ୍କାର ଆଇନ ଓ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ ।

(xiii) ଲୋକ ଯୁଦ୍ଧ ଗୋଷ୍ଠୀ (People's War Group - PWG) ସଂସଦୀୟ ଗଣତନ୍ତ୍ର ତୀବ୍ର ବିରୋଧୀ ରୂପେ କାର୍ଯ୍ୟ କରୁଛି ।

ଭାରତର ଯୋଜନା ବିଶେଷଜ୍ଞମାନେ ଆଦିବାସୀମାନଙ୍କୁ ଉନ୍ନୟନ ଓ ଅର୍ଥନୈତିକ ଅଭିବୃଦ୍ଧିର ବାସ୍ତବ ସ୍ୱାଦ ଚଖାଇବା ପାଇଁ କୃଷି, ଯୋଗାଯୋଗ, ବଜାର, ବ୍ୟାଙ୍କ ଆଦି କ୍ଷେତ୍ରର ବିକାଶ ଘଟାଇଛନ୍ତି ଯାହା ଫଳରେ ସେମାନେ ନିଜକୁ ବଞ୍ଚିତ ଗୋଷ୍ଠୀ ଭାବେ ବିଚାର ନକରି ଜାତୀୟ ମହାସ୍ରୋତରେ ସାମିଲ ହେବେ ଓ ଏହା ନକ୍ସଲପନ୍ଥୀ ବା ମାଓବାଦୀ ଆନ୍ଦୋଳନର କୁପ୍ରଭାବରୁ ଗଣତନ୍ତ୍ରକୁ ରକ୍ଷା କରିବ ।

## ୧.୮ ସାରାଂଶ

ଲୋକମାନଙ୍କର ସାର୍ବଭୌମ କ୍ଷମତା ଗଣତନ୍ତ୍ରର ଲକ୍ଷ୍ୟ ଅଟେ । ଆଇନର ଶାସନ, ସ୍ୱତନ୍ତ୍ରତା, ସମାନତା ଓ ନ୍ୟାୟ ଗଣତନ୍ତ୍ରର ମୌଳିକ ଉପାଦାନ ଅଟେ । ଜନ ଅଂଶଗ୍ରହଣର ପ୍ରକୃତି ଭିତ୍ତିରେ ଗଣତନ୍ତ୍ରକୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ, ଯଥା- ପ୍ରତ୍ୟକ୍ଷ ଗଣତନ୍ତ୍ର ଓ ପରୋକ୍ଷ ଗଣତନ୍ତ୍ର । ଯେଉଁ ସରକାରରେ ପ୍ରତ୍ୟେକ ସାବାଳକ ନାଗରିକ ପ୍ରତ୍ୟକ୍ଷ ତଥା ସକ୍ରିୟ ଭାବେ ଶାସନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରନ୍ତି, ତାହାକୁ 'ପ୍ରତ୍ୟକ୍ଷ ଗଣତନ୍ତ୍ର' କୁହାଯାଏ । ପ୍ରାଚୀନ ଗ୍ରୀସ୍ ଓ ବର୍ତ୍ତମାନର ସୁଇଜରଲାଣ୍ଡରେ

ଏହାର ପ୍ରଚଳନ ଦେଖିବାକୁ ମିଳିଥାଏ ।କିନ୍ତୁ ରାଷ୍ଟ୍ରର ଜନସଂଖ୍ୟା, ଆକାର ଓ କାର୍ଯ୍ୟପରିଧିରେ ମାତ୍ରାଧିକ ବୃଦ୍ଧି ଯୋଗୁଁ ପ୍ରତ୍ୟକ୍ଷ ଗଣତନ୍ତ୍ରର ବାସ୍ତବ ରୂପାୟନ ଅସମ୍ଭବ ହେଲା ଓ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ରର ବିକାଶ ସମ୍ଭବ ହୋଇଛି ।'ପ୍ରତ୍ୟକ୍ଷ ଗଣତନ୍ତ୍ର' ବ୍ୟବସ୍ଥାରେ ଜନ ଅଂଶଗ୍ରହଣର ମାତ୍ରା ବୃଦ୍ଧି କରି ଏହାକୁ ଅଧିକ ଗଣତାନ୍ତ୍ରିକ କରିବା ନିମନ୍ତେ "ଜନ ମତାମତ ଗ୍ରହଣ" (Referendum) , "ଗଣ ଉଦ୍ୟୋଗ"(Initiative) ପ୍ରତ୍ୟାହାର (Recall) ପରି ସ୍ମାମର ପ୍ରୟୋଗ କରାଯାଉଛି । ଅର୍ଥନୈତିକ ଗଣତନ୍ତ୍ର ବିନା ରାଜନୈତିକ ସ୍ତରରେ ଗଣତନ୍ତ୍ର ସଫଳ ହେବ ନାହିଁ ।ଶିକ୍ଷା ପ୍ରସାର, କ୍ଷମତା ବିକେନ୍ଦ୍ରୀକରଣ, ଅର୍ଥନୈତିକ ସମତା , ଜାଗ୍ରତ ଜନମତ, ଦୃଢ଼ ଓ ସୁସ୍ଥ ବିରୋଧୀ ଦଳ , ସ୍ୱାଧୀନ ଓ ନିରପେକ୍ଷ ଗଣସ୍ମାମର ସର୍ତ୍ତାବଳୀ ପ୍ରଦାନ କରାଗଲେ ଗଣତନ୍ତ୍ର ସଫଳ ହୋଇପାରିବ । ଭାରତରେ ନିରକ୍ଷରତା, ଲିଙ୍ଗଗତ ଅସମାନତା, ଆଞ୍ଚଳିକତାବାଦ, ନକ୍ସଲବାଦୀ ସମସ୍ୟା ଗଣତନ୍ତ୍ର ପ୍ରତି ପ୍ରମୁଖ ଆହ୍ୱାନ ଅଟନ୍ତି ।

## ୧.୯ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

**ପ୍ର.୧.** ଗଣତନ୍ତ୍ର କ'ଣ ? ଏହାର ଉପକାରିତା ଓ ଅପକାରିତା ଆଲୋଚନା କର ।

**ପ୍ର.୨** ଗଣତନ୍ତ୍ର ସଂଜ୍ଞା ନିରୂପଣ କର ଏବଂ ଗଣତନ୍ତ୍ରର ସଫଳତା ପାଇଁ ଆବଶ୍ୟକ ପରିସ୍ଥିତିଗୁଡ଼ିକୁ ଆଲୋଚନା କର ।

**ପ୍ର.୩** ଗଣତନ୍ତ୍ର ପ୍ରତି ମୁଖ୍ୟ ପ୍ରତିବନ୍ଧକ / ଆହ୍ୱାନଗୁଡ଼ିକ ଆଲୋଚନା କର ।

**ପ୍ର.୪** ଭାରତରେ ନକ୍ସଲ ଆତଙ୍କବାଦ ଗଣତନ୍ତ୍ର ପାଇଁ କିପରି ଏକ ଆହ୍ୱାନ ଆଲୋଚନା କର ।

### ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ- ଉତ୍ତର :

**(କ)ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତର ବାଛ ।**

ପ୍ର.୧. ପ୍ରାଚୀନ ଗ୍ରୀସ୍ ଓ ବର୍ତ୍ତମାନ ସ୍ୱିଜରଲାଣ୍ଡରେ ____________ ଗଣତନ୍ତ୍ର ଦେଖାଯାଏ ।

(i) ପରୋକ୍ଷ (ii) ପ୍ରତିନିଧିମୂଳକ (iii) ପ୍ରତ୍ୟକ୍ଷ (iv) ସଂସଦୀୟ

**ଉ. (i) ପ୍ରତ୍ୟକ୍ଷ ।**

ପ୍ର.୨. ____________ କହିଥିଲେ, "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ନିମନ୍ତେ ଓ ଲୋକମାନଙ୍କ ଦ୍ୱାରା ଗଠିତ ସରକାର ।"

(i) ଆବ୍ରାହମ ଲିଙ୍କନ (ii) ଲିକକ୍ (iii) ବ୍ରାଇସି (iv) ସିଲି

**ଉ. (ii) ଆବ୍ରାହମ୍ ଲିଙ୍କନ୍**

ପ୍ର.୩. ____________ ପୃଥିବୀର ବୃହତ୍ତମ ଗଣତନ୍ତ୍ର ଅଟେ ।

(i) ଆମେରିକା (ii) ଭାରତ (iii) ଚୀନ (iv) ଇଂଲଣ୍ଡ

**ଉ. (ii) ଭାରତ**

ପ୍ର.୪. ନିର୍ବାଚନ ହେଉଛି __________ ଗଣତନ୍ତ୍ରର ମୁଖ୍ୟ ନୀତି ।।

(i) ପରୋକ୍ଷ ବା ପ୍ରତିନିଧିମୂଳ (ii) ପ୍ରତ୍ୟକ୍ଷ (iii) ଅର୍ଥନୈତିକ (iv) ପ୍ରାଚୀନ

**ଉ. (i) ପରୋକ୍ଷ ବା ପ୍ରତିନିଧିମୂଳକ**

ପ୍ର.୫. __________ ଙ୍କ ମତରେ ଗଣତନ୍ତ୍ର ଏପରି ଏକ ସରକାର ଯେଉଁଥିରେ ପ୍ରତ୍ୟେକଙ୍କର ଅଂଶ ଥାଏ ।

(i) ସିଲି (ii) ଆବ୍ରାହମ ଲିଙ୍କନ (iii)ଗାର୍ଣ୍ଣର (iv) ବ୍ରାଇସି

**ଉ. (i) ସିଲି**

ପ୍ର.୬. __________ ଗଣତନ୍ତ୍ରରେ ସମସ୍ତ ନାଗରିକ ପ୍ରତ୍ୟକ୍ଷ ଭାବରେ ସରକାରରେ ଅଂଶଗ୍ରହଣ କରନ୍ତି ।

(i) ପରୋକ୍ଷ (ii) ପ୍ରତିନିଧିମୂଳକ

(iii) ପ୍ରତ୍ୟକ୍ଷ (iv) ଆଧୁନିକ

**ଉ. (iii) ପ୍ରତ୍ୟକ୍ଷ ।**

ପ୍ର.୭. ପରୋକ୍ଷ ଗଣତନ୍ତ୍ର ଜନସାଧାରଣଙ୍କ ପ୍ରତିନିଧିମାନଙ୍କ ଦ୍ୱାରା କ୍ଷମତା ଲାଭ ଓ ଶାସନ ପରିଚାଳନାକୁ ବୁଝାଉ ଥିବାରୁ ଏହାକୁ __________ ଗଣତନ୍ତ୍ର କୁହାଯାଏ ।

(i)ପରୋକ୍ଷ (ii) ପ୍ରତିନିଧିମୂଳକ (iii)ପ୍ରତ୍ୟକ୍ଷ (iv) ସଂସଦୀୟ

**ଉ. (ii) ପ୍ରତିନିଧିମୂଳକ**

ପ୍ର.୮. ପ୍ରତ୍ୟକ୍ଷ ଗଣତନ୍ତ୍ରର ମାଧ୍ୟମଗୁଡ଼ିକ ହେଲା __________, __________ ଓ __________ ।

(i) ଗଣମତାମତଗ୍ରହଣ, ଗଣଉଦ୍ୟୋଗ, ପ୍ରତ୍ୟାହାର

(ii) ଲେଣ୍ଡସ୍‌କେମିଣ୍ଡ, ଗଣଉଦ୍ୟୋଗ, ପ୍ଲେବିସାଇଟ୍

(iii) ଗଣମତାମତଗ୍ରହଣ, ପ୍ଲେବିସାଇଟ୍, ପ୍ରତ୍ୟାହାର

(iv) ଗଣଉଦ୍ୟୋଗ, ଗ୍ରାମ୍ୟ ସାଧାରଣତନ୍ତ୍ର, ହିଙ୍ଗାରତ୍

**ଉ. (i) ଗଣମତାମତଗ୍ରହଣ, ଗଣଉଦ୍ୟୋଗ, ପ୍ରତ୍ୟାହାର**

ପ୍ର.୧୦. 'ଗଣତନ୍ତ୍ର' ଶବ୍ଦଟି ଦୁଇଟି ଗ୍ରୀକ୍ ଶବ୍ଦ __________ ଓ __________ ରୁ ଉଦ୍ଭୂତ ଯାହାର ଅର୍ଥ ଯଥାକ୍ରମେ __________ ଓ __________ ।

(i) ଡେମୋସ୍, କ୍ରାସିଆ; ଲୋକମାନେ, କ୍ଷମତା

(ii) ଡିମାସ୍, କ୍ରାଟସ୍; କ୍ଷମତା, ଲୋକମାନେ

(iii) ଲିବର, ସିଭିଟାସ୍; ମୁକ୍ତି, ନଗରରାଜ୍ୟ

(iv) ଡିମାକ୍ରନ୍, କ୍ରାଟିଆ; ଜନସାଧାରଣ; ସମର୍ଥନ

ଉ. (i)'ଡ଼େମୋସ୍' ; 'କ୍ରାସିଆ' ; ଲୋକମାନେ ; କ୍ଷମତା ।

ପ୍ର.୧୧. ଭାରତରେ ——— ଗଣତନ୍ତ୍ରର ପ୍ରଚଳନ ରହିଛି ।

(i) ପରୋକ୍ଷ ବା ପ୍ରତିନିଧିମୂଳ (ii) ପ୍ରତ୍ୟକ୍ଷ (iii) ଅର୍ଥନୈତିକ (iv) ପ୍ରାଚୀନ

ଉ. (i) ପରୋକ୍ଷ ବା ପ୍ରତିନିଧିମୂଳକ

ପ୍ର.୧୨. ଗଣତନ୍ତ୍ରର ସଫଳତା ପାଇଁ କେଉଁ ସର୍ତ୍ତ ଅଧିକ ବଳିଷ୍ଠ ଅଟେ ?

(i) ଜାଗ୍ରତ ଜନମତ (ii) ଅର୍ଥନୈତିକ ସମାନତା

(iii) କ୍ଷମତାର ବିକେନ୍ଦ୍ରୀକରଣ (iv) ଉପରୋକ୍ତ ସମସ୍ତ ସର୍ତ୍ତ

ଉ. (iv) ଉପରୋକ୍ତ ସମସ୍ତ ସର୍ତ୍ତ ।

୧୩. (i) ନକ୍ସଲପନ୍ଥୀ ଆନ୍ଦୋଳନ ——— ଦିନ ପ୍ରଥମେ ଆରମ୍ଭ ହୋଇଥିଲା ।

ଉ. ମେ ୨୫, ୧୯୬୭

(ଖ) ଦୁଇଟି ବାକ୍ୟରେ ଉତ୍ତର ଦିଅ ।

ପ୍ର.୧. ଗଣତନ୍ତ୍ର କ'ଣ ?

ଉ: 'ଗଣତନ୍ତ୍ର' ଶବ୍ଦଟି ଗ୍ରୀକ୍ ଭାଷାର 'ଡ଼ିମୋସ୍' ଓ 'କ୍ରାସିଆ' ଶବ୍ଦ ଦ୍ୱୟରୁ ଉଦ୍ଭୁତ ଯାହାର, ଅର୍ଥ ଯଥାକ୍ରମେ 'ଲୋକମାନେ' ଓ 'କ୍ଷମତା' । ଏଣୁ ଆକ୍ଷରିକ ଅର୍ଥରେ ଗଣତନ୍ତ୍ର 'ଲୋକମାନଙ୍କର କ୍ଷମତା'କୁ ସୂଚୀତ କରେ । ସିଲିଙ୍କ ମତରେ ଏହି ଶାସନରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଥାଏ । ଏଥିରେ ସାର୍ବଭୌମ କ୍ଷମତା ଲୋକମାନଙ୍କ ଉପରେ ନ୍ୟସ୍ତ ଥାଏ ।

ପ୍ର.୨. ପ୍ରତ୍ୟକ୍ଷ ଗଣତନ୍ତ୍ର କ'ଣ ?

ଉ: ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣ ପ୍ରତ୍ୟକ୍ଷ ଓ ସକ୍ରିୟ ଭାବେ ଶାସନ ବ୍ୟବସ୍ଥାରେ ଅଂଶ ଗ୍ରହଣ କରନ୍ତି, ତାହାକୁ ପ୍ରତ୍ୟକ୍ଷଗଣତନ୍ତ୍ର କୁହାଯାଏ । ସୁଇଜରଲାଣ୍ଡ ପ୍ରତ୍ୟକ୍ଷ ଗଣତନ୍ତ୍ରର ଦେଶ ଅଟେ । ଏହା ଗଣତନ୍ତ୍ରର ବିଶୁଦ୍ଧ ରୂପେ ଅଟେ ଯାହା ଶାସନବ୍ୟବସ୍ଥାକୁ ଅଧିକ ଦାୟିତ୍ୱଶୀଳ କରିଥାଏ ।

ପ୍ର.୩. ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର କ'ଣ ?ଉ: ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣ ନିଜର ନିର୍ବାଚିତ ପ୍ରତିନିଧିମାନଙ୍କ ମାଧ୍ୟମରେ ଶାସନ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ତାହାକୁ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର କୁହାଯାଏ । ରାଷ୍ଟ୍ରର ଆକାର, ଜନସଂଖ୍ୟା ଓ କାର୍ଯ୍ୟପରିସରରେ ବୃଦ୍ଧି ଯୋଗୁଁ ପ୍ରତ୍ୟକ୍ଷ ଗଣତନ୍ତ୍ରର ବାସ୍ତବ କାର୍ଯ୍ୟକାରୀତା ଅସମ୍ଭବ ହେବାରୁ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ରର ବିକାଶ ସମ୍ଭବ ହୋଇଛି ।

ପ୍ର.୪. ଗଣତନ୍ତ୍ରର ଦୁଇଟି ଲକ୍ଷଣ ଲେଖ ।

ଉ: ଗଣତନ୍ତ୍ରର ଦୁଇଟି ମୁଖ୍ୟ ଲକ୍ଷଣ ହେଉଛି -

(i) ଏହା ଜନମତ ଓ ଜନସମର୍ଥନ ଉପରେ ପ୍ରତିଷ୍ଠିତ ଏକ ଦାୟିତ୍ୱଶୀଳ ଶାସନ ବ୍ୟବସ୍ଥା ଅଟେ ।

(ii) ଏହା ସମାନତା, ସ୍ୱତନ୍ତ୍ରତା ଓ ନ୍ୟାୟ ଉପରେ ପ୍ରତିଷ୍ଠିତ 'ଆଇନର ଶାସନ'ର ରୂପାୟନକାରୀ ଏକ ସଂଗଠନ ଅଟେ ।

**ପ୍ର.୫. ଆରିଷ୍ଟୋଟଲଙ୍କ ମତରେ ବହୁତ ଲୋକଙ୍କ ଦ୍ୱାରା ଶାସିତ ଖରାପ ବ୍ୟବସ୍ଥାକୁ କ'ଣ କୁହାଯାଏ ।**

ଉ: ଆରିଷ୍ଟୋଟଲଙ୍କ ମତରେ ବହୁତ ଲୋକଙ୍କ ଦ୍ୱାରା ଶାସିତ ଖରାପ ବ୍ୟବସ୍ଥାକୁ ଗଣତନ୍ତ୍ର କୁହାଯାଏ ।

**ପ୍ର.୬. ଗଣତନ୍ତ୍ର କାହିଁକି ଏକ ଉତ୍ତରଦାୟୀ ଶାସନବ୍ୟବସ୍ଥା ଅଟେ ?**

ଉ. ଜନପ୍ରିୟ, ସାମୟିକ ଓ ନିୟମିତ ନିର୍ବାଚନ ମାଧ୍ୟମରେ ଏବଂ ଶାନ୍ତିପୂର୍ଣ୍ଣ ଓ ସାମ୍ବିଧାନିକ ଉପାୟରେ ଗଣତନ୍ତ୍ରରେ କ୍ଷମତା ହାସଲ ଓ ହସ୍ତାନ୍ତର କରାଯାଏ । ସଂସଦୀୟ ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଗଠିତ ବ୍ୟବସ୍ଥାପିକା କାର୍ଯ୍ୟପାଳିକା ନିକଟରେ ଉତ୍ତରଦାୟୀ ରୁହେ । ଜନମତର ଚାପରେ ଗଣତାନ୍ତ୍ରିକ ଶାସନ ଉତ୍ତରଦାୟୀ ହୋଇଥାଏ । ସରକାର ବିପଥଗାମୀ ହୋଇପାରନ୍ତି ନାହିଁ । ଶାସନବ୍ୟବସ୍ଥା ଦକ୍ଷ ହୁଏ ।

**ପ୍ର.୭. ପ୍ରତ୍ୟକ୍ଷ ଗଣତନ୍ତ୍ରର ମାଧ୍ୟମଗୁଡ଼ିକ କ'ଣ ?**

ଉ. ପ୍ରତ୍ୟକ୍ଷ ଗଣତନ୍ତ୍ରର ତିନିଗୋଟି ମାଧ୍ୟମ ରହିଛି, ଯଥା – (i) ଗଣମତାମତ ଗ୍ରହଣ ବା ରିଫରେଣ୍ଡମ୍, (ii) ଗଣଉଦ୍ୟୋଗ ବା ଇନିସିଏଟିଭ୍ ଓ (iii) ପ୍ରତ୍ୟାହାର ବା ରିକଲ୍ ।

**ପ୍ର.୮. ଭାରତରେ ଗଣତନ୍ତ୍ର ପ୍ରତି ପ୍ରମୁଖ ଆହ୍ୱାନଗୁଡ଼ିକ କ'ଣ ?**

ଉ. ଭାରତରେ ନିରକ୍ଷରତା, ଲିଙ୍ଗଗତ ଅସମାନତା, ଆଞ୍ଚଳିକତାବାଦ, ନକ୍ସଲବାଦୀ ସମସ୍ୟା ଗଣତନ୍ତ୍ର ପ୍ରତି ପ୍ରମୁଖ ଆହ୍ୱାନ

ଅଟନ୍ତି ।

## ୧.୧୦ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର ।

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ -ଉତ୍ତର:

ପ୍ର.୧ ଅଧ୍ୟାୟର ୧.୧ , ୧.୪.୧ ଓ ୧.୪.୨. ଅଂଶର ପାଠ ଦେଖ ।

ପ୍ର.୨ ଅଧ୍ୟାୟର ୧.୧ ଓ ୧.୫ ଅଂଶର ପାଠ ଦେଖ ।

ପ୍ର.୩ ଅଧ୍ୟାୟର .୧.୬ ଅଂଶର ପାଠ ଦେଖ ।

ପ୍ର.୪ ଅଧ୍ୟାୟର .୧.୭ ଅଂଶର ପାଠ ଦେଖ ।

❖❖❖

**ଦ୍ୱିତୀୟ ଅଧ୍ୟାୟ**

# ଭାରତର ରାଜନୈତିକ ଦଳୀୟ ବ୍ୟବସ୍ଥା

# (PARTY SYSTEM IN INDIA)

---

ସଂରଚନା


୨. ଉଦ୍ଦେଶ୍ୟ

୨.୧ ଭାରତୀୟ ରାଜନୈତିକ ଦଳୀୟ ବ୍ୟବସ୍ଥାର ଚାରିତ୍ରିକ ବୈଶିଷ୍ଟ୍ୟ

୨.୨ ଜାତୀୟ ଦଳ (National Party) ଓ ଆଞ୍ଚଳିକ ଦଳ (Regional Party) - ପାର୍ଥକ୍ୟ

୨.୩ ଭାରତରେ ଆଞ୍ଚଳିକ ରାଜନୈତିକ ଦଳ

୨.୩.୧ ଆଞ୍ଚଳିକ ରାଜନୈତିକ ଦଳର ଉତ୍ଥାନରେ ସହାୟକ କାରଣ

୨.୩.୨ ଆଞ୍ଚଳିକ ଦଳର ଭୂମିକା

୨.୪ ଭାରତରେ ମିଳିତ ବା ମେଣ୍ଟ ରାଜନୀତିର ଭିତ୍ତି

୨.୪.୧ ଭାରତର ପ୍ରମୁଖ ରାଜ୍ୟମାନଙ୍କରେ ମେଣ୍ଟ ରାଜନୀତିର ସ୍ୱରୂପ

୨.୪.୨ ମେଣ୍ଟର ପ୍ରକାରଭେଦ

୨.୫ ସାରାଂଶ

୨.୬ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୨.୭ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର


## ୨. ଉଦ୍ଦେଶ୍ୟ :

ଏହି ପରିଚ୍ଛେଦ ଅଧ୍ୟୟନ ପରେ ଆପଣ....

- ଭାରତରେ ଦଳୀୟ ବ୍ୟବସ୍ଥାର ଚାରିତ୍ରିକ ଲକ୍ଷଣ ବିଷୟରେ ଜାଣିପାରିବେ ।
- ଭାରତରେ ଏକ ଦଳୀୟ ଅଧିପତ୍ୟ ବ୍ୟବସ୍ଥା ସଂପର୍କରେ ଅବଗତ ହେବେ ।
- ଭାରତରେ ମେଣ୍ଟ ରାଜନୀତିର ସ୍ୱରୂପ ଓ ପ୍ରଭାବ ସଂପର୍କରେ ତଥ୍ୟ ପ୍ରାପ୍ତ ହେବ ।
- ଭାରତରେ ଆଞ୍ଚଳିକ ଦଳର କ୍ରମବର୍ଦ୍ଧମାନ ପ୍ରଭାବ ସଂପର୍କରେ ଅବଗତ ହେବେ ।

ପ୍ରତିନିଧିମୂଳକ ଗଣତନ୍ତ୍ର ଦଳୀୟ ଶାସନ ଅଟେ ।ମାକ୍ ଆଇଭରଙ୍କ ମତରେ, "ନିର୍ଦ୍ଦିଷ୍ଟ ନୀତିକୁ ସମର୍ଥନ କରୁଥିବା କୌଣସି ସଂଘ, ସାମ୍ବିଧାନିକ ପଦ୍ଧତିରେ ସଂପୃକ୍ତ ନୀତିକୁ ଶାସନର ଭିତ୍ତି କରି ପାରିଲେ ସଂପୃକ୍ତ ସଂଘକୁ ରାଜନୈତିକ ଦଳ କୁହାଯାଏ ।"ରାଜନୈତିକ ଦଳ ଏକ ନିର୍ଦ୍ଦିଷ୍ଟ ଆଦର୍ଶବାଦ ଉପରେ ପ୍ରତିଷ୍ଠିତ ହୋଇ ଜନସାଧାରଣଙ୍କ ମଙ୍ଗଳବିଧାନ ପାଇଁ କାର୍ଯ୍ୟକରେ ଓ ସାମ୍ବିଧାନିକ ଉପାୟରେ ଶାସନ କ୍ଷମତା ଦଖଲ ପାଇଁ ଉଦ୍ୟମ କରିଥାଏ । ଦଳୀୟ ବ୍ୟବସ୍ଥା ତିନି ପ୍ରକାର - (କ) ଗୋଟିଏ ଦଳ ଥିଲେ ଏକ ଦଳୀୟ ବ୍ୟବସ୍ଥା (ଚୀନର କମ୍ୟୁନିଷ୍ଟ ଦଳ) (ଖ) ଦୁଇଟି ମୁଖ୍ୟ ଦଳ ଥିଲେ ଦ୍ୱିଦଳୀୟ (ଇଂଲଣ୍ଡ ଓ ଆମେରିକା) ଓ (ଗ) ତିନି ବା ଅଧିକ ଦଳ ଥିଲେ ବହୁ ଦଳୀୟ (ଭାରତ, ଫ୍ରାନ୍ସ ଇତ୍ୟାଦି) ।

## ୨.୧ ଭାରତୀୟ ରାଜନୈତିକ ଦଳୀୟ ବ୍ୟବସ୍ଥାର ଚାରିତ୍ରିକ ବୈଶିଷ୍ଟ୍ୟ

ଭାରତ ଏକ ଉଦାରବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥା ହୋଇଥିବାରୁ ଏଠାରେ ବହୁ ଦଳୀୟ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଏହି ବ୍ୟବସ୍ଥାରେ ଉଭୟ ଜାତୀୟ ଓ ଆନ୍ତର୍ଜାତିକ ଦଳ ଗୁଡ଼ିକ ଗଣତାନ୍ତ୍ରିକ କ୍ଷମତା ସଂଘର୍ଷରେ ଲିପ୍ତ ରହିଛନ୍ତି । ଜାତୀୟତାବାଦର ବିକାଶ, ରାଜନୈତିକ ସଚେତନଶୀଳତା ଭାବର ଉଦ୍ରେକ, ଶିକ୍ଷାର ବିକାଶ, ଯୋଗଯୋଗ ମାଧ୍ୟମରେ ଉନ୍ନତି ଇତ୍ୟାଦି ଭାରତରେ ଦଳୀୟ ରାଜନୀତିକୁ ଜନ୍ମ ଦେଇଥିଲା । ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ସର୍ବ ପ୍ରଥମ ରାଜନୈତିକ ଦଳ ରୂପେ ପ୍ରତିଷ୍ଠିତ ହେଲାପରେ ୧୯୦୬ରେ ମୁସ୍‌ଲିମ୍ ଲିଗ୍ ପ୍ରତିଷ୍ଠିତ ହୋଇଥିଲା ।

ଭାରତରେ ଉଭୟ ଜାତୀୟ ଓ ଆଞ୍ଚଳିକ ଦଳ ରହିଛନ୍ତି । ନିର୍ବାଚନ ଆୟୋଗର ନିୟମ ଅନୁଯାୟୀ ସାଧାରଣ ନିର୍ବାଚନରେ ଯେକୌଣସି ଚାରିଗୋଟି ରାଜ୍ୟରେ ମୋଟ କାଏମ୍ ଭୋଟର ସର୍ବନିମ୍ନ ଛଅ ଶତାଂଶ ଭୋଟ ପାଇଥିବା ଦଳକୁ ଜାତୀୟ ଦଳ ରୂପେ ସ୍ୱୀକୃତ ଦିଆଯାଏ । କଂଗ୍ରେସ, ବିଜେପି, ସି.ପି.ଆଇ. ଇତ୍ୟାଦି ଜାତୀୟ ଦଳ ଅଟନ୍ତି । ଅନ୍ୟ ପକ୍ଷରେ ସର୍ବନିମ୍ନ ଗୋଟିଏ ରାଜ୍ୟରେ ସେହି ରାଜ୍ୟର ସାଧାରଣ ନିର୍ବାଚନରେ ମୋଟ କାଏମ୍ ଭୋଟର ସର୍ବନିମ୍ନ ଛଅ ଶତାଂଶ ଭୋଟ ପ୍ରାପ୍ତ ହୋଇଥିବା ଏବଂ ଆଞ୍ଚଳିକ ସ୍ୱାର୍ଥ ଉପରେ ପର୍ଯ୍ୟବେସିତ ଦଳକୁ ଆଞ୍ଚଳିକ ଦଳ କୁହାଯାଏ । ଆନ୍ଧ୍ରପ୍ରଦେଶରେ ତେଲଗୁ ଦେଶମ୍, ଓଡ଼ିଶାରେ ବିଜୁ ଜନତା ଦଳ ଇତ୍ୟାଦି ଆଞ୍ଚଳିକ ଦଳ ଅଟନ୍ତି ।

### ଭାରତରେ ଦଳୀୟ ବ୍ୟବସ୍ଥାର ଲକ୍ଷଣ ।

**(୧) ବହୁଦଳୀୟ ବ୍ୟବସ୍ଥା :** ଭାରତ ଏକ ସାମାଜିକ ବହୁଳବାଦୀ ରାଷ୍ଟ୍ର ହୋଇଥିବାରୁ ଏହା ବହୁଦଳୀୟ ବ୍ୟବସ୍ଥାକୁ ସମର୍ଥନ କରିଥାଏ । ଏଠାରେ ଉଭୟ ଜାତୀୟ ଓ ଆଞ୍ଚଳିକ ଦଳ ରହିଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦଳଗୁଡ଼ିକର ମିଶ୍ରଣ, ବିଭାଜନ ଏବଂ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ରାଜନୈତିକ ବ୍ୟକ୍ତିତ୍ୱ ଓ ସ୍ୱାର୍ଥ ଦୃଷ୍ଟିରୁ ବହୁ ପରିମାଣରେ ରାଜନୈତିକ ଦଳ ପ୍ରତିଷ୍ଠିତ ହେବା ଫଳରେ ରାଜନୈତିକ ଦଳଗୁଡ଼ିକର ସଂଖ୍ୟାବୃଦ୍ଧି ପାଉଛି । ଆଞ୍ଚଳିକ ସ୍ୱାର୍ଥସାଧନ ପାଇଁ ଦିନକୁ ଦିନ ଆଞ୍ଚଳିକ ଦଳର ସଂଖ୍ୟା ଓ ପ୍ରାଧାନ୍ୟ ବୃଦ୍ଧି ପାଉଛି ।

**(୨) ଆଞ୍ଚଳିକ ଦଳର ବିକାଶ :** ସ୍ଥାନୀୟ ସ୍ୱାର୍ଥର ସୁରକ୍ଷା ମାଧ୍ୟମରେ ନିଜର ଜନସମର୍ଥନର ଭିତ୍ତିକୁ ଦୃଢ଼ କରିବା ଏବଂ ରାଜନୈତିକ କ୍ଷମତା ଆହରଣ କରିବା ଲକ୍ଷ୍ୟରେ ଆଞ୍ଚଳିକ ଦଳଗୁଡ଼ିକ ପ୍ରତିଷ୍ଠିତ ହେଉଛନ୍ତି । ମୋରିସ୍ ଜୋନସ୍ ଏହି ଦଳଗୁଡ଼ିକୁ 'ଏକ-ରାଜ୍ୟଦଳ' ରୂପେ ଅଭିହିତ କରିଛନ୍ତି । ଓଡ଼ିଶାରେ ବିଜୁ ଜନତା ଦଳ ମହାରାଷ୍ଟ୍ରରେ ଶିବସେନା, ଆନ୍ଧ୍ରପ୍ରଦେଶରେ ତେଲୁଗୁ ଦେଶମ୍ ଇତ୍ୟାଦି ପ୍ରମୁଖ ରାଜନୈତିକ ଦଳ ହିସାବରେ ଉଭୟ ଜାତୀୟ ଓ ଆଞ୍ଚଳିକ ରାଜନୀତିକୁ ପ୍ରଭାବିତ କରୁଛନ୍ତି । ୧୯୯୦ ମସିହାଠାରୁ ମେଣ୍ଟ ରାଜନୀତିରେ ଆଞ୍ଚଳିକ ଦଳମାନଙ୍କର ପ୍ରଭାବ ବୃଦ୍ଧି ପାଇଛି ।

**(୩) ବ୍ୟକ୍ତି ଓ ବ୍ୟକ୍ତିତ୍ୱବାଦ :** ପ୍ରାୟତଃ ପ୍ରତ୍ୟେକ ରାଜନୈତିକ ଦଳ ଏକ ନିର୍ଦ୍ଦିଷ୍ଟ ନେତାଙ୍କୁ ଆୟୁଧ କରି ପରିଚାଳିତ ହୋଇଥାଏ । ଇନ୍ଦିରା କଂଗ୍ରେସ, ଅକାଳି ଦଳ ବାଦଲ ଗୋଷ୍ଠୀ, ବିଜୁ ଜନତା ଦଳ ଇତ୍ୟାଦି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଆଧାର କରି

ଗଢ଼ି ଉଠିଛି ଓ କାର୍ଯ୍ୟ କରୁଛି । ବର୍ତ୍ତମାନ କଂଗ୍ରେସ ଦଳରେ ସୋନିଆ ଗାନ୍ଧୀ, ତେଲୁଗୁ ଦେଶମ ଦଳରେ ଚନ୍ଦ୍ର ବାବୁ ନାଇଡୁ ଓ ବିଜୁ ଜନତା ଦଳରେ ନବୀନ ପଟ୍ଟନାୟକଙ୍କର ବ୍ୟକ୍ତିତ୍ୱ ଓ ଭୂମିକାକୁ ବିଚାରକୁ ନିଆଯାଇପାରେ ।

**(୪) ରାଜନୈତିକ ଦଳ ବଦଳ :** ଭାରତରେ ଦଳ ବିଭାଜନ ଓ ଦଳବଦଳ ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳରେ ଦେଖାଯାଇଥାଏ । ୧୯୮୫ ମସିହାର ଦଳ ବଦଳ ନିରୋଧ ଆଇନ ବ୍ୟକ୍ତିଗତ ଦଳ ବଦଳକୁ ନିରୁତ୍ସାହିତ କରୁଥିଲେ ମଧ୍ୟ ମିଶ୍ରଣ ବା ବିଭାଜନ ମାଧ୍ୟମରେ ଦଳଗତ ଦଳ ବଦଳକୁ ବନ୍ଦ କରାଯାଇ ପାରିନାହିଁ । ଏହା ରାଜନୈତିକ ଅସ୍ଥିରତା, ଦୁର୍ନୀତି, କ୍ଷମତାର ଅପପ୍ରୟୋଗ ଆଦିକୁ ଉତ୍ସାହିତ କରି ଗଣତନ୍ତ୍ରକୁ ବିପନ୍ନ କରୁଛି ।

**(୫) ଦଳୀୟ ଶୃଙ୍ଖଳାର ଅଭାବ :** କେବଳ କ୍ୟାଡ଼ର ଭିତ୍ତିର କମ୍ୟୁନିଷ୍ଟ ଦଳଗୁଡ଼ିକୁ ଛାଡ଼ିଦେଲେ ପ୍ରାୟତଃ ଅନ୍ୟ ରାଜନୈତିକ ଦଳମାନଙ୍କର ସଭ୍ୟମାନଙ୍କ ମଧ୍ୟରେ ଦଳୀୟ ଶୃଙ୍ଖଳାର ଅଭାବ ଦେଖାଦେଉଛି । ସଭ୍ୟମାନେ 'ଦଳ ବିଦ୍ରୋହୀ' ବା 'ଅସନ୍ତୁଷ୍ଟ' ସଭ୍ୟ ଭାବରେ ଦଳୀୟ ଶୃଙ୍ଖଳାର ବିରୁଦ୍ଧାଚରଣ କରୁଛନ୍ତି । ଏହା ଦଳକୁ ଦୁର୍ବଳ କରୁଛି ଏବଂ ଗୋଷ୍ଠୀବାଦର ବିକାଶ ଘଟାଉଛି ।

**(୬) ସୁବିଧାବାଦୀ ମେଣ୍ଟ ଓ ମେଣ୍ଟ ରାଜନୀତି :** ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ନିର୍ବାଚନ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ମେଣ୍ଟ କରୁଛନ୍ତି । ଏହି ମେଣ୍ଟ କ୍ଷେତ୍ରରେ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ଏବଂ ସୁବିଧାବାଦ ରହିଛି । କୌଣସି ଦଳ କୌଣସି ଦଳ ପାଇଁ ଅସ୍ପୃଶ୍ୟ ହୋଇ ରହୁନାହାଁନ୍ତି । ବର୍ତ୍ତମାନ କେନ୍ଦ୍ରରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ ଏବଂ ଓଡ଼ିଶାରେ ବିଜେଡ଼ି-ବିଜେପି ମେଣ୍ଟ ସରକାର ଚାଲିଛି ।

**(୭) ସଂଗଠିତ ବିରୋଧୀଦଳ :** ଯେତେବେଳେ ବହୁଦଳୀୟ ବ୍ୟବସ୍ଥା ସତ୍ତ୍ୱେ ଗୋଟିଏ ଦଳର ପ୍ରାଧାନ୍ୟ ପ୍ରତିଷ୍ଠିତ ଥିଲା ସେତେବେଳ ପର୍ଯ୍ୟନ୍ତ ଏକ ଦୃଢ଼ ବିରୋଧୀ ଦଳର ଅନୁପସ୍ଥିତି ଥିଲା । କିନ୍ତୁ ନବେଦଶକର ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରରେ ଏକ ସଂଗଠିତ ଦୃଢ଼ ବିରୋଧୀ ଦଳର ଉପସ୍ଥିତି ଦେଖିବାକୁ ମିଳୁଛି । ୧୯୯୧ ଓ ୧୯୯୬ରେ କେନ୍ଦ୍ରରେ ବିଜେପି ଦଳ ଏବଂ ୧୯୯୮ ଓ ୧୯୯୯ରେ କେନ୍ଦ୍ରରେ ସ୍ୱୀକୃତି ପ୍ରାପ୍ତ ବିରୋଧୀଦଳର ଭୂମିକା ଗ୍ରହଣ କରିଥିଲା । ବର୍ତ୍ତମାନ ଲୋକସଭାରେ ଏଲ୍.କେ. ଆଡ଼ଭାନୀଙ୍କ ନେତୃତ୍ୱରେ ବିଜେପି ଓ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ ବିରୋଧୀ ଦଳର ଭୂମିକା ଗ୍ରହଣ କରିଛି ।

**(୮) ଗଣତାନ୍ତ୍ରିକ ଭିତ୍ତିଭୂମିର ଅନୁପସ୍ଥିତ :** କୌଣସି ରାଜନୈତିକ ଦଳର ଆଭ୍ୟନ୍ତରୀଣ ସଂଗଠନ ଗଣତାନ୍ତ୍ରିକ ନୀତିରେ ପରିଚାଳିତ ହେଉନାହିଁ । ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା କେନ୍ଦ୍ରୀକୃତ ହୋଇଯାଇଛି । ଦଳର ମୁଖ୍ୟଙ୍କ ମନୋନୀତ ବ୍ୟକ୍ତିମାନଙ୍କୁ ନେଇ ଦଳୀୟ ସଂଗଠନ ଗଠିତ ଓ ପରିଚାଳିତ ହେଉଛି । ଦଳରେ 'ହାଇକମାଣ୍ଡ' ସଂସ୍କୃତିର ଆବିର୍ଭାବ ଦଳଗୁଡ଼ିକୁ ଅଗଣତାନ୍ତ୍ରିକ ଭାବେ ସଂଗଠିତ କରୁଛି ।

ଉପରୋକ୍ତ ମୁଖ୍ୟ ବିଶେଷତ୍ୱ ସହ ଭାରତୀୟ ରାଜନୈତିକ ଦଳୀୟ ବ୍ୟବସ୍ଥାରେ ଆଦର୍ଶବାଦୀ ଭିତ୍ତି ଭୂମିର ଦୁର୍ବଳତା ପରିଲକ୍ଷିତ ହେଉଛି ଓ ପ୍ରତ୍ୟେକ ଦଳ ତୃଷ୍ଟିକରଣ ରାଜନୀତ (Politics of Populism)ର ପ୍ରୟୋଗ କରି ନିଜର ଜନସମର୍ଥନର ଭିତ୍ତି ଦୃଢ଼ କରୁଛନ୍ତି ।

## ୨.୨ ଜାତୀୟ ଦଳ (National Party) ଓ ଆଞ୍ଚଳିକ ଦଳ (Regional Party) ପାର୍ଥକ୍ୟ

ଭାରତରେ ପ୍ରଚଳିତ ବହୁଦଳୀୟ ବ୍ୟବସ୍ଥାରେ ଉଭୟ ଜାତୀୟ ଓ ଆଞ୍ଚଳିକ ଦଳମାନ ରହିଛନ୍ତି । ପ୍ରତ୍ୟେକ ଦଳ ନିର୍ବାଚନ ଆୟୋଗ ଦ୍ୱାରା ପଞ୍ଜିକୃତ ଓ ସେମାନଙ୍କର ଦଳୀୟ ଚିହ୍ନ ମଧ୍ୟ ସ୍ୱୀକୃତିପ୍ରାପ୍ତ ।

ଜାତୀୟ ଦଳ - ଏହା ସର୍ବଭାରତୀୟ ସଂଗଠନ ଅଟେ । ନିର୍ବାଚନ ଆୟୋଗଙ୍କ ୨୦୦୦ ମସିହା ଡ଼ିସେମ୍ବର ୨ ତାରିଖରେ ଘୋଷିତ ନିୟମ ଅନୁଯାୟୀ ଗୋଟିଏ ଦଳକୁ ଜାତୀୟ ଦଳର ମାନ୍ୟତା ମିଳିବ ଯଦି (କ) ଏହା ଲୋକସଭା ସାଧାରଣ ନିର୍ବାଚନରେ ପ୍ରାପ୍ତ ମୋଟ କାଏମ୍ ଭୋଟର ଶତକଡ଼ା ଛଅ ଭୋଟ ଚାରିଗୋଟି କିମ୍ବା ଅଧିକ ରାଜ୍ୟରୁ ପ୍ରାପ୍ତ ହୋଇଥାଏ ଏବଂ ଏକ ବା ଏକାଧିକ ରାଜ୍ୟରୁ ଅତିକମ୍‌ରେ ୪ଟି ଲୋକସଭା ଆସନ ଜିତିଥାଏ ; କିମ୍ବା, (ଖ) ଅତି କମ୍‌ରେ ତିନିଗୋଟି ବିଭିନ୍ନ ରାଜ୍ୟର ଲୋକସଭା ଆସନରୁ ଅନ୍ୟୁନ ଶତକଡ଼ା ଦୁଇ ଆସନ ଜିତିଥାଏ । ଏହି ଦଳଗୁଡ଼ିକ ଜାତୀୟ ନୀତି ଓ ଆଦର୍ଶ ଉପରେ ପ୍ରତିଷ୍ଠିତ ।

ଆଞ୍ଚଳିକ ଦଳ - ଗୋଟିଏ ରାଜ୍ୟର ସ୍ଵତନ୍ତ୍ର ଆବଶ୍ୟକତା, ଆଞ୍ଚଳିକ ବୈଷମ୍ୟର ବିଲୋପ, ରାଜ୍ୟମାନଙ୍କ ସ୍ଵତନ୍ତ୍ର ପରିଚୟ ସୃଷ୍ଟି ଆଦି କାରଣରୁ ଆଞ୍ଚଳିକ ଦଳ ଗୁଡ଼ିକର ସୃଷ୍ଟି ହୋଇଛି । ଏହି ଦଳଗୁଡ଼ିକ ଗୋଟିଏ ବା ଦୁଇଟି ରାଜ୍ୟରେ କାର୍ଯ୍ୟ କରିଥାଏ । ଗୋଟିଏ ଦଳ ସେହି ରାଜ୍ୟର ମୋଟ କାଏମ୍ ଭୋଟର ଶତକଡ଼ା ଛଅ ଭୋଟ ପାଇଲେ କିମ୍ବା ସେହି ରାଜ୍ୟ ବିଧାନସଭାର ମୋଟ ଆସନ ସଂଖ୍ୟାର ଶତକଡ଼ା ତିନି ଆସନ ଅଧିକାର କଲେ, କିମ୍ବା ବିଧାନ ସଭାରେ ଅନ୍ୟୁନ ତିନିଗୋଟି ଆସନ ପ୍ରାପ୍ତ ହେଲେ ତାହାକୁ ନିର୍ବାଚନ ଆୟୋଗ ଆଞ୍ଚଳିକ ଦଳ ରୂପେ ସ୍ଵୀକୃତି ଦିଅନ୍ତି । ଏହି ସର୍ତ୍ତ ହରାଇ ବସିଲେ ସ୍ଵୀକୃତି ମଧ୍ୟ ପ୍ରତ୍ୟାହାର କରାଯାଇପାରେ ।

## ୨.୩ ଭାରତରେ ଆଞ୍ଚଳିକ ରାଜନୈତିକ ଦଳ

ଭାରତରେ ଏକ ବହୁଦଳୀୟ ବ୍ୟବସ୍ଥା କାର୍ଯ୍ୟ କରୁଛି । ଏକ ଦଳୀୟ ଆଧିପତ୍ୟର ଅବସାନ ଘଟିଛି । ଜନପ୍ରିୟ କ୍ଷମତାର କେନ୍ଦ୍ରୀକରଣ ପରିବର୍ତ୍ତେ ତାହାର ବିକେନ୍ଦ୍ରୀକରଣ ହୋଇଛି । ସଂଘୀୟ ବ୍ୟବସ୍ଥାରେ 'ରାଜନୈତିକ ମୂଲଚାଲ' (Political bargaining) ବୃଦ୍ଧି ପାଇଛି । କେନ୍ଦ୍ର-ରାଜ୍ୟ ସଂପର୍କର ପୁନର୍ବିନ୍ୟାସ ଘଟିଛି । ଆଞ୍ଚଳିକ ବିକାଶ କ୍ଷେତ୍ରରେ ପ୍ରତିଯୋଗୀତା ଓ ସଚେତନତା ବୃଦ୍ଧି ପାଉଛି । ଏହା ଜାତୀୟ ରାଜନୈତିକ ଦଳଙ୍କ ସହ ସମାନ ଗୁରୁତ୍ଵପୂର୍ଣ୍ଣ ସ୍ଥିତିରେ ଥିବା ଆଞ୍ଚଳିକ ରାଜନୈତିକ ଦଳମାନ ସୃଷ୍ଟି ହେବାରେ ସହାୟକ ହୋଇଛି । ଭାରତରେ ଆନ୍ଧ୍ରପ୍ରଦେଶରେ ତେଲୁଗୁଦେଶମ୍, ପଞ୍ଜାବରେ ଅକାଳୀଦଳ, ଓଡ଼ିଶାରେ ବିଜୁ ଜନତା ଦଳ, ଜାମ୍ମୁ ଓ କାଶ୍ମୀରରେ ନେସ୍‌ନାଲ କନ୍‌ଫରେନସ୍, ତାମିଲନାଡୁରେ ଡ଼ି.ଏମ୍.କେ.,ଆନ୍ନା.ଡ଼ି.ଏମ୍.କେ ଆଦି ପ୍ରମୁଖ ଆଞ୍ଚଳିକ ଦଳର ମର୍ଯ୍ୟାଦା ବହନ କରୁଛନ୍ତି ।

### ୨.୩.୧ ଆଞ୍ଚଳିକ ରାଜନୈତିକ ଦଳର ଉତ୍ଥାନରେ ସହାୟକ କାରଣ :

**(୧) ସାଂସ୍କୃତିକ ବହୁଳତାବାଦ (Cultural Pluralism)**- ଭାରତୀୟ ସମାଜରେ ବିବିଧ ସାଂସ୍କୃତିକ-ଧାର୍ମିକ-ଭାଷାଗତ-ଜାତିଗତ ଗୋଷ୍ଠୀ ରହିଥିବାରୁ ଡ଼ି.ଏମ୍.କେ., ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା, ମିଜୋ ନ୍ୟାସନାଲ ଫ୍ରଣ୍ଟ ଆଦି ଆଞ୍ଚଳିକଦଳର ସୃଷ୍ଟି ସମ୍ଭବ ହୋଇଛି ।

**(୨) ଧାର୍ମିକ ଉପାଦାନ** - ଭାରତରେ ବିଭିନ୍ନ ଧାର୍ମିକ ସଂପ୍ରଦାୟ ଥିବାରୁ ବିଭିନ୍ନ ଆଞ୍ଚଳିକଦଳ ଯଥା- ମୁସଲିମ୍‌ଲିଗ୍, ହିନ୍ଦୁ ମହାସଭା, ଅକାଳି ଦଳ ଆଦିର ଜନ୍ମ ହୋଇଛି ।

**(୩) ଆଞ୍ଚଳିକ ବୈଷମ୍ୟ** - ଭାରତୀୟ ସଂଘୀୟ ବ୍ୟବସ୍ଥାରେ ବିଭିନ୍ନ ଅଞ୍ଚଳର ଉନ୍ନତି କ୍ଷେତ୍ରରେ ପାତର ଅନ୍ତର ନୀତି ବ୍ୟାପକ ତାରତମ୍ୟ ଦେଖାଯାଉଥିବାରୁ ଏହି ସବୁର ପ୍ରତିଫଳନ ତଥା ସୁରକ୍ଷା ପାଇଁ ଆସାମ ଗଣପରିଷଦ, ନେସ୍‌ନାଲ୍ କନ୍‌ଫରେନସ୍ ଆଦି ଆଞ୍ଚଳିକ ଦଳର ସ୍ଥିତି ସମ୍ଭବ ହୋଇଛି ।

**(୪) ରାଜନୈତିକ ବିଭାଜନ (Political Splits)**- ଜାତୀୟ ଦଳର ଆଞ୍ଚଳିକ ସଙ୍ଗଠନରେ ଅସନ୍ତୁଷ୍ଟମାନେ ଦଳ ବିଭାଜନ କରି ଆଞ୍ଚଳିକ ସ୍ତରରେ ସ୍ୱତନ୍ତ୍ର ପରିଚୟ ସହ ଆଞ୍ଚଳିକ ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟକରିବା ଫଳରେ ଆଞ୍ଚଳିକ ଦଳ ସୃଷ୍ଟି ହେଉଛି । କେରଳ କଂଗ୍ରେସ, ତୃଣମୂଳ କଂଗ୍ରେସ, ସଂଯୁକ୍ତ ଜନତା ଦଳ, ବିଜୁ ଜନତା ଦଳ ଆଦି ଏହାର ଉଦାହରଣ ଅଟେ ।

**(୫) ବ୍ୟକ୍ତିତ୍ୱ କନ୍ଦଳ (Personality Cult)**- ବିଭିନ୍ନ ଜାତୀୟ ଦଳରେ ନେତୃତ୍ୱ କନ୍ଦଳ ଦେଖାଯିବା ଫଳରେ କେତେକ ନେତା ନିଜସ୍ୱ ପରିଚୟ ପାଇଁ ଆଞ୍ଚଳିକ ଦଳ ଗଠନ କରୁଛନ୍ତି । ଶରଦ ପାୱାରଙ୍କ ନେତୃତ୍ୱରେ ମହାରାଷ୍ଟ୍ରରେ, ମମତାବାନାର୍ଜୀଙ୍କ ନେତୃତ୍ୱରେ ପଶ୍ଚିମ ବଙ୍ଗଳାରେ ବିଭିନ୍ନ ଆଞ୍ଚଳିକ ଦଳ ସୃଷ୍ଟି ହେଉଛି ।

**(୬) ଜାତିଗତ ଉପାଦାନ**- ଭାରତୀୟ ରାଜନୀତିରେ ଜାତିର ପ୍ରଭାବ ତୀବ୍ର ଅଟେ । 'ଜାତି' ଏକ ପ୍ରମୁଖ ରାଜନୈତିକ ଦଳ ହିସାବରେ ଗୃହୀତ ହୋଇଥାଏ । ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଗୋଟିଏ ଜାତିର ପ୍ରାଧାନ୍ୟକୁ ବିଚାରକୁ ନେଇ ଆଞ୍ଚଳିକ ଦଳ ସୃଷ୍ଟି ହେଉଛି । ବହୁଜନ ସମାଜ ପାର୍ଟି, ରିପବ୍ଲିକାନ୍ ପାର୍ଟି, ଆଦି ଏହାର ଉଦାହରଣ ଅଟେ ।'

**(୭) କ୍ଷମତା ବିକେନ୍ଦ୍ରୀକରଣ ନୀତି** - ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ରର ପ୍ରାଧାନ୍ୟ ଯୋଗୁଁ କେନ୍ଦ୍ରୀକରଣ ନୀତି ବିରୁଦ୍ଧରେ କ୍ଷମତାର ବିକେନ୍ଦ୍ରୀକରଣ ଲକ୍ଷ୍ୟରେ ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ବୃଦ୍ଧି ପାଉଛି । ଏହି ଦଳଗୁଡ଼ିକ ରାଜ୍ୟମାନଙ୍କ ପାଇଁ ଅଧିକ କ୍ଷମତା ଦାବୀ କରୁଛନ୍ତି । ଡ଼ି.ଏମ୍.କେ., ତେଲୁଗୁ ଦେଶମ, ଆକାଳୀ ଦଳ, ଆସାମ ଗଣ ପରିଷଦ ଆଦି ଏହାର ଉଦାହରଣ ଅଟନ୍ତି ଓ ସେମାନେ ନିଜ ନିଜ ରାଜ୍ୟରେ ଅତ୍ୟନ୍ତ ପ୍ରଭାବଶାଳୀ ଅଟନ୍ତି ।

**(୮) ବଳିଷ୍ଠ ଆଦର୍ଶଗତ ପାର୍ଥକ୍ୟ ହୀନତା**- ଉଭୟ ଜାତୀୟ ଓ ଆଞ୍ଚଳିକ ଦଳମାନଙ୍କ ମଧ୍ୟରେ ଆଦର୍ଶଗତ ପାର୍ଥକ୍ୟ ପ୍ରାୟତଃ ଦେଖାଯାଏ ନାହିଁ । କେତେକ ଜାତୀୟ ଦଳ ଆଞ୍ଚଳିକ ସ୍ତରରେ ନିଜର ଦୃଢ଼ ଭିତ୍ତି ପାଇଁ ଆଞ୍ଚଳିକ ଦଳ ପରି ବ୍ୟବହାର ପ୍ରଦର୍ଶନ କରିଥା'ନ୍ତି ।

## ୨.୩.୨ ଆଞ୍ଚଳିକ ଦଳର ଭୂମିକା :

ଡ଼.କେ.ଆର୍. ବମ୍ବୁଆଲଙ୍କ ମତରେ ଆଞ୍ଚଳିକ ଦଳଗୁଡ଼ିକ ଭାରତରେ ରାଜନୀତିର ନୂତନ ସମୀକରଣ କରାଇଛନ୍ତି ଓ ଉଭୟ ଜାତୀୟ ଓ ରାଜ୍ୟ ରାଜନୀତିରେ ଏହାର ସୁଦୂର ପ୍ରସାରୀ ପ୍ରଭାବ ପଡ଼ିଛି । ପ୍ରଥମତଃ, ଭାରତରେ ଥିବା ଏକ ଦଳ ପ୍ରାଧାନ୍ୟ ବ୍ୟବସ୍ଥାର ଅନ୍ତଃ ଘଟି ମେଣ୍ଟ-ରାଜନୀତି ସହ ଆଞ୍ଚଳିକ ଦଳଗୁଡ଼ିକର ନିର୍ଣ୍ଣୟକାରୀ ଭୂମିକା ବୃଦ୍ଧି ପାଇଛି । ଦ୍ୱିତୀୟତଃ, ଆଞ୍ଚଳିକ ଦଳଗୁଡ଼ିକର ପ୍ରଭାବରୁ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସହ ରାଜ୍ୟମାନେ ମଧ୍ୟ ବିଶେଷ କ୍ଷମତା ଉପଭୋଗ କରି ସଂଘୀୟ ବ୍ୟବସ୍ଥାକୁ ମଜବୁତ କରିପାରିଛନ୍ତି । ଏହା ଫଳରେ କେନ୍ଦ୍ର-ରାଜ୍ୟ ସଂପର୍କ ଅଧିକ ଉନ୍ନତ ହୋଇପାରିଛି । ତୃତୀୟତଃ, ଉଦାରବାଦୀ-ଗଣତନ୍ତ୍ରିକ ବ୍ୟବସ୍ଥାରେ ତୃଣମୂଳ ସ୍ତରରେ ରାଜନୈତିକ ପ୍ରକ୍ରିୟାରେ ଜନପ୍ରିୟ ଅଂଶଗ୍ରହଣର ଅଧିକ ସୁଯୋଗ ସୃଷ୍ଟି ପାଇଁ ଆଞ୍ଚଳିକ ଦଳଗୁଡ଼ିକ ସକ୍ଷମ ହୋଇଛନ୍ତି । ଆଞ୍ଚଳିକ ଦଳମାନଙ୍କର ସଂଖ୍ୟା ଓ ନିର୍ବାଚନ ରାଜନୀତିରେ ସେମାନଙ୍କର ପ୍ରଭାବକୁ ବିଚାରକୁ ନେଇ ଜାତି-ଗଠନ ପ୍ରକ୍ରିୟାରେ ବିଭିନ୍ନତା ମଧ୍ୟରେ ଏକତା ପ୍ରତିଷ୍ଠାର ଲକ୍ଷ୍ୟ ହାସଲ କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱତଃ ସ୍ୱୀକାର କରାଯାଉଛି । ଅଧିକାଂଶ ରାଜ୍ୟ-ନିର୍ବାଚନରେ ଆଞ୍ଚଳିକ ଦଳମାନେ ସେମାନଙ୍କର ନେତୃତ୍ୱ ପ୍ରତିପାଦନ କରିଥିବା ବେଳେ କେନ୍ଦ୍ରର ମେଣ୍ଟ-ରାଜନୀତିରେ ମଧ୍ୟ ସେମାନଙ୍କର ଭୂମିକା ବୃଦ୍ଧି ପାଉଛି ।

## ୨.୪ ଭାରତରେ ମିଳିତ ବା ମେଣ୍ଟ ରାଜନୀତିର ଭିତ୍ତି

ଭାରତୀୟ ରାଜନୀତିରେ 1947 ଠାରୁ 1967 ମସିହା ପର୍ଯ୍ୟନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ କଂଗ୍ରେସ ଦଳର ପ୍ରାଧାନ୍ୟ ଥିବା ସତ୍ତ୍ୱେ ଏହା ମଧ୍ୟ ଏକ ବୃହତ୍ ମେଣ୍ଟର ଚରିତ୍ର ଗ୍ରହଣ କରିଥିଲା । କଂଗ୍ରେସର ଆଦର୍ଶକୁ ବାମପନ୍ଥୀ ତଥା ଅନ୍ୟାନ୍ୟ ଗୋଷ୍ଠୀ

ଓ ରାଜନୈତିକ ଦଳମାନେ ମଧ୍ୟ ସମ୍ମାନ ଦେଇଥିଲେ । କଂଗ୍ରେସ ସଙ୍ଗଠନର ମେଣ୍ଟ ପ୍ରକୃତି ଉଭୟ ଆଭ୍ୟନ୍ତରୀଣ ଓ ଆନ୍ତଃଦଳୀୟ ପ୍ରତିଯୋଗିତାମୂଳକ ମେଣ୍ଟ ଢାଞ୍ଚାର ରୂପାୟନ କରିଥିଲା । ଅଣ-କଂଗ୍ରେସ ଦଳମାନେ କଂଗ୍ରେସ ଦଳ ମଧ୍ୟରେ ଥିବା ଅସନ୍ତୁଷ୍ଟ ଗୋଷ୍ଠୀ ସହ କରିଥିବା ମେଣ୍ଟର ପ୍ରମାଣ 1969 ମସିହାରେ ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀଙ୍କର ପରାଜୟରୁ ମିଳିଥାଏ । କିନ୍ତୁ ଭାରତରେ ଏହି ମେଣ୍ଟ ରାଜନୀତିର ପ୍ରଭାବରୁ ଗଠିତ ସରକାରର ମୂଳଭିତ୍ତି ପ୍ରାକ୍-ସ୍ୱାଧୀନତା ସମୟରେ ମଧ୍ୟ ରହିଥିଲା । 1946 ମସିହା ଅକ୍ଟୋବର 25 ତାରିଖରେ କଂଗ୍ରେସ ଓ ମୁସଲିମ୍ ଲିଗ୍‌ର 14 ଜଣିଆ ମେଣ୍ଟ ସରକାର ମଧ୍ୟବର୍ତ୍ତିକାଳୀନ ସରାର ହିସାବରେ କାର୍ଯ୍ୟ ସମ୍ପାଦନ କରିଥିଲା । ସ୍ୱାଧୀନତା ପରେ 1969 ମସିହାରେ କଂଗ୍ରେସ ଦଳରେ ବିଭାଜନ ପରେ କେନ୍ଦ୍ର ସ୍ତରରେ ଶାସକ କଂଗ୍ରେସ, ସି.ପି.ଆଇ. ଓ ଡି.ଏମ୍.କେ ମଧ୍ୟରେ ଏକ ସ୍ଥିର ମେଣ୍ଟ ପ୍ରତିଷ୍ଠିତ ହୋଇଥିଲା । କିନ୍ତୁ ବିଧିବଦ୍ଧଭାବେ କେନ୍ଦ୍ରରେ ପ୍ରଥମ ମେଣ୍ଟ ସରକାର ମାର୍ଚ୍ଚ 24, 1977 ରୁ ମାର୍ଚ୍ଚ 28,1979 ପର୍ଯ୍ୟନ୍ତ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ତାତ୍ତ୍ୱିକ ଦୃଷ୍ଟିରୁ ବିବେଚନା କଲେ ଏହା ଏକ ମେଣ୍ଟ ସରକାର ନଥିଲା, କାରଣ ଜନତାଦଳର ଚାରିଗୋଟି ଅଂଶୀଦାର ଦଳ ନିର୍ବାଚନ ପୂର୍ବରୁ ଏକାଠି ମିଶି ଜନତାଦଳର ନାମରେ ଗୋଟିଏ ନିର୍ବାଚନ ସଙ୍କେତ ଓ ଇସ୍ତାହାରରେ ନିର୍ବାଚନ ଲଢ଼ି କ୍ଷମତାକୁ ଆସିଥିଲେ । ଦ୍ୱିତୀୟ ମେଣ୍ଟ ସରକାର ଚରଣ ସିଂହଙ୍କ ନେତୃତ୍ୱରେ ଜୁଲାଇ 28, 1979 ଜାନୁୟାରୀ 14,1980 ମଧ୍ୟରେ କାର୍ଯ୍ୟ କରିଥିବାବେଳେ ତୃତୀୟ ମେଣ୍ଟ ସରକାର ଡିସେମ୍ବର 2, 1989 ନଭେମ୍ବର 10,1990 ମଧ୍ୟରେ ଭି.ପି. ସିଂହଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ଭି.ପି. ସିଂହଙ୍କ ସରକାର ଆସ୍ଥା ଭୋଟରେ ପରିଚାଳିତ ହେବାପରେ ଚତୁର୍ଥ ମେଣ୍ଟ ସରକାର ଚନ୍ଦ୍ରଶେଖରଙ୍କ ନେତୃତ୍ୱରେ ଗଠିତ ହୋଇ । 1990 ନଭେମ୍ବର 11 ରୁ 1991 ଜୁଲାଇ 21 ପର୍ଯ୍ୟନ୍ତ କ୍ଷମତାରେ ରହିଥିଲା । ପଞ୍ଚମ ମେଣ୍ଟ ସରକାର ଏଚ୍.ଡି.ଦେବେଗୌଡ଼ାଙ୍କ ନେତୃତ୍ୱରେ ସଂଯୁକ୍ତ ସାମ୍ମୁଖ୍ୟ ସରକାର ନାମରେ 1996 ଜୁନ୍ 1 ରୁ 1997 ଏପ୍ରିଲ 20 ପର୍ଯ୍ୟନ୍ତ କେନ୍ଦ୍ରରେ କାର୍ଯ୍ୟରତ ଥିଲା । ବି.ଜେ.ପି. କ୍ଷମତାକୁ ବଳୟ ମଧ୍ୟରୁ ବାହାରେ ରଖିବାର ଲକ୍ଷ୍ୟନେଇ 13 ଗୋଟି ଦଳର ମିଶ୍ରଣରେ ସଂଯୁକ୍ତ ସାମ୍ମୁଖ୍ୟ ଗଠିତ ହୋଇଥିଲା । କିନ୍ତୁ ରାଜନୈତିକ ଉଦ୍ଦେଶ୍ୟରେ କଂଗ୍ରେସର ସମର୍ଥନ ପ୍ରତ୍ୟାହାର ବିଷୟ ସୀତାରାମ କେଶରୀ ଘୋଷଣା କରିବା ଏବଂ ନିଜ ଦଳର ଅନ୍ତଃ-ବିବାଦ ଫଳରେ ଦେବେଗୌଡ଼ା ସରକାରର ପତନ ଘଟିଲା । ଷଷ୍ଠ ମେଣ୍ଟ ସରକାର ଇନ୍ଦର୍ କୁମାର ଗୁଜୁରାଲଙ୍କ ନେତୃତ୍ୱରେ 1997 ଏପ୍ରିଲ୍ 21 ଠାରୁ 1988 ମାର୍ଚ୍ଚ 19 ପର୍ଯ୍ୟନ୍ତ ଦ୍ୱିତୀୟ ତଥା ଏକ ନୂତନ ସଂଯୁକ୍ତ ସାମ୍ମୁଖ୍ୟ ମେଣ୍ଟ ରୂପରେ କଂଗ୍ରେସର ସମର୍ଥନ ପ୍ରତ୍ୟାହାର, ଷ୍ଟିଅରିଂ କମିଟିର ମାତ୍ରାଧିକ ହସ୍ତକ୍ଷେପ ଆଦି ଗୁଜୁରାଲ ସରକାରର ପତନ ପାଇଁ ପଥ ଉନ୍ମୁକ୍ତ କରିଦେଲା । ସପ୍ତମ ମେଣ୍ଟ ସରକାର ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଦ୍ୱାଦଶ ଲୋକସଭା ପରିପ୍ରେକ୍ଷୀରେ 1988 ମାର୍ଚ୍ଚ 19 ରେ ଗଠିତ ମେଣ୍ଟ ଭାରତରେ ମେଣ୍ଟ ରାଜନୀତିରେ କେତେକ ପରିବର୍ତ୍ତନ ଓ ନୂତନତ୍ୱ ଆଣିଥିଲା । ନିର୍ବାଚନ ପୂର୍ବବର୍ତ୍ତୀ ମେଣ୍ଟ ଓ ଏକ ବୃହତ୍ ଦଳର ନେତୃତ୍ୱରେ ଗଠିତ ମେଣ୍ଟର ସ୍ଥାୟିତ୍ୱ ଅଧିକ ବୋଲି ପ୍ରମାଣିତ ହେଲା । କିନ୍ତୁ 1999 ଫେବୃୟାରୀ ମାସରେ ଓମ୍‌ପ୍ରକାଶ ଚୌତାଲଙ୍କ ନେତୃତ୍ୱାଧୀନ ଭାରତୀୟ ଜାତୀୟ ଲୋକଦଳ ଓ ସେହିବର୍ଷ ଏପ୍ରିଲ 14 ତାରିଖରେ ଜୟଲଳିତାଙ୍କ ନେତୃତ୍ୱାଧୀନ ଆନ୍ନା ଡି.ଏମ୍.କେ.ର ସମର୍ଥନ ପ୍ରତ୍ୟାହାର ଫଳରେ ବାଜପେୟୀ ସରକାର ଆସ୍ଥା ଭୋଟରେ 269-270 ଭୋଟରେ ପରାଜିତ ହୋଇ କ୍ଷମତାଚ୍ୟୁତ ହେଲା । ଅଷ୍ଟମ ମେଣ୍ଟ ସରକାର ତ୍ରୟୋଦଶ ଲୋକସଭା ପରିପ୍ରେକ୍ଷୀରେ ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱରେ 1999 ଅକ୍ଟୋବର 11 ତାରିଖଠାରୁ କାର୍ଯ୍ୟ ଆରମ୍ଭ କଲା । ଏହା ବିଜେପି ନେତୃତ୍ୱରେ ପରିଚାଳିତ ଏକ 24 ଦଳିଆ ମେଣ୍ଟ ସରକାର ଅଟେ । ସପ୍ତମ ମେଣ୍ଟ ସରକାରରେ ଏକ ବିକଳ୍ପ ଆଶାରେ ଜୟଲଳିତାଙ୍କ ସମର୍ଥନ ପ୍ରତ୍ୟାହାର କରିଥିବାବେଳେ ବର୍ତ୍ତମାନର ଅଷ୍ଟମ ମେଣ୍ଟସରକାରରେ ସମର୍ଥନ ପ୍ରତ୍ୟାହାର କେବଳ ବାଜପେୟୀ ସରକାରର ପତନ ଓ ନୂତନ ନିର୍ବାଚନପାଇଁ ପଥ ଉନ୍ମୁକ୍ତ କରିବା ଭୟରେ ଏହା ପ୍ରାୟତଃ ସ୍ଥିର ଓ ଦୃଢ଼ ରହିଛି ।

**୨.୪.୧ ଭାରତର ପ୍ରମୁଖ ରାଜ୍ୟମାନଙ୍କରେ ମେଣ୍ଟ ରାଜନୀତିର ସ୍ୱରୂପ :**

'ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ଯୋଗେଶ ବାଜପେୟୀଙ୍କ ପ୍ରକାଶିତ ଏକ ପ୍ରବନ୍ଧରୁ ଏହା ସୂଚିତ ହୁଏ ଯେ 1977 ମାର୍ଚ୍ଚ ମାସରୁ 1996 ମାର୍ଚ୍ଚ ମାସ ମଧ୍ୟରେ ଗଠିତ 138 ଟି ରାଜ୍ୟ ସରକାରଙ୍କ ମଧ୍ୟରୁ 84 ଗୋଟି ଏକଦଳୀୟ ସରକାର ହାରାହାରି 41 ମାସ କାର୍ଯ୍ୟରତ ରହିଥିବାବେଳେ 40 ଗୋଟି ମେଣ୍ଟ ସରକାରର ହାରାହାରି କାର୍ଯ୍ୟକାଳ 26 ମାସ କାର୍ଯ୍ୟରତ ଥିଲା । ଏହା ମେଣ୍ଟ ସରକାରର ଦୁର୍ବଳ ସ୍ଥିତିକୁ ସୂଚିତ କରିଥାଏ । କିନ୍ତୁ ପଶ୍ଚିମବଙ୍ଗ, କେରଳ ଓ ତ୍ରିପୁରାରେ ଗଠିତ ପ୍ରାକ୍-ନିର୍ବାଚନୀ ମେଣ୍ଟ ସେଠାରେ ମେଣ୍ଟ ସରକାର ଦୀର୍ଘ ସ୍ଥାୟିତ୍ୱ ଓ ସ୍ଥିରତାକୁ ପ୍ରମାଣିତ କରିଥାଏ ।

ହରିୟାନାରେ ଏକ ସଂଯୁକ୍ତ ସାମ୍ମୁଖ୍ୟ ମେଣ୍ଟ ସରକାର ରାଓ ବିରେନ୍ଦ୍ର ସିଂହଙ୍କ ନେତୃତ୍ୱରେ 1996 ରେ ଗଠିତ ହୋଇ ଅନେକ ରାଜନୈତିକ ଦଳବଦଳ ସତ୍ତ୍ୱେ 1967 ନଭେମ୍ବର 21 ତାରିଖ ପର୍ଯ୍ୟନ୍ତ କ୍ଷମତା ଆସନରେ ରହିଥିଲା । ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପରେ ଦଳବଦଳ ଓ ପ୍ରତିଦଳବଦଳରେ ଶିକାର ହୋଇ ବିଧାନସଭା ଭଙ୍ଗ ହୋଇ ସାନି ନିର୍ବାଚନ ହେବା ଫଳରେ 1972 ଜାନୁୟାରୀ ମାସରେ କଂଗ୍ରେସ ସଂଖ୍ୟାଧିକ ସମର୍ଥନ ପାଇ ବଂଶୀଲାଲଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଠନ କଲା ଓ ମେଣ୍ଟ ରାଜନୀତିର ପରିସମାପ୍ତି ଘଟିଲା । ହରିୟାନାରେ ମେଣ୍ଟ ମନ୍ତ୍ରିମଣ୍ଡଳ ରାଜନୈତିକ ଅସ୍ଥିରତା, ପ୍ରଶାସନିକ ବିଶୃଙ୍ଖଳା, ଅନିର୍ଦ୍ଦିଷ୍ଟତା, ଦୁର୍ନୀତି ଆଦିର ପରିଚାୟକ ଅଟେ । 1967 ରେ ମୋହନଲାଲ ସୁଖାଡ଼ିଆଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରିମଣ୍ଡଳ ଏକ ଅସ୍ଥିର ମେଣ୍ଟ ସରକାରର କୁପ୍ରଭାବରୁ ରାଜସ୍ଥାନକୁ ମୁକ୍ତ କରିପାରିଥିଲେ ମଧ୍ୟ 1977 ରେ ବି.ଏସ୍.ଶେଖାୱାତ୍‌ଙ୍କ ନେତୃତ୍ୱରେ ଓ 1990 ରେ ପୁନଶ୍ଚ ତାଙ୍କ ନେତୃତ୍ୱରେ ଏକ ନୂତନ ମେଣ୍ଟ ସରକାର କ୍ଷମତାସୀନ ହୋଇଥିଲା । ମଧ୍ୟପ୍ରଦେଶରେ 1967 ମସିହାରେ ଏକ 25 ଦଫା ସର୍ବନିମ୍ନ କାର୍ଯ୍ୟକ୍ରମ ଭିତ୍ତିରେ ଗଠିତ ମେଣ୍ଟ ଜି.ଏନ୍.ସିଂହଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଠନ କରିଥିଲା । 1977 ରେ ସେଠାରେ ଗଠିତ ଜନତାଦଳର ସରକାର ଜନସଂଘ ଓ ସମାଜବାଦୀ ଦଳର ମେଣ୍ଟ ସରକାର ଥିଲା । ଓଡ଼ିଶାରେ ଚତୁର୍ଥ ସାଧାରଣ ନିର୍ବାଚନ ପରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ଏକ ଦ୍ୱି-ଦଳୀୟ ମେଣ୍ଟ ସରକାର କାର୍ଯ୍ୟ କରିଥିଲା । ଏହା ଓଡ଼ିଶାରେ ମେଣ୍ଟ ରାଜନୀତିର ଇତିହାସରେ ସ୍ଥିରତା ପ୍ରଦାନକାରୀ ମେଣ୍ଟ ହିସାବରେ ପରିଚିତ । କିନ୍ତୁ 1971 ରେ ସ୍ୱତନ୍ତ୍ର ଦଳ, ଝାଡଖଣ୍ଡ ଓ ଉତ୍କଳ କଂଗ୍ରେସ ମଧ୍ୟରେ ଗଠିତ ମେଣ୍ଟ (ବିଶ୍ୱନାଥ ଦାସ ମନ୍ତ୍ରିମଣ୍ଡଳ), 1973 ରେ ଉତ୍କଳ କଂଗ୍ରେସ ଓ କଂଗ୍ରେସ ମଧ୍ୟରେ ଗଠିତ ମେଣ୍ଟ (ନନ୍ଦିନୀ ଶତପଥୀ ମନ୍ତ୍ରିମଣ୍ଡଳ), 1974 ରେ କଂଗ୍ରେସ ଓ ସି.ପି.ଆଇ. ମଧ୍ୟରେ ଗଠିତ ମେଣ୍ଟ (ନନ୍ଦିନୀ ଶତପଥୀ ମନ୍ତ୍ରିମଣ୍ଡଳ) ଆଦି ସମ୍ପୂର୍ଣ୍ଣ ଅସ୍ଥିରତାର ପ୍ରତୀକ ଅଟନ୍ତି । ଚତୁର୍ଥ ସାଧାରଣ ନିର୍ବାଚନ ପରେ ଭାରତର ସାତଗୋଟି ରାଜ୍ୟରେ ଗଠିତ ଅଣ-କଂଗ୍ରେସ ମନ୍ତ୍ରିମଣ୍ଡଳ ମଧ୍ୟରେ ଓଡ଼ିଶାର ସିଂହଦେଓ ମନ୍ତ୍ରିମଣ୍ଡଳୀ ଓ ସ୍ୱତନ୍ତ୍ର ଦଳ-ଜନକଂଗ୍ରେସ ମେଣ୍ଟ ଅଧିକ ସଫଳତା ପ୍ରାପ୍ତ ହୋଇଥିଲା । ଏହା 21 ଦଫା ପ୍ରାକ୍ ନିର୍ବାଚନୀ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ସଫଳତାର ସହ ପ୍ରଶାସନରେ ବିନା ରାଜନୈତିକ ହସ୍ତକ୍ଷେପ ମାଧ୍ୟମରେ ରୂପାୟନ କରୁଥିଲା । ଏହି ମେଣ୍ଟ ସରକାର ଓଡ଼ିଶାରେ ଅମଲାତନ୍ତ୍ରର ଗୁରୁତ୍ୱ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଭୂ-ରାଜସ୍ୱ ଉଚ୍ଛେଦ କରିଥିଲା । ବର୍ତ୍ତମାନ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ମଧ୍ୟରେ ଗଠିତ ମେଣ୍ଟ ସରକାର ଅତ୍ୟନ୍ତ ସଫଳତା ଓ ଦୃଢ଼ତାର ସହ କାର୍ଯ୍ୟ ସମ୍ପାଦନ କରୁଛି । ଏହା ମଧ୍ୟ ଏକ ପ୍ରାକ୍-ନିର୍ବାଚନୀ ମେଣ୍ଟ ଅଟେ ଓ କଂଗ୍ରେସକୁ କ୍ଷମତା ବଳୟରୁ ବାହାରେ ରଖିବାର ଅଭିପ୍ରାୟକୁ ଚରିତାର୍ଥ କରାଯାଇଛି । ପଶ୍ଚିମବଙ୍ଗରେ ଅଜୟ ମୁଖାର୍ଜୀଙ୍କ ନେତୃତ୍ୱରେ ସଂଯୁକ୍ତ ସାମ୍ମୁଖ୍ୟ ସରକାର ଏକ 14 ଦଫା ସର୍ବନିମ୍ନ କାର୍ଯ୍ୟକ୍ରମ ଭିତ୍ତିରେ 1967 ମସିହା ଫେବୃୟାରୀ ମାସରେ ମେଣ୍ଟ ସରକାରର ଭିତ୍ତି ସ୍ଥାପନ କରିଥିଲା । 1971 ରେ ସଂଯୁକ୍ତ ବାମ ସାମ୍ମୁଖ୍ୟ (ULF) ଓ ସଂଯୁକ୍ତ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ULDF) ରୂପରେ ଦୁଇଟି ମେଣ୍ଟ ଗୋଷ୍ଠୀ ରାଜନୈତିକ ଶକ୍ତି ଆହରଣପାଇଁ କରିଥିବା ପ୍ରଚେଷ୍ଟା ବଙ୍ଗଳାଦେଶ ସ୍ୱାଧୀନତା ଆନ୍ଦୋଳନ ପ୍ରଭାବରୁ ବିଶେଷ ସଫଳତା ପାଇପାରି ନଥିଲା ଓ ରାଜନୈତିକ ଅସ୍ଥିରତା ଲାଗିରହିବା ଫଳରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା । 1977 ନିର୍ବାଚନରେ ଏକ ବହୁଦଳୀୟ ବାମ ସାମ୍ମୁଖ୍ୟ ବିଜୟୀ ହୋଇ ଜ୍ୟୋତି

ବସୁଙ୍କ ନେତୃତ୍ୱରେ ଏକ ଦୃଢ଼, ସ୍ଥିର ଓ ଦକ୍ଷ ମେଣ୍ଟ ସରକାରର ଭିତ୍ତି ପ୍ରତିଷ୍ଠା କଲା । ଭାରତର ମେଣ୍ଟ ରାଜନୀତିର ଇତିହାସରେ ପଶ୍ଚିମବଙ୍ଗ ଏକ ସ୍ୱତନ୍ତ୍ର ସ୍ଥିତି ଦାବି କରେ, କାରଣ ଏଠାରେ ମେଣ୍ଟ ସରକାର ଅନ୍ୟ ରାଜ୍ୟ ତୁଳନାରେ ଅଧିକ ସଫଳତା ପାଇପାରିଛି । ରାଜ୍ୟ ପ୍ରତି କେନ୍ଦ୍ରର କ୍ରମାଗତ ଅବହେଳା, ମେଣ୍ଟ ସରକାରରେ ସି.ପି.ଆଇ. (ଏମ୍)ର ଏକକ ପ୍ରାଧାନ୍ୟ ଓ ଶୃଙ୍ଖଳିତ ନେତୃତ୍ୱ, କଂଗ୍ରେସକୁ କ୍ଷମତା ବଳୟରୁ ବାହାରେ ରଖିବାର ପ୍ରଗାଢ଼ ଇଚ୍ଛା ଆଦି କାରଣରୁ ପଶ୍ଚିମବଙ୍ଗରେ ମେଣ୍ଟ ସରକାର ସଫଳତାର କାରଣ ରୂପେ ଗ୍ରହଣ କରାଯାଇ ପାରେ । ଉତ୍ତରପ୍ରଦେଶରେ 1967 ନିର୍ବାଚନ ପରେ କୌଣସି ଦଳ ଏକକ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ନ ପାଇବା ଫଳରେ ମେଣ୍ଟ ସରକାରପାଇଁ ପଥ ଉନ୍ମୁକ୍ତ ହୋଇଯାଇଥିଲେ ମଧ୍ୟ ସି.ବି.ଗୁପ୍ତା, ଚରଣ ସିଂହ ଆଦିଙ୍କ ନେତୃତ୍ୱରେ ଗଠିତ ବିଭିନ୍ନ ମେଣ୍ଟ ସରକାର ରାଜନୈତିକ ଦଳବଦଳ ରୋଗରେ ଆକ୍ରାନ୍ତ ହୋଇ ଅସ୍ଥିରତାର ପ୍ରତୀକ ହିସାବରେ ସଫଳତା ପାଇପାରିଲା ନାହିଁ । 1993 ନଭେମ୍ବର ମାସରେ ସମାଜବାଦୀ ପାର୍ଟି (SP) ଓ ବହୁଜନ ସମାଜ ପାର୍ଟି (BSP) ମଧ୍ୟରେ ଗଠିତ ମେଣ୍ଟ କଂଗ୍ରେସ (ଇ) ଓ ଜନତାଦଳର ସମର୍ଥନରେ ମୁଲାୟମ ସିଂହ ଯାଦବଙ୍କ ନେତୃତ୍ୱରେ ମେଣ୍ଟ ସରକାର ପ୍ରତିଷ୍ଠା କରିଥିଲା, ଯାହା ବହୁଜନ ସମାଜ ପାର୍ଟିର ସମର୍ଥନ ପ୍ରତ୍ୟାହାର ପରେ 1995 ଜୁନ୍ ମାସରେ ଭୁଶୁଡି ପଡ଼ିଲା । 1997 ମସିହା ମାର୍ଚ୍ଚ 21 ତାରିଖରେ ଭାରତୀୟ ଜନତା ପାର୍ଟି (BJP) ଓ ବହୁଜନ ସମାଜ ପାର୍ଟି (BSP) ମଧ୍ୟରେ ଛଅ ମାସିଆ ମୁଖ୍ୟମନ୍ତ୍ରୀତ୍ୱ ଭିତ୍ତିରେ ଗଠିତ ମେଣ୍ଟ ମାୟାବତୀଙ୍କ ନେତୃତ୍ୱରେ ମେଣ୍ଟ ସରକାର ଗଠନ କରିଥିଲା । କିନ୍ତୁ ବହୁଜନ ସମାଜ ପାର୍ଟିର ଛଅମାସିଆ କାର୍ଯ୍ୟକାଳ ପରେ ଭାରତୀୟ ଜନତା ପାର୍ଟିର କଲ୍ୟାଣ ସିଂହଙ୍କ ନେତୃତ୍ୱରେ ଗଠିତ ମେଣ୍ଟ ସରକାରଠାରୁ ବହୁଜନ ସମାଜ ପାର୍ଟି ସମର୍ଥନ ପ୍ରତ୍ୟାହାର କରିଥିଲେ ମଧ୍ୟ ଦଳବଦଳ ନୀତିର ଆଶ୍ରୟ ନେଇ ନୂତନ ମେଣ୍ଟ ଗଠନ କରି କଲ୍ୟାଣ ସିଂହ ନିଜ ସରକାରର ସ୍ଥାୟିତ୍ୱ ବଜାୟ ରଖିଲେ । ବର୍ତ୍ତମାନ ପୁନଶ୍ଚ ଭାରତୀୟ ଜନତା ପାର୍ଟି ଓ ବହୁଜନ ସମାଜ ପାର୍ଟିର ମେଣ୍ଟ ସରକର ଉତ୍ତରପ୍ରଦେଶରେ ବିଫଳ ହୋଇଛି ।

### ୨.୪.୨ ମେଣ୍ଟର ପ୍ରକାରଭେଦ :

ମେଣ୍ଟ ସାଧାରଣତଃ ଚାରିପ୍ରକାରର ଅଟେ । ପ୍ରଥମତଃ, ଗୋଟିଏ ମୁଖ୍ୟ ରାଜନୈତିକ ଦଳକୁ ଆଧାରକରି ଏକାଧିକ କ୍ଷୁଦ୍ର ରାଜନୈତିକ ଦଳଦ୍ୱାରା ଗଠିତ ମେଣ୍ଟ ଯାହା ପଶ୍ଚିମବଙ୍ଗର ବାମପନ୍ଥୀ ସାମ୍ମୁଖ୍ୟରୁ ପ୍ରମାଣ ମିଳିଥାଏ । ଦ୍ୱିତୀୟତଃ, ପରସ୍ପର ସହଯୋଗୀ, ସମାନ ପ୍ରଭାବଶାଳୀ ରାଜନୈତିକ ଦଳମାନଙ୍କର ଦ୍ୱାରା ଗଠିତ ମେଣ୍ଟ ଯାହା କେରଳରେ କଂଗ୍ରେସ ନେତୃତ୍ୱାଧୀନ ଓ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱାଧୀନ ମେଣ୍ଟରୁ ସ୍ପଷ୍ଟ ହୋଇଥାଏ । ତୃତୀୟତଃ, ସମସ୍ୱାର୍ଥ ବିଶିଷ୍ଟ ରାଜନୈତିକ ଦଳ ଗୋଟିଏ ସାଧାରଣ ରାଜନୈତିକ ଶତ୍ରୁ ଦଳକୁ କ୍ଷମତା ବଳୟରୁ ବାହାରେ ରଖିବାର ଅଭିପ୍ରାୟ ନେଇ ଗଠନ କରିଥିବା ମେଣ୍ଟ ଯାହା ବିଭିନ୍ନ ରାଜ୍ୟରେ ଗଠିତ ଅଣ-କଂଗ୍ରେସ ମେଣ୍ଟ ସରକାରରୁ ପ୍ରମାଣ ମିଳିଛି । ଚତୁର୍ଥତଃ, ଜାତୀୟ ସରକାର ଗଠନ ଯାହା ଜାତୀୟ ସମସ୍ୟାକୁ ସମାଧାନ କରି ଜାତୀୟ ଐକ୍ୟ, ସଂହତି ଆଦି ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଥାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ୍‌ରେ ଏକ ଜାତୀୟ ସରକାର ଗଠିତ ହୋଇଥିଲା ଯାହାର ପ୍ରଧାନମନ୍ତ୍ରୀ ରୂପେ ଚର୍ଚ୍ଚିଲ୍ ଓ ଉପପ୍ରଧାନମନ୍ତ୍ରୀ ରୂପେ ଆଟ୍‌ଲି କାର୍ଯ୍ୟ କରିଥିଲେ । ୧୯୮୨ ରେ ଭାରତରେ 'ଝୁଲା ସଂସଦ' (Hung Parliament) ର କୁପରିଣାମରୁ ମୁକ୍ତ ହେବାପାଇଁ ଅଟଳ ବିହାରୀ ବାଜପେୟୀ କଂଗ୍ରେସ ସମେତ ସମସ୍ତ ରାଜନୈତିକ ଦଳକୁ ନେଇ ଏକ ଜାତୀୟ ସରକାର ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ ।

ଇକ୍‌ବାଲ୍ ନାରାୟଣ ତାଙ୍କ "Twiligh or Dawn : Political Change in India" ପୁସ୍ତକରେ ମେଣ୍ଟର ନିମ୍ନଲିଖିତ ଶ୍ରେଣୀବିଭାଗ ଦର୍ଶାଇଛନ୍ତି ।

| କ୍ର.ସଂ | ମେଣ୍ଟର ଭିତ୍ତି | ମେଣ୍ଟର ପ୍ରକାରଭେଦ | ଉଦାହରଣ |
|---|---|---|---|
| 1. | ମେଣ୍ଟ ସ୍ଥାପନାର ସମୟ | (a) ପ୍ରାକ୍ ନିର୍ବାଚନୀ ମେଣ୍ଟ | ଓଡ଼ିଶାରେ ନବୀନ ପଟ୍ଟନାୟକ ଙ୍କ ବିଜେଡି-ବିଜେପି ମେଣ୍ଟ ସରକାର |
| | | (b) ନିର୍ବାଚନ ପରବର୍ତ୍ତୀ ମେଣ୍ଟ | ୧୯୬୭ ନିର୍ବାଚନ ପରେ ବିହାର, ଉତ୍ତରପ୍ରଦେଶରେ ଗଠିତ ମେଣ୍ଟ |
| 2. | ମେଣ୍ଟ ଅଂଶୀଦାର ଦଳ ମାନଙ୍କର ସ୍ଥିତି ଓ ପ୍ରଭାବ : | (a) ଏକଦଳ ପ୍ରାଧାନ୍ୟ ମେଣ୍ଟ | ତାମିଲନାଡୁରେ ଡିଏମ୍‌କେ ବା ଆନ୍ନା ଡିଏମ୍‌କେ ଓଡ଼ିଶାରେ ସ୍ୱତନ୍ତ୍ର ଜନ-କଂଗ୍ରେସ ମେଣ୍ଟ |
| 3. | ମେଣ୍ଟ ଅଂଶୀଦାର ଦଳ ମାନଙ୍କର ବ୍ୟବସ୍ଥାପିକାରେ ସଭ୍ୟସାଖ୍ୟା: | (a) ସଂଖ୍ୟାଧିକ ସରକାରୀ ମେଣ୍ଟ | ପଶ୍ଚିମବଙ୍ଗର ମେଣ୍ଟ |
| | | (b) ସଂଖ୍ୟାନ୍ୟୁନ ସରକାରୀ ମେଣ୍ଟ | ପଶ୍ଚିମବଙ୍ଗର ପି.ସି. ଘୋଷ ମନ୍ତ୍ରିମଣ୍ଡଳ ଓ କେରଳର ଅଚ୍ୟୁତ ମେନନ୍ ମନ୍ତ୍ରିମଣ୍ଡଳ |
| 4. | ମେଣ୍ଟଭୁକ୍ତ ଦଳମାନଙ୍କର ଆଦର୍ଶଗତ ଭିତ୍ତି | (a) ଆଦର୍ଶର ସାଦୃଶ୍ୟ ଥିବା ମେଣ୍ଟ | ଓଡ଼ିଶାରେ ଜନସଂଘ ସ୍ୱତନ୍ତ୍ର ଦଳ ମେଣ୍ଟ |
| | | (b) ଆଦର୍ଶରେ ଭିନ୍ନତା ଥିବା ମେଣ୍ଟ | ଉତ୍ତରପ୍ରଦେଶରେ SVD ସରକାର |
| 5. | ମେଣ୍ଟଭୁକ୍ତ ଦଳମାନଙ୍କର ସଂଖ୍ୟା : | (a) ବହୁଦଳୀୟ ମେଣ୍ଟ | |
| | | (b) ଦ୍ୱିଦଳୀୟ ମେଣ୍ଟ | |
| | | (c) ସ୍ୱଳ୍ପସଂଖ୍ୟକ ଦଳୀୟ ମେଣ୍ଟ | |
| 6. | ମୌଳିକ ଭିତ୍ତି ଓ ରାଜନୀତିକ ଭିତ୍ତି : | (a) ମୌଳିକ ଭିତ୍ତି ପ୍ରାଧାନ୍ୟ ମେଣ୍ଟ | ପଞ୍ଜାବରେ ଅକାଳୀ-ଜନସଂଘ ମେଣ୍ଟ |
| | | (b) ଧର୍ମନିରପେକ୍ଷ ମେଣ୍ଟ | କେରଳ ଓ ପଶ୍ଚିମବଙ୍ଗରେ ସଂଯୁକ୍ତ ସାମ୍ମୁଖ୍ୟ ସରକାର |

## ୨.୫ ସାରାଂଶ

ଭାରତ ଏକ ଉଦାରବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥା ହୋଇଥିବାରୁ ଏଠାରେ ବହୁ ଦଳୀୟ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଏହି ବ୍ୟବସ୍ଥାରେ ଉଭୟ ଜାତୀୟ ଓ ଆନ୍ତର୍ଜାତିକ ଦଳ ଗୁଡ଼ିକ ଗଣତାନ୍ତ୍ରିକ କ୍ଷମତା ସଂଘର୍ଷରେ ଲିପ୍ତ ରହିଛନ୍ତି । ଜାତୀୟତାବାଦର ବିକାଶ, ରାଜନୈତିକ ସଚେତନଶୀଳତା ଭାବର ଉଦ୍ରେକ, ଶିକ୍ଷାର ବିକାଶ, ଯୋଗଯୋଗ ମାଧ୍ୟମରେ ଉନ୍ନତି ଇତ୍ୟାଦି ଭାରତରେ ଦଳୀୟ ରାଜନୀତିକୁ ଜନ୍ମ ଦେଇଥିଲା । ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ସର୍ବ ପ୍ରଥମ ରାଜନୈତିକ ଦଳ ରୂପେ ପ୍ରତିଷ୍ଠିତ ହେଲାପରେ ୧୯୦୬ରେ ମୁସ୍‌ଲିମ୍ ଲିଗ୍ ପ୍ରତିଷ୍ଠିତ ହୋଇଥିଲା ।

ଭାରତରେ ଉଭୟ ଜାତୀୟ ଓ ଆଞ୍ଚଳିକ ଦଳ ରହିଛନ୍ତି । ନିର୍ବାଚନ ଆୟୋଗର ନିୟମ ଅନୁଯାୟୀ ସାଧାରଣ ନିର୍ବାଚନରେ ଯେକୌଣସି ଚାରିଗୋଟି ରାଜ୍ୟରେ ମୋଟ କାଏମ୍ ଭୋଟର ସର୍ବନିମ୍ନ ଛଅ ଶତାଂଶ ଭୋଟ ପାଇଥିବା ଦଳକୁ ଜାତୀୟ ଦଳ ରୂପେ ସ୍ୱୀକୃତ ଦିଆଯାଏ । କଂଗ୍ରେସ, ବିଜେପି, ସି.ପି.ଆଇ. ଇତ୍ୟାଦି ଜାତୀୟ ଦଳ ଅଟନ୍ତି । ଅନ୍ୟ ପକ୍ଷରେ ସର୍ବନିମ୍ନ ଗୋଟିଏ ରାଜ୍ୟରେ ସେହି ରାଜ୍ୟର ସାଧାରଣ ନିର୍ବାଚନରେ ମୋଟ କାଏମ୍ ଭୋଟର ସର୍ବନିମ୍ନ ଛଅ ଶତାଂଶ ଭୋଟ ପ୍ରାପ୍ତ ହୋଇଥିବା ଏବଂ ଆଞ୍ଚଳିକ ସ୍ୱାର୍ଥ ଉପରେ ପର୍ଯ୍ୟବେସିତ ଦଳକୁ ଆଞ୍ଚଳିକ ଦଳ କୁହାଯାଏ ।

ଭାରତରେ ଏକ ବହୁଦଳୀୟ ବ୍ୟବସ୍ଥା କାର୍ଯ୍ୟ କରୁଛି । ଏକ ଦଳୀୟ ଆଧିପତ୍ୟର ଅବସାନ ଘଟିଛି । ଜନପ୍ରିୟ କ୍ଷମତାର କେନ୍ଦ୍ରୀକରଣ ପରିବର୍ତ୍ତେ ତାହାର ବିକେନ୍ଦ୍ରୀକରଣ ହୋଇଛି । ସଂଘୀୟ ବ୍ୟବସ୍ଥାରେ 'ରାଜନୈତିକ ମୁଲଚାଲ' (Political bargaining) ବୃଦ୍ଧି ପାଇଛି । କେନ୍ଦ୍ର-ରାଜ୍ୟ ସଂପର୍କର ପୁନର୍ବିନ୍ୟାସ ଘଟିଛି । ଆଞ୍ଚଳିକ ବିକାଶ କ୍ଷେତ୍ରରେ ପ୍ରତିଯୋଗୀତା ଓ ସଚେତନତା ବୃଦ୍ଧି ପାଉଛି । ଏହା ଜାତୀୟ ରାଜନୈତିକ ଦଳଙ୍କ ସହ ସମାନ ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ଥିବା ଆଞ୍ଚଳିକ ରାଜନୈତିକ ଦଳମାନ ସୃଷ୍ଟି ହେବାରେ ସହାୟକ ହୋଇଛି ।

ଭାରତୀୟ ରାଜନୀତିରେ 1947 ଠାରୁ 1967 ମସିହା ପର୍ଯ୍ୟନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ କଂଗ୍ରେସ ଦଳର ପ୍ରାଧାନ୍ୟ ଥିବା ସତ୍ତ୍ୱେ ଏହା ମଧ୍ୟ ଏକ ବୃହତ୍ ମେଣ୍ଟର ଚରିତ୍ର ଗ୍ରହଣ କରିଥିଲା । କଂଗ୍ରେସର ଆଦର୍ଶକୁ ବାମପନ୍ଥୀ ତଥା ଅନ୍ୟାନ୍ୟ ଗୋଷ୍ଠୀ ଓ ରାଜନୈତିକ ଦଳମାନେ ମଧ୍ୟ ସମ୍ମାନ ଦେଇଥିଲେ । କଂଗ୍ରେସ ସଙ୍ଗଠନର ମେଣ୍ଟ ପ୍ରକୃତି ଉଭୟ ଆଭ୍ୟନ୍ତରୀଣ ଓ ଆନ୍ତଃଦଳୀୟ ପ୍ରତିଯୋଗିତାମୂଳକ ମେଣ୍ଟ ଢାଞ୍ଚାର ରୂପାୟନ କରିଥିଲା । ଅଣ-କଂଗ୍ରେସ ଦଳମାନେ କଂଗ୍ରେସ ଦଳ ମୂଳରେ ଥିବା ଅସନ୍ତୁଷ୍ଟ ଗୋଷ୍ଠୀ ସହ କରିଥିବା ମେଣ୍ଟର ପ୍ରମାଣ1969 ମସିହାରେ ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀଙ୍କର ପରାଜୟରୁ ମିଳିଥାଏ ।

## ୨.୬ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

ପ୍ର.୧. ଭାରତୀୟ ରାଜନୈତିକ ଦଳୀୟ ବ୍ୟବସ୍ଥାର ଚାରିତ୍ରିକ ବୈଶିଷ୍ଟ୍ୟ ଆଲୋଚନା କର ?

ପ୍ର.୨. ଭାରତରେ ଆଞ୍ଚଳିକ ରାଜନୈତିକ ଦଳ ଗୁଡ଼ିକରେ ଆର୍ବିଭାବର କାରଣ ଓ ସେମାନଙ୍କର କ୍ରମବର୍ଦ୍ଧମାନ ଭୂମିକା ସଂପର୍କରେ ଆଲୋଚନା କର ।

ପ୍ର.୩. ଭାରତରେ ମେଣ୍ଟ ରାଜନୀତିର ଚାରିତ୍ରିକ ଲକ୍ଷଣ ଦର୍ଶାଅ ।

## ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ- ଉତ୍ତର :

(କ) ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତର ବାଛ ।

ପ୍ର.୧. ଭାରତୀୟ ଦଳୀୟ ବ୍ୟବସ୍ଥାରେ __________ ବର୍ତ୍ତମାନର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଅଟେ ।

(i) ମେଣ୍ଟ ରାଜନୀତି (ii) ଜାତୀୟ ଦଳର ସଂଖ୍ୟାବୃଦ୍ଧି

(iii) ବ୍ୟକ୍ତିତ୍ୱବାଦର ପ୍ରସାର (iv) ଧର୍ମନିରପେକ୍ଷନୀତିର ପ୍ରାଧାନ୍ୟ

ଉ. (i) ମେଣ୍ଟ ରାଜନୀତି

ପ୍ର.୨. ଓଡ଼ିଶାରେ ମୁଖ୍ୟ ଆଞ୍ଚଳିକ ଦଳ କିଏ ?

(i) ବିଜୁ ଜନତାଦଳ (ବିଜେଡ଼ି) (ii) ବିଜେପି (iii) ସମାଜବାଦୀ ଦଳ (iv) ସମୃଦ୍ଧ ଓଡ଼ିଶା

ଉ. (i) ବିଜୁ ଜନତା ଦଳ (ବିଜେଡ଼ି)

ପ୍ର.୩. କେଉଁ ସଂଶୋଧନ ଭାରତରେ ଦଳବଦଳକୁ ପ୍ରତିରୋଧ କରୁଛି ?

(i) ୫୧ତମ (ii) ୫୨ତମ (iii) ୪୨ତମ (iv) ୫୩ତମ

ଉ. (ii) ୫୨ତମ

ପ୍ର.୪. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଆଞ୍ଚଳିକ ଦଳ ନୁହେଁ ?

(i) ବହୁଜନ ସମାଜ ପାର୍ଟି (ii) ନ୍ୟାସନାଲ୍ କନ୍‌ଫରେନ୍‌ସ

(iii) ଅକାଲୀ ଦଳ (iv) ତେଲଗୁଦେଶମ ପାର୍ଟି

ଉ. (i) ବହୁଜନ ସମାଜ ପାର୍ଟି

ପ୍ର.୫. କେଉଁ ବର୍ଷ ଭାରତୀୟ ଜନସଂଘ ଭାରତୀୟ ଜନତାଦଳ ହିସାବରେ ନୂତନ ଭାବେ କାର୍ଯ୍ୟାରମ୍ଭ କଲା ?

(i) '୧୯୭୭ (ii) ୧୯୮୦ (iii) ୧୯୮୧ (iv) ୧୯୮୫

ଉ. (ii) ୧୯୮୦

ପ୬. ଭାରତୀୟ ଜାତୀୟ କଂଗ୍ରେସ କେବେ ପ୍ରତିଷ୍ଠିତ ହେଲା ?

(i) ୧୮୬୫ (ii) ୧୮୮୫ (iii) ୧୮୮୦ (iv) ୧୯୮୫

ଉ. (ii) ୧୮୮୫

ପ୍ର.୭. କେଉଁ ନିର୍ବାଚନ ସଙ୍କେତ କଂଗ୍ରେସର ଓ କେଉଁଟି ବିଜେପିର ଅଟେ ?

(i) ଘଡ଼ି ; ପଦ୍ମ (ii) ପଦ୍ମ ; ସାଇକେଲ (iii) ହାତ ; ପଦ୍ମ (iv) ପଦ୍ମ ; ହାତ

ଉ. (iii) ହାତ ; ପଦ୍ମ

(ଖ) ଦୁଇଟି ବାକ୍ୟ ମଧ୍ୟରେ ବୁଝାଇ ଲେଖ ।

(୧) ମେଣ୍ଟ ରାଜନୀତି କ'ଣ ?

ଉ: ନିର୍ବାଚନରେ କୌଣସି ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ ନ କରିବା ପରିସ୍ଥିତିରେ ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ ଭିତ୍ତିରେ କେତେକ ଦଳ ଏକତ୍ରିତ ହୋଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ସରକାର ଗଠନ କଲେ ତାହାକୁ 'ମେଣ୍ଟ ରାଜନୀତି' କୁହାଯାଏ । ଏହି ମେଣ୍ଟ ନିର୍ବାଚନ ପୂର୍ବରୁ ବା ପରେ କରାଯାଇପାରେ ।

(୨) ଜାତୀୟ ଦଳ କାହାକୁ କୁହାଯାଏ ?

ଉ: ଯଦି କୌଣସି ଦଳ ସାଧାରଣ ନିର୍ବାଚନରେ ପ୍ରାପ୍ତ ମୋଟ କାଏମ୍ ଭୋଟର ଶତକଡ଼ା ଛଅ ଭୋଟ ଚାରିଗୋଟି କିମ୍ବା ଅଧିକ ରାଜ୍ୟରୁ ପ୍ରାପ୍ତ ହୋଇଥାଏ ଏବଂ ଏକ ବା ଏକାଧିକ ରାଜ୍ୟରୁ ଅନ୍ୟୁନ ୪ଟି ଲୋକସଭା ଆସନ ଜିତିଥାଏ, ତାହାହେଲେ ତାକୁ ଜାତୀୟ ଦଳ କୁହାଯାଏ ।

(୩) ଆଞ୍ଚଳିକ ଦଳ କାହାକୁ କୁହାଯାଏ ?

ଉ: ଗୋଟିଏ ଦଳ ସେହି ରାଜ୍ୟର ମୋଟ କାଏମ୍ ଭୋଟର ଶତକଡ଼ା ଛଅ ଭୋଟ ପାଇଲେ କିମ୍ବା ସେହି ରାଜ୍ୟ ବିଧାନ ସଭାରେ ଅନ୍ୟୁନ ତିନିଗୋଟି ଆସନ ପାଇଲେ ତାହାକୁ ଆଞ୍ଚଳିକ ଦଳ କୁହାଯାଏ ।

(୪) ଭାରତରେ ରାଜନୈତିକ ଦଳକୁ କିଏ ସ୍ୱୀକୃତି ଓ ଦଳୀୟ ଚିହ୍ନ ପ୍ରଦାନ କରେ ?

ଉ: ଭାରତରେ ନିର୍ବାଚନ କମିଶନ ରାଜନୈତିକ ଦଳମାନଙ୍କୁ ସ୍ୱୀକୃତି ଓ ଦଳୀୟ ଚିହ୍ନ ପ୍ରଦାନ କରେ ।

(୫) ଭାରତୀୟ ଜାତୀୟ କଂଗ୍ରେସ ଓ ଭାରତୀୟ ଜନତା ପାର୍ଟିର ପ୍ରଥମ ସଭାପତି ରୂପେ କେଉଁମାନେ କାର୍ଯ୍ୟ କରିଥିଲେ ?

ଉ: ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଭାପତି ରୂପେ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ବାନାର୍ଜୀ ଓ ଭାରତୀୟ ଜନତା ପାର୍ଟିର ପ୍ରଥମ ସଭାପତି ରୂପେ ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀ କାର୍ଯ୍ୟ କରିଥିଲେ ।

**୨.୭ ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର ।**

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ -ଉତ୍ତର:**

ପ୍ର.୧ ଅଧ୍ୟାୟର ୨.୧ ଅଂଶର ପାଠ ଦେଖ ।

ପ୍ର.୨ ଅଧ୍ୟାୟର ୨.୩, ୨.୩.୧ ଓ ୨.୩.୨ ଅଂଶର ପାଠ ଦେଖ ।

ପ୍ର.୩ ଅଧ୍ୟାୟର .୨.୪ ଅଂଶର ପାଠ ଦେଖ ।

❖❖❖

UNIT-II

# ଭାରତରେଗଣତାନ୍ତ୍ରିକ ପ୍ରକ୍ରିୟା

# DEMOCRATIC PROCESS IN INDIA

## ତୃତୀୟ ଅଧ୍ୟାୟ

## ଭାରତରେ ସଂଘୀୟବାଦ

## FEDERALISM IN INDIA

ସଂରଚନା :


| | |
|---|---|
| ୩. | ଆଭିମୁଖ୍ୟ |
| ୩.୧ | ସଂଘୀୟ ରାଷ୍ଟ୍ର- ଅର୍ଥ |
| ୩.୨. | ସଂଘୀୟ ରାଷ୍ଟ୍ରର ଉପାଦାନ |
| ୩.୩ | ଐକିକ ରାଷ୍ଟ୍ର - ଅର୍ଥ |
| ୩.୪ | ଭାରତରେ ସଂଘୀୟ ବ୍ୟବସ୍ଥା |
| ୩.୪.୧ | ଭାରତର ରାଜନୈତିକ ବ୍ୟବସ୍ଥାରେ ସଂଘୀୟ ଉପାଦାନ |
| ୩.୪.୨ | ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଐକିକ ଲକ୍ଷଣ |
| ୩.୪.୩ | ଭାରତରେ କେନ୍ଦ୍ରକୁ ଶକ୍ତିଶାଳୀ କରାଯିବାର କାରଣ |
| ୩.୪.୪ | ଭାରତରେ କେନ୍ଦ-ରାଜ୍ୟ ସଂପର୍କ |
| ୩.୪.୪.୧ | ବ୍ୟବସ୍ଥାପିକା ସଂପର୍କ |
| ୩.୪.୪.୨ | ପ୍ରଶାସନିକ ସଂପର୍କ |
| ୩.୪.୪.୩ | ଆର୍ଥିକ ସଂପର୍କ |
| ୩.୫ | ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ସ୍ୱତନ୍ତ୍ର୍ୟ ଦାବୀର ସ୍ୱର |
| ୩.୬ | ସାରାଂଶ |
| ୩.୭ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୩.୮ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀଉତ୍ତର |

## ୩ ଆଭିମୁଖ୍ୟ :

ଏହି ପରିଚ୍ଛେଦ ପାଠ କରିସାରିବା ପରେ ଆପଣ

- ଐକିକ ରାଷ୍ଟ୍ର ଓ ସଂଘୀୟ ରାଷ୍ଟ୍ରର ଉପାଦାନଗୁଡ଼ିକୁ ଜାଣିପାରିବେ ଓ ସେମାନଙ୍କ ମଧ୍ୟରେ ପାର୍ଥକ୍ୟର ରେଖା ଟାଣିପାରିବେ ।
- ଐକିକ ରାଷ୍ଟ୍ର ଓ ସଂଘୀୟ ରାଷ୍ଟ୍ରର ଗୁରୁତ୍ୱକୁ ଉପଲବ୍ଧି କରିପାରିବେ ।
- ଭାରତ କାହିଁକି ଏକ ସଂଘୀୟ ରାଷ୍ଟ୍ର ତାହା ଜାଣିପାରିବେ ।
- ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଐକିକ ଲକ୍ଷଣ ଗୁଡ଼ିକୁ ସୂଚୀତ କରିପାରିବେ ।
- ଭାରତରେ ଆଇନ ପ୍ରଣୟନ, ପ୍ରଶାସନ ଓ ଆର୍ଥିକ କ୍ଷେତ୍ରରେ କେନ୍ଦ୍ର-ରାଜ୍ୟ ସଂପର୍କକୁ ମୂଲ୍ୟାଙ୍କନ କରିପାରିବେ ।

## ୩.୧ ସଂଘୀୟ ରାଷ୍ଟ୍ର- ଅର୍ଥ

'ସଂଘୀୟ' ଶବ୍ଦଟି ଲାଟିନ୍ ଶବ୍ଦ ଫୋଏଡସ୍‌ରୁ ଉଦ୍ଭୂତ, ଯାହାର ଅର୍ଥ ହେଲା ଚୁକ୍ତି ବା ରାଜିନାମା । ଯେଉଁଠାରେ କେନ୍ଦ୍ର ଓ ଆଞ୍ଚଳିକ ସରକାର ମଧ୍ୟରେ କ୍ଷମତା ବଣ୍ଟନ ହୋଇଥାଏ, ତାହାକୁ ସଂଘୀୟ ରାଷ୍ଟ୍ର କୁହାଯାଏ । ସଂଘୀୟ ଶାସନ ଦୁଇଟି ଉପାୟରେ ଗଠିତ ହୋଇଥାଏ; ଯଥା କେନ୍ଦ୍ରମୁଖୀ ଓ ବିକେନ୍ଦ୍ରୀମୁଖର । ମଣ୍ଟେସ୍କ୍ୟୁ କହିଛନ୍ତି, "ଯେଉଁ ସରକାରରେ ଯେଉଁ ସମଭାବାପନ୍ନ ରାଷ୍ଟ୍ର ଏକ ବୃହତ୍ ରାଷ୍ଟ୍ରର ସଭ୍ୟ ହେବାକୁ ରାଜି ହୋଇ ମିଳିତ ସରକାର ଗଠନ କରନ୍ତି, ତାକୁ ସଂଘୀୟ ଶାସନ କୁହାଯାଏ" ।

## ୩.୨ ସଂଘୀୟ ରାଷ୍ଟ୍ରର ଉପାଦାନ

ପ୍ରତ୍ୟେକ ରାଷ୍ଟ୍ରସଂଘର କେତେଗୁଡ଼ିଏ ବୈଶିଷ୍ଟ୍ୟ ଥାଏ; ଯଥା –

(୧) ଲିଖିତ ଓ ଅନମନୀୟ ସମ୍ବିଧାନ,

(୨) କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ,

(୩) କେନ୍ଦ୍ର ସରକାର ଓ ରାଜ୍ୟ ସରକାର,

(୪) ସ୍ୱାଧୀନ ଓ ନିରପେକ୍ଷ ସର୍ବୋଚ୍ଚ ନ୍ୟାୟାଳୟ ଓ

(୫) ଦ୍ୱିସଦନୀୟତା । ଭାରତ, ରୁଷ୍, ଆମେରିକା ଆଦି ସଂଘୀୟ ରାଷ୍ଟ୍ରର ଉଦାହରଣ ।

## ୩.୩ ଐକିକ ରାଷ୍ଟ୍ର - ଅର୍ଥ ଓ ଉପାଦାନ

ଯେଉଁଠି ରାଷ୍ଟ୍ରର ସମସ୍ତ କ୍ଷମତା କେନ୍ଦ୍ରୀଭୂତ ହୋଇ ଗୋଟିଏ ସରକାର ଉପରେ ସମସ୍ତ କ୍ଷମତା ନ୍ୟସ୍ତ ଥିଲେ ସେହି ରାଷ୍ଟ୍ରକୁ ଐକିକ ରାଷ୍ଟ୍ର କୁହାଯାଏ । ଇଂଲଣ୍ଡ ଓ ଫ୍ରାନ୍‌ସ ପ୍ରଭୃତି ଦେଶ ଐକିକ ରାଷ୍ଟ୍ରର ଉଦାହରଣ ଅଟନ୍ତି । ଷ୍ଟ୍ରଙ୍ଗଙ୍କ ମତରେ, "ଏକ କେନ୍ଦ୍ର ସରକାର ଅଧୀନରେ ସଙ୍ଗଠିତ ଶାସନକୁ ଐକିକ ରାଷ୍ଟ୍ର କୁହାଯାଏ" । ଐକିକ ରାଷ୍ଟ୍ରର କେତେଗୁଡ଼ିଏ ମୁଖ୍ୟ ଲକ୍ଷଣମାନ ରହିଛି; ଯଥା – (୧) ଏକ ଶକ୍ତିଶାଳୀ କେନ୍ଦ୍ର ସରକାର,

(୨) ଏକ ସର୍ବଶକ୍ତିମାନ୍ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭା, (୩) କ୍ଷମତା କେନ୍ଦ୍ରୀକରଣ, (୪) ନମନୀୟ ସମ୍ବିଧାନ ।

### ୧୧.୨.୪. ଐକିକ ରାଷ୍ଟ୍ର ଓ ସଂଘୀୟ ରାଷ୍ଟ୍ର ମଧ୍ୟରେ ପାର୍ଥକ୍ୟ :

(୧) ଐକିକ ରାଷ୍ଟ୍ରରେ ଗୋଟିଏ ସରକାର ଥିବା ସ୍ଥଳେ ସଂଘୀୟ ରାଷ୍ଟ୍ରରେ ଦୁଇଟି ସରକାର; ଯଥା – କେନ୍ଦ୍ର ସରକାର ଓ ରାଜ୍ୟ ସରକାର ।

(୨) ସଂଘ ଶାସନ ବିଶାଳକାୟ ରାଷ୍ଟ୍ର ପାଇଁ ଉପଯୁକ୍ତ; ମାତ୍ର ଐକିକ ଶାସନ କ୍ଷୁଦ୍ରକାୟ ରାଷ୍ଟ୍ର ପାଇଁ ଆବଶ୍ୟକ ।

(୩) ସଂଘୀୟ ରାଷ୍ଟ୍ରରେ ଲିଖିତ ଓ ଅନମନୀୟ ସମ୍ବିଧାନ ନିତାନ୍ତ ଆବଶ୍ୟକ; ମାତ୍ର ଐକିକ ରାଷ୍ଟ୍ରରେ ସମ୍ବିଧାନ ନମନୀୟ ହେବାର କିଛି ଅସୁବିଧା ନ ଥାଏ ।

(୪) ଐକିକ ରାଷ୍ଟ୍ରରେ କ୍ଷମତା କେନ୍ଦ୍ରୀଭୂତ ଥିବା ସ୍ଥଳେ ସଂଘୀୟ ରାଷ୍ଟ୍ରରେ କ୍ଷମତା ବିକେନ୍ଦ୍ରୀକରଣ ହୋଇଥାଏ ।

(୫) ସଂଘୀୟ ରାଷ୍ଟ୍ର ବ୍ୟୟସାପେକ୍ଷ; କିନ୍ତୁ ଐକିକ ରାଷ୍ଟ୍ରରେ ବ୍ୟୟ କମ୍ ହୋଇଥାଏ ।

(୬) ଐକିକ ଶାସନରେ ଜାତୀୟ ଐକ୍ୟ ଅଖଣ୍ଡ ରହେ; ମାତ୍ର ସଂଘୀୟ ରାଷ୍ଟ୍ରରେ ଜାତୀୟ ଐକ୍ୟ ଓ ରାଜ୍ୟର ସ୍ୱାତନ୍ତ୍ର୍ୟର ଏକ ମିଶ୍ରଣ ହୋଇଥାଏ ।

### ୩.୪ ଭାରତରେ ସଂଘୀୟ ବ୍ୟବସ୍ଥା

ଭାରତର ଶାସନ ବ୍ୟବସ୍ଥା ଏକ ସଂଘୀୟ ରାଷ୍ଟ୍ରର ସ୍ୱରୂପ ପ୍ରତିଫଳନ କରୁଥିଲେ ମଧ୍ୟ 'ସଂଘୀୟ' ଶବ୍ଦ ଏହାର ସମ୍ବିଧାନର କୌଣସିଠାରେ ବ୍ୟବହୃତ ହୋଇନାହିଁ । ବରଂ ଭାରତ ସମ୍ବିଧାନର ୧ ଧାରାରେ ଭାରତକୁ 'ରାଜ୍ୟମାନଙ୍କର ଏକ ସମ୍ମେଳନ' ବୋଲି ଘୋଷଣା କରାଯାଇଛି । ଆମେରିକାର ସଂଘୀୟ ବ୍ୟବସ୍ଥାର ପ୍ରଭାବ ଭାରତୀୟ ସମ୍ବିଧାନ ପ୍ରଣେତାମାନଙ୍କ ଉପରେ ପଡ଼ିଥିଲା । ଆମେରିକାରେ ଏକ ଦୃଢ଼ ପ୍ରତିରକ୍ଷା ବ୍ୟବସ୍ଥା ପାଇଁ କ୍ଷୁଦ୍ର ରାଜ୍ୟମାନେ ପରସ୍ପର ମଧ୍ୟରେ ଚୁକ୍ତି ସମ୍ପାଦନ୍ କରି ଏହି ସଂଘୀୟ ବ୍ୟବସ୍ଥା ସୃଷ୍ଟି କରିଛନ୍ତି । ଏହି ପ୍ରକାର ରାଷ୍ଟ୍ରକୁ 'କେନ୍ଦ୍ରାଭିମୁଖୀ ରାଷ୍ଟ୍ରସଂଘ' (Centripetal Federation) କୁହାଯାଏ । କିନ୍ତୁ ଭାରତରେ ଏକ ସ୍ୱାଧୀନ ରାଷ୍ଟ୍ରକୁ ଶାସନର ସୁବିଧା ଦୃଷ୍ଟିରୁ ସ୍ୱତନ୍ତ୍ର ପ୍ରଶାସନିକ କ୍ଷମତା ସହ କେତେକ କ୍ଷୁଦ୍ର ରାଜ୍ୟରେ ପରିଣତ କରାଯାଇଛି । ତେଣୁ ଭାରତକୁ 'କେନ୍ଦ୍ରାପସାରୀ ରାଷ୍ଟ୍ରସଂଘ' (Centrifugal Federation) କୁହାଯାଏ ।

ଭାରତୀୟ ସଂଘୀୟ ବ୍ୟବସ୍ଥାର ଇତିହାସ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଆସିଛି । ୧୯୧୯ ମସିହାରେ ମଣ୍ଟେଗୁ-ଚେମସ୍‌ଫୋର୍ଡଙ୍କ ରିପୋର୍ଟରେ ପ୍ରଥମଥର ପାଇଁ ଏକ ସର୍ବଭାରତୀୟ ରାଷ୍ଟ୍ରସଂଘର ପରିକଳ୍ପନା କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିଲା । ଏହାପରେ ୧୯୩୫ ମସିହାରେ ାରତ ଶାସନ ଆଇନରେ ବ୍ରିଟିଶ୍ କର୍ତ୍ତୃତ୍ୱାଧୀନ ଭାରତ ଓ କେତେକ ଭାରତୀୟ ରାଜ୍ୟକୁ ନେଇ ରାଷ୍ଟ୍ରସଂଘ ଗଠନ କରାଯାଇଥିଲେ ମଧ୍ୟ ତା'ର ପ୍ରକୃତ ରୂପରେଖ ଭାରତ ସ୍ୱାଧୀନତାପ୍ରାପ୍ତି ପରେ ପ୍ରକାଶ ପାଇଥିଲା ।

### ୩.୪.୧ ଭାରତର ରାଜନୈତିକ ବ୍ୟବସ୍ଥାରେ ସଂଘୀୟ ଉପାଦାନ

ଏକ ସଂଘୀୟ ରାଷ୍ଟ୍ରରେ ୪ଟି ମୁଖ୍ୟ ଉପାଦାନ ରହିଥାଏ । ସେଗୁଡିକ ହେଲା – (୧) ଲିଖିତ ଓ ଅନମନୀୟ ସମ୍ବିଧାନ, (୨) ଦ୍ୱୈତ ଶାସନ ବ୍ୟବସ୍ଥା ଓ କ୍ଷମତାର ସାମ୍ବିଧାନିକ ବଣ୍ଟନ, (୩) ଏକ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ ଓ (୪) ଦ୍ୱିସଦନୀୟତା । ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ଉପରୋକ୍ତ ସଂଘୀୟ ଲକ୍ଷଣଗୁଡ଼ିକ ପୂର୍ଣ୍ଣମାତ୍ରାରେ ପରିଦୃଷ୍ଟ ହେଉଥିବାରୁ ଭାରତ ନିଃସନ୍ଦେହରେ ଏକ ସଂଘୀୟ ରାଷ୍ଟ୍ର ଅଟେ । ଭାରତ ସମ୍ବିଧାନ ଲିଖିତ ଓ ଅନମନୀୟ ଅଟେ । ଏଠାରେ ଶାସନ କ୍ଷମତା ସମ୍ବିଧାନ ଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି । ଉଚ୍ଚତମ ନ୍ୟାୟାଳୟ ନିରପେକ୍ଷ ଭାବେ

ସଂଘୀୟ ଅଦାଲତ ହିସାବରେ କାର୍ଯ୍ୟ କରୁଛି । ଭାରତର ସଂସଦ ଲୋକସଭା ଓ ରାଜ୍ୟସଭା ପରି ଦୁଇ ସଦନବିଶିଷ୍ଟ ଅଟେ । ଲୋକସଭା ଲୋକମାନଙ୍କୁ ଓ ରାଜ୍ୟସଭା ସହଯୋଗୀ ରାଜ୍ୟମାନଙ୍କୁ ପ୍ରତିନିଧିତ୍ୱର ସୁଯୋଗ ଦେଉଛି ।

ଭାରତରେ ସଂଘୀୟ ବ୍ୟବସ୍ଥାର ପ୍ରଚଳନ ପାଇଁ ସମ୍ବିଧାନ ପ୍ରଣେତାମାନେ ନିମ୍ନଲିଖିତ ଦୃଷ୍ଟିକୋଣରୁ ବାଧ ହୋଇଥିଲେ । ପ୍ରଥମତଃ, ଭାରତରେ ପ୍ରଗତିର ବିଭିନ୍ନ ସ୍ତରରେ ଥିବା ରାଜ୍ୟମାନଙ୍କୁ ଜାତୀୟ ମହାସ୍ରୋତରେ ସାମିଲ ହେବାପାଇଁ ରାଜ୍ୟ ସରକାରଙ୍କର ସଙ୍ଗଠନ ମାଧ୍ୟମରେ ସୁଯୋଗ ଦେବା; ଦ୍ୱିତୀୟତଃ, ଭାରତର ଭୌଗୋଳିକ ବିଶାଳତା ଦୃଷ୍ଟିରୁ ଏହାକୁ ଗୋଟିଏ କେନ୍ଦ୍ର ସରକାର ଦ୍ୱାରା ଶାସନ କରିବା ସମ୍ଭବପର ହେଉ ନଥିବାରୁ; ତୃତୀୟତଃ, ସଂଖ୍ୟାଲଘୁ ଗୋଷ୍ଠୀଙ୍କର ସ୍ୱାର୍ଥର ସଂରକ୍ଷଣ ଓ ପରିବର୍ତ୍ତନ ଏବଂ ଚତୁର୍ଥତଃ, ୧୯୩୫ ମସିହାର ଭାରତ ଶାସନ ଆଇନରେ ସଂଘୀୟ ବ୍ୟବସ୍ଥାର ପ୍ରଚଳନ କରାଯାଇଥିବାରୁ ସମ୍ବିଧାନ ପ୍ରଣେତାମାନେ ସଂଘୀୟ ବ୍ୟବସ୍ଥାର ପ୍ରଚଳନ ସପକ୍ଷରେ ମତ ଦେଇଥିଲେ ।

ଭାରତ ସମ୍ବିଧାନର ସ୍ୱରୂପ ସଂଘୀୟ ହୋଇଥିଲେ ମଧ୍ୟ ପ୍ରଫେସର ଜେନିଙ୍ଗସ, ପ୍ରଫେସର ହ୍ୱେୟାର, କେ. ସାନ୍ଥାନାମ୍ ଇତ୍ୟାଦି ଏକ ଐକିକ ରାଷ୍ଟ୍ରର ପ୍ରତିଷ୍ଠା ଏଠାରେ କରାଯାଇଛି ବୋଲି ମତ ଦେଇଥାନ୍ତି । କେନ୍ଦ୍ର ସରକାର ବନାମ୍ ପଶ୍ଚିମବଙ୍ଗ ରାଜ୍ୟ ମୋକଦ୍ଦମାରେ ଉଚ୍ଚତମ ନ୍ୟାୟାଳୟ ମଧ୍ୟ ଭାରତରେ କୌଣସି ପ୍ରାଚୀନ ସଂଘୀୟ ବ୍ୟବସ୍ଥାର ପ୍ରଚଳନ ନାହିଁ ବୋଲି ମତ ଦେଇଛନ୍ତି । ଡ.ପି.ପି. ଗଜେନ୍ଦ୍ରଗଡକରଙ୍କ ମତରେ, "ଭାରତର ସମ୍ବିଧାନରେ କେତେକ ସଂଘୀୟ ଲକ୍ଷଣ ରହିଥିଲେ ମଧ୍ୟ ଏହା ପ୍ରକୃତ ପକ୍ଷେ ଏକ ସଂଘୀୟ ରାଷ୍ଟ୍ର ନୁହେଁ ।" ଡଃ. ବି.ଆର୍.ଆମ୍ବେଦକରଙ୍କ ମତାନୁଯାୟୀ ସମୟ ଓ ପରିସ୍ଥିତି ଦୃଷ୍ଟିରୁ ଭାରତ ଉଭୟ ସଂଘୀୟ ଓ ଐକିକି ପ୍ରକୃତି ଗ୍ରହଣ କରିଛି ।

### ୩.୪.୨ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଐକିକ ଲକ୍ଷଣ

ଭାରତ ଏକ ସଂଘୀୟ ବା ଐକିକ ରାଷ୍ଟ୍ର ଏ ବିଷୟରେ ସମ୍ବିଧାନର ନିର୍ଦ୍ଦିଷ୍ଟ ଉଲ୍ଲେଖ ନାହିଁ । ତଥାପି ଭାରତ ସମ୍ବିଧାନରେ ସଂଘୀୟ ଉପାଦାନର ଉପସ୍ଥିତି ସହ ଐକିକ ଲକ୍ଷଣମାନ ମଧ୍ୟ ପରିଦୃଷ୍ଟ ହୁଏ ।

ସମ୍ବିଧାନର ୧ ଧାରାରେ ଭାରତକୁ ଏକ ରାଜ୍ୟସଂଘ ବୋଲି ଘୋଷଣା କରାଯାଇଛି । K.C. Wheare ଙ୍କ ମତ ଅନୁସାରେ ଭାରତ ଏକ ଅର୍ଦ୍ଧସଂଘୀୟ(Quasi-Federal) ରାଷ୍ଟ୍ର ଅଟେ । ସଂଘୀୟ ଶାସନର ସମସ୍ତ ଲକ୍ଷଣ ଆମ ସମ୍ବିଧାନରେ ଥିଲେ ମଧ୍ୟ ଏହା ଯେ ଐକିକ ଶାସନ ପ୍ରଣାଳୀଦ୍ୱାରା ପ୍ରଭାବିତ ଏଥିରେ ସନ୍ଦେହ ନାହିଁ ।

ନିମ୍ନଲିଖିତ ଐକିକ ଲକ୍ଷଣ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ପରିଦୃଷ୍ଟ ହୁଏ ।

(୧) ସମ୍ବିଧାନର ୧ ଧାରାରେ ଭାରତକୁ 'ରାଜ୍ୟମାନଙ୍କର ସମ୍ମେଳନ' ବୋଲି ଘୋଷଣା କରାଯାଇଛି ।

(୨) ସମ୍ବିଧାନର ୩ ଧାରାରେ ରାଜ୍ୟମାନଙ୍କର ନାମ ଓ ସୀମାରେଖାରେ ପରିବର୍ତ୍ତନ ଏକ ସାଧାରଣ ସଂଖ୍ୟାଗରିଷ୍ଠତା ସହ କେନ୍ଦ୍ରୀୟ ସଂସଦ କରିପାରିବ ।

(୩) ରାଜ୍ୟ ଶାସନର ମୁଖ୍ୟ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଦ୍ୱାର ନିଯୁକ୍ତି ହୋଇ କେନ୍ଦ୍ରର ପ୍ରତିନିଧି ରୂପେ କାର୍ଯ୍ୟ କରନ୍ତି ।

(୪) ଜରୁରୀ ପରିସ୍ଥିତିରେ ଏପରିକି ସାଧାରଣ ପରିସ୍ଥିତିରେ ମଧ୍ୟ ରାଜ୍ୟସଭାର ଦୁଇ-ତୃତୀୟାଂଶ ସମର୍ଥନ ସହ ଗୃହୀତ ପ୍ରସ୍ତାବ ବଳରେ କିମ୍ବା ଆନ୍ତର୍ଜାତିକ ଚୁକ୍ତିର କାର୍ଯ୍ୟକାରିତା ପାଇଁ ରାଜ୍ୟ ତାଲିକାଭୁକ୍ତ ବିଷୟ ଉପରେ କେନ୍ଦ୍ରୀୟ ସଂସଦ ଆଇନ ପ୍ରଣୟନ କରିପାରିବ ।

(୫) ଜରୁରୀ ପରିସ୍ଥିତି ଘୋଷିତ ହୋଇଥିବା ସମୟରେ ବିଶେଷତଃ ରାଷ୍ଟ୍ରପତି ଶାସନ ସମୟରେ ରାଜ୍ୟ ଶାସନ କେନ୍ଦ୍ରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥାଏ ।

(୬) ଭାରତର ରାଜ୍ୟମାନେ ଆର୍ଥିକ ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ ଅଟନ୍ତି ।

(୭) ଭାରତରେ ଏକ ସମ୍ବିଧାନ ଓ ଏକକ ନାଗରିକତା ନୀତିର ପ୍ରଚଳନ ଅଛି ।

(୮) ଏକ ସର୍ବଭାରତୀୟ ପ୍ରଶାସନିକ ସେବାସଂସ୍ଥା ଜରିଆରେ ଶାସନକାର୍ଯ୍ୟ ପରିଚାଳିତ ହେଉଛି ।

(୯) ସମ୍ବିଧାନ ସଂଶୋଧନ କରିବାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ଥିଲେ ମଧ୍ୟ ଏହି ସମ୍ବିଧାନ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

(୧୦) ଯୋଜନା କମିଶନ, ଅର୍ଥକମିଶନ, ମହା ହିସାବ ରକ୍ଷକ ଓ ପରୀକ୍ଷକ, ନିର୍ବାଚନ କମିଶନ ଇତ୍ୟାଦି ଭାରତରେ କ୍ଷମତା କେନ୍ଦ୍ରୀକରଣ ପାଇଁ ଦାୟୀ ଅଟନ୍ତି ।

ଉପରୋକ୍ତ ଲକ୍ଷଣଗୁଡ଼ିକୁ ବିଚାରକୁନେଇ ସମାଲୋଚକମାନେ ଭାରତକୁ ଏକ ଐକିକ ରାଷ୍ଟ୍ର ରୂପେ ଘୋଷଣା କରିଥାନ୍ତି । ପି.ଟି. ଚ୍ୟାକୋଙ୍କ ମତରେ, "ଶାସନ ବିଧାୟକ ସଭା ଯେଉଁ ବ୍ୟବସ୍ଥା ସୃଷ୍ଟି କରିଛି, ତାହା ଆକୃତିରେ ସଂଘୀୟ ହୋଇଥିଲେ ମଧ୍ୟ ବସ୍ତୁତଃ ଐକିକ ଅଟେ ।"

### ୩.୪.୩ ଭାରତରେ କେନ୍ଦ୍ରକୁ ଶକ୍ତିଶାଳୀ କରାଯିବାର କାରଣ

ଭାରତରେ କେନ୍ଦ୍ରକୁ ସୁଦୃଢ଼ କରିବାପାଇଁ ଦେଶର ନିରାପତ୍ତା, ବିଚ୍ଛିନ୍ନତାବାଦୀ ଶକ୍ତିର ଉପସ୍ଥିତ, ଜାତୀୟ ସଂହତି ରକ୍ଷାଜନିତ ସମସ୍ୟା, ବିଭିନ୍ନତା ମଧ୍ୟରେ ଏକତା ପ୍ରତିଷ୍ଠା, ଆନ୍ତର୍ଜାତିକ ସ୍ତରରେ ଭାରତର ପ୍ରକୃତ ସ୍ଥାନ, ଐତିହାସିକ ପୃଷ୍ଠଭୂମି ତଥା ବର୍ତ୍ତମାନ ପୃଥିବୀରେ କେନ୍ଦ୍ରାଭିମୁଖୀ ଚିନ୍ତାଧାରାର ଦ୍ରୁତ ପ୍ରବାହ ଇତ୍ୟାଦି ପରିସ୍ଥିତି ଦାୟୀ ଅଟେ ।

ବାସ୍ତବତା ଦୃଷ୍ଟିରୁ ବିବେଚନା କଲେ ଭାରତ ଏକ ସଂଘୀୟ ରାଷ୍ଟ୍ର ଅଟେ । କିନ୍ତୁ ଜବାହାରଲାଲ ନେହେରୁଙ୍କ ମତାନୁଯାୟୀ ଶାନ୍ତିର ସଂରକ୍ଷଣ, ସାଧାରଣ ସ୍ୱାର୍ଥଜନିତ ବିଷୟ ମଧ୍ୟରେ ସଂଯୋଗ ରକ୍ଷା, ଆନ୍ତର୍ଜାତିକ ସ୍ତରରେ ସମଗ୍ର ଭାରତବର୍ଷର ମର୍ଯ୍ୟାଦାବୃଦ୍ଧି ଇତ୍ୟାଦି ଦୃଷ୍ଟିକୋଣରୁ ଭାରତରେ କେନ୍ଦ୍ରକୁ କ୍ଷମତାଶାଳୀ ଓ ଦୃଢ଼ କରାଯାଇଛି । ତେଣୁ ଯେଉଁମାନେ ଭାରତକୁ 'ଅର୍ଦ୍ଧ-ସଂଘୀୟ' ବା 'ଐକ୍ୟ-ସଂଘୀୟ' (Fedro-Unitary) ରାଷ୍ଟ୍ରରୂପେ ଅଭିହିତ କରିଛନ୍ତି, ସେମାନେ ସାଧାରଣତଃ ଡାଇସି, ଫ୍ରିମ୍ୟାନ୍ ଇତ୍ୟାଦିଙ୍କ ସଂଘବାଦ ସମ୍ପର୍କୀୟ ସଂଜ୍ଞାକୁ ବିଚାରକୁ ନେଇଥାନ୍ତି; କିନ୍ତୁ ଗୋପାଳସ୍ୱାମୀ ଆୟାଙ୍ଗାରଙ୍କ ମତରେ ପୃଥିବୀର କୌଣସି ସଂଘୀୟ ବ୍ୟବସ୍ଥା ପ୍ରକୃତ ବା ଶୁଦ୍ଧ ସଂଘୀୟ ବ୍ୟବସ୍ଥା ନୁହେଁ । ଆମେରିକା, କାନାଡା ଓ ଅଷ୍ଟ୍ରେଲିଆ ପରି ପୁରାତନ ସଂଘୀୟ ରାଷ୍ଟ୍ରରେ ମଧ୍ୟ କ୍ଷମତାର ଏହି କେନ୍ଦ୍ରାଭିମୁଖୀ ନୀତି ଅନୁସୃତ ହେଉଛି । ପ୍ରକୃତପକ୍ଷେ ଭାରତ ସାଧାରଣ ପରିସ୍ଥିତିରେ ଏକ ସଂଘୀୟ ରାଷ୍ଟ୍ର ଅଟେ, ମାତ୍ର ଜରୁରୀ ପରିସ୍ଥିତିରେ ଏହା ଐକିକ ରାଷ୍ଟ୍ରର ଭୂମିକା ଗ୍ରହଣ କରିଥାଏ ।

### ୩.୪.୪ ଭାରତରେ କେନ୍ଦ୍ର-ରାଜ୍ୟ ସଂପର୍କ

#### ୩.୪.୪.୧ ବ୍ୟବସ୍ଥାପିକା ସଂପର୍କ (Legislative Relationship)

ସମ୍ବିଧାନର ନବମ ଖଣ୍ଡର ସପ୍ତମ ଅନୁସୂଚୀରେ କେନ୍ଦ୍ର ଓ ରାଜ୍ୟମାନଙ୍କର କ୍ଷମତା ବଣ୍ଟନକୁ ତିନିଗୋଟି ତାଲିକା ମାଧ୍ୟମରେ ବର୍ଣ୍ଣନା କରାଯାଇଛି; ଯଥା - କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଏବଂ ଯୁଗ୍ମ ତାଲିକା । କେନ୍ଦ୍ର ତାଲିକାରେ ୯୯ଟି ବିଷୟମାନ ରହିଛି; ଯଥା - ପ୍ରତିରକ୍ଷା, କେନ୍ଦ୍ର ପୋଲିସ ଏବଂ ପରମାଣୁ ଶକ୍ତି ଇତ୍ୟାଦି ଯେଉଁଥିରେ କେନ୍ଦ୍ର ସରକାର ନିର୍ବିଘ୍ନରେ କ୍ଷମତା ପ୍ରୟୋଗ କରିପାରିବେ । ଏହି କ୍ଷେତ୍ରରେ ଦେଶସାରା ଏକପ୍ରକାର ଆଇନର ଆବଶ୍ୟକତା ରହିଛି ।

ରାଜ୍ୟ ତାଲିକା – ଏହି ତାଲିକାରେ ସମୁଦାୟ ୬୧ଟି ବିଷୟ ଅଛି; ଯଥା – ପୋଲିସ, ଜେଲ, ଶାସନ ଏବଂ ସ୍ଥାନୀୟ ଶାସନ ଇତ୍ୟାଦି ଯେଉଁଥିରେ କି ରାଜ୍ୟ ସରକାର ଆଇନ ପ୍ରଣୟନ କରିପାରିବେ ।

ଯୁଗ୍ମତାଲିକା – ଯୁଗ୍ମ ତାଲିକାରେ ୫୨ଟି ବିଷୟ ରହିଛି । ଏଗୁଡ଼ିକ ମଧ୍ୟରେ ପ୍ରଧାନ ବିଷୟ ହେଲା ବିବାହ ଓ ଛାଡ଼ପତ୍ର, ଯୋଜନା, ଶ୍ରମିକ ସଙ୍ଗଠନ ଓ କଲ୍ୟାଣ ଏବଂ ସମ୍ବାଦପତ୍ର ଇତ୍ୟାଦି ବିଷୟ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ ପ୍ରଣୟନ କରିପାରିବେ । କିନ୍ତୁ ଉଭୟ ଆଇନ ମଧ୍ୟରେ ସଂଘର୍ଷ ଦେଖାଦେଲେ କେନ୍ଦ୍ରୀୟ ଆଇନ ବଳବତ୍ତର ରହିବ ।

ଅବଶିଷ୍ଟ କ୍ଷମତା – କେନ୍ଦ୍ର, ରାଜ୍ୟ ଓ ଯୁଗ୍ମ ତାଲିକା ଅନ୍ତର୍ଭୁକ୍ତ ହୋଇନଥିବା ବିଷୟଗୁଡ଼ିକୁ ଅବଶିଷ୍ଟ କ୍ଷମତା କୁହାଯାଏ । ୨୪୮ ଧାରା ଅନୁଯାୟୀ ଏପରି କୌଣସି ବିଷୟରେ ଆଇନ ପ୍ରଣୟନ କରିବାର ଆବଶ୍ୟକତା ଅନୁଭୂତ ହେଲେ, ସେ ଆଇନ ପାର୍ଲିଆମେଣ୍ଟ ହିଁ ପ୍ରଣୟନ କରିପାରିବ –

**ରାଜ୍ୟତାଲିକାଭୁକ୍ତ ବିଷୟ ଉପରେ ସଂସଦର ଆଇନପ୍ରଣୟନ ବ୍ୟବସ୍ଥା : –**

(୧) ରାଜ୍ୟସଭାର ପ୍ରସ୍ତାବ – ୨୪୯ ଧାରାରେ ବର୍ଣ୍ଣିତ ଅଛି ଯେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ତାଲିକାଭୁକ୍ତ କୌଣସି ବିଷୟ ଉପରେ ଆଇନ ପ୍ରଣୟନ କରିବାର ଆବଶ୍ୟକତା ଅନୁଭୂତ ହେଲେ ରାଜ୍ୟସଭାର ଦୁଇ-ତୃତୀୟାଂଶ ସମର୍ଥନ କ୍ରମେ ଏକ ପ୍ରସ୍ତାବଦ୍ୱାରା ପାର୍ଲିଆମେଣ୍ଟ ଏହି ଆଇନ ପ୍ରଣୟନ କରିବାର କ୍ଷମତା ପାଏ ।

(୨) ଜରୁରୀ ପରିସ୍ଥିତି – ସମ୍ବିଧାନର ୨୫୦ ଧାରାରେ ଲେଖାଅଛି ଯେ ଦେଶରେ ଜରୁରିକାଳୀନ ବ୍ୟବସ୍ଥା ଘୋଷିତ ହୋଇଥିଲେ ପାର୍ଲିଆମେଣ୍ଟ ରାଜ୍ୟ ତାଲିକାଭୁକ୍ତ ଯେକୌଣସି ବିଷୟରେ ଆଇନ କରିପାରିବେ । ରାଷ୍ଟ୍ରପତି ଶାସନଜାରୀ ହୋଇଥିବା ରାଜ୍ୟ ପାଇଁ ପାର୍ଲିଆମେଣ୍ଟ ଆଇନ ପ୍ରଣୟନ କରେ ।

(୩) କେନ୍ଦ୍ର ଆଇନର ଗୁରୁତ୍ୱ – ୨୫୧ ଧାରା ଅନୁସାରେ ରାଜ୍ୟର ଆଇନ ପ୍ରଣୟନ କ୍ଷମତାକୁ ସଙ୍କୁଚିତ କରା ନ ଯାଇ କେନ୍ଦ୍ର ଓ ରାଜ୍ୟ ପ୍ରଣୀତ ଆଇନ ମଧ୍ୟରେ ବିରୋଧ ଦେଖାଦେଲେ କେନ୍ଦ୍ର ଆଇନ ବଳବତ୍ତର ରହିବାର ବ୍ୟବସ୍ଥା ଅଛି ।

(୪) ରାଜ୍ୟର ଅନୁରୋଧ – ୨୫୨ ଧାରା ଅନୁସାରେ ଦୁଇ ବା ତତୋଧିକ ରାଜ୍ୟ ତାଲିକାରେ ଥିବା କୌଣସି ବିଷୟରେ ଆଇନ କରିବାକୁ ପାର୍ଲିଆମେଣ୍ଟକୁ ଅନୁରୋଧ କରି ପ୍ରସ୍ତାବ ଗ୍ରହଣ କଲେ ସେହି ରାଜ୍ୟମାନଙ୍କ ପାଇଁ ପାର୍ଲିଆମେଣ୍ଟ ଆଇନ ପ୍ରଣୟନ କରେ ।

(୫) ଆନ୍ତର୍ଜାତିକ ଚୁକ୍ତି – ୨୫୩ ଧାରାରେ ବର୍ଣ୍ଣିତ ଅଛି ଯେ କୌଣସି ଆନ୍ତର୍ଜାତିକ ସନ୍ଧି, ଚୁକ୍ତି ପାଳନ କରିବା ପାଇଁ ଆବଶ୍ୟକ ହେଲେ ପାର୍ଲିଆମେଣ୍ଟ ଯେକୌଣସି ବିଷୟରେ ଆଇନ ପ୍ରଣୟନ କରେ ।

(୬) ରାଷ୍ଟ୍ରପତିଙ୍କ ସ୍ୱୀକୃତି – ସମ୍ବିଧାନର ୨୦୦ ଧାରା ଅନୁଯାୟୀ ରାଜ୍ୟର ବିଧାନମଣ୍ଡଳଦ୍ୱାରା ଗୃହୀତ କୌଣସି ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ନ ଦେଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଇ ପାରନ୍ତି । ରାଷ୍ଟ୍ରପତି ୨୦୧ ଧାରା ଅନୁସାରେ ଏହି ବିଲ୍ ଉପରେ ସ୍ୱୀକୃତି ଦେଇ ପାରନ୍ତି କିମ୍ବା ନାସ୍ତି କରିପାରନ୍ତି ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ହୁଏ ଯେ ବ୍ୟବସ୍ଥାପକ ସମ୍ପର୍କ କ୍ଷେତ୍ରରେ କେନ୍ଦ୍ରର ପ୍ରାଧାନ୍ୟ ଅଧିକ ଓ ଜାତୀୟ ସଂହତି ଦୃଷ୍ଟିରୁ ଆବଶ୍ୟକ ଅଟେ ।

### ୩.୪.୪.୨ ପ୍ରଶାସନିକ ସଂପର୍କ (Administrative Relationship)

ସଂଘୀୟ ରାଷ୍ଟ୍ରରେ କ୍ଷମତା ବଣ୍ଟନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଆଣିବା କଷ୍ଟକର ବ୍ୟାପାର । ଆମ ସମ୍ବିଧାନ ଅନୁସାରେ କେନ୍ଦ୍ର ସରକାର ଅଧିକ କ୍ଷମତାର ଅଧିକାରୀ ଅଟେ । କାରଣ ଏହା କେନ୍ଦ୍ରପସାରୀ ସଂଘୀୟ ରାଷ୍ଟ୍ରର ଅଧିକାରୀ ଅଟେ । ବାସ୍ତବରେ ଏହାଦ୍ୱାରା ରାଜ୍ୟମାନଙ୍କର ସ୍ୱାତନ୍ତ୍ର କ୍ଷୁର୍ଣ୍ଣ ହେଉଅଛି । କେନ୍ଦ୍ର-ରାଜ୍ୟ ପ୍ରଶାସନିକ ସମ୍ପର୍କ ସମ୍ବିଧାନର ଏକାଦଶ ଖଣ୍ଡରେ ଆଲୋଚିତ ହୋଇଛି ।

(୧) କେନ୍ଦ୍ରୀୟ ଆଧିପତ୍ୟ – ଧାରା ୨୫୬ ଅନୁସାରେ କେନ୍ଦ୍ର ରାଜ୍ୟ ଉପରେ ଆଧିପତ୍ୟ ବିସ୍ତାର କରେ । ପାର୍ଲିଆମେଣ୍ଟ ଦ୍ୱାରା ପ୍ରଣୀତ ଆଇନକୁ ମାନିବାକୁ ରାଜ୍ୟମାନେ ବାଧ୍ୟ । ବିଭିନ୍ନ ସମୟରେ କେନ୍ଦ୍ର ରାଜ୍ୟମାନଙ୍କୁ ପ୍ରଶାସନିକ ନିର୍ଦ୍ଦେଶ ଦିଏ । ଏହି ନିର୍ଦ୍ଦେଶ ନ ମାନିଲେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇପାରେ ।

(୨) କେନ୍ଦ୍ରର ନିର୍ବିଘ୍ନ କ୍ଷମତା – ୨୫୭ ଧାରା ଅନୁଯାୟୀ କେନ୍ଦ୍ରୀୟ ପ୍ରଶାସନିକ କ୍ଷମତାର ବ୍ୟବହାର ସମୟରେ ରାଜ୍ୟ ପ୍ରଶାସନିକ କ୍ଷମତା କୌଣସି ବାଧା ସୃଷ୍ଟି କରିବା ଉଚିତ ନୁହେଁ ।

(୩) ରାଜ୍ୟକୁ କ୍ଷମତା – ସମ୍ବାଦ ସରବରାହ, ଜାତୀୟ ପଥ, ରେଳପଥ ଆଦିର ରକ୍ଷଣାବେକ୍ଷଣ ପାଇଁ କେନ୍ଦ୍ର ସରକାର ରାଜ୍ୟର କର୍ମଚାରୀଙ୍କୁ ଅର୍ଥ, ନିର୍ଦ୍ଦେଶ ଓ ଦାୟିତ୍ୱ ଦେଇପାରେ ।

(୪) ବିକ୍ରିକର ଆଦାୟ – ୨୫୮ ଧାରା ଅନୁସାରେ ଆନ୍ତଃରାଜ୍ୟ ବିକ୍ରିକର ଆଦାୟ ପାଇଁ କେନ୍ଦ୍ରୀୟ କର୍ମଚାରୀଙ୍କୁ ରାଜ୍ୟପାଳ କ୍ଷମତା ପ୍ରଦାନ କରିଛନ୍ତି ।

(୫) କେନ୍ଦ୍ରର ପ୍ରତିନିଧି – ରାଜ୍ୟପାଳ ରାଜ୍ୟର ଶାସନ ମୁଖ୍ୟ । ସେ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହୁଅନ୍ତି ଓ ରାଷ୍ଟ୍ରପତି ପ୍ରତିନିଧି ହିସାବରେ ଶାସନ କାର୍ଯ୍ୟ କରନ୍ତି । ରାଜ୍ୟପାଳ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସଂଯୋଜକର ଭୂମିକା ଗ୍ରହଣ କରିଥାଆନ୍ତି ।

(୬) ନଦୀଜଳ ବଣ୍ଟନ – ୨୬୨ ଧାରା ଅନୁଯାୟୀ ଆନ୍ତଃରାଜ୍ୟ ନଦୀଜଳ ବ୍ୟବହାର, ବଣ୍ଟନ ଓ ନିୟନ୍ତ୍ରଣ କ୍ଷେତ୍ରରେ ଦ୍ୱନ୍ଦ୍ୱ ଉପୁଜିଲେ ତାହାର ସମାଧାନ ପାଇଁ ପାର୍ଲିଆମେଣ୍ଟ ଆଇନ ପ୍ରଣୟନ କରେ । ଏହା ସୁପ୍ରିମ୍‌କୋର୍ଟ, ହାଇକୋର୍ଟ କିମ୍ବା ନ୍ୟାୟାଳୟରେ ଉପସ୍ଥାପିତ ହେବ ନାହିଁ ।

(୭) ସରକାରୀ ନଥିପତ୍ରକୁ ସମ୍ମାନ ପ୍ରଦର୍ଶନ – ଭାରତ ମଧ୍ୟରେ କେନ୍ଦ୍ର ଏବଂ ରାଜ୍ୟର ସରକାରୀ କାର୍ଯ୍ୟ ନଥିପତ୍ର ଏବଂ ନ୍ୟାୟାଳୟର ବିବରଣୀ ସମସ୍ତଙ୍କଦ୍ୱାରା ସ୍ୱୀକୃତ ଓ ସମ୍ମାନିତ ହେବ ବୋଲି ସମ୍ବିଧାନରେ ବ୍ୟବସ୍ଥା ରହିଛି ।

(୮) ଆନ୍ତଃ-ରାଜ୍ୟ ପରିଷଦ – ୨୬୩ ଧାରା ଅନୁସାରେ ସର୍ବସାଧାରଣ ସ୍ୱାର୍ଥ ସଂରକ୍ଷଣ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଆନ୍ତଃରାଜ୍ୟ ପରିଷଦ ଗଠନ କରିପାରିବେ । ଏହା ନିମ୍ନଲିଖିତ ମୁଖ୍ୟ କାର୍ଯ୍ୟ ସଂପାଦନ କରିପାରେ –

(କ) ରାଜ୍ୟ-ରାଜ୍ୟ ମଧ୍ୟରେ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ବିବାଦ ଉପୁଜିଲେ ସେ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ।

(ଖ) ଏହି ବିଷୟରେ ନୀତି ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ ସୁପାରିସ କରିବା ।

(୯) ସର୍ବଭାରତୀୟ ଚାକିରି – ୩୧୨ ଧାରା ଅନୁଯାୟୀ ସର୍ବଭାତୀୟ ଚାକିରି ପାର୍ଲିଆମେଣ୍ଟ ଦ୍ୱାରା ସୃଷ୍ଟି କରାଯାଏ । ଏହି କର୍ମଚାରୀମାନଙ୍କ ଦ୍ୱାରା ରାଜ୍ୟ ଶାସନ ପରିଚାଳିତ ହୁଏ । ସେମାନଙ୍କର ନିଯୁକ୍ତି ପ୍ରଣାଳୀ ଓ ଚାକିରୀ ସର୍ତ୍ତ କେନ୍ଦ୍ରଦ୍ୱାରା ନିୟନ୍ତ୍ରିତ ହୁଏ ।

(୧୦) ଜରୁରୀ ପରିସ୍ଥିତି – ରାଜ୍ୟରେ ସମ୍ବିଧାନିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲେ କିମ୍ବା ରାଜ୍ୟ କେନ୍ଦ୍ରର ନିର୍ଦ୍ଦେଶ ନ ମାନିଲେ ସମ୍ବିଧାନର ୩୫୬ ଧାରା ଅନୁସାରେ ସେହି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୁଏ । ଏହାଦ୍ୱାରା ପାର୍ଲିଆମେଣ୍ଟ ରାଜ୍ୟ ପାଇଁ ଆଇନ ପ୍ରଣୟନ କରେ ଓ ବସ୍ତୁତଃ ରାଜ୍ୟରେ କେନ୍ଦ୍ରର ଶାସନ ଚାଲେ ।

ଏତଦ୍‌ଭିନ୍ନ କେନ୍ଦ୍ରର ଆହ୍ୱାନକ୍ରମେ ରାଜ୍ୟର ବିଭିନ୍ନ ବିଭାଗରେ ନିଯୁକ୍ତି କର୍ମଚାରୀମାନେ ବିଭିନ୍ନ ସମୟରେ ସମ୍ମିଳନୀମାନଙ୍କରେ ମିଳିତ ହୋଇ ରାଜ୍ୟରେ କେନ୍ଦ୍ରୀୟ ନୀତିନିୟମ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରନ୍ତି । ଏକ ସଂଘୀୟ ବ୍ୟବସ୍ଥାରେ ଐକ୍ୟ ଓ ସଂହତି ପ୍ରତିଷ୍ଠା ପାଇଁ କେନ୍ଦ୍ରର ରାଜ୍ୟ ପ୍ରଶାସନ ଉପରେ କର୍ତ୍ତୃତ୍ୱ ରହିବା ବାଞ୍ଛନୀୟ ।

### ୩.୪.୪.୩ ଆର୍ଥିକ ସଂପର୍କ (Financial Relationship)

ସମ୍ବିଧାନର ଦ୍ୱାଦଶ ଖଣ୍ଡର ପ୍ରଥମ ଅଧ୍ୟାୟରେ କେନ୍ଦ୍ର ଓ ରାଜ୍ୟ ଆର୍ଥିକ ସଂପର୍କ ବିଷୟରେ ଆଲୋଚନା କରାଯାଇଛି । ଯାହାକୁ ନିମ୍ନମତେ ଆଲୋଚନା କରାଯାଇପାରେ –

(୧) କେନ୍ଦ୍ର ତାଲିକାରେ ୧୨ ଗୋଟି ବିଷୟ ଅନ୍ତର୍ଭୁକ୍ତ । ରପ୍ତାନି ଶୁଳ୍କ, ଆୟକର, ଅବକାରୀ ଶୁଳ୍କ ଇତ୍ୟାଦି କେନ୍ଦ୍ର ଦ୍ୱାରା ଧାର୍ଯ୍ୟ ଏବଂ ଆଦାୟ ହୋଇ ନିଜ ପାଇଁ ଖର୍ଚ୍ଚ ହୋଇଥାଏ ।

(୨) ଭୂ ରାଜସ୍ୱ, ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ କୃଷିଜମି ଉପରେ ଶୁଳ୍କ, ଯାନବାହନ ଉପରେ କର, ବିଦ୍ୟୁତ ବ୍ୟୟ ଓ ବିକ୍ରୟକର ଇତ୍ୟାଦି ରାଜ୍ୟସରକାରମାନେ ନିଜେ ଧାର୍ଯ୍ୟ ଓ ଆଦାୟ କରି ନିଜ ପାଇଁ ବ୍ୟୟ କରିଥାନ୍ତି । ଏହି ରାଜ୍ୟ ତାଲିକାରେ ୧୯ ଗୋଟି ବିଷୟ ରହିଛି ।

(୩) ବୀମା ଶୁଳ୍କ, ଔଷଧ ପ୍ରସ୍ତୁତି ଉପରେ ଅବକାରୀ ଶୁଳ୍କ, ବିଲସ୍ ଅଫ ଏକ୍ସଚେଞ୍ଜ ଇତ୍ୟାଦି କେନ୍ଦ୍ର ଦ୍ୱାରା ଧାର୍ଯ୍ୟ ହେଲେ ମଧ୍ୟ ରାଜ୍ୟମାନେ ଆଦାୟ ଓ ବ୍ୟୟ କରିଥାନ୍ତି ।

(୪) ୨୭୫ ଧାରା ଅନୁଯାୟୀ ରାଜ୍ୟମାନଙ୍କୁ କେନ୍ଦ୍ର ସରକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରନ୍ତି ଯାହା ରାଜ୍ୟ ରାଜସ୍ୱର ଏକ ମୁଖ୍ୟ ଅଂଶ ଅଟେ ।

(୫) ୨୬୯ ଧାରା ଅନୁଯାୟୀ ରେଳ, ଜଳ ଜାହାଜ ଓ ବିମାନ ପଥରେ ଯାତ୍ରୀ ଓ ଦ୍ରବ୍ୟ ପରିବହନ ଉପରେ ଶୁଳ୍କ ଆଦି କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଓ ଆଦାୟ ହେଉଥିଲେ ମଧ୍ୟ ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥାଏ ।

(୬) ରାଜ୍ୟ ଆର୍ଥିକ ବ୍ୟବସ୍ଥା ଓ ଉନ୍ନୟନ କାର୍ଯ୍ୟକ୍ରମକୁ ଯୋଜନା ଆୟୋଗ ନିୟନ୍ତ୍ରଣ କରିଥାଏ । ଏହା କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଓ ନିୟନ୍ତ୍ରିତ ଅଟେ ।

(୭) ୨୭୦ ଧାରା ବଳରେ କେତେକ କର କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଓ ଆଦାୟ ହୁଏ କିନ୍ତୁ କେନ୍ଦ୍ର-ରାଜ୍ୟ ମଧ୍ୟରେ ବଣ୍ଟନ ହୋଇଥାଏ । ଆୟକର୍ର, କେନ୍ଦ୍ର ଅବକାରୀ ଶୁଳ୍କ ଇତ୍ୟାଦି ଏହାର ଉଦାହରଣ ଅଟେ ।

(୮) ପ୍ରତି ପାଞ୍ଚ ବର୍ଷରେ ଥରେ ସମ୍ବିଧାନର ୨୮୦ ଧାରା ଅନୁଯାୟୀ ରାଷ୍ଟ୍ରପ୍ରତି ଏକ ଅର୍ଥ ଆୟୋଗ ନିଯୁକ୍ତ କରନ୍ତି । ଯାହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟିକସ ବଣ୍ଟନ ଓ ଅନୁଦାନ ନୀତି ପାଇଁ ସୁପାରିଶ୍ ପ୍ରଦାନ କରିଥାଏ ।

(୯) ଦେଶର ଆର୍ଥିକ ବ୍ୟବସ୍ଥା ଅତି ଖରାପ ହେଲେ ରାଷ୍ଟ୍ରପତି ୩୬୦ ଧାରା ଅନୁଯାୟୀ ଆର୍ଥିକ ଜରୁରୀ ପରିସ୍ଥିତି ଜାରି କରିପାରନ୍ତି ଏବଂ ସେହି ସମୟରେ ରାଜ୍ୟର ଆର୍ଥିକ କାର୍ଯ୍ୟକ୍ରମ କେନ୍ଦ୍ରର ନିୟନ୍ତ୍ରଣ ଓ ନିର୍ଦ୍ଦେଶନା ସହ ପରିଚାଳିତ ହୋଇଥାଏ ।

(୧୦) ୧୫୦ ଓ ୧୫୧ ଧାରାର ବ୍ୟବସ୍ଥାନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ମହା ହିସାବରକ୍ଷକ ଓ ନିରୀକ୍ଷକ ରାଜ୍ୟର ଆର୍ଥିକ ବ୍ୟବସ୍ଥାକୁ ନିଜର ନିୟନ୍ତ୍ରଣ ସହ ପରିଚାଳନା କରିଥା'ନ୍ତି ।

(୧୧) ରାଜ୍ୟ ସରକାରମାନେ ବୈଦେଶିକ ଋଣଉଠାଣ କରିପାରନ୍ତି ନାହିଁ । ୨୯୩ ଧାରା ବଳରେ ରାଜ୍ୟମାନେ ଆଭ୍ୟନ୍ତରିଣ ସୂତ୍ରରୁ ଋଣ ଉଠାଣ କଲେ କେନ୍ଦ୍ରର ଅନୁମତି ଆବଶ୍ୟକ ପଡିଥାଏ ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ହୁଏ ଯେ ଆର୍ଥିକ ବ୍ୟାପାରରେ କେନ୍ଦ୍ର, ରାଜ୍ୟମାନଙ୍କ ତୁଳନାରେ ଅଧିକ ସୁଦୃଢ ଅଟେ । ସରକାରିଆ କମିଶନ ଏହାର ରିପୋର୍ଟରେ ରାଜ୍ୟମାନଙ୍କର ଆର୍ଥିକ ସ୍ଥିତି ଦୃଢ କରିବା ଦାବୀକୁ ସମର୍ଥନ କରିଛନ୍ତି । କର୍ପୋରେସନ ଟିକସକୁ ବଣ୍ଟନ କ୍ଷେତ୍ରରେ ରଖିବା ଫଳରେ ରାଜ୍ୟମାନଙ୍କ ସମ୍ବଳ ବୃଦ୍ଧି ଘଟିବ ବୋଲି କମିଶନ ସୁପାରିଶ କରିଛନ୍ତି । ୨୬୮ ଧାରା ଅନ୍ତର୍ଭୁକ୍ତ କର ଧାର୍ଯ୍ୟ ବ୍ୟବସ୍ଥାକୁ ବିଭିନ୍ନ ସମୟରେ ତର୍ଜମା କରିବା ପାଇଁ ସୁପାରିଶ କରି ଏହା ରାଜ୍ୟର ସମ୍ବଳ ସୃଷ୍ଟି ମାଧ୍ୟମକୁ ବ୍ୟାପକ କରିଛନ୍ତି । ଅର୍ଥ ଆୟୋଗର ଏକ ମଣ୍ଡଳ ବା ବିଭାଗକୁ ଯୋଜନା ଆୟୋଗରେ ସ୍ଥାନ ଦିଆଗଲେ ଏହି ବିଭାଗ ରାଜ୍ୟମାନଙ୍କର ଆର୍ଥିକ ବ୍ୟବହାରକୁ ଧାରାବାହିକ ଭାବେ ପରିଚାଳନା କରିପାରିବ ବୋଲି ସରକାରିଆ କମିଶନ ମତ ଦେଇଛନ୍ତି । ସରକାରିଆ କମିଶନଙ୍କ ରିପୋର୍ଟର ଦଶମ ଅଧ୍ୟାୟରେ ବର୍ଣ୍ଣିତ କେନ୍ଦ୍ର-ରାଜ୍ୟଆର୍ଥିକ ସଂପର୍କ ବିଷୟର ୪୪ଟି ପ୍ରସ୍ତାବ ମଧ୍ୟରୁ ୨୯ ଗୋଟିକୁ କାର୍ଯ୍ୟକାରୀ କରାଯାଇଥିବାରୁ କେନ୍ଦ୍ର-ରାଜ୍ୟ ଆର୍ଥିକ ସଂପର୍କ ଅଧିକ ଉନ୍ନତ ଓ ସୁବ୍ୟବସ୍ଥିତ ହୋଇପାରିଛି ।

## ୩.୫ ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ସ୍ୱତନ୍ତ୍ର୍ୟ ଦାବୀର ସ୍ୱର

ବ୍ରିଟିଶ ରାଜତ୍ୱ କାଳରେ ଭାରତୀୟମାନେ ଆନ୍ଦୋଳନ ମାଧ୍ୟମରେ ରାଜ୍ୟମାନଙ୍କ ପାଇଁ ସ୍ୱାତନ୍ତ୍ର୍ୟ ଦିବି କରୁଥିଲେ । ୧୯୩୫ ମସିହା ଭାରତ ଶାସନ ଆଇନ ଏହି ଦାବିର କିଛି ଅଂଶ ପୂରଣ କରିଥିଲେ ମଧ୍ୟ ଭାରତୀୟମାନଙ୍କ ମନରେ ଆଂଚଳିକ ସ୍ୱାତନ୍ତ୍ର୍ୟର ମୋହ ସୃଷ୍ଟି କରିଥିଲା । ସ୍ୱାଧୀନତା ପ୍ରାପ୍ତିପରେ ନୂତନ ସମ୍ବିଧାନ ପ୍ରଣୟନ ସମୟରେ ରାଜ୍ୟମାନଙ୍କୁ ଅଧିକ କ୍ଷମତା ଦେବାକୁ ବହୁ ରାଜନୀତିଜ୍ଞ ମତପ୍ରକାଶ କରିଥିଲେ । ପଣ୍ଡିତ ନେହେରୁ, ଡକ୍ଟର ଆମ୍ବେଦକର ଓ ସର୍ଦ୍ଦାର ପଟେଲ ପ୍ରଭୃତି ଜାତୀୟ ନେତାମାନେ ଏହି ଦାବିକୁ ଗ୍ରହଣ କରିନଥିଲେ ସେମାନେ ସେତେବେଳେ ଯେଉଁ କାରଣରୁ କେନ୍ଦ୍ରରୁ ଅଧିକ କ୍ଷମତା ଦେଇ ରାଜ୍ୟମାନଙ୍କର ଭୂମିକାକୁ ଗୌଣ ମନେକରିଥିଲେ, ସ୍ୱାଧୀନତାର ୪୩ବର୍ଷ ପରେ ମଧ୍ୟ କେନ୍ଦ୍ରସରକାର ସେହି ଆଳରେ ରାଜ୍ୟର ସ୍ୱାତନ୍ତ୍ର୍ୟ ଦାବିକୁ ଅଗ୍ରାହ୍ୟ କରିଚାଲିଛି । କ୍ରମଶଃ ଏହା ବିରୁଦ୍ଧରେ ଜନମତ ସୃଷ୍ଟି ହେଉଛି ଏବଂ ରାଜ୍ୟମାନେ ଅଧିକରୁ ଅଧିକ ସ୍ୱାତନ୍ତ୍ର୍ୟ ଦାବି କରୁଛନ୍ତି ।

ପଣ୍ଡିତ ନେହେରୁ ଓ ଶାସ୍ତ୍ରୀଜୀଙ୍କ ମୃତ୍ୟୁପରେ କଂଗ୍ରେସ ଦଳର ସାଙ୍ଗଠନିକ ସ୍ଥିତି ଓ ଆଭ୍ୟନ୍ତରିଣ ଶୃଙ୍ଖଳା ବ୍ୟାହତ ହେବାରୁ ଦଳ ମଧ୍ୟରେ ଯେଉଁ ବ୍ୟକ୍ତିଗତ ବିରୋଧ ଦେଖାଗଲା, ତାହା କେବଳ ଯେ କଂଗେସକୁ ଭାଗ ଭାଗ କଲା, ସେତିକି ନୁହେଁ, ଦେଶର ଐକ୍ୟ ଓ ସହଂତି ପ୍ରତି ବିପଦ ସୃଷ୍ଟି କଲା । ୧୯୬୭ ମସିହା ପରେ ଅନେକ ରାଜ୍ୟ କଂଗ୍ରେସ ହାତରୁ ଖସିଗଲା ଓ ସେଠାରେ ଅଣକଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ ହେଲା, ଏହିଠାରୁ ଆରମ୍ଭ ହେଲା ରାଜ୍ୟମାନଙ୍କ ସ୍ୱାତନ୍ତ୍ର୍ୟ ଦାବିର ସ୍ୱର ।

ଦ୍ୱିତୀୟ ସାଧାରଣ ନିର୍ବାଚନ, ୧୯୫୭ ମସିହାରେ କେରଳରେ କମ୍ୟୁନିଷ୍ଟ ମନ୍ତ୍ରିମଣ୍ଡଳ ଇ.ଏସ୍.ଏସ୍ ନମ୍ବୁଦ୍ରିପଦଙ୍କ ମୁଖ୍ୟ ମନ୍ତ୍ରୀତ୍ୱରେ ଗଠିତ ହେଲା । ଏହା କେନ୍ଦ୍ରର କଂଗ୍ରେସ ସରକାରକୁ ଅନେକ କ୍ଷେତ୍ରରେ ବିରୋଧ କଲା । ୧୯୫୯ ମସିହାରେ କେରଳ ସରକାରକୁ ଭାଙ୍ଗି ରାଷ୍ଟ୍ରପତି ଶାସନ ଜାରି କରଗଲା । କେନ୍ଦ୍ରର ଏହି ଗଣତାନ୍ତ୍ରିକ ପଦକ୍ଷେପ ବିରୁଦ୍ଧରେ ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା ।

୧୯୬୦ ମସିହାର ମାଡ୍ରାସଠାରେ ଦ୍ରାବିଡ଼ ମୁନେତ୍ରା କାଜାଗମ୍ ଓ ନବତାମିଲ ଦଳ, ମିଳିତଭାବେ ସାର୍ବଭୌମ ତାମିଲନାଡୁ ଗଠନ ପାଇଁ ଆନ୍ଦୋଳନ କଲେ । ସେମାନେ ଭାରତର ସମ୍ବିଧାନ ଓ ଜାତୀୟ ପତାକାକୁ ମଧ୍ୟ ବିରୋଧ କଲେ । ୧୯୬୨

ମସିହାରେ ସି. ଏନ୍ ଅନ୍ନାଦୁରାଇ-ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ କେରଳ ପ୍ରଭୃତି ରାଜ୍ୟକୁ ନେଇ ଏକ 'ସ୍ୱାଧୀନ ଦ୍ରାବିଡ଼ରାଜ୍ୟ" ଗଠନପାଇଁ ଦାବି କରିଥିଲେ । ଚୀନର ଭାରତ ଆକ୍ରମଣ ପରେ ଏହି ସ୍ୱର ୧୯୬୩ ବେଳକୁ ନରମିଯାଇଥିଲେ ମଧ୍ୟ ଦାକ୍ଷିଣାତ୍ୟ ରାଜ୍ୟମାନଙ୍କୁ ଅଧିକ ସ୍ୱାତନ୍ତ୍ର୍ୟ ତାଙ୍କର ଦାବୀ ଥିଲା ।

୧୯୬୭ ମସିହାରେ କେରଳରେ ମାର୍କସ୍‌ବାଦୀ ନେତା ନମ୍ବୁଦ୍ରିପଦ ମୁଖ୍ୟମନ୍ତ୍ରୀ ହେଲେ । ସେ କେରଳପାଇଁ ଅଧିକ ଖାଦ୍ୟଶସ୍ୟ କେନ୍ଦ୍ରଠାରୁ ଦାବି କଲେ । କେନ୍ଦ୍ରସରକାରଙ୍କ ପାତର ଅନ୍ତର ମନୋଭାବକୁ ସମାଲୋଚନାକରି ଖାଦ୍ୟଯୋଗାଣ ପାଇଁ ଚୀନସହ ପ୍ରତ୍ୟକ୍ଷ ରାଜିନାମା କରିବାର କ୍ଷମତା କେରଳକୁ ଦିଆଯାଉ ବୋଲି ସେ କହିଥିଲେ । ଏପରିକି ବୈଦେଶିକ ମୁଦ୍ରାର କେରଳ ଅଂଶ ତାଙ୍କ ରାଜ୍ୟକୁ ଦେବାପାଇଁ ତାଙ୍କର ଦାବି ଥିଲା ।

୧୯୬୭ ମସିହା ଏପ୍ରିଲ ୮ ତାରିଖରେ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀ ଡାକି ତାମିଲନାଡୁର ମୁଖ୍ୟମନ୍ତ୍ରୀ ଅନ୍ନାଦୁରାଇ କେନ୍ଦ୍ରର କ୍ଷମତା ହ୍ରାସ ଓ ରାଜ୍ୟର କ୍ଷମତା ବୃଦ୍ଧିପାଇଁ ଯୁକ୍ତି ବାଢ଼ିଥିଲେ ।

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବୀରେନ୍ଦ୍ର ପାଟିଲ ୧୯୬୬ ମସିହାରେ କେନ୍ଦ୍ରର କଂଗ୍ରେସ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ରାଜ୍ୟରେ ଅଣକଂଗ୍ରେସ ସରକାର ଥିବାରୁ କେନ୍ଦ୍ର ରାଜ୍ୟ ପ୍ରତି ଉଚିତ୍ ଧ୍ୟାନ ଦେଉନାହିଁ ଓ କେନ୍ଦ୍ର ମନ୍ତ୍ରୀମାନେ ରାଜ୍ୟଠାରୁ ଉପଯୁକ୍ତ ଆତିଥ୍ୟ ପାଉଥିଲେ ମଧ୍ୟ ରାଜ୍ୟ ମନ୍ତ୍ରୀମାନଙ୍କୁ ଦିଲ୍ଲୀରେ ସାକ୍ଷାତ ଦେଉନାହାଁନ୍ତି ତଥା ରାଜ୍ୟ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେବାର ସବୁପ୍ରକାର ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଥିଲେ

୧୯୬୯ ମସିହା ଜୁନ୍ ୨୮ ତାରିଖ ଦିନ ପଞ୍ଜାବର ମୁଖ୍ୟମନ୍ତ୍ରୀ ଗୁରୁନାମ ସିଂହ କେନ୍ଦ୍ରକୁ ସମାଲୋଚନା କରି କହିଥିଲେ ଯେ କେନ୍ଦ୍ର ସରକାର ଜାଣି ଶୁଣି ଚଣ୍ଡିଗଡ଼ର ଭବିଷ୍ୟତ ଓ ପଞ୍ଜାବର ସୀମା ନିର୍ଦ୍ଧାରଣ କରୁନାହାନ୍ତି ।

୧୯୬୯ ମସିହା ସେପ୍ଟେମ୍ବର ୨୨ ତାରିଖରେ ତାମିଲନାଡୁ ସରକାର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଡକ୍ଟର ପି.ଭି.ରାଜମାନ୍ନାଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ରାଜ୍ୟ ସମ୍ପର୍କ ବିଷୟରେ ଅନୁଧ୍ୟାନ ରିପୋର୍ଟ ଦେବାକୁ ଏକ କମିଟି ଗଠନ କଲେ । ଏହି କମିଟି କେତେକ ଉପାଦେୟ ପରାମର୍ଶ ଦେଇଥିଲା ।

(୧) ରାଜ୍ୟପାଳ ରାଜ୍ୟମନ୍ତ୍ରୀମଣ୍ଡଳର ପରାମର୍ଶକ୍ରମେ ନିଯୁକ୍ତି ହେବା ଉଚିତ । (୨) କେବଳ ଆଇନ ଶୃଙ୍ଖଳା ପରିସ୍ଥିତିର ଅବନତି କାରଣରୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯିବ । ଏବିଷୟରେ ବିଧାନସଭାରେ ଆଲୋଚନା ମଧ୍ୟ ହେବ । (୩) ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ଆନ୍ତଃରାଜ୍ୟ ପରିଷଦ ଗଠିତ ହେବ । ତାହା ପ୍ରତିରକ୍ଷା ଓ ବୈଦେଶିକ ସମ୍ପର୍କ ଭିନ୍ନ ଅନ୍ୟ ସମସ୍ତ ବିଷୟ ଆଲୋଚନା କରିବେ । (୪) ରାଜ୍ୟ ତାଲିକାର ବିଷୟ ସଂଖ୍ୟା ବୃଦ୍ଧି କରାଯିବ ଓ ରାଜ୍ୟସଭାରେ ପ୍ରତ୍ୟେକ ରାଜ୍ୟକୁ ସମାନ ପ୍ରତିନିଧିତ୍ୱ ମିଳିବ । (୫) ଅର୍ଥ ଆୟୋଗ ଏକ ସ୍ଥାୟୀ ସଂସ୍ଥା ହେବ । (୬) ଆନ୍ତଃରାଜ୍ୟ ନଦୀଜଳ ବଣ୍ଟନ ବିବାଦ କେବଳ ସୁପ୍ରିମ୍‌କୋର୍ଟରେ ହିଁ ଶେଷହେବ ଓ ହାଇକୋର୍ଟର ବିଚାରପତିମାନଙ୍କ ବହିଷ୍କାରରେ ରାଜ୍ୟ ବିଧାନସଭାକୁ ଅଂଶୀଦାର କରାହେବ । (୮) ଅବଶିଷ୍ଟ ବିଷୟ ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ ହେବ । କେନ୍ଦ୍ର ସରକାର ଏହି ପରାମର୍ଶ ଗ୍ରହଣ କରିନଥିଲେ । ୧୯୬୯ ମସିହାରେ ପଶ୍ଚିମବଙ୍ଗର ରାଜ୍ୟପାଳ ଧର୍ମବୀର ବର୍ଷୀୟାନ ନେତା ଅଜୟମୁଖାର୍ଜି ମୁଖ୍ୟମନ୍ତ୍ରୀତ୍ୱରୁ ବହିଷ୍କାର କରି ଏକ କୁପରମ୍ପରା ସୃଷ୍ଟିକଲେ । ଏହାଫଳରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ବ୍ୟାହତ ହେଲା । ମାର୍କସବାଦୀ କମ୍ୟୁନିଷ୍ଟପାର୍ଟି ଧର୍ମବୀରଙ୍କ ପ୍ରତ୍ୟାହାର ଦାବିକଲା ଓ ତତ୍ ସହିତ ରାଜ୍ୟର ଅଧିକ ସ୍ୱାତନ୍ତ୍ର ପାଇଁ ସ୍ୱର ଉତ୍ତୋଳନ କଲା ।

୧୯୭୦ ମସିହାରେ ବିହାର ମୁଖ୍ୟମନ୍ତ୍ରୀ ମହାମାୟା ପ୍ରସାଦ ସିହ୍ନା ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ରାଜ୍ୟମାନଙ୍କ ପାଇଁ ଅଧିକ କ୍ଷମତା ଦାବି କଲେ । ଓଡ଼ିଶାର ପ୍ରାକୃତିକ ସଂପଦର ଉପଯୁକ୍ତ ବିନିଯୋଗ ପାଇଁ ଦ୍ୱିତୀୟ ଇସ୍ପାତ କାରଖାନା ଓ ରେଳପଥର ସମ୍ପ୍ରସାରଣ ଦାବିରେ ସରକାରୀଦଳ ପୃଷ୍ଠପୋଷକତାରେ ଓଡ଼ିଶାରେ ବନ୍ଦ ପାଳନ କରାଯାଇଥିଲା ।

୧୯୭୩ ମସିହା ଅକ୍ଟୋବର ମାସରେ ପଞ୍ଜାବର ଆନନ୍ଦପୁର ସାହିବଠାରେ ଶିରୋମଣି ଆକାଳୀଦଳ ଦ୍ୱାରା କେନ୍ଦ୍ର ରାଜ୍ୟ ସମ୍ପର୍କକୁ ନୂତନ ରୂପ ଦେବାପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ଆନନ୍ଦପୁର ସହିତ ପ୍ରସ୍ତାବ ଭାବେ ପରିଚିତ । ରାଜ୍ୟରୁ ଅଧିକ କ୍ଷମତାଦେବା, ସଂଘୀୟ ବ୍ୟବସ୍ଥାର ଢ଼ାଚା ବଦଳାଇବା ଓ ରାଜ୍ୟର ଆର୍ଥିକ ସ୍ଥିତିକୁ ଦୃଢ଼ କରିବାପାଇଁ କେତେକ ପ୍ରସ୍ତାବ ଏହାର ଅନ୍ତର୍ଭୁକ୍ତ । କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ଗ୍ରହଣ କରିନଥିଲେ ।

ବିହାର ଓ ଅନ୍ୟ କେତେକ ରାଜ୍ୟର ପରିସ୍ଥିତିରେ ସମବେଦନା ପ୍ରକାଶକରି ଜୟପ୍ରକାଶ ନାରାୟଣ ୧୯୭୧ ମସିହାରେ ଏକ ନୂତନ କ୍ରାନ୍ତି ଆରମ୍ଭ କଲେ । ଏହା ସଂପୂର୍ଣ୍ଣ ବିପ୍ଲବ ନାମରେ ନାମିତ । ଏହାର ଲକ୍ଷଥିଲା କ୍ଷମତାର ବିକେନ୍ଦ୍ରୀକରଣ ଓ ଆଂଚଳିକ ବୈଷମ୍ୟର ଅବସାନ ।

୧୯୭୭ ମସିହା ନିର୍ବାଚନରେ ଭାରତୀୟମାନେ ଏକ ଐତିହାସିକ ରାୟଦେଲେ । ଯାହାଫଳରେ କେନ୍ଦ୍ରରେ କଂଗ୍ରେସ ପରିବର୍ତ୍ତେ ଜନତାଦଳ ଶାସନକୁ ଆସିଲା । ୯ଟି ରାଜ୍ୟର କଂଗ୍ରେସ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେଇ ଜନତାଦଳ କେନ୍ଦ୍ର ରାଜ୍ୟ ସମ୍ପର୍କରେ କ୍ଷତି ଘଟାଇଲା । ତତ୍କାଳୀନ କଂଗ୍ରେସ ମୁଖ୍ୟମନ୍ତ୍ରୀ ଦେବରାଜ ଉର୍ଷ ରାଜ୍ୟପାଇଁ ଅଧିକ କ୍ଷମତା ଦାବି କରିଥିଲେ ।

୧୯୭୮ ମସିହାରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ପ୍ରକାଶସିଂହ ବାଦଲ, ଆସାମ ମୁଖ୍ୟମନ୍ତ୍ରୀ ଗୋଲାବ ବାରବରା, ଲୋକସଭା ସଭ୍ୟ ଶ୍ରୀ ଧନିକଲାଲ ମଣ୍ଡଳ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶ୍ରୀ ଜ୍ୟୋତିବସୁ ପ୍ରଭୃତି ରାଜ୍ୟପାଇଁ ଅଧିକ କ୍ଷମତା ଦାବୀ କରିଥିଲେ ମଧ ମୋରାରଜୀ ସରକାର ସେମାନଙ୍କ ସହିତ ଏକମତ ହୋଇନଥିଲେ ।

ଜନତା ମନ୍ତ୍ରିମଣ୍ଡଳର ପତନ ଘଟିବାରୁ ୧୯୮୦ ମସିହାରେ କଂଗ୍ରେସ ପୁଣି କ୍ଷମତାକୁ ଆସିଲା । ଶ୍ରୀମତୀ ଇନ୍ଦିରାଗାନ୍ଧୀ ୯ଟି ରାଜ୍ୟର ଅଣକଂଗ୍ରେସ ମନ୍ତ୍ରିମଣ୍ଡଳକୁ ଭାଙ୍ଗି ଦେଇ ଜନତା ସରକାରଙ୍କ କାର୍ଯ୍ୟର ପୁନରାବୃତ୍ତି କଲେ । ଏହା କେନ୍ଦ୍ର ରାଜ୍ୟ ସମ୍ପର୍କକୁ କ୍ଷୁର୍ଣ୍ଣକଲା ।

୧୯୮୨ ମସିହା ବେଳକୁ ପଞ୍ଜାବ ପରିସ୍ଥିତି ଆୟତ ବାହାରକୁ ଚାଲିଯାଇଥିଲା । ଶ୍ରୀମତୀ ଗାନ୍ଧି ସ୍ୱର୍ଣ୍ଣମନ୍ଦିରରେ ଭାରତୀୟ ସୈନ୍ୟବାହିନୀ ଦ୍ୱାରା ଯେଉଁ ବ୍ଲୁଷ୍ଟାର ଅପରେସନ କଲେ ତା'ବିରୁଦ୍ଧରେ ଅକାଳି ଦଳର କର୍ମୀମାନେ ସଙ୍ଗଠିତ ହୋଇ ରାଜ୍ୟ ପାଇଁ ଅଧିକ କ୍ଷମତା ତଥା ଖାଲିସ୍ତାନ ଦାବିକଲେ । ସେହିବର୍ଷ ହରିଆନାର ଭିୱାନୀଠାରେ ମୁଖ୍ୟ ବିରୋଧିଦଳଙ୍କ ନେତୃମଣ୍ଡଳର ବୈଠକ ବସିଲା ଓ କେନ୍ଦ୍ରର କଂଗ୍ରେସ ଶାସନର ସମାପ୍ତି ତଥା ରାଜ୍ୟମାନଙ୍କ ପାଇଁ ଅଧିକ କ୍ଷମତା ସଂକ୍ରାନ୍ତରେ କେତେକ ନିଷ୍ପତ୍ତି ନିଆଗଲା ।

୧୯୮୩ ମସିହା ମାର୍ଚ୍ଚ ୨୦ ତାରିଖରେ ତାମିଲନାଡୁ, କର୍ଣ୍ଣଟକ, ଆନ୍ଧ୍ରପ୍ରଦେଶ ଓ ପଣ୍ଡୀଚେରୀର ମୁଖ୍ୟମନ୍ତ୍ରୀମାନେ ବାଙ୍ଗାଲୋରଠାରେ ମିଳିତ ହୋଇ ଅଣକଂଗ୍ରେସ ମୁଖ୍ୟମନ୍ତ୍ରୀମାନେ ଓ ବିରୋଧୀଦଳର ନେତାମାନେ କେନ୍ଦ୍ର ରାଜ୍ୟ ସମ୍ପର୍କ, ରାଜ୍ୟର ସ୍ୱାତନ୍ତ୍ୟ, ଆଂଚଳିକ ବିକାଶ ଓ କେନ୍ଦ୍ର ସରକାରଙ୍କ ମନୋମୁଖୀ ତଥା ପକ୍ଷପାତୀ ଦୃଷ୍ଟିଭଙ୍ଗୀ ବିଷୟରେ ଆଲୋଚନା କରିବା ପାଇଁ ଏବଂ ସମୁଚିତ ପନ୍ଥା ଗ୍ରହଣ ପାଇଁ ବିଭିନ୍ନ ସ୍ଥାନରେ ମିଳିତ ହୋଇଛନ୍ତି । ୧୯୮୩ ମସିହା ମେ ମାସ ୨୮ ତାରିଖରେ ଆନ୍ଧ୍ରପ୍ରଦେଶର ଜୟୱାଡାଠାରେ, ୧୯୮୩ ମସିହା ଅକ୍ଟୋବର ମାସ ୭ ତାରିଖରେ ଶ୍ରୀନଗରଠାରେ ଓ ୧୯୮୪ ମସିହା ଜାନୁୟାରୀ ୧୩ ତାରିଖ ଦିନ କଲିକତାଠାରେ ଏହି ପ୍ରକାର ସମ୍ମିଳନୀ ସଂଗଠିତ ହୋଇଛି ।

୧୯୮୪ ମସିହା କେନ୍ଦ୍ରୀୟ ନିର୍ଦ୍ଦେଶରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଶ୍ରୀରାମଲାଲ ଅପକୌଶଳ ପ୍ରୟୋଗ କରି ମୁଖ୍ୟମନ୍ତ୍ରୀ ଏନ୍.ଟି ରାମାରାଓଙ୍କୁ କ୍ଷମତାଚ୍ୟୁତ କଲେ ଓ ଶ୍ରୀ ଭାସ୍କର ରାଓଙ୍କୁ ମୁଖ୍ୟମନ୍ତ୍ରୀ ଭାବେ କ୍ଷମତାସୀନ କଲେ । ଏହା କେନ୍ଦ୍ରସରକାରର ରାଜ୍ୟ ଉପରେ ଅଯଥା ହସ୍ତକ୍ଷେପ ବୋଲି କହି ବିରୋଧୀଦଳମାନେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ସମାଲୋଚନା କରିଥିଲେ । ଅବଶ୍ୟ ଖୁବ୍ କମ୍ ଦିନପରେ ଭାସ୍କର ରାଓଙ୍କୁ ବହିଷ୍କାରକରି ରାମାରାଓଙ୍କୁ ପୁନଶ୍ଚ ମୁଖ୍ୟମନ୍ତ୍ରୀ ରଖାଗଲା ।

୧୯୮୯ ମସିହାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏସ.ଆର. ବୋମାଇଙ୍କୁ ବିଧାନସଭାରେ ଶକ୍ତି ପରୀକ୍ଷାର ସାମାନ୍ୟତମ ସୁଯୋଗ ନଦେଇ ରାଜ୍ୟପାଳ ଭେଙ୍କଟସୁବେୟା ମୁଖ୍ୟମନ୍ତ୍ରୀତ୍ୱରୁ ବରଖାସ୍ତ କଲେ । ଏହାଦ୍ୱାରା କଂଗ୍ରେସ ସରକାରଙ୍କ ବିରୁଦ୍ଧରେ ନାନା ପ୍ରକାର ସମାଲୋଚନା ହେଲା । ରାଜ୍ୟପାଳ ଅଗଣତାନ୍ତ୍ରିକ, ଉଦ୍ଦେଶ୍ୟମୂଳକ ଓ ଦଳୀୟ ସମର୍ଥକଭାବେ କାର୍ଯ୍ୟ କରୁଥିବାରୁ ରାଜ୍ୟପାଳ ପଦବୀକୁ ଉଠାଇ ଦେବାପାଇଁ ବିଭିନ୍ନ ସ୍ତରରେ ଦାବି କରାଯାଉଛି । ସେହିପରି କେରଳର ନାୟନାର ମନ୍ତ୍ରିମଣ୍ଡଳ ସହିତ ରାଜ୍ୟପାଳ ଶ୍ରୀମତୀ ରାମଦୁଲାରୀ ସିହ୍ନାଙ୍କ ବିଶ୍ୱବିଦ୍ୟାଳୟ ବ୍ୟାପାର ସଂକ୍ରାନ୍ତରେ ୧୯୮୮ ମସିହାରେ ବ୍ୟାପକ ମତଭେଦ ଘଟିବାରୁ କେରଳ ସରକାର ତାଙ୍କର ପ୍ରତ୍ୟାହାର ଦାବି କରିଥିଲେ । କେନ୍ଦ୍ର ରାଜ୍ୟ ସମ୍ପର୍କରେ ପୁନର୍ବିନ୍ୟାସ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟମାନଙ୍କ ମଧ୍ୟରେ ସମ୍ବଳର ସମବଣ୍ଟନ କରିବା ଏବଂ ରାଜ୍ୟମାନଙ୍କୁ ଅଧିକ ସମ୍ବଳ ଯୋଗାଇବା ପାଇଁ ଏଠାରେ ଦାବି କରାଯାଇଥିଲା । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟିକସ ରାଜସ୍ୱ ବଣ୍ଟନ ପାଇଁ ପ୍ରଚଳିତ ଗାଡ଼ଗିଲନୀତିର ସଂଶୋଧନ ପାଇଁ ମଧ୍ୟ ସେଠାରେ ଦାବି ହୋଇଥିଲା । ରାମକୃଷ୍ଣ ହେଗେଡ୍‌ଙ୍କ ଯୁକ୍ତି ଏପରି ଅକାଟ୍ୟ ଥିଲା ଯେ, ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧି କେନ୍ଦ୍ର ରାଜ୍ୟ ସମ୍ପର୍କର ଅନୁଧ୍ୟାନ ପାଇଁ ଏକ କମିଶନ ବସାଇବାକୁ ବାଧ୍ୟ ହୋଇଥିଲେ ।

୧୯୮୩ ମାର୍ଚ୍ଚ ୨୪ ତାରିଖରେ ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ରଞ୍ଜିତ ସିଂହ ସରକାରଙ୍କ ଅଧ୍ୟକ୍ଷତାରେ କମିଶନ ଗଠିତ ହେଲା । ପାଞ୍ଚବର୍ଷରୁ ଅଧିକ କାଳ ଅନୁଧ୍ୟାନ କରିବା ପରେ ସରକାରୀଆ କମିଶନ ୧୫୭୯ ପୃଷ୍ଠା ଏକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ୧୯୮୮ ମସିହାରେ ଦେଲେ ।

(୧) କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅଧିକ ଯୋଗସୂତ୍ର ଓ ସହଯୋଗ ପ୍ରତିଷ୍ଠା ପାଇଁ ଏକ ଅନ୍ତଃ ସରକାର ପରିଷଦ ପ୍ରତିଷ୍ଠା ହେବା ଉଚିତ ଓ ଏହାରନାମ ଜାତୀୟ ଆର୍ଥନୀତିକ ଓ ଉନ୍ନୟନ ପରିଷଦ ରଖାଯିବା ଉଚିତ ।

(୩) ଆଂଚଳିକପରିଷଦ ଗୁଡ଼ିକର ସ୍ଥାୟୀ ସଚିବାଳୟ ରହିବା ଆବଶ୍ୟକ ଓ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ପରିବର୍ତ୍ତେ ପରିଷଦ ଅନ୍ତର୍ଭୁକ୍ତ ମୁଖ୍ୟମନ୍ତ୍ରୀମାନେ କ୍ରମାନ୍ୱୟରେ ଏହାର ଅଧ୍ୟକ୍ଷ ହେବା ଉଚିତ ।

(୪) ଯୋଜନା ପ୍ରଣୟନ ସମୟରେ ଯୋଜନା କମିଶନ ରାଜ୍ୟ ସରକାରଙ୍କୁ ଅଧିକ ଗୁରୁତ୍ୱ ଦେବା ଉଚିତ ।

(୫) ରାଜ୍ୟରେ ୩୫୬ଧାରାର ଅପପ୍ରୟୋଗ ହୋଇ ରାଷ୍ଟ୍ରପତି ଶାସନ ଜାରି ସପକ୍ଷରେ କମିଶନ ମତ ଦେଇ ନାହାନ୍ତି ।

(୬) ରାଜ୍ୟପାଳଙ୍କ ନିଯୁକ୍ତି ସମୟରେ ସଂପୃକ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କର ମତ ନିଆଯିବା ଉଚିତ ।

(୭) ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ବଦଳି କରିବା ଉଚିତ୍ ନୁହେଁ । ମୋଟ ଉପରେ ସରକାରୀଆ କମିଶନ ରାଜ୍ୟକୁ ଅଧିକ କ୍ଷମତା ଦେବା ସପକ୍ଷରେ ମତ ଦେଇ ନାହାନ୍ତି । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ୍ପର୍କକୁ କେନ୍ଦ୍ରକରି ବିଭିନ୍ନ କ୍ଷେତ୍ରରେ ଓ ବିଭିନ୍ନ ସମୟରେ ଯେଉଁ ପ୍ରଶ୍ନମାନ ଉଠିଛି, ତାହାର ଜରୁରୀ ସମାଧାନ ହେବା ଆବଶ୍ୟକ । ଦେଶର ପ୍ରତିରକ୍ଷା, ଅଖଣ୍ଡତା, ଐକ୍ୟ ଓ ସଂହତି ଯେତେବେଳେ ବିପନ୍ନ ହୋଇଛି, ରାଜ୍ୟମାନେ ବିନା ଦ୍ୱିଧାରେ କେନ୍ଦ୍ରପ୍ରତି ନିସର୍ତ୍ତ ସମର୍ଥନ ଜ୍ଞାପନ କରିଛନ୍ତି । ସ୍ୱାଭାବିକ ସମୟରେ ରାଜ୍ୟମାନେ ଯେଉଁ ସ୍ୱତନ୍ତ୍ର ଚାହୁଁଛନ୍ତି, କେନ୍ଦ୍ରସରକାର ସେଥିପ୍ରତି ସହାନୁଭୂତିଶୀଳ ଦୃଷ୍ଟି ଦେବା ଉଚିତ । ଉଭୟେ କେନ୍ଦ୍ର ଏବଂ ରାଜ୍ୟ ଜାତୀୟ ଅଖଣ୍ଡତାକୁ ରାଜନୀତିର ଉର୍ଦ୍ଧ୍ୱରେ ରଖିବା ଉଚିତ । ଏଥିପାଇଁ ଆବଶ୍ୟକ ପରସ୍ପର ମଧ୍ୟରେ ଶ୍ରଦ୍ଧା ଓ ସହଯୋଗ ।

## ୩.୬ ସାରାଂଶ

★**ସଂଘୀୟ ରାଷ୍ଟ୍ର :** ସଂଘୀୟ ରାଷ୍ଟ୍ର ବା Federation ଶବ୍ଦଟି ଏକ ଲାଟିନ୍ ଶବ୍ଦ 'ଫୋଏଡସ୍' (Foedus) ରୁ ଉଦ୍ଭୂତ ହୋଇଛି ଯାହାର ଅର୍ଥ 'ସନ୍ଧି' ବା 'ରାଜିନାମା' । କେତେକ ରାଷ୍ଟ୍ର ଏକ ରାଜିନାମା ଭିତ୍ତିରେ ଏକତ୍ରିତ ହୋଇ ଏହି ରାଷ୍ଟ୍ରସଂଘ ଗଠନ କରିଥାନ୍ତି ।

★ ଅଧ୍ୟାପକ ଏ.ଭି.ଡାଇସୀଙ୍କ ମତରେ, "ଜାତୀୟ ଐକ୍ୟ ଓ କ୍ଷମତା ଏବଂ ରାଜ୍ୟମାନଙ୍କର ଅଧିକାର ମଧ୍ୟରେ ସମନ୍ୱୟ ରକ୍ଷା କରିବାପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାକୁ ସଂଘୀୟ ରାଷ୍ଟ୍ର କୁହାଯାଏ ।

★ ସଂଘୀୟ ରାଷ୍ଟ୍ର ଗଠନ ପାଇଁ କେନ୍ଦ୍ରାଭିମୁଖୀ (Centripetal) ଓ କେନ୍ଦ୍ରପସାରୀ (Centrifugal) ନାମକ ଦୁଇଟି ପଦ୍ଧତି ଅନୁସୃତ ହୁଏ । କେନ୍ଦ୍ରାଭିମୁଖୀ ପଦ୍ଧତି ଅନୁଯାୟୀ କେତେକ ଛୋଟ ଛୋଟ ରାଷ୍ଟ୍ର ସାଧାରଣତଃ ଦୃଢ଼ ପ୍ରତିରକ୍ଷା ଓ ଅର୍ଥନୈତିକ ସମୃଦ୍ଧି ଉଦ୍ଦେଶ୍ୟରେ ଏକ ଚୁକ୍ତି ବଳରେ ମିଳିତ ହୋଇଥାନ୍ତି । ଯୁକ୍ତରାଷ୍ଟ୍ର ଆମେରିକା, ସୁଇଜରଲ୍ୟାଣ୍ଡ ଆଦି ଏହିପରି ସଂଘୀୟ ରାଷ୍ଟ୍ର ଅଟନ୍ତି । ଅନ୍ୟପକ୍ଷରେ କେନ୍ଦ୍ରପସାରୀ ପଦ୍ଧତି ଅନୁଯାୟୀ ବଡ଼ ରାଷ୍ଟ୍ରକୁ ଶାସନଗତ ସୁବିଧା ଦୃଷ୍ଟିରୁ କେତେକ ପ୍ରଦେଶରେ ବିଭକ୍ତ କରାଯାଇ ଏକ ସଂଘୀୟ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଥାଏ । ଭାରତ, କାନାଡ଼ା ପ୍ରଭୃତି ଏହି ଶ୍ରେଣୀୟ ସଂଘୀୟ ରାଷ୍ଟ୍ର ଅଟନ୍ତି ।

★ **ସଂଘୀୟ ରାଷ୍ଟ୍ରର ଉପାଦାନ** – 'ଏକ ସଂଘୀୟ ରାଷ୍ଟ୍ର ଗଠନ ପାଇଁ କେତେକ ଉପାଦାନର ଆବଶ୍ୟକତା ରହିଛି; ଯଥା – ସଂଘୀୟ ରାଷ୍ଟ୍ରପାଇଁ ଆନ୍ତରିକତା, ଲିଖିତ ସମ୍ବିଧାନ, ଦୁଇଟି ସରକାର, କ୍ଷମତାର ସାମ୍ବିଧାନିକ ବଣ୍ଟନ, ଅନମନୀୟ ସମ୍ବିଧାନ ଓ ନିରପେକ୍ଷ ନ୍ୟାୟାଳୟ ।

★**ଐକିକ ରାଷ୍ଟ୍ର** :ଡକ୍ଟର ହରମ୍ୟାନ୍ ଫାଇନର୍‌ଙ୍କ ଭାଷାରେ, "ଯେଉଁ ରାଷ୍ଟ୍ରରେ ରାଷ୍ଟ୍ରୀୟ କ୍ଷମତା ଓ କର୍ତ୍ତୃତ୍ୱ ଗୋଟିଏ କେନ୍ଦ୍ରରେ ଏକତ୍ରିତ ହୋଇଥାଏ ଏବଂ ସେହି କେନ୍ଦ୍ରର ନିର୍ଦ୍ଦେଶ ଓ ଆଦେଶ ରାଷ୍ଟ୍ରରେ ସର୍ବତ୍ର ଆଇନ ଦୃଷ୍ଟିରୁ ଶ୍ରେଷ୍ଠ ବୋଲି ବିବେଚିତ ହୋଇଥାଏ, ସେହି ରାଷ୍ଟ୍ରକୁ ଐକିକ ରାଷ୍ଟ୍ର କୁହାଯାଏ ।" ଅଧ୍ୟାପକ ଏ.ଭି. ଡାଇସୀଙ୍କ ମତରେ, 'ଐକିକ ରାଷ୍ଟ୍ରରେ ସାଧାରଣତଃ ରାଷ୍ଟ୍ରର ସର୍ବୋଚ୍ଚ ଆଇନପ୍ରଦାନକାରୀ କ୍ଷମତା ଗୋଟିଏ କେନ୍ଦ୍ରୀଭୂତ କର୍ତ୍ତୃପକ୍ଷଙ୍କ ହସ୍ତରେ ନ୍ୟସ୍ତ ଥାଏ ।" ଗ୍ରେଟ୍‌ବ୍ରିଟେନ, ଫ୍ରାନ୍ସ, ଇଟାଲୀ ପ୍ରଭୃତି ଐକିକ ରାଷ୍ଟ୍ର ଅଟନ୍ତି ।

ନୁହେଁ ।

★**ଭାରତର ସଂଘୀୟ ବ୍ୟବସ୍ଥା** :କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ବିଶେଷତଃ ଏକ ଦୃଢ଼ ପ୍ରତିରକ୍ଷା ବ୍ୟବସ୍ଥା ଓ ଏକ ସମୃଦ୍ଧ ଅର୍ଥନୀତି ଆଶାରେ ସାର୍ବଭୌମ ରାଷ୍ଟ୍ରମାନେ ପାରସ୍ପରିକ ଇଚ୍ଛାଦ୍ୱାରା ଏକ ସଂଘୀୟ ରାଷ୍ଟ୍ର ଗଠନ କରନ୍ତି ।

★ **ସଂଘୀୟ ରାଷ୍ଟ୍ରର ଉପାଦାନ ଓ ଭାରତୀୟ ଶାସନ ବ୍ୟବସ୍ଥା** :ସଂଘୀୟ ରାଷ୍ଟ୍ରପାଇଁ ନିମ୍ନଲିଖିତ ଉପାଦାନ ଆବଶ୍ୟକ ଯାହା ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ମଧ୍ୟ ପରିଦୃଷ୍ଟ ହେଉଥିବାରୁ ନିଃସନ୍ଦେହରେ ଏକ ସଂଘୀୟ ରାଷ୍ଟ୍ର ।

(୧) ଏକ ଲିଖିତ ଓ ଅନମନୀୟ ସମ୍ବିଧାନ

(୨) ଦୁଇଟି ସରକାର ଓ କ୍ଷମତାର ସାମ୍ବିଧାନିକ ବଣ୍ଟନ

(୩) ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ

(୪) ଦ୍ୱିସଦନୀୟତା

★**ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଐକିକ ଲକ୍ଷଣ :**

(୧) ସମ୍ବିଧାନର ୧ମ ଧାରାରେ ଭାରତ ରାଜ୍ୟମାନଙ୍କ ସମ୍ମେଳନ ବୋଲି ଘୋଷଣା;

(୨) ୩ୟ ଧାରାରେ ସଂସଦର ସାଧାରଣ ସଂଖ୍ୟାଗରିଷ୍ଠତା ସହ ରାଜ୍ୟର ନାମ ଓ ସୀମାରେଖା ପରିବର୍ତ୍ତନ ବ୍ୟବସ୍ଥା;

(୩) ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ଓ ନିୟନ୍ତ୍ରିତ ରାଜ୍ୟପାଳ ରାଜ୍ୟ ପ୍ରଶାସନର ମୁଖ୍ୟ ଓ କେନ୍ଦ୍ରର ପ୍ରତିନିଧିରୂପେ କାର୍ଯ୍ୟ ସମ୍ପାଦନ;

(୪) ରାଜ୍ୟ ତାଲିକାଭୁକ୍ତ ବିଷୟ ଉପରେ କେନ୍ଦ୍ରୀୟ ସଂସଦର ଆଇନ ପ୍ରଣୟନ କ୍ଷମତା;

(୫) ୩୫୨, ୩୫୬ ଓ ୩୬୦ ଧାରାରେ ବର୍ଣ୍ଣିତ ଜରୁରୀ ପରିସ୍ଥିତି ବ୍ୟବସ୍ଥା;

(୬) ସର୍ବଭାରତୀୟ ସେବା ବ୍ୟବସ୍ଥା ମାଧ୍ୟମରେ ରାଜ୍ୟ ପ୍ରଶାସନକୁ ନିୟନ୍ତ୍ରଣ ଓ ପରିଚାଳନା;

(୭) ଯୋଜନା କମିଶନ, ଅର୍ଥ କମିଶନ, ମହା ହିସାବ ରକ୍ଷକ ଓ ପରୀକ୍ଷକ ଇତ୍ୟାଦିଙ୍କ କେନ୍ଦ୍ରୀଭୂତ ସ୍ଥିତି ଓ ନିୟନ୍ତ୍ରଣ;

(୮) ଏକ ସମ୍ବିଧାନ;

(୯) ଏକକ ନାଗରିକତ୍ୱ;

(୧୦)ସମ୍ବିଧାନ ସଂଶୋଧନ କ୍ଷେତ୍ରରେ କେନ୍ଦ୍ରୀୟ ସଂସଦର ପ୍ରାଧାନ୍ୟ;

**★ ଭାରତରେ କେନ୍ଦ୍ରକୁ ଶକ୍ତିଶାଳୀ କରାଯିବାର କାରଣ :**

(କ) ଦେଶର ନିରାପତ୍ତା;

(ଖ) ବିଚ୍ଛିନ୍ନତାବାଦୀ ଶକ୍ତିର ଉପଯୁକ୍ତ ମୁକାବିଲା;

(ଗ) ଜାତୀୟ ଐକ୍ୟ ଓ ସଂହତି ରକ୍ଷା;

(ଘ) ଆନ୍ତର୍ଜାତିକ ସ୍ତରରେ ଭାରତର ଉପଯୁକ୍ତ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଗ୍ରହଣ;

(ଙ) ଐତିହାସିକ ପୃଷ୍ଠଭୂମି;

(ଚ) ଆଧୁନିକ ପୃଥିବୀର ପ୍ରତ୍ୟେକ ସଂଘୀୟ ରାଷ୍ଟ୍ରର କେନ୍ଦ୍ରାଭିମୁଖୀ ସ୍ରୋତର ପ୍ରଭାବ ;

**★ କେନ୍ଦ୍ର -ରାଜ୍ୟ ସମ୍ପର୍କ :**

(୧) **ବ୍ୟବସ୍ଥାପିକ ସମ୍ପର୍କ (Legislative Relationship)** - ଭାରତୀୟ ସମ୍ବିଧାନର ସପ୍ତମ ଅନୁସୂଚୀ ତଥା ନବମ ଖଣ୍ଡରେ ଆଇନ ପ୍ରଣୟନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ କ୍ଷମତା ସମ୍ପର୍କରେ ସୂଚନା ଦିଆଯାଇଛି । ଆଇନ ପ୍ରଣୟନ ବିଷୟଗୁଡ଼ିକୁ ତିନିଗୋଟି ତାଲିକାଭୁକ୍ତ କରାଯାଇଛି ।

(କ) **କେନ୍ଦ୍ର ତାଲିକା (Union List)** – ଏଥିରେ ୯୯ଟି ବିଷୟ ରହିଛି । ପ୍ରତିରକ୍ଷା, ଯୁଦ୍ଧ ଓ ଶାନ୍ତି, ଡାକ ଓ ତାର, ମୁଦ୍ରା ବ୍ୟବସ୍ଥା, ବାଣିଜ୍ୟ, ବୈଦେଶିକ ଋଣ, ରେଳବାଇ ଆଦି ବିଷୟ ଏହାର ଅନ୍ତର୍ଭୁକ୍ତ ଅଟନ୍ତି । ଏହି ବିଷୟଗୁଡ଼ିକ ଉପରେ କେବଳ ସଂସଦ ଆଇନ ପ୍ରଣୟନ କରିପାରେ ।

(ଖ) **ରାଜ୍ୟ ତାଲିକ (State List)** – ଏଥିରେ ୬୧ଟି ବିଷୟ ଅଛି । ଆଇନଶୃଙ୍ଖଳା, ପୋଲିସ, ସ୍ଥାନୀୟ ସ୍ୱାୟତ୍ତ ଶାସନ, କୃଷି, ସ୍ୱାସ୍ଥ୍ୟ ଆଦି ବିଷୟ ଏହାର ଅନ୍ତର୍ଭୁକ୍ତ ଅଟନ୍ତି । ଏହି ବିଷୟଗୁଡ଼ିକ ଉପରେ ରାଜ୍ୟ ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରିଥାଏ; ମାତ୍ର ନିମ୍ନଲିଖିତ ପରିସ୍ଥିତିରେ କେନ୍ଦ୍ରୀୟ ସଂସଦ ଏହି ବିଷୟ ଉପରେ ମଧ୍ୟ ଆଇନ ପ୍ରଣୟନ କରିପାରେ ।

(i) ୨୪୯ ଧାରା ଅନୁଯାୟୀ ଜାତୀୟ ସ୍ୱାର୍ଥଦୃଷ୍ଟିରୁ ରାଜ୍ୟସଭା ଦୁଇ-ତୃତୀୟାଂଶ ସମର୍ଥନ ସହ ଏକ ପ୍ରସ୍ତାବ ଗୃହୀତ କରି ଏକବର୍ଷ ପର୍ଯ୍ୟନ୍ତ କେନ୍ଦ୍ରୀୟ ସଂସଦକୁ ଏହି କ୍ଷମତା ଅର୍ପଣ କରିପାରିବ ।

(ii) ୨୫୦ ଧାରା ଅନୁଯାୟୀ ଜରୁରୀ ପରିସ୍ଥିତି ସମୟରେ;

(iii) ୨୫୨ ଧାରା ଅନୁଯାୟୀ ଦୁଇ ବା ଅଧିକ ରାଜ୍ୟଙ୍କ ଅନୁରୋଧ କ୍ରମେ;

(iv) ୨୫୩ ଧାରା ଅନୁଯାୟୀ ଆନ୍ତର୍ଜାତିକ ଚୁକ୍ତିର କାର୍ଯ୍ୟକାରିତା ନିମନ୍ତେ ଏହି ଆଇନ ପ୍ରଣୟନ କ୍ଷମତା ସଂସଦଦ୍ୱାରା ବ୍ୟବହୃତ ହୋଇପାରିବ ।

(ଗ) ଯୁଗ୍ମ ତାଲିକା (**Concurrent List**) – ଏଥିରେ ୫୨ଟି ବିଷୟ ରହିଛି । ଶିକ୍ଷା, ସାମାଜିକ ନିରାପତ୍ତା, ବିଦ୍ୟୁତ୍‌ଶକ୍ତି, ବିବାହ ଓ ଛାଡପତ୍ର, ଶ୍ରମିକ ସଂଗଠନ ଆଦି ବିଷୟ ଏହାର ଅନ୍ତର୍ଭୁକ୍ତ ଅଟେ । ଏହ ବିଷୟଗୁଡ଼ିକ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ ବଳବତ୍ତର ରୁହେ । କିନ୍ତୁ ଉଭୟ ଆଇନ ମଧ୍ୟରେ ବିବାଦ ସୃଷ୍ଟି ହେଲେ କେନ୍ଦ୍ର ଆଇନ କାର୍ଯ୍ୟକାରୀ ହୁଏ । ଏତଦ୍‌ବ୍ୟତୀତ, ୨୪୮ ଧାରା ଅନୁଯାୟୀ ତିନି ତାଲିକାରେ ଅନ୍ତର୍ଭୁକ୍ତ ନ ଥିବା ବିଷୟ **'ଅବଶେଷ କ୍ଷମତା'** (Residury Power) ନାମରେ ପରିଚିତ । ଭାରତରେ ଏହା କେନ୍ଦ୍ରକୁ ଦିଆଯାଇଛି ।

★ **(୨) ପ୍ରଶାସନିକ ସମ୍ପର୍କ (Administrative Relation)** – ଭାରତୀୟ ସମ୍ବିଧାନର ଏକାଦଶ ଖଣ୍ଡରେ କେନ୍ଦ୍ର-ରାଜ୍ୟ ପ୍ରଶାସନିକ ସମ୍ପର୍କ ବିଷୟରେ କୁହାଯାଇଛି ।

(କ) ୨୫୬ ଧାରା ଅନୁସାରେ ରାଜ୍ୟମାନେ କେନ୍ଦ୍ରୀୟ ସଂସଦଦ୍ୱାରା ପ୍ରଣୀତ ଆଇନକୁ ମାନି ତଦନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ ।

(ଖ) ୨୫୭ ଧାରା ଅନୁସାରେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ପ୍ରଶାସନିକ ସଂଘର୍ଷ ସୃଷ୍ଟି ହେବା ଉଚିତ୍ ନୁହେଁ । ଏଥିପାଇଁ କେନ୍ଦ୍ର ସରକାର ରାଜ୍ୟକୁ ନିର୍ଦ୍ଦେଶ ଦେଇ ପାରିବେ ।

(ଗ) ୨୫୮ ଧାରା ଅନୁସାରେ ରାଷ୍ଟ୍ରପତି ରାଜ୍ୟ ସରକାରଙ୍କ ସମ୍ମତି ସହ ସରକାରଙ୍କୁ କେନ୍ଦ୍ରର ପ୍ରଶାସନିକ ଦାୟିତ୍ୱ ନିର୍ବାହ ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଅର୍ପଣ କରିପାରିବେ ।

(ଘ) ୨୬୨ ଧାରା ଅନୁଯାୟୀ ନଦୀଜଳ ବଣ୍ଟନ ବା ବ୍ୟବହାରଜନିତ ବିବାଦର ସମାଧାନପାଇଁ କେନ୍ଦ୍ର ବ୍ୟବସ୍ଥା ଗ୍ରହଣ କରିପାରିବ ।

(ଙ) ୨୬୩ ଧାରା ଅନୁଯାୟୀ ରାଜ୍ୟ-ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ ଆନ୍ତଃରାଜ୍ୟ ପରିଷଦ (Inter-State Council) ଗଠନ କରାଯାଇଥାଏ ।

(ଚ) ୩୫୫ ଧାରା ଅନୁଯାୟୀ ପ୍ରତ୍ୟେକ ରାଜ୍ୟକୁ ବାହ୍ୟ ଆକ୍ରମଣ ଓ ଆଭ୍ୟନ୍ତରୀଣ ବିଶୃଙ୍ଖଳାରୁ ରକ୍ଷା କରିବାକୁ କେନ୍ଦ୍ର ରାଜ୍ୟ ଶାସନକୁ ନିର୍ଦ୍ଦେଶ ଦେଇପାରିବ

(ଛ) ୩୫୬ ଧାରା ଅନୁଯାୟୀ ରାଜ୍ୟର ସାମ୍ବିଧାନିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଲେ ରାଷ୍ଟ୍ରପତି ସେଠାରେ ରାଷ୍ଟ୍ରପତି ଶାସନ ଜାରି କରି ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟପାଳଙ୍କଦ୍ୱାରା ଉକ୍ତ ରାଜ୍ୟ ଶାସନ ପରିଚାଳନା କରିପାରନ୍ତି ।

★ **(୩) ଆର୍ଥିକ ସମ୍ପର୍କ (Financial Relation)** – ସମ୍ବିଧାନର ଦ୍ୱାଦଶ ଖଣ୍ଡରେ କେନ୍ଦ୍ର-ରାଜ୍ୟ ଆର୍ଥିକ ସମ୍ପର୍କ ନିର୍ଦ୍ଧାରଣ କରାଯାଇଛି ।

(କ) ୨୬୮ ଧାରା ଅନୁଯାୟୀ ଷ୍ଟାମଡ୍ୟୁଟି, ଔଷଧ ଓ ବିଳାସଦ୍ରବ୍ୟ ଉପରେ ଅବକାରୀ କର କେନ୍ଦ୍ର ଧାର୍ଯ୍ୟ କରିଥାଏ; ମାତ୍ର ରାଜ୍ୟ ସରକାର ତାହା ଆଦାୟ କରି ଖର୍ଚ୍ଚ କରନ୍ତି ।

(ଖ) ୨୬୯ ଧାରା ଅନୁଯାୟୀ ରେଳଭଡ଼ା ଓ ମାଲ ଉପରେ ଟିକସ, ଉତ୍ତରାଧିକାର ସମ୍ପତ୍ତି କର ଆଦି କେନ୍ଦ୍ର ସରକାର ଧାର୍ଯ୍ୟ ଓ ଆଦାୟ କରୁଥିଲେ ମଧ୍ୟ ରାଜ୍ୟମାନେ ଖର୍ଚ୍ଚ କରନ୍ତି ।

(ଗ) ୨୭୦ ଧାରା ଅନୁଯାୟୀ କେନ୍ଦ୍ର ଅବକାରୀ ଓ ଆୟକର ପ୍ରଭୃତି କେନ୍ଦ୍ରଦ୍ୱାରା ଧାର୍ଯ୍ୟ ଆଦାୟ ହେଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବଣ୍ଟନ ହୋଇଥାଏ ।

(ଘ) ୧୭୩ ଧାରା ଅନୁଯାୟୀ ରାଜ୍ୟମାନଙ୍କୁ କେନ୍ଦ୍ର ଆର୍ଥିକ ଅନୁଦାନ ପ୍ରଦାନ କରିଥାଏ ।

(ଙ) ୨୮୦ ଧାରା ଅନୁଯାୟୀ ପ୍ରତି ୫ ବର୍ଷରେ ଥରେ ରାଷ୍ଟ୍ରପତିଙ୍କଦ୍ୱାରା ଗଠିତ ୫ ଜଣ ସଭ୍ୟବିଶିଷ୍ଟ ଅର୍ଥ ଆୟୋଗ କେନ୍ଦ୍ର-ରାଜ୍ୟ ଆର୍ଥିକ ସମ୍ପର୍କର ସମୀକ୍ଷା କରେ ଓ ରାଜସ୍ୱ ତଥା ଅନୁଦାନ ବଣ୍ଟନର ନୀତିନିର୍ଦ୍ଧାରଣ କରେ ।

(ଚ) ୩୬୦ ଧାରା ଅନୁସାରେ ଦେଶରେ ଆର୍ଥିକ ସ୍ଥିରତା ରକ୍ଷା ପାଇଁ ରାଷ୍ଟ୍ରପତି ଆର୍ଥିକ ଜରୁରୀ ପରିସ୍ଥିତି ଜାରି କରି କେନ୍ଦ୍ରର ନିର୍ଦ୍ଦେଶରେ ରାଜ୍ୟର ଅର୍ଥନୈତିକ କାର୍ଯ୍ୟ ପରିଚାଳନା କରନ୍ତି ।

(ଛ) ୧୪୮ ଧାରା ଅନୁଯାୟୀ ଭାରତର ମହା ହିସାବରକ୍ଷକ ଓ ସମୀକ୍ଷକ ରାଜ୍ୟର ଆର୍ଥିକ ପ୍ରଶାସନ ଉପରେ ନିୟନ୍ତ୍ରଣ ଜାରି କରିଥାନ୍ତି ।

## ୩.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

ପ୍ର.୧. କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବ୍ୟବସ୍ଥାପିକା ସଂପର୍କ (Legislative Relationship) ଆଲୋଚ୍ନା କର ।

ପ୍ର.୨. କେନ୍ଦ୍ର ଓ ରାଜ୍ୟ ପ୍ରଶାସନିକ ସଂପର୍କ (Administrative Relation) ଆଲୋଚ୍ନା କର ।

ପ୍ର.୩. କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ସଂପର୍କ(Financial Relation) ଆଲୋଚନା କର ।

ପ୍ର.୪. ଭାରତୀୟ ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ସ୍ୱତନ୍ତ୍ର୍ୟ ଦାବୀର ସ୍ୱର ଆଲୋଚ୍ନା କର ।

### ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ- ଉତ୍ତର :

(କ) ବିକଳ୍ପ ପ୍ରଦତ୍ତ ପ୍ରଶ୍ନ ଓ ଉତ୍ତର ।

୧ । ରାଷ୍ଟ୍ରର ସମସ୍ତ କ୍ଷମତା ଗୋଟିଏ ସରକାର ପାଖରେ କେନ୍ଦ୍ରୀଭୂତ ହୋଇଥିଲେ କିମ୍ବା ରାଷ୍ଟ୍ରରେ ଗୋଟିଏ ମାତ୍ର ସରକାର ଥିଲେ, ତାହାକୁ __________ ରାଷ୍ଟ୍ର କୁହାଯାଏ ।

(i) ସଂଘୀୟ (ii) ଐକିକ (iii)ସଂରାଷ୍ଟ୍ର (iv) ଗଣତାନ୍ତ୍ରିକ

ଉ – (ii) ଐକିକ

୨ । __________ ରାଷ୍ଟ୍ରରେ ଦ୍ୱୈତ ସରକାର ପରିଲକ୍ଷିତ ହୁଏ ଏବଂ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତାର ସାମ୍ବିଧାନିକ ବଣ୍ଟନ ହୋଇଥାଏ ।

(i) ସଂଘୀୟ (ii) ଐକିକ (iii)ଗଣତାନ୍ତ୍ରିକ (iv) ସଂରାଷ୍ଟ୍ର

ଉ – (i) ସଂଘୀୟ

୩ । ସଂଘୀୟ ରାଷ୍ଟ୍ରରେ ___________ ଦ୍ୱାରା କେନ୍ଦ୍ର ଓ ଆଞ୍ଚଳିକ ସରକାର ମଧ୍ୟରେ କ୍ଷମତା ବଣ୍ଟନ ହୋଇଥାଏ ।

(i) ଅଲିଖିତ ଓ ନମନୀୟ

(ii) ଲିଖିତ ଓ ନମନୀୟ ସମ୍ବିଧାନ

(iii) ଲିଖିତ ଓ ଅନମନୀୟ ସମ୍ବିଧାନ (ବା) ସମ୍ବିଧାନ ।

(iv) ଅଲିଖିତ ବା ଲିଖିତ ଓ ନମନୀୟ

ଉ – (iii) ଲିଖିତ ଓ ଅନମନୀୟ ସମ୍ବିଧାନ (ବା) ସମ୍ବିଧାନ ।

୪ । ଇଂଲଣ୍ଡ ଏକ ___________ ରାଷ୍ଟ୍ର ଏବଂ ଆମେରିକା ଓ ଭାରତ ___________ ରାଷ୍ଟ୍ର ଅଟନ୍ତି ।

(i) ଐକିକ, ସଂଘୀୟ (ii) ସଂଘୀୟ, ଐକିକ (iii)ରାଜତନ୍ତ୍ର, ସଂଘୀୟ (iv) ସମାଜବାଦୀ, ପୁଞ୍ଜିବାଦୀ

ଉ – (i) ଐକିକି, ସଂଘୀୟ

୫ । କେତେକ ସାର୍ବଭୌମ ରାଷ୍ଟ୍ରର ସମ୍ମେଳନକୁ ___________ କହନ୍ତି ।

(i) ସଂରାଷ୍ଟ୍ର (ii) ସଂଘୀୟ ରାଷ୍ଟ୍ର (iii)ଐକିକ (iv) ଆର୍ନ୍ତଜାତିକତାବାଦ

ଉ – (i) ସଂରାଷ୍ଟ୍ର (confederation) ।

୬ । 'ସଂଘୀୟ' ଶବ୍ଦଟି ଲାଟିନ୍ ଶବ୍ଦ 'ଫୋଏଡସ୍' Foedus ରୁ ଉଦ୍ଭୂତ ଯାହାର ଅର୍ଥ ___________ ।

(i) ଚୁକ୍ତି ବା ରାଜିନାମା (ii) ଯୁକ୍ତି (iii) ନଗରରାଜ୍ୟ (iv) ବଂଶ

ଉ – (i) ଚୁକ୍ତି ବା ରାଜିନାମା

୭ । ___________ ରାଷ୍ଟ୍ରରେ କ୍ଷମତାର କେନ୍ଦ୍ରୀକରଣ ହୋଇଥାଏ ।

(i) ସଂଘୀୟ (ii) ଐକିକ (iii) ଗଣତାନ୍ତ୍ରିକ (iv) ମାର୍କ୍ସବାଦୀ

ଉ – (ii) ଐକିକ

୮ । ଏକକ ନାଗରିକତା ___________ ରାଷ୍ଟ୍ରର ଏକ ଲକ୍ଷଣ ଅଟେ ।

(i) ଐକିକ (ii) ସଂଘୀୟ (iii) ଗଣତାନ୍ତ୍ରିକ (iv) ଧର୍ମନିରପେକ୍ଷ

ଉ – (i) ଐକିକ

୧୦ । ଏକ ସଂଘୀୟ ରାଷ୍ଟ୍ରରେ ___________ ଦ୍ୱାରା କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମଧ୍ୟରେ କ୍ଷମତା ବଣ୍ଟନ କରାଯାଇଥାଏ ।

(i) ସମ୍ବିଧାନ (ii) କାର୍ଯ୍ୟପାଳିକାର ନିର୍ଦ୍ଦେଶ (iii) ରାଜିନାମା (iv) ଲିଖିତ ସମ୍ବିଧାନ

ଉ – (iv) ଲିଖିତ ସମ୍ବିଧାନ ।

୧୧ । ଏକ ଐକିକ ରାଷ୍ଟ୍ରରେ

(i) କୌଣସି ସମ୍ବିଧାନ ନାହିଁ (ii) ରାଷ୍ଟ୍ର ଓ ସରକାର ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ।

**(iii) କ୍ଷମତାର ସାମ୍ବିଧାନିକ ବିଭାଜନ ନାହିଁ** (iv) କୌଣସି ଉଚ୍ଚତମ ନ୍ୟାୟାଳୟ ନାହିଁ

ଉ – (ii) କ୍ଷମତାର ସାମ୍ବିଧାନିକ ବିଭାଜନ ନାହିଁ

୧୨ । ଭାରତ ରାଷ୍ଟ୍ରମାନଙ୍କର ଏକ ________ ।

(i) ସମ୍ମେଳନ କିମ୍ବା ସମଷ୍ଟି (ii) ସଂଘ (iii) ଗୋଷ୍ଠୀ (iv) ସମୁଦାୟ

ଉ – (i) ସମ୍ମେଳନ କିମ୍ବା ସମଷ୍ଟି

୧୩ । ଭାରତ ଆକାରରେ ________ ହେଲେ ମଧ୍ୟ ପ୍ରକୃତିରେ ________ ।

(i) ଐକିକ, ସଂଘୀୟ (ii) ସଂଘୀୟ, ଐକିକ (iii) ବ୍ୟାପକ (iv) ସୀମିତ

ଉ – (iii) ସଂଘୀୟ, ଐକିକ

୧୪ । କେନ୍ଦ୍ର ତାଲିକାରେ ________ ଟି ବିଷୟ ଅଛି ।

(i) ୯୮ (ii) ୯୯ (iii) ୯୭ (iv) ୯୬

ଉ – (ii) ୯୯ ।

୧୫ । ରାଜ୍ୟ ତାଲିକାରେ ________ ଟି ବିଷୟ ଅଛି ।

(i) ୬୦ (ii) ୬୧ (iii) ୬୨ (iv) ୬୪

ଉ – (ii) ୬୧ ।

୧୬ । ଯୁଗ୍ମ ତାଲିକାରେ ________ ଟି ବିଷୟ ଅଛି ।

(i) ୫୨ (ii) ୫୩ (iii) ୫୦ (iv) ୫୧

ଉ – (i) ୫୨ ।

୧୭ । ଯୁଗ୍ମ ତାଲିକାଭୁକ୍ତ ବିଷୟ ଉପରେ ପ୍ରଣୀତ କେନ୍ଦ୍ର ଓ ରାଜ୍ୟ ଆଇନ ମଧ୍ୟରେ ସଂଘର୍ଷ ହେଲେ ________ ଆଇନ ବଳବତ୍ତର ରହେ ।

(i) କେନ୍ଦ୍ର (ii) ରାଜ୍ୟ (iii) ଉଭୟ (iv) କାହାରି ନୁହେଁ

ଉ – (i) କେନ୍ଦ୍ର ।

ନିମ୍ନୋକ୍ତ ପଦକୁ ବୁଝାଇ ଲେଖ ।

୧ । ଐକିକ ରାଷ୍ଟ୍ର (Unitary State) କ'ଣ ? ଇଂଲଣ୍ଡ ଏକ ଐକିକ ରାଷ୍ଟ୍ର କି ?

ଉ– ଐକିକ ରାଷ୍ଟ୍ରରେ କେନ୍ଦ୍ର ସରକାର ସମସ୍ତ ସାମ୍ବିଧାନିକ କ୍ଷମତାର ଅଧିକାରୀ ହୋଇ ରାଜ୍ୟ ସରକାରମାନଙ୍କୁ ନିଜ ମର୍ଜିରେ ସୃଷ୍ଟି ଓ ପରିଚାଳନା କରିଥାଏ । ଏକ ସମ୍ବିଧାନ, ଏକକ ନାଗରିକତ୍ୱ, କେନ୍ଦ୍ରୀକରଣ ଶାସନ ନୀତି, ଐକିକ ବିଚାର ସଂସ୍ଥା ଇତ୍ୟାଦି ଏହାର ଉପାଦାନ ଅଟେ । ଏଣୁ ଇଂଲଣ୍ଡ ଯଥାର୍ଥରେ ଏକ ଐକିକ ରାଷ୍ଟ୍ର ଅଟେ ।

୨ । ସଂଘୀୟ ରାଷ୍ଟ୍ର କାହାକୁ କୁହାଯାଏ ?

କିମ୍ବା, ରାଷ୍ଟ୍ରସଂଘର ଅତ୍ୟାବଶ୍ୟକୀୟ ଲକ୍ଷଣ ଗୁଡିକ କ'ଣ ?

ଉ– ଯେଉଁ ରାଷ୍ଟ୍ରରେ ଲିଖିତ ସମ୍ବିଧାନ, ଦ୍ୱୈତ ସରକାର, କ୍ଷମତା ବଣ୍ଟନ, ସ୍ୱାଧୀନ ନିରପେକ୍ଷ ନ୍ୟାୟାଳୟ, ଦ୍ୱିକକ୍ଷୀୟବିଶିଷ୍ଟ ସଦନ ଥିବ ତାହାକୁ ସଂଘୀୟ ରାଷ୍ଟ୍ର କୁହାଯାଏ ।

୯ । କେନ୍ଦ୍ରାଭିମୁଖୀ ସଂଘୀୟ ରାଷ୍ଟ୍ର (Centripetal Federation) କ'ଣ ?

ଉ– କେନ୍ଦ୍ରାଭିମୁଖୀ ପଦ୍ଧତିରେ କେତେକ ଛୋଟ ଛୋଟ ରାଷ୍ଟ୍ର ସାଧାରଣତଃ ଦୃଢ଼ ପ୍ରତିରକ୍ଷା ଓ ଅର୍ଥନୈତିକ ସମୃଦ୍ଧି ଉଦ୍ଦେଶ୍ୟରେ ଏକ ଚୁକ୍ତି ବଳରେ ମିଳିତ ହୋଇ ଯେଉଁ ସଂଘୀୟ ବ୍ୟବସ୍ଥା ଗଠନ କରନ୍ତି, ତାହାକୁ ସଂଘୀୟ ରାଷ୍ଟ୍ର କୁହାଯାଏ । ଯୁକ୍ତରାଷ୍ଟ୍ର ଆମେରିକା ଓ ସ୍ୱିଜରଲ୍ୟାଣ୍ଡ ଏହାର ଉଦାହରଣ ଅଟେ ।

୧୦ । ବିଶ୍ୱର କେଉଁ ରାଷ୍ଟ୍ରରେ ପ୍ରଥମେ ସଂଘୀୟ ରାଷ୍ଟ୍ରର ପରିକଳ୍ପନା କରାଯାଇଥିଲା ?

ଉ– ଯୁକ୍ତରାଷ୍ଟ୍ର ଆମେରିକା ସର୍ବପ୍ରଥମେ ସଂଘୀୟ ରାଷ୍ଟ୍ରର ପରିକଳ୍ପନା କରାଯାଇଥିଲା ।

## ୩.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀଉତ୍ତର

ପ୍ର.୧. ୩.୪.୪.୧ ର ପାଠ ଦେଖ ।

ପ୍ର.୨. ୩.୪.୪.୨ ର ପାଠ ଦେଖ ।

ପ୍ର.୩. ୩.୪.୪.୩ ର ପାଠ ଦେଖ ।

ପ୍ର.୪. ୩.୫ ର ପାଠ ଦେଖ ।

❖❖❖

# ଚତୁର୍ଥ ଅଧ୍ୟାୟ

## ଭାରତରେ ଗ୍ରାମ୍ୟ (ପଞ୍ଚାୟତି ରାଜ) ଓ ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥା

## RURAL (PANCYAYATI RAJ) AND URBAN LOCAL SELF BODIES IN INDIA

ସଂରଚନା :


୪. ଉଦ୍ଦେଶ୍ୟ

୪.୧ ଭାରତରେ ସ୍ଥାନୀୟ ଶାସନ

୪.୨ ଭାରତରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପ୍ରକ୍ରିୟା :

୪.୩ ଗ୍ରାମପଞ୍ଚାୟତର ଗଠନ ଓ କାର୍ଯ୍ୟାବଳୀ

୪.୪ ପଞ୍ଚାୟତ ସମିତିର ଗଠନ ଓ କାର୍ଯ୍ୟାବଳୀ

୪. ୫ ଜିଲ୍ଲା ପରିଷଦର ଗଠନ ଓ କାର୍ଯ୍ୟାବଳୀ

୪.୬ ନିଗମ (Corporation) ର ଗଠନ ଓ କାର୍ଯ୍ୟାବଳୀ

୪.୭ ନଗର ପାଳିକା ବା ପୌର ପରିଷଦ (Municipality) କିମ୍ବା, ବିଜ୍ଞାପିତ ଅଞ୍ଚଳ ପରିଷଦର ର ଗଠନ ଓ କାର୍ଯ୍ୟାବଳୀ

୪.୮ ଭାରତରେ ସ୍ୱାୟତ୍ତଶାସନ ସଂସ୍ଥାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା

୪.୯ ସାରାଂଶ

୪.୧୦ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୪.୧୧ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀଉତ୍ତର

୪. ଉଦ୍ଦେଶ୍ୟ :

ଏହି ପରିଚ୍ଛେଦ ଅଧ୍ୟୟନ ପରେ ଆପଣ....

- ଭାରତରେ ସ୍ୱାୟତ୍ତ ଶାସନ ସଂସ୍ଥାର ଅଭ୍ୟୁଦୟ / ବିକାଶଧାରା ଓ ଗୁରୁତ୍ୱ ଜାଣିପାରିବେ ।
- ପଞ୍ଚାୟତିରାଜର ବିକାଶ / କ୍ରମୋନ୍ନତି ଜାଣିପାରିବେ ।
- ଗ୍ରାମପଞ୍ଚାୟତ, ପଞ୍ଚାୟତସମିତି ଓ ଜିଲ୍ଲାପରିଷଦର ଗଠନ ଓ କାର୍ଯ୍ୟାବଳୀ ସଂପର୍କରେ ଅବଗତ ହେବେ ।
- ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥା ଯଥା ନିଗମ, ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଗଠନ ଓ କାର୍ଯ୍ୟାବଳୀ ଜାଣିପାରିବେ ।

**୪.୧ ଭାରତରେ ସ୍ଥାନୀୟ ଶାସନ :** ସ୍ଥାନୀୟ ସ୍ୱାୟତ୍ତ ଶାସନ ଏକ ରାଜନୈତିକ ବ୍ୟବସ୍ଥା ଯାହା ମୂଳରେ କେନ୍ଦ୍ରୀୟ ବା ପ୍ରାଦେଶିକ ବ୍ୟବସ୍ଥାପିକାଦ୍ୱାରା ହସ୍ତାନ୍ତରିତ ବା ଅର୍ପିତ କ୍ଷମତାର ପରିସର ମଧ୍ୟରେ ସ୍ଥାନୀୟ ବ୍ୟାପାର ସମୂହକୁ ଲୋକମାନଙ୍କର ନିର୍ବାଚିତ ପ୍ରତିନିଧିମାନଙ୍କଦ୍ୱାରା ପରିଚାଳନା କରାଯାଇଥାଏ । ଏଣୁ ରାଷ୍ଟ୍ରଠାରୁ କ୍ଷୁଦ୍ର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସ୍ଥାନୀୟ ବ୍ୟାପାର ପରିଚାଳନାକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା କୁହାଯାଏ ।

ଏହା ଗଣତାନ୍ତ୍ରିକ ଶିକ୍ଷା ପ୍ରଦାନ କରି ରାଜନୈତିକ ସଚେତନଶୀଳତା ସୃଷ୍ଟି କରେ । ଏହା ନାଗରିକ ଚେତନା ଜାଗ୍ରତ କରେ- ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏପରି ଏକ ପରିବେଶ ସୃଷ୍ଟି କରେ ଯାହାଦ୍ୱାରା ନାଗରିକମାନେ ସେମାନଙ୍କର ଅଧିକାର, କର୍ତ୍ତବ୍ୟ ଆଦି ସମ୍ପର୍କରେ ଅବଗତ ହୋଇଥାନ୍ତି । ଏହା ଜନସାଧାରଣଙ୍କୁ ରାଜନୈତିକ ବ୍ୟବସ୍ଥା ପ୍ରତି ଆକୃଷ୍ଟ କରେ- ସ୍ଥାନୀୟ ସଂସ୍ଥାଗୁଡିକ ନିର୍ଦ୍ଧାରିତ ଅଞ୍ଚଳରେ କାର୍ଯ୍ୟ କରିଥାନ୍ତି ଏବଂ ସ୍ଥାନୀୟ ଉଦ୍ୟମରେ ଆଞ୍ଚଳିକ ସମସ୍ୟାର ସମାଧାନ କରିଥା'ନ୍ତି । ଏହା କ୍ଷମତାର ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ । ସ୍ଥାନୀୟ ଶାସନ ଲୋକମାନଙ୍କର ସ୍ୱତନ୍ତ୍ରତାକୁ ପ୍ରଶସ୍ତ କରେ । ଅମଲାତନ୍ତ୍ରର ପ୍ରଭାବ ଓ ନିୟନ୍ତ୍ରଣରୁ ମୁକ୍ତ ହୋଇ ଲୋକମାନେ ନିଜେ ସାମୂହିକ ପ୍ରଚେଷ୍ଟା କ୍ରମେ ସ୍ଥାନୀୟ ସମସ୍ୟାର ସମାଧାନ କରିଥାନ୍ତି । ବ୍ୟକ୍ତିସ୍ୱତନ୍ତ୍ରତାପାଇଁ ବ୍ୟକ୍ତି ସର୍ବଦା ଶାଶ୍ୱତ ଜାଗୃତି ରଖିବା ଆବଶ୍ୟକ । ଏହି ଜାଗୃତି ସୃଷ୍ଟିପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ତାଲିମକେନ୍ଦ୍ର ରୂପେ କାର୍ଯ୍ୟ କରେ । ଏଣୁ ଏହା ଗଣତନ୍ତ୍ରକୁ ଅଧିକ ଗଣତାନ୍ତ୍ରିକ କରିଥାଏ ।

**୪.୨ ଭାରତରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପ୍ରକ୍ରିୟା :**

ନିର୍ଦ୍ଦିଷ୍ଟ ଅର୍ଥରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପ୍ରକ୍ରିୟା ପ୍ରଥମେ ୧୮୮୨ ମସିହାରେ ଲର୍ଡ ରିପନ୍‌ଙ୍କ ସ୍ୱାୟତ୍ତ ଶାସନ ଆଇନ ମାଧ୍ୟମରେ ଭାରତରେ ଆରମ୍ଭ ହୋଇଥିଲା । ସ୍ୱାଧୀନତା ଲାଭ ପରେ ସମ୍ବିଧାନର ୪୦ ଧାରାର ବ୍ୟବସ୍ଥା ଅନୁଯାୟୀ ୧୯୫୨ ମସିହାରୁ କାର୍ଯ୍ୟକରୁଥିବା 'ଗୋଷ୍ଠୀ ଉନ୍ନୟନ ଯୋଜନା'ର କାର୍ଯ୍ୟକାରୀତାର ମୂଲ୍ୟାଙ୍କନ ପାଇଁ ନିଯୁକ୍ତି ବଳବନ୍ତ ରାଏ ମେହେଟ୍ଟା କମିଟିର ସୁପାରିଶ ଅନୁଯାୟୀ 'ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ' ବ୍ୟବସ୍ଥା ବିଧିବଦ୍ଧ ଭାବେ ୧୯୫୯ ମସିହାରୁ ଭାରତରେ କାର୍ଯ୍ୟାରମ୍ଭ କଲା । ଏହାକୁ ସରଳ ଭାବେ ଭାରତୀୟ ଲୋକମାନଙ୍କ ନିକଟରେ ପରିଚିତ କରାଇବା ପାଇଁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ନାମ 'ପଞ୍ଚାୟତିରାଜ' ରଖିଲେ । ଏହି ପଞ୍ଚାୟତ ବ୍ୟବସ୍ଥା ବୈଦିକ ସଭ୍ୟତାର ''ସଭା' ଓ 'ସମିତି' ଅନୁଷ୍ଠାନ ଏବଂ ମଧ୍ୟଯୁଗର 'ଉର୍ସ', 'ମଣ୍ଡଳମ୍' ଆଦି ଅନୁଷ୍ଠାନ ମାଧ୍ୟମରେ ପ୍ରାଚୀନ ଭାରତରେ ମଧ୍ୟ ପ୍ରଚଳିତ ଥିଲା ।

ବଳବନ୍ତ ରାଏ ମେହେଟ୍ଟା କମିଟି ଗ୍ରାମସ୍ତରରୁ ରାଜନୈତିକ ଅଂଶଗ୍ରହଣର ଧାରା ଆରମ୍ଭ କରିବା ସପକ୍ଷରେ ମତ ଦେଇଥିଲେ । ଲୋକମାନଙ୍କୁ ଶାସନର ସର୍ବନିମ୍ନସୋପାନରୁ ଅଂଶଗ୍ରହଣର ସୁଯୋଗ ଦିଆଗଲେ ଗଣତନ୍ତ୍ରର ଭିତ୍ତି ଦୃଢ଼ ହୋଇପାରିବ ।

ଶାସନ ସଂକ୍ରାନ୍ତୀୟ ନିଷ୍ପତ୍ତି ଉପର ସ୍ତରରୁ ନିଆ ନଯାଇ ବିଭିନ୍ନ ସ୍ତରରେ ନିଆଯିବା ଉଚିତ । ଅଧ୍ୟାପକ ସିଲିଙ୍କ ମତରେ ଗଣତନ୍ତ୍ର ଶାସନରେ ପ୍ରତ୍ୟେକ ଲୋକଙ୍କର ଅଂଶ ଥାଏ । କ୍ଷମତା ଗୋଟିଏ ଅନୁଷ୍ଠାନ ହସ୍ତରେ କେନ୍ଦ୍ରୀଭୂତ ନ ହୋଇ ଶାସନବଳର ବିଭିନ୍ନ ସ୍ତରରେ ବ୍ୟବହୃତ ହେବା ଉଚିତ । ଆଞ୍ଚଳିକ ସ୍ତରଠାରୁ କ୍ଷମତାର ଉର୍ଦ୍ଧ୍ୱମୁଖୀ ପ୍ରବାହ ଆରମ୍ଭ ହୋଇ ପୁଣି ଉପରସ୍ତରୁ କ୍ଷମତାର ନିମ୍ନମୁଖୀ ପ୍ରବାହ ସହ ଜାରି ରହିବା ଉଚିତ । ଏହା ଫଳରେ ଲୋକମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ଭାବର ସଂଚ଼ାଳନ ଘଟିଥାଏ । ବିକେନ୍ଦ୍ରୀକରଣର ଅର୍ଥ ନୁହେଁ 'କ୍ଷମତାର ହସ୍ତାନ୍ତର' (Delegation of Power) । 'କ୍ଷମତା ହସ୍ତାନ୍ତର' ବ୍ୟବସ୍ଥାରେ ଗୋଟିଏ ଅନୁଷ୍ଠାନ ନିଜର କ୍ଷମତାକୁ ଅନ୍ୟ ଏକ ଅନୁଷ୍ଠାନକୁ ପ୍ରୟୋଗ କରିବା ପାଇଁ ହସ୍ତାନ୍ତର କରିଥାଏ; କିନ୍ତୁ ଦାୟିତ୍ୱଶୀଳତାର ହସ୍ତାନ୍ତର ବାସ୍ତବରେ ଦାୟିତ୍ୱଶୀଳତାର ବିଲୋପରେ ପରିଣତ ହୋଇଥାଏ । ଅନ୍ୟ ପକ୍ଷରେ 'କ୍ଷମତାର ବିକେନ୍ଦ୍ରୀକରଣ' (Decentralisation of power) ବିଭିନ୍ନ ସ୍ତରରେ ମୌଳିକ ତଥା ଦାୟିତ୍ୱଶୀଳଭାବେ କ୍ଷମତାର ବ୍ୟବହାର ହେବା ନୀତିକୁ ସୂଚିତ କରିଥାଏ ।

ମେହେଟ୍ଟା କମିଟି 'ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ' ପାଇଁ ଏକ ତ୍ରି ସ୍ତରୀୟ ଆନୁଷ୍ଠାନିକ ବ୍ୟବସ୍ଥାର ରୂପରେଖ ନିର୍ଣ୍ଣୟ କରିଥିଲେ । ଏହା ଏକ ପିରାମିଡ ଆକୃତିର ସଂଗଠନ ଅଟେ । ଏହାର ସର୍ବନିମ୍ନ ସୋପାନ ଅର୍ଥାତ୍ ଭୂମିରେ ଗ୍ରାମ ପଞ୍ଚାୟତ, ମଧ୍ୟ ସୋପାନରେ ପଞ୍ଚାୟତ ସମିତି ଓ ସର୍ବୋଚ୍ଚଶିଖରରେ ଜିଲ୍ଲା ପରିଷଦ ଅବସ୍ଥିତ ।

## ୪.୩ ଗ୍ରାମ୍‌ପଞ୍ଚାୟତର ଗଠନ ଓ କାର୍ଯ୍ୟାବଳୀ

ଗ୍ରାମସଭାର କାର୍ଯ୍ୟନିର୍ବାହୀ କମିଟିକୁ ଗ୍ରାମପଞ୍ଚାୟତ କୁହାଯାଏ । ଗ୍ରାମସଭାର ଲୋକସଂଖ୍ୟା ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିରୂପିତ ହୋଇଥାଏ । ଗ୍ରାମସଭାରେ ଏହାର କ୍ଷେତ୍ର ପରିସର ଅଧୀନରେ ଥିବା ସମସ୍ତ ସାବାଳକ ଭୋଟଦାତା ସଭ୍ୟ ହିସାବରେ ରହିଥିବାବେଳେ ସେମାନଙ୍କ ଦ୍ୱାରା ନିର୍ବାଚିତ ପଞ୍ଚ, ନାଏବ ସରପଞ୍ଚ ଓ ସରପଞ୍ଚକୁ ନେଇ ଗ୍ରାମପଞ୍ଚାୟତ ଗଠିତ ହୋଇଥାଏ । ଗୋଟିଏ ଗ୍ରାମପଞ୍ଚାୟତକୁ କେତେକ ୱାର୍ଡରେ ବିଭକ୍ତ କରାଯାଇଥାଏ । ଓଡ଼ିଶାରେ ଏହାର ସଂଖ୍ୟା ୧୨ରୁ ୨୫ ମଧ୍ୟରେ ସୀମିତ ରଖାଯାଇଛି । ପ୍ରତ୍ୟେକ ୱାର୍ଡ୍‌ରୁ ଜଣେ ସଭ୍ୟ ପ୍ରତ୍ୟକ୍ଷ ନିର୍ବାଚନ ପ୍ରଣାଳୀରେ ନିର୍ବାଚିତ ହୋଇଥାନ୍ତି । ଓଡ଼ିଶାରେ ଏହାର କାର୍ଯ୍ୟକାଳ ୫ ବର୍ଷ ଅଟେ ।

### ସରପଞ୍ଚଙ୍କ ନିର୍ବାଚନ ଓ କାର୍ଯ୍ୟାବଳୀ :

ସରପଞ୍ଚ ଗ୍ରାମପଞ୍ଚାୟତର ମୁଖ୍ୟ ଅଟନ୍ତି । ସେ ଗ୍ରାମପଞ୍ଚାୟତର ଭୋଟଦାତାମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୁଅନ୍ତି । ୱାର୍ଡମେମ୍ବରମାନଙ୍କଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବ ଦୁଇ-ତୃତୀୟାଂଶ ସମର୍ଥନରେ ଗୃହୀତ ହେଲେ ସରପଞ୍ଚଙ୍କର ପଦଚ୍ୟୁତି ଘଟେ । ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ୧୯ ଧାରାରେ ସରପଞ୍ଚଙ୍କ କ୍ଷମତା ଓ କାର୍ଯ୍ୟାବଳୀ ସଂପର୍କରେ ସୂଚନା ଦିଆଯାଇଛି -

(୧) ସରପଞ୍ଚ ଗ୍ରାମସଭା ଓ ଗ୍ରାମପଞ୍ଚାୟତ ବୈଠକ ଆହ୍ୱାନ କରିବେ, ସେଥିରେ ଅଧକ୍ଷତା କରିବେ ଓ ବୈଠକ ପରିଚାଳନା କରିବେ ।

(୨) ବୈଠିକର ବିବରଣୀ ଲିପିବଦ୍ଧ କରି ତା'ର କାର୍ଯ୍ୟକାରୀତା ପାଇଁ ଦାୟୀ ରହିବେ ।

(୩) ପଞ୍ଚାୟତର ସମସ୍ତ ଚିଠିପତ୍ର ଆଦାନପ୍ରଦାନ କରିବେ ।

(୪) ପଞ୍ଚାୟତ ପାଣ୍ଠିର ଦାୟିତ୍ୱରେ ରହିବେ ଓ ବ୍ୟୟର ସଠିକ୍ ହିସାବ ଓ ଅଡ଼ିଟ୍ ପାଇଁ ଦାୟୀ ରହିବେ ।

(୫) ଗ୍ରାମ ପଞ୍ଚାୟତକୁ ଅନ୍ୟ ସମସ୍ତ କ୍ଷେତ୍ରରେ ପ୍ରତିନିଧିତ୍ୱ ପ୍ରଦାନ କରିବେ ।

(୬) ସେ ପଞ୍ଚାୟତ ସ୍ତରରେ ସରକାରୀ କାର୍ଯ୍ୟକ୍ରମର କାର୍ଯ୍ୟକାରୀତା, ଜନ୍ମ ଓ ମୃତ୍ୟୁର ହିସାବରକ୍ଷା, ପଞ୍ଚାୟତ ସଂପତ୍ତି ଜଗୁଆଳୀ ଆଦି କାର୍ଯ୍ୟ ସଂପାଦନ କରନ୍ତି ।

ଗ୍ରାମପଞ୍ଚାୟତର କ୍ଷମତା ଓ କାର୍ଯ୍ୟାବଳୀ :

ଭାରତର ଗ୍ରାମ୍ୟ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ରାଜ୍ୟ ସରକାରଙ୍କ କ୍ଷମତା ପରିସରଭୁକ୍ତ ଅଟେ । ଏହା ପଞ୍ଚାୟତିରାଜ ବ୍ୟବସ୍ଥା ଓ ରାଜ୍ୟ ସରକାରଙ୍କର ଆଇନ ଦ୍ୱାରା ପରିଚାଳିତ ହୋଇଥାଏ । ଭାରତରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସ୍ଥାନୀୟ କାର୍ଯ୍ୟରେ ଅଂଶ ଗ୍ରହଣର ସୁଯୋଗ ଦେବା ନିମିତ୍ତ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଗୋଟିଏ ରାଜ୍ୟର କ୍ରମବର୍ଦ୍ଧିଷ୍ଣୁ ସ୍ଥାନୀୟ ସମସ୍ୟାବଳୀର ସମାଧାନ କେବଳ ସ୍ୱାୟତ୍ତ ଶାସନ ସଂସ୍ଥାର କାର୍ଯ୍ୟ ପରିସର କାର୍ଯ୍ୟର ପ୍ରକୃତି, ଅର୍ଥନୈତିକ ଓ ପ୍ରଶାସନିକ ସମ୍ବଳ ତଥା ଏହାର ସମାଧାନ ପାଇଁ ଆବଶ୍ୟକୀୟ କର୍ତ୍ତୃତ୍ୱ ଉପରେ ନିର୍ଭର କରିଥାଏ । ଏହି ସଂସ୍ଥାର କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ, ନିରୀକ୍ଷଣ ଏବଂ ପଥ ପ୍ରଦର୍ଶନ ରହିବା ବିଧେୟ ।

ଗ୍ରାମପଞ୍ଚାୟତ ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନର ମୂଳଭିତ୍ତି ଅଟେ । ଗୋଷ୍ଠୀ ଉନ୍ନୟନ ଯୋଜନାକୁ ଗଣତନ୍ତ୍ରର ପ୍ରାଥମିକ ସ୍ତରରୁ ସବଳ ଓ ସକ୍ରିୟ କରାଇବା ଦୃଷ୍ଟିରୁ ଗ୍ରାମପଞ୍ଚାୟତର କ୍ଷମତା ଓ କାର୍ଯ୍ୟପରିସର ବୃଦ୍ଧି ପାଉଛି । ଓଡ଼ିଶାର ଗ୍ରାମ ପଞ୍ଚାୟତ ଆଇନର ୪ର୍ଥ ଅନୁଚ୍ଛେଦରେ ବିଶଦଭାବରେ ବର୍ଣ୍ଣନା କରାଯାଇଛି ।

ଗ୍ରାମପଞ୍ଚାୟତର ସମଗ୍ର କାର୍ଯ୍ୟକୁ ମୁଖ୍ୟତଃ ଦୁଇଗୋଟି ପର୍ଯ୍ୟାୟଭୁକ୍ତ କରାଯାଇପାରେ; ଯଥା - (କ) ବାଧ୍ୟତାମୂଳକ କାର୍ଯ୍ୟ, (ଖ) ଇଚ୍ଛାଧୀନ କାର୍ଯ୍ୟ ।

**(କ) ବାଧ୍ୟତାମୂଳକ କାର୍ଯ୍ୟ (Obligatory or Compulsory Functions) :** ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ୪୪ ଧାରାରେ ଗ୍ରାମପଞ୍ଚାୟତର ବାଧ୍ୟତାମୂଳକ କାର୍ଯ୍ୟ ବିଷୟରେ ଉଲ୍ଲେଖ କରାଯାଇଛି । ଗୋଟିଏ ଗ୍ରାମପଞ୍ଚାୟତ ସାଧାରଣତଃ ନିମ୍ନଲିଖିତ ବାଧ୍ୟତାମୂଳକ କାର୍ଯ୍ୟାବଳୀ ସମ୍ପାଦନ କରିଥାଏ :-

(୧) ସର୍ବସାଧାରଣ ରାସ୍ତା ଓ ପୋଲ ନିର୍ମାଣ, ମରାମତି, ରକ୍ଷଣାବେକ୍ଷଣ ଓ ଉନ୍ନତି ସାଧନ ।

(୨) ପ୍ରାଥମିକ ଶିକ୍ଷାର ପ୍ରସାର ନିମନ୍ତେ ବିଦ୍ୟାଳୟ ଗୃହର ନିର୍ମାଣ ଓ ରକ୍ଷଣାବେକ୍ଷଣା ଆଦି କାର୍ଯ୍ୟରେ ପଞ୍ଚାୟତ ସମିତିକୁ ସାହାଯ୍ୟ ପ୍ରଦାନ ଏବଂ ପୌଢ଼ ଶିକ୍ଷା ବ୍ୟବସ୍ଥା ପରିଚାଳନା ।

(୩) କୃଷିର ଉନ୍ନତି ପାଇଁ ପଞ୍ଚାୟତ ସମିତିର ସହଯୋଗରେ ଉନ୍ନତ କୃଷି ପ୍ରଣାଳୀ ଓ ଶସ୍ୟ ନଷ୍ଟକାରୀ ପୋକମାନଙ୍କର ନିରାକରଣ ପାଇଁ ବ୍ୟବସ୍ଥା ଗ୍ରହଣ ।

(୪) "ଜବାହର ରୋଜଗାର ଯୋଜନା" କୁ କାର୍ଯ୍ୟକାରୀ କରିବା ।

(୫) ସର୍ବସାଧାରଣ କୂପ, ପୁଷ୍କରିଣୀ, ବାମ୍ଫି ଆଦି ନିର୍ମାଣ, ପୁନଃ ଗଠନ ଓ ରକ୍ଷଣାବେକ୍ଷଣ ।

(୬) ସର୍ବସାଧାରଣ ସ୍ଥାନର ବେଆଇନ ଦଖଲକୁ ଦୂରୀଭୂତ କରିବା ଓ ଚାରଣ ଭୂମିର ରକ୍ଷଣାବେକ୍ଷଣ କରିବା ।

(୭) ଜନ୍ମ, ମୃତ୍ୟୁ, ଗୋମହିଷାଦି ପ୍ରାଣୀ ଇତ୍ୟାଦି ସମ୍ପର୍କୀୟ ପରିସଂଖ୍ୟାନ ରଖିବା ।

(୮) ଗ୍ରାମପଞ୍ଚାୟତର ସୀମା ମଧ୍ୟରେ ଥିବା ମେଳା, ଯାନିଯାତ୍ରା, ଉତ୍ସବ ଇତ୍ୟାଦିର ନିୟନ୍ତ୍ରଣ ଏବଂ ବଜାରଘାଟର ନିୟନ୍ତ୍ରଣ ଓ ରକ୍ଷଣାବେକ୍ଷଣ ଏବଂ ସାଇକେଲ, ରିକ୍ସା, ଶଗଡ଼ଗାଡ଼ି ଇତ୍ୟାଦିକୁ ଲାଇସେନ୍ସ ପ୍ରଦାନ ।

(୯) ପଞ୍ଚାୟତ ପରିଚାଳନା ଉପରେ ନ୍ୟସ୍ତ ସମସ୍ତ ସମ୍ପତ୍ତିର ସୁରକ୍ଷା, ରକ୍ଷଣାବେକ୍ଷଣ ଓ ଉନ୍ନତି ସାଧନ ।

(୧୦) ମହମାରୀ, ସଂକ୍ରାମକ ରୋଗର ପ୍ରତିରୋଧ ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ।

**(ଖ) ଇଚ୍ଛାଧୀନ କାର୍ଯ୍ୟ (Optional or Discretionary Function) :** ଗ୍ରାମପଞ୍ଚାୟତ ନିଜର ସମ୍ବଳ, ଆବଶ୍ୟକତା ଓ ସମୟକୁ ଆଖି ଆଗରେ ରଖି ଯେଉଁ କାର୍ଯ୍ୟଗୁଡ଼ିକ ସମ୍ପାଦନ କରେ ତାହାକୁ ଇଚ୍ଛାଧୀନ କାର୍ଯ୍ୟ କୁହାଯାଏ । ଓଡ଼ିଶାରେ ଗ୍ରାମପଞ୍ଚାୟତଗୁଡ଼ିକର ଇଚ୍ଛାଧୀନ କାର୍ଯ୍ୟାବଳୀ ସମ୍ପର୍କରେ ୧୯୬୪ ମସିହାର ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ୪୫ ଧାରାରେ ସ୍ପଷ୍ଟ ସୂଚନା ଦିଆଯାଇଛି । ନିମ୍ନଲିଖିତ ବିଷୟଗୁଡ଼ିକ ଗ୍ରାମପଞ୍ଚାୟତର ମୁଖ୍ୟ ଇଚ୍ଛାଧୀନ କାର୍ଯ୍ୟ ଅଟେ :-

(୧) ଗ୍ରାମପଞ୍ଚାୟତ ଅଧୀନସ୍ଥ ରାସ୍ତାକଡ଼ରେ ବୃକ୍ଷରୋପଣ ଓ ରକ୍ଷଣାବେକ୍ଷଣ ।

(୨) ସମବାୟ ସମିତି ଗଠନ ଓ ଏହାର ସଫଳ କାର୍ଯ୍ୟକାରିତା ।

(୩) ସର୍ବସାଧାରଣ ସ୍ଥାନରେ ପୁସ୍ତକାଗାର, ପାଠାଗାର ଇତ୍ୟାଦି ପ୍ରତିଷ୍ଠା ଓ ବିଭିନ୍ନ ଆମୋଦପ୍ରମୋଦ ସୁବିଧା ସୁଯୋଗ ପ୍ରଦାନ ।

(୪) କଂସେଇଖାନା ନିର୍ମାଣ ଓ ରକ୍ଷଣାବେକ୍ଷଣ ।

(୫) ମାତୃ ଓ ଶିଶୁ ମଙ୍ଗଳ କାର୍ଯ୍ୟ ।

(୬) ଅଣ-ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ପ୍ରଦାନ ।

(୭) ଗ୍ରାମ୍ୟ ସେବାଦଳ ଗଠନ ।

(୮) କୁଟୀର ଶିଳ୍ପ ବିକାଶ ।

(୯) ନଦୀଘାଟ, ଖରାଦିନିଆ ରାସ୍ତା ଇତ୍ୟାଦି ନିର୍ମାଣ ଓ ରକ୍ଷଣାବେକ୍ଷଣ ।

(୧୦) ପତିତ ଓ ଚାଷ ଉପଯୋଗୀ ଜମିର ଉଦ୍ଧାର କାର୍ଯ୍ୟରେ ଚାଷୀଙ୍କୁ ସାହାଯ୍ୟ ଓ ଉପଦେଶ ପ୍ରଦାନ ।

**ଗ୍ରାମାପଞ୍ଚାୟତର ଆୟର ଉତ୍ସ :**

(୧) ରାଜ୍ୟ ସରକାରଙ୍କ ବିଭିନ୍ନ ଅନୁଦାନ ।

(୨) ବିଭିନ୍ନ ନିଜସ୍ୱ ସୂତ୍ରରୁ ଟିକସ ଓ ଜୋରିମାନା ଆଦାୟ ।

(୩) ହାଟ ଓ ଘାଟର ନିଲାମରୁ ଆଦାୟ ଅର୍ଥ ।

(୪) ଗ୍ରାମପଞ୍ଚାୟତ ନିୟନ୍ତ୍ରଣାଧୀନ ସଂପତ୍ତିରୁ ପ୍ରାପ୍ତ ଆୟ ।

(୫) ସରକାରଙ୍କ ଅନୁମତି ସହ ଋଣ ଉଠାଣ ।

ଗ୍ରାମପଞ୍ଚାୟତର ସ୍ୱାୟତ୍ତ ଶାସନ ସଂସ୍ଥାର ସର୍ବନିମ୍ନ ସୋପାନ ଅଟେ । ଗ୍ରାମ୍ୟ ଗଣତନ୍ତ୍ରର ଚରମ ପରିପ୍ରକାଶ ଏହି ସଂସ୍ଥା ମାଧ୍ୟମରେ ସମ୍ଭବ ହୋଇଥାଏ । ଗ୍ରାମ୍ୟ ବ୍ୟବସ୍ଥାକୁ ଆତ୍ମନିର୍ଭରଶୀଳ କରିବାର ଲକ୍ଷ୍ୟ ନେଇ ଗୋଷ୍ଠୀ ଉନ୍ନୟନ ଯୋଜନା ଆରମ୍ଭ କରାଯାଇଥିଲା । ମାତ୍ର ଆଜି ପର୍ଯ୍ୟନ୍ତ ଅର୍ଥାତ୍ ପଞ୍ଚାୟତିରାଜର ସଂଶୋଧିତ ନୂତନ ସଂସ୍କରଣରେ ମଧ୍ୟ ଏହି ଲକ୍ଷ୍ୟ ସାଧିତ ହୋଇପାରିନାହିଁ । ଗ୍ରାମର ଲୋକଙ୍କର ନିରକ୍ଷତା ଓ ଦାରିଦ୍ର୍ୟତା ଏବଂ ଗ୍ରାମପଞ୍ଚାୟତର ପାଣ୍ଠିର ସ୍ୱଳ୍ପତା ଓ ରାଜନୈତିକ ଦଳ; ରାଜନୀତିର କୁପ୍ରଭାବ, ହସ୍ତକ୍ଷେପ, ସରକାରୀ କର୍ମଚାରୀ ଓ ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ମଧ୍ୟରେ କନ୍ଦଳ ଇତ୍ୟାଦି ଏହାର ଲକ୍ଷ୍ୟ ହାସଲ ପଥରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଗ୍ରାମର ଲୋକମାନଙ୍କ ମଧ୍ୟରେ ଗୋଷ୍ଠୀ ସଚେତନତା ପୂର୍ଣ୍ଣମାତ୍ରାରେ ବିକାଶ ଲାଭ କରିପାରିନାହିଁ । ଗ୍ରାମପଞ୍ଚାୟତକୁ ଦେଶର ଗଣତାନ୍ତ୍ରିକ ଜୀବନରେ ପ୍ରାଥମିକ ବିଦ୍ୟାଳୟରୂପେ ଗଣ୍ୟ କରାଯାଇଥାଏ । ୭୩ତମ ସମ୍ବିଧାନ ସଂଶୋଧନ ଆଇନ ମାଧ୍ୟମରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମପଞ୍ଚାୟତ ସଂଗଠନର ସ୍ଥିତି

ଓ ମର୍ଯ୍ୟାଦା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି । ଏହାର ନିର୍ବାଚନ ରାଜ୍ୟ ନିର୍ବାଚନ ଆୟୋଗ ଦ୍ୱାରା ପ୍ରତି ପାଞ୍ଚବର୍ଷରେ ଥରେ ନିୟମିତ ଭାବେ ହେବାର ଓ ଏହାର ଅନୁଦାନ ବ୍ୟବସ୍ଥା ରାଜ୍ୟ ଅର୍ଥ ଆୟୋଗଦ୍ୱାରା ସ୍ଥିରୀକୃତ ହେବାର ବ୍ୟବସ୍ଥା ରହିଛି । ଗ୍ରାମପଞ୍ଚାୟତର ଦକ୍ଷତାପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ଉପରେ ପଞ୍ଚାୟତିରାଜ ବ୍ୟବସ୍ଥା ଓ ସର୍ବୋପରି ଭାରତରେ ଗଣତନ୍ତ୍ରର ସଫଳତା ନିର୍ଭର କରେ ।

## ୪.୪ ପଞ୍ଚାୟତ ସମିତିର ଗଠନ ଓ କାର୍ଯ୍ୟାବଳୀ

ପିରାମିଡ୍ ଆକୃତିର ତ୍ରି-ସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ମଧ୍ୟ ସୋପାନରେ ପଞ୍ଚାୟତ ସମିତି ଅବସ୍ଥିତ । କେତେଗୋଟି ଗ୍ରାମପଞ୍ଚାୟତକୁ ନେଇ ଗୋଟିଏ ପଞ୍ଚାୟତ ସମିତି ଗଠିତ ହୋଇଥାଏ । ଓଡ଼ିଶାରେ ବର୍ତ୍ତମାନ ୩୧୪ ଗୋଟି ପଞ୍ଚାୟତ ସମିତି ଅଛି ।

**ଗଠନ :** ପଞ୍ଚାୟତ ସମିତିରେ ସରକାରୀ ପଦୋଦ୍ଦିଷ୍ଟ ସଭ୍ୟ ଓ ବେସରକାରୀ ନିର୍ବାଚିତ ପ୍ରତିନିଧି ନାମରେ ଦୁଇ ଶ୍ରେଣୀୟ ସଭ୍ୟ ରହିଥା'ନ୍ତି ।

**ସରକାରୀ ପଦୋଦ୍ଦିଷ୍ଟ ସଭ୍ୟ :**

(୧) ଗୋଷ୍ଠୀ ଉନ୍ନୟନ ଅଧିକାରୀ ବା ବି.ଡ଼ି.ଓ.

(୨) କୃଷି, ପଶୁଚିକିତ୍ସା, ଶିକ୍ଷା, ସମବାୟ, ଗ୍ରାମପଞ୍ଚାୟତ, ମତ୍ସ୍ୟପାଳନ, ସ୍ୱାସ୍ଥ୍ୟ ଆଦି ବିଭାଗର ସଂପ୍ରସାରଣ ଅଧିକାରୀ ।

**ବେସରକାରୀ ନିର୍ବାଚିତ ସଭ୍ୟ ।**

(୧) ପ୍ରତ୍ୟେକ ଗ୍ରାମପଞ୍ଚାୟତରୁ ଭୋଟଦାତାଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ନିର୍ବାଚିତ ଜଣେ ଲେଖାଏଁ ସମିତି ସଭ୍ୟ ।

(୨) ଗ୍ରାମ ପଞ୍ଚାୟତର ସରପଞ୍ଚଗଣ ।

(୩) ପଞ୍ଚାୟତ ସମିତି ଅନ୍ତର୍ଗତ ୨୦ ହଜାରରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷଗଣ ।

(୪) ସଂପୃକ୍ତ ଅଞ୍ଚଳର ବିଧାୟକ ଓ ସାଂସଦ ।

ପଞ୍ଚାୟତ ସମିତିର ଅନୁସୂଚିତ ଜାତି ଓ ଉପଜାତିଙ୍କ ଲୋକସଂଖ୍ୟା ଅନୁପାତରେ ସେମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ କରାଯାଇଛି । ପଞ୍ଚାୟତ ସମିତିର ମୋଟ ବେସରକାରୀ ସଭ୍ୟଙ୍କ ମଧ୍ୟରୁ ଏକ-ତୃତୀୟାଂଶ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଥାଏ ।

**ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ :** ସମିତି ସଭ୍ୟମାନେ ନିଜ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ବା ଚେୟାରମ୍ୟାନ ଓ ଅନ୍ୟଜଣଙ୍କୁ ଉପାଧ୍ୟକ୍ଷ ରୂପେ ନିର୍ବାଚିତ କରନ୍ତି । ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଅନ୍ୟଜଣେ ମହିଳା ହୋଇଥା'ନ୍ତି । ସମିତିସଭ୍ୟଙ୍କ ଦ୍ୱାରା ଆଗତ ଅନାସ୍ଥାପ୍ରସ୍ତାବ ଦୁଇ-ତୃତୀୟାଂଶ ସମର୍ଥନରେ ଗୃହୀତ ହେଲେ ଅଧ୍ୟକ୍ଷ ପଦଚ୍ୟୁତ ହୋଇଥା'ନ୍ତି । ଏହି ଅନାସ୍ଥାପ୍ରସ୍ତାବ ସେମାନେ ନିର୍ବାଚିତ ହେବାର ଦୁଇବର୍ଷ ମଧ୍ୟରେ ଆଗତ ହୋଇପାରେ ନାହିଁ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଞ୍ଚାୟତ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଟନ୍ତି । ଅଧ୍ୟକ୍ଷ ସମିତି ଅଧିବେଶନରେ ଅଧ୍ୟକ୍ଷତା କରିବା ସହ ସମିତିର ସମସ୍ତ କାର୍ଯ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରାଇଥା'ନ୍ତି ।

**କାର୍ଯ୍ୟକାଳ :** ପଞ୍ଚାୟତ ସମିତିର ସାଧାରଣ କାର୍ଯ୍ୟକାଳ ୫ ବର୍ଷ । ସମିତି ସମ୍ବିଧାନ ବିରୋଧୀ କାର୍ଯ୍ୟ କଲେ ସରକାର ଏହାକୁ ଭାଙ୍ଗିଦେଇ ଛଅମାସ ମଧ୍ୟରେ ପୁନି ନିର୍ବାଚନ କରାଇଥା'ନ୍ତି ।

**କାର୍ଯ୍ୟାବଳୀ :** ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୮୮ରେ ୨୦ ଧାରାରେ ପଞ୍ଚାୟତସମିତିର ନିମ୍ନଲିଖିତ କାର୍ଯ୍ୟ ସଂପର୍କରେ ସୂଚନା ଦିଆଯାଇଛି -

(୧) ପଞ୍ଚାୟତ ସମିତି ସ୍ତରରେ ଗୋଷ୍ଠୀ ଉନ୍ନୟନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ଓ ଯୋଜନାର ପ୍ରସ୍ତୁତି ଓ କାର୍ଯ୍ୟକାରୀତାର ତତ୍ତ୍ୱାବଧାରଣ ।

(୨) ବ୍ଲକ ମଧ୍ୟରେ ପ୍ରାଥମିକ ଶିକ୍ଷାର ପ୍ରସାର ପାଇଁ ବ୍ୟବସ୍ଥା ଗ୍ରହଣ ଓ ନିୟନ୍ତ୍ରଣ ।

(୩) ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ସଂପର୍କୀୟ ଆଇନର କାର୍ଯ୍ୟକାରୀତା ଓ ତତ୍ତ୍ୱାବଧାରଣ ।

(୪) ଗ୍ରାମପଞ୍ଚାୟତଗୁଡ଼ିକର ବଜେଟ୍ ଅନୁମୋଦନ ।

(୫) ପଞ୍ଚାୟତ ସମିତିର ବଜେଟ୍ ଅନୁମୋଦନ ।

(୬) ପଞ୍ଚାୟତ ସମିତି ଅନ୍ତର୍ଗତ ଗ୍ରାମ ପଞ୍ଚାୟତଗୁଡ଼ିକର କାର୍ଯ୍ୟ ତତ୍ତ୍ୱାବଧାରଣ ଓ ନିୟନ୍ତ୍ରଣ ।

(୭) ଆଦିବାସୀ ଉନ୍ନୟନ ବ୍ଲକ ରୂପେ ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିଲେ ସେହି ସଂପର୍କୀୟ ସମସ୍ତ ଯୋଜନାର ସଫଳ କାର୍ଯ୍ୟକାରୀତା ।

(୮) ବିଭିନ୍ନ ସମୟରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନ୍ୟାନ୍ୟ କାର୍ଯ୍ୟ ସଂପାଦନ ।

**ଆୟର ଉତ୍ସ :**

(୧) ବ୍ଲକ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପ୍ରଦତ୍ତ ପାଣ୍ଠି ।

(୨) ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ।

(୩) କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ପାଇଁ ଅନୁଦାନ ।

(୪) କର ଓ ଫିସ୍ ଆଦିରୁ ଆୟ ।

(୫) ଗ୍ରାମ ପଞ୍ଚାୟତମାନଙ୍କଠାରୁ ପ୍ରାପ୍ତ ଦାନ ।

(୬) ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ କ୍ରମେ ସଂଗୃହୀତ ଋଣ ।

**ସରକାରଙ୍କ ନିୟନ୍ତ୍ରଣ :** ନିମ୍ନୋକ୍ତ ବ୍ୟବସ୍ଥା ମାଧ୍ୟମରେ ସରକାର ପଞ୍ଚାୟତ ସମିତିକୁ ନିୟନ୍ତ୍ରଣ କରିଥା'ନ୍ତି -

(୧) ଜିଲ୍ଲାପାଳ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା ପରିଦର୍ଶନ, ରେକର୍ଡପତ୍ର ଯାଞ୍ଚ ।

(୨) ପଞ୍ଚାୟତ ସମିତିର ନିଷ୍ପତ୍ତି ରାଜ୍ୟ ଆଇନର ବିରୋଧୀ ହେଲେ ତାହା ସରକାରଙ୍କ ଦ୍ୱାରା ନାକଚ ହେବାର ବ୍ୟବସ୍ଥା ।

(୩) ପଞ୍ଚାୟତ ସମିତିର ଅଧ୍ୟକ୍ଷ କ୍ଷମତାର ଅପବ୍ୟବହାର କଲେ ସରକାରଙ୍କ ଦ୍ୱାରା ପଦଚ୍ୟୁତ ହେବାର ବ୍ୟବସ୍ଥା ।

(୪) ନିର୍ଦ୍ଧାରିତ କାର୍ଯ୍ୟକାଳ ପୂରିବା ପୂର୍ବରୁ ପଞ୍ଚାୟତ ସମିତି ଭଙ୍ଗର ନିର୍ଦ୍ଦେଶ ।

## ୪. ୫. ଜିଲ୍ଲା ପରିଷଦର ଗଠନ ଓ କାର୍ଯ୍ୟାବଳୀ :

ଗ୍ରାମାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥାରୂପେ କାର୍ଯ୍ୟ କରୁଥିବା 'ପଞ୍ଚାୟତି ରାଜ' ବ୍ୟବସ୍ଥାର ତିନିସ୍ତର ମଧ୍ୟରୁ ସର୍ବୋଚ୍ଚ ସୋପାନରେ ଜିଲ୍ଲା ପରିଷଦ ଅବସ୍ଥିତ । କେତେଗୋଟି ପଞ୍ଚାୟତ ସମିତିକୁ ନେଇ ଗୋଟିଏ ଜିଲ୍ଲା ପରିଷଦ ଗଠିତ ହୋଇଥାଏ । ଏହା ଏକ ଜିଲ୍ଲାସ୍ତରୀୟ ଗ୍ରାମ୍ୟ ସ୍ୱାୟତ୍ତ ଶାସନ ସଂସ୍ଥା ଅଟେ । ଓଡ଼ିଶାରେ ୧୯୬୮ ମସିହାରେ ଏହାକୁ ଉଚ୍ଛେଦ କରାଯାଇ ସେହି ସ୍ଥାନରେ ଜିଲ୍ଲା ପରାମର୍ଶଦାତା ପରିଷଦ ଗଠନ କରାଯାଇଥିଲା । ପୁନଶ୍ଚ ୧୯୯୧ ମସିହାରୁ ଓଡ଼ିଶାର ୩୦ ଟି ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେଉଛି ।

ଗଠନ : ଜିଲ୍ଲାପରିଷଦରେ ପଦୋଚ୍ଚିତ ଓ ନିର୍ବାଚିତ ସଦସ୍ୟା ରୂପରେ ଦୁଇ ଶ୍ରେଣୀୟ ସଦସ୍ୟ ରହିଛନ୍ତି -

(କ) ପଦୋଚ୍ଚିତ ସଦସ୍ୟ (**Ex-Officio members**) :

(୧) ଜିଲ୍ଲାପାଳ ଓ ଜିଲ୍ଲାର ବିଭିନ୍ନ ବିଭାଗୀୟ ମୁଖ୍ୟ

(୨) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ

(୩) ଜିଲ୍ଲାର ପୌର ପରିଷଦର ଅଧ୍ୟକ୍ଷଗଣ

(୪) ଜିଲ୍ଲାର ସମସ୍ତ ବିଧାୟକ ଓ ଲୋକସଭାର ସଦସ୍ୟ ବୃନ୍ଦ

(୫) ଜିଲ୍ଲାରେ ବସବାସ କରୁଥିବା ରାଜ୍ୟସଭାର ସଦସ୍ୟ ବୃନ୍ଦ

(୬) ଜିଲ୍ଲାର କେନ୍ଦ୍ରୀୟ ସମବାୟ ସମିତିର ସଭାପତିବୃନ୍ଦ

(୭) ଜିଲ୍ଲାର ପଞ୍ଚାୟତ ସମିତିର ଅଧ୍ୟକ୍ଷ ବୃନ୍ଦ ।

(ଖ) ନିର୍ବାଚିତ ସଦସ୍ୟ : (୧) ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତ ସମିତିକୁ ଦୁଇ ବା ଅଧିକ ନିର୍ବାଚନମଣ୍ଡଳୀରେ ବିଭକ୍ତ କରାଯାଇ ପ୍ରତି ନିର୍ବାଚନମଣ୍ଡଳୀରୁ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ଜଣେ ଲେଖାଏଁ ଜିଲ୍ଲା ପରିଷଦ ସଦସ୍ୟ ।

ଜିଲ୍ଲା ପରିଷଦରେ ତପସିଲଭୁକ୍ତ ଜାତି ଓ ଉପଜାତି ପାଇଁ ଜନସଂଖ୍ୟାରେ ସେମାନଙ୍କ ଅନୁପାତ ଅନୁଯାୟୀ ସ୍ଥାନ ସଂରକ୍ଷିତ ରହେ । ନିର୍ବାଚିତ ସଦସ୍ୟମାନଙ୍କୁ ମଧ୍ୟରୁ ଏକ-ତୃତୀୟାଂଶ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବାର ବ୍ୟବସ୍ଥା ଅଛି ।

ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ : ନିର୍ବାଚିତ ସଦସ୍ୟମାନେ ନିଜ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ଓ ଅନ୍ୟଜଣଙ୍କୁ ଉପାଧ୍ୟକ୍ଷ ରୂପେ ନିର୍ବାଚିତ କରନ୍ତି । ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ମଧ୍ୟରୁ ଜଣେ ପୁରୁଷ ହେଲେ ଅନ୍ୟ ଜଣେ ମହିଳା ହୋଇଥା'ନ୍ତି । ମୃତ୍ୟୁ କିମ୍ବା ଇସ୍ତଫା କାରଣରୁ ଅଧ୍ୟକ୍ଷ ପଦ ଖାଲିପଡ଼ିପାରେ । ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ନିର୍ବାଚିତ ସଭ୍ୟମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ସମର୍ଥନରେ ଅନୁମୋଦିତ ହେଲେ ସେ ପଦଚ୍ୟୁତ ହୁଅନ୍ତି । ଅଧ୍ୟକ୍ଷ ଜିଲ୍ଲା ପରିଷଦ ବୈଠକରେ ଅଧ୍ୟକ୍ଷତା କରନ୍ତି । ଓଡ଼ିଶା ଜିଲ୍ଲା ପରିଷଦ ଆଇନ, ୧୯୯୧ ଅନୁସାରେ ଜିଲ୍ଲାପାଳ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ହୋଇଥିବାବେଳେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଏହାର ସଚିବ ରୂପେ କାର୍ଯ୍ୟ ନିର୍ବାହ କରନ୍ତି ।

କାର୍ଯ୍ୟକାଳ : ଜିଲ୍ଲା ପରିଷଦର ସାଧାରଣ କାର୍ଯ୍ୟକାଳ ପାଞ୍ଚ ବର୍ଷ । ସରକାରୀ ଆଇନ ବହିର୍ଭୂତ କାର୍ଯ୍ୟ କଲେ ସରକାର ଏହାକୁ କାର୍ଯ୍ୟକାଳ ପୂରଣ ହେବା ପୂର୍ବରୁ ଭାଙ୍ଗି ଦେଇପାରିବେ ।

କାର୍ଯ୍ୟାବଳୀ : ଓଡ଼ିଶା ଜିଲ୍ଲା ପରିଷଦ ଆଇନ ୧୯୯୧ ଅନୁସାରେ ଜିଲ୍ଲା ପରିଷଦ ନିମ୍ନଲିଖିତ କାର୍ଯ୍ୟ ସଂପାଦନ କରିଥାଏ -

(୧) କୃଷି, ସାମାଜିକ ବନୀକରଣ, ପଶୁପାଳନ, ଶିଳ୍ପ, ସମବାୟ ଆନ୍ଦୋଳନ, ଗ୍ରାମ୍ୟ ପାଣ୍ଠି, ଜଳଯୋଗାଣ, ଦୈନନ୍ଦିନ ବ୍ୟବହୃତ ଦ୍ରବ୍ୟ ଯୋଗାଣ, ଯୋଗାଯୋଗ, ଗମନାଗମନ, ବିଦ୍ୟୁତ୍ ଯୋଗାଣ, ଗ୍ରାମାଞ୍ଚଳ ବିଦ୍ୟୁତିକରଣ, କ୍ଷୁଦ୍ର ଜଳସେଚନ, ପ୍ରାଥମିକ, ମାଧ୍ୟମିକ ଓ ପ୍ରୌଢ଼ଶିକ୍ଷା ଯୋଜନା ଇତ୍ୟାଦି କ୍ଷେତ୍ରରେ ଆର୍ଥିକ ସହାୟତା ପ୍ରଦାନ ।

(୨) ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରୀତା ଓ ତତ୍ତ୍ୱାବଧାରଣ ।

(୩) ଜିଲ୍ଲାରେ ଥିବା ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିଗୁଡ଼ିକୁ ଅନୁଦାନ ପ୍ରଦାନ ।

(୪) ପଞ୍ଚାୟତ ସମିତିର ବଜେଟ୍‌କୁ ପରୀକ୍ଷା ଓ ଅନୁମୋଦନ ।

(୫) ପଞ୍ଚାୟତ ସମିତିର ପ୍ରଶାସନିକ କାର୍ଯ୍ୟ ଉପରେ ନିୟନ୍ତ୍ରଣ ।

(୬) ଅଧିନସ୍ଥ ପଞ୍ଚାୟତ ସମିତିଗୁଡ଼ିକରେ କାର୍ଯ୍ୟ କରୁଥିବା ବିକାଶମୂଳକ ଯୋଜନାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ।

(୭) ପଞ୍ଚାୟତିରାଜ ସଂଗଠନକୁ ରାଜ୍ୟ ପ୍ରଶାସନ ସହ ସଂଯୋଜିତ କରିବା ।

(୮) ଜିଲ୍ଲାର ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାମାନଙ୍କ କାର୍ଯ୍ୟାବଳୀ ସମ୍ବନ୍ଧରେ ପରିସଂଖ୍ୟାନ ଓ ତଥ୍ୟ ସଂଗ୍ରହ ।

(୯) ଜିଲ୍ଲାର ସମସ୍ତ ବିକାଶମୂଳକ ଯୋଜନାର ପ୍ରଣୟନ ଓ ରୂପାୟନ ପାଇଁ ସରକାରଙ୍କୁ ଉପଦେଶ ପ୍ରଦାନ ।

(୧୦) ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତମାନଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନ ପାଇଁ ସରକାରଙ୍କୁ ପରାମର୍ଶ ପ୍ରଦାନ ।

(୧୧) ଜିଲ୍ଲାପରିଷଦ ପଞ୍ଚାୟତ ସମିତିକୁ ତାହାର କାର୍ଯ୍ୟ ସଂପାଦନ କ୍ଷେତ୍ରରେ ଉପଦେଶ ଦେଇଥାଏ ।

**ଆୟର ଉତ୍ସ :**

(୧) କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନ ।

(୨) କୁଟୀର ଶିଳ୍ପ, ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପ ଉନ୍ନୟନ ନିମନ୍ତେ ସର୍ବଭାରତୀୟ ସଂସ୍ଥାମାନଙ୍କଠାରୁ ପ୍ରାପ୍ତ ଅନୁଦାନ ।

(୩) ଜନସାଧାରଣ ଓ ଅନୁଷ୍ଠାନଠାରୁ ପ୍ରାପ୍ତ ଦାନ ।

(୪) ପ୍ରଦତ୍ତ ସମ୍ପତ୍ତି (Endowment), ନ୍ୟାସ (Trutst) ଓ ଅନ୍ୟାନ୍ୟ ଅନୁଷ୍ଠାନରୁ ଆୟ ।

ଜିଲ୍ଲା ପରିଷଦର ପ୍ରଶାସନିକ, ସମନ୍ୱୟରକ୍ଷା ଓ ତତ୍ତ୍ୱାବଧାରଣ କ୍ଷମତା ଅଧିକ ଅଟେ । ବିଧାୟକ ଓ ସାଂସଦମାନେ ଏହାର ସଦସ୍ୟ ରହି ଏହାକୁ ଦଳୀୟ ରାଜନୀତିର କୁପ୍ରଭାବର ଶୀକାର କରାଉଛନ୍ତି । ଜିଲ୍ଲାପାଳ ଓ ପ୍ରକଳ୍ପ ଅଧିକାରୀଙ୍କ ଉପରେ ନିର୍ଭରଶୀଳ ଏହି ସଂସ୍ଥାର ଗଣତାନ୍ତ୍ରିକ ସ୍ଥିତି ଦୁର୍ବଳ ଅଟେ । ତଥାପି ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ସୁସମନ୍ୱୟ ଓ ନିୟନ୍ତ୍ରଣ ରକ୍ଷା ପାଇଁ ଏହାର ଗୁରୁଦାୟିତ୍ୱ ରହିଛି ।

## ୪.୬ ନିଗମ (Corporation) ର ଗଠନ ଓ କାର୍ଯ୍ୟାବଳୀ :

ଗ୍ରାମାଞ୍ଚଳର ସ୍ୱାୟତ୍ତଶାସନ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ 'ପଞ୍ଚାୟତି ରାଜ' ବ୍ୟବସ୍ଥା କାର୍ଯ୍ୟ କରୁଥିବାବେଳେ ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥା ତିନିଗୋଟି ଅନୁଷ୍ଠାନ ମାଧ୍ୟମରେ କାର୍ଯ୍ୟକାରୀ ହେଉଛି । ବଡ଼ ବଡ଼ ସହରରେ ନିଗମ, ମଧ୍ୟମ ଧରଣର

ଜନସଂଖ୍ୟା ବିଶିଷ୍ଟ ସହରରେ ପୌର ପରିଷଦ ଓ ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ସହରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠିତ ହୋଇଥାଏ । ଏହି ଅନୁଷ୍ଠାନଗୁଡ଼ିକ ସରକାରଙ୍କ ଆଇନ ବଳରେ ସୃଷ୍ଟି ହୋଇଥାଏ । ୧୯୯୨ ମସିହାର ୭୪ତମ ସମ୍ବିଧାନ ସଂଶୋଧନ ଆଇନ ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ପ୍ରଥମଥର ପାଇଁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଦେଶସାରା ଏହା ସଂଗଠନ ସମ୍ବନ୍ଧରେ ଏକପ୍ରକାର ନିୟମ ପ୍ରବର୍ତ୍ତନ କଲା । ଏହି ସଂଶୋଧନ ଆଇନ ୧୯୯୩ ମସିହା ଜୁନ୍ ୧ ତାରିଖରୁ କାର୍ଯ୍ୟକାରୀ ହେଲା । ଏହା ସମ୍ବିଧାନରେ ନବମ(କ) ଭାଗ ଓ ଦ୍ୱାଦଶ ଅନୁସୂଚୀ ଯୋଗ କଲା ।

ଗୋଟିଏ ଅଞ୍ଚଳର ମୋଟ ଜନସଂଖ୍ୟା, ପ୍ରତି ବର୍ଗ କିଲୋମିଟରରେ ଜନସଂଖ୍ୟାର ଘନତ୍ୱ, ସ୍ଥାନୀୟ ପ୍ରଶାସନ ନିମନ୍ତେ ରାଜସ୍ୱ ଆୟର ପରିମାଣ, ଅଣ-କୃଷି କ୍ଷେତ୍ରରେ ନିଯୁକ୍ତ ଶତାଂଶ, ଅର୍ଥନୈତିକ ଗୁରୁତ୍ୱ ଆଦିକୁ ବିଚାରକୁ ନେଇ ସଂପୃକ୍ତ ରାଜ୍ୟର ରାଜ୍ୟପାଳଙ୍କ ଅଧିସୂଚନା ବଳରେ ଏକ ସହରାଞ୍ଚଳ ଘୋଷିତ ହୋଇଥାଏ ।

**ନିଗମର ଗଠନ :** ତିନିଲକ୍ଷ ବା ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରମାନଙ୍କରେ ନିଗମ (Corporation) ପ୍ରତିଷ୍ଠା କରାଯାଇଥାଏ । ୧୯୯୪ ମସିହାରେ ଓଡ଼ିଶାର ଭୁବନେଶ୍ୱର ଓ କଟକଠାରେ ଦୁଇଟି ନିଗମ ପ୍ରତିଷ୍ଠା ହୋଇଛି । ପ୍ରତ୍ୟେକ ନଗର ନିଗମକୁ କେତୋଟି ୱାର୍ଡରେ ବିଭକ୍ତ କରାଯାଏ । ଓଡ଼ିଶାରେ ଏହି ୱାର୍ଡ ସଂଖ୍ୟା ୧୧ରୁ ୪୦ ମଧ୍ୟରେ ସୀମିତ ରହୁଛି । ପ୍ରତ୍ୟେକ ୱାର୍ଡରୁ ଜଣେ ଲେଖାଏଁ କାଉନ୍ସିଲର ପ୍ରତ୍ୟକ୍ଷ ନିର୍ବାଚନ ପଦ୍ଧତିରେ ନିର୍ବାଚିତ ହୁଅନ୍ତି । ନିଗମର ମୋଟ ଆସନସଂଖ୍ୟାର ଏକ-ତୃତୀୟାଂଶ ମହିଳାମାନଙ୍କ ପାଇଁ ସଂରକ୍ଷିତ ରୁହେ । ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ଜନସଂଖ୍ୟା ଅନୁପାତରେ ସେମାନଙ୍କ ପାଇଁ ନିଗମରେ ସ୍ଥାନ ସଂରକ୍ଷିତ ରହିବାର ବ୍ୟବସ୍ଥା ରହିଛି ।

**ନିଗମର ମେୟର, ଡେପୁଟିମେୟର ଓ ମ୍ୟୁନିସିପାଲ କମିଶନର :** ନିଗମର କାଉନ୍ସିଲରମାନେ ନିଜ ମଧ୍ୟରୁ ଜଣଙ୍କୁ ମେୟର ଓ ଅନ୍ୟ ଜଣଙ୍କୁ ଡେପୁଟିମେୟର ରୂପେ ନିର୍ବାଚିତ କରନ୍ତି । ମେୟର ନିଗମ ପରିଷଦ ବୈଠକରେ ଅଧ୍ୟକ୍ଷତା କରନ୍ତି । ସେ ନିଗମ ଶାସନ ପରିଚାଳନା ଓ ନୀତି ନିର୍ଦ୍ଧାରଣର କେନ୍ଦ୍ରବିନ୍ଦୁ ଅଟନ୍ତି । ମ୍ୟୁନିସପାଲ କମିଶନର ନିଗମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ । ସେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଓ ନିୟନ୍ତ୍ରିତ ଜଣେ ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଟନ୍ତି ।

**କାର୍ଯ୍ୟକାଳ :** ଓଡ଼ିଶାରେ ନିଗମର କାର୍ଯ୍ୟକାଳ ପାଞ୍ଚବର୍ଷ ଅଟେ । ରାଜ୍ୟସରକାରଙ୍କ ଆଇନ ବ୍ୟବସ୍ଥା ଅନୁସାରେ ସରକାର ଏହାକୁ କାର୍ଯ୍ୟକାଳ ପୂରଣ ହେବା ପୂର୍ବରୁ ଭାଙ୍ଗି ଦେଇ ୬ ମାସ ମଧ୍ୟରେ ନିର୍ବାଚନ କରିବାର ବ୍ୟବସ୍ଥା କରିଥା'ନ୍ତି । ରାଜ୍ୟ ନିର୍ବାଚନ ଆୟୋଗ ଏହି ନିର୍ବାଚନ ପରିଚାଳନା କରିଥାଏ ।

**କାର୍ଯ୍ୟାବଳୀ :** ସମ୍ବିଧାନର ୨୪୩ ଧାରା ଓ ଦ୍ୱାଦଶ ଅନୁସୂଚୀରେ ପୌର ସଂସ୍ଥାମାନଙ୍କୁ ୧୮ ଗୋଟି ବିଷୟରେ କ୍ଷମତା ଓ ଦାୟିତ୍ୱ ପ୍ରଦାନ ନିମନ୍ତେ ବ୍ୟବସ୍ଥା ରହିଛି । ଏହି କ୍ଷେତ୍ରରେ ରାଜ୍ୟ ବ୍ୟବସ୍ଥାପିକା ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରିଥାଏ । ନିଗମର କାର୍ଯ୍ୟାବଳୀକୁ ବାଧ୍ୟତାମୂଳକ ଓ ଇଚ୍ଛାଧୀନ ପରି ଦୁଇଭାଗରେ ବିଭକ୍ତ କରାଯାଇପାରେ ।

### (କ) ବାଧ୍ୟତାମୂଳକ କାର୍ଯ୍ୟାବଳୀ :

(୧) ସହର ଯୋଜନା ସମେତ ପୌର ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀତା ।

(୨) ଜନସ୍ୱାସ୍ଥ୍ୟ, ସଫେଇ ଓ ଘନଅବର୍ଜନା (Solid waste) ପରିଚାଳନା ।

(୩) ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ।

(୪) ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ।

(୫) ରାସ୍ତା, ନାଳ ଓ ନର୍ଦ୍ଦମା ନିର୍ମାଣ, ରକ୍ଷଣାବେକ୍ଷଣ ଓ ପରିଚ୍ଛନ୍ନତା ରକ୍ଷା ।

(୬) ବସ୍ତି ଉନ୍ନୟନ

(୭) ରାସ୍ତା ଆଲୁଅ, ଯାନବାହନ ରଖିବା ସ୍ଥାନ, ପ୍ରମୋଦ ଉଦ୍ୟାନ, ଖେଳପଡ଼ିଆ ଆଦିର ବ୍ୟବସ୍ଥା ଗ୍ରହଣ ।

(୮) ଡାକ୍ତରଖାନା ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ ଏବଂ ରୋଗ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ।

(୯) ଅଗ୍ନି ସୁରକ୍ଷା ସେବା ।

(୧୦) କାଞ୍ଜିଆହୁଦା ପରିଚାଳନା ।

(୧୧) ଶବ ସତ୍କାର ଓ ଶ୍ମଶାନ ପରିଚାଳନା ।

(୧୨) ଅର୍ଥନୈତିକ ଓ ସାମାଜିକ ବିକାଶ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀତା ।

(୧୩) ପାନୀୟ ଜଳ ଯୋଗାଣ ।

**(ଖ) ଇଚ୍ଛାଧୀନ କାର୍ଯ୍ୟ :**

(୧) ସର୍ବସାଧାରଣ ପ୍ରମୋଦ ଉଦ୍ୟାନ, ପାଠାଗାର, ରଙ୍ଗମଞ୍ଚ, ସଂଗ୍ରହାଳୟ ଆଦି ନିର୍ମାଣ ଓ ରକ୍ଷଣାବେକ୍ଷଣ ।

(୨) ପୌର ଜଙ୍ଗଲ ସୃଷ୍ଟି ଓ ପରିବେଶ ସୁରକ୍ଷା ।

(୩) ବିକଳାଙ୍ଗ ଓ ମାନସିକ ଅନଗ୍ରସରଙ୍କ ସମେତ ସମାଜର ଦୁର୍ବଳବର୍ଗଙ୍କ ସ୍ୱାର୍ଥରକ୍ଷା ।

(୪) ମେଳା ଓ ପ୍ରଦର୍ଶନୀ ଆୟୋଜନ ଓ ପରିଚାଳନା ।

(୫) ସଡ଼କ ପରିବହନ ସେବା ପ୍ରଦାନ ।

(୬) ବିବାହ ପଞ୍ଜିକରଣ ।

**ଆୟର ଉତ୍ସ :** ନିଗମ ନିମ୍ନଲିଖିତ ଟିକସ ରାଜସ୍ୱ ଓ ଅଣଟିକସ ରାଜସ୍ୱ ସୂତ୍ରରୁ ନିଜର ଆୟ କରିଥାଏ -

(୧) ଟିକସ, (ସଂପତ୍ତିକର, ଗୃହକର, ବୃତ୍ତିକର, ଶିକ୍ଷାକର ଇତ୍ୟାଦି) ଫି ଓ ଜୋରିମାନା ।

(୨) ନିଜସ୍ୱ ବ୍ୟବସାୟରୁ ପ୍ରାପ୍ତ ଲାଭ ।

(୩) ସରକାରୀ ଅନୁଦାନ ।

(୪) ନିଜସ୍ୱ ବାସଗୃହ ଓ ଦୋକାନଗୃହରୁ ଆଦାୟ ଭଡ଼ା ।

(୫) ରାଜ୍ୟ ସରକାରଙ୍କ ଅନୁମୋଦନ ସହ ଋଣ ଉଠାଣ ।

ସମ୍ବିଧାନର ଧାରା ୨୪୩(୧) ଅନୁଯାୟୀ ପ୍ରତି ପାଞ୍ଚବର୍ଷରେ ପଞ୍ଚାୟତ ଅନୁଷ୍ଠାନମାନଙ୍କ ପାଇଁ ରାଜ୍ୟ ଅର୍ଥ ଆୟୋଗ ନିଗମ ସମେତ ସମସ୍ତ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାମାନଙ୍କର ଆର୍ଥିକ ସ୍ଥିତି ସମୀକ୍ଷା କରିବା ସହିତ ସେମାନଙ୍କ ପାଇଁ ରାଜସ୍ୱ ଓ ଅନୁଦାନବଣ୍ଟନ ନୀତି ନିର୍ଦ୍ଧାରଣ କରିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ସୀମିତ ସରକାରୀ ନିୟନ୍ତ୍ରଣ ଓ ନିର୍ଦ୍ଦେଶନ ସହ ନିଗମ ନିଜର କାର୍ଯ୍ୟ ସଂପାଦନ କରିଥାଏ ।

## ୪.୭ ନଗର ପାଳିକା ବା ପୌର ପରିଷଦ (Municipality) କିମ୍ବା, ବିଜ୍ଞାପିତ ଅଞ୍ଚଳ ପରିଷଦର ର ଗଠନ ଓ କାର୍ଯ୍ୟାବଳୀ :

ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ଯୋଜନା ସ୍ୱାୟତ୍ତଶାସନ ଅନୁଷ୍ଠାନମାନଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥାଏ । ସହରାଞ୍ଚଳ ସ୍ୱାୟତ୍ତଶାସନ ଅନୁଷ୍ଠାନଗୁଡ଼ିକ ଜନସଂଖ୍ୟା ଭିତ୍ତିରେ ବିଭିନ୍ନ ସହରାଞ୍ଚଳରେ ଗଠିତ ହୋଇଥାଏ । ଓଡ଼ିଶାରେ ଏହା ତିନିପ୍ରକାରର ଅଟେ; ଯଥା - ନଗର ନିଗମ (Corporation), ନଗରପାଳିକା ବା ପୌର ପରିଷଦ (Municipality) ଓ ବିଜ୍ଞାପିତ ଅଞ୍ଚଳ ପରିଷଦ (Notified Area Council) । ବ୍ରହ୍ମପୁର ନଗରପାଳିକା ରାଜ୍ୟର ସର୍ବପୁରାତନ ନଗରପାଳିକା ଅଟେ । ରାଜ୍ୟ ସରକାରଙ୍କ ଘୋଷଣାନାମା ଫଳରେ ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦଗଠିତ ହୁଏ । ଗଠନ ଓ କାର୍ଯ୍ୟାବଳୀ ଦୃଷ୍ଟିରୁ ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ । କେବଳ ଆକୃତି ବା ଜନସଂଖ୍ୟା କ୍ଷେତ୍ରରେ ପାର୍ଥକ୍ୟ ଦେଖାଯାଏ ।

**ଗଠନ :** ୧୯୫୦ ମସିହାର ଓଡ଼ିଶା ପୌର ଆଇନ ୧୯୯୪ ମସିହାରେ ସଂଶୋଧିତ ହୋଇଛି । ଏହି ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ସର୍ବନିମ୍ନ ୨୫,୦୦୦ ଜନସଂଖ୍ୟା ବିଶିଷ୍ଟ ସହରରେ ନଗରପାଳିକା ଓ ୧୦,୦୦୦ ଜନସଂଖ୍ୟା ବିଶିଷ୍ଟ ସହରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠିତ ହୋଇଥାଏ । ପ୍ରତ୍ୟେକ ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କେତେଗୋଟି ୱାର୍ଡରେ ବିଭକ୍ତ ହୋଇଥାଏ ଯାହାର ସଂଖ୍ୟା ୧୧ରୁ ୪୦ ମଧ୍ୟରେ ସୀମିତ ରହେ । ଉଭୟ ସଂସ୍ଥାରେ ମୋଟ ଆସନ ସଂଖ୍ୟାର ଏକ-ତୃତୀୟାଂଶ ଆସନ ମହିଳାମାନଙ୍କପାଇଁ ସଂରକ୍ଷିତ ରହେ । ସହରର ଜନସଂଖ୍ୟାରେ ଅନୁସୂଚୀତ ଜାତି ଓ ଜନଜାତିଙ୍କ ଅନୁପାତ ଭିତ୍ତିରେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ରହିବାର ବ୍ୟବସ୍ଥା ରହିଛି । ପ୍ରତ୍ୟେକ ୱାର୍ଡରୁ ଜଣେ ଲେଖାଏଁ କାଉନସିଲର ଭୋଟଦାତାଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହୁଅନ୍ତି ।

**ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ :** କାଉନସିଲରମାନେ ନିଜ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ (Chairman) ବା ନଗରପାଳ ଏବଂ ଅନ୍ୟଜଣଙ୍କୁ ଉପାଧ୍ୟକ୍ଷ ବା ଉପନଗରପାଳ ରୂପେ ନିର୍ବାଚିତ କରନ୍ତି । ଅଧ୍ୟକ୍ଷ ବା ଉପାଧ୍ୟକ୍ଷଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଦୁଇ-ତୃତୀୟାଂଶ ଭୋଟରେ ଗୃହୀତ ହେଲେ ସେ ନିଜ ପଦବୀରୁ ବହିଷ୍କୃତ ହୁଅନ୍ତି । କିନ୍ତୁ ନିର୍ବାଚନର ପ୍ରଥମ ଦୁଇବର୍ଷ ମଧ୍ୟରେ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇପାରେ ନାହିଁ ଏବଂ ଥରେ ନାକଚ ହେଲେ ଏକ ବର୍ଷ ପର୍ଯ୍ୟନ୍ତ ପୁନଶ୍ଚ ଏହା ଆଗତ ହୋଇପାରେନାହିଁ । ଉକ୍ତ ସଂସ୍ଥାର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ଓ ପ୍ରଶାସନିକ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ରହିଥା'ନ୍ତି ।

**କାର୍ଯ୍ୟକାରୀ :** ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ କାର୍ଯ୍ୟକାଳ ୫ବର୍ଷ । କିନ୍ତୁ ଆଇନର ଉଲ୍ଲଂଘନ ହେଲେ ରାଜ୍ୟ ସରକାର ଏହାକୁ ନିର୍ଦ୍ଧାରିତ କାର୍ଯ୍ୟକାଳ ପୂରଣ ହେବା ପୂର୍ବରୁ ଭାଙ୍ଗିଦେଇ ଏହାର ଶାସନଭାର ସଂପୃକ୍ତ ଜିଲ୍ଲାପାଳଙ୍କ ଉପରେ ନ୍ୟସ୍ତ କରିଥା'ନ୍ତି । କିନ୍ତୁ ଭଙ୍ଗ ହେବାର ୬ ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବାର ବ୍ୟବସ୍ଥା କରାଯାଇଛି ।

**କାର୍ଯ୍ୟାବଳୀ :**

(କ) ବାଧ୍ୟତାମୂଳକ କାର୍ଯ୍ୟ :

(୧) ରାସ୍ତାଘାଟ ନିର୍ମାଣ ଓ ରକ୍ଷଣାବେକ୍ଷଣ ।

(୨) ନାଳ ନିର୍ମାଣ ଓ ନର୍ଦ୍ଦମା ସଫା ।

(୩) ସହରରେ ପାନୀୟ ଜଳଯୋଗାଣ ଓ ରାସ୍ତା ଆଲୋକ ବ୍ୟବସ୍ଥା ।

(୪) ପ୍ରାଥମିକ ଶିକ୍ଷାର ପ୍ରସାର ।

(୫) ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ।

(୬) ଚିକିତ୍ସା ସୁବିଧା, ସ୍ୱାସ୍ଥ୍ୟରକ୍ଷା ଓ ସଂକ୍ରାମକ ରୋଗ ନିୟନ୍ତ୍ରଣ ।

(୭) ଶବ ସଂସ୍କାର ପାଇଁ ଶ୍ମଶାନ ସୁବିଧା ପ୍ରଦାନ ।

(୮) ଖାଉଟି ଦ୍ରବ୍ୟ ଯୋଗାଣ ।

(୯) ରାସ୍ତା ଓ ସର୍ବସାଧାରଣ ସ୍ଥାନ ଅବରୋଧ ନିରାକରଣ ବ୍ୟବସ୍ଥା ।

(୧୦) ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ସାହାଯ୍ୟ ପ୍ରଦାନ ।

**(ଖ) ଇଚ୍ଛାଧୀନ କାର୍ଯ୍ୟ :**

(୧) ସର୍ବସାଧାରଣ ପ୍ରମୋଦ ଉଦ୍ୟାନ, ବଗିଚା, ହାଟ, ପାଠାଗାର, ସଂଗ୍ରହାଳୟ, ରଂଗମଞ୍ଚ ଆଦି ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ ।

(୨) ସହରାଞ୍ଚଳ ଜଙ୍ଗଲ ସୃଷ୍ଟି ଓ ପଥପାର୍ଶ୍ୱ ବୃକ୍ଷରୋପଣ ।

(୩) ବସ୍ତି ଉନ୍ନୟନ ଯୋଜନାର କାର୍ଯ୍ୟକାରିତା ।

(୪) ପରିବହନ ଓ ଗମନାଗମନ ସୁବିଧା ।

(୫) କାଞ୍ଜିଆହୁଦା ପ୍ରତିଷ୍ଠା ଏବଂ ପାଗଳାକୁକୁର ଓ ବୁଲାଗୋରୁଗାଈଙ୍କ ଦାଉରୁ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ ।

**ଆୟର ପନ୍ଥା :**

(୧) ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ତ ଅନୁଦାନ ।

(୨) ସରକାରଙ୍କ ଅନୁମତି ସହ ଋଣ ଉଠାଣ ।

(୩) ବିଭିନ୍ନ ଟିକସ ଯଥା - ଗୃହ ଟିକସ, ପ୍ରଣ୍ୟ ଦ୍ରବ୍ୟ ଟିକସ, ବୃତ୍ତିକର, ଜଳକର, ପାଇଖାନା କର ଏବଂ ଅନ୍ୟାନ୍ୟ ଫିସ ଓ ଜୋରିମାନା ଇତ୍ୟାଦି ସୂତ୍ରରୁ ସଂଗୃହୀତ ଅର୍ଥ ।

(୪) ନିଜସ୍ୱ ବ୍ୟବସାୟ ଓ ସେବାରୁ ପ୍ରାପ୍ତ ଆୟ ।

(୫) ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ଦାନ ।

ରାଜ୍ୟ ଅର୍ଥ ଆୟୋଗ ଉକ୍ତ ସଂସ୍ଥାର ଆର୍ଥିକ ସ୍ଥିତି ସମୀକ୍ଷା କରେ ଏବଂ ରାଜସ୍ୱ ଓ ଅନୁଦାନ ନୀତି ତଥା ହାର ନିର୍ଦ୍ଧାରଣ କରେ ।

**ସରକାରୀ ନିୟନ୍ତ୍ରଣ :** ସ୍ୱାୟତ୍ତ ଶାସନ ଅନୁଷ୍ଠାନଗୁଡ଼ିକ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ଅଟନ୍ତି । ଏହି ସଂସ୍ଥାଗୁଡ଼ିକ ସରକାରଙ୍କ ବ୍ୟବସ୍ଥାପିକାଦ୍ୱାରା ପ୍ରଣୀତ ଆଇନ ମାଧ୍ୟମରେ ସୃଷ୍ଟ ଓ ନିୟନ୍ତ୍ରିତ ହୁଅନ୍ତି । ସ୍ୱାୟତ୍ତଶାସନ ଅନୁଷ୍ଠାନର ନିଜସ୍ୱ ଅର୍ଥନୈତିକ ସ୍ଥିତି ଦୁର୍ବଳ ହୋଇଥିବାରୁ ସେମାନଙ୍କୁ ଆର୍ଥିକ ଅନୁଦାନ ପ୍ରଦାନ କରୁଥିବା ରାଜ୍ୟ ସରକାର ନିୟନ୍ତ୍ରଣ କରିବା ସହଜସାଧ୍ୟ ହୋଇଥାଏ । ରାଜ୍ୟସରକାରଙ୍କ ଅନୁମତି ଓ ଗ୍ୟାରେଣ୍ଟି ବିନା ଋଣ ଉଠାଣ ସମ୍ଭବ ନୁହେଁ । ସେମାନଙ୍କର କର ଧାର୍ଯ୍ୟ ପ୍ରସ୍ତାବ ସରକାରଙ୍କ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ । ସ୍ୱାୟତ୍ତଶାସନ ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀମାନଙ୍କ

ଦ୍ୱାରା ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରାଯାଇଥାଏ । ଆଇନର ଉଲ୍ଲଂଘନ, ଅଦକ୍ଷତା, ଦୁର୍ନୀତି ଆଦି କାରଣରୁ ସଂସ୍ଥାଗୁଡ଼ିକୁ ଭଙ୍ଗ କରି ସରକାର ନିଜ ହାତକୁ ଏହାର ପରିଚାଳନାଭାର ନେଇଥା'ନ୍ତି । ଏହି ସଂସ୍ଥାମାନଙ୍କଠାରୁ ବାର୍ଷିକ ବିବରଣୀ ମଗାଇବା ଓ କୌଣସି କାର୍ଯ୍ୟ ସଂପାଦନ ପାଇଁ ନିର୍ଦ୍ଦେଶ ଦେବାର ଅଧିକାର ରାଜ୍ୟ ସରକାରଙ୍କର ରହିଛି । ଅଡ଼ିଟ୍ ରିପୋର୍ଟ ଆଧାରରେ ରାଜ୍ୟସରକାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ।

## ୪.୮ ଭାରତରେ ସ୍ୱାୟତ୍ତଶାସନ ସଂସ୍ଥାମାନେ ସମ୍ମୁଖୀନ୍ ହେଉଥିବା ବିଭିନ୍ନ ସମସ୍ୟା :

ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥାର ରୂପାୟନ ପାଇଁ ଗ୍ରାମାଞ୍ଚଳରେ କାର୍ଯ୍ୟରତ ପଞ୍ଚାୟତିରାଜ ବ୍ୟବସ୍ଥା ଏବଂ ସହରାଞ୍ଚଳରେ କାର୍ଯ୍ୟରତ ପୌର ସ୍ୱାୟତ୍ତ ଶାସନ ବ୍ୟବସ୍ଥା ନିଜର ସୁସ୍ଥ ତଥା ଦକ୍ଷତାସଂପନ୍ନ କାର୍ଯ୍ୟ ସଂପାଦନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର କିଛି ପ୍ରକାରଗତ ଓ କେତେକ ମାତ୍ରାଗତ ପାର୍ଥକ୍ୟ ଥିଲେ ମଧ୍ୟ ସେମାନଙ୍କର ସମସ୍ୟାଗୁଡ଼ିକ ସାଧାରଣତଃ ସମାନ । ସେମାନଙ୍କର ମୁଖ୍ୟ ସମସ୍ୟାଗୁଡ଼ିକୁ ନିମ୍ନମତେ ଆଲୋଚନା କରାଯାଇପାରେ –

**(୧) ଶିକ୍ଷା ଓ ସଚେତନଶୀଳତାର ଅଭାବ :** ଗଣତନ୍ତ୍ରର ତୃଣମୂଳ ସୋପାନରୁ ଜନ ଅଂଶଗ୍ରହଣର ଧାରା ସୃଷ୍ଟି ପାଇଁ ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି । କିନ୍ତୁ ଶିକ୍ଷା ଓ ସଚେତନଶୀଳତାର ଅଭାବ ଯୋଗୁଁ ଲୋକମାନେ ଶାସନ ବ୍ୟବସ୍ଥାରେ ଯଥାର୍ଥଭାବେ ସକ୍ରିୟତାର ସହ ଅଂଶ ଗ୍ରହଣ କରିପାରୁନାହାନ୍ତି । ରାଜନୈତିକ ଦଳ ଓ ନେତାମାନେ ଲୋକମାନଙ୍କୁ ଭୁଲାଇ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ କରୁଛନ୍ତି ।

**(୨) ରାଜନୀତି କରଣ :** ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକ ରାଜନୈତିକ ଦଳୀୟ ବ୍ୟବସ୍ଥାର କୁପ୍ରଭାବର ଶୀକାର ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛନ୍ତି । ଏହି ସଂସ୍ଥାର ନିର୍ବାଚିତ ଲୋକପ୍ରତିନିଧିମାନେ ନିରପେକ୍ଷ ଭାବେ କାର୍ଯ୍ୟ ନକରି ନିଜର ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟ କରୁଥିବାରୁ ଏହି ବ୍ୟବସ୍ଥାର ଆନୁଷ୍ଠାନିକ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ ।

**(୩) ଅର୍ଥାଭାବ :** ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକର ସ୍ୱାଧୀନ ଆର୍ଥିକ ସ୍ଥିତି ନାହିଁ । ଏଗୁଡ଼ିକ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନ ଉପରେ ନିର୍ଭରଶୀଳ । ଏହାର କ୍ରମବର୍ଦ୍ଧିଷ୍ଣୁ କାର୍ଯ୍ୟ ସଂପାଦନ ପାଇଁ ଅର୍ଥବରାଦ ହୋଇପାରୁନାହିଁ । ଏହି ଆର୍ଥିକ ଅକ୍ଷମତା ସ୍ୱାୟତ୍ତ ଶାସନ ଯାନକୁ ଇନ୍ଧନ ଯୋଗାଇ ପାରୁନଥିବାରୁ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବା ସମ୍ଭବପର ନୁହେଁ ।

**(୪) ଦୁର୍ନୀତି :** ସ୍ୱାୟତ୍ତଶାସନ ସଂସ୍ଥାମାନଙ୍କୁ ଦୁର୍ନୀତି କବଳିତ କରି ରଖିଛି । ନିର୍ବାଚିତ ପ୍ରତିନିଧି ଓ ନିଯୋଜିତ ସରକାରୀ କର୍ମକର୍ତ୍ତାଗଣ ଏହି ସଂସ୍ଥାମାନଙ୍କୁ ଲୁଟ୍ କରୁଛନ୍ତି । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଦ୍ୱାହି ନେଇ ଅର୍ଥର ବାଟମାରଣା ଓ ଅସାଧୁ ବିନିଯୋଗ କରାଯାଉଛି । ଏହାଦ୍ୱାରା ପ୍ରକୃତ ହିତାଧିକାରୀ ଲାଭବାନ ହୋଇପାରୁନାହାନ୍ତି ଏବଂ ସଂସ୍ଥାର ଦକ୍ଷତା ହ୍ରାସ ହେବା ସଙ୍ଗେ ସଙ୍ଗେ ଏହା ଲୋକମାନଙ୍କର ବିଶ୍ୱାସନୀୟତା ହରାଉଛି ।

**(୫) ଅତ୍ୟଧିକ ସରକାରୀ ନିୟନ୍ତ୍ରଣ :** ଏହି ସ୍ୱାୟତ୍ତଶାସନ ସଂସ୍ଥାମାନଙ୍କ କାର୍ଯ୍ୟଧାରାରେ ବାରମ୍ବାର ଓ ଅତ୍ୟଧିକ ସରକାରୀ ହସ୍ତକ୍ଷେପ ଓ ନିୟନ୍ତ୍ରଣ ଦ୍ୱାରା ସ୍ୱାୟତ୍ତଶାସନ ଭାବନା ଓ ମୂଲ୍ୟବୋଧ ନଷ୍ଟ ହେଉଛି । ଅମଲାତାନ୍ତ୍ରିକ ନାଲିଫିତା, ନୀତି ଓ ବିଳମ୍ବ ମଧ୍ୟରେ ଛନ୍ଦି ହୋଇ ଏହାର ଲକ୍ଷ୍ୟ ବାସ୍ତବତାର ସ୍ପର୍ଶ ପାଇପାରୁନାହିଁ । ସରକାର ଏହକୁ ଭଙ୍ଗ କରିବା, ଅଡ଼ିଟ କରିବା, ଅନୁଦାନ ପ୍ରଦାନର ପୁନଃ ବିଚାର କରିବା, ପରିଦର୍ଶନ କରିବା ଆଦି ଆଳରେ ଏହି ସଂସ୍ଥାଗୁଡ଼ିକୁ ନିଜ ନିୟନ୍ତ୍ରଣ ଓ ନିର୍ଦ୍ଦେଶନା ସହ ପରିଚାଳନା କରୁଛନ୍ତି ।

**(୬) ଉପଯୁକ୍ତ ନେତୃତ୍ୱର ଅଭାବ :** ନିର୍ବାଚନରେ ଅର୍ଥବଳ, ବାହୁବଳ ଆଦି ଅନୈତିକ କୌଶଳର ପ୍ରୟୋଗ ହେଉଥିବାର ଅନେକ ସମୟରେ ଆଇନ ଓ ଗଣତାନ୍ତ୍ରିକ ଶାସନ ସମ୍ବନ୍ଧରେ ଆଦୌ ଧାରଣା ନଥିବା ବ୍ୟକ୍ତି ମଧ୍ୟ ଏହି ଅନୁଷ୍ଠାନଗୁଡ଼ିକର

କର୍ଣ୍ଣଧାର ସାଜୁଛନ୍ତି ଯାହା ଫଳରେ ଏହା ଉଚିତ୍ ଦିଗ୍‌ଦର୍ଶନ ପାଇପାରୁନାହିଁ । ପ୍ରକୃତ ଗଣତାନ୍ତ୍ରିକ ମୂଲ୍ୟବୋଧ ଯୁକ୍ତ ଉତ୍ସର୍ଗୀକୃତ ସେବା ପ୍ରଦାନକାରୀ ନେତାଙ୍କ ଅଭାବ ଦେଖାଯାଉଛି ।

**(୭) ଅନିୟମିତ ନିର୍ବାଚନ :** ସରକାର ମନଇଚ୍ଛାଭାବେ ସ୍ୱାୟତ୍ତଶାସନ ଅନୁଷ୍ଠାନଗୁଡ଼ିକୁ ଭାଙ୍ଗିଦେଇ ନିର୍ବାଚନ କରାଉ ନଥିଲେ । ଏହା ଫଳରେ ଏହି ଅନୁଷ୍ଠାନଗୁଡ଼ିକର ଉଦ୍ଦେଶ୍ୟ ସାଧିତ ହୋଇପାରୁନଥିଲା । କିନ୍ତୁ ୭୩ତମ ଓ ୭୪ ତମ ସମ୍ବିଧାନ ସଂଶୋଧନ ପରେ ଭଙ୍ଗ ହେବାର ଛଅମାସ ମଧ୍ୟରେ ନିର୍ବାଚନ କରାଇବାର ବ୍ୟବସ୍ଥା ପ୍ରଚଳନ କରାଯାଇଥିବାରୁ କେତେକାଂଶରେ ଏହି ସମସ୍ୟା ସମାଧାନ ହୋଇଯାଇଛି ।

ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଉଭୟ ଜନସାଧାରଣ ଓ ସରକାର ସଚେତନ ହେଲେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣର ମୌଳିକ ଲକ୍ଷ୍ୟ ସାଧିତ ହୋଇପାରିବ ।

## ୪.୯ ସାରାଂଶ

ସ୍ୱାୟତ୍ତଶାସନ ବ୍ୟବସ୍ଥାର ବଳିଷ୍ଠ ଐତିହାସିକ ପୃଷ୍ଠଭୂମି ଉପରେ ସ୍ୱାଧୀନ ଭାରତର ଗୋଷ୍ଠୀଉନ୍ନୟନ କାର୍ଯ୍ୟକ୍ରମ ବାସ୍ତବ ରୂପରେଖ ଗ୍ରହଣ କଲା । ସମ୍ବିଧାନର ୪୦ ଧାରାରେ ବର୍ଣ୍ଣିତ ଗ୍ରାମପଞ୍ଚାୟତର ସଂଗଠନ ସମ୍ପର୍କୀୟ ଲକ୍ଷ୍ୟକୁ ଚରିତାର୍ଥ କରିବା ପାଇଁ ୧୯୫୨ ମସିହା ଅକ୍ଟୋବର ୨ ତାରିଖ ଦିନ ଭାରତ ସରକାର ଏହି ଗୋଷ୍ଠୀ ଉନ୍ନୟନ ଯୋଜନାକୁ କାର୍ଯ୍ୟକାରୀ କଲେ । କିନ୍ତୁ ୧୯୫୭ ମସିହା ପର୍ଯ୍ୟନ୍ତ ଏହି ଯୋଜନା ଆଶାନୁରୂପ ସଫଳତା ନ ପାଇବାରୁ ଶ୍ରୀଯୁକ୍ତ ବଳବନ୍ତ ରାଏ ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ଏକ ଅଧ୍ୟୟନ ଦଳ ନିଯୁକ୍ତ କରାଯାଇଥିଲା । ଏହି କମିଟି ନିଜର ତଥ୍ୟ ସମ୍ବଳିତ ରିପୋର୍ଟକୁ ଜାତୀୟ ଉନ୍ନୟନ ପରିଷଦ ନିକଟରେ ଉପସ୍ଥାପିତ କରିଥିଲେ । ଏହା ଏକ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପ୍ରକ୍ରିୟା ପାଇଁ ସୁପାରିଶ କରିଥିଲା ! ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହି ପ୍ରକ୍ରିୟାର ସରଳୀକୃତ ନାମକରଣ ପଞ୍ଚାୟତିରାଜ କରିଥିଲେ ! ଏହାର ଆନୁଷ୍ଠାନିକ ପରିପ୍ରକାଶ ଏକ ତ୍ରି-ସ୍ତରୀୟ ଶାସନ ବ୍ୟବସ୍ଥା ମଧ୍ୟରେ ହୋଇଥାଏ । ଏହି ତ୍ରି-ସ୍ତରୀୟ ବ୍ୟବସ୍ଥା ପିରାମିଡ ଆକୃତି ବିଶିଷ୍ଟ ଅଟେ । ଏହାର ସର୍ବନିମ୍ନ ସୋପାନରେ ଗ୍ରାମପଞ୍ଚାୟତ, ମଧ୍ୟ ସୋପାନରେ ପଞ୍ଚାୟତ ସମିତି ଓ ସର୍ବୋଚ୍ଚ ଶିଖରରେ ଜିଲ୍ଲାପରିଷଦ ଅବସ୍ଥିତ ।

ସ୍ୱାୟତ୍ତଶାସନ ସଂସ୍ଥାମାନଙ୍କ କାର୍ଯ୍ୟଧାରାରେ ବାରମ୍ବାର ଓ ଅତ୍ୟଧିକ ସରକାରୀ ହସ୍ତକ୍ଷେପ ଓ ନିୟନ୍ତ୍ରଣ ଦ୍ୱାରା ସ୍ୱାୟତ୍ତଶାସନ ଭାବନା ଓ ମୂଲ୍ୟବୋଧ ନଷ୍ଟ ହେଉଛି । ଅମଲାତାନ୍ତ୍ରିକ ନାଲିଫିତା, ନୀତି ଓ ବିଳମ୍ବ ମଧ୍ୟରେ ଛନ୍ଦି ହୋଇ ଏହାର ଲକ୍ଷ୍ୟ ବାସ୍ତବତାର ସ୍ପର୍ଶ ପାଇପାରୁନାହିଁ । ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକ ରାଜନୈତିକ ଦଳୀୟ ବ୍ୟବସ୍ଥାର କୁପ୍ରଭାବର ଶୀକାର ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛନ୍ତି ।ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକର ସ୍ୱାଧିନ ଆର୍ଥିକ ସ୍ଥିତି ନାହିଁ । ଏଗୁଡ଼ିକ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନ ଉପରେ ନିର୍ଭରଶୀଳ ।

## ୪.୧୦ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

### ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

ପ୍ର.୧. ଗ୍ରାମପଞ୍ଚାୟତର ଗଠନ ଓ ଓ କାର୍ଯ୍ୟାବଳୀ ଆଲୋଚନା କର ।

ପ୍ର.୨. ପଞ୍ଚାୟତ ସମିତିର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

ପ୍ର.୩. ଜିଲ୍ଲା ପରିଷଦର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

ପ୍ର.୪. ନିଗମ (Corporation) ର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

ପ୍ର.୫. ନଗର ପାଳିକା ବା ପୌର ପରିଷଦ (Municipality) ର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

ପ୍ର.୬. ଭାରତରେ ସ୍ୱାୟତ୍ତଶାସନ ସଂସ୍ଥାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଧାରଣା ଦିଅ ।

## ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନ- ଉତ୍ତର :

(କ) ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତର ବାଛ ।

ପ୍ର.୧. ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ଭିତ୍ତି କ'ଣ ?

(i) ସ୍ଥାନୀୟ ନେତୃତ୍ୱ ସୃଷ୍ଟି

(ii) କୃଷକମାନଙ୍କର ଆର୍ଥିକ ଉନ୍ନତି

(iii) ତୃଣମୂଳ ଗଣତନ୍ତ୍ରର ପ୍ରତିଷ୍ଠା

(iv) ପ୍ରଶାସନିକ ଖର୍ଚ୍ଚ ହ୍ରାସ

ଉ. (iii) ତୃଣମୂଳ ଗଣତନ୍ତ୍ରର ପ୍ରତିଷ୍ଠା

ପ୍ର.୨. ସମ୍ବିଧାନର କେଉଁ ସଂଶୋଧନ ନଗରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥା ସଂପର୍କିତ ?

(i) ୪୨ତମ (ii) ୫୧ତମ

(iii) ୭୩ତମ (iv) ୭୪ତମ

ଉ. (iv) ୭୪ତମ

ପ୍ର.୩. ଭାରତରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ବିଧିବଦ୍ଧ ଭାବେ କିଏ କେଉଁ ମସିହାରେ ଆରମ୍ଭ କରିଥିଲେ ?

(i) ଲର୍ଡ କର୍ଜନ, ୧୯୦୫

(ii) ଲର୍ଡ ରିପନ୍, ୧୮୮୨

(iii) ଲର୍ଡ ମାଉଣ୍ଟବ୍ୟାଟେନ୍, ୧୯୪୬

(iv) ଜବାହାଲାଲ ନେହେରୁ, ୧୯୫୨

ଉ. (ii) ଲର୍ଡ ରିପନ୍, ୧୮୮୨

ପ୍ର.୪. ସ୍ୱାଧୀନ ଭାରତରେ ପଞ୍ଚାୟତି ରାଜ ବ୍ୟବସ୍ଥା ସର୍ବପ୍ରଥମେ କେଉଁ ମସିହାରେ ଓ କେଉଁ ରାଜ୍ୟରେ ଆରମ୍ଭ ହେଲା ?

(i)୧୯୫୩, ଆନ୍ଧ୍ରପ୍ରଦେଶ (ii) ୧୯୫୯, ରାଜସ୍ଥାନ

(iii) ୧୯୬୧, ଓଡ଼ିଶା (iv)୧୯୫୫, ଉତ୍ତରପ୍ରଦେଶ

ଉ. (ii) ୧୯୫୯, ରାଜସ୍ଥାନ

ପ୍ର.୫. ସମ୍ବିଧାନର କେଉଁ କେଉଁ ଅନୁସୂଚୀରେ ଯଥାକ୍ରମେ ପଞ୍ଚାୟତମାନଙ୍କର ୨୯ଟି ଓ ପୌରାସଂସ୍ଥାମାନଙ୍କର ୧୮ଟି କାର୍ଯ୍ୟର ତାଲିକା ରହିଛି ?

(i) ୯, ୧୦ (ii) ୧୦, ୧୧

(iii) ୧୧, ୧୨ (iv) ୧୨, ୧୩

ଉ. (iii) ୧୧, ୧୨

ପ୍ର.୬. ଗ୍ରାମାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ କୁହାଯାଏ ।

(i) ଜିଲ୍ଲା ପରିଷଦ (ii) ଗ୍ରାମପଞ୍ଚାୟତ

(iii) ପଞ୍ଚାୟତିରାଜ (iv) ନିଗମ

ଉ. (iii) ପଞ୍ଚାୟତିରାଜ ।

ପ୍ର.୭. ସ୍ୱାୟତ୍ତ ଶାସନର ଲକ୍ଷ୍ୟ ଅଟେ ।

(i) ଜନ ଅଂଶଗ୍ରହଣ (ii) କ୍ଷମତା ବିକେନ୍ଦ୍ରୀକରଣ

(iii) ଅର୍ଥର ଦୃଢ଼ ଭିତ୍ତି ସୃଷ୍ଟି (iv) ନିଗମ

ଉ. (ii) କ୍ଷମତା ବିକେନ୍ଦ୍ରୀକରଣ

ପ୍ର.୮. ଓଡ଼ିଶାରେ ________ ଗୋଟି ନିଗମ, ________ ଗୋଟି ନଗରପାଳିକା ଓ ________ ଗୋଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି ।

(i) ୨, ୩୦, ୬୧ (ii) ୫, ୩୧, ୬୧

(iii) ୫, ୩୫, ୬୨ (iv) ୩, ୩୦, ୬୨

ଉ. (iii) ୫, ୩୫, ୬୨

ପ୍ର.୯. ଓଡ଼ିଶାରେ ________ ଗୋଟି ପଞ୍ଚାୟତ ସମିତି ରହିଛି ଓ ଏହାର ________ ମୁଖ୍ୟ ଅଟନ୍ତି ।

(i) ୩୩୦, ଅଧ୍ୟକ୍ଷ (ଚେୟାରମ୍ୟାନ) (ii) ୩୧୫, ଅଧ୍ୟକ୍ଷ (ଚେୟାରମ୍ୟାନ)

(iii) ୩୧୪, ଅଧ୍ୟକ୍ଷ (ଚେୟାରମ୍ୟାନ) (iv) ୩୧୪ ମେୟର

ଉ. (iii) ୩୧୪, ଅଧ୍ୟକ୍ଷ (ଚେୟାରମ୍ୟାନ) ।

ପ୍ର.୧୦. ଓଡ଼ିଶାରେ ପଞ୍ଚାୟତି ରାଜ ବ୍ୟବସ୍ଥା ________ ଦିନ କାର୍ଯ୍ୟକାରୀ ହୋଇଥିଲା ।

(i) ଜାନୁୟାରୀ ୨୦, ୧୯୫୯ (ii) ୧୯୬୧ ଜାନୁୟାରୀ ୨୬ ତାରିଖ

(iii) ୧୯୫୭ ନଭେମ୍ବର ୧୪ ତାରିଖ (iv) ୧୯୬୦ ମସିହା ଫେବୃୟାରୀ ୫ ତାରିଖ

ଉ: (ii) ୧୯୬୧ ମସିହା ଜାନୁୟାରୀ ୨୬ ତାରିଖ ।

ପ୍ର.୧୧. __________ ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ __________ ନିଗମର ମୁଖ୍ୟ ଅଟନ୍ତି ।

(i)ନଗରପାଳ ବା ଅଧ୍ୟକ୍ଷ (ଚେୟାରମ୍ୟାନ୍, ମେୟର) (ii) ଅଧ୍ୟକ୍ଷ, ଅଧ୍ୟକ୍ଷ (iii)ଅଧ୍ୟକ୍ଷ, ସଭାପତି (iv) ଅଧ୍ୟକ୍ଷ ସଂପାଦକ

ଉ. (i) ନଗରପାଳ ବା ଅଧ୍ୟକ୍ଷ (ଚେୟାରମ୍ୟାନ୍); ମେୟର ।

ପ୍ର.୧୨. ସ୍ୱାୟତ୍ତଶାସନ ଅନୁଷ୍ଠାନମାନଙ୍କରେ ମହିଳାମାନଙ୍କ ପାଇଁ __________ ସ୍ଥାନ ସଂରକ୍ଷିତ ରହିଛି ।

(i) ଏକ-ଚତୁର୍ଥାଂଶ (ii) ଏକ - ତୃତୀୟାଂଶ

(iii) ଏକ-ପଞ୍ଚମାଂଶ (iv) ଶତକଡ଼ା ୫୦ ଭାଗ

ଉ. (ii) ଏକ-ତୃତୀୟାଂଶ ।

ପ୍ର.୧୩. ଗୋଷ୍ଠୀ ଉନ୍ନୟନ ଯୋଜନାର ଅନୁଧ୍ୟାନ କରି 'ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ' ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ନିମନ୍ତେ __________ ମସିହାରେ ନିଯୁକ୍ତ __________ କମିଟି ସୁପାରିଶ କରିଥିଲା ।

(i) ୧୯୫୯, ସାନ୍ଥାନାମ (ii) ୧୯୫୭, ବଳବନ୍ତରାଏ ମେହେଟ୍ଟା

(iii) ୧୯୮୩, ସରକାରିଆ (iv) ୧୯୬୪, ଅଶୋକ ମେହେଟ୍ଟା

ଉ. (ii) ୧୯୫୭; ବଳବନ୍ତରାଏ ମେହେଟ୍ଟା ।

ପ୍ର.୧୪. ଓଡ଼ିଶାରେ __________ ଗୋଟି ଜିଲ୍ଲା ପରିଷଦ ରହିଛି ଓ ଏହାର ମୁଖ୍ୟ ଅଟନ୍ତି ।

(i) ୩୦, ଅଧ୍ୟକ୍ଷ (ଚେୟାରମ୍ୟାନ) (ii) ୩୧, ସଭାପତି

(iii) ୩୦, ସଭାପତି (iv) ୩୧, ଅଧ୍ୟକ୍ଷ

ଉ. (i) ୩୦; ଅଧ୍ୟକ୍ଷ (ଚେୟାରମ୍ୟାନ) ।

## (ଖ) ଦୁଇଟି ବାକ୍ୟ ମଧ୍ୟରେ ଉତ୍ତର ଦିଅ ।

ପ୍ର.୧. ପଞ୍ଚାୟତିରାଜ କ'ଣ ?

ଉ: ଭାରତରେ ବଳବନ୍ତରାଏ ମେହେଟ୍ଟା କମିଟିର ସୁପାରିଶ କ୍ରମେ କାର୍ଯ୍ୟକାରୀ କରାଯାଇଥିବା ଗ୍ରାମାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥାକୁ ତଥା ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥାକୁ ପଞ୍ଚାୟତି ରାଜ କୁହାଯାଏ । ଏହା ଏକ ତ୍ରିସ୍ତରୀୟ ବ୍ୟବସ୍ଥା ଅଟେ ଯେଉଁଥିରେ ଗ୍ରାମପଞ୍ଚାୟତ ସର୍ବନିମ୍ନ ସ୍ତରରେ, ପଞ୍ଚାୟତ ସମିତି ମଧ୍ୟସ୍ତରରେ ଓ ଜିଲ୍ଲା ପରିଷଦ ସର୍ବୋଚ୍ଚ ସ୍ତରରେ ରହିଥାଏ ।

ପ୍ର.୨. ପଲ୍ଲୀସଭା କ'ଣ ?

ଉ: ପ୍ରତ୍ୟେକ ପଞ୍ଚାୟତର ୧୮ ବର୍ଷରୁ ଊର୍ଦ୍ଧ୍ୱ ପଞ୍ଚାୟତ ଭୋଟଦାତାଙ୍କୁ ନେଇ ଗ୍ରାମ୍ୟସ୍ତରରେ ପଲ୍ଲୀସଭା ଗଠନ କରାଯାଇଥାଏ । ପଲ୍ଲୀସଭାର ବୈଠକ ଗ୍ରାମପଞ୍ଚାୟତ ଦ୍ୱାରା ଡକାଯାଏ । ପ୍ରତ୍ୟେକ ବର୍ଷ ଫେବୃୟାରୀ ମାସରେ ପଲ୍ଲୀସଭାର ବୈଠକ ବସି ଆଗାମୀ ଆର୍ଥିକ ବର୍ଷ ପାଇଁ ଉନ୍ନୟନ ଯୋଜନା ଓ ବଜେଟ୍ ପ୍ରସ୍ତୁତ କରି ଗ୍ରାମସଭାର ଅନୁମୋଦନ ପାଇଁ ପଠାଯାଏ । ପ୍ରତ୍ୟେକ ପଲ୍ଲୀସଭାର ସଦସ୍ୟ ଗ୍ରାମସଭାର ସଦସ୍ୟ ଅଟନ୍ତି ।

**ପ୍ର.୩. ସରପଞ୍ଚ କିପରି ନିର୍ବାଚିତ ହୁଅନ୍ତି ? ତାଙ୍କୁ କିପରି ପଦଚ୍ୟୁତ କରାଯାଏ ?**

ଉ: ସରପଞ୍ଚ ଗ୍ରାମପଞ୍ଚାୟତର ସାବାଳକ ଭୋଟଦାତାମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୁଅନ୍ତି । ସେ ସଂପୃକ୍ତ ଗ୍ରାମପଞ୍ଚାୟତର ମୋଟ ସଭ୍ୟସଂଖ୍ୟାର ଦୁଇ -ତୃତୀୟାଂଶ ସଭ୍ୟଙ୍କଦ୍ୱାରା ଗୃହୀତ ଅନାସ୍ଥା ପ୍ରସ୍ତାବ କିମ୍ବା ପ୍ରମାଣିତ ଦୁର୍ନୀତି କାରଣରୁ ଜିଲ୍ଲାପାଳଙ୍କ ଦ୍ୱାରା ପଦଚ୍ୟୁତ ହୋଇଥା'ନ୍ତି ।

**ପ୍ର.୪. ପଞ୍ଚାୟତ ସମିତିର ଅଧ୍ୟକ୍ଷ କିପରି ନିର୍ବାଚିତ ହୁଅନ୍ତି ?**

ଉ: ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତରୁ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ସମିତି ସଭ୍ୟମାନେ ନିଜ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ଓ ଅନ୍ୟଜଣଙ୍କୁ ଉପାଧ୍ୟକ୍ଷରୂପେ ନିର୍ବାଚିତ କରନ୍ତି ।

**ପ୍ର.୫. ନଗରପାଳିକାର ଅଧ୍ୟକ୍ଷ କିପରି ନିର୍ବାଚିତ ହୁଅନ୍ତି ?**

ଉ: ଅନ୍ୟ ସମସ୍ତ ସହରାଞ୍ଚଳ ସ୍ୱାୟତ୍ତଶାସନ ଅନୁଷ୍ଠାନ ଭଳି ନଗରପାଳିକାର ଅଧ୍ୟକ୍ଷ ପରୋକ୍ଷ ଭାବେ ପ୍ରତ୍ୟେକ ୱାର୍ଡରୁ ନିଯୁକ୍ତ କାଉନସିଲରମାନଙ୍କ ଦ୍ୱାରା ସେମାନଙ୍କ ମଧ୍ୟରୁ ନିର୍ବାଚିତ ହୋଇଥା'ନ୍ତି ।

**ପ୍ର.୬. ବଳବନ୍ତରାଏ ମେହେଟ୍ଟା କମିଟି କାହିଁକି ନିଯୁକ୍ତ ହୋଇଥିଲା ?**

ଉ: ଭାରତରେ ୧୯୫୨ ମସିହାରୁ କାର୍ଯ୍ୟ କରୁଥିବା ଗୋଷ୍ଠୀ ଉନ୍ନୟନ ଯୋଜନାର କାର୍ଯ୍ୟକାରୀତାର ମୂଲ୍ୟାଙ୍କନ ପାଇଁ ୧୯୫୭ ମସିହାରେ ବଳବନ୍ତ ରାଏ ମେହେଟ୍ଟା କମିଟି ନିଯୁକ୍ତ ହୋଇଥିଲା । ଏହା 'ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ' ବା 'ପଞ୍ଚାୟତି ରାଜ' ବ୍ୟବସ୍ଥା ପାଇଁ ସୁପାରିଶ କରିଥିଲା ।

## ୪.୧୧ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀଉତ୍ତର

**ପ୍ର.୧.** ୪.୩ ର ପାଠ ଦେଖ ।

**ପ୍ର.୨.** ୪.୪. ର ପାଠ ଦେଖ ।

**ପ୍ର.୩.** ୪.୫.ର ପାଠ ଦେଖ ।

**ପ୍ର.୪.** ୪.୬ ର ପାଠ ଦେଖ ।

**ପ୍ର.୫.** ୪.୭ ର ପାଠ ଦେଖ ।

**ପ୍ର.୬.** ୪.୮ ର ପାଠ ଦେଖ ।

❖❖❖

**ପଞ୍ଚମ ଅଧ୍ୟାୟ**

# ଭାରତରେ ଜାତୀୟ ସଂହତିର ପ୍ରତିବନ୍ଧକ
# (CHALLENGES TO NATIONAL INTEGRATION IN INDIA )
## (ଆଞ୍ଚଳିକତାବାଦ, ଜାତିବାଦ, ସାଂପ୍ରଦାୟିକତାବାଦ ଓ ଆତଙ୍କବାଦ)
## (REGIONALISM, CASTEISM , COMMUNALISM & TERRORISM)

ସଂରଚନା :


୫ ଆଭିମୁଖ୍ୟ

୫.୧ ଭାରତରେ ଜାତୀୟ ସଂହତିର ମୁଖ୍ୟ ପ୍ରତିବନ୍ଧକ

୫.୨ ଆଞ୍ଚଳିକତାବାଦ - ଅର୍ଥ

୫.୨.୧ ଆଞ୍ଚଳିକତାବାଦର କାରଣ

୫.୨.୨ ଆଞ୍ଚଳିକତାବାଦର ପ୍ରକାରଭେଦ

୫.୨.୩ ଆଞ୍ଚଳିକତାବାଦର ନିରାକରଣ

୫.୩ ଜାତିବାଦ- ଅର୍ଥ

୫.୩.୧ ଜାତିବାଦର କାରଣ ଓ ପ୍ରଭାବ

୫.୩.୨ ଜାତିବାଦର ନିରାକରଣ

୫.୪ ସାଂପ୍ରଦାୟିକତାବାଦ -ଅର୍ଥ

୫.୪.୧ ସାଂପ୍ରଦାୟିକତାବାଦର କାରଣ

୫.୪.୨ ସାଂପ୍ରଦାୟିକତାବାଦର ନିରାକରଣ

୫.୫ ଆତଙ୍କବାଦ - ଅର୍ଥ

୫.୫.୧ ଆତଙ୍କବାଦର କାରଣ

୫.୫.୨ ଆତଙ୍କବାଦର ବିଭିନ୍ନ ସ୍ୱରୂପ

୫.୫.୩ ଆତଙ୍କବାଦର ନିରାକରଣ

୫.୫.୪ ଭାରତ ଓ ଆତଙ୍କବାଦ

୫.୫.୫ ଆତଙ୍କବାଦର ଦମନ ପାଇଁ ଭାରତ ସରକାରଙ୍କ ଆଇନର ବ୍ୟବସ୍ଥା

୫.୬ ସାରାଂଶ

୫.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୫.୮ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀଉତ୍ତର


**୫ ଆଭିମୁଖ୍ୟ :**

ଏହି ପରିଚ୍ଛେଦ ପାଠ କରିସାରିବା ପରେ ଆପଣ

- ଭାରତରେ ଜାତୀୟ ସଂହତିର ମୁଖ୍ୟ ପ୍ରତିବନ୍ଧକଗୁଡ଼ିକୁ ଜାଣିପାରିବେ ।
- ଆଞ୍ଚଳିକତାବାଦର କାରଣ ଓ ନିରାକରଣ ସଂପର୍କରେ ଅବଗତ ହେବେ ।
- ଜାତିବାଦର କାରଣ ଓ ପ୍ରଭାବ ସଂପର୍କରେ ଜାଣିବେ ।
- ସାଂପ୍ରଦାୟିକତାବାଦର କାରଣ ଓ ନିରାକରଣ ସଂପର୍କରେ ତଥ୍ୟ ପ୍ରାପ୍ତ ହେବେ ।
- ଆତଙ୍କବାଦର କାରଣ ଓ ନିରାକରଣ ସଂପର୍କରେ ଅବଗତ ହେବେ ।

## ୫.୧ ଭାରତରେ ଜାତୀୟ ସଂହତିର ମୁଖ୍ୟ ପ୍ରତିବନ୍ଧକ

କୌଣସି ଦେଶର ଲୋକମାନଙ୍କ ମଧ୍ୟରେ ଥିବା ଏକତା ଓ ସଦ୍‌ଭାବକୁ ଜାତୀୟ ସଂହିତି କୁହାଯାଏ । 'ବିଭିନ୍ନତା ମଧ୍ୟରେ ଏକତା' ଜାତୀୟ ସଂହତିର ମୂଳ ଲକ୍ଷ୍ୟ ଅଟେ ।ସାମ୍ପ୍ରଦାୟିକତା, ଦାରିଦ୍ର୍ୟ, ନିରକ୍ଷରତା, ଆଞ୍ଚଳିକତାବାଦ, ଭାଷାଗତ ବିଭେଦତା, ଜାତିଆଣଭାବ, ଦୁର୍ନୀତ,ଆତଙ୍କବାଦି ଆଦି ଜାତୀୟସଂହତିର ମୁଖ୍ୟ ପ୍ରତିବନ୍ଧକ ଅଟେ ।ଅସ୍ତିସୂଚକ ଅର୍ଥରେ ଆଞ୍ଚଳିକତାବାଦ ହେଉଛି ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରହୁଥିବା ଲୋକମାନଙ୍କର ନିଜର ସ୍ୱତନ୍ତ୍ର ପରିଚୟପାଇଁ ଏକ ପ୍ରଚେଷ୍ଟା ଓ ନାସ୍ତିସୂଚକ ଅର୍ଥରେ ବୃହତ୍ ଭୌଗୋଳିକ ପରିସର ମଧ୍ୟରୁ ଅଲଗା ହେବାପାଇଁ ଏକ ଉଦ୍ୟମ । ଭାରତରେ ଏହା ମୁଖ୍ୟତଃ ନାସ୍ତିସୂଚକ ପ୍ରକୃତିଯୁକ୍ତ ଅଟେ ।ଭାରତରେ ଜାତିର ରାଜନୀତିକରଣପାଇଁ ସାଂପ୍ରଦାୟିକ ରାଜନୀତି, ପୁରାତନ ସାମାଜିକ ସଂସ୍କୃତି, ଦାରିଦ୍ର୍ୟ ଓ ନିରକ୍ଷରତା, ଏକ ସଫଳ ଚାପଗୋଷ୍ଠୀରୂପେ ଜାତିର ଭୂମିକା, ସରକାରଙ୍କ 'ସଂରକ୍ଷଣ ନୀତି' ମାଧ୍ୟମରେ ଜାତିଗତ ରାଜନୀତିର ଆନୁଷ୍ଠାନିକ ପରିପ୍ରକାଶ ଆଦି କାରଣ ମୁଖ୍ୟତଃ ଦାୟୀ ।ସଂପ୍ରଦାୟିକତା ଧାର୍ମିକ ଗୋଷ୍ଠୀର ରାଜନୈତିକ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଇଚ୍ଛାର ସାଧନପାଇଁ ପ୍ରଚେଷ୍ଟାରୁ ଜନ୍ମ ହୋଇଥାଏ । ଭାରତରେ ଉଭୟ ମୁସଲମାନ ସାଂପ୍ରଦାୟିକତା ଓ ହିନ୍ଦୁ ସାଂପ୍ରଦାୟିକତାର ସ୍ଥିତି ଓ ବିକାଶ ସମ୍ଭବ ହୋଇଛି । ଧର୍ମାନ୍ଧ ଧାର୍ମିକ ସଂଗଠନ, ବୈଦେଶିକ ଶକ୍ତିର ପ୍ରୋତ୍ସାହନ ଓ ଆର୍ଥିକ

ସାହାଯ୍ୟ, ସଂଖ୍ୟାନ୍ୟୂନ ସଂସ୍କୃତିର ସଂରକ୍ଷଣ ଆଳରେ ଜାତିଗତ ବିଦ୍ୱେଷ ଭାବର ସୃଷ୍ଟି, ରାଜନୈତିକ ଦଳମାନଙ୍କଦ୍ୱାରା ଭୋଟ ରାଜନୀତିରେ ଧର୍ମର ଅପପ୍ରୟୋଗ, ଭାରତ-ପାକିସ୍ତାନ ଯୁଦ୍ଧ ଆଦି ବିବିଧ କାରଣରୁ ଭାରତରେ ସାଂପ୍ରଦାୟିକତାର ବିକାଶ ସମ୍ଭବ ହୋଇଛି । ମୌଳିକ ଅର୍ଥରେ ଆତଙ୍କବାଦ ରାଷ୍ଟ୍ରଦ୍ୱାରା ପ୍ରାୟୋଜିତ ଓ ବ୍ୟବହୃତ ହେଉଥିଲେ ମଧ୍ୟ ବର୍ତ୍ତମାନ ବେସରକାରୀ ସଙ୍ଗଠନଦ୍ୱାରା ନିଜର ସଂକୀର୍ଣ୍ଣ ରାଜନୈତିକ ଲକ୍ଷ୍ୟ ସାଧନ ପାଇଁ ସାଧାରଣ ନିରୀହ ଲୋକଙ୍କୁ ହତ୍ୟା ଓ ଭୟଭୀତ କରିବା ଲକ୍ଷ୍ୟରେ ଏହା ଉପଯୋଗ ହେଉଛି ।

## ଭାରତୀୟ ରାଜନୀତିରେ ଆଞ୍ଚଳିକତାବାଦ (Regionalism)

## ୫.୨ ଆଞ୍ଚଳିକତାବାଦ - ଅର୍ଥ

ଭାରତର ସାଂସ୍କୃତିକ ବହୁଳତା (Cultural Pluralism) ଆଞ୍ଚଳିକତାବାଦ, ଭାଷାବାଦ, ଜାତିବାଦ ଓ ସାଂପ୍ରଦାୟିକତା ପରି ବିଭିନ୍ନ ସଂକୀର୍ଣ୍ଣ ମନୋଭାବ ମାଧ୍ୟମରେ ପ୍ରତିଫଳିତ ହେଉଛି । ଅସ୍ତିସୂଚକ ଅର୍ଥରେ ଆଞ୍ଚଳିକତାବାଦ କହିଲେ ଏକ ଅଞ୍ଚଳରେ ବସବାସ କରି ରହୁଥିବା ଲୋକମାନଙ୍କର ଏକ ସ୍ୱତନ୍ତ୍ର ପରିଚୟପାଇଁ ଅନ୍ୱେଷଣମୂଳକ ପ୍ରଚେଷ୍ଟାକୁ ବୁଝାଇଥାଏ । ନାସ୍ତିସୂଚକ ଅର୍ଥରେ, ଗୋଟିଏ ବୃହତ୍ ଭୌଗୋଳିକ ପରିସର ମଧ୍ୟରୁ କିଛି ଅଂଶକୁ ଅଲଗା କରିବା ପାଇଁ ସୃଷ୍ଟ ମନୋଭାବ ଏବଂ ଜାତୀୟ ସଂହତି ଲକ୍ଷ୍ୟର ପୂରଣ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ତତ୍‌ଜନିତ ଚିନ୍ତାଧାରାକୁ ଆଞ୍ଚଳିକତାବାଦ କୁହାଯାଏ । ଭାରତରେ ଏହି ଆଞ୍ଚଳିକତାବାଦର ପ୍ରକୃତି ମୁଖ୍ୟତଃ ନାସ୍ତିସୂଚକ ଅଟେ । ଡାନିଏଲ ଲର୍ଣ୍ଣରଙ୍କ ମତରେ, ଏହା ଭାରତରେ ସାମାଜିକ ଓ ରାଜନୈତିକ ଅସ୍ଥିରତା ସୃଷ୍ଟି କରୁଛି ।

ଆଞ୍ଚଳିକତାବାଦକୁ ଅନ୍ୟ ଅର୍ଥରେ ଉପ-ଜାତୀୟତାବାଦ (sub-nationalism) ବା ସାଂସ୍କୃତିକ ଜାତୀୟତାବାଦ (Cultural nationalism) ମଧ୍ୟ କୁହାଯାଇଥାଏ । ଏହା ସମଗ୍ର ରାଷ୍ଟ୍ର ବା ଦେଶ ପରିବର୍ତ୍ତେ ଏହାର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରତି ସେହି ଅଞ୍ଚଳର ଅଧିବାସୀଙ୍କର ଗଭୀର ଅନୁରକ୍ତିକୁ ସୂଚିତ କରିଥାଏ । ଏହାର ସ୍ୱରୂପ ସାଂପ୍ରଦାୟିକତାଠାରୁ ଭିନ୍ନ ଅଟେ । କାରଣ ସାଂପ୍ରଦାୟିକତା କହିଲେ ଗୋଟିଏ ଜାତି (Nation) ପରିବର୍ତ୍ତେ ଗୋଟିଏ ସଂପ୍ରଦାୟ ପ୍ରତି ଥିବା ଗଭୀର ଅନୁରକ୍ତି ବା ପ୍ରେମକୁ ବୁଝାଇଥାଏ ଏବଂ ଏହା ମୁଖ୍ୟତଃ ଦୁଇଟି ସଂପ୍ରଦାୟ ମଧ୍ୟରେ ସୀମିତ ଥିବା ସମୟରେ ଆଞ୍ଚଳିକତାବାଦ ଏକ ଦେଶବ୍ୟାପୀ ବିଷୟ ଅଟେ ।

କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳନ କରିବା ପାଇଁ ଐତିହାସିକ କାରଣ ମୁଖ୍ୟତଃ ଦାୟୀ ଅଟେ । ଆଞ୍ଚଳିକତାବାଦ ରାଜନୈତିକ ଅସନ୍ତୋଷ ପ୍ରକାଶନର ଏକ ଅସ୍ତ୍ର ଅଟେ । ଏହା ରାଜନୈତିକ ସ୍ୱତନ୍ତ୍ରତା ବଜାୟ ରଖିବାର ମନୋଭାବକୁ ପ୍ରତିଫଳିତ କରିଥାଏ । ଏହା ଏକ ଅଞ୍ଚଳ ପ୍ରତି ଗଭୀର ମାନସିକ ସମ୍ପର୍କରୁ ଜାତ ଯାହାଦ୍ୱାରା ରାଜନୈତିକ ବ୍ୟବସ୍ଥା ଉପରେ ଚାପ ପକାଇ ସେହି ଅଞ୍ଚଳପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଥାଏ । ଆଞ୍ଚଳିକତାବାଦକୁ କାସର କେ.ଆଜାମ୍ ରାଜନୈତିକ ସ୍ଥାନୀୟବାଦ (Political Localism) ବୋଲି ଅଭିହିତ କରିଛନ୍ତି । ଆଞ୍ଚଳିକତାବାଦର ଦୁଇଟି ସ୍ୱରୂପ ରହିଛି; ଯଥା - (୧) ସ୍ଥାନୀୟ ଆଞ୍ଚଳିକତାବାଦ (Local Regionalism) ଓ (୨) ପ୍ରାଦେଶିକ ଆଞ୍ଚଳିକତାବାଦ (Provincial Regionalism) । ଯେତେବେଳେ ଗୋଟିଏ ରାଜ୍ୟ ଭିତରେ କେତେକ ଅଞ୍ଚଳ କେତେକ ସୁବିଧା ସୁଯୋଗ ପ୍ରାପ୍ତିପାଇଁ ଦାବି କରି ଏହି ଚିନ୍ତାଧାରାକୁ ଜନ୍ମ ଦିଅନ୍ତି ତାକୁ ସ୍ଥାନୀୟ ଆଞ୍ଚଳିକତାବାଦ କୁହାଯାଏ । କିନ୍ତୁ ସମଗ୍ର ରାଜ୍ୟରେ ଯେତେବେଳେ ସଂଘୀୟ ବ୍ୟବସ୍ଥାଠାରୁ ଅଲଗା ହୋଇଯିବାର ଚିନ୍ତାଧାରା ସୃଷ୍ଟି ହୁଏ; ତାହାକୁ ପ୍ରାଦେଶିକ ଆଞ୍ଚଳିକତାବାଦ କୁହାଯାଏ ।

ସ୍ୱାଧୀନୋତ୍ତର ଭାରତରେ ଆଞ୍ଚଳିକତାବାଦର ପ୍ରକୃତ ବିଭୀଷିକାମୟ ସ୍ୱରୂପ ଦେଖିବାକୁ ମିଳୁଥିଲେ ମଧ୍ୟ ଏହାର ଜନ୍ମ ପରାଧୀନ ଭାରତରେ ପ୍ରାୟ ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ହୋଇଛି । ୧୯୦୯, ୧୯୧୯ ଓ ୧୯୩୫ ମସିହାରେ ଭାରତ ଶାସନ

ଆଇନରେ ନିର୍ଦ୍ଧାରିତ ସାମ୍ବିଧାନିକ ସଂସ୍କାର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ସମୟରେ ଏହି ମନୋଭାବର ଜନ୍ମ ହୋଇଥିଲା । ମାନ୍ଦ୍ରାଜର ଜଷ୍ଟିସ୍ ଦଳ ଓ ପଞ୍ଜାବରେ ଅକାଳୀଦଳ ସ୍ଥାପନା ମାଧ୍ୟମରେ ଏହା ଏକ ରାଜନୈତିକ ରଙ୍ଗ ଗ୍ରହଣ କଲା ।

## ୫.୨.୧ ଆଞ୍ଚଳିକତାବାଦର କାରଣ

ସ୍ୱାଧୀନତା ପ୍ରାପ୍ତି ପରେ ଭାରତରେ ଦେଖାଯାଉଥିବା ଆଞ୍ଚଳିକତାବାଦ ମୁଖ୍ୟତଃ ନିମ୍ନଲିଖିତ କାରଣଗୁଡ଼ିକପାଇଁ ସୃଷ୍ଟି ହୋଇଛି ବା ହେଉଛି । ପ୍ରଥମତଃ, ସରକାର ଏକ ଅଞ୍ଚଳ ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ସେହି ଅଞ୍ଚଳର ଅଧିବାସୀମାନଙ୍କ ମଧ୍ୟରେ ଏକ ଚିନ୍ତାଧାରାର ସୃଷ୍ଟି ହୋଇଛି । ଅର୍ଥନୈତିକ ଓ ଶିଳ୍ପ ପ୍ରଗତି କ୍ଷେତ୍ରରେ ଏହି ଭାବର ସୃଷ୍ଟି ହେବା ଫଳରେ ସାଧାରଣ ଲୋକ ଆଞ୍ଚଳିକତାବାଦର ମୂଳମନ୍ତ୍ରରେ ଦୀକ୍ଷିତ ହୋଇ ନିଜ ଭିତରେ ଐକ୍ୟ ପ୍ରତିଷ୍ଠା କରୁଛନ୍ତି ଓ ସରକାରଙ୍କ ଉପରେ ଚାପ ପକାଇ ନିଜର ଦାବି ହାସଲ ପାଇଁ ଚେଷ୍ଟା କରିଥାନ୍ତି ।

ଦ୍ୱିତୀୟତଃ, ସ୍ୱାଧୀନତା ଆନ୍ଦୋଳନ ସମୟରେ ଲୋକମାନଙ୍କ ଆଗରେ ବ୍ରିଟିଶ୍ ଶାସନ ଓ ସରକାରଙ୍କୁ ଭାରତୀୟମାନଙ୍କର ଶୋଷଣ ଓ ଦୈନ୍ୟର କାରଣରୂପେ ଚିତ୍ରିତ କରାଯାଇଥିଲା । ସ୍ୱାଧୀନତା ପ୍ରାପ୍ତି ପରେ ଏହି ଶୋଷଣରୁ ମୁକ୍ତିପାଇ ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା । ମାତ୍ର ସ୍ୱାଧୀନତାର ୪୧ ବର୍ଷ ପରେ ମଧ୍ୟ ଯେଉଁ ଭାରତୀୟମାନଙ୍କର ଭାଗ୍ୟରେ କିଛି ଆଶାପ୍ରଦ ପରିବର୍ତ୍ତନ ହୋଇନାହିଁ ବୋଲି ଓ ସେମାନେ ନିଜର ସରକାରଙ୍କଦ୍ୱାରା ଅବହେଳିତ ହେଉଛନ୍ତି ବୋଲି ବିଚାର କରୁଛନ୍ତି, ସେହିମାନେ ହିଁ ଆଞ୍ଚଳିକତାବାଦର ସ୍ଥିତି ଓ ଗତିପାଇଁ ପଥଉନ୍ମୁକ୍ତ କରୁଛନ୍ତି ।

ତୃତୀୟତଃ, ଲୋକମାନଙ୍କର ସଂସ୍କୃତି, ଭାଷା, ଲିଖନଲିପି ଇତ୍ୟାଦିକୁ ସଂରକ୍ଷିତ ରଖିବା ପ୍ରଚେଷ୍ଟାରେ ଆଞ୍ଚଳିକତାବାଦର ଜନ୍ମ ହୋଇଛି ବୋଲି କେତେକଙ୍କର ଯୁକ୍ତି ଅଟେ ।

ଚତୁର୍ଥତଃ, ପ୍ରତ୍ୟେକ ରାଜ୍ୟ କେନ୍ଦ୍ରଠାରୁ ଅଧିକ ଆର୍ଥିକ ଅନୁଦାନ ପାଇବାପାଇଁ ଓ ଅର୍ଥନୈତିକ ବିକେନ୍ଦ୍ରୀକରଣ ନିମନ୍ତେ ଦାବି କରୁଥିବାରୁ ଆଞ୍ଚଳିକତାବାଦର ବିକାଶ ସମ୍ଭବ ହୋଇଛି ।

ପଞ୍ଚମତଃ, ସରକାରୀ ଭାଷା ସଂକ୍ରାନ୍ତୀୟ ବିବାଦ ଆଞ୍ଚଳିକତାବାର ଜନ୍ମ ହୋଇଛି । ଦକ୍ଷିଣ ଭାରତର ହିନ୍ଦୀ ବିରୋଧୀ ଆନ୍ଦୋଳନକୁ ଏହାର ପ୍ରମାଣସ୍ୱରୂପ ଗ୍ରହଣ କରାଯାଇପାରେ ।

ଷଷ୍ଠତଃ, ସଂଖ୍ୟାନ୍ୟୁନ ଗୋଷ୍ଠୀଗୁଡ଼ିକ ଗୋଟିଏ ଅଞ୍ଚଳରେ କେନ୍ଦ୍ରୀଭୂତ ହେଲେ ସେମାନେ ଏକ ସ୍ୱତନ୍ତ୍ର ପ୍ରଦେଶ ବା ସ୍ୱୟଂ-ଶାସନ ବ୍ୟବସ୍ଥାପାଇଁ ଦାବି କରୁଛନ୍ତି ଓ ଫଳତଃ ଆଞ୍ଚଳିକତା ମନୋଭାବର ଉଦ୍ରେକ ସମ୍ଭବ ହେଉଛି ।

## ୫.୨.୨ ଆଞ୍ଚଳିକତାବାଦର ପ୍ରକାରଭେଦ

ଭାରତରେ ଆଞ୍ଚଳିକତା ମନୋଭାବ ପାଞ୍ଚଗୋଟି ରୂପରେ ପ୍ରକାଶିତ ହୋଇଛି ବା ହେଉଛି । ସେଗୁଡ଼ିକ ହେଲା ; ଯଥା –

(୧) ବିଚ୍ଛିନ୍ନତାପାଇଁ ଆନ୍ଦୋଳନ

(୨) ସ୍ୱତନ୍ତ୍ର ପ୍ରଦେଶ ସ୍ଥାପନ

(୩) ହିନ୍ଦୀ ବିରୋଧୀ ଆନ୍ଦୋଳନ

(୪) ଆନ୍ତଃ-ରାଜ୍ୟ କନ୍ଦଳ ବା ଦ୍ୱନ୍ଦ୍ୱ

(୫) ରାଜ୍ୟସ୍ତରୀୟ ରାଜନୈତିକ ସେନା ନିଯୁକ୍ତି

(୧) ବିଚ୍ଛିନ୍ନତାବାଦପାଇଁ ଆନ୍ଦୋଳନ – ୧୯୫୬ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପଞ୍ଜାବରେ ଅକାଳୀଦଳର ଗୋଟିଏ ଚରମପନ୍ଥୀ ଗୋଷ୍ଠୀଦ୍ୱାରା ଏକ ସ୍ୱତନ୍ତ୍ର ଶିଖ୍ ପ୍ରଦେଶ ବା ଖଲିସ୍ଥାନ ପାଇଁ ଦାବି ହୋଇ ଆସୁଅଛି । ଡଃ. ଜଗଜିତ୍ ସିଂହ ଚୌହାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସାର୍ବଭୌମ ଶିଖ୍ ରାଷ୍ଟ୍ର ସ୍ଥାପନ ପାଇଁ ଆନ୍ଦୋଳନ ଅବ୍ୟାହତ ରହିଛି । ୧୯୬୦ ମସିହାରେ ଡି.ଏମ୍.କେ. ଦଳଦ୍ୱାରା ଏକ ସ୍ୱତନ୍ତ୍ର ଦ୍ରାବିଡନାଡୁ ସାଧାରଣତନ୍ତ୍ର ରାଜ୍ୟ ପ୍ରତିଷ୍ଠା ପାଇଁ ଦାବି ହୋଇଥିଲା । କେନ୍ଦ୍ର ସରକାର ଭାରତର ସାର୍ବଭୌମତ୍ୱ ଓ ସଂହତି ରକ୍ଷାପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାରୁ ଡି.ଏମ୍.କେ. ଦଳ ତା'ର ବିଚ୍ଛିନ୍ନତାବାଦୀ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ କରି ତାମିଲନାଡୁପାଇଁ ଅଧିକ ସାମ୍ବିଧାନିକ କ୍ଷମତା ଦାବି କରୁଛି । ଅନ୍ୟ ପକ୍ଷରେ ମାତ୍ର ୨ ଲକ୍ଷ ମିଜୋ ଆସାମ ରାଜ୍ୟର ମିଜୋ ପାର୍ବତ୍ୟ ଜିଲ୍ଲାମାନଙ୍କୁ ନେଇ ଏକ ସାର୍ବଭୌମ ମିଜୋ ରାଜ୍ୟପାଇଁ ଦାବି କରି ପ୍ରଥମେ ଏକ କେନ୍ଦ୍ରଶାସିତ ଅଞ୍ଚଳର ମର୍ଯ୍ୟାଦା ଓ ପରେ ୧୯୮୬ ମସିହାରେ ଅର୍ଜୁନ ସିଂହ ଓ ଲାଲଡେଙ୍ଗା ଚୁକ୍ତିନାମା ପରେ ଏକ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ଲାଭ କଲେ । ଫିଜୋଙ୍କ ନେତୃତ୍ୱରେ ଭାରତ ବିରୋଧରେ ନାଗାମାନେ ଗରିଲାଯୁଦ୍ଧ କରି ୧୯୫୨ ମସିହାଠାରୁ ଏହି ବିଚ୍ଛିନ୍ନତା ମନୋଭାବର ପ୍ରସାର କରିଥିଲେ ଏବଂ ସର୍ବଶେଷରେ ୧୯୮୩ ମସିହା ଡିସେମ୍ବର ମାସରେ ନାଗାଲାଣ୍ଡ ଏକ ସ୍ୱତନ୍ତ୍ର ପ୍ରଦେଶରୂପେ ଜନ୍ମ ନେଲା ।

(୨) ସ୍ୱତନ୍ତ୍ର ପ୍ରଦେଶ ସ୍ଥାପନ – ୧୯୫୬ ମସିହାର ରାଜ୍ୟ ପୁନଃଗଠନ ପରେ ସାଂସ୍କୃତିକ ଓ ଭାଷାଭିତ୍ତିକ ଦଳମାନେ ନିଜର ସ୍ୱତନ୍ତ୍ରତା ପ୍ରତିଷ୍ଠା କରିବାପାଇଁ ସ୍ୱତନ୍ତ୍ର ପ୍ରଦେଶ ନିମନ୍ତେ ଦାବି ଉପସ୍ଥାପନ କରୁଛନ୍ତି । ମରାଠୀ ଓ ଗୁଜରାଟୀ ଭାଷୀ ଲୋକମାନେ ବମ୍ବେ ପ୍ରଦେଶର ଭାଷାଭିତ୍ତିକ ପୁନଃଗଠନପାଇଁ ଦାବି କରି କରି ମହାରାଷ୍ଟ୍ର ଓ ଗୁଜରାଟ ପରି ଦୁଇଟି ସ୍ୱତନ୍ତ୍ର ରାଜ୍ୟ ସ୍ଥାପନ ପାଇଁ ସକ୍ଷମ ହୋଇଥିଲେ । ରାଜ୍ୟ ପୁନଃଗଠନ କମିଶନ ଏକ ସ୍ୱତନ୍ତ୍ର ବିଦର୍ଭ ରାଜ୍ୟ ପ୍ରତିଷ୍ଠାପାଇଁ ସୁପାରିସ କରିଥିଲେ ମଧ୍ୟ କେନ୍ଦ୍ର ସରକାର ତାହା ଗ୍ରହଣ କରିନଥିଲେ । ଅକାଳୀ ନେତା ମାଷ୍ଟର ତାରା ସିଂହଙ୍କ ନେତୃତ୍ୱରେ ଏକ ପଞ୍ଜାବୀ ସୁବାପାଇଁ ହୋଇଥିବା ଆନ୍ଦୋଳନ ସଫଳ ହେଲା ଏବଂ ୧୯୬ ମସିହାରେ ପଞ୍ଜାବ ଦୁଇଭାଗ ହୋଇ ହରିଆନା ପରି ଦୁଇଟି ସ୍ୱତନ୍ତ୍ର ପ୍ରଦେଶ ଜନ୍ମ ନେଲା । ଗାରୋ, ଖାସି, ଜୟନ୍ତିଆ ଇତ୍ୟାଦି ଅଞ୍ଚଳର ଲୋକମାନେ ଏ.ପି.ଏଚ୍.ଏଲ୍.ସି. (All Party Hill Leaders Conferece) ଦଳର ନେତୃତ୍ୱକରେ ଏକ ସ୍ୱତନ୍ତ୍ର ମେଘାଳୟ ରାଜ୍ୟପାଇଁ ଦାବି କରି ୧୯୭୧ ମସିହା ଜାନୁୟାରୀ ମାସରେ ନିଜ ଦାବିକୁ ଫଳବତୀ କରି ପାରିଥିଲେ । ଆସାମର ବିଦେଶୀ ଜାତୀୟତାବାଦୀ, ଲୋକମାନଙ୍କୁ ସେଠାରୁ ବାହାର କରିବା ସଂକ୍ରାନ୍ତୀୟ ଦାବି ଘନୀଭୂତ ହୋଇ ଆଞ୍ଚଳିକତାବାଦର ସ୍ୱରୂପକୁ ପ୍ରକାଶିତ କରିଥିଲା । ୧୯୮୫ ମସିହା ଅଗଷ୍ଟ ୧୫ ତାରଖରେ ଆସାମ ରାଜିନାମା ସ୍ୱାକ୍ଷରିତ ହେବା ପରେ ଅବସ୍ଥା କ୍ରମଶଃ ଶାନ୍ତ ହୋଇଛି ଓ ଘଟଣା ଅନ୍ୟ ଏକ ମୋଡ ନେଇଛି । ଆନ୍ଧ୍ରପ୍ରଦେଶର ତେଲେଙ୍ଗାନା ଅଞ୍ଚଳର ଲୋକମାନେ ଏକ ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟପାଇଁ ଦାବି କରି ଆନ୍ଦୋଳନାତ୍ମକ ଓ ହିଂସାତ୍ମକ ପନ୍ଥା ଗ୍ରହଣ କରିଥିଲେ ମଧ୍ୟ ଏହାର ପ୍ରତିବାଦରେ ଆନ୍ଧ୍ର ଛାତ୍ରସମାଜ ତରଫରୁ ବିଦ୍ରୋହ କରାଯିବାରୁ ଏହି ଦାବି ପୂରଣ ହେବା ସମ୍ଭବପର ହୋଇପାରିଲା ନାହିଁ । ବିହାର, ଓଡିଶା, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ଆଦିବାସୀମାନେ ଉକ୍ତ ପ୍ରଦେଶଗୁଡ଼ିକର ଆଦିବାସୀ-ଅଧ୍ୟୁଷିତ ଅଞ୍ଚଳମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ସ୍ଥାପନପାଇଁ ଦାବି କରି ଆସୁଛନ୍ତି । ୧୯୮୬ ମସିହାଠାରୁ ପଶ୍ଚିମବଙ୍ଗର ଦାର୍ଜିଲିଂ ଅଞ୍ଚଳର ଗୁର୍ଖାମାନେ ଏକ ସ୍ୱତନ୍ତ୍ର ଗୁର୍ଖାଲ୍ୟାଣ୍ଡ ପାଇଁ ସୁବାସ ସିଂ ଙ୍କ ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି । ୧୯୮୮ ମସିହାରେ ମଧ୍ୟଭାଗରେ ଜି.ଏନ୍.ଏଫ୍.ଏଲ. (Gurkha National Liberation Front) ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇ ଏକ 'ପାର୍ବତ୍ୟ ଅଞ୍ଚଳ ପରିଷଦ'ର ସ୍ଥାପନପାଇଁ ବ୍ୟବସ୍ଥା ଗ୍ରହଣ କରାଯିବାରୁ ସେଠାରେ ଅବସ୍ଥା ଓ ଘଟଣା ଏକ ଭିନ୍ନ ମୋଡ଼ ନେଇଛି । ଗୋଆର ଲୋକମାନେ ଏକ ପ୍ରଦେଶର ପାହ୍ୟା ପାଇବାପାଇଁ ଦାବିକରି ଭାରତର ୨୫ତମ ରାଜ୍ୟରୂପେ ସ୍ୱୀକୃତି ଲାଭ କରିଛନ୍ତି ।

(୩) ହିନ୍ଦୀ ବିରୋଧୀ ଆନ୍ଦୋଳନ – ହିନ୍ଦୀକୁ ସରକାରୀ ଭାଷାରୂପେ ଗ୍ରହଣ କରିବା ସଂକ୍ରାନ୍ତୀୟ ବିଭିନ୍ନ କମିଶନଙ୍କ ସୁପାରିସ ନୀତିକୁ ଦକ୍ଷିଣ ଭାରତର ରାଜ୍ୟସମୂହ ବିରୋଧ କରିବା ଫଳରେ ଆଞ୍ଚଳିକତାବାଦର ଜନ୍ମ ହେଲା । ତାମିଲନାଡୁରେ ଏହାକୁ 'ହିନ୍ଦୀ-ମାନ୍ଦ୍ରାଜବାଦ' ରୂପେ ଅଭିହିତ କରାଯାଇ ତୀବ୍ର ବିରୋଧ କରାଗଲା । ପଞ୍ଜାବ, ପଶ୍ଚିମବଙ୍ଗ, ଆସାମ ଇତ୍ୟାଦି ରାଜ୍ୟମାନଙ୍କରେ ହିନ୍ଦୀ ବିରୋଧୀ ମନୋଭାବର ଚରମ ପରିପ୍ରକାଶ ହେଲା । ଏଥିରୁ ଆଞ୍ଚଳିକତାବାଦର ଭିତ୍ତିଭୂମି ଦୃଢ଼ ହେବାକୁ ଲାଗିଲା । ଏଣୁ ଅଣ-ହିନ୍ଦୀ ଭାଷାଭାଷୀ ଅଞ୍ଚଳମାନଙ୍କରେ ହିନ୍ଦୀ ବିରୋଧୀ ଆନ୍ଦୋଳନ ହିଁ ଆଞ୍ଚଳିକତାବାଦର ଜନ୍ମ ଓ ବିକାଶ ପାଇଁ କ୍ଷେତ୍ର ପ୍ରସ୍ତୁତ କଲା ।

(୪) ଆନ୍ତଃ-ରାଜ୍ୟ କନ୍ଦଳ ବା ଦ୍ୱନ୍ଦ୍ୱ – ବିଭିନ୍ନ ପଡ଼ୋଶୀ ରାଜ୍ୟମାନଙ୍କ ମଧ୍ୟରେ ସୀମା ବିବାଦ, ଜଳ ବଣ୍ଟନ ବିବାଦ କିମ୍ବା କୌଣସି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ ବା ସହରକୁ ନେଇ ବିବାଦ ଇତ୍ୟାଦି ଲାଗି ରହିବା ଫଳରେ ଆଞ୍ଚଳିକତାବାଦ ବୃଦ୍ଧି ପାଉଛି । ପଞ୍ଜାବ ଓ ହରିଆନା ରାଜ୍ୟଦ୍ୱୟ ମଧ୍ୟରେ ଚଣ୍ଡୀଗଡକୁ ନେଇ ବିବାଦ ଲାଗି ରହିଛି । ମହୀଶୂର ଓ ମହାରାଷ୍ଟ୍ର ମଧ୍ୟରେ ଏବଂ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମା ବିବାଦ ଲାଗି ରହିଛି । ମିଜୋରାମ ଏହାର ପଡ଼ୋଶୀ ରାଜ୍ୟମାନଙ୍କର ସୀମାନ୍ତ ଅଞ୍ଚଳକୁ ଏହାକୁ ହସ୍ତାନ୍ତରିତ କରିବାପାଇଁ ଦାବି କରୁଥିବାବେଳେ ଆସାମ ଓ ନାଗାଲାଣ୍ଡ ଏହାର ତୀବ୍ର ବିରୋଧ କରୁଛନ୍ତି । ଆନ୍ତଃ-ରାଜ୍ୟ ନଦୀଗୁଡ଼ିକ କ୍ଷେତ୍ରରେ ଜଳ ତଥା ଜଳସମ୍ପଦର ବଣ୍ଟନକୁ ନେଇ ରାଜ୍ୟ-ରାଜ୍ୟ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି, ତାହା ଫଳରେ ଆଞ୍ଚଳିକତାବାଦ ମୁଣ୍ଡ ଟେକୁଛି । ମଧ୍ୟପ୍ରଦେଶ ଓ ଗୁଜୁରାଟ ମଧ୍ୟରେ, ମହାରାଷ୍ଟ୍ର ଓ ରାଜସ୍ଥାନ ମଧ୍ୟରେ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ କୃଷ୍ଣା ନଦୀର ଜଳବଣ୍ଟନକୁ ନେଇ ତାମିଲନାଡୁ, କେରଳ ଓ କର୍ଣ୍ଣାଟ ରାଜ୍ୟମାନଙ୍କ ମଧ୍ୟରେ କାବେରୀ ନଦୀର ଜଳବଣ୍ଟନକୁ ନେଇ, ରବି-ବିୟାଜ ଜଳବଣ୍ଟନ ସମସ୍ୟା, ସତ୍‌ଲେଜ୍-ଯମୁନା ସଂଯୋଗ କେନାଲ ସମସ୍ୟା ଇତ୍ୟାଦି ଆଞ୍ଚଳିକତାବାଦକୁ ଦୃଢ଼ତାର ସହ ଗତି କରିବାପାଇଁ ସୁଯୋଗ ଦେଇଛି ।

(୫) ରାଜ୍ୟସ୍ତରୀୟ ରାଜନୈତିକ ସେନା ନିଯୁକ୍ତି – ବିଭିନ୍ନ ରାଜ୍ୟରେ ରାଜ୍ୟସ୍ତରୀୟ ରାଜନୈତିକ ସେନା ଗଠିତ ହେବା ଫଳରେ ଆଞ୍ଚଳିକତାବାଦର ପ୍ରଗତି ସମ୍ଭବ ହେଉଛି । ମହାରାଷ୍ଟ୍ରରେ ଶିବ ସେନା, ଆସାମର ଲଚ୍ଛିତ୍ ସେନା, ଗୁଜୁରାଟର ସର୍ଦ୍ଦାର ସେନା, ମାନ୍ଦ୍ରାଜର ତାମିଲ ସେନା, ଉତ୍ତରପ୍ରଦେଶ ଓ ବିହାରରେ ହିନ୍ଦୀ ସେନା, ଓଡ଼ିଶାରେ ଜଗନ୍ନାଥ ସେନା ଇତ୍ୟାଦି ସଂପୃକ୍ତ ରାଜ୍ୟରେ ନିଜର ଲକ୍ଷ୍ୟ ପୂରଣ ପାଇଁ ହିଂସାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ମଧ୍ୟ ପଛାଉ ନାହାନ୍ତି । ଏହି ସେନାମାନେ 'ମାଟିର ସନ୍ତାନ' (Son of the Soil) ତତ୍ତ୍ୱର ପ୍ରଚାରକ ଅଟନ୍ତି । ସେମାନଙ୍କୁ ବଳପ୍ରୟୋଗ କରି ଅନ୍ୟ ସଂପ୍ରଦାୟ, ଭାଷା, ଗୋଷ୍ଠୀ, ଜାତି, ସଂପ୍ରଦାୟିକ ସ୍ୱାର୍ଥକୁ ଛିନ୍ନ କରିବାପାଇଁ ଅଭିପ୍ରେତ ବେସରକାରୀ ସେନାବାହିନୀ ବୋଲି ମଧ୍ୟ କୁହାଯାଏ ।

ସ୍ୱାଧୀନୋତ୍ତର ଭାରତରେ ଆଞ୍ଚଳିକତାବାଦ ଏକ ବିପଦପୂର୍ଣ୍ଣ ରୂପରେଖ ଧାରଣ କରିଛି । ସାଂପ୍ରଦାୟିକ ଏବଂ ଉତ୍ତର-ପୂର୍ବାଞ୍ଚଳ ଆଞ୍ଚଳିକ ଚିନ୍ତାଧାରାର ପ୍ରକାଶ ଏହା ମାଧ୍ୟମରେ ହୋଇଥାଏ । ଶିଖ୍ ଉଗ୍ରପନ୍ଥୀଙ୍କ ପରାଧୀନ ପଞ୍ଜାବରେ ଆଜି ଆଞ୍ଚଳିକତାବାଦ, ସାଂପ୍ରଦାୟିକତା ତଥା ଦେଶୀୟ ସଂହତି-ବିରୋଧୀ ମନୋଭାବର ଦ୍ରୁତ ପ୍ରସାର ଘଟିଛି । ହରିଆନା, ଜାମ୍ମୁ ଓ କାଶ୍ମୀର, ହିମାଚଳପ୍ରଦେଶ ଇତ୍ୟାଦି ରାଜ୍ୟମାନଙ୍କରେ ବିଭିନ୍ନ ରଙ୍ଗ ରୂପ ନେଇ ଆଞ୍ଚଳିକତାବାଦର ଜନ୍ମ ଓ ପରିପ୍ରକାଶ ହୋଇଛି । ଏହା ଭାରତର ପ୍ରାୟ ଅଧିକାଂଶ ରାଜ୍ୟମାନଙ୍କ କ୍ଷେତ୍ରରେ 'ମାଟିର ସନ୍ତାନ' ତତ୍ତ୍ୱ ଶିକ୍ଷିତ ଜନମାନସକୁ ଦୂଷିତ ଓ ବିଷାକ୍ତ କରିଛି । ଏହା ମିଶ୍ରଣ, ଐକ୍ୟ-ସ୍ଥାପନ, ସଂହତି ସଂରକ୍ଷଣ ପ୍ରକ୍ରିୟା ପ୍ରତି ଘୋର ବିପଦ ସୃଷ୍ଟି କରୁଛି । ରାଜ୍ୟରେ ଯୁବକ ଗୋଷ୍ଠୀକୁ ବିଶେଷକରି ଶିକ୍ଷିତ ବେକାର ଯୁବକ ଗୋଷ୍ଠୀକୁ ଏହା ପଥଭ୍ରଷ୍ଟ କରୁଛି । ଜାତୀୟ ମହାସ୍ରୋତରେ ସାମିଲ ନ ହୋଇ ଦେଶୀୟ ସଂହତି ପ୍ରତି ବିପଦରୂପେ ସେମାନେ ଦେଖାଦେଉଛନ୍ତି । ବେକାରିଜନିତ ଅସନ୍ତୋଷର ଫଳସ୍ୱରୂପ ସେମାନେ ଆଞ୍ଚଳିକତାବାଦକୁ ପ୍ରଶ୍ରୟ ଦେଉଛନ୍ତି । ତେଣୁ କେନ୍ଦ୍ର ସରକାର ଯେତେବେଳେ ସାମାଜିକ ନିରାପତ୍ତା ବ୍ୟବସ୍ଥାରୂପେ ବେକାରି ଭତ୍ତାକୁ ପ୍ରଚଳନ କରିବେ ସେତେବେଳେ ଶିକ୍ଷିତ ବେକାରମାନଙ୍କର ଅସନ୍ତୋଷର ବହ୍ନିକୁ କେବଳ ପ୍ରଶମିତ କରିବା ସମ୍ଭବ ହେବ ନାହିଁ, ବରଂ ଆଞ୍ଚଳିକତାବାଦ

ପରି ଏକ ବିଷବୃକ୍ଷର ଚେର କାଟିବା ସମ୍ଭବ ହୋଇପାରିବ । ରାଜନୈତିକ ଦଳମାନେ କ୍ଷମତା ଲୋଭରେ ଆଞ୍ଚଳିକତାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ, କାରଣ ଏହା ଏକ ଜାତୀୟ ଶତ୍ରୁ ଅଟେ । ସମସ୍ତ ପ୍ରକାର ସଂକୀର୍ଣ୍ଣତାକୁ ଆଡ଼େଇଦେଇ ଜାତିର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟପନ୍ଥା ଗ୍ରହଣ କରାଗଲେ ଆଞ୍ଚଳିକତାବାଦଜନିତ ସମସ୍ୟାକୁ ଏଡ଼ାଇ ଦେଇ ହେବ । ଆଞ୍ଚଳିକ ମନୋଭାବ ନୁହେଁ ବରଂ ଏକ ଦେଶୀୟ ଜାତୀୟ ମହତ୍ତର ଦୃଷ୍ଟିକୋଣ ପ୍ରକାଶିତ ହେବା ଉଚିତ । ଆଞ୍ଚଳିକତାବାଦରୂପକ ଶତ୍ରୁର ଦୃଢ଼ ମୁକାବିଲା ନିମନ୍ତେ ସ୍ଥିର, ନିଶ୍ଚିତ, ବଳିଷ୍ଠ ନିଷ୍ପତ୍ତି ଓ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଉଚିତ ।

## ୫.୨.୩ ଆଞ୍ଚଳିକତାବାଦର ନିରାକରଣ

(୧) ସମସ୍ତ ପ୍ରକାର ବିଚ୍ଛିନ୍ନତାବାଦୀ ପ୍ରକ୍ରିୟାକୁ ଆଇନର ଦୃଢ଼ ପ୍ରୟୋଗ ଏବଂ ସାମାଜିକିକୀକରଣ ପ୍ରକ୍ରିୟାର ସଫଳ ରୂପାୟନ ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରିବ ।

(୨) ରାଜନୈତିକ ଦଳମାନଙ୍କର ସଂଖ୍ୟାନ୍ୟୂନ ଗୋଷ୍ଠୀକୁ ସନ୍ତୁଷ୍ଟିକରଣ ନୀତିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଆବଶ୍ୟକ ।

(୩) ଦେଶର ବିଭିନ୍ନ ଅଞ୍ଚଳର ଦ୍ରୁତ ତଥା ସନ୍ତୁଳିତ ପ୍ରଗତି ହେବା ଆବଶ୍ୟକ ।

(୪) ଜନଜାତିର ସ୍ୱାର୍ଥରକ୍ଷା ଓ ଜନଜାତି ଅଞ୍ଚଳର ଉନ୍ନତି ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯିବା ଆବଶ୍ୟକ ।

(୫) ଦେଶର ସମସ୍ତ ଅଞ୍ଚଳର ଲୋକମାନଙ୍କୁ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ପ୍ରଦାନ କରାଯିବା ଆବଶ୍ୟକ ।

(୬) ସଙ୍ଘୀୟ ବ୍ୟବସ୍ଥାରେ କେନ୍ଦ୍ର ସହଯୋଗୀ ରାଜ୍ୟମାନଙ୍କର ବଡ଼ଭାଇର ଭୂମିକା ଗ୍ରହଣ କରିବା ଅନୁଚିତ ।

(୭) ସମବାୟିକ ସଂଘୀୟ ବାଦ ଓ ଗଣତାନ୍ତ୍ରିକ ସମ୍ବିଧାନ ବାଦ ନୀତିର ସଫଳ ପ୍ରୟୋଗ କରାଯିବା ଆବଶ୍ୟକ ।

# ଭାରତୀୟ ରାଜନୀତିରେ ଜାତିବାଦ (Casteism)

## ୫.୩ ଜାତିବାଦ- ଅର୍ଥ

ଯୁଗ ଯୁଗ ଧରି 'ଜାତି' ବ୍ୟବସ୍ଥା ଭାରତରେ ଏକ ଅକଳନୀୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି । ଆର୍ଯ୍ୟମାନେ ଭାରତକୁ ଆସିବା ପରଠାରୁ ଶ୍ରମଦାନ ଭିତ୍ତିରେ (Division of Labour) ଜାତିପ୍ରଥା ପ୍ରବର୍ତ୍ତିତ ହୋଇଛି । ଏହି ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଘଟିଯାଇଛି । ତଥାପି ଗୋଟିଏ ଶ୍ରେଣୀରେ ଜନ୍ମ ହିଁ ସେହି ବ୍ୟକ୍ତିର ସେହି ଶ୍ରେଣୀ ବା ଜାତିର ସଦସ୍ୟତା ଗ୍ରହଣକୁ ସ୍ୱୀକୃତି ଦେଇଥାଏ । ପ୍ରତ୍ୟେକ ସମାଜରେ ସ୍ତର ସ୍ତର ହୋଇ ଧର୍ମାଚାର୍ଯ୍ୟ-ଶାସନବାଦ (Hierarchism) ର ନୀତି ଅନୁଯାୟୀ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ । 'ଜାତି' ଏକ ବହୁ ଅର୍ଥବୋଧକ ଶବ୍ଦ ଅଟେ । କେତେବେଳେ ଏହା ଚତୁଃବର୍ଣ୍ଣକୁ ସୂଚିତ କରିଥାଏ । ଏହି ଶବ୍ଦ ପର୍ତ୍ତୁଗୀଜମାନଙ୍କଦ୍ୱାରା 'ଜାତି' (Jati) ନାମକ ଏକ ନିର୍ଦ୍ଦିଷ୍ଟ ଭାରତୀୟ ଅନୁଷ୍ଠାନପାଇଁ ବ୍ୟବହୃତ ହୋଇଥିବାର ପ୍ରମାଣ ମଧ୍ୟ ରହିଛି ।

**ରାଜନୀତି ଓ ଜାତି (Politics and Caste) :** ଜାତି ବ୍ୟବସ୍ଥା ଜଣେ ବ୍ୟକ୍ତିର ବ୍ୟକ୍ତିଗତ ସାମାଜିକ ସ୍ଥିତିକୁ କେବଳ ନିର୍ଦ୍ଧାରଣ କରେନାହିଁ, ବରଂ ବୃତ୍ତି ଓ ଅର୍ଥନୀତି କ୍ଷେତ୍ରରେ ସେ ଯେଉଁ ଭୂମିକାରେ ଅବତୀର୍ଣ୍ଣ ହୁଏ ତାହାକୁ ସ୍ୱାଗତ କରିଥାଏ । ତେଣୁ ଜାତି ବ୍ୟବସ୍ଥା ପ୍ରତ୍ୟେକ ବ୍ୟକ୍ତିର ଭୂମିକା ଓ ମର୍ଯ୍ୟାଦା ନିର୍ଦ୍ଧାରଣର ମାନଦଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଶିକ୍ଷା ଓ ସଭ୍ୟତାର ବିକାଶ ଓ ପ୍ରଗତି ହେତୁ ସାମାଜିକ ମର୍ଯ୍ୟାଦା ନେଇ ଜାତି ଜାତି ମଧ୍ୟରେ ସୃଷ୍ଟି ହେଉଥିବା କ୍ରିୟା ପ୍ରତିକ୍ରିୟା ସମ୍ପର୍କ ରାଜନୀତିର ପରିସର ମଧ୍ୟକୁ ଚାଲିଆସୁଛି । ରାଜନୀତିରେ ସାଧାରଣ ନିରୂପଣ କଲେ ଜଣାଯାଏ ଏହା ହେଉଛି କିଏ କାହା ଉପରେ କର୍ତ୍ତୃତ୍ୱ ଜାରି କରିପାରୁଛି ସେ ସମ୍ବନ୍ଧରେ ଏକ ବାସ୍ତବ କ୍ରିୟାପଦ୍ଧତି । ଏହି ଦୃଷ୍ଟିକୋଣରୁ ଗୋଟିଏ ଜାତି ଅନ୍ୟ ଜାତିମାନଙ୍କ

ଉପରେ ନିଜର କର୍ତ୍ତୃତ୍ୱ ଜାରି କରିବାରେ ପ୍ରୟାସରୁହିଁ ତତ୍‌ସମ୍ପର୍କୀୟ ରାଜନୀତିର ଜନ୍ମ ଅଟେ । ପ୍ରତ୍ୟେକ ଜାତି ସମାଜରେ ନିଜର ସ୍ଥିତି ଓ ମର୍ଯ୍ୟାଦା ସମ୍ବନ୍ଧରେ ସଚେତନଶୀଳ ଅଟନ୍ତି । ଏହି ସଚେତନଶୀଳତା ତଥା କ୍ଷମତାପାଇଁ ଲାଳସାହିଁ ଜାତି-ଜାତି ମଧ୍ୟରେ ସଂଘର୍ଷ ସୃଷ୍ଟି କରିଥାଏ । ଶିଳ୍ପ, ସଂସ୍କୃତି, ସଭ୍ୟତା, ଶିକ୍ଷା ଇତ୍ୟାଦିର ପ୍ରଗତି ପରେ ମଧ୍ୟ ଜାତିର ପ୍ରଭାବ କୌଣସି ଦୃଷ୍ଟିରୁ କମି ନାହିଁ । ସମାଜତତ୍ତ୍ୱବିତ୍ ଏମ୍.ଏନ୍.ଶ୍ରୀନିବାସନ୍‌ଙ୍କ ମତରେ, ଏହି ପ୍ରଭାବର ମାତ୍ରାରେ ମଧ୍ୟ ପରିବର୍ତ୍ତନ ଦେଖାଯାଇ ନାହିଁ ବା ଦେଖାଯିବାର ସମ୍ଭବନା ମଧ୍ୟ ଅତ୍ୟନ୍ତ କ୍ଷୀଣ ଅଟେ ।

ସାମାଜିକ ସ୍ତରୀକରଣ (Social Stratification) ବ୍ୟବସ୍ଥା ଅସମାନତା ନୀତିର ପ୍ରବର୍ତ୍ତକ ଅଟେ । ଭାରତରେ ସାମାଜିକ ସ୍ତରୀକରଣ ନୀତି ଅନୁସୃତ ହେଉଥିବାରୁ ଭାରତୀୟ ରାଜନୀତିରେ ଏହାର ଗୁରୁତ୍ୱପୂର୍ଣ୍ଣ ସ୍ଥିତି ରହିଛି । ଏହି ଅସମାନତା ଓ ବିଭେଦତାକୁ ରାଜନୀତିଜ୍ଞମାନେ ପୁଞ୍ଜିରୂପେ ବ୍ୟବହାର କରି ନିର୍ବାଚନର ଫଳାଫଳ ସେମାନଙ୍କ ସପକ୍ଷରେ ନେବାପାଇଁ ଚେଷ୍ଟା କରୁଛନ୍ତି । ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଜାତି ଓ ରାଜନୀତି ଉଭୟ ଦ୍ୱାରା ଉଭୟ ପ୍ରଭାବିତ ହେଉଛନ୍ତି । ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ଜାତିର ପ୍ରଭାବ ଅତୀବ ମହତ୍ତ୍ୱପୂର୍ଣ୍ଣ ବୋଲି ରଜନୀ କୋଠାରୀ ମତ ଦେଇଛନ୍ତି । ଏହା ଏକ ପ୍ରାକୃତିକ ପ୍ରକ୍ରିୟା ବୋଲି ତାଙ୍କର ଯୁକ୍ତି ଅଟେ । ଏହା ପ୍ରଥାଗତଭାବରେ ଗତି କରିଆସୁଛି । ଏହାର ମୌଳିକତା ସମ୍ବନ୍ଧରେ ମତ ଦେଇ ସେ କହିଛନ୍ତି, ଯେଉଁମାନେ ଭାରତୀୟ ରାଜନୀତିରେ ଜାତିବାଦର ପ୍ରଭାବ ବିଷୟରେ ଅଭିଯୋଗ କରନ୍ତି, ସେମାନେ ଏପରି ଏକ ରାଜନୀତିର ପ୍ରକୃତି ବିଷୟରେ, ପ୍ରକୃତି ସମ୍ବନ୍ଧରେ ଅନଭିଜ୍ଞ ଅଟନ୍ତି । ସଙ୍ଗଠନ ମଧ୍ୟକୁ ଜାତିର ପ୍ରଭାବକୁ ପ୍ରବେଶର ସୁଯୋଗ ଦିଆଗଲେ ରାଜନୀତି ଫଳପ୍ରଦଭାବରେ କାର୍ଯ୍ୟ କରିପାରେ । ଅନ୍ୟପକ୍ଷରେ ଜାତି ଯେତେବେଳେ ରାଜନୀତିର ବଳୟ ମଧ୍ୟରେ ପ୍ରବେଶ କରେ ସେତେବେଳେ ଏହା ନିଜର ସତ୍ତା ପାଇପାରେ ବା ନିଜ ସ୍ଥିତିର ସ୍ୱୀକୃତି ଲାଭ କରିବା ତା'ପକ୍ଷରେ ସମ୍ଭବ ହୋଇପାରେ । ତେଣୁ ଜାତିହିଁ ଏକ ରାଜନୈତିକ ପ୍ରକୃତି ସମ୍ପନ୍ନ ବିଷୟ ଅଟେ । କେବଳ ଜାତିଦ୍ୱାରା ରାଜନୀତି ପ୍ରଭାବିତ ହେଉଛି ବା କେବଳ ରାଜନୀତିଦ୍ୱାରା ଜାତି ପ୍ରଭାବିତ ହେଉଛି ବୋଲି ଦାବି କରିବା କେଉଁଟି ଠିକ୍ ତାହା ପରୀକ୍ଷା କରିବା ଆଜି ଏକ ପ୍ରଶ୍ନ ରୂପେ ଗ୍ରହଣୀୟ ନୁହେଁ । ପରସ୍ପର ମଧ୍ୟରେ ଏକ ପରିପୂରକ ଓ ଅନୁପୂରକ ସମ୍ପର୍କ ରହିଛି ।

## ୫.୩.୧ ଜାତିବାଦର କାରଣ ଓ ପ୍ରଭାବ

ବର୍ତ୍ତମାନ ପରିପ୍ରେକ୍ଷୀରେ ଭାରତରେ ଜାତିର ଏହି ରାଜନୈତିକ ପ୍ରକୃତିପାଇଁ ନିମ୍ନଲିଖିତ ଉପାଦାନଗୁଡ଼ିକ କାରଣସ୍ୱରୂପ ଗ୍ରହଣ କରାଯାଇପାରେ ।

**(a) ସାମ୍ପ୍ରଦାୟିକ ରାଜନୀତି** – ଧର୍ମନିରପେକ୍ଷ କିମ୍ବା ଆଦର୍ଶଗତଭିତ୍ତି ଉପରେ ଦଳୀୟ ସଙ୍ଗଠନକୁ ନଗଢ଼ି ଲୋକମାନଙ୍କର ସାମ୍ପ୍ରଦାୟିକ ଭାବାବେଗକୁ ଦଳର ରାଜନୈତିକ ଲକ୍ଷ୍ୟପୂରଣ ଦିଗରେ ବ୍ୟବହାର କରାଯାଉଛି । ମୁସଲମାନ, ଶିଖ୍, ଖ୍ରୀଷ୍ଟିଆନ ଇତ୍ୟାଦି ଧର୍ମଭିତ୍ତିରେ ସାଂପ୍ରଦାୟିକତା ରାଜନୀତିର ବିନ୍ୟାସ ସମ୍ଭବ ହେଉଛି ।

**(b) ପୁରାତନ ସାମାଜିକ ସଂସ୍କୃତି** – ବଂଶାନୁକ୍ରମିକ ଭାବରେ ଏକ ରକ୍ତଗତ ସମ୍ପର୍କର ଭିତ୍ତି ଉପରେ ଅଧିକ ସରଳଭାବରେ ଏକ ନିର୍ଦ୍ଦିଷ୍ଟ ଜାତିର ଲୋକମାନଙ୍କ ମଧ୍ୟରେ ଐକ୍ୟ ମନୋଭାବର ମନୋବୈଜ୍ଞାନିକ ପ୍ରତିଫଳନ ସମ୍ଭବ ହୋଇଥାଏ । ଏଣୁ ରାଜନୈତିକ ଦଳମାନେ ସମର୍ଥନ ଲାଭ ଲାଳସାରେ ଏହାର ଫାଇଦା ଉଠାଇବାପାଇଁ କଦାପି ପଛଘୁଞ୍ଚା ଦିଅନ୍ତି ନାହିଁ ।

**(c) ଦାରିଦ୍ର୍ୟ ଓ ନିରକ୍ଷରତା** – ଦାରିଦ୍ର୍ୟ ଓ ନିରକ୍ଷରତା ହେତୁ ଲୋକମାନେ ସେହି ପୁରାତନ ଆନୁଗତ୍ୟ ଓ ମନୋଭାବକୁ ପରିତ୍ୟାଗ ନକରି ଜାତି ବ୍ୟବସ୍ଥା ଓ ତତ୍‌ଜନିତ ନିଜ ଜାତି ପ୍ରତି ପ୍ରବଳ ଦୁର୍ବଳତାକୁ ଯଥେଷ୍ଟ ପ୍ରଶ୍ରୟ ଦେଉଛନ୍ତି ।

**(d) ଜାତିଗତ ରାଜନୀତିର ଆନୁଷ୍ଠାନିକ ପରିପ୍ରକାଶ** – ତଫସିଲଭୁକ୍ତ ଜାତି ଓ ଉପଜାତିକୁ ରାଷ୍ଟ୍ରର ସ୍ୱତନ୍ତ୍ର ପୃଷ୍ଠପୋଷକତା ଦିଆଯାଇ ଭାରତୀୟ ରାଜନୀତିରେ ଜାତିକୁ ଏକ ନିର୍ଦ୍ଦିଷ୍ଟ ଆଇନଗତ ସ୍ୱୀକୃତି ଦିଆଯାଇଛି । ନିର୍ବାଚନ ପ୍ରକ୍ରିୟା ଓ ରାଜନୀତିରେ

ଏହି ଜାତିର ଗୁରୁତ୍ୱ ଯଥେଷ୍ଟ ଅଟେ । ସେହି ଜାତିମାନଙ୍କପାଇଁ କାର୍ଯ୍ୟ କରୁଥିବା ସଂରକ୍ଷଣ ନୀତି ଏହି ଜାତିମାନଙ୍କର ମର୍ଯ୍ୟାଦାକୁ ବଢ଼ାଇ ଦେଇଛି । ପ୍ରତ୍ୟେକ ରାଜନୈତିକ ଦଳ ଏହି ଜାତିଗୁଡ଼ିକୁ ନିଜର ଭୋଟବ୍ୟାଙ୍କ ରୂପେ ବ୍ୟବହାର କରୁଛନ୍ତି ।

**(େ) ଏକ ଚାପଗୋଷ୍ଠୀ (Pressure Group) ରୂପେ ଜାତିର ଭୂମିକା** – ଜାତିକୁ ଭିତ୍ତିକରି ଗଠିତ ବିଭିନ୍ନ ସଂଘଗୁଡ଼ିକ କ୍ଷମତା ସମ୍ପନ୍ନ ଚାପଗୋଷ୍ଠୀ ରୂପେ କାର୍ଯ୍ୟ କରୁଛନ୍ତି । ଏହି ଗୋଷ୍ଠୀଗୁଡ଼ିକ ନିଜର ସାମାଜିକ ଓ ଅନ୍ୟାନ୍ୟ ଉତ୍ସବ ସମୟରେ ଏକତ୍ରିତ ହୋଇ ବିଭିନ୍ନ ରାଜନୈତିକ ପ୍ରସ୍ତାବ ଗ୍ରହଣ କରନ୍ତି ଓ ରାଜନୈତିକ ଦଳମାନଙ୍କପାଇଁ ଭୋଟ ବ୍ୟାଙ୍କ ରୂପେ କାର୍ଯ୍ୟ କରିଥାନ୍ତି । ଏହି ଜାତିଗତ ଗୋଷ୍ଠୀଗୁଡ଼ିକ ନିଜର ସ୍ୱାର୍ଥସାଧନ ପାଇଁ ବାଣିଜ୍ୟିକ ଲକ୍ଷ୍ୟ ନେଇ ନିଜର ଲାଭ ଆଶାରେ ସାମାଜିକ ଓ ଅର୍ଥନୈତିକ ଚାପଗୋଷ୍ଠୀ ରୂପେ କାର୍ଯ୍ୟ କରୁଛନ୍ତି । ଏଣୁ ଜାତିର ରାଜନୀତିକରଣ ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଗଲାଣି ।

**(ଫ) ପଦମର୍ଯ୍ୟାଦା ଓ ସୁଯୋଗପାଇଁ ଲାଳାୟିତ ଶିକ୍ଷିତ ଲୋକ** – ବର୍ତ୍ତମାନ ପରିସ୍ଥିତିରେ ଶିକ୍ଷିତ ଲୋକମାନେ ନିଜର ପଦମର୍ଯ୍ୟାଦାକୁ ସଂରକ୍ଷିତ ରଖିବାପାଇଁ ଓ ସୁଯୋଗର ପୂର୍ଣ୍ଣ ଉପଯୋଗପାଇଁ ଜାତିଗତ ବିଷୟରୁ ପୂର୍ଣ୍ଣ ଫାଇଦା ଉଠାଉଛନ୍ତି । ନିଜର ଜାତିଗତ ସ୍ଥିତିର ବ୍ୟବହାର କରି ସେମାନେ ନିଜ ଜାତିର ଲୋକମାନଙ୍କପାଇଁ ଅଧିକ ସୁବିଧା ସୁଯୋଗର ବ୍ୟବସ୍ଥା ଓ ଉନ୍ନତିର ପଥ ଉନ୍ମୁକ୍ତ କରିଥାନ୍ତି । ଏହି ଦୃଷ୍ଟିକୋଣରୁ ଜାତିଗତ ରାଜନୀତି ସାମାଜିକ ଜୀବନର ପ୍ରତ୍ୟେକ ସ୍ତରକୁ ସ୍ପର୍ଶ କରିଛି ।

**୫.୩.୨ ଜାତିବାଦର ନିରାକରଣ**

ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଗଲେ ଭାରତରେ ଜାତିବାଦର କୁପ୍ରଭାବରୁ ଜାତୀୟ ସଂହତିକୁ ମୁକ୍ତ କରାଯାଇପାରିବ-

(୧) ଧର୍ମନିରପେକ୍ଷ ବାଦକୁ ଜୀବନ ଧାରଣର ଉତ୍ତମ ମାର୍ଗ ରୂପେ ଗ୍ରହଣ ।

(୨) ମୂଲ୍ୟବୋଧ ଭିତ୍ତିକ ମାନବବାଦୀ ଶିକ୍ଷା ବ୍ୟବସ୍ଥାର ପ୍ରସାର ।

(୩) ଗଣମାଧ୍ୟମଗୁଡ଼ିକ ଜାତିଗତ ବିଦ୍ୱେଷ କ୍ଷେତ୍ରରେ ସଂଯମ ଭୂମିକା ଗ୍ରହଣ କରିବା ଉଚିତ୍ ।

(୪) ରାଜନୈତିକ ଦଳମାନେ 'ଜାତି'କୁ ନିଜର ଭୋଟ ବ୍ୟାଙ୍କ ରୂପେ ବ୍ୟବହାର କରିବା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରାଯିବା ଉଚିତ୍ ।

(୫) ଜାତିବାଦ ଏକ ସାମାଜିକକୁ-ବ୍ୟବସ୍ଥା ହୋଇଥିବାରୁ ଏହା ବିରୁଦ୍ଧରେ ସାମାଜିକ ଆନ୍ଦୋଳନ କରାଯିବା ଉଚିତ୍ ।

ଭାରତରେ ଜାତିଆଣ ରାଜନୀତିର ଗତି ଓ ପ୍ରକୃତିକୁ ବିଶ୍ଳେଷଣ କଲେ ଏହା ସ୍ପଷ୍ଟ ହୁଏ ଯେ ରାଜନୈତିକ ନେତାମାନେ ନିଜର ରାଜନୈତିକ ଲକ୍ଷ୍ୟପୂରଣ କରିବାପାଇଁ ଏହି ଅସ୍ତ୍ରକୁ ଆଶ୍ରୟ କରୁଛନ୍ତି । ନିର୍ବାଚନରେ ପ୍ରାର୍ଥୀ ମନୋନୟନଠାରୁ ନିର୍ବାଚନ ପ୍ରଚାର ଓ ଗୋଷ୍ଠୀଭୋଟ ଗ୍ରହଣକ୍ଷେତ୍ରରେ ମଧ୍ୟ ଏହି ନୀତିର ପ୍ରୟୋଗ କରାଯାଉଛି । ମନ୍ତ୍ରୀମଣ୍ଡଳ ଗଠନ ସମୟରେ ମଧ୍ୟ ଏହାର ଗୁରୁତ୍ୱ କମ୍ ନୁହେଁ । ପ୍ରଫେସର ରଜନୀ କୋଠାରୀ ଏହାକୁ ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ଏକ ସଂହତି ରକ୍ଷାକାରୀ ବା ଦ୍ୱନ୍ଦ୍ୱ ସମାଧାନକାରୀ ମାଧ୍ୟମରୂପେ ଅଭିହିତ କରିଛନ୍ତି । ଆଣ୍ଡ୍ରେବିଟ୍‌ଲେ ମଧ୍ୟ ଏହି ଯୁକ୍ତିକୁ ସମର୍ଥନ କରି ମତ ଦିଅନ୍ତି ଯେ ବିବିଧ ଜାତି ବସବାସ କରୁଥିବା ଗୋଟିଏ ଦେଶରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଐକ୍ୟଭାବ ଜାଗ୍ରତ କରାଇ ସଂହତିର ମୂଳମନ୍ତ୍ରରେ ସେମାନଙ୍କୁ ଦୀକ୍ଷିତ କରିବାକୁ ହେଲେ 'ଜାତି' ହିଁ ଏକ ବଳିଷ୍ଠ ମାଧ୍ୟମ ଅଟେ । ମାତ୍ର ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଏହାର ପ୍ରୟୋଗ ବା ବ୍ୟବହାର ସ୍ପୃହଣୀୟ ନୁହେଁ । କେ.ଏମ୍.ପାନିକରଙ୍କ ମତରେ, ଗଣତନ୍ତ୍ର ଓ ଜାତି ପରସ୍ପରର ବିରୋଧୀ ଅଟନ୍ତି । ଆଇନ ସମ୍ମୁଖରେ ସମାନ ନୀତିକୁ ଗଣତନ୍ତ୍ର ଗ୍ରହଣ କରିଥିବାବେଳେ 'ଜାତି' ଜନ୍ମ ଗତ ବୈଷମ୍ୟ ଭାବକୁ ସୂଚିତ କରିଥାଏ । ଜାତୀୟତାଭାବର ବିକାଶପାଇଁ ଜାତିର ସଂକୀର୍ଣ୍ଣଭାବସମ୍ପନ୍ନ ପ୍ରଭାବରୁ ରାଜନୀତି ସମ୍ପୂର୍ଣ୍ଣ ମୁକ୍ତ ରହିବା ବିଧେୟ । ପରିବର୍ତ୍ତିତ

ପରିସ୍ଥିତି ସହ ଖାପ ଖୁଆଇ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଗତି ନକଲେ ପ୍ରଗତି ନିଶ୍ଚିତଭାବରେ ବାଧାପ୍ରାପ୍ତ ହେବ । ଏଣୁ ପୁରାତନ ଜାତିଆଣଭାବ ଗଣତାନ୍ତ୍ରିକ ରାଜନୀତି ନିକଟରେ ସମ୍ପୂର୍ଣ୍ଣ ନତମସ୍ତକ ହେବା ଉଚିତ ।

## ଭାରତୀୟ ରାଜନୀତିରେ ସାଂପ୍ରଦାୟିକତା (Communalism)

### ୫.୪ ସାଂପ୍ରଦାୟିକତାବାଦ -ଅର୍ଥ

ମନୁଷ୍ୟର ଜୀବନ ଓ ଧର୍ମ ଓତପ୍ରୋତଭାବେ ଜଡ଼ିତ । ଯେକୌଣସି ଏକ ବିଶ୍ୱାସକୁ ପାଥେୟ କରି ନିର୍ବାଣର ରାହା ଖୋଜିବାପାଇଁ ଯୁଗେ ଯୁଗେ ମଣିଷ ନିଜର ଆଗ୍ରହ ପ୍ରକାଶ କରିଆସିଛି । ଜେମ୍ସ ଫ୍ରାଜାରଙ୍କ ମତରେ ଧର୍ମ, ମନୁଷ୍ୟ ଜୀବନ ଓ ପ୍ରକୃତିକୁ ପ୍ରତ୍ୟେକ୍ଷ ଭାବରେ ନିର୍ଦ୍ଦେଶିତ ଓ ନିୟନ୍ତ୍ରିତ କରିଥାଏ । ମାକ୍ ଆଇଭରଙ୍କ ମତରେ, ଧର୍ମ କେବଳ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ଏକ ସଂପର୍କ ସ୍ଥାପନ କରେନାହିଁ ; ବରଂ ମନୁଷ୍ୟ ଏବଂ ଏକ ଉଚ୍ଚତର କ୍ଷମତା ମଧ୍ୟରେ ସଂପର୍କ ନିରୂପଣ କରିଥାଏ । ଅତଏବ ଧର୍ମ ମନୁଷ୍ୟର ମନୋବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ବଳିଷ୍ଠ ଓ ସ୍ଥାୟୀ ବିଷୟ ଅଟେ । ଏହି ଧାର୍ମିକ ବିଶ୍ୱାସ ପ୍ରେମ, ଅହିଂସା ନୀତି ଓ ଆଦର୍ଶ ପ୍ରତି ସମ୍ମାନ ଓ ଅନ୍ୟାନ୍ୟ ବିବିଧ ସାମାଜିକ ମୂଲ୍ୟବୋଧର ସ୍ଥାପନ ପାଇଁ ସାହାଯ୍ୟ କରିଥାଏ । ଅନ୍ୟପକ୍ଷରେ ସଂକୀର୍ଣ୍ଣତାର ବଳୟ ମଧ୍ୟରେ ଅନ୍ଧ ଚିନ୍ତାଧାରା ଓ ଭ୍ରାନ୍ତ ବିଶ୍ୱାସକୁ ଭିତ୍ତିକରି ଏହା ମଣିଷ ମଣିଷ ଭିତରେ ବିଦ୍ୱେଷଭାବର ବୀଜ ରୋପଣ କରିଥାଏ । ଧର୍ମ ଧର୍ମ ମଧ୍ୟରେ ବିଭେଦତାର ପ୍ରାଚୀର ତିଆରି କରେ ଓ ଏହା ଫଳରେ ଐକ୍ୟ ଓ ସଂହତି ଲକ୍ଷ୍ୟ ସାଧିତ ହୁଏ ।

ଡି.ଇ. ସ୍ମିଥ୍‌ଙ୍କ ମତରେ, 'ଏକ ଧାର୍ମିକ ଗୋଷ୍ଠୀ କ୍ଷେତ୍ରରେ ସଂକୀର୍ଣ୍ଣ, ସ୍ୱାର୍ଥପର, ବିଭାଜନକାରୀ, ଉଗ୍ରବାଦୀ ଦୃଷ୍ଟିଭଙ୍ଗୀ ସୃଷ୍ଟିହେଲେ ତାହାକୁ ସାଂପ୍ରଦାୟିକତା (communalism) କୁହାଯାଏ । ଭାରତରେ ବିଭିନ୍ନ ଧର୍ମାବଲମ୍ବୀ ଧାର୍ମିକ ସ୍ୱାଧୀନତା ସହ ବସବାସ କରୁଥିବାରୁ ଏବଂ ବ୍ରିଟିଶ୍ ସରକାର ଧର୍ମ ଭିତ୍ତିରେ 'ବିଭାଜନ ଓ ଶାସନ' (Divide and Rule) ନୀତିକୁ କାର୍ଯ୍ୟକାରୀ କରିଥିବାରୁ ସାଂପ୍ରଦାୟିକତାର ପ୍ରବାହ ଭାରତରେ ଦ୍ରୁତ ହୋଇଛି । ଧାର୍ମିକ ମୌଳିକତାବାଦ (Religious Fundamentalism) ଜାତୀୟ ଐକ୍ୟ ଓ ସଂହତି ପ୍ରତି ବଡ଼ ବିପଦ ସୃଷ୍ଟି କରୁଛି ।

ସାଂପ୍ରଦାୟିକ ଧାର୍ମିକ ଗୋଷ୍ଠୀର ରାଜନୈତିକ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଇଚ୍ଛାର ସାଧନପାଇଁ ପ୍ରଚେଷ୍ଟାରୁ ଜନ୍ମ ହୋଇଥାଏ । ଭାରତର ଏହି ସାଂପ୍ରଦାୟିକର ଇତିହାସ ସେତେ ପୁରୁଣା ନୁହେଁ । ପ୍ରାଚୀନ ଓ ମଧ୍ୟଭାରତର ଇତିହାସରେ ସଂପ୍ରଦାୟ-ସଂପ୍ରଦାୟ ମଧ୍ୟରେ, ମୁଖ୍ୟତଃ ହିନ୍ଦୁ ମୁସଲମାନ ସଂପ୍ରଦାୟଦ୍ୱୟ ମଧ୍ୟରେ ବିଶେଷ ସଦ୍‌ଭାବ ନଥିଲେ ମଧ୍ୟ ବିଦ୍ୱେଷଭାବର ପ୍ରସର ସେତେ ଘଟିନଥିଲା । ଆକବରଙ୍କ ଦିନ୍-ଇ-ଇଲାହୀ ଧର୍ମ ପ୍ରବର୍ତ୍ତନ ମାଧ୍ୟମରେ ଧର୍ମ ସହିଷ୍ଣୁତା ନୀତିର ଚରମ ପ୍ରକୃତ ସେ ଭାରତୀୟ ଜାତୀୟ କଂଗ୍ରେସକୁ ଏକ ହିନ୍ଦୁ ସଂଗଠନ ହିସାବରେ ଅଭିହିତ କରି ଦୁଇ ସଂପ୍ରଦାୟ ମଧ୍ୟରେ ଏକ ସାମାଜିକ ଯୁଦ୍ଧ କରିବା ସପକ୍ଷରେ ନିଜ ମତ ଦେଇଥିଲେ । ୧୯୦୫ର ବଙ୍ଗ ବିଭାଜନ ପରେ ମୁସଲମାନମାନେ ନିଜର ସ୍ୱତନ୍ତ୍ର ସ୍ଥିତିପାଇଁ ଓ ସ୍ୱୀକୃତିପାଇଁ ୧୯୦୬ ମସିହା ଅକ୍ଟୋବର ୧ ତାରିଖ ଦିନ ଆଗା ଖାଁ ପ୍ରାସାଦଠାରେ ଲର୍ଡ ମିଣ୍ଟୋଙ୍କୁ ସାକ୍ଷାତ କରିଥିଲେ । ୧୯୦୯ ମସିହାରେ ବ୍ରିଟିଶ୍ ସରକାରଙ୍କଦ୍ୱାରା ପ୍ରବର୍ତ୍ତିତ ସଂସ୍କାର ନୀତିରେ ମୁସଲମାନଙ୍କର ବିଭିନ୍ନ ଇଚ୍ଛା ଓ ଦାବି ପ୍ରତିଫଳିତ ହୋଇଥିଲା । ସେମାନଙ୍କୁ ପ୍ରାଦେଶିକ ବ୍ୟବସ୍ଥାପକ ପରିଷଦଠାରୁ ଆରମ୍ଭକରି ଜିଲ୍ଲା ବୋର୍ଡ ପର୍ଯ୍ୟନ୍ତ ପ୍ରତ୍ୟେକ ନିର୍ବାଚନରେ ସାଂପ୍ରଦାୟିକ ପ୍ରତିନିଧିତ୍ୱ (Communal Representation) ସୁଯୋଗ ଦିଆଗଲା । ୧୯୦୬ ମସିହା ଡିସେମ୍ବର ୩୦ ତାରିଖ ଦିନ ଢାକାଠାରେ ଭାରତରେ ଥିବା ମୁସଲମାନଙ୍କର ରାଜନୈତିକ ଅଧିକାର ଓ ସ୍ୱାର୍ଥର ସଂରକ୍ଷଣ ଓ ପରିବର୍ଦ୍ଧନପାଇଁ ମୁସ୍‌ଲିମ୍ ଲିଗ୍ ପ୍ରତିଷ୍ଠା ହେଲା । ୧୯୩୭ ମସିହାରେ ନିର୍ବାଚନ ପରେ ପ୍ରାଦେଶିକ ସରକାର ଗଠନ ସମୟରେ ମୁସଲିମ୍ ଲିଗର ସଦସ୍ୟମାନେ ନିଜର ଯଥାଯୋଗ୍ୟ ସ୍ଥାନ ନପାଇବାରୁ ଜିନ୍ନା, 'କଂଗ୍ରେସ ଦଳ କ୍ଷମତା ମଦିରା ପାନକରି ଅନ୍ଧ ହୋଇଯାଇଛି' ବୋଲି ସମାଲୋଚନା କରି ଦୁଇ ସଂପ୍ରଦାୟ ମଧ୍ୟରେ ବିଭେଦକୁ ଅଧିକ ବଢ଼ାଇ ଦେଇଥିଲେ । ଏହାର ପରିଣାମସ୍ୱରୂପ ୧୯୪୦ ମସିହାରେ କ୍ୟାବିନେଟ୍ ମିଶନ

ଯୋଜନାରେ ପାକିସ୍ତାନ ସ୍ଥାପନର ସମସ୍ତ ଆଶାକୁ ଧୂଳିସାତ୍ କରିଦିଆଗଲା । ଏହା ବିରୁଦ୍ଧରେ ମୁସ୍‌ଲିମ୍ ଲିଗ୍ ପ୍ରତ୍ୟକ୍ଷ କାର୍ଯ୍ୟପନ୍ଥା ଗ୍ରହଣ କଲା । ବଙ୍ଗ ଓ ପଞ୍ଜାବରେ ଦଙ୍ଗା ପ୍ରବଳରୁ ପ୍ରବଳତର ହେଲା । ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ସାମ୍ପ୍ରଦାୟିକତାର କ୍ରୂର ନାଗଫାଶରୁ ସଂହତି ଓ ଏକତାପ୍ରେମୀ ଦେଶଭକ୍ତମାନେ ଦେଶକୁ ରକ୍ଷା କରିପାରିଲେ ନାହିଁ । ଜୁନ୍ ୩ ତାରିଖରେ ମାଉଣ୍ଟବ୍ୟାଟେନ୍ ଯୋଜନାରେ ଭାରତ ବିଭାଜନ ଓ ପାକିସ୍ତାନ ସୃଷ୍ଟିର ସମସ୍ତ ବ୍ୟବସ୍ଥା ପ୍ରକାଶ ପାଇଲା ।

ସାମ୍ପ୍ରଦାୟିକ ବୀଜାଣୁର ଫଳସ୍ୱରୂପ ବିଭିନ୍ନ ସମୟରେ ବିଭିନ୍ନ ଦଙ୍ଗା ସୃଷ୍ଟି ହୋଇ ଜନଶକ୍ତି ଓ ସମ୍ପତ୍ତିର ଅନେକ କ୍ଷତି ଘଟାଇଥାଏ । ୧୯୮୭ ମସିହା ଅପ୍ରେଲଠାରୁ ଜୁନ୍ ମାସ ମଧ୍ୟରେ ଗୁଜୁରାଟ, ମିରଟ, ଦିଲ୍ଲୀ ଓ ଜଳଗାଓଁଠାରେ ଘଟିଥିବା ଦଙ୍ଗାଗୁଡ଼ିକ ମଧ୍ୟରୁ କେବଳ ଗୁଜୁରାଟରେ ଏକ କୋଟି ଟଙ୍କାର, ମିରଟ୍‌ରେ ୨.୬ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା । ଭାରତର ସାମ୍ପ୍ରଦାୟିକ ଦଙ୍ଗାର ଇତିହାସରେ ୧୯୬୧ ମସିହା ଅକ୍ଟୋବର ମାସରେ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ ପରିସରରେ ଦଙ୍ଗା, ୧୯୬୩ ମସିହା ଡିସେମ୍ବର ମାସରେ ଜାମ୍ମୁ ଓ କାଶ୍ମୀରରେ ଦଙ୍ଗା, ୧୯୬୬ ମସିହାରେ କାଶ୍ମୀରର ବ୍ରାହ୍ମଣ ଝିଅକୁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ କରାଇ ବିବାହ ସମ୍ବନ୍ଧୀୟ ଦଙ୍ଗା, ୧୯୬୭ ମସିହାରେ ମହାରାଷ୍ଟ୍ରର ମାଲେଗାଁଓଠାରେ ଉର୍ଦ୍ଦୁକୁ ଦ୍ୱିତୀୟ ସରକାରୀ ଭାଷାରୂପେ ଗ୍ରହଣ କରିବାପାଇଁ ଦାବି ସମ୍ବନ୍ଧୀୟ ଦଙ୍ଗା, ୧୯୬୮ ମସିହାରେ ଆସାମର କରିମଗଞ୍ଜଠାରେ ଏକ ଗାଈକୁ ମାରିଦେବା ସମ୍ବନ୍ଧୀୟ ଦଙ୍ଗା, ୧୯୬୯ ମସିହାରେ ଅହମ୍ମଦାବାଦ ଦଙ୍ଗା, ୧୯୭୦ ମସିହାରେ ବମ୍ବେ ନିକଟବର୍ତ୍ତୀ ଭିୱାଣ୍ଡିଠାରେ ହିନ୍ଦୁ ଶୋଭାଯାତ୍ରା ଉପରେ ମୁସଲମାନଙ୍କର ଟେକାପଥର ଫୋପଡାକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଦଙ୍ଗା, ୧୯୭୪ ମସିହାରେ ଦିଲ୍ଲୀ ଦଙ୍ଗା, ୧୯୮୦ ମସିହାରେ ମୋରଦାବାଦ ଦଙ୍ଗା ଇତ୍ୟାଦିକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । କିନ୍ତୁ ୧୯୭୫ରୁ ୧୯୭୭ ମସିହା ମଧ୍ୟରେ ଅର୍ଥାତ୍ ଆଭ୍ୟନ୍ତରୀଣ ଜରୁରୀ ପରିସ୍ଥିତି ଜାରି ହୋଇଥିବା ସମୟରେ କୌଣସି ସାମ୍ପ୍ରଦାୟିକ ଦଙ୍ଗା ଅନୁଷ୍ଠିତ ହୋଇନଥିଲା ।

## ୫.୪.୧ ସାଂପ୍ରଦାୟିକତାବାଦର କାରଣ

ଭାରତରେ ସାମ୍ପ୍ରଦାୟିକତାର କାରଣ ହିସାବରେ ନିମ୍ନଲିଖିତ ବିଷୟଗୁଡ଼ିକୁ ଗ୍ରହଣ କରାଯାଇପାରେ ।

(୧) ଧର୍ମାନ୍ଧ ଧାର୍ମିକ ସଂଗଠନ;

(୨) ରାଜନୈତିକ ଦଳମାନଙ୍କଦ୍ୱାରା ନିଜର ରାଜନୈତିକ ଅଭୀପ୍ସାର ପୂରଣପାଇଁ ଏହି ନୀତିର ପ୍ରୟୋଗ;

(୩) ବୈଦେଶିକ ଶକ୍ତିର ଉତ୍ସାହ ଓ ଆର୍ଥିକ ସାହାଯ୍ୟ;

(୪) ଏହାକୁ ନିୟନ୍ତ୍ରଣ ଓ ସମାଧାନ କରିବା ଦିଗରେ ସରକାରୀ କଳର ଅପାରଗତା;

(୫) ସାମ୍ପ୍ରଦାୟିକ ପରିଚୟକୁ ସ୍ୱୀକୃତି ପ୍ରଦାନ;

(୬) ସଂଖ୍ୟାନ୍ୟୁନ ସଂସ୍କୃତିର ସଂରକ୍ଷଣ ଆଳରେ ଜାତିଗତ ବିଦ୍ୱେଷ ଭାବର ସୃଷ୍ଟି;

(୭) ୧୯୬୫, ୧୯୬୬ ଓ ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ;

(୮) ସଂଖ୍ୟାନ୍ୟୁନ କମିଶନ (Minority Commission) ସଂଖ୍ୟାଲଘିଷ୍ଠ ଓ ସଂଖ୍ୟାନ୍ୟୁନ ଗୋଷ୍ଠୀ ମଧ୍ୟରେ ସୃଷ୍ଟି କରୁଥିବା ବିଦ୍ୱେଷ ଭାବ;

(୯) ସାମ୍ପ୍ରଦାୟିକ ନେତାମାନଙ୍କୁ ପ୍ରଚାର ମାଧ୍ୟମଦ୍ୱାରା ନିଜର ବ୍ୟକ୍ତିତ୍ୱର ମାନବୃଦ୍ଧିପାଇଁ ସୁଯୋଗ ଦେବା ଇତ୍ୟାଦି ଭାରତରେ ସାମ୍ପ୍ରଦାୟିକ ବିଦ୍ୱେଷ ଓ ତତ୍‌ଜନିତ ଦଙ୍ଗାସୃଷ୍ଟି ପାଇଁ ଦାୟୀ ଅଟେ । ମାତ୍ର ଏହିସବୁ କାରଣ ଅପେକ୍ଷା ଅର୍ଥନୈତିକ

ଦୂରବସ୍ଥାହିଁ ହିନ୍ଦୁ ଓ ମୁସଲମାନ୍ ପରି ବୃହ୍ତ ସମ୍ପ୍ରଦାୟ ମଧ୍ୟରେ ଐକ୍ୟଭାବର ବିଲୋପ ସାଧନପାଇଁ ଦାୟୀ ବୋଲି ପ୍ରଖ୍ୟାତ ସାମ୍ବାଦିକ କୁଲଦୀପ୍ ନାୟାର, ତାଙ୍କର ୧୯୮୨ ମସିହା ନଭେମ୍ବର ୪ ତାରିଖରେ 'ଦି ଟ୍ରିବ୍ୟୁନ୍'ରେ ପ୍ରକାଶିତ ପ୍ରବନ୍ଧ ମାଧ୍ୟମରେ ପ୍ରକାଶ କରିଛନ୍ତି ।

## ୫.୪.୨ ସାଂପ୍ରଦାୟିକତାବାଦର ନିରାକରଣ

(୧) ଧାର୍ମିକ ସ୍ୱାଧୀନତା ଅପେକ୍ଷା ରାଷ୍ଟ୍ରୀୟ ସଂହତି ଉପରେ ଅଧିକ ପ୍ରାଧାନ୍ୟ; (୨) ଶାସନତନ୍ତ୍ର ଧର୍ମନିରପେକ୍ଷ ହେବା; (୩) ଜାତିଗତ ସଂରକ୍ଷଣ ବ୍ୟବସ୍ଥା ପରିବର୍ତ୍ତେ ଅର୍ଥନୈତିକ ଅନଗ୍ରସରତା ଆଧାରରେ ସବୁ ସଂପ୍ରଦାୟ ପାଇଁ ଏହା ପ୍ରଯୁଜ୍ୟ ହେବା; (୪) ସାଂପ୍ରଦାୟିକ ସଂଗଠନକୁ ନିଷିଦ୍ଧ କରାଯିବା; (୫) ଇତିହାସ ଓ ଗଣମାଧ୍ୟମକୁ ସାଂପ୍ରଦାୟିକରଣ ନକରିବା; (୬) ତୁଷ୍ଟିକରଣ ରାଜନୀତି ବନ୍ଦ କରିବା; (୭) ସାଂପ୍ରଦାୟିକ ଉତ୍ତେଜନା ହ୍ରାସ ପାଇଁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ; (୮) ଶିକ୍ଷାର ପ୍ରସାର, ସାମାଜିକ ଓ ଅର୍ଥନୈତିକ ବିକାଶ ।

## ୫.୫ ଆତଙ୍କବାଦ – ଅର୍ଥ

ଆତଙ୍କବାଦ ଶବ୍ଦଟି ଏକ ଫରାସୀ ଶବ୍ଦ 'ଟେରୋରିସ୍‌ମେ'ରୁ ଉଦ୍ଭୂତ ଯାହା ଫ୍ରାନ୍ସରେ 'ଆତଙ୍କବାଦ ଶାସନ' ସମୟରେ ଫରାସୀ ସରକାରଙ୍କ ଦ୍ୱାରା ଉପଯୋଗ ହେଉଥିବା ରାଷ୍ଟ୍ରୀୟ ଆତଙ୍କବାଦକୁ ସୂଚିତ କରିଥାଏ । ଏହି ଫରାସୀ ଶବ୍ଦ ଏକ ଲାଟିନ୍ ଶବ୍ଦ ଟେରିଓରୁ ଆନୀତ ଯାହାର ଅର୍ଥ ମୁଁ ଭୟଭୀତ କରୁଛି । ମୌଳିକ ଅର୍ଥରେ ଆତଙ୍କବାଦ ରାଷ୍ଟ୍ରଦ୍ୱାରା ପ୍ରାୟୋଜିତ ଓ ବ୍ୟବହୃତ ହେଉଥିଲେ ମଧ୍ୟ ବର୍ତ୍ତମାନ ବେସରକାରୀ ସଙ୍ଗଠନଦ୍ୱାରା ନିଜର ସଂକୀର୍ଣ୍ଣ ରାଜନୈତିକ ଲକ୍ଷ୍ୟ ସାଧନ ପାଇଁ ସାଧାରଣ ନିରୀହ ଲୋକଙ୍କୁ ହତ୍ୟା ଓ ଭୟଭୀତ କରିବା ଲକ୍ଷ୍ୟରେ ଏହା ଉପଯୋଗ ହେଉଛି । ୧୯୬୪ ମସିହା ପର୍ଯ୍ୟନ୍ତ ଜାତିସଂଘର ସାଧାରଣ ପରିଷଦରେ ଆତଙ୍କବାଦକୁ ଏକ ଭୀତିସଂଚାରକାରୀ ଫୌଜଦାରୀ କାର୍ଯ୍ୟ ଯାହା ଜଣେ ବ୍ୟକ୍ତି ବା ଗୋଷ୍ଠୀର ସଂକୀର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପୂରଣ ପାଇଁ ସମସ୍ତ ଦାର୍ଶନିକ, ଆଦର୍ଶଗତ, ଧର୍ମଗତ, ବଂଶଗତ ଦୁର୍ବଳ ଭିର ସମୂହ ଉପରେ ପ୍ରତିଷ୍ଠିତ ଏକ କାର୍ଯ୍ୟକ୍ରମ ହିସାବରେ ସୂଚୀତ ହୋଇଥିଲା । ୨୦୦୪ ମସିହା ନଭେମ୍ବର ମାସରେ ଜାତିସଂଘର ମହାସଚିବ ଆତାଙ୍କବାଦର ସ୍ୱରୂପ ନିର୍ଦ୍ଧାରଣ କରି ମତ ଦେଇଛନ୍ତି ଯେ ଏହି କାର୍ଯ୍ୟଦ୍ୱାରା ହତ୍ୟା କିମ୍ବା ଭୟାନକ ଶାରୀରିକ ଆଘାତଦ୍ୱାରା ସାଧାରଣ ନିରୀହ ଜନତା, ସରକାର ବା ଆନ୍ତର୍ଜାତୀୟ ସଙ୍ଗଠନକୁ ଭୟଭୀତ କରି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ବା ନ କରିବା ପାଇଁ ବାଧ୍ୟ କରାଯାଇଥାଏ ।

ହଫ୍‌ମ୍ୟାନ୍ ଆତଙ୍କବାଦକୁ ଏକ ରାଜନୈତିକ ଲକ୍ଷ୍ୟ ପୂରଣ ପାଇଁ ସାଧାରଣରେ ଭୀତିସଂଚାର ପାଇଁ ଏକ କ୍ଷୁଦ୍ର କିନ୍ତୁ ବଳିଷ୍ଠ ସଙ୍ଗଠନ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ହିଂସାତ୍ମକ କାର୍ଯ୍ୟକ୍ରମ ଯାହା ନିଷ୍ପତ୍ତି ଗ୍ରହଣ ସରକାରୀ କଳ ଉପରେ ଚାପ ପକାଇ ନିଜର ଦାବୀ ହାସଲପାଇଁ କାର୍ଯ୍ୟ କରୁଥିବା ପ୍ରକ୍ରିୟା ବୋଲି ସୂଚିତ କରିଛନ୍ତି ।

## ୫.୫.୧ ଆତଙ୍କବାଦର କାରଣ

(୧) ଜାତୀୟ ସ୍ୱାଧୀନତା ସଂଗ୍ରାମର ଅଂଶବିଶେଷ;

(୨) ନିର୍ଦ୍ଦିଷ୍ଟ ସୁବିଧା ବା ଅଧିକାରରୁ ବଞ୍ଚିତ ହେବା;

(୩) ପରିଚୟ ସଙ୍କଟ ସୃଷ୍ଟି ହେବା;

(୪) ନିର୍ଦ୍ଦିଷ୍ଟ ରାଜନୈତିକ ଆଦର୍ଶ ପ୍ରତିଷ୍ଠା ପାଇଁ ସଂଗ୍ରାମ;

(୫) ଧାର୍ମିକ ମୌଳବାଦ;

(୬) ଆଞ୍ଚଳିକବାଦ ଓ ଭାଷାଗତ ସଂକୀର୍ଣ୍ଣତା;

(୭) ଦାରିଦ୍ର୍ୟ ଓ ବେକାରୀ;

(୮) ଆତଙ୍କବାଦର ଦମନ ପାଇଁ ରାଷ୍ଟ୍ର ଆତଙ୍କବାଦ ସୃଷ୍ଟି;

(୯) ଆନ୍ତର୍ଜାତିକ ପ୍ରୋତ୍ସାହନ ଓ ପ୍ରଭାବ ।

## ୫.୫.୨ ଆତଙ୍କବାଦର ବିଭିନ୍ନ ସ୍ୱରୂପ

ଆମେରିକାର ଫୌଜଦାରୀ ନ୍ୟାୟ ସମ୍ପର୍କିତ ଏକ ପରାମର୍ଶଦାତା ପରିଷଦ ୧୯୭୫ ମସିହାର ଆଦ୍ୟଭାଗରେ ଆତଙ୍କବାଦର ଛଅ ପ୍ରକାର ନିର୍ଣ୍ଣୟ କରିଛନ୍ତି ।

(୧) ସାଧାରଣ ବିଶୃଙ୍ଖଳା : ଗୋଟିଏ ଗୋଷ୍ଠୀର ଶାନ୍ତି, ନିରାପତ୍ତା ଓ ସାଧାରଣ କାର୍ଯ୍ୟଧାରାକୁ ଦୋହଲାଇ ଦେଇଥିବା ଏକ ସାମୂହିକ ହିଂସା କାର୍ଯ୍ୟକ୍ରମ ।

(୨) ରାଜନୈତିକ ଆତଙ୍କବାଦ : ଗୋଟିଏ ସମ୍ପ୍ରଦାୟ ମଧ୍ୟରେ ହିଂସ୍ର ଅପରାଧ ଲକ୍ଷ୍ୟଯୁକ୍ତ ବ୍ୟବହାର ପ୍ରଦର୍ଶନ ମାଧ୍ୟମରେ ରାଜନୈତିକ ଉଦ୍ଦେଶ୍ୟରେ ଏକ କାର୍ଯ୍ୟପନ୍ଥା ଗ୍ରହଣ ।

(୩) ଅଣ ରାଜନୈତିକ ଆତଙ୍କବାଦ : ଏହି ଆତଙ୍କବାଦରେ ଅଣରାଜନୈତିକ ଉଦ୍ଦେଶ୍ୟ ଥିଲେ ମଧ୍ୟ ତାହା ଉଚ୍ଚ ମାତ୍ରାରେ ଭୟ ସଞ୍ଚାର କରିବା ସହ ବ୍ୟକ୍ତିଗତ ବା ସାମୂହିକ ସ୍ୱାର୍ଥ ସାଧନରେ ଲକ୍ଷ୍ୟ ରଖାଯାଇଥାଏ ।

(୪) ଅର୍ଦ୍ଧ ଆତଙ୍କବାଦ : ସଚ୍ଚା ଆତଙ୍କବାଦୀଙ୍କ କୌଶଳ ପ୍ରୟୋଗ କରୁଥିଲେ ମଧ୍ୟ ଏହି ଆତଙ୍କବାଦୀମାନେ ସେମାନଙ୍କ ଭଳି ପ୍ରତିକ୍ରିୟା ପ୍ରକାଶ କରିନଥା'ନ୍ତି ଏହାର ଫଳାଫଳ ମଧ୍ୟ ନରମ ଶ୍ରେଣୀୟ ହୋଇଥାଏ । ଏମାନଙ୍କର ଉଦ୍ଦେଶ୍ୟରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୁଏ ।

(୫) ସୀମିତ ରାଜନୈତିକ ଆତଙ୍କବାଦ : ସଚ୍ଚା ଆତଙ୍କବାଦୀମାନଙ୍କ ଏକ ବୈପ୍ଳବିକ କାର୍ଯ୍ୟକ୍ରମ ରହିଥାଏ । କିନ୍ତୁ ସୀମିତ ରାଜନୈତିକ ଆତଙ୍କବାଦ ଆଦର୍ଶଗତ କିମ୍ବା ରାଜନୈତିକ ଉଦ୍ଦେଶ୍ୟରେ ସଂଘଟିତ ହୋଇଥାଏ । ଏହା ରାଷ୍ଟ୍ରର କ୍ଷମତା ଅଧିକାର ଲକ୍ଷ୍ୟ ରଖିନଥାଏ ।

(୬) ସରକାରୀ ବା ରାଷ୍ଟ୍ରୀୟ ଆତଙ୍କବାଦ : କେତେକ ରାଷ୍ଟ୍ରରେ ଶାସନ ଭୟ ଓ ଅତ୍ୟାଚାର ଉପରେ ସ୍ଥାପିତ ହୋଇଥାଏ । ଏହାକୁ ସରକାରୀ ବା ରାଷ୍ଟ୍ରୀୟ ଆତଙ୍କବାଦ ବା ସାଙ୍ଗଠନିକ ଆତଙ୍କବାଦ କୁହାଯାଏ । ରାଜନୈତିକ ଲକ୍ଷ୍ୟପୂରଣ ପାଇଁ, ରାଷ୍ଟ୍ରର କ୍ଷମତାର ଉପଭୋଗ କରିବା ପାଇଁ ଏହା ସରକାରୀ କଳ ମାଧ୍ୟମରେ ଆତଙ୍କବାଦର ପ୍ରସାରକୁ ସୂଚିତ କରେ । ଏହା ସେହି ଦେଶର ବୈଦେଶିକ ନୀତିର ଅଂଶବିଶେଷ ମଧ୍ୟ ହୋଇଥାଏ ।

ଅନ୍ୟାନ୍ୟ ବିଭିନ୍ନ ଉତ୍ସକୁ ଆଧାର କରି ଆତଙ୍କବାଦକୁ ନିମ୍ନମତେ ବିଭାଜନ କରାଯାଇପାରେ-

(୧) ରାଜନୈତିକ ଆତଙ୍କବାଦ ଯାହା ଉପ-ରାଷ୍ଟ୍ରୀୟ ଆତଙ୍କବାଦକୁ ମଧ୍ୟ ଅନ୍ତର୍ଭୁକ୍ତ କରିଥାଏ

(୨) ସାମାଜିକ ଓ ବୈପ୍ଳବିକ ଆତଙ୍କବାଦ

(୩) ଧାର୍ମିକ ମୌଳବାଦୀ ଆତଙ୍କବାଦ

(୪) ଧାର୍ମିକ ମୌଳବାଦୀ ଆତଙ୍କବାଦ

(୫) ବାମପନ୍ଥୀ ଆତଙ୍କବାଦ

(୬) ଦକ୍ଷିଣପନ୍ଥୀ ଆତଙ୍କବାଦ

(୭) ଏକ-ସୂତ୍ରୀ କାର୍ଯ୍ୟକ୍ରମଭିତ୍ତିକ ଆତଙ୍କବାଦ

(୮) ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦ

(୯) ଶାସନ ବ୍ୟବସ୍ଥା ବା ରାଷ୍ଟ୍ରୀୟ ଆତଙ୍କବାଦ

(୧୦)ଫୌଜଦାରୀ ଆତଙ୍କବାଦ

(୧୧)ନିଦାନଗତ ଆତଙ୍କବାଦ

## ୫.୫.୩ ଆତଙ୍କବାଦର ନିରାକରଣ

(୧) ଆତଙ୍କବାଦୀମାନଙ୍କ ଯୁକ୍ତି ସମ୍ପର୍କରେ ଜନମତ ଓ ଜନସଚେତନତା ସୃଷ୍ଟି ।

(୨) ଜନସହଯୋଗ ମାଧ୍ୟମରେ ଆତଙ୍କବାଦର ଦମନ ପାଇଁ ସାଲିସବିହୀନ, ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ, ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗଭିତ୍ତିକ ରାଷ୍ଟ୍ରୀୟ ପଦକ୍ଷେପ ଗ୍ରହଣ ।

(୩) ସାମାଜିକ ଓ ଅର୍ଥନୈତିକ ନ୍ୟାୟର ଉପଲବ୍‌ଧି ।

(୪) ରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ସନ୍ତୁଳିତ ଅର୍ଥନୈତିକ ବିକାଶ ।

(୫) ସଂଖ୍ୟାନ୍ୟୁନର ନିରାପତ୍ତା ।

(୬) ସାଂପ୍ରଦାୟିକ ସଦ୍ଭାବ ଓ ସହଯୋଗ ବୃଦ୍ଧି ।

(୭) ଲୋକମାନଙ୍କ ମନରୁ ଭୟ ଦୂର ପାଇଁ ଓ ଶାସନବ୍ୟବସ୍ଥା ପ୍ରତି ବିଶ୍ୱାସ ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ ।

(୮) ଆତଙ୍କବାଦୀମାନେ ପ୍ରଥମେ ସାମାଜିକ ସମ୍ପର୍କ ସ୍ଥାପନ କରି ସଂଖ୍ୟାନ୍ୟୁନ୍ୟ ଗୋଷ୍ଠୀର ବିଶ୍ୱାସଭାଜନ ହୋଇ ସେମାନଙ୍କ ସାହାଯ୍ୟରେ ନିଜର ରାଜନୈତିକ କାର୍ଯ୍ୟକ୍ରମ ଆଗେଇ ନିଅନ୍ତି । ଗୋଟିଏ ମାନବଗୋଷ୍ଠୀର ବିନା ସହଯୋଗ ଓ ସମର୍ଥନରେ କୌଣସି ଆତଙ୍କବାଦୀ କାର୍ଯ୍ୟକ୍ରମ ଫଳବତୀ ହୋଇପାରିବ ନାହିଁ ବୋଲି ବିଶ୍ୱାସ କରାଯାଏ । ଏହା ପ୍ରତି ସତର୍କତା ଜରୁରୀ ଅଟେ ।

## ୫.୫.୪ ଭାରତ ଓ ଆତଙ୍କବାଦ :

ଭାରତରେ ଆତଙ୍କବାଦୀକୁ ସ୍ୱାଧୀନତା ପୂର୍ବରୁ ଠାବ କରାଯାଇପାରେ । ବଙ୍ଗଳାରେ ଅରବିନ୍ଦ ଘୋଷ, ଉପେନ୍ଦ୍ରନାଥ ଦତ୍ତ, ବୀରେନ୍ଦ୍ର ଘୋଷ, ବାଘା ଯତୀନ୍, ଏସ୍.ଏନ୍. ରାୟ ଇତ୍ୟାଦି ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ବୈପ୍ଳବିକ ଆନ୍ଦୋଳନ କରୁଥିଲେ । ଲାଲା ଲଜ୍‌ପତ୍ ରାୟ, ବାଳଗଙ୍ଗାଧର ତିଳକ, ବିପିନ ଚନ୍ଦ୍ର ପାଲ ଭାରତରେ ଚରମପନ୍ଥୀ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ । ପଞ୍ଜାବର ଭଗତ ସିଂହ ୧୯୨୫ରେ ନଉଜ୍ୱାନ ସଭା ଗଢ଼ି ଆତଙ୍କବାଦର ଦୃଢ଼ ପ୍ରଚାର କଲେ ଓ ବୋମା ବ୍ୟବହାରକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇଥିଲେ । ୧୯୧୧ ମସିହାରେ ଲାଲା ହରଦୟାଲ କାଲିଫର୍ଣ୍ଣିଆରେ ଘଦର ପାର୍ଟି ଓ ତାହାର ମୁଖପାତ୍ର ହିନ୍ଦୁସ୍ଥାନ ଘଦର ପ୍ରତିଷ୍ଠା କରି ବିଦେଶୀମାଟିରୁ ଆତଙ୍କବାଦୀ କାର୍ଯ୍ୟକ୍ରମ ଚଳାଇଥିଲେ । ପୂର୍ବରୁ ଆମେରିକାରେ ତାରକନାଥ ଦାସ, ରାମନାଥ ପୁରୀ, ସନ୍ତ ତେଜା ସିଂହ, ଭାଇ ପରମାନନ୍ଦ ମଧ୍ୟ ଆତଙ୍କବାଦୀ କାର୍ଯ୍ୟକ୍ରମ ଆରମ୍ଭ କରିସାରିଥିଲେ । ଲାଠିମାଡ଼ରେ ଲାଲା ଲଜପତ ରାୟଙ୍କ ମୃତ୍ୟୁବେଳକୁ ଭଗତ ସିଂହ, ସୁଖଦେବ ଇତ୍ୟାଦି ଉଗ୍ରବାଦୀ କାର୍ଯ୍ୟକ୍ରମକୁ ତୀବ୍ର କଲେ । ଉତ୍ତରପ୍ରଦେଶରେ ଚନ୍ଦ୍ରଶେଖର ଆଜାଦ୍ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ ଦେଲେ । ଉଗ୍ରବାଦୀ କାର୍ଯ୍ୟକ୍ରମରେ ସାମିଲ

ଥିବା ସମୟରେ ଭଗତ ସିଂହ, ସୁଖଦେବ, ରାଜଗୁରୁ ଆଦି ଶହୀଦ ହେଲେ । ନାଗାଲାଣ୍ଡରେ ନାଗାଜାତୀୟ ପରିଷଦ ଲାଲଡେଙ୍ଗାଙ୍କ ନେତୃତ୍ୱରେ ମିଜୋ ଜାତୀୟ ସାମ୍ମୁଖ୍ୟ ଗଠିତ ହୋଇ ଭାରତରୁ ଅଲଗା ହୋଇ ସ୍ୱାଧୀନ ରାଷ୍ଟ୍ର ଗଠନ ନିମନ୍ତେ ଉଗ୍ରବାଦୀ କାର୍ଯ୍ୟକୁ ଆଦରି ନେଲେ । ଆତଙ୍କବାଦ ବିଚ୍ଛିନ୍ନବାଦୀମାନଙ୍କ ଅସ୍ତ୍ରରେ ପରିଣତ ହେଲା । ପରବର୍ତ୍ତୀ ଅବସ୍ଥାରେ ଆତଙ୍କବାଦ ନକ୍ସଲପନ୍ଥୀ ଓ ମାଓବାଦୀ ଗୋଷ୍ଠୀଦ୍ୱାରା କବଳିତ ହେଲା । ସୁଭାଷ ଘିସିଂଙ୍କ ନେତୃତ୍ୱରେ ଗୋର୍ଖା ଜାତୀୟ ମୁକ୍ତି ସାମ୍ମୁଖ୍ୟ ଆସାମରୁ ଅଣ-ଆସାମମାନଙ୍କୁ ତଡ଼ିବା ପାଇଁ ଆସାମର ମିଳିତ ମୁକ୍ତି ସାମ୍ମୁଖ୍ୟ, ମଣିପୁରର ମୟାଙ୍ଗ (ବିଦେଶୀ) ମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ଆତଙ୍କବାଦୀ ଆନ୍ଦୋଳନର ନମୁନା ଅଟେ । ଦକ୍ଷିଣ ଭାରତରେ ମୁଖ୍ୟାଙ୍କ ତାମିଲନାଡୁରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନ ଏଲ୍.ଟି.ଟି.ଇ ମାନବବୋମା ବିସ୍ଫୋରଣରେ ୧୯୯୧ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧୀ ପ୍ରାଣ ହରାଇଥିଲେ । ୧୯୮୧ ମସିହାରେ ସନ୍ଥ କର୍ଣ୍ଣେଲସିଂହ ଭିନ୍ଦରୱାଲେ ଖଲିସ୍ଥାନ ଆନ୍ଦୋଳନ କରି ଶିଖ୍ ରାଜ୍ୟ ଗଠନ ଓ ଶିଖ୍ ମୌଳବାଦର ପ୍ରଚାର କରିବା ମାଧ୍ୟମରେ ଆତଙ୍କବାଦକୁ ପ୍ରୋତ୍ସାହିତ କରିଥିଲେ । ଜଗଜିତ ସିଂହ ଚୌହାନ ଓ ଗଙ୍ଗାଧର ଧିଲନ ଏହି ଖଲିସ୍ଥାନୀ ଆତଙ୍କବାଦକୁ ସମର୍ଥନ ଯୋଗାଇଲେ । ପଞ୍ଜାବର ମୁଖ୍ୟ ଆତଙ୍କବାଦୀ ସଂଗଠନମାନଙ୍କ ମଧ୍ୟରେ ଅଛି ବବ୍ ଖାଲସା, ଦଶମେଶ୍ ରେଜିମେଣ୍ଟ, ବାବର ଖାଲସା, ଖଲିସ୍ଥାନ ଲିବରେସନ ଫୋର୍ସ ଇତ୍ୟାଦି ସଂଗଠନ ।

ଭାରତର ସବୁଠାରୁ ଅଧିକ ଆତଙ୍କବାଦପ୍ରବଣ ଅଞ୍ଚଳ ହେଉଛି ଜାମ୍ମୁ ଓ କାଶ୍ମୀର । ଜାମ୍ମୁ ଓ କାଶ୍ମୀର ମୁକ୍ତି ସାମ୍ମୁଖ୍ୟ, ଜୈସ-ଇ-ମହମ୍ମଦ, ଲସ୍କର-ଇ-ତୋଇବା, ହିଜିବୁଲ ମୁଜାହିଦିନ୍ ଆଦି ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପାକିସ୍ଥାନ ସହାୟତାରେ ଏହି ରାଜ୍ୟରେ ଆତଙ୍କବାଦୀ କାର୍ଯ୍ୟ ଚଳାଉଛନ୍ତି । ପାକିସ୍ତାନ ସେମାନଙ୍କୁ ଅସ୍ତ୍ରଶସ୍ତ୍ର, ଗୁଳି, ବିସ୍ଫୋରକ ଦ୍ରବ୍ୟ, ଅର୍ଥ, ଯାନ୍ତ୍ରିକ ଜ୍ଞାନକୌଶଳ ତଥା ତାଲିମପ୍ରାପ୍ତ ଆତଙ୍କବାଦୀ ଯୋଗାଇ ଭାରତରେ ଆତଙ୍କବାଦୀ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଯୋଗାଉଛି । ଭାରତରେ ସୀମାପାର ଆତଙ୍କବାଦ ତୀବ୍ର ରୂପ ନେବାରେ ଲାଗିଛି ।

### ୫.୫.୫ ଆତଙ୍କବାଦର ଦମନ ପାଇଁ ଭାରତ ସରକାରଙ୍କ ଆଇନର ବ୍ୟବସ୍ଥା

୧୯୫୦ ମସିହାର ପ୍ରତିଷେଧମୂଳକ ଅଟକ ଆଇନ, ୧୯୭୧ ମସିହାରେ ଆଭ୍ୟନ୍ତରୀଣ ନିରାପତ୍ତା ଆଇନ, ୧୯୮୭ ମସିହାରେ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ନିବାରଣ ଆଇନ, ୨୦୦୨ ମସିହାରେ ଆତଙ୍କବାଦ ନିବାରଣ ଆଇନ ଇତ୍ୟାଦି ଆଇନ ମାଧ୍ୟମରେ ଭାରତ ସରକାର କଠୋରଭାବେ ଆଭ୍ୟନ୍ତରୀଣ ଆତଙ୍କବାଦ ଓ ସୀମାପାର ଆତଙ୍କବାଦକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମରତ ଅଛନ୍ତି । ବର୍ତ୍ତମାନ ଆତଙ୍କବାଦ କେବଳ ଦେଶୀୟ ସମସ୍ୟା ହୋଇ ରହିନାହିଁ । ବରଂ ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଛି ।

### ୫.୬ ସାରାଂଶ

**ଜାତୀୟ ସଂହତି :**

କୌଣସି ଦେଶର ଲୋକମାନଙ୍କ ମଧ୍ୟରେ ଥିବା ଏକତା ଓ ସଦ୍‌ଭାବକୁ ଜାତୀୟ ସଂହତି କୁହାଯାଏ । 'ବିଭିନ୍ନତା ମଧ୍ୟରେ ଏକତା' ଜାତୀୟ ସଂହତିର ମୂଳ ଲକ୍ଷ୍ୟ ଅଟେ । ଜାତୀୟ ଐକ୍ୟ, ଅଖଣ୍ଡତା ଏବଂ ସ୍ୱାର୍ଥ ସଂରକ୍ଷଣର ଭାବଧାରାକୁ ଜାତୀୟ ସଂହତି କୁହାଯାଏ । ଏହା ଆଞ୍ଚଳିକତା, ଭାଷା ଓ ଧର୍ମ ଆଦି ସଂକୀର୍ଣ୍ଣତାର ବିଲୋପ ସାଧନ କରିଥାଏ । ଏହା ଲୋକମାନଙ୍କ ମନରେ ଏକତା, ସମନ୍ୱୟଭାବ ଓ ଦେଶପ୍ରତି ଆନୁଗତ୍ୟର ଭାବ ଉଦ୍ରେକ କରିଥାଏ ।

**ଭାରତରେ ଜାତୀୟ ସଂହତିର ସମ୍ମୁଖୀନ ହେଉଥିବା ମୁଖ୍ୟ ପ୍ରତିବନ୍ଧକ**

* ଭାରତରେ ଆଞ୍ଚଳିକତାବାଦ (Regionalism) – ଅସ୍ତିସୂଚକ ଅର୍ଥରେ ଆଞ୍ଚଳିକତାବାଦ ହେଉଛି ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରହୁଥିବା ଲୋକମାନଙ୍କର ନିଜର ସ୍ୱତନ୍ତ୍ର ପରିଚୟପାଇଁ ଏକ ପ୍ରଚେଷ୍ଟା ଓ ନାସ୍ତିସୂଚକ ଅର୍ଥରେ ବୃହତ୍

ଭୌଗୋଳିକ ପରିସର ମଧ୍ୟରୁ ଅଲଗା ହେବାପାଇଁ ଏକ ଉଦ୍ୟମ । ଭାରତରେ ଏହା ମୁଖ୍ୟତଃ ନାସ୍ତିସୂଚକ ପ୍ରକୃତିଯୁକ୍ତ ଅଟେ । ଏହାକୁ ଅନ୍ୟ ଅର୍ଥରେ ଉପଜାତୀୟତାବାଦ (Sub-nationalism) ବା ସାଂସ୍କୃତିକ ଜାତୀୟତାବାଦ (Cultural Nationalism) ମଧ୍ୟ କୁହାଯାଇଥାଏ ।

★ ଏହା ରାଜନୈତିକ ଅସନ୍ତୋଷ ପ୍ରକାଶନର ଏକ ମାଧ୍ୟମ ଅଟେ । ସରକାରଙ୍କର ବୈମାତୃକ ମନୋଭାବ, ଅର୍ଥନୈତିକ ଓ ଶିଳ୍ପ ଅନଗ୍ରସରତା, ସଂସ୍କୃତି, ଭାଷା, ଲିପି ଆଦିକୁ ସଂରକ୍ଷଣ କରିବା ପ୍ରଚେଷ୍ଟା ଆଦି କାରଣରୁ ଆଞ୍ଚଳିକତାବାଦର ଜନ୍ମ ଓ ବିକାଶ ସମ୍ଭବ ହୋଇଥାଏ । ଏହି ଆଞ୍ଚଳିକତାବାଦ ଫଳରେ ମହାରାଷ୍ଟ୍ର ଗୁଜୁରାଟ, ଉତ୍ତରାଞ୍ଚଳ, ଝାଡ଼ଖଣ୍ଡ ଆଦି ସ୍ୱତନ୍ତ୍ର ପ୍ରଦେଶ ସ୍ଥାପନ ହୋଇଛି, ମିଜୋ ଆନ୍ଦୋଳନ, ନାଗା ଆନ୍ଦୋଳନ, ଗୁର୍ଖାଲ୍ୟାଣ୍ଡ ଆନ୍ଦୋଳନ, ଖଲିସ୍ତାନ ଆନ୍ଦୋଳନ ଆଦି ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ସଂଘଟିତ ହୋଇଛି । ଆନ୍ତଃ-ରାଜ୍ୟ କନ୍ଦଳ ବୃଦ୍ଧିପାଇଛି । ହିନ୍ଦୀ ବିରୋଧୀ ଆନ୍ଦୋଳନ ଅଧିକ ତୀବ୍ର ହୋଇଛି ।

★ ଡାନିଏଲ୍ ଲର୍ଣରଙ୍କ ମତରେ, ଏହା ଭାରତରେ ସାମାଜିକ ଓ ରାଜନୈତିକ ଅସ୍ଥିରତା ସୃଷ୍ଟିକରି ଜାତୀୟସଂହତିର ପ୍ରତିବନ୍ଧକରୂପେ କାର୍ଯ୍ୟ କରୁଛି ।

★ **ଜାତିବାଦ (Casteism)** – କୁଲେ (Cooley) ଙ୍କ ମତରେ, ଯେତେବେଳେ ଗୋଟିଏ ଶ୍ରେଣୀ ବଂଶାନୁକ୍ରମିକ ନୀତିରେ ନିଜର ସଭ୍ୟପଦ ଅର୍ପଣ କରିଥାଏ, ସେତେବେଳେ ସେହି ଶ୍ରେଣୀକୁ 'ଜାତି' (caste) କୁହାଯାଏ । ଏହା ବ୍ୟକ୍ତିର ସାମାଜିକ ସ୍ଥିତିକୁ ମର୍ଯ୍ୟାଦାପୂର୍ଣ୍ଣ ପୂର୍ବ ନିର୍ଦ୍ଧାରିତ ଓ ନିର୍ଦ୍ଦିଷ୍ଟ ବୃତ୍ତିଭିତ୍ତିକ କରିଥାଏ ।

★ ଭାରତୀୟ ରାଜନୀତିରେ ଜାତିର ପ୍ରଭାବକୁ ବିଶ୍ଳେଷଣ କରି ମୋରିସ୍ ଜୋନ୍‌ସ ମତ ଦେଇଛନ୍ତି ଯେ ଜାତିପ୍ରଥା ନଥିବା ଏକ ଶ୍ରେଣୀ ପ୍ରତିଷ୍ଠାପାଇଁ ସ୍ୱର ଉତ୍ତୋଳନ କରୁଥିବା ରାଜନୀତିଜ୍ଞମାନେ ବାସ୍ତବରେ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ମନୋନୟନଠାରୁ ଆରମ୍ଭ କରି ନିର୍ବାଚନ ପ୍ରଚାର ପ୍ରକ୍ରିୟା ଓ ଶାସନଗତ ସ୍ଥିରତାପାଇଁ ଏହି ଜାତିପ୍ରଥା ଉପରେହିଁ ନିର୍ଭର କରିଥାନ୍ତି ।

★ ଭାରତରେ ଜାତିର ରାଜନୀତିକରଣପାଇଁ ସାଂପ୍ରଦାୟିକ ରାଜନୀତି, ପୁରାତନ ସାମାଜିକ ସଂସ୍କୃତି, ଦାରିଦ୍ର୍ୟ ଓ ନିରକ୍ଷରତା, ଏକ ସଫଳ ଚାପଗୋଷ୍ଠୀରୂପେ ଜାତିର ଭୂମିକା, ସରକାରଙ୍କ 'ସଂରକ୍ଷଣ ନୀତି' ମାଧ୍ୟମରେ ଜାତିଗତ ରାଜନୀତିର ଆନୁଷ୍ଠାନିକ ପରିପ୍ରକାଶ ଆଦି କାରଣ ମୁଖ୍ୟତଃ ଦାୟୀ ।

★ ଜାତୀୟ ସଂହତି ତଥା ଜାତୀୟତାବାଦର ବିକାଶପାଇଁ ଜାତିର ସଂକୀର୍ଣ୍ଣତାଯୁକ୍ତ ପ୍ରଭାବରୁ ରାଜନୀତି ମୁକ୍ତ ରହିବା ଅତ୍ୟନ୍ତ ଜରୁରୀ ଅଟେ ।

★ **ସାମ୍ପ୍ରଦାୟିକତାବାଦ (Communalism)** – ସାଂପ୍ରଦାୟିକତା ଧାର୍ମିକ ଗୋଷ୍ଠୀର ରାଜନୈତିକ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଇଚ୍ଛାର ସାଧନପାଇଁ ପ୍ରଚେଷ୍ଟାରୁ ଜନ୍ମ ହୋଇଥାଏ । ଭାରତରେ ଉଭୟ ମୁସଲମାନ ସାଂପ୍ରଦାୟିକତା ଓ ହିନ୍ଦୁ ସାଂପ୍ରଦାୟିକତାର ସ୍ଥିତି ଓ ବିକାଶ ସମ୍ଭବ ହୋଇଛି । ଧର୍ମାନ୍ଧ ଧାର୍ମିକ ସଂଗଠନ, ବୈଦେଶିକ ଶକ୍ତିର ପ୍ରୋତ୍ସାହନ ଓ ଆର୍ଥିକ ସାହାଯ୍ୟ, ସଂଖ୍ୟାନ୍ୟୂନ ସଂସ୍କୃତିର ସଂରକ୍ଷଣ ଆଳରେ ଜାତିଗତ ବିଦ୍ୱେଷ ଭାବର ସୃଷ୍ଟି, ରାଜନୈତିକ ଦଳମାନଙ୍କଦ୍ୱାରା ଭୋଟ ରାଜନୀତିରେ ଧର୍ମର ଅପପ୍ରୟୋଗ, ଭାରତ-ପାକିସ୍ତାନ ଯୁଦ୍ଧ ଆଦି ବିବିଧ କାରଣରୁ ଭାରତରେ ସାଂପ୍ରଦାୟିକତାର ବିକାଶ ସମ୍ଭବ ହୋଇଛି । କିନ୍ତୁ ବିଭିନ୍ନ କମିଶନ ରାଜନୈତିକ ଦଳମାନଙ୍କୁ ଏହି ସାଂପ୍ରଦାୟିକତା ସୃଷ୍ଟିର ମୁଖ୍ୟ କାରଣରୂପେ ସୂଚିତ କରିଛନ୍ତି । ଜାତୀୟ ସଂହତିର ଏହା ଏକ ମୁଖ୍ୟ ପ୍ରତିବନ୍ଧକ ଅଟେ ।

★ ଭାରତରେ ସାଂପ୍ରଦାୟିକତାର କାରଣ - (୧) ଧର୍ମାନ୍ଧ ଧାର୍ମିକ ସଂଗଠନ; (୨) ବୈଦେଶିକ ଶକ୍ତିର ପ୍ରୋତ୍ସାହନ ଓ ଆର୍ଥିକ ସାହାଯ୍ୟ; (୩) ସଂଖ୍ୟାନ୍ୟୂନ ସଂସ୍କୃତିର ସଂରକ୍ଷଣ ଆଳରେ ଜାତିଗତ ବିଦ୍ୱେଷ ଭାବର ସୃଷ୍ଟି; (୪) ରାଜନୈତିକ ଦଳମାନଙ୍କ ଦ୍ୱାରା ଭୋଟ ରାଜନୀତିରେ ଧର୍ମର ଅପପ୍ରୟୋଗ; (୫) ଇତିହାସର ସାଂପ୍ରଦାୟିକରଣ; (୬) ଅର୍ଥନୈତିକ ଅନଗ୍ରସରତା; (୭) ପାରସ୍ପରିକ ଅବିଶ୍ୱାସ ଓ ଭୟ; (୮) ଗଣମାଧ୍ୟମର ନାସ୍ତିସୂଚକ ଭୂମିକା; (୯) ବିଭିନ୍ନ ସଂପ୍ରଦାୟ ମଧ୍ୟରେ ଏକାକୀ ସ୍ୱଭାବ; ଓ (୧୦) ତୁଷ୍ଟିକରଣ ରାଜନୀତି ଓ ଅଣନିରପେକ୍ଷ ଶାସନତନ୍ତ୍ର ।

★ ଆତଙ୍କବାଦ: ମୌଳିକ ଅର୍ଥରେ ଆତଙ୍କବାଦ ରାଷ୍ଟ୍ରଦ୍ୱାରା ପ୍ରାୟୋଜିତ ଓ ବ୍ୟବହୃତ ହେଉଥିଲେ ମଧ୍ୟ ବର୍ତ୍ତମାନ ବେସରକାରୀ ସଙ୍ଗଠନଦ୍ୱାରା ନିଜର ସଂକୀର୍ଣ୍ଣ ରାଜନୈତିକ ଲକ୍ଷ୍ୟ ସାଧନ ପାଇଁ ସାଧାରଣ ନିରୀହ ଲୋକଙ୍କୁ ହତ୍ୟା ଓ ଭୟଭୀତ କରିବା ଲକ୍ଷ୍ୟରେ ଏହା ଉପଯୋଗ ହେଉଛି । ଆତଙ୍କବାଦୀମାନେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରନ୍ତି । ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦରେ ପ୍ରୟୋଜନ ରାଷ୍ଟ୍ର ହିଁ ସମସ୍ତ ଅର୍ଥ ଯୋଗାଣ କରିଥାଏ ।

## ୫.୭ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

ବିକଳ୍ପ ପ୍ରଦତ୍ତ ପ୍ରଶ୍ନ ଓ ଉତ୍ତର ।

୧ । ଇଂରେଜ ଶାସନ ସମୟରେ 'ବିଭାଜନ ଓ ଶାସନ' (Divide and Rule) ନୀତି ________ ର ପ୍ରସାରପାଇଁ ସାହାଯ୍ୟ କରୁଛି ।

(i) ଧର୍ମନିରପେକ୍ଷତା (ii) ସମାଜବାଦ

(iii) ସାମ୍ପ୍ରଦାୟିକତାବାଦ (iv) ସାମାଜିକ ନ୍ୟାୟ

ଉ – (iii) ସାଂପ୍ରଦାୟିକତାବାଦ (Communalism)

୨ । ________ ଙ୍କ ମତରେ, ଭାରତରେ 'ଜାତି'(Caste) ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଦଳ ଅଟେ ।

(i) ଗାନ୍ଧି (ii) ବିନୋବାଭାବେ

(iii) ଜବାହାରଲାଲ୍ ନେହେରୁ (iv) ଜୟପ୍ରକାଶ ନାରାୟଣ

ଉ – (iv) ଜୟପ୍ରକାଶ ନାରାୟଣ ।

୩ । ବିଚ୍ଛିନ୍ନତାବାଦ (Separatism) ________ ର ଚରମ ରୂପ ଅଟେ ।

(i) ଆଞ୍ଚଳିକତାବାଦ (ii) ଧର୍ମନିରପେକ୍ଷବାଦ

(iii) ଜାତୀୟ ସଂହତି (iv) ଜାତୀୟତାବାଦ

ଉ – (i) ଆଞ୍ଚଳିକତାବାଦ (Regionalism) ।

୪ । ଭାରତ ଏକ ବହୁବାଦୀ ସମାଜ (Pluralistic Society) ହୋଇଥିବାରୁ ଏଠାରେ ଆଞ୍ଚଳିକତାବାଦ ଓ ଜାତୀୟତାବାଦ ପରସ୍ପରର ________ ହେବା ଉଚିତ ।

(i) ସହଯୋଗୀ ବା ପରିପୂରକ (ii) ବିରୋଧି (iii) ବିତସ୍ପୃହ (iv) ଶତ୍ରୁ

ଉ – (i) ସହଯୋଗୀ ବା ପରିପୂରକ ।

୫ । ଆଞ୍ଚଳିକତାବାଦ ଓ ସାଂପ୍ରଦାୟିକତା ________ ଏକତା ପ୍ରତି ଏକ ବିପଦ ଅଟେ ।

(i) ଆନ୍ତର୍ଜାତୀୟ (ii) ଜାତୀୟ (iii) ଧାର୍ମିକ (iv) ସାମାଜିକ

ଉ – (ii) ଜାତୀୟ

୬ । ନାସ୍ତିସୂଚକ ଅର୍ଥରେ ଆଞ୍ଚଳିକତାବାଦର ଅର୍ଥ ହେଉଛି ________

(i) ନିଜ ଅଞ୍ଚଳ ପ୍ରତି ଅତ୍ୟଧିକ ଦୁର୍ବଳତା (ii) ନିଜ ସଂସ୍କୃତି ପ୍ରତି ପ୍ରେମ

(iii) ନିଜ ଅଞ୍ଚଳରେ ବସତିସ୍ଥାପନ (iv) ଜାତୀୟ ସ୍ୱାର୍ଥ ଅପେକ୍ଷା ଆଞ୍ଚଳିକ ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱ ଆରୋପ

ଉ – (iv) ଜାତୀୟ ସ୍ୱାର୍ଥ ଅପେକ୍ଷା ଆଞ୍ଚଳିକ ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱ ଆରୋପ ।

୭ । ଜାତିବାଦ ଏକ

(i) କୁ- ଆବଶ୍ୟକତା (ii)ସାମାଜିକ ମନ୍ଦ ବ୍ୟବସ୍ଥା

(iii) ପ୍ରାକୃତିକ ବିଷୟ (iv) ନୈତିକ ମନ୍ଦ ବ୍ୟବସ୍ଥା

ଉ – (ii) ସାମାଜିକ ମନ୍ଦ ବ୍ୟବସ୍ଥା

୮ । ଆଞ୍ଚଳିକତାବାଦର ପ୍ରତିରୋଧ ପାଇଁ କ'ଣ ଆବଶ୍ୟକ ?

(i) ଶିକ୍ଷାର ପ୍ରସାର (ii)ଜାତୀୟ ସଂହତିର ବିକାଶ

(iii) ଦ୍ରୁତ ଅର୍ଥନୈତିକ ଉନ୍ନତି (iv) ଉପରୋକ୍ତ ସମସ୍ତ ଉପାଦାନ ।

ଉ – (iv) ଉପରୋକ୍ତ ସମସ୍ତ ଉପାଦାନ

୯ । ଜାତିବାଦକୁ କେଉଁ ଉପାୟରେ ପ୍ରତିରୋଧ କରାଯାଇ ପାରିବ ?

(i) ଆଇନଗତ ପ୍ରତିବନ୍ଧକ (ii) ଧାର୍ମିକ ସଂସ୍କାର

(iii) ଉତ୍ତମ ପାରିବାରିକ ସଂପର୍କ (iv) ଧର୍ମନିରପେକ୍ଷତାବାଦ ଓ ଶିକ୍ଷାର ପ୍ରସାର

ଉ – (iv) ଧର୍ମନିରପେକ୍ଷତାବାଦ ଓ ଶିକ୍ଷାର ପ୍ରସାର ।

୧୦ । ସମାଜରେ ସାଂପ୍ରଦାୟିକତାବାଦକୁ କିଏ ଉତ୍ସାହିତ କରେ ?

(i) ଇତିହାସର ସାଂପ୍ରଦାୟିକରଣ (ii) ସାଂପ୍ରଦାୟିକ ରାଜନୀତି

(iii) ସାଂପ୍ରଦାୟିକ ଚିନ୍ତାଧାରା (iv) ଉପରୋକ୍ତ ସମସ୍ତ ଉପାଦାନ

ଉ – (iv) ଉପରୋକ୍ତ ସମସ୍ତ ଉପାଦାନ

୧୧ । ସାଂପ୍ରଦାୟିକତାବାଦକୁ କିଏ ନିୟନ୍ତ୍ରଣ କରିପାରିବ ?

(i) ସରକାର (ii) ସାମରିକ ବିଭାଗ (iii) ଜନସାଧାରଣ (iv) ପୋଲିସ

ଉ – (iii) ଜନସାଧାରଣ

ନିମ୍ନୋକ୍ତ ପଦକୁ ଦୁଇଟି ବାକ୍ୟରେବୁଝାଇ ଲେଖ ।

୧ । ଆଞ୍ଚଳିକତାବାଦ କ'ଣ ?

ଉ– ମହାଜାତୀୟ ଚିନ୍ତା ଓ ଚେତନାରୁ ଦୂରେଇଯାଇ, ତାହାକୁ ବିରୋଧ କରି କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଅତ୍ୟଧିକ ଭଲ ପାଇବା ଏବଂ ଅନ୍ୟ ଅଞ୍ଚଳ ପ୍ରତି ଅସହିଷ୍ଣୁ ଓ ବିଦ୍ୱେଷୀ ହେବାକୁ ଆଞ୍ଚଳିକତାବାଦ କୁହାଯାଏ ।

୨ । ଆଞ୍ଚଳିକତାବାଦର ବିଭିନ୍ନ ସ୍ୱରୂପ ଦର୍ଶାଅ ।

ଉ– ଆଞ୍ଚଳିକତାବାଦର ବିଭିନ୍ନ ସ୍ୱରୂପ ହେଲା (i) ବିଚ୍ଛିନ୍ନତା ପାଇଁ ଦାବି, (ii) ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି, (iii) ପୂର୍ଣ୍ଣ ରାଜ୍ୟପାହ୍ୟା ଦାବି, (iv) ଆନ୍ତଃ-ରାଜ୍ୟ ବିବାଦ, (v) ଭାଷାଗତ ବିବାଦ (vi) ଭୂମିପୁତ୍ର ନୀତି ଇତ୍ୟାଦି ।

୩ । ଜାତିବାଦ କ'ଣ ?

ଉ– ଉଗ୍ର ଜାତିପ୍ରୀତି ଓ ଅନ୍ୟ ଜାତି ପ୍ରତି ତୁଳନାତ୍ମକ ବିଦ୍ୱେଷ ଜନିତ ଚେତନାକୁ ଜାତିଆଣ ଭାବ କୁହାଯାଏ । ମୂଳତଃ ଏହା ଶ୍ରମ ବିଭାଜନ ନୀତିରେ ସୃଷ୍ଟି ହୋଇଥିଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ସଂକୀର୍ଣ୍ଣ ଓ ଜଟିଳ ହୋଇପଡ଼ିଲା ।

୪ । ସାଂପ୍ରଦାୟିକତାବାଦ କ'ଣ ?

ଉ– ଅନ୍ୟ ସମ୍ପ୍ରଦାୟ ପ୍ରତି ବିଦ୍ୱେଷ, ବିରୋଧାଭାସ, ହିଂସା କିମ୍ବା ଶତ୍ରୁତା ପ୍ରକାଶ କରିବା ଅଥବା ତାହାର କ୍ଷତିସାଧନ କରିବାକୁ ସାମ୍ପ୍ରଦାୟିକତାବାଦ କୁହାଯାଏ । ଭାରତରେ ସାମ୍ପ୍ରଦାୟିକତାବାଦ ମୁଖ୍ୟତଃ ଧର୍ମ-ସାଂପ୍ରଦାୟିକତାବାଦ ଅଟେ ।

୧ । ଜାତୀୟ ସଂହତିର ମୁଖ୍ୟ ପ୍ରତିବନ୍ଧକ କ'ଣ ?

ଉ– ସାମ୍ପ୍ରଦାୟିକତା, ଦାରିଦ୍ର୍ୟ, ନିରକ୍ଷରତା, ଆଞ୍ଚଳିକତାବାଦ, ଭାଷାଗତ ବିଭେଦତା, ଜାତିଆଣଭାବ, ଦୁର୍ନୀତି ଆଦି ଜାତୀୟସଂହତିର ମୁଖ୍ୟ ପ୍ରତିବନ୍ଧକ ଅଟେ ।

୨ । ଆଞ୍ଚଳିକତାବାଦ ଜାତୀୟ ସଂହତି କ୍ଷେତ୍ରରେ କିପରି ପ୍ରତିବନ୍ଧକ ସୃଷ୍ଟି କରେ ।

ଉ– ଆଞ୍ଚଳିକତାବାଦ, ସଂକୀର୍ଣ୍ଣ ସ୍ୱାର୍ଥଯୁକ୍ତ ଆଞ୍ଚଳିକ ଦଳ ସୃଷ୍ଟି କରିବା, ଆନ୍ତଃ-ରାଜ୍ୟ ଏବଂ କେନ୍ଦ୍ର-ରାଜ୍ୟ ବିବାଦକୁ ଘନୀଭୂତ କରିବା, ବିଚ୍ଛିନ୍ନତାବାଦୀ ରାଜନୈତିକ ଆନ୍ଦୋଳନକୁ ଜନ୍ମ ଓ ପ୍ରୋତ୍ସାହନ ଦେବା ଆଦି କୁପ୍ରଭାବର ଜନ୍ମ ଦାତା ଅଟେ ଯାହା ଜାତୀୟ ସଂହତି ପ୍ରତି ବିପଦ ସୃଷ୍ଟି କରିଥାଏ ।

୩ । ଭାରତରେ ସାଂପ୍ରଦାୟିକତାବାଦର ବିଭିନ୍ନ କାରଣଗୁଡ଼ିକ ଦର୍ଶାଅ ।

ଉ– ଭାରତରେ ସାଂପ୍ରଦାୟିକତାବାଦର ବିଭିନ୍ନ କାରଣଗୁଡ଼ିକ ହେଲା – (i) ବିକୃତ ମାନସିକତା, (ii) ତୁଷ୍ଟିକରଣ ରାଜନୀତି, (iii) ଇତିହାସର ସାଂପ୍ରଦାୟିକରଣ, (iv) ଅର୍ଥନୈତିକ ଅନଗ୍ରସରତା, (v) ଧର୍ମାନ୍ଧତା, (vi) ସାଂପ୍ରଦାୟିକ ଦଳ ଓ ସଙ୍ଗଠନ; (vii) ହିନ୍ଦୁ ଉଗ୍ର ରାଷ୍ଟ୍ରବାଦ, (viii) ପାରସ୍ପରିକ ଅବିଶ୍ୱାସ ଓ ଭୟ ।

୪ । ଆଞ୍ଚଳିକତାବାଦର ପ୍ରତିରୋଧ ପାଇଁ କେଉଁ କେଉଁ ପଦକ୍ଷେପ ନେବା ଆବଶ୍ୟକ ?

ଉ– ଆଞ୍ଚଳିକତାବାଦର ପ୍ରତିରୋଧ ପାଇଁ ନିମ୍ନଲିଖିତ ପଦକ୍ଷେପ ନେବା ଉଚିତ – (i) ଶିକ୍ଷାର ପ୍ରସାର; (ii) ଦେଶର ପ୍ରତ୍ୟେକ ଅଞ୍ଚଳର ସନ୍ତୁଳିତ ଅର୍ଥନୈତିକ ବିକାଶ, (iii) ଧର୍ମନିରପେକ୍ଷତା ନୀତିକୁ ଜୀବନଧାରା ରୂପେ ଗ୍ରହଣ କରିବା, (iv) ଜାତୀୟ

ସଂହତି ରକ୍ଷା କ୍ଷେତ୍ରରେ ସଂଯତ ଓ ନିରପେକ୍ଷ ଗଣମାଧ୍ୟମର ଭୂମିକା, (v) ରାଜ୍ୟମାନଙ୍କୁ ଅଧିକ ସ୍ୱାୟତ୍ତତା ପ୍ରଦାନ, (vi) ଆନ୍ତଃ-ରାଜ୍ୟ ବିବାଦର ସରଳ ଓ ତ୍ୱରିତ ବୁଝାମଣା ଭିତ୍ତିକ ସମାଧାନ ।

୫ । ଭାରତୀୟ ରାଜୀନତିରେ ଜାତିର ଭୂମିକା କ'ଣ ?

ଉ– ଜାତି ଭାରତୀୟ ରାଜନୀତିରେ ଏକ ପ୍ରମୁଖ ଉପାଦାନ ଅଟେ । ରାଜନୈତିକ ଦଳମାନେ ନିର୍ବାଚନରେ ପ୍ରାର୍ଥୀ ଚୟନ କଲାବେଳେ, ନିର୍ବାଚନ ପ୍ରଚାର ସମୟରେ ଭୋଟଦାତାଙ୍କର ଭୋଟଦାନର ବ୍ୟବହାରକୁ ପ୍ରଭାବିତ କରିବାପାଇଁ, ରାଜନୈତିକ ନେତୃତ୍ୱ ସୃଷ୍ଟି ତଥା ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟାକୁ ପ୍ରଭାବିତ କରିବା କ୍ଷେତ୍ରରେ ଏହି ଉପାଦାନର ଉପଯୋଗ କରିଥା'ନ୍ତି ।

୬ । ସାଂପ୍ରଦାୟିକତାବାଦ ଏକ ମାନସିକ ରୋଗ - ମନ୍ତବ୍ୟ ଦିଅ ।

ଉ– ସଂକୀର୍ଣ୍ଣ ଓ ଉଗ୍ର ବିଚାରଧାରୀରୁ ସାଂପ୍ରଦାୟିକତା ଜନ୍ମ ନେଇଥାଏ । ଏଣୁ ଏହା ଏକ ମାନସିକ ରୋଗ ଯାହାକି ମଣିଷର ବୁଦ୍ଧି, ବିବେକ ଓ ଯୁକ୍ତିଶୀଳତାକୁ ନଷ୍ଟ କରି ଘୃଣା, ହିଂସା ଓ ହତ୍ୟାର ବିଭିଷିକା ସୃଷ୍ଟି କରେ ।

୭ । ସାଂପ୍ରଦାୟିକତାବାଦର ବିଭିନ୍ନ ସ୍ୱରୂପ କ'ଣ ?

ଉ– ସାଂପ୍ରଦାୟିକତାବାଦର ନିମ୍ନଲିଖିତ ବିଭିନ୍ନ ସ୍ୱରୂପ ରହିଛି, ଯଥା– (i) ଧାର୍ମିକ ସାଂପ୍ରଦାୟିକତାବାଦ, (ii) ଭାଷାଗତ ସାଂପ୍ରଦାୟିକତାବାଦ, (iii) ଆଞ୍ଚଳିକ ସାଂପ୍ରଦାୟିକତାବଦ ଇତ୍ୟାଦି ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

୧ ଭାରତୀୟ ରାଜନୀତିରେ ଆଞ୍ଚଳିକତାବାଦ (Regionalism) ର ପ୍ରଭାବର ଏକ ବିଶ୍ଳେଷଣାତ୍ମକ ଅଧ୍ୟୟନ କର ।

୨. ଭାରତୀୟ ରାଜନୀତିରେ ଜାତିବାଦ (Casteism) ର ପ୍ରଭାବର ଏକ ତାତ୍ତ୍ୱିକ ଅଧ୍ୟୟନ କର ।

୩. ଭାରତୀୟ ରାଜନୀତିରେ ସାଂପ୍ରଦାୟିକତା Communalism) ର ପ୍ରଭାବର ଏକ ବିଶ୍ଳେଷଣାତ୍ମକ ଅଧ୍ୟୟନ କର ।

୪. ଆତଙ୍କବାଦ କ'ଣ ? ଏହାର କାରଣ, ଶ୍ରେଣୀବିଭାଗ ଓ ନିରାକରଣ ସମ୍ପର୍କରେ ଆଲୋଚନା କର ।

## ୫.୮ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀଉତ୍ତର

୧. ୫.୨ ର ପାଠ ଦେଖ ।

୨. ୫.୩ ର ପାଠ ଦେଖ ।

୩. ୫.୪ ର ପାଠ ଦେଖ ।

୪. ୫.୫ ର ପାଠ ଦେଖ ।

❖❖❖

**ଷଷ୍ଠ ଅଧ୍ୟାୟ**

# ଭାରତୀୟ ରାଜନୀତିରେ ସାଂପ୍ରତିକ ପ୍ରସଙ୍ଗ

# CONTEMPORAR ISSUES IN INDIAN POLITICS

## ଜନପ୍ରିୟ ଆନ୍ଦୋଳନ - ନାରୀ ଆନ୍ଦୋଳନ, ପରିବେଶ ସୁରକ୍ଷା ଆନ୍ଦୋଳନ, ବିକାଶ-ବିସ୍ଥାପିତ ଆନ୍ଦୋଳନ

ସଂରଚନା :


| | |
|---|---|
| ୬. | ଉଦ୍ଦେଶ୍ୟ |
| ୬.୧ | ନାରୀ ଆନ୍ଦୋଳନ (Women Movement) |
| ୬.୧.୧ | ଭାରତରେ ନାରୀ ଆନ୍ଦୋଳନର ସ୍ୱରୂପ |
| ୬.୧,୨ | ଭାରତରେ ନାରୀ ଆନ୍ଦୋଳନ ସମ୍ମୁଖରେ ମୁଖ୍ୟ ବିଷୟ ଓ କାର୍ଯ୍ୟକ୍ଷେତ୍ର |
| ୬.୨ | ପରିବେଶ ଆନ୍ଦୋଳନ (Environmental Movement) |
| ୬.୨.୧ | ବର୍ତ୍ତମାନର ପରିବେଶ ଆନ୍ଦୋଳନ ର ବିକାଶ |
| ୬.୩ | ବିକାଶ ବିସ୍ଥାପନ ଆନ୍ଦୋଳନ (Development-Displacement Movement) |
| ୬.୩.୧ | ଭାରତବର୍ଷରେ ଦେଖାଦେଇଥିବା ବିକାଶ ବିସ୍ଥାପନ ଆନ୍ଦୋଳନ |
| ୬.୩.୨ | ଆନ୍ଦୋଳନର ମୂଳ କାରଣ |
| ୬.୩.୩ | ବିକାଶ ଓ ବିସ୍ଥାପନ ଆନ୍ଦୋଳନର ସମାଲୋଚନା |
| ୬.୩.୪ | ଗୁରୁତ୍ୱପୂର୍ଣ୍ଣ ବିକାଶ ଓ ବିସ୍ଥାପର୍ନ ଆନ୍ଦୋଳନ |
| ୬.୪ | ସାରାଂଶ |
| ୬.୫ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ |
| ୬.୬ | ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର |

**୬. ଉଦ୍ଦେଶ୍ୟ :**

ଏହି ପରିଚ୍ଛେଦ ପାଠପରେ ଆପଣମାନେ .....

- ଭାରତରେ ସଂଘଟିତ ବିଭିନ୍ନ ଜନପ୍ରିୟ ଆନ୍ଦୋଳନ ସଂପର୍କରେ ତଥ୍ୟ ପାଇପାରିବେ ।
- ଭାରତରେ ନାରୀ ଆନ୍ଦୋଳନର ଅଗ୍ରଗତି ଓ ବର୍ତ୍ତମାନର ସ୍ୱରୂପ ବିଷୟରେ ଜାଣିପାରିବେ ।
- ଭାରତରେ ବିଭିନ୍ନ ପରିବେଶ ସୁରକ୍ଷା ଆନ୍ଦୋଳନର କାରଣ ଓ ପ୍ରଭାବ ସଂପର୍କରେ ଅବଗତ ହେବେ ।
- ଭାରତରେ ବିକାଶ ପାଇଁ ସଂଘଟିତ ବିଭିନ୍ନ ବିସ୍ଥାପନ ଆନ୍ଦୋଳନର କାରଣ ଓ ସ୍ୱରୂପ ସଂପର୍କରେ ଜ୍ଞାନ ଆହରଣ କରିବେ ।

## ୬.୧ ନାରୀ ଆନ୍ଦୋଳନ (Women Movement)

### ୬.୧.୧ ଭାରତରେ ନାରୀ ଆନ୍ଦୋଳନର ସ୍ୱରୂପ

ଭାରତରେ ସ୍ତ୍ରୀ ଜାତିବାଦ ପାଶ୍ଚାତ୍ୟ 'ଆମୂଳ ସଂସ୍କାରବାଦୀ ସ୍ତ୍ରୀ ଜାତିବାଦ' (Radical Feminism) ରେ ବିଶ୍ୱାସ ନକରି 'ନାରୀ ଜାଗରଣ', 'ନାରୀର ମର୍ଯ୍ୟାଦା ବୃଦ୍ଧି', 'ନାରୀ ସମାନତା' ଆଦି ଉପାଦାନ ଉପରେ ଆଧାରିତ ସ୍ତ୍ରୀ ଜାତିବାଦକୁ ସମର୍ଥନ କରିଥାଏ । ପୁରୁଷ ପ୍ରାଧାନ୍ୟ ହିନ୍ଦୁ ସମାଜରେ ନାରୀର ସ୍ଥିତିକୁ ସାମାଜିକ, ସାଂସ୍କୃତିକ, ଆଇନଗତ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସାବ୍ୟସ୍ତ କରିବାପାଇଁ ଏହା ଲକ୍ଷ୍ୟ ରଖିଥାଏ । ଭାରତରେ ନାରୀ ଆନ୍ଦୋଳନକୁ ନିଜସ୍ୱ ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମିରେ ବ୍ୟବଚ୍ଛେଦ କରାଯିବା ଆବଶ୍ୟକ । ଭାରତୀୟ ସମାଜ ରକ୍ଷଣଶୀଳ, ସ୍ତରୀକୃତ, ବହୁବାଦୀ, ଧାର୍ମିକ ମୌଳବାଦୀ ପ୍ରକୃତିଯୁକ୍ତ ଅଟେ ଓ ଏହି ପ୍ରଚ୍ଛଦପଟରେ ନାରୀର ମର୍ଯ୍ୟାଦା ପୁରୁଷମାନଙ୍କ ତୁଳନାରେ ନ୍ୟୁନତର ଅଟେ ।

ପ୍ରାକ୍-ବୈଦିକ ସମାଜରେ ନାରୀ ପୁରୁଷ ସହ ସମାନ ମର୍ଯ୍ୟାଦା ଉପଭୋଗ କରୁଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସଂପତ୍ତି ଆଦି କ୍ଷେତ୍ରରେ ନାରୀର ଅଧିକାରକୁ ସ୍ୱୀକୃତି ଦିଆଗଲା ନାହିଁ । ବୌଦ୍ଧଧର୍ମର ପ୍ରସାର ସମୟରେ ନାରୀକୁ ଜ୍ଞାନ ଅର୍ଜନର ଅଧିକାର ଦିଆଯାଇଥିଲେ ମଧ୍ୟ ଗୁପ୍ତଯୁଗରେ ନାରୀର ମର୍ଯ୍ୟାଦା କ୍ଷେତ୍ରରେ ଦ୍ରୁତ ଅବନତି ପରିଲକ୍ଷିତ ହୋଇଥିଲା । ବିଧବା ବିବାହ ବନ୍ଦ, ଯୌତୁକପ୍ରଥାର ଗୁରୁତ୍ୱ ବୃଦ୍ଧି, ସତୀପ୍ରଥାର ପ୍ରସାର ଆଦି ନାରୀ ସମାନତା ଓ ମର୍ଯ୍ୟାଦା ବିରୋଧୀ ଥିଲା । ବାଲ୍ୟ ବିବାହ, ସତୀ, ଅନ୍ଧବିଶ୍ୱାସ, ରକ୍ଷଣଶୀଳତା, ପରଦାପ୍ରଥା ଆଦି ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତୀୟ ସମାଜରେ ନାରୀର ସ୍ୱତନ୍ତ୍ରତା ଓ ସ୍ଥିତିକୁ ସଙ୍କୁଚିତ ଓ ଅମର୍ଯ୍ୟାଦାଯୁକ୍ତ କରିଥିଲା । କିନ୍ତୁ ଉନବିଂଶ ଶତାବ୍ଦୀରେ ବିଭିନ୍ନ ସଂସ୍କାର ଆନ୍ଦୋଳନ କରାଯାଇ ଭାରତୀୟ ସମାଜରେ ନାରୀର ମର୍ଯ୍ୟାଦା ବୃଦ୍ଧିପାଇଁ ପଦକ୍ଷେପ ନିଆଯାଇଥିଲା । ରାଜା ରାମମୋହନ ରାୟ 1828 ମସିହାରେ ସତୀ ନିରୋଧ ଆଇନକୁ ସମର୍ଥନ କରିଥିଲେ । ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବିଧବା ବିବାହ ସପକ୍ଷରେ ଆନ୍ଦୋଳନ କରି 1856 ମସିହାରେ ହିନ୍ଦୁ ବିଧବା ବିବାହ ଆଇନ ଗୃହୀତ କରିବାରେ ସକ୍ଷମ ହୋଇଥିଲେ । 1861 ମସିହାରେ ବମ୍ବେଠାରେ ଗୋଟିଏ ବିଧବା ବିବାହ ସଂଘ ଗଠିତ ହୋଇଥିଲା । ଆର୍ଯ୍ୟସମାଜ ନାରୀ ସ୍ୱାଧିନତା ଓ ମର୍ଯ୍ୟାଦା ସପକ୍ଷରେ କାର୍ଯ୍ୟ କରିଥିଲା । 1927 ମସିହାରେ ସର୍ବଭାରତୀୟ ମହିଳା ସମ୍ମିଳନୀ ପ୍ରତିଷ୍ଠିତ ହୋଇଥିଲା । 1930-1940 ମସିହାରେ ମଧ୍ୟବିତ୍ତ ଶ୍ରେଣୀର ମହିଳାମାନେ ଚାକିରିରେ ଯୋଗଦାନ କରିବା ଆରମ୍ଭ କଲେ ।

ବ୍ରିଟିଶ୍ ସରକାର 1829 ମସିହାରେ ସତୀନିରୋଧ ଆଇନ, 1856 ମସିହାରେ ବିଧବା ବିବାହ ଆଇନ, 1870 ମସିହାରେ ମହିଳା ଦୁଗ୍ଧପୋଷ୍ୟ ଶିଶୁ ହତ୍ୟା ନିରୋଧ ଆଇନ, 1872 ମସିହାରେ ଆନ୍ତଃ-ସଂପ୍ରଦାୟ ବିବାହ ଆଇନ, 1929 ମସିହାରେ

ଶାରଦା ଆଇନ ବା ବାଲ୍ୟ ବିବାହ ନିରୋଧ ଆଇନ, ମାନ୍ଦ୍ରାସ ପ୍ରଦେଶରେ 1921 ମସିହାରେ ନାରୀ ଭୋଟଦାନ ଆଇନଗତ ବ୍ୟବସ୍ଥା ଗ୍ରହଣ କରିଥିଲେ ।

ସ୍ୱାଧୀନତା ପରେ ଭାରତ ସରକାର ନିମ୍ନଲିଖିତ ବିବିଧ ପଦକ୍ଷେପ ନେଇ ନାରୀ ସ୍ୱାଧୀନତାପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛନ୍ତି –

(i) 1954 ମସିହାରେ ସ୍ୱତନ୍ତ୍ର ବିବାହ ଆଇନ ବଳରେ ଦେଓ୍ୱାନୀ ଅଦାଲତରେ ବିବାହ ସମାପନ କରାଯିବା ସହ ଆନ୍ତଃ-ଜାତି ଓ ଆନ୍ତଃ-ସଂପ୍ରଦାୟ ବିବାହକୁ ଆଇନଗତ ସ୍ୱୀକୃତି ଦିଆଯାଇଛି ।

(ii) 1955 ମସିହାରେ ହିନ୍ଦୁ ବିବାହ ଆଇନ ଛାଡପତ୍ର ଓ ଜୀବନଧାରଣ ଭତ୍ତା ପାଇବାକ୍ଷେତ୍ରରେ ନାରୀକୁ ପୁରୁଷ ସହ ସମାନ ସୁଯୋଗ ପ୍ରଦାନ କରିଛି ।

(iii) 1956 ମସିହା ହିନ୍ଦୁ ପୋଷ୍ୟ ସନ୍ତାନ ଗ୍ରହଣ ଆଇନକୁ ସୁସ୍ଥ ମସ୍ତିଷ୍କଯୁକ୍ତ ମହିଳା ନିଜର ପୁତ୍ର ଓ କନ୍ୟାରୂପେ ଜଣେ ବାଳକ ଓ ବାଳିକାକୁ ପୋଷ୍ୟସନ୍ତାନ ହିସାବରେ ଗ୍ରହଣ କରିପାରିବାର ଅଧିକାର ଦେଇଛି ।

(iv) 1956 ମସିହାରେ ହିନ୍ଦୁ ନାବାଳକ ଓ ଅଭିଭାବକ ଆଇନ ଜଣେ ମହିଳାକୁ ତାଙ୍କର ନାବାଳକ ସନ୍ତାନର ପ୍ରାକୃତିକ ଅଭିଭାବକ ହେବାର ଅଧିକାର ପ୍ରଦାନ କରିଛି ।

(v) 1956 ମସିହାର ହିନ୍ଦୁ ଉତ୍ତରାଧିକାର ସଂପତ୍ତି ଗ୍ରହଣ ଆଇନ ପାରିବାରିକ ସଂପତ୍ତି ଉତ୍ତରାଧିକାର କ୍ଷେତ୍ରରେ ନାରୀକୁ ସମାନ ଅଧିକାର ଦେଇଛି ।

(vi) 1961 ମସିହାର ଯୌତୁକ ନିରୋଧ ଆଇନ ନାରୀ ମର୍ଯ୍ୟାଦା ବୃଦ୍ଧିରେ ସହାୟକ ହେଉଛି ।

(vii) 2001 ମସିହାରେ ନାରୀ ସଶକ୍ତିକରଣ ପାଇଁ ଜାତୀୟ ଯୋଜନା ପ୍ରଣୟନ କରାଯାଇଛି ।

ଭାରତରେ ଉନବିଂଶ ଶତାବ୍ଦୀରେ ସଂସ୍କାରବାଦୀ ଆନ୍ଦୋଳନଠାରୁ 2003 ମସିହାର ତାମିଲନାଡୁରେ ଜୟଲଳିତାଙ୍କ ନାରୀର ସ୍ଥିତିକୁ ଜାହିର କରିବାର ପ୍ରୟାସ ପର୍ଯ୍ୟନ୍ତ ଅଧିକାଂଶ କ୍ଷେତ୍ରରେ ବ୍ୟାପକ ନାରୀ ଅଂଶଗ୍ରହଣ ଅନୁପସ୍ଥିତି ଦେଖିବାକୁ ମିଳିଥାଏ । ତଥାପି ସ୍ୱାଧୀନତା ଆନ୍ଦୋଳନ ସମୟରେ ଆନିବେସାନ୍ତ, ମୋହିନୀ, ଡେରାବାଇ ଟାଟା, ସରୋଜିନୀ ନାଇଡୁ ଆଦି ନାରୀ ନେତୃତ୍ୱ ମାଧ୍ୟମରେ ସମାନ ରାଜନୈତିକ ଅଧିକାରପାଇଁ ନାରୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ସେ ସମୟରେ ନାରୀ ଆନ୍ଦୋଳନ ଜାତୀୟ ଆନ୍ଦୋଳନ ସହ ମିଶିଯାଇ ସ୍ୱାଧିନତା ହାସଲ ଲକ୍ଷ୍ୟରେ କାର୍ଯ୍ୟ କରୁଥିଲା । ଏହା ଭାରତରେ ନାରୀ ନେତୃତ୍ୱ ସୃଷ୍ଟିର ପ୍ରାଥମିକ ପର୍ଯ୍ୟାୟ ଥିଲା ।

'ବୋଧଗୟା ମଠ ଆନ୍ଦୋଳନ'ରେ ଗ୍ରାମ୍ୟ ମହିଳାମାନଙ୍କର ଯୋଗଦାନ ଭବିଷ୍ୟତ ଆନ୍ଦୋଳନପାଇଁ ଏକ ଅନୁକରଣୀୟ ଛାଞ୍ଚ ତିଆରି କଲା । 1975 ମସିହା ବେଳକୁ ସହରାଞ୍ଚଳର ଅନେକ ଶିକ୍ଷିତ ଛାତ୍ରୀ ଓ ମହିଳା ରାଜନୈତିକ ଅସ୍ଥିରତା ସ ଜରୁରୀ ପରିସ୍ଥିତିର ବିରୋଧରେ ସଂଗଠିତ ଆନ୍ଦୋଳନ କଲେ । ଗଢ଼ୱାଲ ଅଞ୍ଚଳରେ ସଂଘଟିତ 'ଚିପ୍‌କୋ ଆନ୍ଦୋଳନ' ପରିବେଶ ଅବକ୍ଷୟ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ । ଜଙ୍ଗଲ ସଂରକ୍ଷଣପାଇଁ ନାରୀମାନଙ୍କର ଭୂମିକାକୁ ଏହା ପ୍ରତିପାଦିତ କରିବା ସଙ୍ଗେ ସଙ୍ଗେ ସ୍ନେହୀ ପ୍ରକୃତିଧାରୀ ନାରୀକୁ 'ପ୍ରକୃତି-ସ୍ନେହୀ' ର ସ୍ୱରୂପ ମଧ୍ୟ ପ୍ରଦାନ କଲା । ଏହି ସମୟରେ 'ସ୍ୱୟଂ-ନିଯୁକ୍ତି ନାରୀ ସଂଘ' (Self-Employed Women's Association - SEWA) ର ସ୍ଥାପନା ପ୍ରାଥମିକ ସ୍ତରରେ ଅହମଦାବାଦର ବୟନଶିଳ୍ପ କ୍ଷେତ୍ରରେ ଘଟି ସମବାୟିକ ବ୍ୟବସ୍ଥା ମାଧ୍ୟମରେ ଗ୍ରାମ୍ୟ ମହିଳାମାନଙ୍କର ସାମାଜିକ ଓ ଆର୍ଥିକ ଅଭିବୃଦ୍ଧିର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଗଲା । କାରଣ ମହିଳାମାନେ ଆର୍ଥିକ ସ୍ୱାବଲମ୍ବନଶୀଳ ନହେଲେ ସମାନତା ଓ ମର୍ଯ୍ୟାଦାର ପରିସର ବୃଦ୍ଧି ଦାବିର

ଭିତ୍ତିଭୂମି ଦୁର୍ବଳ ହୋଇଥାଏ । ମହିଳା ସଶକ୍ତିକରଣ ଦିଗରେ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ସଂଗଠିତ କରିବାର ଲକ୍ଷ୍ୟନେଇ ସୃଷ୍ଟି ଏହି ଆନ୍ଦୋଳନର ପ୍ରଭାବ ଅତ୍ୟନ୍ତ ଗଭୀର ଥିଲା । 1977 ମସିହାରେ ଛତିଶଗଡ ଖଣି ଶ୍ରମିକ ସଂଘ (Chhatisgarh Mines Shraik Sang - CMSS) ନାମରେ ଏକ ବିପ୍ଳବୀ ଶ୍ରମିକ ସଂଗଠନ ସ୍ଥାପିତ ହୋଇ 'ମହିଳାମାନଙ୍କର ସମାନ କାମପାଇଁ ସମାନ ମଜୁରି' ଅଧିକାରକୁ ସ୍ୱୀକୃତି ଦେଇଥିଲା । ଏହାପରଠାରୁ ପ୍ରତ୍ୟେକ ସଙ୍ଗଠନରେ ଏକ 'ସ୍ୱତନ୍ତ୍ର ମହିଳା କକ୍ଷ' ସୃଷ୍ଟି ହେଲା ଯାହା ମୁଖ୍ୟ ସଂଗଠନ ସ୍ଥାପିତ ହୋଇ 'ମହିଳାମାନଙ୍କର ସମାନ କାମପାଇଁ ସମାନ ମଜୁରି' ଅଧିକାରକୁ ସ୍ୱୀକୃତି ଦେଇଥିଲା । ଏହାପରଠାରୁ ପ୍ରତ୍ୟେକ ସଙ୍ଗଠନରେ ଏକ 'ସ୍ୱତନ୍ତ୍ର ମହିଳା କକ୍ଷ' ସୃଷ୍ଟି ହେଲା ଯାହା ମୁଖ୍ୟ ସଂଗଠନ ସହ ତାଳଦେଇ ମହିଳା-ସ୍ୱାର୍ଥ ହାସଲପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିଆସୁଛି । ମହାରାଷ୍ଟ୍ରରେ 'ସମଗ୍ର ମହିଳା ଅଗଦି' (SMA) ନାମକ ଏକ ସଂଗଠନ 1990 ମସିହାରେ ସ୍ଥାପିତ ହୋଇ ସଂପୃକ୍ତ ରାଜ୍ୟ ରାଜନୀତିରେ ମହିଳାମାନଙ୍କର ଅଂଶଗ୍ରହଣ ଓ ଭୂମିକାର ଗୁରୁତ୍ୱପ୍ରତିପାଦନ କରିଛି ।

'ବମ୍ବେ ଫୋରମ୍' ନାମରେ ଏକ ସଂଗଠନ 1981 ମସିହାରେ ସ୍ଥାପିତ ହୋଇ ମହିଳାମାନଙ୍କର ଧର୍ଷଣ, ବାଳିକା ଭ୍ରୂଣର ହତ୍ୟା ଆଦି ମାଧ୍ୟମରେ ହେଉଥିବା ବିଭିନ୍ନ ଅତ୍ୟାଚାର ବିରୋଧରେ ଜନଆନ୍ଦୋଳନ ଗଢ଼ି ଜନ ସଚେତନଶୀଳତା ସୃଷ୍ଟି କରିଥିଲା । 'ମାନୁଷୀ' ନାମକ ଏକ ଇଂରାଜୀ ପତ୍ରିକା ଦିଲ୍ଲୀଠାରୁ 1979 ମସିହାଠାରୁ ପ୍ରକାଶିତ ହୋଇ ମହିଳା ସମ୍ବଳ, ଆଇନଗତ ପରାମର୍ଶ, ବିଭିନ୍ନ ମହିଳା ସମସ୍ୟା ଆଦି ସଂପର୍କରେ ତଥ୍ୟଗତ ସମ୍ବାଦ ପ୍ରଦାନ କରିଆସୁଛି । ଏହାଛଡ଼ା 'ବଙ୍ଗଳା ଭାଷାରେ 'ଅହଲ୍ୟା', ଇଂରାଜୀ ଭାଷାରେ, 'ନାରୀସ୍ୱର' (Women's Voice), ହିନ୍ଦୀ ଭାଷାରେ 'ସ୍ତ୍ରୀ ସଂଘର୍ଷ' ଆଦି ପତ୍ରିକା ପ୍ରକାଶିତ ହୋଇ ନାରୀ ଆନ୍ଦୋଳନକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରୁଛି । 1980 ମସିହାର ମଧ୍ୟଭାଗରେ ରୂପ କନ୍‌ୱାର ନାମକ ଏକ 17 ବର୍ଷୀୟା ରାଜପୁତ୍ ମହିଳା 'ସତୀ ବ୍ୟବସ୍ଥା'ର କ୍ରୂର ଶିକାର ହେବା ଜନିତ ପରିସ୍ଥିତିରେ ସଂଗଠିତ ମହିଳା ଆନ୍ଦୋଳନ ନାରୀ ସମାନତା, ମର୍ଯ୍ୟାଦାପାଇଁ ଜନମତ ଜାଗରିତ କରିଥିଲା ।

ବିଭିନ୍ନ ରାଜନୈତିକ ଦଳ ନିଜସ୍ୱ ମହିଳା ସଂଗଠନ ମାଧ୍ୟମରେ 'ମହିଳା ଭୋଟ' ସଂଚାଳନର ବ୍ୟବସ୍ଥା କରିଛନ୍ତି । ସରକାରଙ୍କ ମହିଳା ନୀତିକୁ ସମର୍ଥନ, ପ୍ରତିଫଳନ ପ୍ରଭାବିତ ଓ ସମାଲୋଚନା କରିବା କ୍ଷେତ୍ରରେ ଏହି ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ମହିଳା-ବିରୋଧୀ ବିଭିନ୍ନ କୁ-ସାମାଜିକ ବ୍ୟବସ୍ଥା ବିରୋଧରେ ବିଭିନ୍ନ ସମୟରେ ଆନ୍ଦୋଳନମାନ ସଂଗଠିତ କରିବା କ୍ଷେତ୍ରରେ ଏହାର ଭୂମିକା ସ୍ୱୀକାର୍ଯ୍ୟ । ସାଂପ୍ରଦାୟିକ ଦଙ୍ଗା ସମୟରେ ଉଦାହରଣସ୍ୱରୂପ ଦିଲ୍ଲୀରେ 1984 ମସିହାରେ ସଂଗଠିତ ଦଙ୍ଗା ସମୟରେ ସାଂପ୍ରଦାୟିକ ହିଂସା ବିରୋଧରେ ଆନ୍ଦୋଳନପାଇଁ ମହିଳା ଆନ୍ଦୋଳନ ସଫଳତାର ସହ କାର୍ଯ୍ୟ କରିଛି । କେନ୍ଦ୍ର ଓ ରାଜ୍ୟ ସ୍ତରରେ ପ୍ରତିଷ୍ଠିତ 'ମହିଳା କମିଶନ' ଏହି ଆନ୍ଦୋଳନଗୁଡ଼ିକୁ ପ୍ରୋତ୍ସାହନ ଦେଇ ଅଧିକ ସମନ୍ୱିତ କରୁଛି । 1975-1985 ମସିହାରେ ଜାତିସଂଘଦ୍ୱାରା ମହିଳା ଦଶନ୍ଧରୂପେ ଘୋଷିତ ହୋଇ ପ୍ରଚୁର ଅର୍ଥ ଆଗମନ ଫଳରେ ବିଭିନ୍ନ ବେସରକାରୀ ସଂଗଠନଦ୍ୱାରା ଲିଙ୍ଗଗତ ପାର୍ଥକ୍ୟ ଦୂରୀକରଣ, ରାଜନୈତିକ ସଶକ୍ତିକରଣ ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ରୂପାୟନ କରାଯାଇଛି ।

### ୬.୧.୨ ଭାରତରେ ନାରୀ ଆନ୍ଦୋଳନ ସମ୍ମୁଖରେ ମୁଖ୍ୟ ବିଷୟ ଓ କାର୍ଯ୍ୟକ୍ଷେତ୍ର –

ଜାତିସଂଘ ମହିଳା ଦଶନ୍ଧି ଓ ଆନ୍ତର୍ଜାତିକ ମହିଳା ବର୍ଷ ସମୟରେ ଭାରତରେ ସର୍ବପ୍ରଥମ ଥରପାଇଁ ଭାରତୀୟ ମହିଳାମାନଙ୍କର ସମସ୍ୟା ସଂପର୍କରେ ସାମାଜିକ ସଂଗଠନ, ବେସରକାରୀ ସଂଗଠନ ଆଦି ବ୍ୟାପକ ଆଲୋଚନା କଲେ ଏବଂ ନିମ୍ନଲିଖିତ ବିଭିନ୍ନ ବିଷୟ କ୍ଷେତ୍ରରେ ଏହି ଆନ୍ଦୋଳନ ସଂଗଠିତ ହେବା ଉଚିତ୍ ବୋଲି ସ୍ପଷ୍ଟଭାବେ ସୂଚିତ ହେଲା –

(i) ଜନସଂଖ୍ୟାରେ ନାରୀ ଅନୁପାତ ହ୍ରାସଯୋଗୁଁ ନାରୀ-ଭ୍ରୂଣ ହତ୍ୟା ନିରୋଧପାଇଁ ଆଇନଗତ ବ୍ୟବସ୍ଥା ସହ ସାମାଜିକ ସଚେତନଶୀଳତା ସୃଷ୍ଟିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଆବଶ୍ୟକ ।

(ii) ଧାର୍ମିକ ମୌଳବାଦ ନାରୀ ସ୍ୱାଧୀନତା ଓ ମର୍ଯ୍ୟାଦା ବୃଦ୍ଧି କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ଏହି ବ୍ୟବସ୍ଥାର ସଂସ୍କାରପାଇଁ ଜନସଚେତନଶୀଳତା ସୃଷ୍ଟି କ୍ଷେତ୍ରରେ କାର୍ଯ୍ୟହେବା ଉଚିତ୍ । ବାସ୍ତବରେ ହିନ୍ଦୁ ଧର୍ମର ପ୍ରକୃତ ବ୍ୟାଖ୍ୟାକଲେ ଏହା ସ୍ପଷ୍ଟ ହୁଏ ଯେ, 'ଶିବ' ଓ 'ଶକ୍ତି' ପ୍ରକୃତିର ଆଧାର ଅଟନ୍ତି ଏବଂ ଏହି ଦୃଷ୍ଟିରୁ ସମାଜରେ ପୁରୁଷ ଓ ସ୍ତ୍ରୀ ସମାନତାର ସୂତ୍ରରେ ଆବଦ୍ଧ ହେବା ଉଚିତ୍ ।

(iii) ନାରୀ ଶିକ୍ଷାର ବିକାଶ, ନାରୀପାଇଁ ସୁଷମ ଖାଦ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟରକ୍ଷାର କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଆବଶ୍ୟକ ।

(iv) ମହିଳାମାନଙ୍କ ବିରୋଧରେ ହିଂସା ଓ ଅପରାଧର ମାତ୍ରା କ୍ରମାଗତ ଓ ବିପଦଜନକଭାବେ ବୃଦ୍ଧି ପାଉଥିବାରୁ ଏହା ନିୟନ୍ତ୍ରିତ ହେବା ଉଚିତ୍ ।

(v) ଅଜ୍ଞତା ଓ ସାମାଜିକ ପ୍ରଥା ହେତୁ ମହିଳାମାନେ ସମାଜରେ ସଂପତ୍ତିବିହୀନ ପ୍ରାଣୀରୂପେ ବର୍ଣ୍ଣିତ ହେଉଛନ୍ତି । ଏହି ଦୁର୍ବଳ ଆର୍ଥିକ ସ୍ଥିତି ବିରୋଧରେ ମହିଳା ଆନ୍ଦୋଳନ ସଂଘଟିତ ହେବା ଉଚିତ ।

(vi) ନାରୀଦ୍ୱାରା ସଂପାଦିତ ଗୃହକାର୍ଯ୍ୟର ଆର୍ଥିକ ଓ ମୂଲ୍ୟ ପ୍ରତିପାଦିତ ହେବା ଆବଶ୍ୟକ । ବେଜିଂରେ 1995 ମସିହାରେ ଭାରତ ସରକାର ସ୍ୱୀକାର କରିଛନ୍ତି ଯେ, ଶତକଡ଼ା 35 ଭାଗ ଗ୍ରାମ୍ୟ ଶିଳ୍ପ ମହିଳାମାନଙ୍କଦ୍ୱାରା ପରିଚାଳିତ ହେଉଥିଲେ ମଧ୍ୟ ସେମାନଙ୍କର ଆର୍ଥିକ ସ୍ୱାବଲମ୍ବନଶୀଳତା ଆଜିପର୍ଯ୍ୟନ୍ତ ହାସଲ ହୋଇପାରିନାହିଁ, କିମ୍ବା ଆର୍ଥିକ ବ୍ୟବସ୍ଥାକୁ ସେମାନଙ୍କର ଦାନ ସ୍ୱୀକୃତ ନୁହେଁ ।

(vii) 1992 ମସିହାର 73 ତମ ସମ୍ବିଧାନ ସଂଶୋଧନ ଆଇନଦ୍ୱାରା ସ୍ୱାୟତ୍ତଶାସନ ସଂସ୍ଥାରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ହେବା ଫଳରେ ମହିଳାମାନଙ୍କର ରାଜନୈତିକ ଅଂଶଗ୍ରହଣର ମାତ୍ରା ବୃଦ୍ଧି ପାଉଛି ସତ କିନ୍ତୁ ପୁରୁଷ ପ୍ରାଧାନ୍ୟ ସମାଜରେ ଏହାର ସଫଳ ପ୍ରୟୋଗ ସମ୍ଭବ ହେଉନାହିଁ ବୋଲି ଅଭିଯୋଗ ହେଉଛି । ଏଣୁ ମହିଳା ସଶକ୍ତିକରଣ ପ୍ରକ୍ରିୟାକୁ ଅଧିକ ବାସ୍ତବମୁଖୀ କରାଯିବା ଆବଶ୍ୟକ ।

1980-1990 ମସିହାରେ ସଂଘଟିତ ବିଭିନ୍ନ ନାରୀ ଆନ୍ଦୋଳନ ନାରୀର ସାମାଜିକ ଓ ଆର୍ଥିକ ନିରାପତ୍ତା ଉପରେ ଗୁରୁତ୍ୱ ଦେଉଥିଲା । ଏହା ସତୀ, ଧର୍ଷଣ, ଯୌତୁକ ନିର୍ଯ୍ୟାତନା, ବଧୂହତ୍ୟା, ନାରୀ-ଭ୍ରୂଣ ହତ୍ୟା, ସଂପତ୍ତିଗତ ଅଧିକାରପ୍ରାପ୍ତି, ନିଯୁକ୍ତି କ୍ଷେତ୍ରରେ ସମାନତା ଆଦି ବିବିଧ ବିଷୟ ଉପରେ ଆଧାରିତ ଥିଲା । ସରକାର ବିଭିନ୍ନ ଆଇନ ପ୍ରଣୟନ ଏବଂ ଜାତୀୟ ମହିଳା ଆୟୋଗ ଓ ରାଜ୍ୟ ମହିଳା ଆୟୋଗ ସ୍ଥାପନଦ୍ୱାରା ବିଭିନ୍ନ ମହିଳା-ସ୍ୱାର୍ଥ ବ୍ୟବସ୍ଥାକୁ ସ୍ୱୀକୃତ ପ୍ରଦାନ କରି କାର୍ଯ୍ୟକାରୀ କରୁଛନ୍ତି । କେନ୍ଦ୍ରର ଏନ୍.ଡି.ଏ. ସରକାର ବାରମ୍ବାର ମହିଳା ବିଧେୟକକୁ ସଂସଦରେ ଗୃହୀତ କରିବାର ପ୍ରୟାସ କରି ବିଫଳ ହେଉଛନ୍ତି । ବର୍ତ୍ତମାନ ଭାରତରେ ନାରୀ ଆନ୍ଦୋଳନଗୁଡ଼ିକ ସଂଗଠନ ଓ କାର୍ଯ୍ୟକ୍ରମ ଦୃଷ୍ଟିରୁ ପୂର୍ବାପେକ୍ଷା ଅଧିକ ସୁସଂଯତ ଓ ସୁବ୍ୟବସ୍ଥିତ । ଏହା ଭୂମିକା ସମ୍ମିଶ୍ରଣ (Role Integration) ର ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛି । ନାରୀମାନଙ୍କର ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ପାଇଁ 2001 ମସିହାର ଜାତୀୟ ଯୋଜନାର ଲକ୍ଷ୍ୟ ପୋଷଣ କରାଯାଇଛି । ଉଭୟ ଆଇନଗତ ଓ ବାସ୍ତବ ସ୍ୱାଧୀନତା ଉପଭୋଗ ମାଧ୍ୟମରେ ସମସ୍ତ ଅସମାନତାର ବିଲୋପ ଓ ମର୍ଯ୍ୟାଦା ପ୍ରତିଷ୍ଠା ସମ୍ଭବ ହୋଇପାରିବ ।

### ୬.୨ ପରିବେଶ ଆନ୍ଦୋଳନ (Environmental Movement)

### ୬.୨.୧ ବର୍ତ୍ତମାନର ପରିବେଶ ଆନ୍ଦୋଳନ ର ବିକାଶ

ମଣିଷର ଚତୁଃପାର୍ଶ୍ୱରେ ଘେରି ରହିଥିବା ସାମାଜିକ, ଭୌତିକ, ରାସାୟନିକ, ଜୈବିକ ଉପାଦାନଗୁଡ଼ିକର ସାମଗ୍ରିକ ପରିପ୍ରକାଶକୁ ପରିବେଶ କୁହାଯାଏ । ପ୍ରାକୃତିକ ସଂପଦର ସଂରକ୍ଷଣ ଏହାର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ ଅଟେ । ଦ୍ରୁତ ଶିଳ୍ପାୟନର

ଫରେ ମଣିଷ ପ୍ରାକୃତିକ ସଂପଦକୁ ନିଜ ସ୍ୱାର୍ଥଦୃଷ୍ଟିରୁ ବିନିଯୋଗ କରିବା ଫଳରେ ପ୍ରାକୃତିକ ପରିବେଶରେ ଅସନ୍ତୁଳନ ଦେଖାଦେଇଛି । ଜୀବଜଗତର ଉନ୍ନତି ଲକ୍ଷ୍ୟରେ ନିର୍ଜୀବ ଜଗତକୁ ଲୁଣ୍ଠନ ଓ ଅସଦ୍‌ଉପଯୋଗ କରାଯାଉଛି । ଏଣୁ ଶିଳ୍ପୀକରଣ, ଦୂରଦୃଷ୍ଟିର ଅଭାବ ଓ ସୁଚିନ୍ତିତ ସହରାଞ୍ଚଳ ଯୋଜନାର ଅନୁପସ୍ଥିତି ପରିବେଶ ପ୍ରତି ଅତ୍ୟାଚାରର କାରଣରୂପେ ଦେଖାଦେଇ ପରିବେଶ ଆନ୍ଦୋଳନପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛି ।

ସହରାଞ୍ଚଳ ସଭ୍ୟତାର ବିକାଶ ପରିବେଶ ପ୍ରଦୂଷଣର ଅନ୍ୟତମ କାରଣ ଅଟେ । ଏହା ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ଉଚ୍ଛେଦ, ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା, ବ୍ୟାପକ ଯାନବାହନ ଚଳାଚଳ ଆଦି ମାଧ୍ୟମରେ ଜଳ, ମୃତ୍ତିକା, ବାୟୁ, ପାନୀୟଜଳ, ଶବ୍ଦ ଆଦିର ପ୍ରଦୂଷଣ କରୁଛି । ବିଜ୍ଞାପନର ଉନ୍ନତି, ବୈଷୟିକ ଜ୍ଞାନର ବିକାଶ, ଯନ୍ତ୍ର ଓ ରାସାୟନିକ ଦ୍ରବ୍ୟର ବ୍ୟାପକ ବ୍ୟବହାର, ଅଣୁ ପରୀକ୍ଷା ଆଦି ଉଭୟ ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ମାନବଜାତି ପାଇଁ ବିପଦ ସୃଷ୍ଟି କରୁଛନ୍ତି । ଏମାନଙ୍କର ପ୍ରତ୍ୟକ୍ଷ କୁପ୍ରଭାବ ପରିବେଶ ଉପରେ ପଡୁଛି । ଜନସଂଖ୍ୟାର ବୃଦ୍ଧି ହେତୁ ଅଧିକ ବାସୋପଯୋଗୀ ଜମିର ଆବଶ୍ୟକତା ବୃକ୍ଷର ଯତ୍ନ ପତି ବିପଦ ସୃଷ୍ଟି କରି ଋତୁ ପରିବର୍ତ୍ତନ ପ୍ରକ୍ରିୟା ଓ ଜଳବାୟୁ ଉପରେ କୁପ୍ରଭାବ ପକାଉଛି । ମାନବ ଜୀବନଧାରାରେ ଅସନ୍ତୁଳନ ପରିଦୃଷ୍ଟ ହେଉଛି । ସ୍ୱାସ୍ଥ୍ୟ ଓ ପରିମଳ ସମସ୍ୟା ତୀବ୍ର ହେଉଛି । ବିଶ୍ୱରେ ପାନୀୟ ଜଳର ପ୍ରଦୂଷଣ ମାନବକୁ ଚିନ୍ତାମଗ୍ନ କରିଛି । ବାୟୁ ପ୍ରଦୂଷଣ ଦ୍ରୁତ ଶିଳ୍ପୀକରଣ ଜନିତ ସମସ୍ୟା ଅଟେ । ବାୟୁମଣ୍ଡଳରେ 'ଓଜନ ସ୍ତର' (Ozone Layer) ର ଅବକ୍ଷୟ ମାନବ ଜାତିପାଇଁ ବିପଦର କାରଣ ରୂପେ ଦେଖାଦେଇଛି । ବିଜ୍ଞାନର ଅଗ୍ରଗତି ପ୍ରଦୂଷଣର ବ୍ୟାପକତା ବୃଦ୍ଧିରେ ସହାୟକ ହେଉଛି । ପ୍ଲାଷ୍ଟିକ୍ ଶିଳ୍ପର ବିକାଶ, ତୈଳ ଓ କୋଇଲା ପରି ଇନ୍ଧନରୁ ସୃଷ୍ଟି ଗ୍ୟାସ୍ ଆଦି ବର୍ତ୍ତମାନ ଚିନ୍ତାର କାରଣ ହୋଇଛନ୍ତି ।

ଏହି ପ୍ରଦୂଷଣ କାରଣରୁ ପରିବେଶ ସୁରକ୍ଷା ଆଜି ଗୁରୁତ୍ୱପୂର୍ଣ୍ଣ ବିଷୟରୂପେ ସ୍ୱୀକୃତ ହୋଇଛି । ମାନବ ଜାତିର ସ୍ଥିତି ଓ ବିକାଶ ଦୃଷ୍ଟିରୁ ଏହାର ଉପାଦେୟତା ବୃଦ୍ଧି ପାଇଛି । 'ପତନରୁ ରକ୍ଷା କରିବା ଜନିତ ବିକାଶ' (Sustainable Development) ପରିବେଶ ସୁରକ୍ଷାର ମୂଳ ଲକ୍ଷ୍ୟ ହୋଇ ମାନବ ଜାତିର ସ୍ଥିତି ବଜାୟ ରଖିବା ପାଇଁ ମୁଖ୍ୟ ନିଦାନରୂପେ କାର୍ଯ୍ୟ କରୁଛି । ବିଭିନ୍ନ ଜାତୀୟ ସରକାର, ପରିବେଶ ସୁରକ୍ଷା ଗୋଷ୍ଠୀ ଓ ଜାତିସଂଘ ଏ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବିକାଶଶୀଳ ରାଷ୍ଟ୍ରଗୁଡ଼ିକ କ୍ଷେତ୍ରରେ ପରିବେଶ ସଂରକ୍ଷଣ ଏକ ମୁଖ୍ୟ ସମସ୍ୟାରୂପେ ଦେଖାଦେଇଛି । ପରିବେଶ ପ୍ରଦୂଷଣ ଓ ଅବକ୍ଷୟକୁ ଗୋଟିଏ ରାଷ୍ଟ୍ର ବିରୁଦ୍ଧରେ ସାମରିକ ଆକ୍ରମଣ ଅପେକ୍ଷା ଅଧିକ ବିପଦ ସୃଷ୍ଟିକାରୀ ବିଷୟରୂପେ ଗ୍ରହଣ କରାଯାଉଛି, କାରଣ ଯୁଦ୍ଧଜନିତ କ୍ଷୟକ୍ଷତିର ପୁନଃନିର୍ମାଣ ଓ ଭରଣା କରଯାଇ ପାରୁଥିବାବେଳେ ପରିବେଶ ନଷ୍ଟଜନିତ ବ୍ୟବସ୍ଥାର ପୁନଃରୁଦ୍ଧାର ଅତ୍ୟନ୍ତ କଷ୍ଟକର ଅଟେ ଏବଂ ଏହାର କୁ-ପ୍ରଭାବ ମଧ୍ୟ ଅଧିକ ଗଭୀର ଓ ସୁଦୂରପ୍ରସାରୀ ଅଟେ ।

ପରିବେଶ ଅବକ୍ଷୟକ ପ୍ରତିରୋଧ କରିବାପାଇଁ ପରିବେଶ ଶିକ୍ଷାର ଆବଶ୍ୟକତା ବୃଦ୍ଧି ପାଇଛି । ଏହି କ୍ଷେତ୍ରରେ ପ୍ରଥମ ପଦକ୍ଷେପ ଜାତିସଂଘର ମାନବିକ ପରିବେଶ ସମ୍ମିଳନୀଦ୍ୱାରା 1972 ମସିହାରେ ଷ୍ଟକ୍‌ହୋମ୍‌ଠାରେ ଅନୁଷ୍ଠିତ ଅଧିବେଶନରେ ନିଆଯାଇଥିଲା । ଏହି ସମ୍ମିଳନୀ ଏକ 'ଆନ୍ତର୍ଜାତୀୟ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ' (International Environment Education Programme) – IEEP) ପାଇଁ ସୁପାରିସ୍ କରିଥିଲା । 1977 ମସିହାରେ ସୋଭିଏତ୍ ରୁଷର ତିବିଲିସିଠାରେ ଅନୁଷ୍ଠିତ 'ଆନ୍ତଃ-ସରକାର ପରିବେଶ ଶିକ୍ଷା ସମ୍ମିଳନୀ' (Inter-Government Conference on Environment Education) ରେ ଏହି କ୍ଷେତ୍ରରେ ଦ୍ୱିତୀୟ ପଦକ୍ଷେପ ନିଆଯାଇଥିଲା । ଏହି ସମ୍ମିଳନୀରେ ଗୃହୀତ ଘୋଷଣାନାମା ପରିବେଶ ଶିକ୍ଷା ନିମ୍ନଲିଖିତ ବିଷୟ ଉପରେ ଗୁରୁତ୍ୱ ଦେବା ଉଚିତ୍ ବୋଲି ନୀତି ନିର୍ଦ୍ଧାରଣ କରିଥିଲା –

(i) ଏହା ଆନ୍ତଃ-ବିଷୟକ (Inter-disciplinary) ଅଧ୍ୟୟନ ପଦ୍ଧତି ଗ୍ରହଣ କରିବା ଉଚିତ୍ ।

(ii) ଏହା ଏକ ପବିତ୍ର ପରିବେଶ ତତ୍ତ୍ୱକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ।

(iii) ଏହା ପ୍ରାକ୍-ବିଦ୍ୟାଳୟ ସ୍ତରରେ ଆରମ୍ଭ ହୋଇ କ୍ରମାଗତ ଧାରାରେ ଉଭୟ ନିୟମସମ୍ମତ (Formal) ଓ ଅନିୟମିତ (Informal) ସ୍ତରରେ ପ୍ରଦାନ କରାଯିବା ଉଚିତ୍ ।

(iv) ଏହା ମୁଖ୍ୟ ପରିବେଶ ସମସ୍ୟାଗୁଡ଼ିକୁ ସ୍ଥାନୀୟ, ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ଦୃଷ୍ଟିକୋଣରୁ ତର୍ଜମା କରିବା ଆବଶ୍ୟକ ।

(v) ଏହା ବର୍ତ୍ତମାନ ଓ ଭବିଷ୍ୟତ ପରିବେଶ ପୃଷ୍ଠଭୂମି ଓ ଧାରାକୁ ଦୃଷ୍ଟିରେ ରଖି କାର୍ଯ୍ୟପନ୍ଥା ସ୍ଥିର କରିବା ଆବଶ୍ୟକ ।

(vi) ପରିବେଶ ଶିକ୍ଷାପାଇଁ ଏବଂ ପରିବେଶ ସମସ୍ୟାର ସମାଧାନ ନିମନ୍ତେ ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ସହଯୋଗ ପ୍ରତିଷ୍ଠା ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରାଯିବା ଉଚିତ୍ ।

(vii) ପରିବେଶ ଶିକ୍ଷା ଓ ଯୋଜନାକୁ ବାସ୍ତବଧର୍ମୀ କରାଯିବା ଉଚିତ୍ ।

ଜାତିସଂଘର ମାନବ ବସତି ସଂପର୍କିତ ଦ୍ୱିତୀୟ ଆନ୍ତର୍ଜାତିକ ସମ୍ମିଳନୀ (1996) ମସିହାରେ ତୁର୍କୀର ଇସ୍ତାନ୍‌ବୁଲ୍‌ଠାରେ ଅନୁଷ୍ଠିତ ହୋଇ 'ବାସଯୋଗ୍ୟତା କାର୍ଯ୍ୟସୂଚୀ' (Habital Agenda) ନାମରେ ଏକ ଘୋଷଣାନାମା ଗ୍ରହଣ କରାଯାଇଥିଲା । ଏହି ସମ୍ମିଳନୀ 'ସିଟି ଶିଖର ସମ୍ମିଳନୀ' (City Summit) ନାମରେ ପରିଚିତ । ଏହା ଗ୍ରାମଠାରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ପରିବେଶ ସୁରକ୍ଷା ଓ ମାନବ ଜୀବନଧାରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ସଂପର୍କରେ ଏକ ଆଚରଣବିଧି ପ୍ରଣୟନ କରିଥିଲା ।

ପରିବେଶ ଓ ଉନ୍ନୟନ ସଂପର୍କୀୟ ଜାତି ସଂଘର ସମ୍ମିଳନୀ (UNCED) 'ଧରିତ୍ରୀ ଶିଖର ସମ୍ମିଳନୀ' (Earth Summit) ନାମରେ ପରିଚିତ ହୋଇ ବ୍ରାଜିଲ୍‌ର ରିଓ ଡି ଜାନେରୋଠାରେ 1922 ମସିହା ଜୁନ୍ 3 ରୁ 14 ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ କାର୍ଯ୍ୟସୂଚୀ 21 ଏବଂ ପରିବେଶ ଉନ୍ନୟନ ସଂପର୍କୀୟ ରିଓ ଘୋଷଣାନାମା ଗୃହୀତ ହେବା ସଙ୍ଗେ ସଙ୍ଗେ ଜଙ୍ଗଲ ସୁରକ୍ଷାପାଇଁ ଏକ ଆବେଦନପତ୍ର ମଧ୍ୟ ଗୃହୀତ କରାଯାଇଥିଲା । କିନ୍ତୁ 2002 ମସିହାରେ ଜୋହନସ୍‌ବର୍ଗଠାରେ ଅନୁଷ୍ଠିତ 'ଧରିତ୍ରୀ ସମ୍ମିଳନୀ'ରେ ପରିବେଶ ସଂପର୍କୀୟ ନୀତି ନିର୍ଦ୍ଧାରଣପାଇଁ ସହମତି ମିଳିପାରିଲା ନାହିଁ । ଏହି ସମ୍ମିଳନୀରେ ଉତ୍ତର-ଦକ୍ଷିଣ (North-South) ବିଭାଜନ ସ୍ପଷ୍ଟ ପ୍ରତୀୟମାନ ହୋଇଥିଲା । ଆମେରିକା ଓ ଅଷ୍ଟ୍ରେଲିଆ ପରିବେଶ ସୁରକ୍ଷାପାଇଁ ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କ ସହ ସହଯୋଗ କରିବାକୁ ଅନିଚ୍ଛୁକ ହୋଇଥିଲେ ।

ଭାରତରେ 1980 ମସିହାରେ କେନ୍ଦ୍ର ସ୍ତରରେ ପରିବେଶ ବିଭାଗ ଓ ମନ୍ତ୍ରଣାଳୟ ସ୍ଥାପନ କରାଯାଇଛି । ଏହା ପରିବେଶ ଶିକ୍ଷା ଓ ସଚେତନଶୀଳତା ବୃଦ୍ଧିପାଇଁ ଆଲୋଚନାଚକ୍ର, କର୍ମଶାଳା, ଦଳଗତ ଆଲୋଚନା, ପ୍ରଚାରପତ୍ର ବଣ୍ଟନ, ଗଣମାଧ୍ୟମ ବିଜ୍ଞାପନ, ବିଦ୍ୟାଳୟରେ ଅନୁଷ୍ଠିତ ରଚନା ଓ ବକ୍ତୃତା ପ୍ରତିଯୋଗିତା ଆଦି ବିବିଧ ମାଧ୍ୟମ ଗ୍ରହଣ କରିଛି । ବେସରକାରୀ ସଂଗଠନ, ଗୋଷ୍ଠୀ ସେବା ଯୋଜନା ଆଦିକୁ ପ୍ରୋତ୍ସାହନ ଯୋଗାଇ ଦେଉଛି । ବିଭିନ୍ନ ସରକାରୀ ଯୋଜନା ପ୍ରଣୟନ ସମୟରେ ଏହା ପରିବେଶ ଉପରେ ପକାଉଥିବା ପ୍ରଭାବକୁ ବିଚାରକୁ ନେଇ ଯୋଜନା ଅନୁମୋଦନ କରାଯାଉଛି । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ 'ପରିବେଶ ଶିକ୍ଷା' ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଉତ୍ତମ ପରିବେଶ ଏକ ସ୍ୱୀକୃତିପ୍ରାପ୍ତ ମାନବିକ ଅଧିକାର ଅଟେ । ଭାରତୀୟ ସମ୍ବିଧାନର 'ମୌଳିକ କର୍ତ୍ତବ୍ୟ' ରେ ଏହା ସ୍ଥାନିତ ହୋଇଛି ।

ମାନବଜାତିର ସ୍ଥିତି ଓ ପରିବେଶ ସଂରକ୍ଷଣ ପରସ୍ପର ସହ ଜଡ଼ିତ ଅଟନ୍ତି । ପ୍ରାକୃତିକ ସମ୍ବଳର ମାନବୋଚିତ ଯୁକ୍ତିଯୁକ୍ତ ଉପଯୋଗ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ପରିବେଶ ସୁରକ୍ଷାପାଇଁ ଏକ ଆସ୍ତିସୂଚକ ପଦକ୍ଷେପ ଅଟେ । ଏହାକୁ 'ପତନରୁ ରକ୍ଷାଜନିତ ବିକାଶ' (Sustainable Development) କୁହାଯାଉଛି । ଯୋଜନା ପ୍ରଣୟନ ଓ ସରକାରୀ ଅନୁମତି

ପ୍ରଦାନ କ୍ଷେତ୍ରରେ ଏକ ପରିବେଶ ପ୍ରଭାବ ବିଶ୍ଳେଷଣ (Environment Impact Analysis) ପ୍ରକ୍ରିୟାକୁ ଅନ୍ତର୍ଭୁକ୍ତ କରାଯାଇଛି । ଜଙ୍ଗଲର ସୁରକ୍ଷା ଏକ ମୁଖ୍ୟ କାର୍ଯ୍ୟକ୍ରମରୂପେ ଗୃହୀତ ହୋଇଛି । ୱାଶିଂଟନର ଏକ ବୁଦ୍ଧିଜୀବୀ ସଂଗଠନ ପରିବେଶ ସୁରକ୍ଷାପାଇଁ ଏକ 'ପରିବେଶ ଦିବସ' ଧାର୍ଯ୍ୟ କରିବା ନିମନ୍ତେ ସୁପାରିସ କରିଛି । ବିକାଶୀଳ ରାଷ୍ଟ୍ରଗୁଡ଼ିକ ପରିବେଶ ସଂରକ୍ଷଣ ସହିତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିବିଧ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ । ଉଭୟଙ୍କ ମଧ୍ୟରେ ସୁଷମ ସଂପର୍କ ଓ ସନ୍ତୁଳନ ନ ରହିଲେ ମାନବଜାତି କ୍ଷତିଗ୍ରସ୍ତ ହେବ । ବିଗତ ତିରିଶ ବର୍ଷ ଧରି ଉଭୟ ପରିବେଶ ଓ ଅର୍ଥନୈତିକ ସମୃଦ୍ଧି ମଧ୍ୟରେ ଅନ୍ତଃସମ୍ପର୍କକୁ ନେଇ ତର୍କ ଲାଗିରହିଛି । ବିଭିନ୍ନ ବିକଳ୍ପ ଢାଞ୍ଚ ଓ ବ୍ୟବସ୍ଥା ସୁପାରିସ ହେଉଛି ଓ କାର୍ଯ୍ୟକାରୀ କରାଯାଉଛି । ପରିବେଶ ନଷ୍ଟଜନିତ କ୍ଷୟକ୍ଷତିର ଭରଣା କରାଯାଇ ନପାରେ । ଏଣୁ ଏହା ସାମରିକ କ୍ଷୟକ୍ଷତିଠାରୁ ଅଧିକ ବିପଦଜନକ ବୋଲି ଗୃହୀତ ହୋଇଛି । ମାନବଜାତିର ସ୍ଥିତିର ପ୍ରଶ୍ନ ସହ ପରିବେଶ ସୁରକ୍ଷା ଜଡ଼ିତ ଅଟେ । ଏକ ଅନୁକୂଳ ମାନବୀୟ ପରିବେଶ ସୃଷ୍ଟି କେବଳ ସରକାରୀ ପ୍ରଚେଷ୍ଟାରେ ସମ୍ଭବପର ନୁହେଁ, ବରଂ ଏହା ଏକ ସମବାୟିକ ଉଦ୍ୟମର ଫଳ ଅଟେ । ଜନସଚେତନଶୀଳତାହିଁ ପରିବେଶ ସୁରକ୍ଷା କାର୍ଯ୍ୟକୁ ତ୍ୱରାନ୍ୱିତ ଓ ସଫଳ କରିପାରିବ । ଆଜି ପରିବେଶ ଆନ୍ଦୋଳନ ନିଜସ୍ୱ ସ୍ଥିତି ଓ ଆବଶ୍ୟକତା ଦୃଷ୍ଟିରୁ ଏକ ଜନ ଆନ୍ଦୋଳନ ରୂପ ଗ୍ରହଣ କରିଛି ।

## ୬.୩ ବିକାଶ ବିସ୍ଥାପନ ଆନ୍ଦୋଳନ (Development-Displacement Movement)

### ୬.୩.୧ ଭାରତବର୍ଷରେ ଦେଖାଦେଇଥିବା ବିକାଶ ବିସ୍ଥାପନ ଆନ୍ଦୋଳନ

ପ୍ରତିରୋଧ ଆନ୍ଦୋଳନଗୁଡ଼ିକ ସାମାଜିକ, ଆର୍ଥନୀତିକ, ରାଜନୀତିକ ବା ସାଂସ୍କୃତିକ ସ୍ତରର ଅନ୍ୟାୟ ଓ ଅସମତା ବିରୋଧରେ ଜନମତ ସଙ୍ଗଠିତ କରେ । ଏହା କର୍ତ୍ତୃତ୍ୱ ଜାହିର ଓ ପାତର ଅନ୍ତରକୁ ସହ୍ୟ କରେ ନାହିଁ । ମାନବର ଜୀବନ ଓ ଜୀବିକା ସମ୍ପର୍କିତ ଅନେକ ବିଷୟବସ୍ତୁ ଯେପରି ବିକାଶ ଓ ବିସ୍ଥାପନ ଏହାର କେନ୍ଦ୍ରବିନ୍ଦୁ ହେବାରେ ଅସୁବିଧା ନାହିଁ । ବିକାଶ ଓ ବିସ୍ଥାପନକୁ ନେଇ ଆନ୍ଦୋଳନର ମୂଳରେ ରହିଛି; (କ) ସର୍ବସାଧାରଣ ସ୍ୱାର୍ଥରକ୍ଷା ଓ ସେବା ଯୋଗାଇବାରେ ରାଷ୍ଟ୍ରର ବିଫଳତା ଓ (ଖ) ବଳପ୍ରୟୋଗ , ଅତ୍ୟାଚାର ଓ ଦମନ ପ୍ରତି ସରକାରଙ୍କ ଆଭିମୁଖ୍ୟ । ପାଶ୍ଚାତ୍ୟ ବିକାଶ ଢାଞ୍ଚା ବହନଯୋଗ୍ୟ (sustainable) ନୁହେଁ । ଏହା ଫସିଲ୍ ଇନ୍ଧନ ଦହନ ଓ ପରିବେଶର ଶୋଷଣକୁ ଗୁରୁତ୍ୱ ଦିଏ । ଫଳସ୍ୱରୂପ ପରିବେଶ ଉପରେ ଏହାରା କୁପ୍ରଭାବ ପଡ଼ିବ, ଯାହା ସମଗ୍ର ବିଶ୍ୱରେ ଦୃଷ୍ଟିଗୋଚର ହେଉଛି । ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠାନ, ନଦୀବନ୍ଧ ଯୋଜନା, ସାମରିକ ଘାଟି, ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ ଆଦି ପ୍ରତିଷ୍ଠା ହେଉଥିବାରୁ ପ୍ରାକୃତିକ ସମ୍ପଦର ଯେଉଁ ବିନିଯୋଗ ହେଉଛି ତାହା ଭରଣା କରିବା କଷ୍ଟକର । ଏହିସବୁ କାର୍ଯ୍ୟକ୍ରମ ଯୋଗୁଁ ଲୋକମାନଙ୍କ ଜୀବନ ଧାରଣର ମାନରେ ଉନ୍ନତି ଅଣାଯାଇପାରିବ ଯୁକ୍ତି ଅର୍ଦ୍ଧସତ୍ୟ ଉପରେ ଆଧାରିତ । ଅନେକ ଜାଗାରେ ଏହିସବୁ କାର୍ଯ୍ୟକ୍ରମ ଯୋଗୁଁ ମାନବିକ ଦୁର୍ଦ୍ଦଶା ବଢ଼ିବାର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ଯେପରି ହିରାକୁଦ, ସିଙ୍ଗୁର ଆଦି ସ୍ଥାନରେ ଲୋକମାନେ ନିଜର ପାରମ୍ପରିକ ବାସସ୍ଥାନ ହରାଇବା ସହ ପରିବେଶଜନିତ ସେମାନଙ୍କ ପାରମ୍ପରିକ ଜ୍ଞାନକୌଶଳ ର ଗ୍ରହଣୀୟତା ସବୁଦିନ ପାଇଁ ଲୋପ ପାଇଯାଉଛି । ନଦୀବନ୍ଧ ଯୋଜନା ଯେପରି ତେହେରି, ନର୍ମଦା, କୋଶୀ ଆଦି ଯୋଗୁଁ ପରିବେଶ ଉପରେ କୁପ୍ରଭାବ ପଡ଼ିବା ସହ ବିସ୍ଥାପନ ବଡ଼ ସମସ୍ୟା ରୂପେ ଉଭା ହୋଇଛି । ନାଲ୍କୋ ପ୍ରତିଷ୍ଠା ଯୋଗୁଁ ଓ କୋଲାବ୍ ନଦୀ ବନ୍ଧ ଯୋଜନାରେ ୧୯୭୬ରୁ ୧୯୯୨ ମଧ୍ୟରେ ୧୪,୦୦୦ ଲୋକ ବସ୍ଥାପନର ଶିକାର ହୋଇଛନ୍ତି । ଓଡ଼ିଶାର ଅନ୍ୟ ବୃହତ୍ ପ୍ରକଳ୍ପ ଯେପରି ଲୋଅର ସୁକ୍ତେଲ୍ ଡ୍ୟାମ୍ ବାଲିମେଳା ଜଳବିଦ୍ୟୁତ୍ ଯୋଜନା, ଚନ୍ଦ୍ରାବତୀ ଜଳ ବିଦ୍ୟୁତ୍ ଯୋଜନା, କଳିଙ୍ଗ ନଗର ଶିଳ୍ପାଞ୍ଚଳ ଆଦି ପ୍ରତିଷ୍ଠା ଯୋଗୁଁ ଲୋକମାନେ ଅନେକ ସଂଖ୍ୟାରେ ବିସ୍ଥାପନ, ଜୀବିକା ହରାଇବା ଓ ସଂସ୍କୃତି ଅବକ୍ଷୟ ହେବାର ସମସ୍ୟାଗୁଡ଼ିକ ସହ ଏବେ ମଧ୍ୟ ସଂଘର୍ଷରତ । ନିମ୍ନରେ ନଦୀବନ୍ଧ ଯୋଜନା ଯୋଗୁଁ ଓଡ଼ିଶାରେ ବିସ୍ଥାପନର ଏକ ଚିତ୍ର ପ୍ରଦାନ କରାଯାଇଛି ।

| ଯୋଜନା | ସ୍ଥାନାନ୍ତର ଗ୍ରାମ ସଂଖ୍ୟା | ସ୍ଥାନାନ୍ତର ପରିବାର ସଂଖ୍ୟା |
|---|---|---|
| ହୀରାକୁଦ ଡ୍ୟାମ୍ | ୨୮୫ | ୨୨,୧୪୪ |
| ରେଙ୍ଗାଲି ଡ୍ୟାମ୍ | ୧୮୭ | ୧୧,୭୨୫ |
| ଅପର ଇନ୍ଦ୍ରାବତୀ ଡ୍ୟାମ୍ | ୯୯ | ୫,୩୦୧ |
| ବାଲିମେଳା ଡ୍ୟାମ୍ | ୯୧ | ୨,୦୦୦ |
| ସୁବର୍ଣ୍ଣରେଖା ଡ୍ୟାମ୍ | ୭୫ | ୫,୨୧୪ |

ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ବିସ୍ଥାପିତ ଲୋକମାନଙ୍କୁ ସରକାରୀ ସାହାଯ୍ୟ ମିଳିବାରେ ଅସୁବିଧା ଦେଖିବାକୁ ମିଳୁଛି । ବିଂଶ ଶତାବ୍ଦୀର ସତୁରୀ ଦଶକରେ ପ୍ରତିଷ୍ଠିତ ହୀରାକୁଦ୍ ଡ୍ୟାମ ଯୋଗୁଁ ବିସ୍ଥାପିତ ଲୋକମାନେ ଆଜିଯାଏ ସଠିକ୍ ଆର୍ଥିକ ସାହାଯ୍ୟ ପାଇପାରିନାହାନ୍ତି ।

ଭାରତର ଅନ୍ୟ କେତେକ ପ୍ରମୁଖ ଶିଳ୍ପ ବିକାଶ ଯୋଜନା ଓ ତତ୍‌ଜନିତ ମାନବିକ ସମସ୍ୟା ସମ୍ପର୍କୀୟ ଆନ୍ଦୋଳନଗୁଡ଼ିକ ହେଲା କର୍ଣ୍ଣାଟକର ହରିହର ପଲିଫାଇବାର ଫାକ୍ଟ୍ରି ବିରୋଧୀ ଆନ୍ଦୋଳନ, ମଧ୍ୟପ୍ରଦେଶର ଗୋଆଲିୟର୍ ରେୟନ୍ ଫାକ୍ଟ୍ରି ବିରୋଧୀ ଆନ୍ଦୋଳନ, ଓଡ଼ିଶାର ରାୟଗଡ଼ା ସ୍ଥିତ ଜେ.କେ. ପେପର ପ୍ଲାଣ୍ଟ ବିରୋଧୀ ଆନ୍ଦୋଳନ, ଟେହେରି ବନ୍ଧ ବିରୋଧୀ ସମିତି, କୋୟନା ଯୋଜନା କ୍ଷତିଗ୍ରସ୍ତ କମିଟି, ଏନ୍‌ରନ୍ ବିରୋଧୀ ଢାବଲର ଜନ ଆନ୍ଦୋଳନ, ଅମରାବତୀ ବଞ୍ଚାଅ ଆନ୍ଦୋଳନ, ବାଲିଆପାଳର କ୍ଷେପଣାସ୍ତ୍ର ଘାଟି ସ୍ଥାପନ ବିରୋଧୀ ଆନ୍ଦୋଳନ ଇତ୍ୟାଦି ।

**୬.୩.୨ ଆନ୍ଦୋଳନର ମୂଳ କାରଣ :**

(କ) ଶିଳ୍ପ ପ୍ରତିଷ୍ଠାର ଅବିଚାରିତ ଉଦ୍ୟମ ।

(ଖ) ଶିଳ୍ପ ପ୍ରତିଷ୍ଠା ଯୋଗୁଁ ପରିବେଶ ପ୍ରଦୂଷିତ ହେଉଥିବାରୁ ସୁରକ୍ଷାଜନିତ ଆଇନ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ।

(ଗ) ବିସ୍ଥାପିତ ଜନଗଣଙ୍କର ଉପଯୁକ୍ତ ଭାବେ ଥଇଥାନ ଓ କ୍ଷତିପୂରଣ ପ୍ରଦାନ ।

(ଘ) ସହନୀୟ ବିକାଶ ଢାଞ୍ଚାର କାର୍ଯ୍ୟାନୁଷ୍ଠାନ ଓ ପାରିବେଶିକ ସନ୍ତୁଳନ ରକ୍ଷା ।

(ଙ) ଶିଳ୍ପ ପ୍ରତିଷ୍ଠା ଓ ନଦୀବନ୍ଧ ଯୋଜନା ଯୋଗୁଁ ଜୀବିକା ହରାଉଥିବା ଲୋକମାନଙ୍କୁ ବିକଳ୍ପ କର୍ମସଂସ୍ଥାନ ଉପଲବ୍ଧ କରାଇବା ।

(ଚ) ଶିଳ୍ପ କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ଗ୍ରାମଗୁଡ଼ିକରେ ସାମାଜିକ ଓ ଆର୍ଥିକ ଉନ୍ନତିମୂଳକ କାର୍ଯ୍ୟପନ୍ଥାଗୁଡ଼ିକର ରୂପାୟନ ।

(ଛ) ବିଦେଶୀ ପୁଞ୍ଜି ଓ ବୈଷୟିକ ଜ୍ଞାନକୌଶଳର ବିନା ତଦାରଖରେ ନିବେଶକୁ ବାରଣ ।

(ଜ) ଶିଳ୍ପାୟନରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଓ ପରିବେଶ ଅନୁକୂଳ ଇନ୍ଧନର ବ୍ୟବହାର ।

(ଝ) ପରିବେଶଜନିତ ପାରମ୍ପରିକ ଜ୍ଞାନକୌଶଳ ଜୈବ ବିବିଧତାର ସୁରକ୍ଷା ।

**୬.୩.୩ ବିକାଶ ଓ ବିସ୍ଥାପନ ଆନ୍ଦୋଳନର ସମାଲୋଚନା :**

(କ) ବିକାଶ ଓ ବିସ୍ଥାପନ ଦୁଇଟି ପରସ୍ପର ଘନିଷ୍ଠ ବିଷୟ । ବିକାଶ ଯୋଗୁଁ ବିସ୍ଥାପନ ସାଧାରଣ କଥା ।

(ଖ) କ୍ରମବର୍ଦ୍ଧମାନ ଜନସଂଖ୍ୟା ଓ ଲୋକଙ୍କର ଜୀବନଧାରଣ ମାନର ଉନ୍ନତି ପାଇଁ ଶିଳ୍ପାୟନ ଅବଶ୍ୟମ୍ଭାବୀ

(ଗ) ଶିଳ୍ପ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ବାଦ୍ ଦେଇ ଦେଶ ଉନ୍ନତି କରିପାରିବ ନାହିଁ ।

(ଘ) ଶିଳ୍ପାୟନ ନ ହେଲେ ପ୍ରାକୃତିକ ସମ୍ପଦର ବିନିଯୋଗ ସମ୍ଭବ ନୁହେଁ ।

(ଙ) ଶିଳ୍ପାୟନ ଯୋଗୁଁ ବେକାରୀ ଦୂର ହୁଏ ଓ ଦେଶର ଆର୍ଥିକ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆସେ ।

(ଚ) ନଦୀବନ୍ଧ ଯୋଜନାରୁ ଉତ୍ପନ୍ନ ବିଦ୍ୟୁତ୍ ଯୋଗୁଁ ପରିବେଶର କ୍ଷତି ହୁଏ ନାହିଁ ଓ କୃଷି ପାଇଁ ଜଳସେଚନ ବ୍ୟବସ୍ଥା ସମ୍ଭବ ହୁଏ ।

(ଛ) ଶିଳ୍ପ ପ୍ରତିଷ୍ଠା ବା ନଦୀବନ୍ଧ ଯୋଜନାରେ ବା ସହର ଜନସାଧାରଣଙ୍କ ପାଇଁ ସମୟ ଉପଯୋଗୀ କ୍ଷତିପୂରଣ ଓ ଥଇଥାନ ଯୋଜନା ସରକାରଙ୍କ ତରଫରୁ କାର୍ଯ୍ୟକାରୀ କରାଯାଉଛି ।

ବିକାଶ ଓ ବିସ୍ଥାପନ ଆନ୍ଦୋଳନ ଶିଳ୍ପ ପ୍ରତିଷ୍ଠା ତଥା ନଦୀବନ୍ଧ ଯୋଜନାଗୁଡ଼ିକ ନୀତିଗତ ଭାବେ ବିରୋଧ କରେ ନାହିଁ । ମାତ୍ର କ୍ଷତିଗ୍ରସ୍ତ ଜନସାଧାରଣଙ୍କ ପ୍ରତି ମାନବବାଦୀ ଦୃଷ୍ଟିକୋଣର ଅଭାବ ଆମ ବ୍ୟବସ୍ଥାରେ ପ୍ରତିଫଳିତ ହେଉଥିବାରୁ ତାହା ଏହି ପ୍ରକାର ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଛି । ଭିଟାମାଟି ଓ ଉର୍ବର ଚାଷଜମି, ବାଡ଼ିବଗିଚା, ଘରଦ୍ୱାର ହରାଇବା ପରେ ଯେଉଁ ପରିସ୍ଥିତି ସୃଷ୍ଟି ହୁଏ ତାକୁ କେବଳ ଅର୍ଥଦ୍ୱାରା ଆକଳନ କରାଯାଇ ନପାରେ । ଆର୍ଥିକ ପ୍ୟାକେଜ୍ ଘୋଷଣା ଓ ସ୍ଥାବର ସମ୍ପତ୍ତିର ମୂଲ୍ୟାଙ୍କନ ବେଳେ କ୍ଷତିଗ୍ରସ୍ତ ଜନସାଧାରଣଙ୍କ ମତାମତ ନେବା ଜରୁରୀ । ଦେଖାଯାଏ କେତେକ ଜାଗାରେ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ଲୋକମାନଙ୍କୁ ଏକାଧିକ ଥର ବିସ୍ଥାପନ ହେବାକୁ ପଡୁଛି । ପୁଣି ଅଧିଗ୍ରହିତ ଜମିବାଡ଼ି ଅବ୍ୟବହୃତ ଭାବେ ପଡ଼ିରହୁଛି । ବିକାଶ ଓ ବିସ୍ଥାପନ ଆନ୍ଦୋଳନ ଚିରାଚରିତ ଭାବେ ମନୁଷ୍ୟର ଅଧିକାର, ନ୍ୟାୟପ୍ରତିଷ୍ଠା ଓ ଭାଗୀଦାରୀ ବ୍ୟବସ୍ଥା ସପକ୍ଷରେ ସ୍ୱର ଉତ୍ତୋଳନ କରେ । ତ୍ୱରିତ ଲାଭ ଆଶାରେ ପ୍ରାକୃତିକ ସନ୍ତୁଳନକୁ କୁଠାରଘାତ କରିବା ସପକ୍ଷରେ ଏହି ଆନ୍ଦୋଳନ ନୁହେଁ । ମାନବ ଜାତିର ଜୀବନ ଓ ମରଣ ପ୍ରଶ୍ନ ସହ ବିକାଶ ଓ ବିସ୍ଥାପନ ଜଡ଼ିତ । ବିକାଶ ଓ ବିସ୍ଥାପନ ଆନ୍ଦୋଳନ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ କେତୋଟି ହେଲା ଓଡ଼ିଶାର ପୋସ୍କୋ ବିରୋଧୀ ଆନ୍ଦୋଳନ, କୋଲକାତାର ଟାଟା କମ୍ପାନୀଦ୍ୱାରା ସିଙ୍ଗୁର ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ଓ ନର୍ମଦା ବଚାଓ ଆନ୍ଦୋଳନ ।

### ୬.୩.୪ ଗୁରୁତ୍ୱପୂର୍ଣ୍ଣ ବିକାଶ ଓ ବିସ୍ଥାପନ ଆନ୍ଦୋଳନ :

**(କ) ପୋସ୍କୋ ବିରୋଧୀ ଆନ୍ଦୋଳନ -** ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି ଜଗତ୍‌ସିଂହପୁର ଜିଲ୍ଲାର କୁଜଙ୍ଗ ନିକଟରେ ପ୍ରସ୍ତାବିତ ପୋସ୍କୋ ଇସ୍ପାତ କାରଖାନାର ଜମି ଅଧିଗ୍ରହଣକୁ ବିରୋଧ କରି ୨୦୦୫ ମସିହାରୁ ଆନ୍ଦୋଳନ କରି ଆସୁଛି । ଦକ୍ଷିଣ କୋରିଆର ପୋସ୍କୋ କମ୍ପାନୀ କ୍ଷେତ୍ରରେ ସବୁଠାରୁ ବୃହତ୍ ୫୨,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ କରିବାକୁ ଇଚ୍ଛାପ୍ରକାଶ କରି ପାରାଦ୍ୱୀପ ନିକଟରେ ପ୍ରସ୍ତାବିତ କାରଖାନା ପାଇଁ ଜମି ଅଧିଗ୍ରହଣ କରିବାକୁ ସରକାରଙ୍କ ସାହାଯ୍ୟ ଭିକ୍ଷା କରିଥିଲା । ମାତ୍ର ପ୍ରସ୍ତାବିତ ଅଞ୍ଚଳ ଧାନ, ପାନ ଓ ମୀନ ଉତ୍ପାଦନ ପାଇଁ ପ୍ରସିଦ୍ଧି ଲାଭ କରିଥିବାରୁ ସ୍ଥାନୀୟ ଅଧିବାସୀମାନେ ନିଜ ଘରଦ୍ୱାର ଓ ଜମିବାଡ଼ି ଛାଡ଼ିବାକୁ ରାଜି ନୁହଁନ୍ତି । ସରକାର ସ୍ଥାନୀୟ ପୋଲିସ୍ ଓ ସୁରକ୍ଷାକର୍ମୀଙ୍କ ସାହାଯ୍ୟରେ ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ଆଦିବାସୀ ସଂପ୍ରଦାୟର ଲୋକଙ୍କ ଭିଟାମାଟି ଓ ଜଙ୍ଗଲ ଜମି ପୋସ୍କୋ ଅଞ୍ଚଳରେ ଥିବାରୁ ସରକାରଙ୍କ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ହୋଇଥିଲା । ପିପିଏସ୍‌ଏସ୍‌ର ସଭାପତି ଅଭୟ କୁମାର ସାହୁଙ୍କୁ ଗିରଫ କରାଯାଇ ଆନ୍ଦୋଳନକୁ ପ୍ରତିହତ କରିବାପାଇଁ ସରକାରଙ୍କ ଚେଷ୍ଟା ବିଫଳ ହେଲେ । ସରକାରଙ୍କ ପ୍ରରୋଚନାରେ ପୋସ୍କୋ ସପକ୍ଷବାଦୀ ସଂଗଠନ ମଧ୍ୟ ଗଠିତ ହେଲା । ପୋସ୍କୋର ପ୍ରସ୍ତାବିତ ଅଞ୍ଚଳ ଜନାକୀର୍ଣ୍ଣ ଓ ପରିବେଶ ଦୃଷ୍ଟିରୁ ସମୁଦ୍ର କୂଳବର୍ତ୍ତୀ ଏକ ସମ୍ବେଦନଶୀଳ ଅଞ୍ଚଳ । ବର୍ତ୍ତମାନ ପ୍ରକଳ୍ପ ବନ୍ଦ ହୋଇଯାଇଛି ।

**(ଖ) ସିଙ୍ଗୁର ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ** - ଟାଟା ନାନୋ ସିଙ୍ଗୁର ବିରୁଦ୍ଧ ପଶ୍ଚିମବଙ୍ଗର ହୁଗୁଳୀ ଜିଲ୍ଲାରେ ଟାଟା ମୋଟର କମ୍ପାନୀର ନାନୋ କାର୍ ଫାକ୍ଟ୍ରି ପ୍ରତିଷ୍ଠାକୁ ନେଇ ସୃଷ୍ଟି ହୋଇଥିଲା । ପଶ୍ଚିମବଙ୍ଗର ତତ୍କାଳୀନ ସରକାର ୯୯୭ ଏକର ଉର୍ବର ଚାଷଜମି ଲୋକଙ୍କଠାରୁ ଅଧିଗ୍ରହଣ କରି ଟାଟା କମ୍ପାନୀକୁ ଦେବାକୁ ୨୦୦୬ ମସିହାରେ କାର୍ଯ୍ୟାରମ୍ଭ କରିଥିଲେ । ଏହି ଜମି ଅଧିଗ୍ରହଣକୁ ସ୍ଥାନୀୟ ଅଧିବାସୀ ଓ ବିରୋଧୀ ଦଳର ନେତାମାନେ ପ୍ରବଳଭାବେ ବିରୋଧ କଲେ । ବର୍ତ୍ତମାନ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ସେତେବେଳେ ସଙ୍ଗଠିତ "Save Farmland" ଆନ୍ଦୋଳନ ସ୍ଥାନୀୟ କୃଷକମାନଙ୍କ ସମର୍ଥନରେ ବିରୋଧକୁ ତୀବ୍ର କଲା । ତାଙ୍କ ଆନ୍ଦୋଳନକୁ ପରିବେଶବିତ୍ ମେଧା ପାଟେକର, ଲେଖିକା ଅରୁନ୍ଧତି ରାୟ, ବୁଦ୍ଧିଜୀବୀ ଅପର୍ଣ୍ଣା ସେନ୍, ସଲୋନୀ ମିତ୍ର, ଆଦି ଅନେକ ଜଣାଶୁଣା ବ୍ୟକ୍ତିତ୍ୱ ସମର୍ଥନ କଲେ । ଫଳରେ ଟାଟା କମ୍ପାନୀ ବାଧ୍ୟରେ ପ୍ରସ୍ତାବିତ କାରଖାନାକୁ ୨୦୦୮ ମସିହାରେ ଗୁଜରାଟକୁ ସ୍ଥାନାନ୍ତର କଲା । ନିକଟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଅଧିଗୃହୀତ ଜମି ଲୋକମାନଙ୍କୁ ଫେରସ୍ତ ଦେବାପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

**(ଗ) ନର୍ମଦା ବଚାଓ ଆନ୍ଦୋଳନ** - ଭାରତର ପଞ୍ଚମ ବୃହତ୍ ନଦୀ ନର୍ମଦା ତିନୋଟି ରାଜ୍ୟ ଯଥା ମଧ୍ୟପ୍ରଦେଶ, ଗୁଜରାଟ୍ ଓ ମହାରାଷ୍ଟ୍ର ଦେଇ ପ୍ରବାହିତ ହେଉଛି । ଏହି ନଦୀ ଉପରେ ନର୍ମଦା ନଦୀ ଉପତ୍ୟକା ଯୋଜନା ଆନୁକୂଲ୍ୟରେ ଦୁଇଟି ବୃହତ୍ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରାଯାଉଛି ଯଥା ସର୍ଦ୍ଦାର ସାଗର ପ୍ରୋଜେକ୍ଟ ଓ ନର୍ମଦା ସାଗର ପ୍ରୋଜେକ୍ଟ । ଏହି ଦୁଇଟି ଯୋଜନାଦ୍ୱାରା ୩ଟି ରାଜ୍ୟର ଅନେକ ଚାଷଜମି ଓ ଜଙ୍ଗଲ, ଗ୍ରାମ ଜଳ ପ୍ଲାବିତ ହେବା ସହ ୨୪୮ ଗ୍ରାମର ଏକ ଲକ୍ଷ ଲୋକ ବିସ୍ଥାପିତ ହେବାର ଆକଳନ କରାଯାଇଛି । ନର୍ମଦାର ଜଳକୁ ସଞ୍ଚିତ ରଖି ପିଇବା ପାଣି, କୃଷିକ୍ଷେତ୍ର, ଶିଳ୍ପ ଓ ବ୍ୟବସାୟିକ ଭାବେ ବ୍ୟବହାର କରିବାକୁ ଯୋଜନାରେ ଲକ୍ଷ୍ୟ ରଖାଯାଇଛି । ୧୯୮୧ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୧୯୮୫ ମସିହାରେ ବିଶ୍ୱବ୍ୟାଙ୍କରୁ ୪୫୦ ନିୟୁତ ଆମେରିକୀୟ ଡଲାର ଲୋନ୍ ଆକାରରେ ପାଇବା ପରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲା । ମାତ୍ର ପ୍ରକୃତପକ୍ଷେ ନିର୍ମାଣକାର୍ଯ୍ୟ ୧୯୮୮ ମସିହାରେ ଆରମ୍ଭ କରାଗଲା । ମାତ୍ର ପୁନର୍ବସତି ଓ ଥଇଥାନକୁ ନେଇ ଅନେକ ଛୋଟବଡ଼ ସଙ୍ଗଠନ ପ୍ରକଳ୍ପ ଅଞ୍ଚଳରେ ମୁଣ୍ଡ ଟେକିଲା । ସମୟକ୍ରମେ ସମସ୍ତ ସଙ୍ଗଠିତ ଏକତ୍ରଭାବେ ସାମାଜିକ କର୍ମୀ ମେଧା ପାଟେକରଙ୍କ ନେତୃତ୍ୱରେ ନର୍ମଦା ବଚାଓ ଆନ୍ଦୋଳନ (NBA) ନାମରେ ଏକ ସଙ୍ଗଠନ ଗଢ଼ିଲେ । ବିସ୍ଥାପନ ଓ କ୍ଷୟକ୍ଷତିର ଆକଳନରେ ତାଳମେଳ ନଥିବା ଜଣାପଡ଼ିବା ପରେ NBA ନର୍ମଦା ନଦୀ ଉପତ୍ୟକା ପ୍ରକଳ୍ପର ବିକାଶ ଆଭିମୁଖ୍ୟକୁ ସମାଲୋଚନା କରିବା ସହ ନିର୍ମାଣ କାର୍ଯ୍ୟର ବୈଧତାକୁ ପ୍ରଶ୍ନ କଲା । ୧୯୮୮ ମସିହାରେ NBA ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ଉଦ୍ଦେଶ୍ୟରେ ୫୦,୦୦୦ ଲୋକଙ୍କୁ ପ୍ରଭାବିତ ଅଞ୍ଚଳରେ ସଙ୍ଗଠିତ କରି ସଂଘବଦ୍ଧ ଭାବେ ଆନ୍ଦୋଳନ ଆରମ୍ଭ କଲା । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ବିଶ୍ୱ ବ୍ୟାଙ୍କ୍ ଏକ ଅନୁସନ୍ଧାନ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଲା । ଏହି ଅନୁସନ୍ଧାନ କମିଟି NBA ଉଠାଇଥିବା ସମସ୍ତ ଉଦ୍‌ବେଗକୁ ସ୍ୱୀକାର କଲା । ଦେଶ ଭିତରେ ଓ ଆନ୍ତର୍ଜାତିକ ସ୍ତରରେ ପ୍ରବଳ ବିରୋଧକୁ ଆଖିଆଗରେ ରଖି ବିଶ୍ୱ ବ୍ୟାଙ୍କ୍ ଶେଷରେ ଏହି ପ୍ରକଳ୍ପରୁ ଓହରିଗଲା । ମାତ୍ର ଗୁଜରାଟ ସରକାର ଅନ୍ୟ ଉତ୍ସରୁ ଲୋନ୍ଆଣି ପ୍ରକଳ୍ପ କାର୍ଯ୍ୟ ଚାଲୁ ରଖିଛନ୍ତି । ନର୍ମଦା ବଚାଓ ଆନ୍ଦୋଳନକୁ ଭାରତରେ ସର୍ବବୃହତ୍ ଜନ ଆନ୍ଦୋଳନର ମାନ୍ୟତା ଦିଆଯାଏ । ଜନସମୁଦାୟକୁ ସଚେତନ କରି ଓ ସେମାନଙ୍କୁ ସଂଗଠିତ କରି ଏହି ଆନ୍ଦୋଳନ ସରକାରଙ୍କ ଉପରେ ପ୍ରବଳ ଚାପ ପକାଇ ପାରିଥିଲା । ଆଦିବାସୀ ସଂପ୍ରଦାୟର ଲୋକମାନେ ନିଜ ଭିଟାମାଟି ଓ ଜୀବିକାର ସୁରକ୍ଷା ପାଇଁ ଏହି ଆନ୍ଦୋଳନକୁ ସର୍ବତୋଭାବେ ସାହାଯ୍ୟ ଓ ସହଯୋଗ କରିଥିଲେ । ଗାନ୍ଧିବାଦୀ ପ୍ରତିରୋଧ ବ୍ୟବସ୍ଥା ଉପରେ ଏହି ଆନ୍ଦୋଳନ ଆସ୍ଥା ସ୍ଥାପନ କରିଥିଲା । ବିକାଶକୁ ନେଇ ବିକଳ୍ପ ଢାଞ୍ଚା ପ୍ରସ୍ତୁତ ସମ୍ପର୍କରେ ଚିନ୍ତା କରିବାକୁ ଯୋଜନା ପ୍ରଣୟନକାରୀମାନଙ୍କ ଉପରେ ଏହି ଆନ୍ଦୋଳନ ଚାପ ସୃଷ୍ଟି କରିପାରିଥିଲା । ସାରା ଦେଶରେ ସଭ୍ୟସମାଜ, ସାମାଜିକ କର୍ମୀମାନେ ଏହି ଆନ୍ଦୋଳନକୁ ଅକୁଣ୍ଠ ଚିତ୍ତରେ ସମର୍ଥନ କରିଥିଲେ । ଏବେ ମଧ୍ୟ ଏହି ଆନ୍ଦୋଳନ ନର୍ମଦା ନଦୀ ଉପତ୍ୟକା ଅଞ୍ଚଳରେ ସକ୍ରିୟ ରହିଛି । ବନ୍ୟ ସମ୍ପଦର ସୁରକ୍ଷା ଓ ବଡ଼ ବଡ଼ ନଦୀବନ୍ଧ ଯୋଜନା ଆଦି

ବୃହତ୍ ପ୍ରକଳ୍ପର ବିରୋଧକୁ ଆନ୍ଦୋଳନର ରୂପ ଦେବାରେ ବେସରକାରୀ ସଙ୍ଗଠନ, ପରିବେଶ କାର୍ଯ୍ୟକର୍ତ୍ତା, ତୃଣମୂଳ ସ୍ତରରେ ସଂଗଠନଗୁଡ଼ିକର ବଡ଼ ବଳିଦାନ ରହିଛି । ଆଧୁନିକତା ଓ ବିକାଶର ଅନୁପ୍ରବେଶ ଯୋଗୁଁ ମାନବୀୟ ଦୁଃଖ ଦୁର୍ଦ୍ଦଶା ବୃଦ୍ଧି ବର୍ତ୍ତମାନର ପ୍ରମୁଖ ଚର୍ଚ୍ଚିତ ବିଷୟ । ଆନ୍ଦୋଳନକାରୀମାନେ ପ୍ରାକୃତିକ ସମ୍ପଦର ନ୍ୟାୟସଙ୍ଗତ ବ୍ୟବହାର ସହ ଆଗାମୀ ବଂଶଧରମାନଙ୍କ ପାଇଁ ଏହାର ସଂରକ୍ଷଣ ଓ ପାରମ୍ପରିକ ଜ୍ଞାନକୌଶଳର ସଂରକ୍ଷଣକୁ ଆନ୍ଦୋଳନର ବିଷୟ ଭାବେ ଗୁରୁତ୍ୱ ଦେଉଛନ୍ତି । ଏହି ସଂରକ୍ଷଣବାଦୀ ଆନ୍ଦୋଳନକୁ ବହୁଦେଶୀୟ କମ୍ପାନୀ କେତେକ ଶିଳ୍ପପତି, ବିଦେଶୀ ଅର୍ଥ ଲଗାଣକାରୀ ସଂସ୍ଥା ଯେପରି ବିଶ୍ୱ ବ୍ୟାଙ୍କ୍, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ବିରୋଧ ମଧ୍ୟ କରୁଛନ୍ତି । ସରକାରଙ୍କ ଆଭିମୁଖ୍ୟ ଅନେକ ଘଟଣାରେ ସ୍ପଷ୍ଟ ପ୍ରତୀକ ହେଉ ନଥିବାରୁ ଜନସାଧାରଣ ଦ୍ୱନ୍ଦ୍ୱ ମଧ୍ୟରେ କାଳାତିପାତ କରୁଥିବାରୁ ଦେଖାଯାଉଛି ।

## ୬.୪ ସାରାଂଶ

■ **ନାରୀ ଆନ୍ଦୋଳନ:** ଭାରତରେ ସ୍ତ୍ରୀ ଜାତିବାଦ ପାଶ୍ଚାତ୍ୟ 'ଆମୂଳ ସଂସ୍କାରବାଦୀ ସ୍ତ୍ରୀ ଜାତିବାଦ' (Radical Feminism) ରେ ବିଶ୍ୱାସ ନକରି 'ନାରୀ ଜାଗରଣ', 'ନାରୀର ମର୍ଯ୍ୟାଦା ବୃଦ୍ଧି', 'ନାରୀ ସମାନତା' ଆଦି ଉପାଦାନ ଉପରେ ଆଧାରିତ ସ୍ତ୍ରୀ ଜାତିବାକୁ ସମର୍ଥନ କରିଥାଏ । ପୁରୁଷ ପ୍ରାଧାନ୍ୟ ହିନ୍ଦୁ ସମାଜରେ ନାରୀର ସ୍ଥିତିକୁ ସାମାଜିକ, ସାଂସ୍କୃତିକ, ଆଇନଗତ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସାବ୍ୟସ୍ତ କରିବାପାଇଁ ଏହା ଲକ୍ଷ୍ୟ ରଖିଥାଏ । ଭାରତରେ ନାରୀ ଆନ୍ଦୋଳନକୁ ନିଜସ୍ୱ ସାମାଜକ ଓ ସାଂସ୍କୃତିକ ପୃଷ୍ଠଭୂମିରେ ବ୍ୟବଚ୍ଛେଦ କରାଯିବା ଆବଶ୍ୟକ । ଭାରତୀୟ ସମାଜ ରକ୍ଷଣଶୀଳ, ସ୍ତରୀକୃତ, ବହୁବାଦୀ, ଧାର୍ମିକ ମୌଳବାଦୀ ପ୍ରକୃତିଯୁକ୍ତ ଅଟେ ଓ ଏହି ପ୍ରଚ୍ଛଦପଟ୍ଟରେ ନାରୀର ମର୍ଯ୍ୟାଦା ପୁରୁଷମାନଙ୍କ ତୁଳନାରେ ନ୍ୟୁନତର ଅଟେ । ସଂସ୍କାରବାଦୀ ଆନ୍ଦୋଳନଗୁଡ଼ିକ ପୁରୁଷମାନଙ୍କ ନେତୃତ୍ୱରେ ପରିଚାଳିତ ହେଉଥିଲା । ସଚେତନଶୀଳତା, ଶିକ୍ଷା ଆଦିର ଅଭାବ ଓ ରକ୍ଷଣଶୀଳ ସମାଜର ପ୍ରଚ୍ଛଦପଟ୍ଟ ନାରୀ ନେତୃତ୍ୱ ଓ ନାରୀ ଅଂଶଗ୍ରହଣଦ୍ୱାରା ନାରୀ ଆନ୍ଦୋଳନକୁ ସଫଳ କରିବାରେ ବାଧା ସୃଷ୍ଟି କରୁଛି ।1975-1985 ମସିହାରେ ଜାତିସଂଘଦ୍ୱାରା ମହିଳା ଦଶନ୍ଧରୂପେ ଘୋଷିତ ହୋଇ ପ୍ରଚୁର ଅର୍ଥ ଆଗମନ ଫଳରେ ବିଭିନ୍ନ ବେସରକାରୀ ସଂଗଠନଦ୍ୱାରା ଲିଙ୍ଗଗତ ପାର୍ଥକ୍ୟ ଦୂରୀକରଣ, ରାଜନୈତିକ ସଶକ୍ତିକରଣ ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ରୂପାୟନ କରାଯାଇଛି ।

■ **ପରିବେଶ ଆନ୍ଦୋଳନ:** ସହରାଞ୍ଚଳ ସଭ୍ୟତାର ବିକାଶ ପରିବେଶ ପ୍ରଦୂଷଣର ଅନ୍ୟତମ କାରଣ ଅଟେ । ଏହା ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ଉଚ୍ଛେଦ, ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା, ବ୍ୟାପକ ଯାନବାହନ ଚଳାଚଳ ଆଦି ମାଧ୍ୟମରେ ଜଳ, ମୃତ୍ତିକା, ବାୟୁ, ପାନୀୟଜଳ, ଶବ୍ଦ ଆଦିର ପ୍ରଦୂଷଣ କରୁଛି । ବିଜ୍ଞାପନର ଉନ୍ନତି, ବୈଷୟିକ ଜ୍ଞାନର ବିକାଶ, ଯନ୍ତ୍ର ଓ ରାସାୟନିକ ଦ୍ରବ୍ୟର ବ୍ୟାପକ ବ୍ୟବହାର, ଅଣୁ ପରୀକ୍ଷା ଆଦି ଉଭୟ ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ମାନବଜାତି ପାଇଁ ବିପଦ ସୃଷ୍ଟି କରୁଛନ୍ତି ।ଜନସଂଖ୍ୟାର ବୃଦ୍ଧି ହେତୁ ଅଧିକ ବାସୋପଯୋଗୀ ଜମିର ଆବଶ୍ୟକତା ବୃକ୍ଷର ଯତ୍ନ ପତି ବିପଦ ସୃଷ୍ଟି କରି ଋତୁ ପରିବର୍ତ୍ତନ ପ୍ରକ୍ରିୟା ଓ ଜଳବାୟୁ ଉପରେ କୁପ୍ରଭାବ ପକାଉଛି ।ଏହି ପ୍ରଦୂଷଣ କାରଣରୁ ପରିବେଶ ସୁରକ୍ଷା ଆଜି ଗୁରୁତ୍ୱପୂର୍ଣ୍ଣ ବିଷୟରୂପେ ସ୍ୱୀକୃତ ହୋଇଛି । ମାନବ ଜାତିର ସ୍ଥିତି ଓ ବିକାଶ ଦୃଷ୍ଟିରୁ ଏହାର ଉପାଦେୟତା ବୃଦ୍ଧି ପାଇଛି । 'ପତନରୁ ରକ୍ଷା କରିବା ଜନିତ ବିକାଶ' (Sustainable Development) ପରିବେଶ ସୁରକ୍ଷାର ମୂଳ ଲକ୍ଷ୍ୟ ହୋଇ ମାନବ ଜାତିର ସ୍ଥିତି ବଜାୟ ରଖିବା ପାଇଁ ମୁଖ୍ୟ ନିଦାନରୂପେ କାର୍ଯ୍ୟ କରୁଛି ।

■ **ବିକାଶ ବିସ୍ଥାପନ ଆନ୍ଦୋଳନ:** ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠାନ, ନଦୀବନ୍ଧ ଯୋଜନା, ସାମରିକ ଘାଟି, ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ ଆଦି ପ୍ରତିଷ୍ଠା ହେଉଥିବାରୁ ପ୍ରାକୃତିକ ସମ୍ପଦର ଯେଉଁ ବିନିଯୋଗ ହେଉଛି ତାହା ଭରଣା କରିବା କଷ୍ଟକର । ଏହିସବୁ କାର୍ଯ୍ୟକ୍ରମ ଯୋଗୁଁ ଲୋକମାନଙ୍କ ଜୀବନ ଧାରଣର ମାନରେ ଉନ୍ନତି ଅଣାଯାଇପାରିବ ଯୁକ୍ତି ଅର୍ଦ୍ଧସତ୍ୟ ଉପରେ ଆଧାରିତ । ଅନେକ

ଜାଗାରେ ଏହିସବୁ କାର୍ଯ୍ୟକ୍ରମ ଯୋଗୁଁ ମାନବିକ ଦୁର୍ଦ୍ଦଶା ବଢ଼ିବାର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ଯେପରି ହିରାକୁଦ, ସିଙ୍ଗୁର ଆଦି ସ୍ଥାନରେ ଲୋକମାନେ ନିଜର ପାରମ୍ପରିକ ବାସସ୍ଥାନ ହରାଇବା ସହ ପରିବେଶଜନିତ ସେମାନଙ୍କ ପାରମ୍ପରିକ ଜ୍ଞାନକୌଶଳ ର ଗ୍ରହଣୀୟତା ସବୁଦିନ ପାଇଁ ଲୋପ ପାଇଯାଉଛି । ନଦୀବନ୍ଧ ଯୋଜନା ଯେପରି ତେହେରି, ନର୍ମଦା, କୋଶୀ ଆଦି ଯୋଗୁଁ ପରିବେଶ ଉପରେ କୁପ୍ରଭାବ ପଡ଼ିବା ସହ ବିସ୍ଥାପନ ବଡ଼ ସମସ୍ୟା ରୂପେ ଉଭା ହୋଇଛି ।ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ବିସ୍ଥାପିତ ଲୋକମାନଙ୍କୁ ସରକାରୀ ସାହାଯ୍ୟ ମିଳିବାରେ ଅସୁବିଧା ଦେଖିବାକୁ ମିଳୁଛି ।

### ୬.୫ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

ପ୍ର.୧. ଭାରତରେ ନାରୀ ଆନ୍ଦୋଳନ **(Women Movement)** ର ସ୍ୱରୂପ, ଭିତ୍ତି ବିକାଶ ଓ ସଫଳତା ଆଲୋଚନା କର ।

ପ୍ର.୨. ବର୍ତ୍ତମାନର ପରିବେଶ ଆନ୍ଦୋଳନ **(Environmental Movement)** ର ବିକାଶ, ଲକ୍ଷ୍ୟ ଓ ଯଥାର୍ଥତାର ମୂଲ୍ୟାଙ୍କନ କର ।

ପ୍ର.୩ । ଭାରତବର୍ଷରେ ଦେଖାଦେଇଥିବା ବିକାଶ ବିସ୍ଥାପନ ଆନ୍ଦୋଳନ ସମ୍ବନ୍ଧରେ ଏକ ପ୍ରବନ୍ଧ ଲେଖ ।

### ୬.୬ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର

ପ୍ର.୧. ୬.୧ ର ପାଠ ଦେଖ ।

ପ୍ର.୨. ୬.୨ ର ପାଠ ଦେଖ ।

ପ୍ର.୩. ୬.୩ ର ପାଠ ଦେଖ ।

❖❖❖

# ଦ୍ୱିତୀୟ ଖଣ୍ଡ- ସାଂପ୍ରତିକ ବିଶ୍ୱ ରାଜନୀତି

**UNIT-IV**

# ବିଶ୍ୱ ରାଜନୀତିରେ ଭାରତ
# INDIAN IN WORLD POLITY

**ସପ୍ତମ ଅଧ୍ୟାୟ**

# ଭାରତର ବୈଦେଶିକ ନୀତି
# INDIA'S FOREIGN POLICY

ସଂରଚନା :


୭. ଉଦ୍ଦେଶ୍ୟ

୭.୧ ଭାରତର ବୈଦେଶିକ ନୀତିର ମୁଖ୍ୟ ବୈଶିଷ୍ଟ୍ୟ

୭.୧.୧ ଉପନିବେଶ ଓ ସାମ୍ରାଜ୍ୟବାଦର ବିରୋଧ

୭.୧.୨ ବର୍ଣ୍ଣଗତ ବୈଷମ୍ୟର ବିରୋଧ

୭.୧.୩ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗ ନୀତ ସହ ସମ୍ମାନଜନକ ସମ୍ପର୍କ ସ୍ଥାପନି

୭.୧.୪ ପଞ୍ଚଶୀଳ ନୀତି

୭.୧.୫ ଗୋଷ୍ଠୀନିରପେକ୍ଷତା ରକ୍ଷା

୭.୧.୬ ରାଜ୍ୟଗୋଷ୍ଠୀ ରାଜ୍ୟସମୂହ ଗୋଷ୍ଠୀ ସହ ସହଯୋଗ ଭିତ୍ତିକ ସମ୍ପର୍କ ରକ୍ଷା

୭.୧.୭ ସନ୍ତ୍ରାସବାଦୀ ଓ ଆତଙ୍କବାଦ ବିରୁଦ୍ଧରେ ସଂଗ୍ରାମ

୭.୧.୮ ସଂଯୁକ୍ତ ଜାତିସଂଘର ନୀତି ପ୍ରତି ଗୁରୁତ୍ୱ ଆରୋପ

୭.୧.୯ ଆଫ୍ରିକୀୟ-ଏସୀୟ ଦେଶଗୁଡ଼ିକ ମଧ୍ୟରେ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ପାରସ୍ପରିକ ସମ୍ପର୍କ ବୃଦ୍ଧି ଓ ଐକ୍ୟ ପ୍ରତିଷ୍ଠା

୭.୧.୧୦ ଜାତୀୟ ସମ୍ମତି ବା ଐକ୍ୟମତ ପ୍ରତିଷ୍ଠା

୭.୨ ଭାରତ ଓ ତା'ର ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ସମ୍ପର୍କ

୭.୨.୧ ଭାରତ ଓ ଚୀନ୍ ସମ୍ପର୍କ

୭.୨.୨ ଭାରତ ଓ ପାକିସ୍ତାନ ସମ୍ପର୍କ

୭.୩ ସାରାଂଶ

୭.୪ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୭.୫ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର

## ୭. ଉଦ୍ଦେଶ୍ୟ :

ଏହି ପରିଚ୍ଛେଦ ପାଠ କରିସାରିବା ପରେ ଆପଣ

- ଭାରତର ବୈଦେଶିକ ନୀତିର ଲକ୍ଷ୍ୟ ଓ ସାମ୍ବିଧାନିକ ଭିତ୍ତିକୁ ଜାଣିପାରିବେ ।
- ଭାରତର ବୈଦେଶିକ ନୀତିର ମୁଖ୍ୟ ଉପାଦାନ ସମ୍ପର୍କରେ ଅବଗତ ହୋଇପାରିବେ ।
- ଭାରତର ପଞ୍ଚଶୀଳ, ଗୋଷ୍ଠୀ ନିରପେକ୍ଷତା, ନିରସ୍ତ୍ରୀକରଣ, ଜଗତୀକରଣ ଆଦି ନୀତିକୁ ବୁଝିପାରିବେ ।
- ପୃଥିବୀର ଅନ୍ୟ ରାଷ୍ଟ୍ରମାନଙ୍କ ସହ ଭାରତର ସମ୍ପର୍କଜନିତ ଆଭିମୁଖ୍ୟକୁ ବିଶ୍ଳେଷଣ କରିପାରିବେ ।

## ୭.୧ ଭାରତର ବୈଦେଶିକ ନୀତିର ମୁଖ୍ୟ ବୈଶିଷ୍ଟ୍ୟ:

ଭାରତୀୟ ବୈଦେଶିକ ନୀତିର ମୁଖ୍ୟ ଲକ୍ଷଣଗୁଡ଼ିକୁ ନିମ୍ନଲିଖିତ ବିଷୟଗୁଡ଼ିକ ମଧ୍ୟରେ ସୀମାବଦ୍ଧ କରି ରଖାଯାଇପାରେ ଯଥା -

## ୭.୧.୧ ଉପନିବେଶ ଓ ସାମ୍ରାଜ୍ୟବାଦର ବିରୋଧ :

ଭାରତ, ଇଂରେଜ ସାମ୍ରାଜ୍ୟବାଦ ନୀତିର ଶିକାର ହୋଇଥିବାରୁ ଏହାର ବୈଦେଶିକ ନୀତି ସାମ୍ରାଜ୍ୟବାଦ ଓ ଔପନିବେଶିକବାଦକୁ ବିରୋଧ କରିଥାଏ । ଏହି ନୀତି ଦ୍ୱୟ ଯୁଦ୍ଧ ପାଇଁ କ୍ଷେତ୍ର ପ୍ରସ୍ତୁତି କରି ବିଶ୍ୱ-ଶାନ୍ତିକୁ ବିପନ୍ନ କରୁଥିବାରୁ ଭାରତ ଏହାର ବିରୋଧୀ ଅଟେ । ଭାରତ ବିଭିନ୍ନ ଦେଶର ଜାତୀୟ ଆନ୍ଦୋଳନକୁ ସର୍ବଦା ସମର୍ଥନ କରିଥାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ହଲାଣ୍ଡ ଯେତେବେଳେ ଇଣ୍ଡୋନେସିଆର ସ୍ୱାଧୀନତାକୁ ବିପନ୍ନ କରିବା ପାଇଁ ପଦକ୍ଷେପ ନେଲା, ସେତେବେଳେ ଭାରତ ଏହାର ପ୍ରବଳ ବିରୋଧ କରିବା ସଙ୍ଗେ ସଙ୍ଗେ ଇଣ୍ଡୋନେସିଆକୁ ପ୍ରତ୍ୟକ୍ଷ ସାହାଯ୍ୟ ପ୍ରଦାନ କରିଥିଲା । ସେହି ସମୟଠାରୁ ଭାରତ ବିଭିନ୍ନ ସମୟରେ ମାଲୟ, ଆଲଜେରିଆ, କଙ୍ଗୋ, ମରକ୍କୋ ଇତ୍ୟାଦି ରାଷ୍ଟ୍ରଗୁଡ଼ିକୁ ସ୍ୱାଧୀନତା ପ୍ରଦାନ ପାଇଁ ସହଯୋଗ ପ୍ରଦାନ କରିଛି । ଏସିଆ ଓ ଆଫ୍ରିକା ମହାଦେଶରେ ନୂତନ ଭାବେ ସ୍ୱାଧୀନତା ପାଉଥିବା ଦେଶଗୁଡ଼ିକୁ ଭାରତ ସମର୍ଥନ, ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଇଛି । ୧୯୭୧ ମସିହାରେ ପୂର୍ବ ପାକିସ୍ତାନର ମୁକ୍ତି ଓ ଆନ୍ଦୋଳନରେ ଭାରତର ଅଂଶଗ୍ରହଣ ଓ ବଙ୍ଗଳାଦେଶର ସ୍ଥାପନା ପାଇଁ ଭାରତର ଅବଦାନ ଅନସ୍ୱୀକାର୍ଯ୍ୟ ।

### ୭.୧.୨ ବର୍ଣ୍ଣଗତ ବୈଷମ୍ୟର ବିରୋଧ :

ଜାତି ଓ ବର୍ଣ୍ଣଗତ ବୈଷମ୍ୟ ବିରୁଦ୍ଧରେ ସଂଗ୍ରାମ ହେଉଛି ଭାରତୀୟ ବୈଦେଶିକ ନୀତିର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ । ଭାରତ ଉଭୟ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଜାତି ବ୍ୟବସ୍ଥାର ବିରୋଧୀ ଅଟେ । ଦକ୍ଷିଣ ଆଫ୍ରିକାର ବର୍ଣ୍ଣଗତ ବୈଷମ୍ୟ ନୀତି ବିରୁଦ୍ଧରେ ଭାରତର ସ୍ୱର ଉତ୍ତୋଳନ ଏହର ପ୍ରମାଣ ଅଟେ । ପଣ୍ଡିତ ନେହେରୁଙ୍କ ମତରେ ଭାରତ ଜାତିବାଦ ସମ୍ପର୍କୀୟ ନୀତି ତନ୍ତ୍ରକୁ ପ୍ରତ୍ୟାଖ୍ୟାନ କରିଛି । ପୃଥିବୀର ପ୍ରତ୍ୟେକ ଲୋକଙ୍କ ପାଇଁ ସମାନ ଓ ସମ୍ମାନାସ୍ପଦ ବ୍ୟବହାର ଦାବି ଭାରତର ବୈଦେଶିକ ନୀତିରେ ପ୍ରତିଫଳିତ ହୋଇଛି । ଭାରତ, ଆମେରିକାର ନିଗ୍ରୋ ଓ ରୋଡ଼େସିଆରେ ଅଣ-ଶ୍ୱେତାଙ୍ଗ ବ୍ୟକ୍ତିମାନଙ୍କର ସ୍ୱାର୍ଥ ପାଇଁ ସଂଗ୍ରାମ କରିଛି ।

### ୭.୧.୩ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗ ନୀତସହ ସମ୍ମାନଜନକ ସମ୍ପର୍କ ସ୍ଥାପନ :

ପଡ଼ୋଶୀ ତଥା ଅନ୍ୟାନ୍ୟ ଦେଶଗୁଡ଼ିକ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ ଭାରତୀୟ ବୈଦେଶିକ ନୀତିର ଲକ୍ଷ୍ୟ ଅଟେ । ଭାରତୀୟ ସମ୍ବିଧାନର ୫୧ ଧାରାରେ ଏହି ସମ୍ପର୍କରେ ରାଷ୍ଟ୍ରୀୟ ନିର୍ଦ୍ଦେଶ ଦିଆଯାଇଛି । ସାଂସ୍କୃତିକ, ଅର୍ଥନୈତିକ, ବାଣିଜ୍ୟିକ ସମ୍ପର୍କ ସ୍ଥାପନ ପାଇଁ ଭାରତ ଅନ୍ୟାନ୍ୟ ଦେଶଗୁଡ଼ିକ ସହ ବିଭିନ୍ନ ଚୁକ୍ତି ସମ୍ପାଦନ କରିଛି ।

### ୭.୧.୪ ପଞ୍ଚଶୀଳ ନୀତି :

ଏହି ପଞ୍ଚଶୀଳ ନୀତି ଭାରତର ଆନ୍ତର୍ଜାତିକ ରାଜନୀତିକୁ ଦାନ ଅଟେ । ଭାରତ ଓ ଚୀନ ମଧ୍ୟରେ ତଦ୍ଦତ ସମସ୍ୟାର ସମାଧାନ ପରିପ୍ରେକ୍ଷୀରେ ଦୁଇ ଦେଶକୁ ବନ୍ଧୁତା ସୂତ୍ରରେ ଆବଦ୍ଧ କରିବାପାଇଁ ପାଞ୍ଚଗୋଟି ନୀତି ପ୍ରଣୀତ ହୋଇଥିଲା, ଯାହା ପଞ୍ଚଶୀଳ ନାମରେ ଖ୍ୟାତ । ସେହି ୫ଟି ନୀତି ହେଲା

(କ) ପ୍ରତ୍ୟେକ ରାଷ୍ଟ୍ର ପ୍ରତ୍ୟେକର ଭୂଖଣ୍ଡୀୟ ଏକତ୍ୱ ଓ ସାର୍ବଭୌମତ୍ୱ ପ୍ରତି ସମ୍ମାନ ପ୍ରଦର୍ଶନ କରିବେ ।

(ଖ) କୌଣସି ରାଷ୍ଟ୍ର ଅନ୍ୟ ରାଷ୍ଟ୍ରକୁ ଆକ୍ରମଣ କରିବ ନାହିଁ ।

(ଗ) କୌଣସି ରାଷ୍ଟ୍ର ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବ ନାହିଁ ।

(ଘ) ପୃଥିବୀର ପ୍ରତ୍ୟେକ ଦେଶ ସବୁକିଛି ନିର୍ବିଶେଷରେ ପରସ୍ପର ସମାନ ଭାବରେ ବିବେଚିତ ହେବେ ।

(ଙ) ସମସ୍ତ ଦେଶ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତିକୁ ପାଳନ କରିବେ ।

୧୯୫୫ ମସିହାରେ ଅନୁଷ୍ଠିତ ବାନ୍ଦୁଙ୍ଗ ସମ୍ମିଳନୀରେ ଭାରତ ତା'ର ଏହି ପଞ୍ଚଶୀଳ ନୀତିରେ ଆହୁରି ପାଞ୍ଚଗୋଟି ନୀତିକୁ ସଂଯୋଜିତ କରିଥିଲା । ସେଗୁଡ଼ିକ ହେଲା-

(ଚ) ମୌଳିକ ମାନବିକ ଅଧିକାର ପ୍ରତି ସମ୍ମାନ ପ୍ରଦର୍ଶନ ।

(ଛ) ନିଜର ଭୌଗୋଳିକ ଏକତ୍ୱକୁ ସ୍ୱୟଂ ବା ସାମୂହିକ ଭାବେ ସଂରକ୍ଷଣ କରିବା । କାରଣ ଯୁଦ୍ଧ ଆରମ୍ଭ କରିବ ନାହିଁ; କିନ୍ତୁ ନିଜ ବିରୁଦ୍ଧରେ ଘୋଷିତ ଯୁଦ୍ଧର ମୁକାବିଲା କରିବ ।

(ଜ) ଆନ୍ତର୍ଜାତିକ ସ୍ତରରେ ସମସ୍ତ ଚୁକ୍ତି ଭାରତ ସ୍ୱାଧୀନଭାବେ ସମ୍ପାଦନ କରିବ ।

(ଝ) ନିଜର ବ୍ୟକ୍ତିଗତ ଉନ୍ନତି ବା କଲ୍ୟାଣ ପାଇଁ ଭାରତ ଗୁପ୍ତ ଚୁକ୍ତି ସ୍ୱାକ୍ଷର କରିପାରିବ ।

(ଞ) ଅନ୍ୟ ରାଷ୍ଟ୍ରମାନଙ୍କ ସହ ସୃଷ୍ଟି ହୋଇଥିବା କନ୍ଦଳକୁ ଶାନ୍ତିପୂର୍ଣ୍ଣ ପଦ୍ଧତିରେ ଭାରତ ସମାଧାନ କରିବ ।

### ୭.୧.୫ ଗୋଷ୍ଠୀନିରପେକ୍ଷତା ରକ୍ଷା:

ଭାରତ ହେଉଛି ଗୋଷ୍ଠୀ ନିରପେକ୍ଷ ନୀତିକୁ ଗ୍ରହଣ କରିବା କ୍ଷେତ୍ରରେ ପ୍ରଥମ ରାଷ୍ଟ୍ର । ଏହି ନୀତି ଦ୍ୱିତୀୟ ବିଶ୍ୱ ଯୁଦ୍ଧର ପରବର୍ତ୍ତୀ ଏସିଆ ଓ ଆଫ୍ରିକା ମହାଦେଶରେ ବିଶେଷ ଭାବେ ଜନପ୍ରିୟ ହୋଇପାରିଛି । ନେହେରୁଙ୍କ ମତରେ, ଯେତେଦୂର ସମ୍ଭବ କ୍ଷମତା ଗୋଷ୍ଠୀମାନଙ୍କଠାରୁ ଭାରତ ଦୂରେଇ ରହିବାକୁ ଚାହେଁ, କାରଣ ସେହି କ୍ଷମତା ଗୋଷ୍ଠୀମାନଙ୍କ ପାଇଁ ଅତୀତରେ ଦୁଇଟି ବିଶ୍ୱଯୁଦ୍ଧ ସଂଘଟିତ ହୋଇଛି ଓ ଭବିଷ୍ୟତରେ ମଧ ଏହାର ପୁନରାବୃତ୍ତି ହୋଇପାରେ । ଗୋଷ୍ଠୀ ନିରପେକ୍ଷତାର ଅର୍ଥ ନୁହେଁ ଯେ ଭାରତ ଆନ୍ତର୍ଜାତିକ କ୍ଷେତ୍ରରେ କ୍ଳୀବତ୍ୱ ପ୍ରକାଶ କରିବ ଅର୍ଥାତ୍ ସେହି କ୍ଷେତ୍ରରେ ଅଂଶଗ୍ରହଣ କରିବ ନାହିଁ । ଏହାର ପ୍ରକୃତ ଅର୍ଥ କାହାଦ୍ୱାରା ପ୍ରଭାବିତ ନହୋଇ ସ୍ୱାଧୀନ ଭାବେ ନିଜର ନୀତି ନିର୍ଦ୍ଧାରଣ କରିବା । ପଣ୍ଡିତ ନେହେରୁଙ୍କ ଭାଷାରେ, ଯେତେବେଳେ ସ୍ୱାଧୀନତା ବିପଦାପନ୍ନ, ନ୍ୟାୟ, ପ୍ରତିବାଦର ସମ୍ମୁଖୀନ କିମ୍ବା ଆକ୍ରମଣର ଗତି ପ୍ରବଳ, ସେତେବେଳେ ଆମେ କ୍ଳୀବତ୍ୱ ପ୍ରକାଶ କରିବା ସମ୍ଭବପର ନୁହେଁ । ୧୯୫୫ ମସିହା ଏପ୍ରିଲ ମାସରେ ସମ୍ମିଳନୀରେ ଏହା ସପକ୍ଷରେ ଭାରତ ସ୍ୱର ଉତ୍ତୋଳନ କରିଥିଲା । ୧୯୭୧ ମସିହାରେ ରୁଷିଆ ସହ ଭାରତର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରକ୍ଷା ପାଇଁ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି, ଆମ ଗୋଷ୍ଠୀ ନିରପେକ୍ଷ ନୀତିର ବିରୋଧ କରୁଛି ବୋଲି ସମାଲୋଚନା ମତ ଦେଇଥିଲେ ମଧ ଏହି ମତର ଭିତ୍ତିଭୂମି ଦୁର୍ବଳ ଅଟେ । ପଣ୍ଡିତ ନେହେରୁଙ୍କଠାରୁ ଆରମ୍ଭ କରି ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ପର୍ଯ୍ୟନ୍ତ ପୁନଶ୍ଚ ୧୯୭୭ ମସିହାର ଜନତା ସରକାରଙ୍କ ସମୟର ତଥା ଏନ୍.ଡି.ଏ ଓ ଉପା ସରକାରଙ୍କ ବୈଦେଶିକ ନୀତି ଏହା ଉପରେ ପର୍ଯ୍ୟବସିତ ଭାରତ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସମ୍ମିଳନୀ ୧୯୮୩ ମସିହାରେ ଦିଲ୍ଲୀଠାରେ ଆୟୋଜନ କରିଥିଲା । ଭାରତ ଜାତିସଂଘରେ ମଧ ଏହି ଗୋଷ୍ଠୀର ମୁଖପାତ୍ର ରୂପେ କାର୍ଯ୍ୟ କରୁଛି ।

ବାନ୍ଦୁଙ୍ଗଠାରୁ ବେଲଗ୍ରେଡ଼ ପର୍ଯ୍ୟନ୍ତ ଦୀର୍ଘଯାତ୍ରାରେ ଏସୀୟ ଓ ଆଫ୍ରିକୀୟ ଦେଶମାନଙ୍କର ନୂତନଭାବେ ସ୍ୱାଧୀନତାପ୍ରାପ୍ତ ଦେଶମାନେ ୟୁରୋସ୍ଲୋଭିଆର ରାଷ୍ଟ୍ରପତି ଟିଟୋ ଓ ଇଜିପ୍ଟ ନାସେରଙ୍କ ସହ ମିଶି ଭାରତର ପଣ୍ଡିତ ନେହେରୁଙ୍କ ନେତୃତ୍ୱରେ ଶୀତଳଯୁଦ୍ଧର ଗତିରୋଧ, ଗୋଷ୍ଠୀଗତ ରାଜନୀତିର ବିକଳ୍ପ, ଦ୍ୱି-ଶକ୍ତୀୟ ବିଶ୍ୱର ବିରୋଧ ପାଇଁ ନେଇଥିବା ସଂକଳ୍ପର ସୃଷ୍ଟ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଭାରତର ବୈଦେଶିକ ନୀତିର ମୁଖ୍ୟ ଭିତ୍ତିଭୂମି ଅଟେ ।

### ୭.୧.୬ ରାଜ୍ୟଗୋଷ୍ଠୀ ରାଜ୍ୟସମୂହ ଗୋଷ୍ଠୀ ସହ ସହଯୋଗ ଭିତ୍ତିକ ସମ୍ପର୍କ ରକ୍ଷା :

ଏକଦା ବ୍ରିଟିଶ୍ ଶାସନାଧୀନ ଥିବା ଓ ପରବର୍ତ୍ତୀ ସମୟରେ ସ୍ୱାଧୀନ ହୋଇଥିବା ରାଷ୍ଟ୍ରମାନଙ୍କୁ ନେଇ ଗଠିତ ହୋଇଛି ରାଜଗୋଷ୍ଠୀ । ଭାରତ ଏହାର ସଦସ୍ୟ ଏବଂ ଏହି ଗୋଷ୍ଠୀ ଅନ୍ତର୍ଭୁକ୍ତ ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ସୁସମ୍ପର୍କ ରକ୍ଷା ଭାରତର ବୈଦେଶିକ ନୀତିର ଅନ୍ୟତମ ଅଭିମୁଖ୍ୟ ।

### ୭.୧.୭ ସନ୍ତ୍ରାସବାଦୀ ଓ ଆତଙ୍କବାଦ ବିରୁଦ୍ଧରେ ସଂଗ୍ରାମ :

ସମଗ୍ର ବିଶ୍ୱର ବିଭିନ୍ନ କୋଣରେ ଦେଖାଦେଇଛି ଏକ ସମସ୍ୟା, ତାହା ହେଉଛି ସନ୍ତ୍ରାସବାଦ ବା ଆତଙ୍କବାଦ । ସନ୍ତ୍ରାସବାଦ ବିରୁଦ୍ଧରେ ସମ୍ମିଳିତ ଆନ୍ଦୋଳନ କରି ଏହାର ମୂଳୋତ୍ପାଟନ କରିବା ଭାରତର ବୈଦେଶିକ ନୀତିର ଅନ୍ୟତମ ଲକ୍ଷ୍ୟ । ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଏହା ଏକ ସଫଳ ଉଦ୍ୟମ ।

### ୭.୧.୮ ସଂଯୁକ୍ତ ଜାତିସଂଘର ନୀତି ପ୍ରତି ଗୁରୁତ୍ୱ ଆରୋପ :

ବିଶ୍ୱଶାନ୍ତି ପ୍ରତିଷ୍ଠାର ମହାନ୍ ଲକ୍ଷ୍ୟ ରଖିଥିବା ଭାରତ, ସଂଯୁକ୍ତ ଜାତିସଂଘ ପରି ଆନ୍ତର୍ଜାତିକ ସଂଗଠନର ସ୍ଥିତି ପ୍ରତି ଗୁରୁତ୍ୱ ଆରୋପ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା ଅଟେ । ଆନ୍ତର୍ଜାତିକ ଦ୍ୱନ୍ଦ୍ୱର ଆପୋଷ ସମାଧାନ ଦିଗରେ ସଂଯୁକ୍ତ ଜାତିସଂଘ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କାଶ୍ମୀର ସମସ୍ୟାର ସମାଧାନ ପାଇଁ ଭାରତ ଜାତିସଂଘକୁ ସହଯୋଗ ଓ ସମର୍ଥନ ପ୍ରଦାନ

କରିଥିଲା । ଏହି ସମସ୍ୟାର ସମାଧାନ ପାଇଁ ଭାରତ ଜାତିସଂଘକୁ ସାମରିକ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କର ସାହାଯ୍ୟ ଯୋଗାଇ ଦେଇଥାଏ । କଙ୍ଗୋ ସମସ୍ୟା ସମୟରେ ଉକ୍ତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଜାତିସଂଘକୁ ଭାରତ ହିଁ ସହଯୋଗ କରିଥିଲା । ଉପରୋକ୍ତ କ୍ଷେତ୍ର ବ୍ୟତୀତ ଲେବାନିଜ୍ ବ୍ୟାପାର ସମୟରେ ଭାରତର ସହଯୋଗକୁ ଖୁବ୍ ଭାରତ ମାନର ବୋଲି ଜାତିସଂଘର ମୁଖ୍ୟ ସଚିବ ହାମର୍ସ୍କୋଲ୍ଡ ୧୯୫୯ ମସିହା ମାର୍ଚ୍ଚ ମାସରେ ମତ ଦେଇଥିଲେ । ଜାତିସଂଘର ତୃତୀୟ ବିଶ୍ୱର ବିକାଶ ଓ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନରେ ଲକ୍ଷ୍ୟ ପୂରଣ ପାଇଁ ଭାରତ ସଂଗ୍ରାମରତ ।

## ୭.୧.୯ ଆଫ୍ରିକୀୟ-ଏସୀୟ ଦେଶଗୁଡ଼ିକ ମଧ୍ୟରେ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ପାରସ୍ପରିକ ସମ୍ପର୍କ ବୃଦ୍ଧି ଓ ଐକ୍ୟ ପ୍ରତିଷ୍ଠା :

ଭାରତ ଆଫ୍ରିକା ଓ ଏସିଆ ମହାଦେଶର ଦେଶମାନଙ୍କ ସହ ଅର୍ଥନୈତିକ ଓ ରାଜନୈତିକ ସମ୍ପର୍କ ବୃଦ୍ଧି କରି ଐକ୍ୟ ପ୍ରତିଷ୍ଠାର ଲକ୍ଷ୍ୟ ରଖିଛି । ଭାରତର ବିଶ୍ୱାସ ଏହି ଦେଶମାନେ ଐକ୍ୟବଦ୍ଧଭାବେ ଔପନିବେଶିକବାଦ ବିରୁଦ୍ଧରେ ସଂଗ୍ରାମ କରିପାରିବେ । ଏହି ଐକ୍ୟ ସେମାନଙ୍କୁ ନିଜ ଗୋଡ଼ରେ ନିଜେ ଠିଆହେବାର ଦୃଢ଼ତା ଆଣିଦେବ ବୋଲି ଭାରତ ଆଶା କରେ । ଔପନିବେଶିକବାଦର ଆଧୁନିକ ରୂପରେଖ ଜାତି ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି । ଜାତି ଗଂନର ଦୁଇଟି ଦିଗ ରହିଛି, ଯଥା - ରାଜନୈତିକ ଓ ଅର୍ଥନୈତିକ । ବୃହତ୍ ଶକ୍ତିମାନେ ଅର୍ଥନୈତିକ ସାହାଯ୍ୟ ପ୍ରଦାନ କରି ନୂତନ ଭାବେ ସ୍ୱାଦୀନତାପ୍ରାପ୍ତ ଦେଶଗୁଡ଼ିକର ରାଜନୈତିକ ସ୍ୱାଧୀନତାକୁ ନଷ୍ଟ କରି ଦେଉଛନ୍ତି । ଏହି ଦୃଷ୍ଟିକୋଣରୁ ଭାରତ ନିଜର ତଥା ଉପରୋକ୍ତ ଦେଶଗୁଡ଼ିକର ସ୍ୱାର୍ଥଦୃଷ୍ଟିରୁ ଏହି ଦେଶଗୁଡ଼ିକୁ ସଂଗଠିତ କରିଛି । ଏସୀୟ ମହାଦେଶର ରାଷ୍ଟ୍ରଗୁଡ଼ିକର ସମ୍ମିଳନୀ ଦିଲ୍ଲୀଠାରେ ୧୯୪୭ ମସିହାରେ ଅନୁଷ୍ଠିତ ହୋଇଥିଲା । ଏସିଆରୁ ଔପନିବେଶବାଦର ମୂଳୋତ୍ପାଟନ ପାଇଁ ଏକ ପ୍ରସ୍ତାବ ଉକ୍ତ ସମ୍ମିଳନୀରେ ଗୃହୀତ ହୋଇଥିଲା । ଏହି ଶ୍ରେଣୀୟ ଦ୍ୱିତୀୟ ସମ୍ମିଳନୀ ପୁନଶ୍ଚ ଦିଲ୍ଲୀଠାରେ ୧୯୪୯ ମସିହାରେ ଅନୁଷ୍ଠିତ ହୋଇ ଇଣ୍ଡୋନେସିଆ ଉପରେ ହଲାଣ୍ଡର ଆକ୍ରମଣ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏଥିରେ ୧୭ଟି ଦେଶର ପ୍ରତିନିଧି ଭାଗ ନେଇଥିଲେ ଓ ଏହା ସଫଳ ହୋଇଥିଲା । ୧୯୫୫ ମସିହା ଏପ୍ରିଲ୍ ୧୮ ତାରିଖ ଦିନ ଅନୁଷ୍ଠିତ ବାନ୍ଦୁଙ୍ଗ ସମ୍ମିଳନୀରେ ୨୯ ଗୋଟି ଦେଶ ଅଂଶଗ୍ରହଣ କରିଥିଲେ । ଔପନିବେଶବାଦକୁ ବିରୋଧ ଓ ପଞ୍ଚଶୀଳ ନୀତିକୁ ଗ୍ରହଣ କରାଯାଇ ପ୍ରସ୍ତାବ ଏହି ସମ୍ମିଳନୀରେ ଗୃହୀତ ହୋଇଥିଲା । ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ, ସଂଯୁକ୍ତ ଆରବ ସାଧାରଣତନ୍ତ୍ରର ମୁଖ୍ୟ କର୍ଣ୍ଣେଲ ନାସେର ଓ ଯୁଗୋସ୍ଲୋଭିଆର ମୁଖ୍ୟ ମାର୍ଶାଲ ଟିଟୋ ଏହି ଦେଶଗୁଡ଼ିକ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ପାଇଁ ଦିଲ୍ଲୀଠାରେ ଆୟୋଜିତ ଏକ ସମ୍ମିଳନୀରେ ବ୍ୟାପକ ଆଲୋଚନା କରିଥିଲେ ।

## ୭.୧.୧୦ ଜାତୀୟ ସମ୍ମତି ବା ଐକ୍ୟମତ ପ୍ରତିଷ୍ଠା :

ପ୍ରଧାନମନ୍ତ୍ରୀ ନେହେରୁଙ୍କଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତର ବୈଦେଶିକ ନୀତି ଜାତୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଆସୁଛି । ଏକ ପ୍ରକାର ମତର ଅଭାବ କେତେକ କ୍ଷେତ୍ରରେ ଦେଖାଗଲେ ମଧ୍ୟ ଭାରତର ବୈଦେଶିକ ନୀତି ଦ୍ୱନ୍ଦ୍ୱ, ନିର୍ବାଚନ ପ୍ରଚାର, ଦଳୀୟ ସମାଲୋଚନା ଇତ୍ୟାଦିଠାରୁ ଯଥେଷ୍ଟ ଦୂରରେ ରହିଛି । ଭାରତୀୟ ବୈଦେଶିକ ନୀତିରେ ନିରବଚ୍ଛିନ୍ନ ରକ୍ଷା ହିଁ ଆମର ଜାତୀୟ ଐକ୍ୟମତକୁ ପ୍ରତିଫଳିତ କରୁଛି ।

ଉପରୋକ୍ତ ବୈଶିଷ୍ଟ୍ୟଗୁଡ଼ିକ ଭାରତୀୟ ବୈଦେଶିକ ନୀତିକୁ ବଳିଷ୍ଠ ଓ ଯୁଗୋପଯୋଗୀ କରି ବିଶ୍ୱଶାନ୍ତି ଓ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠାର ମହାନ୍ ଲକ୍ଷ୍ୟ ସାଧନ ପାଇଁ ବ୍ରତୀ କରୁଛି ।

## ୭.୨. ଭାରତ ଓ ତା'ର ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ସମ୍ପର୍କ :

### ୭.୨.୧ ଭାରତ ଓ ଚୀନ୍ ସମ୍ପର୍କ :

- ଚୀନ୍ ଭାରତର ଏକ ପଡ଼ୋଶୀ ରାଷ୍ଟ୍ର । ଇତିହାସକୁ ସମୀକ୍ଷା କଲେ ସ୍ପଷ୍ଟ ହୁଏ ଯେ ଭାରତ ଓ ଚୀନ୍‌ର ସମ୍ପର୍କ ବହୁ ପ୍ରାଚୀନ । ଚୀନ୍‌ରେ କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠା ପୂର୍ବରୁ ଜାତୀୟତାବାଦୀ ସରକାର ସହିତ ଏକ ସନ୍ଧିବଳରେ ଭାରତର ସୁସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା । ୧୯୬୨ ମସିହା ଅକ୍ଟୋବର ମାସରେ ଚୀନ୍‌ର ଭାରତ ଆକ୍ରମଣ ପର୍ଯ୍ୟନ୍ତ ଚୀନ୍ ସହିତ ଭାରତର ସମ୍ପର୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା । ମାତ୍ର ୧୯୬୨ ମସିହାରେ ଚୀନ୍‌ର ଭାରତ ଆକ୍ରମଣ ଉଭୟ ଦେଶର ସମ୍ପର୍କରେ ତିକ୍ତତା ସୃଷ୍ଟି ହେଲା । ଭାରତ-ଚୀନ୍ ସମ୍ପର୍କର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା–
- ୧୯୪୯ ମସିହାରେ ଚୀନ୍ କମ୍ୟୁନିଷ୍ଟ ସରକାରକୁ ଭାରତ ପ୍ରଥମେ ସ୍ୱୀକୃତି ପ୍ରଦାନ କରିଥିଲା ।
- ୧୯୫୫ ମସିହାରେ ବାନ୍ଦୁଙ୍ଗ ସମ୍ମିଳନୀ ଓ ପଞ୍ଚଶୀଳ ରାଜିନାମାରେ ଦସ୍ତଖତ ଭାରତ ଏବଂ ଚୀନ୍‌ର ବନ୍ଧୁତ୍ୱକୁ ସୁଦୃଢ଼ କରିଥିଲା ।
- ଚୀନ୍‌ର ଭାରତ ଆକ୍ରମଣ : ୧୯୬୨: ୧୯୬୨ ମସିହା ପୂର୍ବରୁ ଭାରତ ଓ ଚୀନ୍ ମଧ୍ୟରେ ସୀମା ବିବାଦ ଆରମ୍ଭ ହୋଇଗଲା । ଚୀନ୍ ଭାରତର ଉତ୍ତର ପୂର୍ବ ସୀମାନ୍ତ ଅଞ୍ଚଳ ଏବଂ ଲଦାଖ ଅଞ୍ଚଳରେ ୫୧,୦୦୦ ବର୍ଗମାଇଲ ଜାଗା ଦାବି କଲା ଏବଂ ଏହି ଅଞ୍ଚଳିକ ନିଜ ସୀମାରେ ମିଶାଇ ଚୀନ୍ ଏକ ଜାଲ ମାନଚିତ୍ର ପ୍ରକାଶ କଲା । ଭାରତ ଏହାର ଦୃଢ଼ ବିରୋଧ କରିଥିଲା । ଏହାପରେ ମ୍ୟାକ୍‌ମୋହନରେଖାକୁ ନେଇ ଚୀନ୍ ପ୍ରତିବାଦ ଆରମ୍ଭ କଲା । ଏହି ବିବାଦ ଚାଲିଥିବାବେଳେ ୧୯୬୨ ମସିହା ଅକ୍ଟୋବର ମାସ ୨୦ ତାରିଖରେ ଚୀନ୍ ଭାରତ ବିରୁଦ୍ଧରେ ଅପ୍ରତ୍ୟାଶିତ ଭାବେ ଯୁଦ୍ଧ କରିଥିଲା । ଭାରତର ଏକ ବିଶାଳ ସୀମାକୁ ଅକ୍ତିଆର କରିବା ପରେ ଡିସେମ୍ବର ୧୦ ତାରିଖରେ ଚୀନ୍ ଏକତରଫା ଯୁଦ୍ଧ ବିରତି ଘୋଷଣା କରିଥିଲା । ଏହାପରେ ଚୀନ୍ ଏକ ଶାନ୍ତି ରାଜିନାମା ପ୍ରସ୍ତାବ ଦେଇଥିଲା ।
- ୧୯୬୨ ମସିହାର ଯୁଦ୍ଧପରେ ଭାରତ ଚୀନ୍ ସହିତ ସୁସମ୍ପର୍କ ରକ୍ଷା କରିବା ପାଇଁ ଉଦ୍ୟମ କରିଛି । ୧୯୭୧ ମସିହାରେ ଚୀନ୍ ମିଳିତ ଜାତିସଂଘର ସଦସ୍ୟ ହେବାପରେ ଭାରତ ପ୍ରଥମେ ଅଭିନନ୍ଦନ ଜଣାଇଥିଲା । ମାତ୍ର ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ ଯୋଗୁ ଚୀନ୍ ଭାରତକୁ ଏକ ଆକ୍ରମଣକାରୀ ରାଷ୍ଟ୍ରଭାବେ ଅଭିହିତ କରିଥିଲା । ପୁନଶ୍ଚ ଭାରତର ପରମାଣୁ ପରୀକ୍ଷା ପରେ ଚୀନ୍ କ୍ଷୁବ୍ଧ ହୋଇଥିଲା ।
- ଚୀନ୍‌ର ଶାସକ ମାଓ-ସେ-ତୁଙ୍ଗଙ୍କ ମୃତ୍ୟୁପରେ ସାଂସ୍କୃତିକ, ବୈଜ୍ଞାନିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ସମ୍ପର୍କ ସ୍ଥାପନ ପାଇଁ ଚୀନ ଭାରତକୁ ପ୍ରସ୍ତାବ ଦେଇଥିଲା । ମାତ୍ର ଉଭୟ ଦେଶ ମଧ୍ୟରେ ସୀମାବିବାଦର କୌଣସି ସମାଧାନ ହୋଇନଥିଲା ।
- ୧୯୯୩ ମସିହା ସେପ୍ଟେମ୍ବର ୭ ତାରିଖରେ ଚୀନ୍‌ର ସର୍ବୋଚ୍ଚ ଶାସକ ଲିପେଙ୍ଗ୍ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ଉପସ୍ଥିତିରେ ଭାରତ ଓ ଚୀନ୍ ପ୍ରକୃତ ନିୟନ୍ତ୍ରଣ ରେଖାରେ ଶାନ୍ତି ଏବଂ ନିରାପତ୍ତା ରକ୍ଷା କରିବା ପାଇଁ ଏକ ଯୁଗାନ୍ତକାରୀ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ।
- ୧୯୯୫ ମସିହା ନଭେମ୍ବର ମାସ ୧୬ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଓ ଚୀନ୍ ନେତା ସୀମାବିବାଦ ସମସ୍ୟାକୁ ମିଳିତ ସନ୍ତୁଷ୍ଟି ଉପରେ ଛାଡ଼ିଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଅର୍ଥନୈତିକ ଏବଂ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା ପାଇଁ ଆଲୋଚନା କରିଥିଲେ ।

- ୧୯୯୬ ମସିହା ନଭେମ୍ବର ମାସରେ ଚୀନ୍‌ର ରାଷ୍ଟ୍ରପତି ଜିଆଙ୍ଗ ଜେମିନ୍ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀଠାରେ ଉଭୟ ଦେଶ ସୀମା ବିବାଦକୁ ଗଠନମୂଳକ ଭାବରେ ଶୀଘ୍ର ସମାଧାନ କରିବା ପାଇଁ ରାଜି ହୋଇଥିଲେ ।
- ୧୯୯୮ ମସିହା ମେ ମାସରେ ଭାରତ ରାଜସ୍ଥାନର ପୋଖରାନ୍‌ଠାରେ ଆଣବିକ ପରୀକ୍ଷା କରିବା ପରେ ଚୀନ୍ ତା'ର ତୀବ୍ର ବିରୋଧ କରିଥିଲା । ଭାରତ ଆଧିପତ୍ୟକୁ ଖଣ୍ଡନ କରିବା ପାଇଁ ଭାରତ ଉପରେ ଅର୍ଥନୈତିକ କଟକଣା ଲଗାଇବା ପାଇଁ ଆମେରିକା ଉପରେ ଚାପ ପ୍ରୟୋଗ କରିଥିଲା । ଏପରିକି ବିଶ୍ୱ ରାଜନୀତିରେ ଭାରତକୁ ଏକ ଘରିକିଆ କରିବାକୁ ଚେଷ୍ଟା କରିଥିଲା ।
- ବର୍ତ୍ତମାନ ପରିସ୍ଥିତିରେ ଭାରତ ଅନୁଭବ କରିଛି ଯେ ଚୀନ୍ ଶତ୍ରୁ ନ ହେଲେ ମଧ୍ୟ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା । ଅନରୁଣାଚଳ ପ୍ରଦେଶରେ ଚୀନ୍ ସେନାଙ୍କ ଅନୁପ୍ରବେଶ ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି ।

## ୭.୨.୨ ଭାରତ ଓ ପାକିସ୍ତାନ ସମ୍ପର୍କ :

୧୯୪୭ ମସିହାରେ ଭାରତ ବିଭାଜିତ ହୋଇ ପାକିସ୍ତାନ ଗଠନ ହେବାପରେ ଭାରତ-ପାକିସ୍ତାନର ସସମ୍ପର୍କ ଅଦ୍ୟାବଧି ସନ୍ତୋଷଜନକ ନୁହେଁ । ଭାରତ-ପାକିସ୍ତାନ ସମ୍ପର୍କରେ ଅନ୍ତରାୟ ସୃଷ୍ଟି କରିଛି ସୀମାଜିବାଦ, ସିନ୍ଧୁନଦୀ ଜଳ ବିବାଦ ଓ ଭାରତରେ ପାକ୍ ସମର୍ଥିତ ଆତଙ୍କବାଦ ।

### ସିନ୍ଧୁନଦୀ ଜଳବିବାଦ :

୧୯୬୦ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଆୟୁବ ଖାଁ ମଧ୍ୟରେ ସିନ୍ଧୁ ନଦୀର କେନାଲ ପାଣି ଆବଣ୍ଟନ ପାଇଁ ଏକ ସନ୍ତୋଷଜନକ ରାଜିନାମା ହୋଇଥିଲା । ଏହି ରାଜାନାମା ଅନୁସରେ ଉଭୟ ଦେଶର ପ୍ରତିନିଧିମାନଙ୍କୁ ନେଇ ସିନ୍ଧୁ ଆୟୁକ୍ତ ଗଠନ କରାଯାଇଥିଲା । ଏହି ଆୟୋଗ ସିନ୍ଧୁନଦୀର ଜଳ ବିଭାଜନ ପାଇଁ ନୀତିନିୟମ ପ୍ରଣୟନ କରିଛନ୍ତି ।

### ଭାରତ ପାକିସ୍ତାନ ଯୁଦ୍ଧ ୧୯୬୫ :

୧୯୬୫ ମସିହା ଜାନୁୟାରୀ ଫେବୃୟାରୀ ମାସରେ ପାକିସ୍ତାନ ଏକା ସମୟରେ ସିନ୍ଧୁ ଏବଂ ଗୁଜୁରାଟ ଉପରେ ଆକ୍ରମ କରିଥିଲା । ପାକିସ୍ତାନର ଏହି ବର୍ବର ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଭାରତ ବାଧହୋଇ ଯୁଦ୍ଧରେ ସାମିଲ ହୋଇଥିଲା । ସେହିବର୍ଷ ଜୁନ୍ ମାସ ୩୦ ତାରିଖରେ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ୱିଲସନଙ୍କ ମଧ୍ୟସ୍ତତା ଦ୍ୱାରା ଉଭୟ ପକ୍ଷ ଯୁଦ୍ଧ ବିରତି ସ୍ୱାକ୍ଷରିତ ହୋଇଥିଲା ।

ମାତ୍ର ଯୁଦ୍ଧ ବିରତିର ମାସକ ମଧ୍ୟରେ ପାକିସ୍ତାନ କାଶ୍ମୀର ଉପରେ ପ୍ରଚଣ୍ଡ ଆକ୍ରମଣ କରିବାରୁ ପୁନର୍ବାର ୧୯୬୫ ମସିହା ଅଗଷ୍ଟ ମାସରେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧରେ ଭାରତୀୟ ସେନା ପାକିସ୍ତାନର ପଶ୍ଚିମପଟରୁ ଆକ୍ରମଣ କରି ଲାହୋର ଅଧିକାର କରିଥିଲା । ମିଳିତ ଜାତିସଂଘ ନିରାପତ୍ତା ପରିଷଦର ବାରମ୍ବାର ଅନୁରୋଧ କ୍ରମେ ଉଭୟ ପକ୍ଷ ରାଜି ହୋଇ ୧୯୬୫ ମସିହା ସେପ୍ଟେମ୍ବର ୨୭ ତାରିଖରେ ଯୁଦ୍ଧ ବିରତି ଘୋଷଣା କରିଥିଲେ ।

### ତାସ୍କେଣ୍ଟ ସମ୍ମିଳନୀ ୧୯୬୬ :

ରୁଷିଆର ସର୍ବୋଚ୍ଚ ଶାସକ କୋସିଜିନ୍‌ଙ୍କ ମଧ୍ୟସ୍ଥତାରେ ଭାରତର ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୂର ଶାସ୍ତ୍ରୀ ଏବଂ ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାଁ ୧୯୬୬ ମସିହା ଜାନୁୟାରୀ ମାସରେ ତାସ୍କେଣ୍ଟଠାରେ ଏକ ସମ୍ମିଳନୀରେ ମିଳିତ ହୋଇଥିଲେ ।

ଏକ ସପ୍ତାହବ୍ୟାପୀ ବିଚାରବିମର୍ଶ ପରେ ଉଭୟ ନେତା ମଧ୍ୟରେ ୧୯୬୬ ମସିହା ଜାନୁୟାରୀ ୧୦ ତାରିଖରେ ଐତିହାସିକ ତାସ୍‌କେଣ୍ଟ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ରାଜିନାମାର ସର୍ତ୍ତମାନ ଥିଲା–

(କ) ପାରସ୍ପରିକ ସମ୍ପର୍କରେ ଉନ୍ନତି

(ଖ) ଉଭୟ ଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ

(ଗ) ଉଭୟ ପଡ଼ୋଶୀ ଭାବରେ ସମ୍ପର୍କ ପ୍ରତିଷ୍ଠା

(ଘ) ମିଳିତ ଜାତିସଂଘ ସନନ୍ଦ ପ୍ରତି ପୁନଃ ଆସ୍ଥା ପ୍ରକଟ ।

**ଭାରତ ପାକିସ୍ତାନ ଯୁଦ୍ଧ ୧୯୭୧ :**

୧୯୭୧ ମସିହା ବେଳକୁ ଭାରତ-ପାକିସ୍ତାନ ମଧ୍ୟରେ ଦୋଷାରୋପ ଓ ପ୍ରତିଦୋଷାରୋପ ବୃଦ୍ଧି ପାଇଥିଲା । ଅପରପକ୍ଷରେ ପାକିସ୍ତାନ ସୈନ୍ୟମାନେ ଭାରତୀୟ ଅଞ୍ଚଳକୁ ବାରମ୍ବାର ପ୍ରବେଶ କରୁଥିଲେ । ଭାରତ ବାରମ୍ବାର ଚେତାବନୀ ଦେଇଥିଲେ ମଧ୍ୟ ପାକିସ୍ତାନ କର୍ଣ୍ଣପାତ କରିନଥିଲା । ଶେଷରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଡିସେମ୍ବର ୩ ାରିଖରେ ଭାରତୀୟ ସେନାବାହିନୀକୁ ଯୁଦ୍ଧ ପାଇଁ ଡାକରା ଦେଇଥିଲେ । ଏହି ଯୁଦ୍ଧରେ ଭାରତୀୟ ସୈନାବାହିନୀ ପୂର୍ବବଙ୍ଗର ମୁକ୍ତିମାହିନୀ ସହିତ ମିଳିତ ହୋଇ ପାକିସ୍ତାନ ସୈନ୍ୟ ଉପରେ ଆକ୍ରମଣ କରିଥିଲେ । ପାକିସ୍ତାନ ସୈନ୍ୟ ପରାଜିତ ହୋଇ ଭାରତୀୟ ସୈନ୍ୟବାହିନୀ ନିକଟରେ ସର୍ତ୍ତବିହୀନ ଭାବରେ ଆତ୍ମ ସମର୍ପଣ କରିଥିଲେ । ଏହି ଯୁଦ୍ଧରେ ଭାରତ ପାକିସ୍ତାରନ ଅନେକ ଅଞ୍ଚଳ ଅଧିକାର କରି ନେଇଥିଲା । ଡିସେମ୍ବର ୧୭ ତାରିଖରେ ଭାରତର ଯୁଦ୍ଧ ବିରତି ପ୍ରସ୍ତାବକୁ ପାକିସ୍ତାନ ଗ୍ରହଣ କରିବାକୁ ୧୪ ଦିନିଆ ଯୁଦ୍ଧର ଅବସାନ ହୋଇଥିଲା ।

**ସିମ୍‌ଲା ରାଜିନାମା ୧୯୭୨ :**

ଯୁଦ୍ଧ ପରେ ଭାରତ ପାକିସ୍ତାନ ସହିତ ସମ୍ପର୍କର ଉନ୍ନତି ପାଇଁ ୧୯୭୨ ମସିହା ଜୁଲାଇ ୨ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏବଂ ପାକିସ୍ତାରନ ପ୍ରଧାନମନ୍ତ୍ରୀ ଜୁଲ୍ ଫିକର ଅଲ୍ଲି ଭୁଟ୍ଟୋଙ୍କ ମଧ୍ୟରେ ସିମଲାଠାରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଏହାର ସର୍ତ୍ତମାନ ଥିଲା –

(କ) ସୀମାରୁ ଭାରତ ଓ ପାକିସ୍ତାନ ନିଜନିଜର ସୈନ୍ୟକୁ ଫେରାଇ ନେବେ ।

(ଖ) କୌଣସି ବିବାଦର ସମାଧାନ ପାଇଁ ଶକ୍ତି ପ୍ରୟୋଗ କରାଯିବ ନାହିଁ ।

(ଗ) ଦ୍ୱିପାକ୍ଷିକ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହେବ ।

(ଘ) ଜାମ୍ମୁ ଓ କାଶ୍ମୀରର ବେସାମରିକ ଅଞ୍ଚଳକୁ ଉଭୟ ଭାରତ ଏବଂ ପାକିସ୍ତାନ ମିଳିତ ଭାବେ ତଦାରଖ କରିବେ ।

(ଙ) ସମ୍ପର୍କକୁ ସାମାନ୍ୟ କରିବା ପାଇଁ କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରିବେ ।

ସିମଳା ରାଜିନାମା ଭାରତ ପାକିସ୍ତାନ ସମ୍ପର୍କରେ ବନ୍ଧୁତାର ଏକ ନୂତନ ଯୁଗ ଆରମ୍ଭ କରିଥିଲା ।

**ଭାରତ - ପାକିସ୍ତାନ ରାଜିନାମା - ୧୯୭୩ :**

ଯୁଦ୍ଧବନ୍ଦୀ ସମସ୍ୟାର ସନ୍ତୋଷଜନକ ସମାଧାନ ପାଇଁ ୧୯୭୩ ମସିହା ଅଗଷ୍ଟ ୨୮ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ।

**ତ୍ରିପାକ୍ଷିକ ରାଜିନାମା - ୧୯୭୪ :**

ସିମଲା ରାଜିନାମା ଅନୁଯାୟୀ ଉଭୟ ଦେଶ ମଧ୍ୟରେ ଉତ୍ତମ ସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ଭାରତ ଓ ପାକିସ୍ତାନର ପ୍ରତିନିଧିମାନଙ୍କ ମଧ୍ୟରେ ୧୯୭୬ ମସିହା ମେ ମାସରେ ଇସ୍‌ଲାମାବାଦଠାରେ ଏକ ରାଜନାମା ସ୍ୱାକ୍ଷରିତ ହୋଇଥିଲା ।

**ଭାରତ - ପାକିସ୍ତାନ ରାଜିନାମା - ୧୯୭୬ :**

୧୯୮୫ ମସିହ ଡିସେମ୍ବର ମାସ ୧୭ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧି ଏବଂ ପାକିସ୍ତାନର ରାଷ୍ଟ୍ରପତି ଜିଆ-ଉଲ-ହକ୍ ମଧ୍ୟରେ ଏକ ରାଜିନା ସ୍ୱାକ୍ଷରିତ ହୋଇଥିଲା । ଏହି ରାଜିନାମା ଅନୁସାରେ କେହି କାହାର ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବେ ନାହିଁ ବୋଲି ସ୍ଥିର ହୋଇଥିଲା ।

**ଭାରତ - ପାକିସ୍ତାନ ରାଜିନାମା - ୧୯୯୨ :**

୧୯୯୨ ମସିହା ଅଗଷ୍ଟ ୧୯ ତାରିଖରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଏହାର ସର୍ତ୍ତ ଥିଲା–

(୧) ଜଣେ ଅନ୍ୟ ଜଣଙ୍କ ବିରୁଦ୍ଧରେ ରାସାୟନିକ ଅସ୍ତ୍ରଶସ୍ତ୍ର ପ୍ରୟୋଗକୁ ସମ୍ପୂର୍ଣ୍ଣ ନିଷେଧ କରିବା ।

(୨) କୂଟନୀତିଜ୍ଞମାନଙ୍କ ପ୍ରତି ଆଚାର ବ୍ୟବହାର ସମ୍ବଳିତ ଏକ ମିଳିତ ନିୟମାବଳୀ ପ୍ରସ୍ତୁତ କରିବା ।

**ଢାକା ତ୍ରିପାକ୍ଷିକ ସମ୍ମିଳନୀ :**

ଭାରତ, ପାକିସ୍ତାନ ଏବଂ ବଙ୍ଗଳାଦେଶ ଦେଶ ମଧ୍ୟରେ ଢାକାଠାରେ ୧୯୯୮ ମସିହା ଜାନୁୟାରୀ ୧୫ ତାରିଖରେ 'ବାଣିଜ୍ୟ ଶିଖର ସମ୍ମିଳନୀ' ଅନୁଷ୍ଠିତ ହୋଇଥିଲା ।

**ପୋଖରାନ୍-୨ ଆଣବିକ ପରୀକ୍ଷା ଏବଂ ପାକିସ୍ତାନର ପ୍ରତିକ୍ରିୟା :**

୧୯୯୮ ମସିହା ମେ ମାସ ୧୧-୧୩ରେ ପୋଖରାନ୍-୨ ଆଣବିକ ପରୀକ୍ଷା ପରେ ପାକିସ୍ତାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବାରୁ ଭାରତ-ପାକିସ୍ତାନ ସମ୍ପର୍କ ତିକ୍ତ ହୋଇଥିଲା ।

**ଦିଲ୍ଲୀ-ଲାହୋର ବସ୍ ଚଳାଚଳ ଓ ଲାହୋର ଘୋଷଣା :**

୧୯୯୯ ମସିହା ଫେବୃୟାରୀ ୨୦ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ବସ୍‌ଯୋଗେ ଦିଲ୍ଲୀରୁ ଲାହୋର ଗସ୍ତ କରିବା ସହିତ ଦିଲ୍ଲୀ-ଲାହୋର ମଧ୍ୟରେ ବସ୍ ଚଳାଚଳ ହୋଇଥିଲା ।

ଭାରତର ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ମଧ୍ୟରେ ଲାହୋରଠାରେ ଏକ ଘୋଷଣାନାମା ସ୍ୱାକ୍ଷରିତ ହୋଇଥିଲା । ଏହି ଘୋଷଣାର ଥିବା ବିଷୟମାନ ହେଲା–

(କ) ସିମଲା ରାଜିନାମାକୁ ଭିତ୍ତିକରି ଉଭୟ ଦେଶ ଯଥା ଜାମ୍ମୁ ଓ କାଶ୍ମୀର ସମସ୍ୟାର ସମାଧାନ କରିବା ।

(ଖ) ଜଣେ ଅନ୍ୟ ଜଣଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବା ।

(ଗ) ଆକସ୍ମିକ ତଥା ବିନା ସ୍ୱୀକୃତିରେ ଆଣବିକ ଅସ୍ତ୍ରର ଉପଯୋଗ ଉଭୟପକ୍ଷ ବନ୍ଦ କରିବା ଏବଂ ଆଣବିକ ପରୀକ୍ଷା ବାତିଲ କରିବା ।

(ଘ) ପର୍ଯ୍ୟାବରଣର ସୁରକ୍ଷା ପାଇଁ ଉଭୟ ମିଳିତ ଭାବରେ କାର୍ଯ୍ୟ କରିବେ ।

ଉଭୟ ଦେଶ ମଧ୍ୟରେ ଶାନ୍ତି ଶୃଙ୍ଖଳା ଏବଂ ସୁରକ୍ଷା ବ୍ୟବସ୍ଥା ପାଇଁ ଆଠଗୋଟି ତଥ୍ୟକୁ ଚିହ୍ନଟ କରାଯାଇ ପାଳନ କରିବା ପାଇଁ ମଧ୍ୟ ଲାହୋର ଘୋଷଣା ସହିତ ଉଭୟ ପକ୍ଷର ବୈଦେଶିକ ସଚିବ ସ୍ୱାକ୍ଷର କରିଥିଲେ ।

**କାର୍ଗିଲ ଯୁଦ୍ଧ ୧୯୯୯ :**

୧୯୯୯ ମସିହା ମେ ୬ ତାରିଖରେ ସମ୍ବାଦପତ୍ରରେ ପ୍ରକାଶ ପାଇଲା ଯେ, ପାକିସ୍ତାନ ଅନୁପ୍ରବେଶକାରୀମାନେ କାର୍ଗିଲ ସାମରିକ ଅଞ୍ଚଳରେ ନିୟନ୍ତ୍ରଣ ରେଖାର ୬-୭ କି.ମି. ଭାରତ ଭିତରକୁ ପ୍ରବେଶ କରିଛନ୍ତି । ଏହାର ସତ୍ୟତାକୁ ସ୍ୱୀକାର କରି କ୧୯ ତାରିଖରେ ଭାରତ ସରକାର ବିବରଣୀ ପ୍ରକାଶ କରିଥିଲେ । ଏହାପରେ କାର୍ଗିଲକୁ ଅନୁପ୍ରବେଶକାରୀଙ୍କ କବଳରୁ ମୁକ୍ତ କରିବା ପାଇଁ ଭାରତ ସାମରିକ କାର୍ଯ୍ୟକଳାପ ଗ୍ରହଣ କରିଥିଲା । ୧୯୯୯ ଜୁଲାଇ ୧୯ ତାରିଖ ସୁଦ୍ଧା ପାକିସ୍ତାନ ସୈନ୍ୟ ସହିତ ଅନୁପ୍ରବେଶକାରୀଙ୍କୁ ପରାସ୍ତ କରି କାର୍ଗିଲକୁ ପୁନଃ ଜୟ କରିଥିଲା ।

**ଭାରତ ସଂସଦ ଉପରେ ଆକ୍ରମଣ ୨୦୦୧ :**

୨୦୦୧ ମସିହାରେ ଭାରତର ସଂସଦ ଭବନକୁ ପାକ ସମର୍ଥିତ ଆତଙ୍କବାଦୀ ଆକ୍ରମଣ କରିବା ପରେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ।

**ଭାରତ-ପାକିସ୍ତାନ ବର୍ତ୍ତମାନ ସମ୍ପର୍କ :**

୨୦୧୬ ମସିହାରେ ଭାରତ-ପାକିସ୍ତାନ ସୀମା ଅଶାନ୍ତ ହୋଇଅଛି । ସେପ୍ଟେମ୍ବର ୨୦ ତାରିଖରେ ପାକସୈନ୍ୟ ନିୟନ୍ତ୍ରଣ ରେଖା ଅତିକ୍ରମ କରି ଉରିଠାରେ ଭାରତୀୟ ସେନା ଶିବିରକୁ ଆକ୍ରମଣ କରିବାରୁ ୧୭ ଜଣ ଭାରତୀୟ ସୈନ୍ୟ ସହିଦ୍ ହୋଇଥିଲେ । ଏହାର ଜବାବ ସ୍ୱରୂପ ସେପ୍ଟେମ୍ବର ୨୯ ତାରିଖରେ ପାକ୍-ଅଧିକୃତ କାଶ୍ମୀର ଅଞ୍ଚଳରେ ପାକିସ୍ତାନ ଆତଙ୍କବାଦୀ ଶିବିରଗୁଡ଼ିକ ଉପରକୁ ଭାରତୀୟ ସେନାବାହିନୀ 'ସର୍ଜିକାଲ ଷ୍ଟ୍ରାଇକ୍' ଭଳି ପଦକ୍ଷେପ ଗ୍ରହଣ କରି ଅନେକ ଆତଙ୍କବାଦୀ ଶିବିର ଧ୍ୱଂସ କରିଥିଲା । ପୁନଶ୍ଚ ନଭେମ୍ବର ୯ ତାରିଖ ସକାଳେ ପାକ୍‌ସେନା ପୁଞ୍ଚ ଓ କ୍ରିଷ୍ଣାଘାଟି ସେକ୍ଟରରେ ଭାରତୀୟ ସେନା ଶିବିର ଓ ଜନବସତି ଉପରକୁ ଗୁଳିମାଡ଼ କରିଥିଲା । ନଭେମ୍ବର ୨୨ ତାରିଖରେ ଭାରତୀୟ ସେନାର ୩ ଜଣ ଯବାନ ଜାମ୍ମୁ-କାଶ୍ମୀରରେ 'ମାଚ୍ଛିଲ୍ ସେକ୍ଟର'ରେ ପେଟ୍ରୋଲିଂ କରୁଥିବା ସମୟରେ ପାକିସ୍ତାନ ଆତଙ୍କବାଦୀଙ୍କ ଦ୍ୱାରା ଏମ୍ବୁସ୍ ହୋଇ ସହିଦ୍ ହୋଇଛନ୍ତି । ପ୍ରାୟତଃ ପ୍ରଚଳିତ ପାକିସ୍ତାନ 'ଅସ୍ତ୍ରବିରତି ଚୁକ୍ତି' ୨୦୦୩କୁ ଉଲ୍ଲଙ୍ଘନ କରି ଆସୁଅଛି । ସୀମାନ୍ତ ଅଞ୍ଚଳରେ ପାକିସ୍ତାନ ତା'ର ସେନାଛାଉଣୀ କରିବା ଦ୍ୱାରା ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ପାକିସ୍ତାନ ଆକ୍ରମଣର ମୁକାବିଲା କରିବା ପାଇଁ ଭାରତୀୟ ସେନା ଦୃଢ଼ ସଙ୍କଳ୍ପବଦ୍ଧ ।

## ୭.୩ ସାରାଂଶ

ଭାରତର ବୈଦେଶିକ ନୀତି ଜାତୀୟ ସ୍ୱାର୍ଥ ଆଞ୍ଚଳିକ ବାଧ୍ୟବାଧକତା ଓ କିଛି ଆଭିମୁଖ୍ୟ ଦୃଷ୍ଟିରୁ ନିମ୍ନୋକ୍ତ ମୁଖ୍ୟ ଉପାଦାନଗୁଡ଼ିକୁ ଭିତ୍ତିରୂପେ ଗ୍ରହଣ କରିଛି :

(୧) ଗୋଷ୍ଠୀ ନିରପେକ୍ଷ ନୀତି

(୨) ପଞ୍ଚଶୀଳ ନୀତି

(୩) ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ଉନ୍ନୟନଭିତ୍ତିକ ଉପଯୋଗ

(୪) ନିରସ୍ତ୍ରୀକରଣ

(୫) ଜାତିସଂଘର କାର୍ଯ୍ୟକରିବାରେ ପ୍ରଭାବଶାଳୀ ଭୂମିକା ଗ୍ରହଣ ଓ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ଦାବି

(୬) ବର୍ଣ୍ଣବୈଷମ୍ୟ ନୀତିର ବିରୋଧ ଓ ମାନବିକ ଅଧିକାର ଉଲ୍ଲଘନର ବିରୋଧ

(୭) ଉପନିବେଶବାଦ ଓ ଉଭୟ ଆଦର୍ଶଗତ ଓ ଅର୍ଥନୈତିକ ସାମ୍ରାଜ୍ୟବାଦର ବିରୋଧ

(୮) ରାଜ୍ୟଗୋଷ୍ଠୀ ରାଜ୍ୟସମୂହ ସହ ସମ୍ପର୍କ ଓ ବିକାଶ ପାଇଁ ସହଯୋଗ

(୯) ପଡ଼ୋଶୀମାନଙ୍କ ସହ ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ମାନଜନକ ସମ୍ପର୍କ ରକ୍ଷା

**ଭାରତ ଓ ଚୀନ୍ ସମ୍ପର୍କ :** ଚୀନ୍‌ରେ କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠା ପୂର୍ବରୁ ଜାତୀୟତାବାଦୀ ସରକାର ସହିତ ଏକ ସନ୍ଧିବଳରେ ଭାରତର ସୁସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା । ୧୯୪୯ ମସିହାରେ ଚୀନ୍ କମ୍ୟୁନିଷ୍ଟ ସରକାରଙ୍କୁ ଭାରତ ପ୍ରଥମେ ସ୍ୱୀକୃତି ପ୍ରଦାନ କରିଥିଲା । ୧୯୫୫ ମସିହାରେ ବାନ୍ଦୁଙ୍ଗ ସମ୍ମିଳନୀ ଓ ପଞ୍ଚଶୀଳ ରାଜିନାମାରେ ଦସ୍ତଖତ ଭାରତ ଏବଂ ଚୀନ୍‌ର ବନ୍ଧୁତ୍ୱକୁ ସୁଦୃଢ଼ କରିଥିଲା ।୧୯୬୨ ମସିହା ଅକ୍ଟୋବର ମାସରେ ଚୀନ୍‌ର ଭାରତ ଆକ୍ରମଣ ପର୍ଯ୍ୟନ୍ତ ଚୀନ୍ ସହିତ ଭାରତର ସମ୍ପର୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା । ମାତ୍ର ୧୯୬୨ ମସିହା ଅକ୍ଟୋବର ମାସ ୨୦ ତାରିଖରେ ଚୀନ୍‌ର ଭାରତ ଆକ୍ରମଣ ଉଭୟ ଦେଶର ସମ୍ପର୍କରେ ତିକ୍ତତା ସୃଷ୍ଟି ହେଲା ।

**ଭାରତ ଓ ପାକିସ୍ତାନ ସମ୍ପର୍କ :** ୧୯୪୭ ମସିହାରେ ଭାରତ ବିଭାଜିତ ହୋଇ ପାକିସ୍ତାନ ଗଠନ ହେବାପରେ ଭାରତ-ପାକିସ୍ତାନର ସସମ୍ପର୍କ ଅଦ୍ୟାବିଧି ସନ୍ତୋଷଜନକ ନୁହେଁ । ଭାରତ-ପାକିସ୍ତାନ ସମ୍ପର୍କରେ ଅନ୍ତରାୟ ସୃଷ୍ଟି କରିଛି ସାମାଜିବାଦ, ସିନ୍ଧୁନଦୀ ଜଳ ବିବାଦ ଓ ଭାରତରେ ପାକ୍ ସମର୍ଥିତ ଆତଙ୍କବାଦ ।୧୯୬୦ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଆୟୁବ ଖାଁ ମଧ୍ୟରେ ସିନ୍ଧୁ ନଦୀର କେନାଲ ପାଣି ଆବଣ୍ଟନ ପାଇଁ ଏକ ସନ୍ତୋଷଜନକ ରାଜିନାମା ହୋଇଥିଲା ।

୧୯୬୫ ମସିହା ଜାନୁୟାରୀ ଫେବୃୟାରୀ ମାସରେ ପାକିସ୍ତାନ ଏକା ସମୟରେ ସିନ୍ଧୁ ଏବଂ ଗୁଜୁରାଟ ଉପରେ ଆକ୍ରମଣ କରିଥିଲା । ପାକିସ୍ତାନର ଏହି ବର୍ବର ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଭାରତ ବାଧହୋଇ ଯୁଦ୍ଧରେ ସାମିଲ ହୋଇଥିଲା । ୧୯୬୫ ମସିହା ଅଗଷ୍ଟ ମାସରେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ମିଳିତ ଜାତିସଂଘ ନିରାପତ୍ତା ପରିଷଦର ବାରମ୍ବାର ଅନୁରୋଧ କ୍ରମେ ଉଭୟ ପକ୍ଷ ରାଜି ହୋଇ ୧୯୬୫ ମସିହା ସେପ୍ଟେମ୍ବର ୨୭ ତାରିଖରେ ଯୁଦ୍ଧ ବିରତି ଘୋଷଣା କରିଥିଲେ । ରୁଷିଆର ସର୍ବୋଚ୍ଚ ଶାସକ କୋସିଜିନ୍‌ଙ୍କ ମଧ୍ୟସ୍ଥତାରେ ଭାରତର ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୂର ଶାସ୍ତ୍ରୀ ଏବଂ ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାଁ ୧୯୬୬ ମସିହା ଜାନୁୟାରୀ ମାସରେ ତାସ୍‌କେଣ୍ଟଠାରେ ଏକ ସମ୍ମିଳନୀରେ ରାଜିନାମା ହୋଇଥିଲେ ।୧୯୭୧ ମସିହା ବେଳକୁ ଭାରତ-ପାକିସ୍ତାନ ମଧ୍ୟରେ ଦୋଷାରୋପ ଓ ପ୍ରତିଦୋଷାରୋପ ବୃଦ୍ଧି ପାଇଥିଲା । ଭାରତ ପାକିସ୍ତାନ ଯୁଦ୍ଧ ୧୯୭୧ରେ ହୋଇଥିଲା ।ଯୁଦ୍ଧ ପରେ ଭାରତ ପାକିସ୍ତାନ ସହିତ ସମ୍ପର୍କର ଉନ୍ନତି ପାଇଁ ୧୯୭୨ ମସିହା ଜୁଲାଇ ୨ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏବଂ ପାକିସ୍ତାନର ପ୍ରଧାନମନ୍ତ୍ରୀ ଜୁଲ୍ ଫିକର ଅଲ୍ଲି ଭୁଟ୍ଟୋଙ୍କ ମଧ୍ୟରେ ସିମଲାଠାରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ।କାର୍ଗିଲକୁ ପାକିସ୍ତାନ ଅନୁପ୍ରବେଶକାରୀଙ୍କ କବଳରୁ ମୁକ୍ତ କରିବା ପାଇଁ ଭାରତ ୧୯୯୯ରେ ସାମରିକ କାର୍ଯ୍ୟକଳାପ ଗ୍ରହଣ କରିଥିଲା ।

## ୭.୪ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୧. ଭାରତର ବୈଦେଶିକ ନୀତିର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଲେଖ ।

୨. ଭାରତ ଓ ଚୀନ୍ ସମ୍ପର୍କ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ପ୍ରବନ୍ଧ ଲେଖ ।

୩. ଭାରତ ଓ ପାକିସ୍ତାନ ସମ୍ପର୍କ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।

## ୭.୫ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର

୧. ୭.୧ ର ପାଠ ଦେଖ ।

୨. ୭.୨.୧ ର ପାଠ ଦେଖ ।

୩. ୭.୨.୨ ର ପାଠ ଦେଖ ।

❖❖❖

**ଅଷ୍ଟମ ଅଧ୍ୟାୟ**

# ଆନ୍ତର୍ଜାତୀୟ ଅନୁଷ୍ଠାନ
# INTERNATIONAL ORGANISATION

## ମିଳିତ ଜାତିସଂଘ, ଏହାର ମୁଖ୍ୟ ଅଙ୍ଗ; ସଂସ୍କାର; ଜାତିସଂଘରେ ଭାରତର ସ୍ଥାନ, ଆନ୍ତର୍ଜାତୀୟ ଅର୍ଥନୈତିକ ସଂଗଠନ ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି

ସଂରଚନା :


୮. ଉଦ୍ଦେଶ୍ୟ

୮.୧ ମିଳିତ ଜାତିସଂଘର ପ୍ରତିଷ୍ଠା ପାଇଁ କରାଯାଇଥିବା ଉଦ୍ୟମ

୮.୨ ମିଳିତ ଜାତିସଂଘର ଆଭିମୁଖ୍ୟ ଓ ମୌଳିକ ନୀତି

୮.୩ ମିଳିତ ଜାତିସଂଘର ସାଧାରଣ ସଭା(General Assembly)ର ଗଠନ ଓ କାର୍ଯ୍ୟାବଳୀ

୮.୪ ନିରାପତ୍ତା ପରିଷଦ(Security Council)ର ଗଠନ ଓ କାର୍ଯ୍ୟାବଳୀ

୮.୫ ଆନ୍ତର୍ଜାତିକ ବିଚାରାଳୟ (Internationa Court of Justice)

୮.୬ ମିଳିତ ଜାତିସଂଘର ସଂସ୍କାର ପାଇଁ ଆବଶ୍ୟକ ପଦକ୍ଷେପ

୮.୭ ମିଳିତ ଜାତିସଂଘରେ ଭାରତର ଭୂମିକା

୮.୮ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (International Monetary Fund)ର ଗଠନ ଓ କାର୍ଯ୍ୟାବଳୀ

୮.୯ ବିଶ୍ୱବ୍ୟାଙ୍କର (World Bank) ଗଠନ ଓ କାର୍ଯ୍ୟାବଳୀ

୮.୧୦ ସାରାଂଶ

୮.୧୧ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

୮.୧୨ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର

## ୮. ଉଦ୍ଦେଶ୍ୟ

ଏହି ପରିଚ୍ଛେଦ ଅଧ୍ୟୟନ ପରେ ଆପଣ

- ମିଳିତ ଜାତିସଂଘର ପ୍ରତିଷ୍ଠା ପାଇଁ କରାଯାଇଥିବା ଉଦ୍ୟମ ବିଷୟରେ ଜାଣିପାରିବେ ।
- ମିଳିତ ଜାତିସଂଘର ମୁଖ୍ୟ ଅଙ୍ଗ - ସାଧାରଣ ସଭା ବିଷୟରେ ଅବଗତ ହୋଇପାରିବେ ।
- ନିରାପତ୍ତା ପରିଷଦର ଗଠନ ଓ କାର୍ଯ୍ୟାବଳୀ ବିଷୟରେ ଅବଗତ ହୋଇପାରିବେ ।
- ଆନ୍ତର୍ଜାତୀୟ ନ୍ୟାୟାଳୟର ଗଠନ ଓ କାର୍ଯ୍ୟାବଳୀ ବିଷୟରେ ଜାଣିପାରିବେ ।
- ଜାତିସଂଘର ସଂସ୍କାର ସଂପର୍କରେ ତଥ୍ୟ ପାଇପାରିବେ ।
- ମିଳିତ ଜାତିସଂଘରେ ଭାରତର ସ୍ଥାନ ବିଷୟରେ ଜାଣିପାରିବେ ।
- ବିଶ୍ୱବ୍ୟାଙ୍କର ଗଠନ ଓ କାର୍ଯ୍ୟାବଳୀ ସଂପର୍କରେ ତଥ୍ୟ ପାଇପାରିବେ ।
- ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଗଠନ ଓ କାର୍ଯ୍ୟାବଳୀ ବିଷୟରେ ଜାଣିପାରିବେ ।

## ୮.୧ ମିଳିତ ଜାତିସଂଘର ପ୍ରତିଷ୍ଠା ପାଇଁ କରାଯାଇଥିବା ଉଦ୍ୟମ

ଯୁଦ୍ଧ କରିବା ଏବଂ ତା' ପରେ ଶାନ୍ତି ଅନ୍ୱେଷଣ କରିବା ହେଉଛି ମନୁଷ୍ୟର ସହଜାତ ପ୍ରବୃତ୍ତି । ଯେତେବେଳେ ବିଜ୍ଞାନର ବିକାଶ ଘଟୁଥିଲା ଓ ମନୁଷ୍ୟ ନିଜକୁ ସଭ୍ୟ ବୋଲି ଘୋଷଣା କରୁଥିଲା, ସେତେବେଳେ ମନୁଷ୍ୟ ମନୁଷ୍ୟ ମଧ୍ୟରେ, ଜାତି ଜାତି ମଧ୍ୟରେ ଓ ଦେଶ ଦେଶ ମଧ୍ୟରେ ଯୁଦ୍ଧ ସଂଘଟିତ ହେଉଥିଲା । ହିଂସା, ରକ୍ତପାତ ଓ ଧ୍ୱଂସ ବିଧ୍ୱଂସରେ ଭୟଭୀତ ହୋଇ ମନୁଷ୍ୟ ଯୁଦ୍ଧ ତ୍ୟାଗ କରି ଶାନ୍ତି ପାଇଁ ପ୍ରୟାସ କରୁଥିଲା । ଏହିପରି ବିଂଶ ଶତାବ୍ଦୀରେ ଦ୍ୱିତୀୟ ଶତାବ୍ଦୀରେ ଲାଗିଥିଲା ପ୍ରଥମ ପୃଥିବୀ ମହାସମର । ତାହାର ଧ୍ୱଂସଲୀଳାରେ ଆତଙ୍କିତ ହୋଇ ବିଶ୍ୱଶାନ୍ତି ଓ ନିରାପତ୍ତା ନିମିତ୍ତ ମାନବ ଜାତି ଗଢ଼ିଥିଲା ଜାତିସଂଘ (League of Nations) । ଏହା ଥିଲା ବିଶ୍ୱ ସ୍ତରର ଏକ ଶାନ୍ତି ସଂଗଠନ । କିନ୍ତୁ ଦୁର୍ଭାଗ୍ୟର କଥା, ଶାନ୍ତି ପାଇଁ ମନୁଷ୍ୟର ଇଚ୍ଛା ଥିଲା କ୍ଷଣସ୍ଥାୟୀ । ଏହାପରେ ଘଟିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ଏହି ଯୁଦ୍ଧ ଏକ ରାକ୍ଷସ ପରି ସବୁ ଧ୍ୱଂସ କରିଦେଲା - ମନୁଷ୍ୟର ଧନ, ଜୀବନ, ସଭ୍ୟତା, ସବୁକିଛି । ପୁନର୍ବାର ଶାନ୍ତିର ଆବଶ୍ୟକତା ଅନୁଭବ ହେଲା । ପୁଣି ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ପାଇଁ ଗଢ଼ା ହେଲା ମିଳିତ ଜାତିସଂଘ ।

**ମିଳିତ ଜାତିସଂଘର ଉତ୍ପତ୍ତି (Origin of the UNO) :** ଏହି ବିଶ୍ୱ ସଂଗଠନର ପରିକଳ୍ପନା ପ୍ରଥମେ ବେସରକାରୀ ଉଦ୍ୟମରେ 'ଶାନ୍ତି ସଂଗଠନ କମିଶନ' ନାମକ ଏକ ସଂସ୍ଥା ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାରେ ଆରମ୍ଭ ହୋଇଥିଲା । ଏହାର ଅଧ୍ୟକ୍ଷ ଥିଲେ ଜେମସ୍ ସଟୱେଲ୍ । ଦୀର୍ଘ ୫ ବର୍ଷ ପରେ କମିଶନର ଯୋଜନା ୧୯୪୪ ମସିହାରେ ପ୍ରକାଶ ପାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ହୋଇଥିବା ବିଭିନ୍ନ ଆନ୍ତର୍ଜାତିକ ଅଧିବେଶନ ମଧ୍ୟଦେଇ ମିଳିତ ଜାତିସଂଘ ବା ସଂଯୁକ୍ତ ରାଷ୍ଟ୍ରସଂଘ ଜନ୍ମଗ୍ରହଣ କରିଥିଲା । ୧୯୪୫ ମସିହା ଅଗଷ୍ଟ ମାସରେ ବ୍ରିଟେନ୍‌ର ଯୁଦ୍ଧକାଳୀନ ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ ଚର୍ଚ୍ଚିଲ ଓ ଆମେରିକାର ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟ୍ ଏ ଦିଗରେ ପ୍ରାରମ୍ଭିକ ପଦକ୍ଷେପ ନେଇଥିଲେ । ଉଭୟ ଜନନାୟକ ଆଟ୍‌ଲାଣ୍ଟିକ ମହାସାଗରରେ 'ଅଗଷ୍ଟା' ନାମକ ଏକ ଜାହାଜ ମଧ୍ୟରେ ମିତ୍ରପକ୍ଷର ପ୍ରତିନିଧିମାନେ ମିଳିତ ଜାତିସଂଘର ସନନ୍ଦ ଉପରେ ଆଲୋଚନା ଚଳାଇଲେ । ୪୬ ଗୋଟି ଦେଶର ୨୯୨ ପ୍ରତିନିଧି ଉଦ୍‌ଘାଟନ ଅଧିବେଶନରେ ଉପସ୍ଥିତ ଥିଲେ ଏବଂ ପରେ ପରେ ଆଉ ୪ ଗୋଟି ରାଷ୍ଟ୍ରର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏପ୍ରିଲ ୨୫ ତାରିଖରୁ ଜନ୍ ୨୫ ତାରିଖ ପର୍ଯ୍ୟନ୍ତ

ପୂରା ଦୁଇମାସ ପର୍ଯ୍ୟନ୍ତ ତର୍କବିତର୍କ ଓ ପରାମର୍ଶ ଚାଲିଲା । ଆଲୋଚନାକୁ ବ୍ୟାପକ ତଥା ସରଳ କରିବା ଉଦ୍ଦେଶ୍ୟରେ ସମ୍ମିଳନୀର କାର୍ଯ୍ୟକ୍ରମକୁ କେତୋଟି କମିଟି ମଧ୍ୟରେ ବଣ୍ଟନ କରାଯାଇଥିଲା । ଡମ୍ବରଟନ ଓକ୍‌ସ ପ୍ରସ୍ତାବ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚିତ ହେଲା । ସଂଶୋଧନ ପ୍ରସ୍ତାବ ମଧ୍ୟ ଆଲୋଚନା ଗୃହୀତ ହେଲା । କମିଟିମାନଙ୍କର ପରାମର୍ଶ କମିଶନଙ୍କ ନିକଟରେ ଉପସ୍ଥାପିତ କରାଯାଇଥିଲା । ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତାରେ ପ୍ରତ୍ୟେକ ବିଷୟ ଉପରେ ନିଷ୍ପତ୍ତି ଗୃହୀତ ହୋଇଥିଲା ।

**ମିଳିତ ଜାତିସଂଘର ଆନୁଷ୍ଠାନିକ ଜନ୍ମଲାଭ :** ୧୯୪୫ ଜୁନ୍ ମାସରେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ସମାରୋହ ମଧ୍ୟରେ ସମବେତ ପ୍ରତିନିଧିମାନେ ନିଜ ନିଜ ଦେଶ ପକ୍ଷରୁ ମିଳିତ ଜାତିସଂଘ ସନନ୍ଦରେ ସ୍ୱାକ୍ଷର କଲେ । ଏହି ସନନ୍ଦପତ୍ରର ଆରମ୍ଭରେ, 'ମିଳିତ ଜାତିସଂଘର ଜନସାଧାରଣ ଭାବରେ ଆମେ ଭବିଷ୍ୟତରେ ବଂଶଧରମାନଙ୍କୁ ଯୁଦ୍ଧର ଧ୍ୱଂସ କବଳରୁ ରକ୍ଷା କରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ ମାନବଜାତିର ମୌଳିକ ଅଧିକାର ହିସାବରେ ସାମାଜିକ ପ୍ରଗତି ଓ ବ୍ୟାପକ ସ୍ୱାଧୀନତାକୁ ଗ୍ରହଣ କରୁଅଛୁ' ବୋଲି ଉଲ୍ଲେଖ ହେଲା । ୧୯୪୫ ମସିହା ଅକ୍ଟୋବର ୨୪ ତାରିଖ ଦିନ ସନନ୍ଦ ଆନୁଷ୍ଠାନିକ ଭାବରେ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରାଗଲା । ସେହି ତାରିଖକୁ ମିଳିତ ଜାତିସଂଘ ଦିବସରୂପେ ପ୍ରତିବର୍ଷ ପାଳନ କରାଯିବ ବୋଲି ନିଷ୍ପତ୍ତି ଦିଆଗଲା । ସଂଗଠନର ଉଦ୍ଦେଶ୍ୟ ସମ୍ପର୍କରେ ସନନ୍ଦର ପ୍ରସ୍ତାବନାରେ କୁହାଗଲା ଯେ, 'ଆମେ ମିଳିତ ଜାତିର ଦେଶବାସୀମାନେ ପରବର୍ତ୍ତୀ ଅମଳର ବଂଶଧରମାନଙ୍କୁ ଯୁଦ୍ଧର କ୍ରୋଡ଼ରୁ ରକ୍ଷା କରିବା ନିମନ୍ତେ ସଂକଳ୍ପବଦ୍ଧ ଭାବେ ଯେଉଁ ଯୁଦ୍ଧ ଆମରିକ ଜୀବନଦଶାରେ ମନୁଷ୍ୟ ଜାତି ପ୍ରତି ଦୁଇଥର ଅକଥନୀୟ ଦୁଃଖ ଆଣିଦେଇଛି । ଏତଦ୍ୱାରା ଏକ ଆନ୍ତର୍ଜାତିକ ସଂଗଠନ ସ୍ଥାପନ କରୁଛୁ, ଯାହାର ନାମ ରହିବ ମିଳିତ ଜାତି । ଏଥି ସହ ଏହା ମଧ୍ୟରେ ଘୋଷଣା କରାଗଲା ଯେ ଶାନ୍ତିରକ୍ଷା ବ୍ୟତୀତ ଏହି ସଙ୍ଗଠନର ମନୁଷ୍ୟ ଜାତିର ସର୍ବବିଧ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବ । ଯେଉଁ ଦେଶମାନଙ୍କର ମିଳିତ ଉଦ୍ୟମରେ ମିଳିତ ଜାତି ଗଠିତ ହେଲା, ସେମାନଙ୍କୁ ପ୍ରାଥମିକ ସଦସ୍ୟ ବୋଲି ଆଖ୍ୟାତ କରାଗଲା । ସେଥିସହ ସନନ୍ଦ ଅନୁଯାୟୀ ଯେଉଁ ଦେଶଗୁଡ଼ିକ ସଂଗଠନ ସନନ୍ଦକୁ ଗ୍ରହଣ କରିନେବ ଓ ଯେଉଁମାନଙ୍କୁ ଅନ୍ୟମାନେ ଗ୍ରହଣ କରିନେବେ ବୋଲି ଅନ୍ୟ ଶାନ୍ତିପ୍ରିୟ ଦେଶମାନଙ୍କ ପ୍ରବେଶ ଲାଗି ମିଳିତ ଜାତିର ଦ୍ୱାର ଉନ୍ମୁକ୍ତ ରଖାଗଲା ।

ଯୁଦ୍ଧର ଧ୍ୱଂସଲୀଳାରୁ ପୃଥିବୀକୁ ରକ୍ଷା କରି ଜାତି ଜାତି ମଧ୍ୟରେ ଶାନ୍ତି, ସଦ୍ଭାବ ଓ ଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ଦେଶ ଓ ଦେଶ ମଧ୍ୟରେ ଉପୁଜୁଥିବା ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ କରି ସଂଘର୍ଷ ଡ଼ାଇବା ଉଦ୍ଦେଶ୍ୟଧର ଲିଗ୍ ଅଫ୍ ନେସନ୍ ବା ଜାତିସଂଘଠାରୁ ଏକ ଅଧିକ ଶକ୍ତିଶାଳୀ ଆନ୍ତର୍ଜାତିକ ଅନୁଷ୍ଠାନର ଆବଶ୍ୟକତା ଉପଲବ୍ଧ କରାଯାଇଥିଲା । ପ୍ରଥମ ବିଶ୍ୱଯୁଦ୍ଧପରେ ଏହି ଉଦ୍ଦେଶ୍ୟରେ ଗଠିତ ଲିଗ୍ ଓ ତା'ର ଲକ୍ଷ୍ୟ ଶାନ୍ତିପୂର୍ଣ୍ଣ ଉପାୟରେ ପରିପୂରଣ କରି ନପାରି ସମ୍ପୂର୍ଣ୍ଣ ବିଫଳ ହୋଇଥିଲା । ଭର୍ସାଇଲ୍ ସନ୍ଧି ସମ୍ପାଦନର ମାତ୍ର ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱଯୁଦ୍ଧଠାରୁ ଆହୁରି ମାରାତ୍ମକ ଏକ ସର୍ବଗ୍ରାସୀ ଯୁଦ୍ଧ ପୃଥିବୀ ବକ୍ଷରେ ସଂଗଠିତ ହୋଇଥିଲା । ଏଣୁ ଏକ ଅଧିକ ଶକ୍ତିଶାଳୀ, ସୁଚିନ୍ତିତ ଆନ୍ତର୍ଜାତିକ ଶକ୍ତି ସଂଗଠନ ପାଇଁ ବିଶ୍ୱର ନେତୃବର୍ଗ ପ୍ରୟାସ କରିଥିଲେ । ଫଳତଃ ବିଭିନ୍ନ ଉଦ୍ଦେଶ୍ୟ ତଥା ଆଭିମୁଖ୍ୟକୁ ନେଇ ୧୯୪୫ ମସିହା ଅକ୍ଟୋବର ୨୪ ତାରିଖରେ ସୃଷ୍ଟି ହୋଇଥିଲା ସଂଯୁକ୍ତ ରାଷ୍ଟ୍ରସଂଘ ବା ମିଳିତ ଜାତିସଂଘ । ଏହାର ଉଦ୍ଦେଶ୍ୟକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହାର ବିଭିନ୍ନ ଅବୟବ ବା ମୁଖ୍ୟ ସଂସ୍ଥା ଗଠନ କରାଯାଇଛି ।

## ୮.୨ ମିଳିତ ଜାତିସଂଘର ଆଭିମୁଖ୍ୟ ଓ ମୌଳିକ ନୀତି

ପ୍ରଥମ ବିଶ୍ୱଯୁଦ୍ଧର ଭୟାବହତାକୁ ଅନୁଭବ କରି ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ୧୯୨୦ ମସିହାରେ ଗଠିତ ହୋଇଥିଲା ଜାତିସଂଘ (League of Nations) । ମାତ୍ର ଶାନ୍ତିପାଇଁ ଏପରି ଏକ ଅନୁଷ୍ଠାନ ଗଠିତ ହେବା ସତ୍ତ୍ୱେ ୧୯୩୯ ମସିହାରେ ସଂଗଠିତ ହେଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ଏହି ଯୁଦ୍ଧ ରାକ୍ଷସ ପରି ମନୁଷ୍ୟର ଧନ, ଜୀବନ, ସଭ୍ୟତା ଓ ସବୁକିଛି ଧ୍ୱଂସ

କରିଥିଲା । ପୁନର୍ବାର ଶାନ୍ତିର ଆବଶ୍ୟକତା ଅନୁଭବ ହେଲା । ପୃଥିବୀରେ ଶାନ୍ତି ଓ ନିରାପତ୍ତା ରକ୍ଷା କରିବା ପାଇଁ ୧୯୪୫ ମସିହା ଅକ୍ଟୋବର ୨୪ ତାରିଖରେ ଗଠିତ ହେଲା ମିଳିତ ଜାତିସଂଘ ।

**ମିଳିତ ଜାତିସଂଘର ଲକ୍ଷ୍ୟ :**

ପୂର୍ବ ଜାତିସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଯାହା ଥିଲା ମିଳିତ ଜାତିସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରାୟତଃ ସମାନ ଥିଲା । ମିଳିତ ଜାତିସଂଘର ପ୍ରସ୍ତାବନା ଅନୁସାରେ ଏହା ଲକ୍ଷ୍ୟ ହେଲା–

(କ) ଯୁଦ୍ଧଜନିତ କଷ୍ଟରୁ ଆଗାମୀ ବଂଶଧରମାନଙ୍କୁ ରକ୍ଷା କରିବା ।

(ଖ) ମୌଳିକ ମାନବିକ ଅଧିକାର, କାର୍ଯ୍ୟ ଏବଂ ମାନବିକ ମର୍ଯ୍ୟାଦା ଉପରେ ଦୃଢ଼ବିଶ୍ୱାସ ସ୍ଥାପନ କରିବା ଏବଂ ପୁରୁଷ, ନାରୀ, କ୍ଷୁଦ୍ର ଓ ବୃହତ୍ ଜାତିମାନଙ୍କର ସମାନଅଧିକାର ବଜାୟ ରଖିବା ।

(ଗ) ନ୍ୟାୟ ଓ ଆନ୍ତର୍ଜାତିକ ଆଇନ ଅନୁଯାୟୀ ଆନ୍ତର୍ଜାତିକ ବିବାଦ ଓ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ କରିବା ।

(ଘ) ଅଧିକତର ସ୍ୱାଧୀନତା ମଧ୍ୟରେ ସାମାଜିକ ବିକାଶ ଏବଂ ଜୀବନର ମାନ ଉନ୍ନତ କରିବା ।

**ମିଳିତ ଜାତିସଂଘର ଉଦ୍ଦେଶ୍ୟସମୂହ :**

ମିଳିତ ଜାତିସଂଘର ସନନ୍ଦର ପ୍ରଥମ ଧାରାରେ ଏହା ଚାରୋଟି ମୁଖ୍ୟ ଉଦ୍ଦେଶ୍ୟ ବର୍ଣ୍ଣିତ । ସେଗୁଡ଼ିକ ହେଲା–

(କ) ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା କରିବା;

(ଖ) ରାଷ୍ଟ୍ରମାନଙ୍କ ମଧ୍ୟରେ ବନ୍ଧୁତ୍ୱ ଭାବର ବିକାଶ କରିବା,

(ଗ) ଆନ୍ତର୍ଜାତିକ କ୍ଷେତ୍ରରେ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ମାନବିକ ସମସ୍ୟାର ସମାଧାନ ଓ ଅଧିକାରକୁ ସମ୍ମାନ ପ୍ରଦର୍ଶନ କରିବା;

(ଘ) ଜାତିସଂଘର ସାଧାରଣ ଲକ୍ଷ୍ୟ ସାଧନ ପାଇଁ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବୁଝାମଣାର ସମ୍ପର୍କ ସ୍ଥାନ କରିବା ।

**ମିଳିତ ଜାତିସଂଘର ମୌଳିକ ନୀତିମାନ ହେଲା–**

(କ) ସମସ୍ତ ସଦସ୍ୟ ରାଷ୍ଟ୍ରର ସାର୍ବଭୌମତ୍ୱ ସମତା ଉପର ମିଳିତ ଜାତିସଂଘ ପ୍ରତିଷ୍ଠିତ ।

(ଖ) ଜାତିସଂଘର ସନନ୍ଦ ପ୍ରତି ସଦସ୍ୟ ରାଷ୍ଟ୍ରମାନଙ୍କର ପ୍ରତିବଦ୍ଧତା ଜ୍ଞାପନ ।

(ଗ) ସଦସ୍ୟ ରାଷ୍ଟ୍ର ଅନ୍ୟ ରାଷ୍ଟ୍ର ପ୍ରତି ବିପଦ ସୃଷ୍ଟି ନକରିବା ।

(ଘ) କୌଣସି ରାଷ୍ଟ୍ରରୁ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନକରିବା ।

(ଙ) ଅଣସଦସ୍ୟ ରାଷ୍ଟ୍ରମାନେ ସନନ୍ଦର ଧାରା ଅନୁସାରେ ଆନ୍ତର୍ଜାତିକ ଶାନ୍ତି ଓ ସଦ୍ଭାବ ପ୍ରତି ଉଦ୍‌ବୋଧନ ହେବା ପାଇଁ ଦୃଷ୍ଟି ଦେବା ।

## ୮.୩ ମିଳିତ ଜାତିସଂଘର ସାଧାରଣ ସଭା(General Assembly)ର ଗଠନ ଓ କାର୍ଯ୍ୟାବଳୀ

ପ୍ରଥମ ବିଶ୍ୱଯୁଦ୍ଧପରେ ବିଶ୍ୱରେ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠା ପାଇଁ ଗଠିତ ହୋଇଥିଲା ଜାତିସଂଘ ବା ରାଷ୍ଟ୍ରମଣ୍ଡଳ । ମାତ୍ର ଏହି ସଂଗଠନର ବିଫଳତା ଯୋଗୁ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫ ମସିହା) ସଂଘଟିତ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧର

ଭୟାବହତାକୁ ହୃଦୟଙ୍ଗମ କରି ପୃଥିବୀରେ ଯୁଦ୍ଧଭୟ ଦୂରକରି ଶାନ୍ତି ପ୍ରତିଷ୍ଠା ପାଇଁ ୧୯୪୫ ମସିହା ଅକ୍ଟୋବର ୪ ତାରିଖରେ ଗଠିତ ହେଲା ମିଳିତ ଜାତିସଂଘ । ମିଳିତ ଜାତିସଂଘର ପ୍ରମୁଖ ୬ଗୋଟି ଅଙ୍ଗ ମଧ୍ୟରୁ ସାଧାରଣ ସଭା ଅନ୍ୟତମ । ମିଳିତ ଜାତିସଂଘର ସାଧାରଣ ସଭାକୁ ବିଶ୍ୱ ସଂସଦ ବା ବିଶ୍ୱର ନଗର ସଭା କୁହାଯାଏ ।

ଗଠନ ମିଳିତ ଜାତିସଂଘର ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ଏହି ସଭାର ସଦସ୍ୟ ଅଟନ୍ତି । ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ସଭାକୁ ପାଞ୍ଚ ଜଣ ସଦସ୍ୟ ପଠାଉଥିଲେ ମଧ ପ୍ରତ୍ୟେକ ରାଷ୍ଟ୍ର କେବଳ ଗୋଟିଏ ଭୋଟ ଦେଇଥାନ୍ତି । ଏହି ସଭାର ପ୍ରଥମ ଦିବସରେ ଜଣେ ସଭାପତି, ୭ ଜଣ ଉପ-ସଭାପତି ଓ ଏବଂ ୭ଟି ସ୍ଥାୟୀ ସମିତି ପାଇଁ ୭ ଜଣ ଅଧକ୍ଷ ନିର୍ବାଚିତ କରିଥାଏ ।

ସାଧାରଣ ସଭାର ଅଧିବେଶନ ସଭାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥାଏ । ଏହାର ନିୟମିତ ବୈଠକ ବର୍ଷକୁ ୨ ଥର ଅନୁଷ୍ଠିତ ହୋଇଥାଏ । ପ୍ରଥମ ବୈଠକ ସେପ୍ଟେମ୍ବରରୁ ଆରମ୍ଭ ହୋଇ ଡିସେମ୍ବରଓ ଦ୍ୱିତୀୟ ବୈଠକ ଜାନୁୟାରୀରୁ ଆରମ୍ଭ ହୋଇ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟନ୍ତି ବସିଥାଏ । ଏହା ଏକ ବ୍ୟବସ୍ଥାପକ ସଭା ଅପେକ୍ଷା ଅଧିକରେ ଏକ କୂଟନୈତିକ ସମ୍ମିଳନୀ କାର୍ଯ୍ୟ କରିଥାଏ । ପ୍ରତ୍ୟେକ ଅଧିବେଶନର କାର୍ଯ୍ୟସୂଚୀ ୭ ମାସ ପରିଷଦ ବୋର୍ଡ଼, ୫ଟି କାଉନ୍‌ସିଲ୍ ଓ ପ୍ୟାନେଲ ଓ କାର୍ଯ୍ୟକାରୀ ଗୋଷ୍ଠୀ ନିଯୁକ୍ତ କରିଥାଏ । ଏହାର ସଦସ୍ୟ ରାଷ୍ଟ୍ରମାନେ ସେମାନଙ୍କ ଇଂରାଜୀ ନାମର ବର୍ଣ୍ଣମାଳା ଅନୁସାରେ ଗୃହରେ ଆସନ ଗ୍ରହଣ କରିଥାନ୍ତି ।

**ଭୋଟ ନୀତି :** ମିଳିତ ଜାତିସଂଘର ସାଧାରଣ ସଭାକୁ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ୫ ଜଣ ପ୍ରତିନିଧି ପ୍ରେରଣ କରୁଥିଲେ ହେଁ ପ୍ରତ୍ୟେକ ଖଣ୍ଡିଏ ଭୋଟ ଦେଇଥାନ୍ତି । ଶାନ୍ତି ଓ ନିରାପତ୍ତା ସମ୍ବନ୍ଧୀୟ ସୁପାରିସ, ବଜେଟ, ନିର୍ବାଚନ, ସଦସ୍ୟଗ୍ରହଣ ନିଲମ୍ବିତ କିମ୍ବା ବହିଷ୍କାର ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୃହରେ ଉପସ୍ଥିତ ଥାଇ ଭୋଟଦାନ କରୁଥିବା ସଦସ୍ୟଙ୍କ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତାବଳରେ ପ୍ରସ୍ତାବ ଗୃହୀତ ହୁଏ । ଅନ୍ୟ ସମସ୍ତ ପ୍ରସଙ୍ଗରେ ସିଧାସଳଖ ସାଧାରଣ ସଂଖ୍ୟାଗରିଷ୍ଠତାରେ ନିଷ୍ପତ୍ତି ନିଆଯାଏ ।

**କାର୍ଯ୍ୟାବଳୀ :** ମିଳିତ ଜାତିସଂଘର ବ୍ୟବସ୍ଥାପିକା ଅଙ୍ଗଭାବେ ସାଧାରଣ ସଭା ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିଥାଏ ।

(୧) ମିଳିତ ଜାତିସଂଘର ସନନ୍ଦରେ ଥିବା ସମସ୍ତ ପ୍ରକାର ବିଷୟ ଉପରେ ଆଲୋଚନା କରିବା, ସମସ୍ୟାଗୁଡ଼ିକରେ ସମାଧାନ ସୂତ୍ର ନିର୍ଦ୍ଧାରଣ କରିବା ଏବଂ ଯେକୌଣସି ବିଷୟ ଉପରେ ମତାମତ ପ୍ରଦାନ କରିବା ହେଉଛି ସାଧାରଣ ସଭାର କାର୍ଯ୍ୟ ।

(୨) ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ପ୍ରତି ବିବାଦ ସୃଷ୍ଟି କରୁଥିବା ଯେକୌଣସି ପ୍ରଶ୍ନ ଉପରେ ଏହା ନିରାପତ୍ତା ପରିଷଦର ଦୃଷ୍ଟି ଆକର୍ଷଣ କରିଥାଏ । ଯେକୌଣସି ଅବସ୍ଥାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଏହା ସୁପାରିସ କରିଥାଏ ।

(୩) ମିଳିତ ଜାତିସଂଘର ବାର୍ଷିକ ବଜେଟ୍ ଏହା ଅନୁମୋଦନ କରେ ଏବଂ ପ୍ରତ୍ୟେକ ସଭ୍ୟ-ରାଷ୍ଟ୍ର ମିଳିତ ଜାତିସଂଘର ସାଧାରଣ ଖର୍ଚ୍ଚ ପାଇଁ କେତେ ଅର୍ଥ ପ୍ରଦାନ କରିବ ତାହା ସ୍ଥିର କରିଥାଏ ।

(୪) ଅନ୍ୟ ସଂସ୍ଥାମାନଙ୍କରୁ ଆସିଥିବା ତଥ୍ୟଗୁଡ଼ିକ ଗ୍ରହଣ କରି ସେଗୁଡ଼ିକ ବର୍ଜନ କରିବାର ଅଧିକାର ସାଧାରଣ ସଭାର ରହିଅଛି ।

(୫) ସାଧାରଣ ସଭା ନିରାପତ୍ତା ପରିଷଦର ୧୦ ଜଣ ଅସ୍ଥାୟୀ ସଦସ୍ୟଙ୍କୁ ନିର୍ବାଚିତ କରିଥାଏ । ଏହା ବ୍ୟତୀତ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦର ଓ ନ୍ୟାସ ପରିଷଦର କେତେକ ସଦସ୍ୟଙ୍କୁ ଏହା ନିର୍ବାଚିତ କରିଥାଏ । ନିରାପତ୍ତା ପରିଷଦର ସୁପାରିସ କ୍ରମେ ଏହା ମିଳିତ ଜାତିସଂଘ ମହାସଚିବଙ୍କୁ ନିର୍ବାଚିତ କରିଥାଏ ।

(୬) ମିଳିତ ଜାତିସଂଘର ସନନ୍ଦ ସଂଶୋଧନ ସାଧାରଣ ସଭାର ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତାରେ ପାରିତ ପ୍ରସ୍ତାବ ଆଧାରରେ ହୋଇପାରିବ । ମାତ୍ର ତାହା ୫ ଜଣ ସ୍ଥାୟୀ ସଦସ୍ୟ ରାଷ୍ଟ୍ରଙ୍କ ସମେତ ଦୁଇ-ତୃତୀୟାଂଶ ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ସେମାନଙ୍କ ସାମ୍ବିଧାନିକ.ପ୍ରକ୍ରିୟାରେ ସମର୍ଥିତ ହେବା ଆବଶ୍ୟକ । ମୂଳ.ସନନ୍ଦର ସମୀକ୍ଷା ନିମନ୍ତେ ସାଧାରଣ ସଭା ଏକ ସାଧାରଣ ସମ୍ମିଳନୀ ଆହ୍ୱାନ କରିପାରିବ ।

ସୁତରାଂ, ବିଚାରବିମର୍ଷ, ବଜେଟ୍.ଅନୁମୋଦନ, ସନନ୍ଦ ସଂଶୋଧନ, ପର୍ଯ୍ୟବେକ୍ଷଣ ଆଦି ହେଉଛି ସାଧାରଣ ସଭାର କାର୍ଯ୍ୟ । ୧୯୫୦ ମସିହା ଠାରୁ ଶାନ୍ତି ପାଇଁ ଏକତ୍ରୀକରଣ ସଂକଳ୍ପ ଗୃହୀତ କରି ଏହା ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇପାରିଛି । ଏପରିକି ଅଟଳାବସ୍ଥାରେ ଶକ୍ତିଶାଳୀ ନିରାପତ୍ତା ପରିଷଦକୁ ଏଡ଼ାଇ ଏହା କାର୍ଯ୍ୟ କରିବାକୁ ସକ୍ଷମ ହୋଇଛି । ବର୍ତ୍ତମାନ ଏହା ଏକ ବ୍ୟବସ୍ଥାପିକା ସଭା ଅପେକ୍ଷା ବରଂ ଏକ କୂଟନୈତିକ ସମ୍ମିଳନୀ ଭାବେ କାର୍ଯ୍ୟ ସମ୍ପାଦନ କରୁଅଛି ।

## ୮.୪ ନିରାପତ୍ତା ପରିଷଦ (Security Council)ର ଗଠନ ଓ କାର୍ଯ୍ୟାବଳୀ

ମିଳିତ ଜାତିସଂଘର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ନିରାପତ୍ତା ପରିଷଦ ବା ସୁରକ୍ଷା ପରିଷଦ । ବିଶ୍ୱଶାନ୍ତି ଓ ନିରାପତ୍ତା ରକ୍ଷା ମୁଖ୍ୟତଃ ମିଳିତ ଜାତିସଂଘର କାର୍ଯ୍ୟ ଯାହାକି ପ୍ରାୟତଃ ନିରାପତ୍ତା ପରିଷଦ ଦ୍ୱାରା ହିଁ ସମ୍ପାଦିତ ହୋଇଥାଏ । ଏହା ମିଳିତ ଜାତିସଂଘ ପାଇଁ ପ୍ରଶାସନିକ କାର୍ଯ୍ୟ ସମ୍ପାଦନ କରିଥାଏ ତେଣୁ ଏହାକୁ ଜାତିସଂଘର ପ୍ରବର୍ତ୍ତନ ଶାଖା କୁହାଯାଏ ।

ଗଠନ ପ୍ରଣାଳୀ : ନିରାପତ୍ତା ପରିଷଦ ମୋଟ ୧୫ ଜଣଙ୍କୁ ନେଇ ଗଠିତ ହୋଇଥାଏ । ଏଥିମଧ୍ୟରୁ ୫ ଜଣ ସ୍ଥାୟୀ ସଦସ୍ୟ ହୋଇଥିବାବେଳେ ଅନ୍ୟ ୧୦ ଜଣ ଅସ୍ଥାୟୀ ସଦସ୍ୟ ସାଧାରଣ ସଭା ଦ୍ୱାରା ୨ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି । ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟମାନେ ହେଲେ - ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଯୁକ୍ତରାଜ୍ୟ ବା ଇଂଲଣ୍ଡ, ଫ୍ରାନ୍ସ ଓ ଚୀନ୍ । ଏହି ରାଷ୍ଟ୍ରମାନଙ୍କୁ 'ପଞ୍ଚ ମହାଶକ୍ତି' (Big Five) କୁହାଯାଏ । ଏହି ସ୍ଥାୟୀ ସଦସ୍ୟମାନଙ୍କ ପାଖରେ ରହିଛି ଭିଟୋ କ୍ଷମତା ।

ବୈଠକ : ସାଧାରଣ ନିରାପତ୍ତା ପରିଷଦର ବୈଠକ ବର୍ଷସାରା ଅନୁଷ୍ଠିତ ହୋଇଥାଏ । ତେଣୁ ପ୍ରତ୍ୟେକ ରାଷ୍ଟ୍ରେ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟରେ ଜଣେ ସର୍ବକାଳୀନ ପ୍ରତିନିଧି ରହିଥାନ୍ତି । ନିରାପତ୍ତା ପରିଷଦର ବୈଠକ ସାଧାରଣତଃ ନିଉୟର୍କ ସହରସ୍ଥିତ ସମ୍ମିଳନୀ ଗୃହର ନିର୍ଦ୍ଧାରିତ କକ୍ଷରେ ଅନୁଷ୍ଠିତ ହୋଇଥାଏ. । ଯେହେତୁ ପରିଷଦ କକ୍ଷଟି ଆନ୍ତର୍ଜାତିକ ଗଣମାଧ୍ୟମ ଦ୍ୱାରା ଭରପୂର ହୋଇଥାଏ । ତେଣୁ ଗୃହର କାର୍ଯ୍ୟଧାରା ଅତ୍ୟନ୍ତ ନାଟକୀୟ କାର୍ଯ୍ୟଧାରାରେ ସମ୍ପାଦନ ହୋଇଥାଏ । ପ୍ରତିିନିଧିମାନେ କ୍ୟାମେରାକୁ ଓ ନିଜ ଦେଶର ଦର୍ଶକଙ୍କୁ ଦୃଷ୍ଟିରେ ରଖି ପ୍ରଚାରମୂଳକ ଭାଷଣ ପ୍ରଦାନ କରିଥାନ୍ତି, ଯଁଥିବରେ ନିଜକର ସ୍ଥିତିକୁ ପ୍ରତିପାଦନ କରିବା ସହିତ ବିରୋଧୀକୁ ଆକ୍ରମଣ କରିଥାନ୍ତି । ପରିଷଦର କାର୍ଯ୍ୟଧାରାରେ ଅସନ୍ତୋଷ ପ୍ରକାଶ କରି ପ୍ରତିନିଧିମାନେ କକ୍ଷ ତ୍ୟାଗ ମଧ୍ୟ କରିଥାନ୍ତି । ତେବେ ପରିଷଦର ବାସ୍ତବ କାର୍ଯ୍ୟ ଅଣଆନୁଷ୍ଠାନିକ ପରାମର୍ଶ ମାଧ୍ୟମରେ ରୁଦ୍ଧଦ୍ୱାରରେ ହୋଇଥାଏ ଯାହାର ନଥିପତ୍ର ରଖାଯାଏ ନାହିଁ । କେବଳ ପରିଷଦର ସଦସ୍ୟମାନଙ୍କୁ ପରାମର୍ଶ ପାଇଁ ସମ୍ମିଳନୀ କକ୍ଷକୁ ପ୍ରବେଶାଧିକାର ମିଳିଥାଏ । ନିରାପତ୍ତା ପରିଦେର କାର୍ଯ୍ୟଧାରା ପଦ୍ଧତି ଗୁପ୍ତ ଏବଂ ବନ୍ଧୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ପରିଷଦର ମାସକୁ ଜଣେ ଲେଖାଏଁ ସଭାପତି ରହନ୍ତି ଯାହା ସଦସ୍ୟ ରାଷ୍ଟ୍ରମାନଙ୍କ ଇଂରାଜୀ ନାମାନୁସାରେ ବର୍ଣ୍ଣମାଳା କ୍ରମରେ ସେମାନଙ୍କୁ ମିଳିଥାଏ ।

**କ୍ଷମତା ଓ କାର୍ଯ୍ୟାବଳୀ :**

ମିଳିତ ଜାତିସଂଘର ସନନ୍ଦ ନିରାପତ୍ତା ପରିଷଦକୁ ବ୍ୟବସ୍ଥାପିକା, କାର୍ଯ୍ୟକାରିକାଓ ନ୍ୟାୟପାଳିକା ଶାଖାର ସମସ୍ତ କ୍ଷମତା ପ୍ରଦାନ କରିଅଛି । ମାତ୍ର ବିଶ୍ୱରେ ଶାନ୍ତ ଇ ନିରାପତ୍ତା ରକ୍ଷା କରିବା ହେଉଛି ନିରାପତ୍ତା ପରିଷଦର ମୁଖ୍ୟ କାର୍ଯ୍ୟ । ତେଣୁ ଏହାର କ୍ଷମତା ମଧ୍ୟରେ ରହିଛି ଶାନ୍ତିପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା, ଆନ୍ତର୍ଜାତୀୟ କଟକଣା ଲାଗୁ, ପରିଷଦର ପ୍ରସ୍ତାବ କ୍ରମେ ସାମରିକ

କାର୍ଯ୍ୟାନୁଷ୍ଠାନ ଗ୍ରହଣ । ଏହା ହେଉଛି ମିଳିତ ଜାତିସଂଘର ଏକମାତ୍ର ଅଙ୍ଗର ଯାହାର ପ୍ରସ୍ତାବକୁ ଗ୍ରହଣ କରିବାକୁ ସଦସ୍ୟ ରାଷ୍ଟ୍ରମାନେ ବାଧ ହୋଇଥାନ୍ତି । ଏହା ପୃଥିବୀରୁ ଯୁଦ୍ଧଭୟକୁ ପ୍ରତିହତ କରିବା ପାଇଁ ସାଧାରଣତଃ ପଦକ୍ଷେପ ନେଇଥାଏ । ଜାତି ଜାତି ମଧ୍ୟରେ ହେଉଥିବା ବିବାଦ ମଧ୍ୟ ଏହା ଆଲୋଚନା ଓ ସନ୍ଧି ମାଧ୍ୟମରେ ସମାଧାନ କରିଥାଏ । ମିଳିତ ଜାତିସଂଘର ସଭ୍ୟ ଦେଶମାନଙ୍କ ମଧ୍ୟରେ ହେଉଥିବା ବିବାଦର ସମାଧାନ ପାଇଁ ଏହା ପ୍ରସ୍ତାବ ଆଗତ କରିଥାଏ । ମାତ୍ର ଏହି ପ୍ରସ୍ତାବ ଆଗତ କରିବା ପାଇଁ ସମସ୍ତ ୫ ଜଣ ସ୍ଥାୟୀ ସଭ୍ୟ ସହମତି ପ୍ରକାଶ କରିବା ଆବଶ୍ୟକ । କାରଣ ଜଣେ ସ୍ଥାୟୀ ସଭ୍ୟ ଭିଟୋ ପ୍ରୟୋଗ କଲେ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିବ ନାହିଁ । ଆନ୍ତର୍ଜାତିକ ଶାନ୍ତି ନିରାପତ୍ତା ରକ୍ଷା ପାଇଁ ଆବଶ୍ୟକ ହେଲେ ନିରାପତ୍ତା ପରିଷଦ ବଳ ପ୍ରୟୋଗ କରିଥାଏ । କୌଣସି ବିବାଦୀୟ ଦେଶ ପ୍ରତି ଆର୍ଥନୀତିକ ଓ କୂଟନୀତିଜ୍ଞ ସମ୍ପର୍କ ଛିନ୍ନ ହୋଇଥାଏ ।

ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା ପାଇଁ ଆବଶ୍ୟକ ହେଲେ ନିରାପତ୍ତା ପରିଷଦ ବଳପ୍ରୟୋଗ କରିଥାଏ । ଏହା ବ୍ୟତୀତ ଦୁର୍ବଳ ଓ କ୍ଷତିଗ୍ରସ୍ତ ରାଷ୍ଟ୍ରମାନଙ୍କୁ ସୁରକ୍ଷା ଓ ସଂହାଯ୍ୟ ଯୋଗାଇବା କ୍ଷେତ୍ରରେ ନିରାପତ୍ତା ପରିଷଦ ସହାୟକ ହୋଇଥାଏ । ଆନ୍ତର୍ଜାତିକ ନ୍ୟାୟାଳୟର ନ୍ୟାୟଧୀଶମାନଙ୍କୁ ନିଯୁକ୍ତି ଓ ମିଳିତ ଜାତିସଂଘର ମହାସଚିବଙ୍କୁ ନିଯୁକ୍ତି କ୍ଷେତ୍ରରେ ନିରାପତ୍ତା ପରିଷଦର ସମ୍ମତି ନିଆଯାଇଥାଏ । ଏହା ବ୍ୟତୀତ କୌଣସି ସଭ୍ୟ ଦେଶକୁ ଗ୍ରହଣ କରିବା କିମ୍ବା ବହିଷ୍କାର କରିବା ପାଇଁ ଏହା ସାଧାରଣ ସଭାକୁ ସୁପାରିଶ କରିଥାଏ । ମିଳିତ ଜାତିସଂଘର ସନନ୍ଦର ୬ଷ୍ଠ ଅଧ୍ୟାୟ ଅନୁଯାୟୀ ଜୀବନର ଶାନ୍ତିପୂର୍ଣ୍ଣ ସମାଧାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାକୁ ପରିଷଦ କ୍ଷମତାପ୍ରାପ୍ତ । ସନନ୍ଦର ସପ୍ତମ ପର୍ଯ୍ୟାୟ ଅନୁଯାୟୀ ଶାନ୍ତିଭଙ୍ଗ, ଶାନ୍ତିପାଇଁ ବିପଦ, ଆକ୍ରମଣାତ୍ମକ କାର୍ଯ୍ୟ ଅତି କ୍ଷେତ୍ରରେ କି ପ୍ରକାର ପଦକ୍ଷେପ ନିଆଯିବ ଓ ତାହା ପରିଷଦର ବୃହତ୍ତର କ୍ଷମତା ପରିସର ଅଟେ । ସୁତରାଂ, ଅର୍ଥନୀତି, ଶାନ୍ତି ଓ ସୁରକ୍ଷା ବଜାୟ ରଖିବାର ପ୍ରାଥମିକ ଦାୟିତ୍ୱ ସୁରକ୍ଷା ପରିଷଦ ଉପରେ ନ୍ୟସ୍ତ କରାଯାଇଛି । ଏହା ପୃଥିବୀର ଆରକ୍ଷୀବାହିନୀ ପରି କାର୍ଯ୍ୟ ସମ୍ପାଦନ କରୁଅଛି ।

## ୮.୫ ଆନ୍ତର୍ଜାତିକ ବିଚାରାଳୟ (Internationa Court of Justice) :

ଆନ୍ତର୍ଜାତିକ ବିଚାରାଳୟ ମିଳିତ ଜାତିସଂଘର ନ୍ୟାୟପାଳିକା ଅଙ୍ଗ । ଏଥିରେ ୧୫ ଜଣ ବିଚାରପତି ରହିଛି । ନିରାପତ୍ତା ପରିଷଦ୍ ଓ ସାଧାରଣ ସଭାର ଦୁଇ-ତୃତୀୟାଂଶ ଭୋଟରେ ୯ ବର୍ଷ ପାଇଁ ବିଚାରପତିଙ୍କୁ ନିର୍ବାଚିତ କରିଥାନ୍ତି । ନିର୍ବିଶେଷରେ ନୀତିବାନ୍ ଓ ଆନ୍ତର୍ଜାତିକ ଆଇନ ଓ ବିଚାର ବିଭାଗରେ ଦକ୍ଷତାସମ୍ପନ୍ନ ବ୍ୟକ୍ତିଙ୍କୁ ଥିରେ ନିଯୁକ୍ତି ଦିଆଯାଇଥାଏ । କୌଣସି ରାଷ୍ଟ୍ରର ଏକାଧିକ ଜଜ୍‌ଙ୍କୁ ଥିରେ ନିଆଯାଇ ନଥାଏ । ଇଂରାଜୀ ଓ ଫରାସୀ ଭାଷାକୁ ଆନ୍ତର୍ଜାତିକ ଅଦାଲତରେ ପ୍ରଚଳିତ ଭାଷା ରୂପେ ରଖାଯାଇଛି । ଏହାର କାର୍ଯ୍ୟାଳୟ ହଲାଣ୍ଡର ରାଜଧାନୀ ହେଗ୍‌ଠାରେ ଅବସ୍ଥିତ ।

ଏହି ବିଚାରାଳୟର ଆବେଦନ ପରେ ସମସ୍ୟାର ବିଚାର ହୋଇଥାଏ । ସ୍ୱଇଚ୍ଛାରେ ବିଚାରାଳୟ କୌଣସି ବିବାଦ ସମାଧାନ ପାଇଁ ଚେଷ୍ଟିତ ହେବାର ବିଧାନ ନାହିଁ । କେବଳ ଆଇନଗତ ଉପଦେଶ ବା ପରାମର୍ଶ ଜାତିସଂଘର ସହ ଦେଶମାନଙ୍କୁ ଆବଶ୍ୟକ ହେଲେ ସେପରି ପରାମର୍ଶ ଦେବାର ଦାୟିତ୍ୱ ବିଚାରଳୟରେ ଅଛି ।

## ୮.୬ ମିଳିତ ଜାତିସଂଘର ସଂସ୍କାର ପାଇଁ ଆବଶ୍ୟକ ପଦକ୍ଷେପ

୧୯୪୫ ମସିହା ମିଳିତ ଜାତିସଂଘ ପ୍ରତିଷ୍ଠା ଦିନରୁ ବିଭିନ୍ନ ପର୍ଯ୍ୟାୟରେ ଏଥିରେ ଅନେକ ସଂସ୍କାର ହୋଇଅଛି । ପ୍ରାଥମିକ ପର୍ଯ୍ୟାୟର ଯୁଦ୍ଧ ଦୂରକରି ବିଶ୍ୱଶାନ୍ତି ପ୍ରତିଷ୍ଠାକୁ ଗୁରୁତ୍ୱ ପ୍ରଦାନ କରୁଥିବା ଏହି ବିଶ୍ୱସଂଗଠନ ପରବର୍ତ୍ତୀ ପର୍ଯ୍ୟାୟରେ ସମଗ୍ର ବିଶ୍ୱର ପ୍ରଗତି ଓ ଆର୍ଥିକ ଅବସ୍ଥାର ସୁଧାର ପାଇଁ ପ୍ରୟାସ କରିଛି । ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ୧୯୬୫ ଅନୁସାରେ ସଦସ୍ୟ ରାଷ୍ଟ୍ରମାନଙ୍କର ବିକାଶ ପାଇଁ ଏହା କାର୍ଯ୍ୟ କରିଛି । ଏହା ସହିତ ମିଳିତ ଜାତିସଂଘର ଆର୍ଥିକ ସହାୟତା ଦ୍ୱାରା ଅନୁନ୍ନତ ରାଷ୍ଟ୍ରମାନଙ୍କରେ ଶିକ୍ଷର ପ୍ରସାର ସମ୍ଭବ ହୋଇଅଛି । ସମଗ୍ର ବିଶ୍ୱର କୃଷିର ବିକାଶ ପାଇଁ ମିଳିତ ଜାତିସଂଘ ବିଶ୍ୱବ୍ୟାଙ୍କ ମାଧ୍ୟମରେ

ଆର୍ଥିକ ସହାୟତା ପ୍ରଦାନ କରିଛି । ଦକ୍ଷିଣ ଆଫ୍ରିକା ସରକାରଙ୍କ ଉପରେ ଆର୍ଥିକ ଏବଂ ସାଂସ୍କୃତିକ ପ୍ରତିବନ୍ଧକ ଲଗାଇ ମିଳିତ ଜାତିସଂଘ ସେଠାରେ ବର୍ଣ୍ଣବୈଷମ୍ୟ ନୀତିରେ ପୂର୍ଣ୍ଣଚ୍ଛେଦ ପକାଇଛି । ଶୀତଳ ଯୁଦ୍ଧର ଅବସାନ ପରେ ମିଳିତ ଜାତିସଂଘ ତା'ର କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣି ସମଗ୍ର ବିଶ୍ୱରେ ଶିକ୍ଷାର ପ୍ରସାର, ସ୍ୱାସ୍ଥ୍ୟସେବା ପ୍ରଦାନ, ମାନବିକ ଅଧିକାରର ସୁରକ୍ଷା ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଅଛି । ଇରାକ୍‌ରେ ଖାଦ୍ୟସମସ୍ୟାକୁ ଦୂର କରିବାପାଇଁ ମିଳିତ ଜାତିସଂଘ 'ଖାଦ୍ୟ ପାଇଁ ତୈଳ ଯୋଜନା' କାର୍ଯ୍ୟକାରୀ କରିଅଛି । ମହମ୍ମଦଙ୍କ ଅନୁପସ୍ଥିତିରେ ତାଙ୍କର କାର୍ଯ୍ୟ ସମ୍ପାଦନ କରିବା ପାଇଁ ୧୯୯୭ ମସିହାରୁ ଉପମହାସଚିବ ପଦ ସୃଷ୍ଟି କରାଯାଇଛି ।

ବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ମିଳିତ ଜାତିସଂଘର ସନନ୍ଦ, ସଂଗଠିକ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଦାବି ଅଧିକ ହେଉଅଛି । ମିଳିତ ଜାତିସଂଘକୁ ଅଧିକ ସକ୍ରିୟ କରିବା ପାଇଁ ଏହାର ସଂସ୍କାର ଜରୁରୀ ବୋଲି ଅନେକ ଦାବି କରିଛନ୍ତି । ଏହି ବିଶ୍ୱ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ସମ୍ବନ୍ଧରେ ସୁପାରିସ କରିବା ପାଇଁ ଅତୁଲଖାରେ ନାମକ ଜଣେ ଭାରତୀୟଙ୍କୁ ମିଳିତ ଜାତିସଂଘ ମହାସଚିବ ବାନ୍-କି-ମୁନ୍ ୨୦୧୧ ମସିହା ଜୁନ୍ ୧ ତାରିଖରେ ନିଯୁକ୍ତି ପ୍ରଦାନ କରିଥିଲେ । ଅତୁଲ ଖାରେଙ୍କ ନେତୃତ୍ୱରେ ଏକ ପରିବର୍ତ୍ତନ ପରିଚାଳନା ଦଳ ଗଠନ କରାଯାଇଛି । ଏହି ଦଳରେ ମିଳିତ ଜାତିସଂଘର ବିଭିନ୍ନ ବିଭାଗ, ସଚିବାଳୟ ଓ ସଦସ୍ୟ-ରାଷ୍ଟ୍ରମାନଙ୍କରୁ କର୍ମଚାରୀମାନେ ସଦସ୍ୟ ଅଛନ୍ତି । ମିଳିତ ଜାତିସଂଘକୁ ସକ୍ରିୟ କରିବା ପାଇଁ ଏହି ଦଳ ବିଭିନ୍ନ ପ୍ରସ୍ତାବ ପ୍ରଦାନ କରିବ । ବର୍ତ୍ତମାନ ମିଳିତ ଜାତିସଂଘର ସଂସ୍କାର ପାଇଁ ଯେଉଁ ପ୍ରସ୍ତାବମାନ ରହିଛି ତାହା ହେଲା–

(୧) ମିଳିତ ଜାତିସଂଘର ନିରାପତ୍ତା ପରିଷଦର ସଦସ୍ୟ ସଂଖ୍ୟା ୧୫ରୁ ୨୫କୁ ବୃଦ୍ଧି କରିବା ଏବଂ ଜ-୪ ରାଷ୍ଟ୍ର ଅନ୍ତର୍ଗତ ଚାରୋଟି ରାଷ୍ଟ୍ର ଜର୍ମାନୀ, ଜାପାନ, ବ୍ରାଜିଲ ଓ ଭାରତକୁ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟଭାବେ ଗ୍ରହଣ କରିବା ।

(୨) ମିଳିତ ଜାତିସଂଘର ପ୍ରଶାସନିକ ସଂସ୍ଥା 'ସଚିବାଳୟ'ର କର୍ମଚାରୀ ବା ଅମଲାଙ୍କୁ ଅଧିକ ସ୍ୱଚ୍ଛ, ଦାୟିତ୍ୱଶୀଳ ଓ ଦକ୍ଷ କରିବା ।

(୩) ରାଷ୍ଟ୍ରପତୀୟ ସରକାର ବ୍ୟବସ୍ଥାରେ ଅନୁନ୍ନତ ପଦ୍ଧତିରେ ମହାସଚିବ ପଦ ପାଇଁ ନିର୍ବାଚନ କରିବା ।

(୪) ବିଶ୍ୱ ଗଣତନ୍ତ୍ରର ପ୍ରମୁଖ ଅନୁଷ୍ଠାନଭାବେ ମିଳିତ ଜାତିସଂଘକୁ ଅଧିକ ଗଣତାନ୍ତ୍ରିକ ଅନୁଷ୍ଠାନରେ ପରିଣତ କରିବା ।

(୫) ସଦସ୍ୟରାଷ୍ଟ୍ରମାନେ ନିର୍ମାଣ କିମ୍ବା କ୍ରୟ କରୁଥିବା କ୍ଷେପଣାସ୍ତ୍ର, ଯୁଦ୍ଧଜାହାଜ, କମାଣ ଏବଂ ବନ୍ଧୁକଗୁଡ଼ିକ ଉପରେ ମିଳିତ ଜାତିସଂଘ ଟିକସ୍ ବସାଇବା ।

(୬) ସମଗ୍ର ବିଶ୍ୱରେ ମାନବିକ ଅଧିକାରର ଉଲ୍ଲଂଘନକୁ ରୋକିବା ଓ ମାନବିକ ଅଧିକାରର ସୁରକ୍ଷାପାଇଁ ମିଳିତ ଜାତିସଂଘ ମାନବିକ ଅଧିକାର ପରିଷଦ ଗଠନ କରିବା ।

(୭) ମିଳିତ ଜାତିସଂଘ ସଂସଦୀୟ ସଭା ଗଠନ କରିବା ଏବଂ ଏହାର ସଦସ୍ୟମାନେ ବିଶ୍ୱର ନାଗରିକମାନଙ୍କଦ୍ୱାରା ପ୍ରତ୍ୟକ୍ଷଭାବେ ନିର୍ବାଚିତ ହେବାର ବ୍ୟବସ୍ଥା କରିବା ।

(୮) ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଢାଞ୍ଚାରେ ମିଳିତ ଜାତିସଂଘ ପରିବେଶ ସଂଗଠନ ଗଠନ କରିବା । ଅଧିକ ସବୁଜଗୃହ ବାଷ୍ପ ନିର୍ଗମନ କରୁଥିବା ଚାରୋଟି ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, ସୋଭିଏତ୍ ରୁଷ୍ ଓ ଭାରତକୁ ଏହାର ସଦସ୍ୟରୂପେ ଗ୍ରହଣ ନକରିବା ।

(୯) ମିଳିତ ଜାତିସଂଘର ସମସ୍ତ ବିକାଶ ସଂସ୍ଥା ଏବଂ ସ୍ୱତନ୍ତ୍ର ବିକାଶ କାର୍ଯ୍ୟକ୍ରମକୁ ମିଳିତ ଜାତିସଂଘ ବିକାଶ ଗୋଷ୍ଠୀ ଅଧୀନକୁ ଆଣିବା ।

(୧୦) ନ୍ୟାସ ସଂସ୍କାର ବ୍ୟତୀତ ମିଳିତ ଜାତିସଂଘର ସନନ୍ଦରେ କେତେକ ସଂସ୍କାର ଅଣାଯିବା ଆବଶ୍ୟକ । ସେଗୁଡ଼ିକ ହେଲା–

(କ) ବର୍ତ୍ତମାନ ପୃଥିବୀର କୌଣସି ଭାଗରେ ନ୍ୟାସ ଅଞ୍ଚଳ ନଥିବାରୁ ଏବଂ ୧୯୧୪ ମସିହାରୁ ନ୍ୟାସ ପରିଷଦର ବୈଠକ ବସୁ ନଥିବାରୁ ଏହି ପରିଷଦ ଗୁରୁତ୍ୱ ହରାଇଛି । ତେଣୁ ଏହି ପରିଷଦକୁ ଉଚ୍ଛେଦ କରିବା ସହିତ ସନନ୍ଦର ନ୍ୟାସ ପରିଷଦ ସଂକ୍ରାନ୍ତୀୟ ତ୍ରୟୋଦଶ ଅଧ୍ୟାୟକୁ ବାଦ୍ ଦେବା ।

(ଖ) ୧୯୪୮ ମସିହାରୁ ଶୀତଳ ଯୁଦ୍ଧର ଆରମ୍ଭ ପରେ ସମିତି ସମ୍ବନ୍ଧରେ ସନନ୍ଦରେ ଥିବା ଧାରା ୨୬, ୪୫, ୪୬ ଓ ୪୭କୁ ବାଦ୍ ଦେବା ।

(ଗ) ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅକ୍ଷଶକ୍ତି ଅନ୍ତର୍ଭୁକ୍ତ ରାଷ୍ଟ୍ର (ଜର୍ମାନୀ, ଜାପାନ ଆଦି ଶତ୍ରୁ ରାଷ୍ଟ୍ରଙ୍କ ପାଇଁ ଉଦ୍ଦିଷ୍ଟ ଧାରା ୫୩ ଓ ୧୦୭ ତା'ର ପ୍ରାସଙ୍ଗିକତା ହରାଇଥିବାରୁ ଏହାକୁ ବାଦ୍ ଦେବା ।

## ୮.୬ ମିଳିତ ଜାତିସଂଘରେ ଭାରତର ଭୂମିକା

ମିଳିତ ଜାତିସଂଘର ପ୍ରତିଷ୍ଠାତା ସଭ୍ୟମାନଙ୍କ ମଧ୍ୟରେ ଭାରତ ଅନ୍ୟତମ । ୧୯୪୨ ମସିହା ଜାନୁୟାରୀ ପହିଲାରେ ୱାଂଶିଟନରେ ହୋଇଥିବା ମିଳିତ ଜାତିସଂଘ ଘୋଷଣାପତ୍ରରେ ଭାରତ ସ୍ୱାକ୍ଷର କରିଥିଲା । ଆନ୍ତର୍ଜାତିକ ସଂଗଠନ ପ୍ରତିଷ୍ଠା ପାଇଁ ୧୯୪୫ ମସିହା ଏପ୍ରିଲ ୨୫ ତାରିଖରେ ଅନୁଷ୍ଠିତ ସାନ୍‌ଫ୍ରାନ୍‌ସିସ୍‌କୋ ସମ୍ମିଳନୀରେ ଭାରତ ଅଂଶଗ୍ରହଣ କରିଥିଲା । ମିଳିତ ଜାତିସଂଘର ପ୍ରତିଷ୍ଠାତା ସଭ୍ୟଭାବେ ଭାରତ ମିଳିତ ଜାତିସଂଘର ନୀତି ଓ ଆଦର୍ଶକୁ ସର୍ବଦା ସମ୍ମାନ ପ୍ରଦର୍ଶନ କରିବା ସହିତ ଏହାଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ପ୍ରୟାସ କରିଅଛି । ପୃଥିବୀରେ ଏକ ଶାନ୍ତିକାମୀ ରାଷ୍ଟ୍ରରୂପେ ପରିଚିତ ଭାରତ ବିଶ୍ୱଶାନ୍ତି ପାଇଁ ପ୍ରତିଷ୍ଠିତ ମିଳିତ ଜାତିସଂଘର ସମଗ୍ର କାର୍ଯ୍ୟାବଳୀକୁ ସହଯୋଗ ଓ ସମର୍ଥନ ପ୍ରଦାନ କରିଆସୁଛି । ମିଳିତ ଜାତିସଂଘର ନିରାପତ୍ତା ପରିଷଦର ୬ଥର ସଦସ୍ୟ ହୋଇ ଭାରତ ୧୪ ବର୍ଷ କାର୍ଯ୍ୟ କରିଛି । ଭାରତର ଅନେକ ବିଦ୍ୱାନ୍ ବ୍ୟକ୍ତି ମିଳିତ ଜାତିସଂଘର ବିଭିନ୍ନ ଅଙ୍ଗର ସଦସ୍ୟଭାବେ କାର୍ଯ୍ୟକରି ବେଶ୍ ପ୍ରଶଂସାଭାଜନ ହୋଇଛନ୍ତି । ଜଣେ ମହାନ ଭାରତୀୟ ନାରୀ ଭାବେ ବିଜୟଲକ୍ଷ୍ମୀ ପଣ୍ଡିତ ମିଳିତ ଜାତିସଂଘର ସାଧାରଣ ସଭାର ମହିଳା ସଭାନେତ୍ରୀଭାବେ ପଦମଣ୍ଡନ କରିଛନ୍ତି । ମିଳିତ ଜାତିସଂଘର ସଂସ୍କାର ପାଇଁ ସୁପାରିସ କରିବା ନିମିତ୍ତ ଗଠିତ 'ପରିବର୍ତ୍ତନ ପରିଚାଳନା ଦଳ'ର ନେତୃତ୍ୱ ଅତୁଲ ଖାରେ ନାମକ ଜଣେ ଭାରତୀୟଙ୍କୁ ମିଳିତ ଜାତିସଂଘର ମହାସଚିବ ବାନ୍-କି-ମୁନ୍ ନିଯୁକ୍ତି ପ୍ରଦାନ କରିଛନ୍ତି । ଅତୁଲ ଖାରେ ୨୦୧୧ରୁ ଜୁନ୍ ୧ରେ ନିଯୁକ୍ତି ପାଇଛନ୍ତି । ମିଳିତ ଜାତିସଂଘ ସଦସ୍ୟଭାବେ ଭାରତର ଅବଦାନର ଏକ ସମୀକ୍ଷା ନିମ୍ନରେ ପ୍ରଦାନ କରାଗଲା–

(୧) ୧୯୪୬ ମସିହାରୁ ଭାରତ ମିଳିତ ଜାତିସଂଘରେ ଉପନିବେଶବାଦ, ବର୍ଣ୍ଣବୈଷମ୍ୟ ଓ କଳାଗୋରା ଭେଦଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲା ।

(୨) ଭାରତର ବିଶିଷ୍ଟ ଗାନ୍ଧିବାଦୀ ନେତା ଓ ସମାଜସେବୀ ହଂସ ମେହେଟ୍ଟା ୧୯୪୮ ମସିହାରେ ମିଳିତ ଜାତିସଂଘଦ୍ୱାରା ଘୋଷିତ ସାର୍ବଜନୀନ ମାନବିକ ଘୋଷଣାନାମାର ଚିଠା ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

(୩) ୧୯୫୩ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭାକୁ ମନୋନୀତ ଭରତର ମୁଖ୍ୟ ପ୍ରତିନିଧି ବିଜୟଲକ୍ଷ୍ମୀ ପଣ୍ଡିତ ପ୍ରଥମ ମହିଳାଭାବେ ସାଧାରଣ ସଭାର ସଭାନେତ୍ରୀରୂପେ ନିର୍ବାଚିତ ହୋଇଥିଲେ ।

(୪) ବିଶ୍ୱ ନିରସ୍ତ୍ରୀକରଣ, ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର ସମାପ୍ତ ଓ ଆନ୍ତର୍ଜାତୀୟ ସ୍ତରରେ ସମାନ ଅର୍ଥନୈତିକ ଅବସ୍ଥା ପାଇଁ ଉଦ୍ଦିଷ୍ଟ ମିଳିତ ଜାତିସଂଘର ସମସ୍ତ କାର୍ଯ୍ୟକ୍ରମକୁ ଭାରତ ଦୃଢ଼ ସହଯୋଗ ଓ ସମର୍ଥନ ପ୍ରଦାନ କରିଅଛି ।

(୫) ୧୯୫୩ ମସିହାରେ କୋରିଆଯୁଦ୍ଧର ସମାପ୍ତ ଏବଂ କୋରିଆରେ ଯୁଦ୍ଧବନ୍ଦୀମାନଙ୍କର ସମସ୍ୟାର ସମାଧାନ କ୍ଷେତ୍ରରେ ଭାରତ ମଧ୍ୟସ୍ଥତା କରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

(୬) ୧୯୫୪ ମସିହାରେ ଭିଏତ୍‌ନାମ, କାମ୍ବୋଡ଼ିଆ ଏବଂ ଲାଓସ୍‌ର ତତ୍ତ୍ୱାବଧାନ ଓ ନିୟନ୍ତ୍ରଣ ପାଇଁ ଗଠିତ ଆନ୍ତର୍ଜାତୀୟ କମିଶନମାନଙ୍କର ଭାରତ ନେତୃତ୍ୱ ନେଇଥିଲା ।

(୭) ୧୯୫୬ ମସିହାରେ ସୁଏଜ୍ କେନାଲ ସମସ୍ୟାର ସମାଧାନ କ୍ଷେତ୍ରରେ ଭାରତ ସକ୍ରିୟ ଅଂଶଗ୍ରହଣ କରିଥିଲା ।

(୮) ଏସିଆ ଓ ଆଫ୍ରିକାର ଅନେକ ଦେଶରୁ ଉପନିବେଶବାଦର ବିଲୋପ କରି ସ୍ୱାଧୀନତା ପ୍ରଦାନ କରିବା କ୍ଷେତ୍ରରେ ମିଳିତ ଜାତିସଂଘର ସମସ୍ତ ପଦକ୍ଷେପକୁ ଭାରତ ସକ୍ରିୟ ସହଯୋଗ କରିଥିଲା । ଉପନିବେଶବାଦର ବିଲୋପ ପାଇଁ ଗଠିତ ସ୍ୱତନ୍ତ୍ର କମିଟି ଭାରତର ନେତୃତ୍ୱରେ ଗଠିତ ହୋଇଥିଲା ।

(୯) ବର୍ଣ୍ଣବୈଷମ୍ୟ ବିରୋଧରେ ମିଳିତ ଜାତିସଂଘର ସାଧାରଣ ସଭାଦ୍ୱାରା ସବ୍‌କମିଟି ଗଠନ ପାଇଁ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

(୧୦) ବିକାଶଶୀଳ ରାଷ୍ଟ୍ରମାନଙ୍କର ଆର୍ଥିକ ଉନ୍ନତି ସଂକ୍ରାନ୍ତୀୟ ଗଠିତ ମିଳିତ ଜାତିସଂଘ ବାଣିଜ୍ୟ ଏବଂ ବିକାଶ ସମ୍ମିଳନୀ, ପରିବେଶ ଓ ବିକାଶ ସମ୍ମିଳନୀ (ରିଓ-ଡି ଜାନେରିଓ - ୧୯୯୨)ରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

(୧୧) ଜି-୭୭ ଓ ଜି-୧୫ରେ ଭାରତ ସକ୍ରିୟ ସଭ୍ୟଭାବେ କାର୍ଯ୍ୟ ସମ୍ପାଦନ କରିଆସୁଅଛି ।

(୧୨) ମିଳିତ ଜାତିସଂଘର ନିରାପତ୍ତା ପରିଷଦକୁ ଭାରତ ସାତ ଥର ନିର୍ବାଚିତ ହୋଇ ଚଉଦ ବର୍ଷ ଏହାର ସଭ୍ୟ ରହିଛି । ନିରାପତ୍ତା ପରିଷଦର ଭାରତର ଭୂମିକାକୁ ଆଧାର କରି ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟଭାବେ ଭାରତକୁ ଗ୍ରହଣ କରିବାକୁ ଅଧିକାଂଶ ରାଷ୍ଟ୍ର ଦାବି କରୁଛନ୍ତି ।

(୧୩) ମିଳିତ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦର ସଭାପତିରୂପେ ଭାରତର ଏ.ରାମସ୍ୱାମୀ ମୁଦାଲିଅର ନିର୍ବାଚିତ ହୋଇଥିଲେ ।

(୧୪) କୋରିଆ, ଇଜିପ୍ଟ, ଲାବେରିଆ, ସୋମାଲିଆ, ଆଙ୍ଗୋଲା, ହାଇତି, ଲାଇବେରିଆ, ଲେବାନନ ଓ ଦକ୍ଷିଣ ସୁଦାନକୁ ପଠାଇଥିବା ମିଳିତ ଜାତିସଂଘର ଶାନ୍ତିସେବାର ଭାରତୀୟ ସୈନ୍ୟମାନେ ସାମିଲ ହୋଇ ସେଠାରେ ଶାନ୍ତି ଫେରାଇଆଣିବା କ୍ଷେତ୍ରରେ ସହଯୋଗ କରିଛନ୍ତି ।

(୧୫) ମିଳିତ ଜାତିସଂଘର ନିରାପତ୍ତା ପରିଷଦର ସଂସ୍କାର ଆଣି ଏହାର ସଦସ୍ୟସଂଖ୍ୟା ବୃଦ୍ଧି କିବା ସଂକ୍ରାନ୍ତ ପ୍ରସ୍ତାବକୁ ଭାରତ ଦୃଢ଼ଭାବେ ସମର୍ଥନ କରୁଅଛି ।

(୧୬) ଭାରତ ନେତୃତ୍ୱରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ମିଳିତ ଜାତିସଂଘକୁ ସମର୍ଥନ କରି ପୃଥିବୀରୁ ଶୀତଳ ଯୁଦ୍ଧର ଅବସାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଅଛି ।

(୧୭) ମିଳିତ ଜାତିସଂଘର ବିଭିନ୍ନ ସଂସ୍ଥା; ଯଥା - ବିଶ୍ୱବ୍ୟାଙ୍କ, ଖାଦ୍ୟ ଓ କୃଷି ସଂଗଠନ ଏବଂ ସ୍ୱାସ୍ଥ୍ୟ ସଂଗଠନଠାରୁ ଆର୍ଥିକ ସହାୟତା ଗ୍ରହଣ କରିଆସୁଛନ୍ତି ।

## ୮.୮ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି(International Monetary Fund)ର ଗଠନ ଓ କାର୍ଯ୍ୟାବଳୀ

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ବିଶ୍ୱସ୍ତରୀୟ ସଂଗଠନ ଯାହା ଆନ୍ତର୍ଜାତିକ ସ୍ତରରେ ବିତ୍ତୀୟ ସହଯୋଗ ରକ୍ଷା, ଆର୍ଥିକ କ୍ଷେତ୍ରରେ ସ୍ଥିରତା ହାସଲ କରିବା, ଆନ୍ତର୍ଜାତିକ ବାଣିଜ୍ୟକାରବାରକୁ ଶୃଙ୍ଖଳିତ କରିବା, ସମଗ୍ର ବିଶ୍ୱରେ ନିଯୁକ୍ତି ସୁଯୋଗକୁ ପରିସରକୁ ବ୍ୟାପକ କରିବା ସହିତ ନିରନ୍ତର ଆର୍ଥିକ ବିକାଶ କରିବା ସଙ୍ଗେ ସଙ୍ଗେ ସମଗ୍ର ବିଶ୍ୱରୁ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ୧୯୪୫ ମସିହାରେ ପ୍ରତିଷ୍ଠା ହୋଇଥିଲା । ୧୯୪୪ ମସିହାରେ ଅନୁଷ୍ଠିତ ବ୍ରେଟନ ଉଡ୍‌ସ ସମ୍ମିଳନୀରେ (Bretton Woods Conference) ଏପରି ଏକ ଆନ୍ତର୍ଜାତିକ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ପ୍ରଥମ Harry Dexter White ଏବଂ Maynard Keynes ବିଚ୍ଚ ପ୍ରକାଶ କରିଥିଲେ । ଫଳରେ ୧୯୪୪ ମସିହାରେ ମାତ୍ର ୨୯ଟି ସଦସ୍ୟ ରାଷ୍ଟ୍ରକୁ ନେଇ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଗଠିତ ହୋଇଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ ୱାଶିଂଟନ୍‌ଠାରେ ରହିଅଛି । ସଂପ୍ରତି ବର୍ତ୍ତମାନ ୧୮୯ଟି ରାଷ୍ଟ୍ର ଏହାର ସଦସ୍ୟ ଅଛନ୍ତି ।

ଆନ୍ତର୍ଜାତୀୟ ଦେୟ ବ୍ୟବସ୍ଥାକୁ ଶୃଙ୍ଖଳିତ କରି ପୁନର୍ଗଠନ କରିବା ହେଉଛି ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଅଭିମୁଖ୍ୟ । ସଂପ୍ରତି ଆନ୍ତର୍ଜାତିକ ସ୍ତରରେ ସନ୍ତୁଳିତ ଦେୟ ବ୍ୟବସ୍ଥାର ସଂକଟମୋଚନ କରିବା ସହିତ ଆନ୍ତର୍ଜାତିକ ବିତ୍ତୀୟ ସଂକଟକୁ ସୁଧାରିବା କ୍ଷେତ୍ରରେ ଏହି ସଂଗଠନ ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ଏହି ସଂଗଠନ ସଦସ୍ୟ ରାଷ୍ଟ୍ରମାନେ ନିଜର ଆର୍ଥିକ ସ୍ଥିତି ଅନୁସାରେ ଯଥାଂଶ (Quota) ଏହି ସଂଗଠନକୁ ପ୍ରଦାନ କରିଥାନ୍ତି । ସେହିପରି ଆର୍ଥିକ ସଂକଟର ସମ୍ମୁଖୀନ ହେଉଥିବା ରାଷ୍ଟ୍ରମାନେ ଉକ୍ତ ସଂଗଠନରୁ ଋଣ ଆଣି ନିଜର ଆର୍ଥିକ ବିକାଶ ପାଇଁ ଅର୍ଥ ବିନିଯୋଗ କରିଥାନ୍ତି ।

କାର୍ଯ୍ୟାବଳୀ : ଆନ୍ତର୍ଜାତିକ ମୁଦ୍ରାପଣ୍ଠିର ମୁଖ୍ୟ କାର୍ଯ୍ୟାବଳୀ ହେଲା–

(୧) ବିଶ୍ୱସ୍ତରରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ।

(୨) ସଦସ୍ୟ ରାଷ୍ଟ୍ରମାନଙ୍କୁ ଆବଶ୍ୟକ ନୀତିଗତ ପରାମର୍ଶ ପ୍ରଦାନ କରି ଆର୍ଥିକ ସ୍ଥିରତା ରକ୍ଷା କରିବା ।

(୩) ଆର୍ଥିକ ସଂକଟର ସମ୍ମୁଖୀନ ହେଉଥିବା ସଦସ୍ୟ ରାଷ୍ଟ୍ରମାନଙ୍କୁ ଆବଶ୍ୟକସ୍ଥଳେ ଆର୍ଥିକ ସହାୟତା (ଋଣ) ପ୍ରଦାନ କରିବା ।

(୪) ଆନ୍ତର୍ଜାତିକ ସ୍ତରରେ ବିତ୍ତୀୟ ସହଯୋଗ ରକ୍ଷା କରିବା ।

(୫) ଆନ୍ତର୍ଜାତିକ ବାଣିଜ୍ୟିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ।

(୬) ସମଗ୍ର ବିଶ୍ୱରେ ଆର୍ଥିକ ସ୍ଥିରତା (Financial stability) ରକ୍ଷା କରିବା ।

(୭) ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ।

(୮) ଧାରଣୀୟ ଆର୍ଥିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ।

(୯) ଅନୁନ୍ନତ ସଦସ୍ୟ ରାଷ୍ଟ୍ରର ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ।

(୧୦)ସମଗ୍ର ବିଶ୍ୱରୁ ଦାରିଦ୍ର୍ୟତା ହ୍ରାସ କରିବା ।

(୧୧)ଆନ୍ତର୍ଜାତିକ ସ୍ତରରେ ବିତ୍ତୀୟ ସଂକଟକୁ ପ୍ରତିରୋଧ କରିବା ।

(୧୨)ସଦସ୍ୟ ରାଷ୍ଟ୍ରମାନଙ୍କର ଆର୍ଥିକ ସ୍ଥିତି ଉପରେ କଡ଼ାନଜର ରଖିବା ଇତ୍ୟାଦି ।

**ସଫଳତା :**

୧୯୪୫ ମସିହାରୁ ଅଦ୍ୟାବଧି ଦୀର୍ଘ ୭୨ ବର୍ଷର ଇତିହାସ ମଧ୍ୟରେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ତା'ର ଲକ୍ଷ୍ୟ ହାସଲ ଦିଗରେ ଅନେକ କ୍ଷେତ୍ରରେ ସଫଳ ହୋଇଅଛି । ଏହାର ସଦସ୍ୟ ରାଷ୍ଟ୍ରମାନଙ୍କର ଆର୍ଥିକ ସ୍ଥିତି ସମ୍ବନ୍ଧରେ ବିଭିନ୍ନ ତଥ୍ୟ ସଂଗ୍ରହ କରି ତା'ର ସମୀକ୍ଷା କରିବା ସହିତ ଆବଶ୍ୟକସ୍ଥଳେ ଆର୍ଥିକ ସଂକଟର ସମ୍ମୁଖୀନ ହେଉଥିବା ରାଷ୍ଟ୍ରମାନଙ୍କୁ ଆବଶ୍ୟକ ଆର୍ଥିକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରି ସେମାନଙ୍କର ଆର୍ଥିକ ସ୍ଥିତିକୁ ସୁଧାରିବାରେ ସହାୟତା ହୋଇଛନ୍ତି । ଆନ୍ତର୍ଜାତୀୟ ସ୍ତରରେ ବିତ୍ତୀୟ ସହଯୋଗ ପ୍ରକ୍ରିୟାକୁ ଏହା ତ୍ୱରାନ୍ୱିତ କରିପାରିଛି । ସଦସ୍ୟ ରାଷ୍ଟ୍ରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କର ଆର୍ଥିକ ସଂକଟ ଦୂରୀକରଣ ପାଇଁ ଏହା ବିଭିନ୍ନ ବ୍ୟବସ୍ଥାମାନ ଗ୍ରହଣ କରିଅଛି । ୧୯୪୫ ମସିହାରେ ମାତ୍ର ୨୯ଟି ରାଷ୍ଟ୍ରକୁ ନେଇ ଗଠିତ ହୋଇଥିବା ଏହି ସଂଗଠନର ସଦସ୍ୟମାନେ ୧୮୯ରେ ପହଞ୍ଚିବା ଏହି ସଫଳତାର ଏକ ନମୁନା । ସମଗ୍ର ବିଶ୍ୱର ଆର୍ଥିକ ସ୍ଥିତି ଉପରେ ଏହା ନଜର ରଖି ଆନ୍ତର୍ଜାତିକ ସ୍ତରରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଆର୍ଥିକ ସହଯୋଗ ପ୍ରତିଷ୍ଠା କ୍ଷେତ୍ରରେ ବିଶେଷ ସହାୟକ ହୋଇଅଛି । ୧୯୫୦ ମସିହାରେ ସ୍ଥିରୀକୃତ ସର୍ତ୍ତାବଳୀକୁ ଆଧାର କରି ଏହା ସଦସ୍ୟ ରାଷ୍ଟ୍ରମାନଙ୍କୁ ଆବଶ୍ୟକ ପରିମାଣରେ ଋଣ ପ୍ରଦାନ କରିଆସୁଅଛି । ସ୍ୱଳ୍ପ ଆୟ ଥିବା ଗରିବ ସଦସ୍ୟ ରାଷ୍ଟ୍ରମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ କରିଅଛି ।

## ୮.୯ ବିଶ୍ୱବ୍ୟାଙ୍କର (World Bank) ଗଠନ ଓ କାର୍ଯ୍ୟାବଳୀ

ଆନ୍ତର୍ଜାତିକ ପୁନର୍ଗଠନ ଓ ଉନ୍ନୟନ ବ୍ୟାଙ୍କ ଏକ ବିଶ୍ୱସ୍ତରୀୟ ବିତ୍ତୀୟ ଅନୁଷ୍ଠାନ ଯାହାକି ସମଗ୍ର ବିଶ୍ୱରେ ବିଶ୍ୱବ୍ୟାଙ୍କ ନାମରେ ପରିଚିତ । ୧୯୪୪ ମସିହାରେ ବ୍ରେଟନ ଉଡ୍ସଠାରେ ଅନୁଷ୍ଠିତ ମିଳିତ ଜାତିସଂଘର ମୁଦ୍ରାଗତ ଓ ଆର୍ଥିକ ସମ୍ମିଳନୀର ସୁପରିସକ୍ରମେ ଏହା ଗଠିତ ହୋଇଥିଲା । ୧୯୪୬ ମସିହା ଜୁନ୍ ମାସରେ ଏହି ବ୍ୟାଙ୍କ ତା'ର ବ୍ୟବସାୟ ଆରମ୍ଭ କରିଥିଲା । ବିଶେଷତଃ, ଦ୍ୱିତୀୟ ବିଶ୍ୱଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିବା ରାଷ୍ଟ୍ରମାନଙ୍କର ଏହା ପୁନର୍ଗଠନ ପ୍ରକ୍ରିୟାରେ ସାମିଲ ହୋଇଥିଲା । ୧୯୬୦ ମସିହା ପରେ ଏହି ବ୍ୟାଙ୍କ ତୃତୀୟ ବିକାଶଶୀଳ ରାଷ୍ଟ୍ରମାନଙ୍କର ବିକାଶ ପାଇଁ ଦୃଷ୍ଟି ନିକ୍ଷେପ କରିଥିଲା ।

**ଗଠନ ପ୍ରଣାଳୀ :**

ବିଶ୍ୱବ୍ୟାଙ୍କ ପରିଚାଳନା ପରିଷଦ (Board of Governors), କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (Board of Executive Directors), ଉପଦେଷ୍ଟା କମିଟି, ଋଣ କମିଟି, ସଭାପତି ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନେଇ ଗଠିତ ହୋଇଛି । ଏହି ବ୍ୟାଙ୍କର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କ୍ଷମତା ପରିଚାଳନା ପରିଷଦ ହସ୍ତରେ ନ୍ୟସ୍ତ । ସାଧାରଣତଃ ଏହି ପରିଷଦରେ ଜଣେ ଗଭର୍ଣ୍ଣର ଏବଂ ଅନ୍ୟ ଜଣେ ବିକଳ୍ପ ଗଭର୍ଣ୍ଣର ରହିଥାନ୍ତି । ଏମାନେ ସଦସ୍ୟ ରାଷ୍ଟ୍ରଦ୍ୱାରା ୫ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପରିଷଦରେ ୨୧ ଜଣ ସଦସ୍ୟ ରହିଥାନ୍ତି । ସେଥିମଧ୍ୟରୁ ୬ ଜଣ ବ୍ୟାଙ୍କରେ ସର୍ବାଧିକ ପୁଞ୍ଜିନିବେଶ କରିଥିବା ଛଅଟି ରାଷ୍ଟ୍ର ଯୁକ୍ତରାଜ୍ୟ (ବ୍ରିଟେନ) ପଶ୍ଚିମ ଜର୍ମାନୀ, ଫ୍ରାନ୍ସ, ଜାପାନ ଓ ଭାରତ ଦ୍ୱାରା ନିଯୁକ୍ତି ପାଇଥାନ୍ତି । ଅନ୍ୟ ୧୫ ଜଣ ନିର୍ଦ୍ଦେଶକଙ୍କୁ ଅବଶିଷ୍ଟ ସଦସ୍ୟ ରାଷ୍ଟ୍ରମାନେ ନିର୍ବାଚିତ କରିଥାନ୍ତି । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପରିଷଦର ବୈଠକ ପ୍ରତି ମାସରେ ଅନୁଷ୍ଠିତ ହୋଇଥାଏ । ପ୍ରତ୍ୟେକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ମତଦାନର ମୂଲ୍ୟ ସଂପୃକ୍ତ ରାଷ୍ଟ୍ରର ଅଂଶଧନକୁ ନେଇ ନିର୍ଦ୍ଧାରିତ ହୋଇଥାଏ । ସଭାପତି ହେଉଛନ୍ତି ବିଶ୍ୱବ୍ୟାଙ୍କର ସର୍ବୋଚ୍ଚ ଅଧିକାରୀ । ସେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପରିଷଦ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ସେ ବ୍ୟାଙ୍କର ଦୈନିକ କାର୍ଯ୍ୟର ସୁପରିଚାଳନା ପାଇଁ ମୁଖ୍ୟତଃ ଦାୟୀ ।

ଆଭିମୁଖ୍ୟ (**Objectives**) :

(୧) ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ।

(୨) ପ୍ରତିଶ୍ରୁତି ପତ୍ର ମାଧ୍ୟମରେ ଘରୋଇ ବିଦେଶୀ ପୁଞ୍ଜି ନିବେଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ।

(୩) ଘରୋଇ ପୁଞ୍ଜି ନିବେଶକାରୀଙ୍କ ଦ୍ୱାରା ପ୍ରଦତ୍ତ ଋଣ ପ୍ରଦାନ ଓ ପୁଞ୍ଜି ନିବେଶ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ।

(୪) ଆନ୍ତର୍ଜାତୀୟ ବାଣିଜ୍ୟ କାରବାରରେ ଦୀର୍ଘକାଳୀନ ଭାରସାମ୍ୟ ରକ୍ଷା କରିବା ।

(୫) ଆନ୍ତର୍ଜାତିକ ଦେଣନେଣ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରିବା ।

(୬) ଆନ୍ତର୍ଜାତିକ ଋଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଇତ୍ୟାଦି ।

କାର୍ଯ୍ୟାବଳୀ (**Functions**) :

ସାଧାରଣତଃ ବିଶ୍ୱବ୍ୟାଙ୍କ ନିମ୍ନଲିଖିତ କାର୍ଯ୍ୟମାନ ସମ୍ପାଦନ କରିଥାଏ;

(୧) ଉତ୍ପାଦନ ହାର ବୃଦ୍ଧି ପାଇଁ ଏବଂ କମ୍ ସୁଧରେ ରାଷ୍ଟ୍ରକୁ ଋଣ ପ୍ରଦାନ କରିଥାଏ ।

(୨) ଏହା କୃଷି ଓ ଗ୍ରାମ୍ୟ ବିକାଶ, ଶକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ରାସ୍ତା, ରେଳପଥ, ଯୋଗାଯୋଗ, ବନ୍ଦର ଏବଂ ଶକ୍ତି ଯୋଗାଣ ପାଇଁ ଋଣ ପ୍ରଦାନ କରିଥାଏ ।

(୩) ବିଶ୍ୱବ୍ୟାଙ୍କ ଋଣ ପ୍ରଦାନ କରୁଥିବା ରାଷ୍ଟ୍ରମାନଙ୍କୁ କେତେକ ନିର୍ଦ୍ଦିଷ୍ଟ ଚୁକ୍ତି ଅନୁସାରେ ଋଣ ପ୍ରଦାନ କରିଥାନ୍ତି । ସେହି ଚୁକ୍ତି ଅନୁସାରେ ଋଣ ପରିଶୋଧକୁ ବିଶ୍ୱବ୍ୟାଙ୍କ ଗୁରୁତ୍ୱ ପ୍ରଦାନ କରିଥାଏ ।

(୪) ବିଶ୍ୱବ୍ୟାଙ୍କ କେବଳ ଋଣଦାତା ଭାବେ କାର୍ଯ୍ୟକରେ ନାହିଁ ବରଂ ଗ୍ୟାରେଣ୍ଟର ଭାବେ କାର୍ଯ୍ୟ କରିଥାଏ । ଯେଉଁ ପୁନର୍ଗଠନ ଓ ବିକାଶ ଉଦ୍ଦେଶ୍ୟରେ ବିଶ୍ୱବ୍ୟାଙ୍କ ଋଣ ପ୍ରଦାନ କରିଥାଏ ତାହାର ଅଗ୍ରଗତିକୁ ବ୍ୟାଙ୍କ ସମୀକ୍ଷା କରିଥାଏ ।

(୫) ରାଷ୍ଟ୍ରର ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ କରିବା, ବରିଷ୍ଠ ଉନ୍ନୟନ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିବା ପାଇଁ ବିଶ୍ୱବ୍ୟାଙ୍କ ସହାୟତା ପ୍ରଦାନ କରିଥାଏ ।

ସୁତରାଂ, ବିଶ୍ୱବ୍ୟାଙ୍କ ବା ଆନ୍ତର୍ଜାତିକ ପୁନର୍ଗଠନ ଓ ବିକାଶ ବ୍ୟାଙ୍କ ଏକ ଆନ୍ତର୍ଜାତୀୟ ବିତ୍ତୀୟ ସଂଗଠନ ଯାହାକି ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥାଏ । ଆନ୍ତର୍ଜାତିକ କ୍ଷେତ୍ରରେ ବାଣିଜ୍ୟ କାରବାରକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଏହାର ବଳିଷ୍ଠ ଅବଦାନ କରିଅଛି ।

## ୮.୧୦ ସାରାଂଶ

- ସାଧାରଣ ସଭା (The General Assembly) : ମିଳିତ ଜାତିସଂଘର ସଭ୍ୟମାତ୍ରେ ହିଁ ସାଧାରଣ ସଭାର ସଭ୍ୟ । ପ୍ରତ୍ୟେକ ସଭ୍ୟ ରାଷ୍ଟ୍ରର ଅତିବେଶୀ ୫ ଜଣ ଲେଖାଏଁ ପ୍ରତିନିଧି ଏହି ସଭାରେ ଯୋଗଦେବାର ବ୍ୟବସ୍ଥା ରହିଛି । ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା ସମ୍ପର୍କୀୟ ଯେ କୌଣସି ବିଷୟରେ ଏହି ସଭା ଆଲୋଚନା କରିପାରେ । ଏହା ବାର୍ଷିକ ଆୟବ୍ୟୟ (Budget) ମଞ୍ଜୁରି କରେ ଓ ଜାତିସଂଘ ପାଣ୍ଠିକୁ କେଉଁ ଦେଶ କେତେ ପରିମାଣରେ ଅର୍ଥ ଦେବ ତାହା ଠିକ୍ କରେ । ଏହାର ପ୍ରତି ଅଧିବେଶନ ପାଇଁ ଜଣେ ସଭାପତି ଓ ସାତଜଣ ଉପସଭାପତି ନିର୍ବାଚନ କରିବା ଦାୟିତ୍ୱ ମୃ

ରହିଛି । ଏହା ନିରାପତ୍ତା ପରିଷଦର ସୁପାରିସ କ୍ରମେ ମହାସଚିବ ବା ସେକ୍ରେଟାରୀ ଜେନେରାଲଙ୍କୁ ନିଯୁକ୍ତି ଦିଏ । ଏହା ଆନ୍ତର୍ଜାତିକ ବିଚାରାଳୟର ବିଚାରପତିମାନଙ୍କୁ ନିର୍ବାଚିତ କରେ ।

- ନିରାପତ୍ତା ପରିଷଦ (The Security Council) : ନିରାପତ୍ତା ପରିଷଦ ମୋଟାମୋଟି ଭାବେ ସଂଯୁକ୍ତ ରାଷ୍ଟ୍ରସଂଘ ବା ମିଳିତ ଜାତିସଂଘର କାର୍ଯ୍ୟନିର୍ବାହୀ ସଂସ୍ଥା । ଏହାର ପନ୍ଦର ଜଣ ସଭ୍ୟ ମଧ୍ୟରୁ ପାଞ୍ଚଜଣ ସ୍ଥାୟୀ ସଭ୍ୟ । ଏହି ପାଞ୍ଚଜଣ ସ୍ଥାୟୀ ସଭ୍ୟଙ୍କୁ ପଞ୍ଚ ମହାଶକ୍ତି (Big Five) କୁହାଯାଏ । ସେମାନେ ହେଉଛନ୍ତି, ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ୍ ଋଷିଆ, ଇଂଲଣ୍ଡ, ଫ୍ରାନ୍ସ୍ ଓ ଚୀନ୍ ସାଧାରଣତନ୍ତ୍ର । ନିରାପତ୍ତା ପରିଷଦର ଅସ୍ଥାୟୀ ସଭ୍ୟସଂଖ୍ୟା ୧୦ । ସାଧାରଣ ସଭାର ଦୁଇ-ତୃତୀୟାଂଶ ଭୋଟରେ ଦୁଇବର୍ଷ ପାଇଁ ନିର୍ବାଚିତ ହୁଅନ୍ତି । ଅସ୍ଥାୟୀ ସଭ୍ୟଙ୍କ ମଧ୍ୟରୁ ଅର୍ଦ୍ଧେକ ସଭ୍ୟଙ୍କର କାର୍ଯ୍ୟକାଳ ପ୍ରତିବର୍ଷ ପୂର୍ଣ୍ଣ ହୁଏ । ସୁତରାଂ ପ୍ରତିବର୍ଷ ସାଧାରଣ ସଭା ନିରାପତ୍ତା ପରିଷଦ ପାଇଁ ଜଣ ୫ ଜଣ ଅସ୍ଥାୟୀ ସଭ୍ୟ ନିର୍ବାଚିତ କରିଥାନ୍ତି ।

- ଆନ୍ତର୍ଜାତିକ ବିଚାରାଳୟ (International Court of Justice) :ଆନ୍ତର୍ଜାତିକ ବିଚାରାଳୟ ମିଳିତ ଜାତିସଂଘର ନ୍ୟାୟପାଳିକା ଅଙ୍ଗ । ଏଥିରେ ୧୫ ଜଣ ବିଚାରପତି ରହିଛି । ନିରାପତ୍ତା ପରିଷଦ ଓ ସାଧାରଣ ସଭାର ଦୁଇ-ତୃତୀୟାଂଶ ଭୋଟରେ ୯ ବର୍ଷ ପାଇଁ ବିଚାରପତିଙ୍କୁ ନିର୍ବାଚିତ କରିଥାନ୍ତି । ଏହି ବିଚାରାଳୟର ଆବେଦନ ପରେ ସମସ୍ୟାର ବିଚାର ହୋଇଥାଏ । ସ୍ୱଇଚ୍ଛାରେ ବିଚାରାଳୟ କୌଣସି ବିବାଦ ସମାଧାନ ପାଇଁ ଚେଷ୍ଟିତ ହେବାର ବିଧାନ ନାହିଁ ।

- ମିଳିତ ଜାତିସଂଘର କେତେକ ସଂସ୍ଥା ମାଧ୍ୟମରେ ତାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ କରିଥାଏ । କେତେକ ସଂସ୍ଥାର ନାମ ଉଲ୍ଲେଖ କରାଯାଇଛି । ଅନ୍ୟ କେତେକ ସଂସ୍ଥା ହେଲା ବିଶ୍ୱ ବ୍ୟାଙ୍କ (World Bank), ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି International Monetary Fund - IMF), ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା (Iternational Atomic Energy Cpmmission), ବିଶ୍ୱ ଡାକ ସଂଘ Universal Postal Union - UPU) ଇତ୍ୟାଦି ।

- ମିଳିତ ଜାତିସଂଘ ଶାନ୍ତିର ଜାଗ୍ରତପ୍ରହରୀ ହୋଇଥିବାରୁ ତାହାର ଗଠନରେ ସଂସ୍କାର ଅଣାଯିବା ଉଚିତ ଯାହାଦ୍ୱାରା ତାହାର ମହାସଚିବ ଓ ନିରାପତ୍ତା ପରିଷଦ ଆମେରିକା ଚାପରେ ବଶୀଭୂତ ହେବେ ନାହିଁ ।

## ୮.୧୧ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

ପ୍ର.୧. ମିଳିତ ଜାତିସଂଘର ପ୍ରତିଷ୍ଠା ପାଇଁ କରାଯାଇଥିବା ଉଦ୍ୟମମାନ ଆଲୋଚନା କର ।

ପ୍ର.୨. ମିଳିତ ଜାତିସଂଘର ଆଭିମୁଖ୍ୟ ଓ ମୌଳିକ ନୀତିମାନ ଆଲୋଚନା କର ।

ପ୍ର.୩. ନିରାପତ୍ତା ପରିଷଦର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

ପ୍ର.୪. ମିଳିତ ଜାତିସଂଘର ସାଧାରଣ ସଭାର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

ପ୍ର.୫. ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଗଠନ ଓ କାର୍ଯ୍ୟାବଳୀ ବର୍ଣ୍ଣନା କର ।

ପ୍ର.୬. ବିଶ୍ୱବ୍ୟାଙ୍କର (World Bank) ଗଠନ ଓ କାର୍ଯ୍ୟାବଳୀ ସମୀକ୍ଷା କର ।

ପ୍ର.୭. ମିଳିତ ଜାତିସଂଘର ସଂସ୍କାର ପାଇଁ ଆବଶ୍ୟକ ପଦକ୍ଷେପମାନ ଆଲୋଚନା କର ।

ପ୍ର.୮. ମିଳିତ ଜାତିସଂଘରେ ଭାରତର ଭୂମିକା ଆଲୋଚନା କର ।

## ୮.୧୨ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀର ଉତ୍ତର

ପ୍ର.୧. ୮.୧ ର ପାଠ ଦେଖ ।

ପ୍ର.୨. ୮.୨ ର ପାଠ ଦେଖ ।

ପ୍ର.୩. ୮.୪ ର ପାଠ ଦେଖ ।

ପ୍ର.୪. ୮.୩ ର ପାଠ ଦେଖ ।

ପ୍ର.୫. ୮.୮ ର ପାଠ ଦେଖ ।

ପ୍ର.୬. ୮.୯ ର ପାଠ ଦେଖ ।

❖❖❖

**UNIT-V**

# ଆନ୍ତର୍ଜାତୀୟ ରାଜନୀତିର ପ୍ରସଙ୍ଗ

# ISSUES IN INTERNATIONAL POLITICS

**ନବମ ଅଧ୍ୟାୟ**

## ସମସାମୟିକ ବିଶ୍ୱରେ ସୁରକ୍ଷାର ପରିବର୍ତ୍ତିତ ଦିଗ

## CHANGING DIMENSION OF SECURITY IN CONTEMPORARY WORLD

## ପୁରାତନ ନିରାପତ୍ତା ପ୍ରସଙ୍ଗ : ଅସ୍ତ୍ର ପ୍ରତିଯୋଗିତା ଓ ନିରସ୍ତ୍ରୀକରଣ

**ସଂରଚନା :**


୯.୧ ସୁରକ୍ଷା : ଏହାର ବିଭିନ୍ନ ଦିଗ ଓ ପ୍ରକାର ଭେଦ

୯.୨ ପାରମ୍ପରିକ ସୁରକ୍ଷା ଅନୁଚିନ୍ତା -

୯.୨.୧ (କ) ଅସ୍ତ୍ର ପ୍ରତିଯୋଗିତା - ଏହାର ଉପଯୋଗିତା ଓ ଅପକାରିତା

୯.୨.୨ (ଖ) ନିରସ୍ତ୍ରୀକରଣ - ଆବଶ୍ୟକତା ଓ ପ୍ରତିବନ୍ଧକ, ନିରସ୍ତ୍ରୀକରଣ ପାଇଁ ପ୍ରଚେଷ୍ଟା

୯.୩ ସାରାଂଶ

## ୯.୧ ସୁରକ୍ଷା : ଏହାର ବିଭିନ୍ନ ଦିଗ ଓ ପ୍ରକାର ଭେଦ

**ସୁରକ୍ଷାର ଗୁରୁତ୍ୱ :**

ସୁରକ୍ଷା ଏକ ଅସମାହିତ ପ୍ରଶ୍ନ । କେଉଁ ଆବହମାନ କାଳରୁ ମଣିଷ ସୁରକ୍ଷାକୁ ଗୁରୁତ୍ୱ ଦେଇଆସିଅଛି । ପ୍ରାଗ୍ ଐତିହାସିକ କାଳରେ ମଣିଷ ବଣଜଙ୍ଗଲରେ ରହୁଥିଲା । ତାର ଜୀବନ ଦୁର୍ବିସହ ଥିଲା । ସେ ଜଙ୍ଗଲର ନିୟମ ଦ୍ୱାରା ପରିଚାଳିତ ହେଉଥିଲା । ଜୋର୍ ଯାର୍ ମୁଲକ ତାର୍ ନୀତିରେ ମଣିଷର ଜଙ୍ଗଲ ଜୀବନ କ୍ଷଣସ୍ଥାୟୀ ହୋଇପଡ଼ିଥିଲା । ନିଜ ଜୀବନର ସୁରକ୍ଷା ପାଇଁ ସେ ଜଙ୍ଗଲ ଜୀବନ ଛାଡ଼ି ସମାଜ ଗଠନ କଲା । ବ୍ୟକ୍ତିଗତ ଜୀବନ୍ ଅପେକ୍ଷା ଗୋଷ୍ଠୀଗତ ଜୀବନରେ ମଣିଷର ଜୀବନ ଅଧିକ ସୁରକ୍ଷିତ ବୋଲି ଅନୁଭବ କଲା ପରେ ସେ ପ୍ରଥମେ ନଦୀ କୂଳରେ ସଭ୍ୟତାର ଆରମ୍ଭ କରିଥିଲା । ପରେ ସେ ଅନୁଭବ କଲା ଯେ, ଆଇନକୁ ମାନିକରି ଚଳିଲେ ହିଁ ମଣିଷର ସୁରକ୍ଷା ସମ୍ପୂର୍ଣ୍ଣ ଦୃଢ଼ୀଭୂତ ହୋଇପାରିବ । ତେଣୁ ସେ ରାଷ୍ଟ୍ର ଗଠନ କଲା । ଅନ୍ୟ ଅର୍ଥରେ କହିବାକୁ ଗଲେ ମଣିଷର ସୁରକ୍ଷାକୁ ସୁନିଶ୍ଚିତ ତଥା ଦୃଢ଼ୀଭୂତ କରିବା ପାଇଁ ରାଷ୍ଟ୍ର ଗଠନ ହୋଇଥିଲା । ତେଣୁ ସୁରକ୍ଷାର ଆବଶ୍ୟକତା ଅତୀତରେ ଥିଲା, ବର୍ତ୍ତମାନ ଅଛି ଏବଂ ଭବିଷ୍ୟତରେ ମଧ୍ୟ ରହିବ ।

**ସୁରକ୍ଷାର ବିଭିନ୍ନ ଦିଗ :**

ସୁରକ୍ଷାର ଦୁଇଟି ଦିଗ ଅଛି । ଯଥା-ବାହ୍ୟ ସୁରକ୍ଷା ଓ ଆଭ୍ୟନ୍ତରୀଣ ସୁରକ୍ଷା । ବାହ୍ୟ ସୁରକ୍ଷା ଅର୍ଥ ପ୍ରତ୍ୟେକ ପ୍ରତ୍ୟେକ ରାଷ୍ଟ୍ର ତାର ନାଗରିକମାନଙ୍କୁ ବହିଃ ଶତ୍ରୁ ଆକ୍ରମଣରୁ ରକ୍ଷା କରିବ । ଆଭ୍ୟନ୍ତରୀଣ ସୁରକ୍ଷା ଅର୍ଥ ପ୍ରତ୍ୟେକ ରାଷ୍ଟ୍ର ତାର ନାଗରିକମାନଙ୍କୁ ଦେଶ ଭିତରେ ହେଉଥିବା ଗଣ୍ଡଗୋଳ, ଗୃହଯୁଦ୍ଧ ଓ ଅଶାନ୍ତ ପରିବେଶରୁ ରକ୍ଷା କରିବ ଓ ସେମାନଙ୍କ ଜୀବନ, ସ୍ୱାଧୀନତା ଓ ସମ୍ପତ୍ତିର ସୁରକ୍ଷା କରିବା ସହ ସେମାନଙ୍କୁ ନିଜ ମାନବିକ ଅଧିକାରକୁ ଉପଭୋଗ କରିବା ପାଇଁ ଯଥାର୍ଥ ସୁଯୋଗ ପ୍ରଦାନ କରିବା ।

**ଆଧୁନିକ ଯୁଗରେ ସୁରକ୍ଷାର ପ୍ରକାର ଭେଦ :**

ଷୋଡ଼ଶ ଶତାବ୍ଦୀରୁ ଇଟାଲୀର ପ୍ରଖ୍ୟାତ ଦାର୍ଶନିକ ନିକୋଲୋ ମାକିଆଭେଲିଙ୍କ ଠାରୁ ଆଧୁନିକ ଯୁଗର ଆରମ୍ଭ ହୋଇଥିଲା । ତାଙ୍କର ବାସ୍ତବବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ପରବର୍ତ୍ତୀ ବିଶ୍ୱ ତାତ୍ତ୍ୱିକ ରାଜନୀତି (Theoretical Politics) ଅପେକ୍ଷା ପ୍ରୟୋଗାତ୍ମକ ରାଜନୀତି (Practical Politics) ଉପରେ ଗୁରୁତ୍ୱ ଆରୋପ କରିଥିଲା । ତେଣୁ ମାକିଆ ଭେଲିଙ୍କୁ ଆଧୁନିକ ରାଜନୀତି ବିଜ୍ଞାନର ଜନକ ବୋଲି ମଧ୍ୟ କୁହାଯାଏ । ଆଧୁନିକ ବିଶ୍ୱରେ ବାହ୍ୟ ସୁରକ୍ଷାକୁ ରାଷ୍ଟ୍ରୀୟ ସୁରକ୍ଷା ଓ ଆଭ୍ୟନ୍ତରୀଣ ସୁରକ୍ଷାକୁ ମାନବିକ ସୁରକ୍ଷା ନାମରେ ଅଭିହିତ କରାଗଲା । ଆଧୁନିକ ଯୁଗରେ ପ୍ରତ୍ୟେକ ରାଷ୍ଟ୍ର କ୍ଷମତାର ଆହରଣ (acquisition of power) ଓ କ୍ଷମତାର ବିସ୍ତାର ଉପରେ ଅଗ୍ରାଧିକାର ଦେଲେ । କ୍ଷମତାଲିପ୍ସୁ ରାଷ୍ଟ୍ରମାନେ କ୍ଷମତାର ବିସ୍ତାର ପାଇଁ ଯୁଦ୍ଧ ଉପରେ ଗୁରୁତ୍ୱ ଦେଲେ । ତେଣୁ ଆଧୁନିକ ଯୁଗରେ ବିଶେଷତଃ ଇଉରୋପ ମହାଦେଶରେ କ୍ଷମତା ପାଇଁ ଦେଶ ଦେଶ ମଧ୍ୟରେ ଅନେକ ଯୁଦ୍ଧ ସଂଗଠିତ ହୋଇଥିଲା । ଯୁଦ୍ଧ ଦ୍ୱାରା ଦେଶମାନେ ନିଜ ରାଷ୍ଟ୍ରର ଭୌଗୋଳିକ ପରିସୀମା ବୃଦ୍ଧି କରିବା ସହିତ ଅନ୍ୟ ଦେଶମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିଥିଲେ ।

ଅନ୍ୟ ଅର୍ଥରେ କହିବାକୁ ଗଲେ ଆଧୁନିକ ଯୁଗରେ ସୁରକ୍ଷାରକୁ ଦେଶର ସାର୍ବଭୌମତ୍ୱ ସହିତ ଜଡ଼ିତ କରି ଦେଖାଗଲା ଓ ପ୍ରତ୍ୟେକ ରାଷ୍ଟ୍ର ନିଜର ଅଖଣ୍ଡତା ଓ ସଂପ୍ରଭୁତା ବଜାୟ ରଖିବାକୁ ଯଥାସାଧ୍ୟ ଚେଷ୍ଟା କରୁଥିଲେ କାରଣ କ୍ଷମତା ଲିପ୍ସୁ ରାଷ୍ଟ୍ରମାନେ ଯୁଦ୍ଧ ଦ୍ୱାରା ରାଜ୍ୟ ବିସ୍ତାର କରିବାକୁ ଚାହୁଁଥିଲେ ।

**ସମସାମୟିକ ବିଶ୍ୱରେ ସୁରକ୍ଷା ଅନୁଚିନ୍ତାର ବିଭିନ୍ନ ଦିଗ :**

ଆମେ ବର୍ତ୍ତମାନ ବିଂଶ ଶତାବ୍ଦୀ ଅତିକ୍ରମ କରି ଏକବିଂଶ ଶତାବ୍ଦୀରେ ପାଦ ଦେଇଛି । ଏହି ବିଗତ ୧୧୬ ବର୍ଷର ବିଶ୍ୱ ରାଜନୈତିକ ପରିସ୍ଥିତିକୁ ସମସାମୟିକ ବିଶ୍ୱ ବୋଲି ଅଭିହିତ କରାଯାଏ । ଏହି ସମସାମୟିକ ବିଶ୍ୱରେ ଦୁଇ ଦୁଇଟି ବିଶ୍ୱ ଯୁଦ୍ଧ

ପୃଥିବୀବାସୀଙ୍କ ଅଭୂତପୂର୍ବ କ୍ଷତି ସାଧନ କରିଛି । ତେଣୁ ସୁରକ୍ଷା ଅନୁଚିନ୍ତା ପ୍ରତ୍ୟେକ ଦେଶ ପାଇଁ ଏକ ବଡ଼ ଆହ୍ୱାନ ହୋଇ ଛିଡ଼ା ହୋଇଛି । ପ୍ରତ୍ୟେକ ଦେଶ ନିଜର ଏକତା, ଅଖଣ୍ଡତା, ସାର୍ବଭୌମତ୍ୱ ଓଓ ସଂପ୍ରଭୁତା ବଜାୟ ରଖିବା ପାଇଁ ଅହରହ ସଂଗ୍ରାମ କରୁଛନ୍ତି ।

ସମସାମୟିକ ବିଶ୍ୱରେ ସୁରକ୍ଷା ଅନୁଚିନ୍ତାକୁ ଦୁଇଭାଗରେ ବିଭକ୍ତ କରାଯାଇପାରିବ । ଯଥା–

(୧) ପାରମ୍ପରିକ ସୁରକ୍ଷା ଅନୁଚିନ୍ତା

(୨) ଆଧୁନିକ ବା ଅଣପାରିମ୍ପରିକ ସୁରକ୍ଷା ଅନୁଚିନ୍ତା

## ୯.୨ (୧) ପାରମ୍ପରିକ ସୁରକ୍ଷା ଅନୁଚିନ୍ତା (Traditional Security Concern)

ଷୋଡ଼ଶ ଶତାବ୍ଦୀର ଆରମ୍ଭରୁ ଏ ପର୍ଯ୍ୟନ୍ତ ପାରମ୍ପରିକ ସୁରକ୍ଷା ଅନୁଚିନ୍ତା ଦେଶମାନଙ୍କୁ କବଳିତ କରିଛି । ଏହାର କାରଣ ହେଉଛି ଯୁଦ୍ଧ, ଯୁଦ୍ଧ ବିଭୀଷିକାଓ ଯୁଦ୍ଧର ନିରାକରଣ । ଯଦିଓ କୌଣସି ଦେଶ ଯୁଦ୍ଧ କରିବାକୁ ପସନ୍ଦ କରନ୍ତି ନାହିଁ ତଥାପି ନିଜର ରାଷ୍ଟ୍ରୀୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସେମାନେ ଯୁଦ୍ଧକୁ ଶାନ୍ତିର ଏକ ବିକଳ୍ପ ଭାବକରେ ଗ୍ରହଣ କରନ୍ତି ।

ତେଣୁ ପାରମ୍ପରିକ ସୁରକ୍ଷାରେ ରାଷ୍ଟ୍ରୀୟ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଏ । ଏଥିରେ ପ୍ରତ୍ୟେକ ଦେଶ ନିଜର ଅଖଣ୍ଡତା ସାର୍ବଭୌମତ୍ୱ ଓ ସଂପ୍ରଭୁତାର ରକ୍ଷା ପାଇଁ ସାମରିକ ଶକ୍ତିର ବିକାଶ ଓ ସମରସଜ୍ଜା ଉପରେ ଗୁରୁତ୍ୱ ଦେଇଥାଆନ୍ତି । ରଷ୍ଟ୍ରୀୟ ସୁରକ୍ଷା ପାଇଁ ସେମାନେ ଦୁଇଟି ବିକଳ୍ପ ଉପରେ ମନୋନିବେଶ କରନ୍ତି : (୧) ଅସ୍ତ୍ର ପ୍ରତିଯୋଗିତା (୨) ନିରସ୍ତୀକରଣ

## ୯.୨.୧ (କ) ଅସ୍ତ୍ର ପ୍ରତିଯୋଗିତା – ଏହାର ଉପଯୋଗିତା ଓ ଅପକାରିତା

### (୧) ଅସ୍ତ୍ର ପ୍ରତିଗୋଗିତା (Arms Race)

ପାରମ୍ପରିକ ସୁରକ୍ଷାର ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଅସ୍ତ୍ର ପ୍ରତିଯୋଗିତା । ପ୍ରତ୍ୟେକ ଦେଶ ନିଜର ସାମରିକ ଶକ୍ତିର ବୃଦ୍ଧି କରି ଶତ୍ରୁ ଦେଶ ମଧ୍ୟରେ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରେ । କାରଣ ଏହା ଦ୍ୱାରା ଶତ୍ରୁ ରାଷ୍ଟ୍ର ଆକ୍ରମଣ କରିବାକୁ ଭୟ କରିବ । ତେଣୁ ନିଜ ଦେଶର ସାର୍ବଭୌମତ୍ୱ ଓ ସଂପ୍ରଭୁତା ସୁରକ୍ଷିତ ରହିପାରିବ ।

ସମସାମୟିକ ବିଶ୍ୱରେ ପ୍ରତ୍ୟେକ ରାଷ୍ଟ୍ର ନିଜର ସାମରିକ ଶକ୍ତିର ବିକାଶ ପାଇଁ ନୂତନ ତଥା ଅତ୍ୟାଧୁନିକ କାରୀଗରୀ ଜ୍ଞାନକୌଶଳ ଉପରେ ଜୋର୍ ଦିଅନ୍ତି । ଯାହା ଫଳରେ ସେମାନେ ମାରାତ୍ମକ ଯୁଦ୍ଧାସ୍ତ୍ରଗୁଡ଼ିକର ଉତ୍ପାଦନ ଅଧିକରୁ ଅଧିକ ମାତ୍ରରେ କରିଥାଆନ୍ତି । ପ୍ରତ୍ୟେକ ଦେଶ ଅଧିକରୁ ଅଧିକ ଗୁଳିଗୋଳା, ବନ୍ଧୁକ, ବମ୍ବ, କମାଣ, ଟ୍ୟାଙ୍କ, ଯୁଦ୍ଧ ଜାହାଜ, କ୍ଷେପଣାସ୍ତ୍ର ଇତ୍ୟାଦି ଉତ୍ପାଦନ କରି ମହଜୁଦ୍ କରିରଖନ୍ତି । ଏହା ଅନ୍ୟ ଶତ୍ରୁ ଦେଶ ମଧ୍ୟରେ ଭୟ ସୃଷ୍ଟି କରେ ଏବଂ ସେମାନେ ମଧ୍ୟ ଏହିସବୁ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଉପରେ ଗୁରୁତ୍ୱ ଦିଅନ୍ତି । ଏହାଦ୍ୱାରା ପ୍ରତ୍ୟେକ ଦେଶ ଆଧୁନିକ ଜ୍ଞାନକୌଶଳର ବିନିଯୋଗ କରି ସମରସଜ୍ଜାରେ ଲାଗିଥାଆନ୍ତି । ତେଣୁ ପ୍ରତ୍ୟେକ ଦେଶ, ଛୋଟ ହେଉ ବା ବଡ଼, ଯୁଦ୍ଧାସ୍ତ୍ର ଉତ୍ପାଦନ, ବିକାଶ ଓ ବିନିଯୋଗ ଉପରେ ଜୋର୍ ଦେଇ ଆଧୁନିକ ସମରସଜ୍ଜାକୁ ପ୍ରୋତ୍ସାହିତ କରନ୍ତି । ଏହାକୁ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା କୁହାଯାଏ ।

ଅପରପକ୍ଷରେ କହିବାକୁ ଗଲେ, ଅସ୍ତ୍ର ପ୍ରତିଯୋଗିତା (Arms Race) ଏକ ନିରବିଚ୍ଛିନ୍ନ ପ୍ରକ୍ରିୟା ଯାହାଦ୍ୱାରା ପ୍ରତ୍ୟେକ ଦେଶ ନିଜ ସାମରିକ ଶକ୍ତିର ବିକାଶ କରିବା ସହିତ ଆଧୁନିକ ଜ୍ଞାନକୌଶଳରେ ବିକଶିତ ମାରତ୍ମକ ଅସ୍ତ୍ରଶସ୍ତ୍ର ବହୁଳ ଭାବରେ ଉତ୍ପାଦନ କରନ୍ତି ଓ ତାହାର ମହଜୁଦ୍ ଓ ବିନିଯୋଗ ଉପରେ ଗୁରୁତ୍ୱ ଦିଅନ୍ତି ।

ଅସ୍ତ୍ର ପ୍ରତିଯୋଗିତା ଦ୍ୱାରା ପୃଥିବୀରେ ଭୟର ବାତାବରଣ ସୃଷ୍ଟି ହେବା ସହିତ ଅସୁରକ୍ଷାର ଭାବନା ପ୍ରତ୍ୟେକ ଦେଶକୁ ଆନ୍ଦୋଳନିତ କରେ । ଏହାଦ୍ୱାରା ପ୍ରତ୍ୟେକ ଦେଶ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ରର ଉତ୍ପାଦନ ଓ ମହଜୁଦ୍ କରିବା ଉପରେ ଅଧିକ ଜୋର୍ ଦେଇଥାଆନ୍ତି ଯାହାଦ୍ୱାରା ସେମାନେ ଶତ୍ରୁ ପକ୍ଷର ଆକ୍ରମଣର ସଠିକ୍ ଜବାବ୍ ଦେଇପାରିବେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାରା ପୃଥିବୀରେ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ଉତ୍ପାଦନ କ୍ଷେତ୍ରରେ ଦେଶ ଦେଶ ଭିତରେ ପ୍ରତିଯୋଗିତା ଲାଗିଯାଇଥିଲା । ପରମାଣୁ ବମ୍, ଉଦ୍‌ଯାନ ବମ୍, ରାସାୟନିକ ଅସ୍ତ୍ରଶସ୍ତ୍ର, ଆନ୍ତଃ ମହାଦେଶୀୟ କ୍ଷେପଣାସ୍ତ୍ର ଇତ୍ୟାଦିର ଉତ୍ପାଦନ ଓ ପରୀକ୍ଷା ଉପରେ ଏଭଳି ଜୋର୍ ଦିଆଗଲା ଯେ, ସତେ ଯେପରି ପୃଥିବୀରେ ତୃତୀୟ ବିଶ୍ୱଯୁଦ୍ଧ ଯେକୌଣସି ମୁହୂର୍ତ୍ତରେ ଲାଗିଯିବ । ଛୋଟ ଛୋଟ ଦେଶମାନେ ଆମେରିକା ଓ ସୋଭିଏତ୍ ଋଷର ତତ୍ତ୍ୱାବଧାନରେ ଅସ୍ତ୍ର ପ୍ରତିଯୋଗିତାରେ ଲାଗିଯାଇଥିଲେ । ଉଭୟ ଆମେରିକା ଓ ସୋଭିଏତ୍ ଋଷ୍ ପରସ୍ପର ଠାରୁ ଅଧିକ ବଳଶାଳୀ ବୋଲି ନିଜକୁ ପ୍ରତିଷ୍ଠା କରିବା ପାଇଁ ନିରବଚ୍ଛିନ୍ନ ଭାବରେ ଆଣବିକ ଯୁଦ୍ଧାସ୍ତ୍ର ଉତ୍ପାଦନରେ ବ୍ରତୀ ହୋଇଥିଲେ । ୧୯୯୦ ମସିହାରେ ସୋଭିଏତ୍ ଋଷର ପତନ ପରେ ଦୁଇ ବୃହତ୍ ସାମରିକ ଶକ୍ତି ମଧ୍ୟରେ ଚାଲୁଥିବା ଅସ୍ତ୍ର ପ୍ରତିଯୋଗିତାର ଅନ୍ତ ଘଟିଥିଲା ।

ବର୍ତ୍ତମାନ ମଧ୍ୟ ସମସ୍ତ ନିଜ ବାର୍ଷିକ ଆୟର ଏକ ସିଂହ ଭାଗ ନୂତନ ଯୁଦ୍ଧାସ୍ତ୍ର ଉତ୍ପାଦନ ଓ କ୍ରୟ ଉପରେ ଖର୍ଚ୍ଚ କରିଥାଆନ୍ତି । ପ୍ରତ୍ୟେକ ଦେଶର ସାମରିକ ବଜେଟ୍ ଧିରେ ଧିରେ ବୃଦ୍ଧି ପାଇଚାଲିଛି । ଆମେରିକା, ଋଷ୍, ଇଟାଲୀ, ଫ୍ରାନ୍‌ସ, ଜର୍ମାନୀ ଚୀନ, ଇସ୍ରାଏଲ୍, ଉତ୍ତର କୋରିଆ, କାନାଡ଼ା ଇତ୍ୟାଦି ଦେଶ ପୃଥିବୀର ଅନ୍ୟ ଦେଶମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ବିକଶିତ ମାରାତ୍ମକ ଅସ୍ତ୍ରଶସ୍ତ୍ର ବିକ୍ରୀ କରି ଅସ୍ତ୍ର ପ୍ରତିଯୋଗିତାକୁ ଉଜ୍ଜୀବୀତ କରିରଖିଛନ୍ତି ।

**ଅସ୍ତ୍ର ପ୍ରତିଯୋଗାର ଉପଯୋଗିତା :**

ଯଦିଓ ଅସ୍ତ୍ର ପ୍ରତିଯୋଗିତା ପୃଥିବୀର ଶାନ୍ତି ବ୍ୟାହତ କରିଥାଏ ତଥାପି ଦେଶମାନେ ଏହା ଉପରେ ଗୁରୁତ୍ୱ ଦେଇଥାଆନ୍ତି । ଦେଶ ହିତରେ ଏହାର ଉପଯୋଗିତାଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା :

(୧) ଏହା ଦେଶର ସୁରକ୍ଷାକୁ ସୁନିଶ୍ଚିତ ତଥା ଦୃଢ଼ୀଭୂତ କରିଥାଏ । ଯେଉଁ ଦେଶ ପାଖରେ ଯେତେ ଅଧିକ ପରିମାଣରେ ଅସ୍ତ୍ରଶସ୍ତ୍ର ମହଜୁଦ୍ ଥିବ ସେ ଦେଶକୁ ଅନ୍ୟମାନେ ଆକ୍ରମଣ କରିବାକୁ ସେତେ ଭୟ କରିବେ । ଏହା ଫଳରେ ତାହାର ସାର୍ବଭୌମତ୍ୱ ଅଧିକ ସୁରକ୍ଷିତ ରହିପାରିବ ।

(୨) ଅସ୍ତ୍ର ପ୍ରତିଯୋଗିତା ଦେଶ ହିତରେ ନିଆଯାଇଥିବା ପଦକ୍ଷେପ ଅଟେ । କାରଣ କେବଳ ଅତ୍ୟାଧୁନିକ ସମରସଜ୍ଜା ଓ ସାମରିକ କୌଶଳ ଦ୍ୱାରା ହିଁ ଗୋଟିଏ ଦେଶ ନିଜର ସାର୍ବଭୌମତ୍ୱ ଓ ସଂପ୍ରଭୁତାର ରକ୍ଷା କରିପାରିବ ।

(୩) ଏହା ଶସ୍ତ୍ର ଉତ୍ପାଦନକାରୀ ରାଷ୍ଟ୍ରମାନଙ୍କୁ ଆନ୍ତର୍ଜାତୀୟ କ୍ଷେତ୍ରରେ ଉଚିତ ସମ୍ମାନ ପ୍ରଦାନ କରିଥାଏ । ଯେଉଁ ଦେଶ ଯେତେ ଅଧିକ ଆଧୁନିକ କାରିଗରୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଓ ବିକ୍ରୀ କରିଥାଏ, ଅନ୍ୟ ରାଷ୍ଟ୍ରମାନେ ତାକୁ ସେତେ ଅଧିକ ସମ୍ମାନ ଦେଇଥାଆନ୍ତି ।

(୪) ଅସ୍ତ୍ର ପ୍ରତିଯୋଗିତା ପୃଥିବୀ ପୃଷ୍ଠରେ କ୍ଷମତାର ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥାଏ । ଏହାଦ୍ୱାରା ପ୍ରତ୍ୟେକ ଦେଶ ବା ଦେଶ ସମୂହ ଅଧିକ କ୍ଷମତାଶୀଳ ହେବା ପାଇଁ ଚେଷ୍ଟା କରନ୍ତି । ଏହା ଶତ୍ରୁ ପକ୍ଷକୁ ମଧ୍ୟ ସନ୍ତୁଳନ ରକ୍ଷା କରିବା ପାଇଁ ସାହାଯ୍ୟ କରିଥାଏ । ଯଦିଓ ସମସ୍ତେ ଅସ୍ତ୍ର ପ୍ରତିଯୋଗିତାରେ ଲାଗିଥାଆନ୍ତି, ତଥାପି କେହି କାହାକୁ ଆକ୍ରମଣ କରିବାକୁ ସାହାସ କରିପାରନ୍ତି ନାହିଁ । ତେଣୁ କ୍ଷମତାର ସନ୍ତୁଳନ ସ୍ଥିର ରହେ ।

(୫) ଏହାଦ୍ୱାରା କିଛି ଅସ୍ତ୍ରଯୋଗାଣକାରୀ ରାଷ୍ଟ୍ରମାନଙ୍କ ଅର୍ଥନୀତି ସୁଦୃଢ଼ ହୋଇଥାଏ । ସେମାନେ ଅନ୍ୟ ଦେଶକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବିକ୍ରୀକରି ବେଶ୍ ଧନୀ ହେବା ସହିତ ସେମାନଙ୍କ ମାର୍ଗ ଦର୍ଶକ ମଧ୍ୟ ହୋଇଥାଆନ୍ତି ।

**ଅସ୍ତ୍ର ପ୍ରତିଯୋଗିତାର ଅପକାରିତା :**

ଅସ୍ତ୍ର ପ୍ରତିଯୋଗିତା କେବେହେଲେ କୌଣସି ସମସ୍ୟାର ସମାଧାନ କରିପାରେ ନାହିଁ କାରଣ ଏହାର ନିଜର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ । ଏହାର ଅପକାରିତାଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା–

(୧) ଏହା ପୃଥିବୀ ପୃଷ୍ଠରେ ଯୁଦ୍ଧର କଳାବାଦଲ ଘୋଟାଇଦିଏ ଓ ଶାନ୍ତି ବ୍ୟାହତ ହୋଇଥାଏ । ପ୍ରତ୍ୟେକ ଦେଶ ଯୁଦ୍ଧର ଭୟରେ ଅସ୍ତ୍ର ପ୍ରତିଯୋଗିତାକୁ ଗୁରୁତ୍ୱ ଦେଇଥାଆନ୍ତି । ଫଳରେ ଏହାଦ୍ୱାରା ଅଶାନ୍ତିର ବାତାବରଣ ପୃଥିବୀପୃଷ୍ଠକୁ ଆଚ୍ଛାଦିତ କରିଥାଏ ।

(୨) ଅସ୍ତ୍ର ପ୍ରତିଯୋଗିତା ଦେଶ ଦେଶ ମଧ୍ୟରେ ଉଦ୍‌ବେଗ, ଉନ୍ମାଦନା, ଯୁଦ୍ଧ ଭୟ ଓ ପାରସ୍ପରିକ ଅବିଶ୍ୱାସର ବାତାବରଣ ସୃଷ୍ଟି କରେ । ଫଳରେ ପ୍ରତ୍ୟେକ ଦେଶକୁ ଶତ୍ରୁ ଭାବରେ ଦେଖିଥାଏ ।

(୩) ଅସ୍ତ୍ର ପ୍ରତିଯୋଗିତା ଦ୍ୱାରା ଦେଶର ବିକାଶ ବାଧାପ୍ରାପ୍ତ ହୋଇଥାଏ । କାରଣ, ପ୍ରତ୍ୟେକ ଦେଶ, ଛୋଟ ହେଉ ବା ବଡ଼, ସମରସଜ୍ଜା ଓ ନିଜ ସାମରିକ ଶକ୍ତିର ବିକାଶ ପାଇଁ ଅପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିଥାଆନ୍ତି ।

(୪) ଏହାଦ୍ୱାରା ଦେଶ ଦେଶ ମଧ୍ୟରେ କ୍ଷମତା ଓ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ପ୍ରତିଯୋଗିତା ଲାଗିଥାଏ ଯାହାଫଳରେ ପାରସ୍ପରିକ ସୌହାର୍ଦ୍ଦ୍ୟ ବାଧାପ୍ରାପ୍ତ ହୁଏ ।

(୫) ଅସ୍ତ୍ର ପ୍ରତିଯୋଗିତାର ସବୁଠାରୁ ଅଧିକ ନକାରାତ୍ମକ ପ୍ରଭାବ ବିକାଶଶୀଳ ଓ ଅବିକଶିତ ଦେଶ ଉପରେ ପଡ଼ିଥାଏ । ଏହିସବୁ ଦେଶରେ ବିଭିନ୍ନ ମାନବିକ ମୌଳିକ ସମସ୍ୟା ଯଥା ଖାଦ୍ୟ, ବାସଗୃହ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ, ବେରୋଜଗାରୀ ଇତ୍ୟାଦି ଦେଶକୁ ଆନ୍ଦୋଳିତ କରିରଖିଥାଏ । କିନ୍ତୁ ସେହିସବୁ ଦେଶ ସେ ସମସ୍ୟାର ସମାଧାନ ନକରି ନିଜର ସାମରିକ ଶକ୍ତିର ବିକାଶରେ ଅର୍ଥ ଖର୍ଚ୍ଚ କରିଥାଆନ୍ତି । ଯାହାଫଳରେ ଜନଅସନ୍ତୋଷ ଦେଖାଯାଏ ।

## ୯.୨.୨ (ଖ) ନିରସ୍ତ୍ରୀକରଣ – ଆବଶ୍ୟକତା ଓ ପ୍ରତିବନ୍ଧକ, ନିରସ୍ତ୍ରୀକରଣ ପାଇଁ ପ୍ରଚେଷ୍ଟା

**ନିରସ୍ତ୍ରୀକରଣ (Disarmament) :**

ରାଷ୍ଟ୍ରୀୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅନ୍ୟ ଏକ ବିକଳ୍ପ ହେଉଛି ନିରସ୍ତ୍ରୀକରଣ । ରାଷ୍ଟ୍ରମାନେ ଅସ୍ତ୍ର ପ୍ରତିଯୋଗିତାର ଭୟାବହତାର ନିରାକରଣ କରିବା ସହିତ ପୃଥିବୀପୃଷ୍ଠରେ ଏକ ଦୀର୍ଘସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିରସ୍ତ୍ରୀକରଣକୁ ଦ୍ୱିତୀୟ ବିକଳ୍ପ ଭାବରେ ବାଛିଥାଆନ୍ତି । କାରଣ ଏହାଦ୍ୱାରା ପୃଥିବୀରେ ସ୍ଥାୟୀ ପ୍ରତିଷ୍ଠା ହେବା ସହିତ ଯୁଦ୍ଧର ଭୟାବହତା ଲୋପ ପାଇବ । ଏହାଦ୍ୱାରା ମାନବିକ ଅଧିକାରର ସୁରକ୍ଷା ହେବା ସହିତ ରାଷ୍ଟ୍ରୀୟ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରାଯାଇପାରିବ ।

ନିରସ୍ତ୍ରୀକରଣ (Disarmament) ଏକ ଆସ୍ତିବାଚକ ଯାହାଦ୍ୱାରା ଦେଶ ଦେଶ ଭିତରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ବୃଦ୍ଧି ପାଇଥାଏ । ଅସ୍ତ୍ର ପ୍ରତିଯୋଗିତା ପୃଥିବୀପୃଷ୍ଠରେ ଉଦ୍‌ବେଗ, ଉଦ୍‌ବେଳନ, ଭୟ, ଅସହିଷ୍ଣୁତା ଓ ପାରସ୍ପରିକ ଅବିଶ୍ୱାସର ବାତାବରଣ ସୃଷ୍ଟି କରିଥାଏ । ଅପର ପକ୍ଷରେ ନିରସ୍ତ୍ରୀକରଣ ଦେଶ ଦେଶ ମଧ୍ୟରେ ଥିବା ଏହି ଅସୁରକ୍ଷାର ବାତାବରଣ ଲାଘବ କରି ପାରସ୍ପରିକ ସହଯୋଗ ମାଧ୍ୟମରେ ଦୀର୍ଘସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାକୁ ପ୍ରଚେଷ୍ଟା କରିଥାଏ । ନିରସ୍ତ୍ରୀକରଣକୁ ଆନ୍ତର୍ଜାତୀୟ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଏକ ବଳିଷ୍ଠ ପଦକ୍ଷେପ ବୋଲି ଅଭିହିତ କରାଯାଏ ।

ଅନ୍ୟ ଅର୍ଥରେ କହିଲେ, ଅସ୍ତ୍ର ପ୍ରତିଯୋଗିତା ଯୁଦ୍ଧର ମାର୍ଗ ହୋଇଥିଲା ବେଳେ ନିରସ୍ତ୍ରୀକରଣ ଶାନ୍ତିର ମାର୍ଗ ଅଟେ । ଏହା ଆନ୍ତର୍ଜାତିକ ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ, ସହଯୋଗ ଓ ବିକାଶର ପଥ ପ୍ରଦର୍ଶକ ଅଟେ ।

ସଂକୀର୍ଣ୍ଣ ଅର୍ଥରେ କହିଲେ ନିରସ୍ତ୍ରୀକରଣ ଅର୍ଥ ପୃଥିବୀପୃଷ୍ଠରୁ ସମସ୍ତ ପ୍ରକାରର ଅସ୍ତ୍ରଶସ୍ତ୍ରର ହ୍ରାସ କରିବା ସହିତ ସେଗୁଡ଼ିକର ବିଲୋପ ସାଧନ କରିବା । କିନ୍ତୁ ବ୍ୟାପକ ଅର୍ଥରେ ନିରସ୍ତ୍ରୀକରଣ ହେଉଛି ଆଲୋଚନା ମାଧ୍ୟମରେ ଦେଶଗୁଡ଼ିକର ସୈନ୍ୟବଳ ହ୍ରାସ କରିବା ସହିତ ପ୍ରତିରକ୍ଷା ଖର୍ଚ୍ଚକୁ ମଧ୍ୟ ବ୍ୟାପକ ଭାବରେ ହ୍ରାସ କରିବା ଓ ତତ୍ ସହିତ ସମସ୍ତ ପ୍ରକାରର ଯୁଦ୍ଧାସ୍ତ୍ରର ଉତ୍ପାଦନ, ପରୀକ୍ଷଣ ଓ ପ୍ରକ୍ଷେପଣକୁ ଧୀରେ ଧୀରେ ହ୍ରାସ କରି ତାହାର ବିଲୋପ ସାଧନ କରିବା । ନିରସ୍ତ୍ରୀକରଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅସ୍ତ୍ର ପ୍ରତିଯୋଗିତାକୁ ବନ୍ଦ କରି ପୃଥିବୀପୃଷ୍ଠରୁ ଭୟର ବାତାବରଣ ଦୂର କରିବା ଏବଂ ଏକ ଦୀର୍ଘ ସ୍ଥାୟୀ ପ୍ରତିଷ୍ଠା ପାଇଁ ମାର୍ଗ ପ୍ରଶସ୍ତ କରିବା ।

**ନିରସ୍ତ୍ରୀକରଣର ଆବଶ୍ୟକତା :**

ନିରସ୍ତ୍ରୀକରଣ ମାନବ ସମାଜ ପାଇଁ ଏକ ମହୌଷଧୀ ସଦୃଶ୍ୟ । ଏହା ପୃଥିବୀରୁ ଭୟର ବାତାବରଣ ଦୂର କରି ଚିରସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସଂକଳ୍ପବଦ୍ଧ । ବର୍ତ୍ତମାନ ପରିପ୍ରେକ୍ଷୀରେ ଯେତେବେଳେ ଦେଶ ଦେଶ ମଧ୍ୟରେ ଅସହିଷ୍ଣୁତାର ବାତାବରଣ ପୃଥିବୀକୁ କଳୁଷିତ କରିରଖିଛି, ସେତେବେଳେ କେବଳ ନିରସ୍ତ୍ରୀକରଣ ଦ୍ୱାରା ହିଁ ଏହି ଅବିଶ୍ୱାସର ବାତାବରଣକୁ ଦୂର କରାଯାଇ ପାରିବ ।

ସୁତରାଂ, ନିରସ୍ତ୍ରୀକରଣ ଆବଶ୍ୟକତା ସପକ୍ଷରେ ନିମ୍ନଲିଖିତ ଯୁକ୍ତି ଉପସ୍ଥାପିତ କରାଯାଇପାରିବ :

**(୧) ଯୁଦ୍ଧର ବିଲୋପ ସାଧନ :** ସମସାମୟିକ ପୃଥିବୀରେ ସଂଗଠିତ ହୋଇଥିବା ଦୁଇଟି ବିଶ୍ୱଯୁଦ୍ଧ ମାନବ ସମାଜର ମେରୁଦଣ୍ଡ ଦୋହଲାଇ ଦେଇଛି । ଉଣା ଅଧିକେ ସମସ୍ତ ଦେଶ ଯୁଦ୍ଧର ବିଭୀଷିକାକୁ ଅନୁଭବ କରିଛନ୍ତି । ତେଣୁ ସେମାନେ ଯୁଦ୍ଧର ନିରାକରଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ନିରସ୍ତ୍ରୀକରଣ ଦ୍ୱାରା ସାମରିକ ଶକ୍ତି, ଯୁଦ୍ଧାସ୍ତ୍ର ଓ ସାମରିକ ଖର୍ଚ୍ଚ ହ୍ରାସ ହେବା ସହିତ ଧିରେ ଧିରେ ବିଲୋପ ହୋଇଥାଏ । ତେଣୁ ଏହାଦ୍ୱାରା ଯୁଦ୍ଧର ବିଲୋପ ସାଧନ ହୋଇପାରିବ ।

**(୨) ଶାନ୍ତି ପ୍ରତିଷ୍ଠା :** ବିଶ୍ୱ ଶାନ୍ତି ପାଇଁ ନିରସ୍ତ୍ରୀକରଣର ଘୋର ଆବଶ୍ୟକତା ଅଛି କାରଣ ପ୍ରତ୍ୟେକ ଦେଶ ସନ୍ଦେହର ବଶବର୍ତ୍ତୀ ହୋଇ ନିଜର ସାମରିକ ଶକ୍ତି ବଢ଼େଇ ଚାଲିଛନ୍ତି । ତେଣୁ ଅସ୍ତ୍ର ପ୍ରତିଯୋଗିତା ଚରମ ସୀମାରେ ପହଞ୍ଚିଛି । ଏଭଳି ସ୍ଥିତି ଜାରି ରହିଲେ ତୃତୀୟ ବିଶ୍ୱଯୁଦ୍ଧରକ ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଯଦି ଯୁଦ୍ଧ ହୁଏ ତେବେ ତାହା ମାନବ ସଭ୍ୟତାର ଅନ୍ତ କରିଦେବ କାରଣ ପ୍ରତ୍ୟେକ ଦେଶ ମାରାତ୍ମକ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇଛନ୍ତି । ତେଣୁ ଶାନ୍ତି ପ୍ରତିଷ୍ଠା ପାଇଁ ନିରସ୍ତ୍ରୀକରଣର ଆବଶ୍ୟକତା ଅଛି ।

**(୩) ଆନ୍ତର୍ଜାତୀୟ ଦ୍ୱନ୍ଦ୍ୱର ସମାଧାନ :** ଦେଶ ଦେଶମାନଙ୍କ ମଧ୍ୟରେ ଥିବା ଅହଂଭାବ ଓ ସନ୍ଦେହ ଯୋଗୁଁ ପୃଥିବୀର ଅସ୍ତ୍ର ପ୍ରତିଯୋଗିତା ଲାଗିଛି । ଏହି ପ୍ରତିଯୋଗିତା ଦ୍ୱାରା ଆନ୍ତର୍ଜାତୀୟ ଦ୍ୱନ୍ଦ୍ୱ ଉତ୍ପନ୍ନ ହେଉଛି । କିନ୍ତୁ ନିରସ୍ତ୍ରୀକରଣ ମାଧ୍ୟମରେ ଉକ୍ତ ଦ୍ୱନ୍ଦ୍ୱ ସମାଧାନ କରାଯାଇପାରିବ କାରଣ ନିରସ୍ତ୍ରୀକରଣ, ଆଲୋଚନା ମାଧ୍ୟମରେ ପୃଥିବୀରୁ ଭୟ ଓ ସନ୍ଦେହର ବାତାବରଣ ଦୂର କରି ଶାନ୍ତି ପ୍ରତିଷ୍ଠା କରିବାକୁ ମାର୍ଗ ପ୍ରଶସ୍ତ କରିଥାଏ ।

**(୪) ସାମାଜିକ ଓ ଆର୍ଥିକ ବିକାଶ :** ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଦେଶ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିଥାନ୍ତି । କିନ୍ତୁ ଯଦି ନିରସ୍ତ୍ରୀକରଣ ହୁଏ ତାହେଲେ ଅସ୍ତ୍ର ପ୍ରତିଯୋଗିତା ବନ୍ଦ ହୋଇଯିବ । ତେଣୁ ଯେଉଁ ଅର୍ଥ ସାମରିକ ଶକ୍ତିର ବିକାଶରେ ଖର୍ଚ୍ଚ ହେଉଛି ତାହା ଆର୍ଥିକ ଓ ସାମାଜିକ ବିକାଶରେ ଖର୍ଚ୍ଚ ହୋଇପାରିବ । ଫଳରେ ଅନେକ ମାନବିକ ସମସ୍ୟା ଯଥା-ଖାଦ୍ୟ,

ବାସଗୃହ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଗମନାଗମନ ଇତ୍ୟାଦି ସମସ୍ୟାର ସମାଧାନ ହୋଇପାରିବ । ସୁତରାଂ ନିରସ୍ତ୍ରୀକରଣ ଦ୍ୱାରା ଉଭୟ ବିକାଶଶୀଳ ଓ ଅବିକଶିତ ରାଷ୍ଟ୍ରର ଅଭୂତପୂର୍ବ ସାମାଜିକ ଓ ଆର୍ଥିକ ବିକାଶ ହୋଇପାରିବ ।

**(୫) ଆଣବିକ ଯୁଦ୍ଧର ବିଲୋପ ସାଧନ :** ନିରସ୍ତ୍ରୀକରଣ ମାଧ୍ୟମରେ ଅସ୍ତ୍ର ପ୍ରତିଯୋଗିତା ବନ୍ଦ ହୋଇଗଲେ ଯୁଦ୍ଧ ଭୟ ଦୂର ହେବ । ବର୍ତ୍ତମାନ ଦେଶ ଦେଶ ମଧ୍ୟରେ ଆଣବିକ କ୍ଷମତାସମ୍ପନ୍ନ ହେବା ପାଇଁ ପ୍ରତିଯୋଗିତା ଚାଲିଛି । ଆଣବିକ ଅସ୍ତ୍ର ଏଭଳି ଏକ ଗଣବିଧ୍ୱଂସୀ ଅସ୍ତ୍ର ଯାହା ଖାଲି ବର୍ତ୍ତମାନର ପିଢ଼ୀ ନୁହେଁ, ଭବିଷ୍ୟତର ପିଢ଼ୀଙ୍କୁ ମଧ୍ୟ ନଷ୍ଟ କରିଦେବ । ଜାପାନର ହିରୋସୀମା ଓ ନାଗାସାକୀଠାରେ ହୋଇଥିବା ପରମାଣୁ ବମ୍ ଆକ୍ରମଣର ଭୟାବହତା ଏ ପର୍ଯ୍ୟନ୍ତ ମଧ୍ୟ ଆମ ମାନସପଟରୁ ଲିଭିନାହିଁ । ତେଣୁ ନିରସ୍ତ୍ରୀକରଣ ଦ୍ୱାରା ଆଣବିକ ଯୁଦ୍ଧର ବିଲୋପ ସାଧନ କରାଯାଇପାରିବ ।

**(୬) ପର୍ଯ୍ୟାବରଣର ସୁରକ୍ଷା :** ନିରସ୍ତ୍ରୀକରଣ ଆମର ପରିବେଶ ଓ ପର୍ଯ୍ୟାବରଣର ସୁରକ୍ଷା କରିବ । ଆଜିକାଲି ଦେଶମାନେ ବିଭିନ୍ନ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବା ସହିତ ତାହାର ପରୀକ୍ଷଣ ମଧ୍ୟ କରୁଛନ୍ତି । ପରମାଣୁ ବମ୍, ଉଦ୍‌ଜାନ ବମ୍, ଆନ୍ତଃ ମହାଦେଶୀୟ କ୍ଷେପଣାସ୍ତ୍ର ଇତ୍ୟାଦିର ପରୀକ୍ଷଣ ଦ୍ୱାରା ପରିବେଶ ଉପରେ ଗଭୀର ପ୍ରଭାବ ପଡୁଛି । ଆମ ପର୍ଯ୍ୟାବରଣ ନଷ୍ଟ ହେବା ସହିତ ଅନେକ ଜୀବବଂଶ ଧ୍ୱଂସ ପାଇଯାଉଛି । ନିରସ୍ତ୍ରୀକରଣ ଦ୍ୱାରା ଏହିସବୁ ପରୀକ୍ଷଣ ଉପରେ ଅଙ୍କୁଶ ଲାଗିପାରିବ । ଫଳରେ ଆମ ପରିବେଶ ଓ ପର୍ଯ୍ୟାବରଣର ସୁରକ୍ଷା ହେବା ସହିତ ଜୀବବଂଶ ଧ୍ୱଂସ ମୁଖରୁ ରକ୍ଷା ପାଇଯାଇପାରିବେ ।

**(୭) ଆନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ପ୍ରତିଷ୍ଠା :** ଅସ୍ତ୍ର ପ୍ରତିଯୋଗିତା ଦ୍ୱାରା ଆନ୍ତର୍ଜାତୀୟ ଅଶାନ୍ତି ଦେଖାଯାଏ । ପ୍ରତ୍ୟେକ ଦେଶ ନିଜକୁ ଅସୁରକ୍ଷିତ ମନେକରନ୍ତି ଓ ନିଜ ସୁରକ୍ଷା ପାଇଁ ଚେଷ୍ଟିତ ହୁଅନ୍ତି । କିନ୍ତୁ ନିରସ୍ତ୍ରୀକରଣ ସମସ୍ତଙ୍କ ମନରୁ ଯୁଦ୍ଧର ଭୟ ଦୂର କରି ଶାନ୍ତି ଓ ସୁରକ୍ଷାର ବାତାବରଣ ସୃଷ୍ଟି କରେ । ଫଳରେ ଦେଶ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଏ । ତେଣୁ ଆଜିକାଲିର ଯୁଗରେ ନିରସ୍ତ୍ରୀକରଣର ଆବଶ୍ୟକତା ଅଛି ।

**ନିରସ୍ତ୍ରୀକରଣ ପାଇଁ ପ୍ରଚେଷ୍ଟା (Efforts towards Disarmament) :**

ପୃଥିବୀର ବିଭିନ୍ନ ରାଷ୍ଟ୍ର ଓ ତାହାର ନେତାମାନେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର ଭୟାବହତା, ଯୁଦ୍ଧର ବିଭୀଷିକା ଓ ନିରସ୍ତ୍ରୀକରଣର ଆବଶ୍ୟକତାକୁ କେଉଁ କାଳରୁ ହୃଦୟଙ୍ଗମ କରିଆସିଛନ୍ତି । ତେଣୁ ନିରସ୍ତ୍ରୀକରଣ ପାଇଁ ନିରବିଚ୍ଛିନ୍ନ ପ୍ରଚେଷ୍ଟା ଅବ୍ୟାହତ ରହିଛି । ସମଗ୍ର ବିଶ୍ୱରେ ନିରସ୍ତ୍ରୀକରଣ ଉଦ୍ୟମ ବହୁତ ପୁରୁଣା । ୧୬୪୮ ମସିହାରେ ପ୍ରଥମ ଥର ପାଇଁ ୱେଷ୍ଟଫାଲିଆ ଚୁକ୍ତି ମାଧ୍ୟମରେ ସେ ସମୟର ସାମରିକ ଶକ୍ତିମାନଙ୍କୁ ଅସ୍ତ୍ରଶସ୍ତ୍ର ଓ ଦୁର୍ଗ ନଷ୍ଟ କରିବାକୁ ଆହ୍ୱାନ ଦିଆଯାଇଥିଲା । ୧୮୧୬ ମସିହାରେ ରୁଷର ତତ୍କାଳୀନ ଜାର୍ ଶାସକ ଅସ୍ତ୍ରଶସ୍ତ୍ର ହ୍ରାସ ପାଇଁ ଇଂଲଣ୍ଡକୁ ଆହ୍ୱାନ ଦେଇଥିଲେ । ୧୮୬୩ ଓ ୧୮୬୯ ମସିହାରେ ଫ୍ରାନ୍ସ ମଧ୍ୟ ଅସ୍ତ୍ରଶସ୍ତ୍ର ପାଇଁ ବଡ଼ ବଡ଼ ସାମରିକ ଶକ୍ତିମାନଙ୍କୁ ଆହ୍ୱାନ ଦେଇଥିଲେ ।

୧୮୯୯ ମସିହାରେ ହେଗ୍‌ଠାରେ ପୃଥିବୀର ପ୍ରଥମ ଶାନ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ୨୮ଟି ଦେଶର ପ୍ରତିନିଧି ସାମିଲ ହୋଇ ଅସ୍ତ୍ରଶସ୍ତ୍ର ହ୍ରାସ କରି ଯୁଦ୍ଧ ଭୟ ଦୂର କରିବା ପାଇଁ ଚୁକ୍ତି କରିଥିଲେ । କିନ୍ତୁ ଏହା ଠିକ୍ କାର୍ଯ୍ୟକାରୀ ହୋଇପାରିନଥିଲା । ୧୯୦୭ ମସିହାରେ ହେଗ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଶାନ୍ତି ସମ୍ମିଳନୀରେ ୪୪ଟି ଦେଶର ପ୍ରତିନିଧି ସାମିଲ ହୋଇ ଅସ୍ତ୍ର ହ୍ରାସ ପାଇଁ ଚୁକ୍ତି କରିଥିଲେ । କିନ୍ତୁ କେତେକ ଦେଶର ଅହଂଭାବ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରିନଥିଲା ।

ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮)ର ଭୟାବହତା ଦେଶମାନଙ୍କୁ ନିରସ୍ତ୍ରୀକରଣ ପାଇଁ ପଦକ୍ଷେପ ନେବାକୁ ବାଧ୍ୟ କରିଥିଲା । ଲିଗ୍ ଅଫ୍ ନେସନ୍ସ (League of Nations) ଆନୁକୂଲ୍ୟରେ ଅନେକଗୁଡ଼ିଏ ନିରସ୍ତ୍ରୀକରଣ ପ୍ରଚେଷ୍ଟା କରାଯାଇଥିଲା । ଯଥା- ଅସ୍ଥାୟୀ ମିଶ୍ରିତ ଆୟୋଗ (୧୯୨୧), ପ୍ରସ୍ତୁତି କମିଶନ (୧୯୨୫), ନିରସ୍ତ୍ରୀକରଣ ସମ୍ମିଳନୀ (୧୯୩୨), ୱାଶିଂଟନ୍ ସମ୍ମିଳନୀ

(୧୯୨୨), ଜେନେଭା ସମ୍ମିଳନୀ (୧୯୨୭), ଲଣ୍ଡନ ନୌସେନା ସନ୍ଧି (୧୯୩୦), ଲଣ୍ଡନ ନୌସେନା ସମ୍ମିଳନୀ (୧୯୩୫) ଇତ୍ୟାଦି । ଏହିସବୁ ନିରସ୍ତ୍ରୀକରଣ ପ୍ରଚେଷ୍ଟାର ଅନେକଗୁଡ଼ିଏ ସାମରିକ ଶକ୍ତି ଏକତ୍ରିତ ହୋଇ ନିରସ୍ତ୍ରୀକରଣ ପାଇଁ କ୍ଷେତ୍ର ପ୍ରସ୍ତୁତି କରିଥିଲେ । କିନ୍ତୁ ତାହା ଠିକ୍ ଭାବରେ କାର୍ଯ୍ୟକାରୀ ନ ହୋଇପାରିବା ଯୋଗୁଁ ନିରସ୍ତ୍ରୀକରଣ ପାଇଁ ଉଦ୍ୟମ ପଣ୍ଡ ହୋଇଥିଲା ।

ଦେଶମାନେ ପୁଣିଥରେ ଅସ୍ତ୍ର ପ୍ରତିଯୋଗିତାରେ ସାମିଲ ହୋଇଗଲା । ଯାହାଫଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫) ସଂଗଠିତ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ଜାତିସଂଘ ଆନୁକୂଲ୍ୟରେ ଦ୍ୱିତୀୟବାର ନିରସ୍ତ୍ରୀକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । ପରମାଣୁ ଶକ୍ତି ଆୟୋଗ (୧୯୪୬), ପରମ୍ପରାଗତ ଅସ୍ତ୍ରଗତ ଆୟୋଗ (୧୯୪୭), ନିରସ୍ତ୍ରୀକରଣ ଆୟୋଗ (୧୯୫୨) ମାଧ୍ୟମରେ ମିଳିତ ଜାତିସଂଘ ବିଭିନ୍ନ ସଦସ୍ୟ ରାଷ୍ଟ୍ରମାନଙ୍କ ଆଣବିକ ଓ ପରମ୍ପାରିକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତି ଉପରେ କିଛି ମାତ୍ରାରେ ଅଙ୍କୁଶ ଲଗାଇ ପାରିଥିଲା । ମିଳିତ ଜାତିସଂଘ ଦ୍ୱାରା ଅନେକଗୁଡ଼ିଏ ନିରସ୍ତ୍ରୀକରଣ ଚିଠା ମଧ୍ୟ ଗୃହୀତ ହୋଇଥିଲା । ଯାହାଫଳରେ ଦେଶମାନେ ପରମାଣୁ ପ୍ରତିବନ୍ଧକ ଚୁକ୍ତି (୧୯୫୮), ଆଣବିକ ପରୀକ୍ଷଣ ନିଷିଦ୍ଧ ଚୁକ୍ତି (୧୯୬୩), ପରମାଣୁ ଅସ୍ତ୍ର ଅପ୍ରସାର ସନ୍ଧି (୧୯୬୮), ବ୍ୟାପକ ପରୀକ୍ଷା ନିଷେଧ ଚୁକ୍ତି (୧୯୯୬) ଇତ୍ୟାଦିରେ ସ୍ୱାକ୍ଷରକରି ନିରସ୍ତ୍ରୀକରଣ ପାଇଁ କିଛି ମାତ୍ରାରେ ରାସ୍ତା ପରିଷ୍କାର କରିଥିଲେ ।

କିନ୍ତୁ ଆମେରିକା ଓ ରୁଷ ମଧ୍ୟରେ ଚାଲୁଥିବା ଶୀତଳ ଯୁଦ୍ଧ ନିରସ୍ତ୍ରୀକରଣ କ୍ଷେତ୍ରରେ ପ୍ରତିବନ୍ଧକ ହୋଇ ଠିଆ ହୋଇଥିଲା । ପୃଥିବୀର ଅଧିକାଂଶ ଦେଶ ଆମେରିକା ବା ସୋଭିଏତ୍ ରୁଷ୍ ଦ୍ୱାରା ପରିଚାଳିତ ଶିବିରରେ ଯୋଗଦେଇ ବିଶ୍ୱକୁ ଦୁଇ ଶିବିରରେ ଭାଗ କରିଥିଲେ । ଫଳରେ ନିରସ୍ତ୍ରୀକରଣ ପ୍ରଚେଷ୍ଟା ବହୁମାତ୍ରାରେ ବ୍ୟାହତ ହୋଇଥିଲେ । ତଥାପି ୧୯୬୦ ମସିହାରେ ଦଶଟି ରାଷ୍ଟ୍ରର ନିରସ୍ତ୍ରୀକରଣ ସମ୍ମିଳନୀ ଓ ୧୯୬୨ ମସିହାରେ ଅଠରଟି ରାଷ୍ଟ୍ରର ନିରସ୍ତ୍ରୀକରଣ ସମ୍ମିଳନୀରେ ଅନେକଗୁଡ଼ିଏ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହାଫଳରେ ପରମାଣୁ ବମ୍, ଉଦ୍‌ଜାନ ବମ୍ ଓ ରାସାୟନିକ ଅସ୍ତ୍ରଶସ୍ତ୍ର ପରୀକ୍ଷା ଉପରେ ଅଙ୍କୁଶ ଲାଗିଥିଲା ଓ ସଦସ୍ୟ ରାଷ୍ଟ୍ରମାନେ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ୩୦% କମାଇବାକୁ ରାଜି ହୋଇଥିଲେ । ୧୯୭୨ ମସିହାରେ ଲଣ୍ଡନ, ମସ୍କୋ ଓ ୱାଶିଂଟନ୍ ଠାରେ ଜୈବିକ ଓ ରାସାୟନିକ ଅସ୍ତ୍ର ଉତ୍ପାଦନ ବନ୍ଦ କରିବାକୁ ସଦସ୍ୟ ରାଷ୍ଟ୍ର ଚୁକ୍ତି କରିଥିଲେ ।

ପରବର୍ତ୍ତୀକାଳରେ ଉଭୟ ଆମେରିକା ଓ ସୋଭିଏତ୍ ରୁଷ୍ ମଧ୍ୟରେ ନିରସ୍ତ୍ରୀକରଣ ଉଦ୍ୟମ ଆରମ୍ଭ ହୋଇଥିଲା । ଯାହାଫଳରେ ଉଭୟ ଦେଶ ମଧ୍ୟରେ ଅନେକଗୁଡ଼ିଏ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଯଥା-ବିଶେଷ ସାମରିକ କୌଶଳ ଶସ୍ତ୍ର ସୀମିତ ସନ୍ଧି (୧) (SALT-I)(1972), ବିଶେଷ ସାମରିକ କୌଶଳ ଶସ୍ତ୍ର ସୀମିତ ସନ୍ଧି (୨) (SALT-II)(1979), ବିଶେଷ ସାମରିକ କୌଶଳ ଶସ୍ତ୍ର ହ୍ରାସ ସନ୍ଧି (୧) (START-I)(1990), ବିଶେଷ ସାମରିକ କୌଶଳ ଶସ୍ତ୍ର ହ୍ରାସ ସନ୍ଧି (୨) (START-II)(1996) । ଏହା ଫଳରେ ଦୁଇ ଦେଶ ନିଜ ନିଜର ମହଜୁଦ୍ ଥିବା ଆଣବିକ ଅସ୍ତ୍ରକୁ ପାଖାପାଖି ୭୦% ହ୍ରାସ କରିପାରିଥିଲେ ।

ତଥାପି ବର୍ତ୍ତମାନ ମଧ୍ୟ ଆମେରିକା ଓ ରୁଷ ପାଖରେ ପାଖାପାଖି ୫୦୦୦ ପରମାଣୁ ଅସ୍ତ୍ର ଅଛି । ତା'ଛଡ଼ା ଇସ୍ରାଏଲ୍, ଭାରତ, ଚୀନ୍, ପାକିସ୍ତାନ, ଉତ୍ତର କୋରିଆ, ଫ୍ରାନ୍ସ, ଇଂଲଣ୍ଡ, କାନାଡ଼ା ଇତ୍ୟାଦି ଦେଶ ଅଣୁଅସ୍ତ୍ର ସମ୍ପନ୍ନ ଦେଶ ଅଟନ୍ତି । ଏହ ସମସ୍ତ ପରମାଣୁ ଅସ୍ତ୍ର ଯଦି ପ୍ରୟୋଗ କରାଯାଏ ତେବେ ପୃଥିବୀ ୧୦୦ ଥର ଧ୍ୱଂସ ପାଇବ । ବର୍ତ୍ତମାନ ମଧ୍ୟ ଅନେକଗୁଡ଼ିଏ ଦେଶ ଆଣବିକ କ୍ଷମତା ହାସଲ କରିବାକୁ ଚେଷ୍ଟା କରୁଛନ୍ତି । ଅନ୍ୟ ଦେଶ ନିଜର ସାମରିକ ଶକ୍ତି ବଢ଼ାଇବାକୁ ଅହରହ ପ୍ରଚେଷ୍ଟା କରୁଛନ୍ତି । ନୂତନ କାରିଗରୀ ଜ୍ଞାନକୌଶଳରେ ବିକଶିତ ଅସ୍ତ୍ରଶସ୍ତ୍ରର ଉତ୍ପାଦନ କରି ସେମାନେ ଅନ୍ୟ ଦେଶ ମଧ୍ୟରେ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ଦେଶମାନେ ନିଜ ଆୟର ପ୍ରାୟ ୧୦ରୁ ୧୫% ସାମରିକ ଶକ୍ତିର ବିକାଶ ପାଇଁ ଖର୍ଚ୍ଚ କରୁଛନ୍ତି । ତଥାପି ବିଶ୍ୱଶାନ୍ତି ପାଇଁ ନିରସ୍ତ୍ରୀକରଣ ଉଦ୍ୟମ ଧୀରେ ଧୀରେ ଅଗ୍ରଗତି କରିଚାଲିଛି ।

**ନିରସ୍ତ୍ରୀକରଣ ପଥରେ ଥିବା ପ୍ରତିବନ୍ଧକ :**

ଯଦିଓ ଆଧୁନିକ ବିଶ୍ୱରେ ନିରସ୍ତ୍ରୀକରଣର ଆବଶ୍ୟକତା ଅଛି, ତଥାପି ଏହି ପ୍ରକ୍ରିୟା ଏତେ ସହଜ ଓ ସରଳ ନୁହେଁ । ଏହାର ପଥରେ ଅନେକଗୁଡ଼ିଏ ପ୍ରତିବନ୍ଧକ ଦେଖାଯାଉଛି । ଉକ୍ତ ପ୍ରତିବନ୍ଧକଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

**(୧) ବିଶ୍ୱାସର ଅଭାବ :** ନିରସ୍ତ୍ରୀକରଣର ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଦେଶ ଦେଶ ମଧ୍ୟରେ ବିଶ୍ୱାସର ଅଭାବ । କୌଣସି ଦେଶ ଅନ୍ୟ ଦେଶକୁ ବିଶ୍ୱାସ କରୁନାହାନ୍ତି ଏବଂ ସେମାନଙ୍କ ମଧ୍ୟରେ ସନ୍ଦେହ ବୃଦ୍ଧି ପାଉଛି । ତେଣୁ ପ୍ରତ୍ୟେକ ଦେଶ ନିଜ ନିଜର ସାମରିକ ଶକ୍ତିର ଆଧୁନିକୀକରଣ ପାଇଁ ଲାଗିଛନ୍ତି । ଯେତେବେଳେ ପର୍ଯ୍ୟନ୍ତ ଦେଶ ଦେଶ ମଧ୍ୟରେ ବିଶ୍ୱାସର ଅଭାବ ଥିବ ସେତେଦିନ ପର୍ଯ୍ୟନ୍ତ ନିରସ୍ତ୍ରୀକରଣ ଉଦ୍ୟମ ଫଳପ୍ରସୂ ହୋଇପାରିବ ନାହିଁ ।

**(୨) ଭୟ ଓ ଅସୁରକ୍ଷାର ଭାବ :** ପ୍ରତ୍ୟେକ ନିରସ୍ତ୍ରୀକରଣ ଉଦ୍ୟମ କିଛି ନା କିଛି କାରଣ ପାଇଁ ଆଗକୁ ବଢ଼ିପାରି ନାହିଁ । ଏହାର ମୁଖ୍ୟ କାରଣ ହେଉଛି ଦେଶମାନଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷାର ଭାବ । ପ୍ରତ୍ୟେକ ଦେଶ ନିଜ ପଡ଼ୋଶୀ ଦେଶଠାରୁ ସାମରିକ ଦୃଷ୍ଟିରୁ ବଡ଼ ହେବାକୁ ଚେଷ୍ଟା କରୁଛି କାରଣ ସମସ୍ତେ ସମସ୍ତଙ୍କୁ ଭୟ କରନ୍ତି । ନିଜ ସୁରକ୍ଷାକୁ ଦୃଢ଼ୀଭୂତ କରିବା ଉଦ୍ୟମ ଯୋଗୁଁ ନିରସ୍ତ୍ରୀକରଣ ଉଦ୍ୟମ ଅଗ୍ରଗତି କରିପାରୁ ନାହିଁ ।

**(୩) ଜିଦ୍‌ଖୋର୍ ମନୋଭାବ :** ବିଭିନ୍ନ ସମୟରେ ଦେଶମାନଙ୍କର ଜିଦ୍‌ଖୋର ମନୋଭାବ ମଧ୍ୟ ନିରସ୍ତ୍ରୀକରଣ ପଥରେ ପ୍ରତିବନ୍ଧକ ସୃଷ୍ଟି କରେ । ଉଦାହରଣ ସ୍ୱରୂପ, ବ୍ୟାପକ ଅଣୁଅସ୍ତ୍ର ପରୀକ୍ଷଣ ଉପରେ ମିଳିତ ଜାତିସଂଘ ପ୍ରତିବନ୍ଧକ ଲଗାଇଥିବା ସତ୍ତ୍ୱେ, ଉତ୍ତରକୋରିଆ ବିଶ୍ୱ ଅନୁଚିନ୍ତାକୁ ବେଖାତିର କରି ଏବେ ମଧ୍ୟ ଅଣୁଅସ୍ତ୍ର ପରୀକ୍ଷା କରିଚାଲିଛି ।

**(୪) ଆନ୍ତର୍ଜାତୀୟ ସହଯୋଗର ଅଭାବ :** ଦେଶ ଦେଶ ମଧ୍ୟରେ ନିରସ୍ତ୍ରୀକରଣ ପାଇଁ ସହଯୋଗ ଓ ଇଚ୍ଛାଶକ୍ତି ଦରକାର । କିନ୍ତୁ କୌଣସି ଦେଶ ପ୍ରକୃତରେ ନିରସ୍ତ୍ରୀକରଣ ପାଇଁ ଇଚ୍ଛାଶକ୍ତି ଦେଖାଉ ନାହାନ୍ତି । କାରଣ ଏହାଦ୍ୱାରା ସେମାନଙ୍କ ଜାତୀୟ ସ୍ୱାର୍ଥରେ ବାଧା ଆସିପାରେ । ଏହା ଫଳରେ ଆନ୍ତର୍ଜାତୀୟ କ୍ଷେତ୍ରରେ ଦେଶମାନଙ୍କ ମଧ୍ୟରେ ଇଚ୍ଛାଶକ୍ତି, ସହଯୋଗ ଓ ସମନ୍ୱୟର ଅଭାବ ଦେଖାଯାଉଛି । ତେଣୁ ନିରସ୍ତ୍ରୀକରଣ ଉଦ୍ୟମ ସହଜରେ ଫଳପ୍ରସୂ ହୋଇପାରୁ ନାହିଁ ।

**(୫) ବୃହତ୍ ଶକ୍ତିମାନଙ୍କ ମଧ୍ୟରେ ବିବାଦ :** ନିରସ୍ତ୍ରୀକରଣର ଅନ୍ୟ ଏକ ପ୍ରତିବନ୍ଧକ ହେଉଛି ବୃହତ୍ ଶକ୍ତିମାନଙ୍କ ମଧ୍ୟରେ ବିବାଦ । ଆମେରିକା ଓ ସୋଭିଏତ୍ ରୁଷ ମଧ୍ୟରେ ଥିବା ଆଦର୍ଶଗତ ବିବାଦ ଧୀରେ ଧୀରେ ଘନେଇ ଶୀତଳ ଯୁଦ୍ଧର ରୂପ ନେଇଥିଲା । ଦୁଇ ବୃହତ୍ ଶକ୍ତି ନିଜ ନିଜର ଶିବିର ପ୍ରତିଷ୍ଠା କରି ଅନ୍ୟ ରାଷ୍ଟ୍ରମାନଙ୍କୁ ନିଜ ଶିବିରକୁ ନେବା ପାଇଁ ତତ୍ପରତା ପ୍ରକାଶ କରିଥିଲେ । ଏହାର ଫଳରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଲାଗିଥିଲା । ଏହା ନିରସ୍ତ୍ରୀକରଣ ଉଦ୍ୟମକୁ ପଣ୍ଡ କରିଥିଲା ।

**(୬) ଅସ୍ତ୍ରଶସ୍ତ୍ର ହ୍ରାସର ଅନୁପାତରେ ତାରତମ୍ୟ :** ବହୁ ସମୟରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଅସ୍ତ୍ରଶସ୍ତ୍ର ହ୍ରାସ କରିବାର ଅନୁପାତକୁ ନେଇ ତାରତମ୍ୟ ଦେଖାଯାଏ । ତେଣୁ ସେମାନଙ୍କ ମଧ୍ୟରେ ସହମତିର ଅଭାବ ଥାଏ । କେଉଁ ରାଷ୍ଟ୍ର କେତେ ସମୟ ମଧ୍ୟରେ କେତେ ପରିମାଣର ଅସ୍ତ୍ରଶସ୍ତ୍ର ହ୍ରାସ କରିପାରିବ, ସେ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ନିୟମ ନଥାଏ । ତେଣୁ ତାହାକୁ କେହି ମାନି ନଥାନ୍ତି । ଯଦି ମାନନ୍ତି, ନିଜ ଜାତୀୟ ସ୍ୱାର୍ଥକୁ ଆଖିଆଗରେ ରଖି ମାନନ୍ତି । ତେଣୁ ନିରସ୍ତ୍ରୀକଣ ଉଦ୍ୟମ ପଣ୍ଡ ହୁଏ ।

ଯଦିଓ ନିରସ୍ତ୍ରୀକରଣ ପଥରେ ଅନେକ ପ୍ରତିବନ୍ଧକ ଦେଖାଯାଏ ତଥାପି ଦେଶମାନେ ବିଶ୍ୱଶାନ୍ତି ଓ ଯୁଦ୍ଧଭୟ ଦୂର କରିବାକୁ ନିରସ୍ତ୍ରୀକରଣ ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି ।

## ୯.୩ ସାରାଂଶ

+ ସୁରକ୍ଷା ଏକ ଅସମାହିତ ପ୍ରଶ୍ନ ଯାହାର ଆବଶ୍ୟକତା ଅତୀତରେ ଥିଲା, ବର୍ତ୍ତମାନ ଅଛି ଓ ଭବିଷ୍ୟତରେ ମଧ୍ୟ ରହିବ । ସୁରକ୍ଷା ଦୁଇ ପ୍ରକାର : ବାହ୍ୟ ସୁରକ୍ଷା ଓ ଆଭ୍ୟନ୍ତରୀଣ ସୁରକ୍ଷା ।
+ ଷୋଡ଼ଶ ଶତାବ୍ଦୀରୁ ଏପର୍ଯ୍ୟନ୍ତ ଚାଲିଆସୁଥିବା ସୁରକ୍ଷା ଚିନ୍ତାକୁ ପାରମ୍ପରିକ ସୁରକ୍ଷା ଅନୁଚିନ୍ତା କୁହାଯାଏ । ଏଥିରେ ରାଷ୍ଟ୍ରୀୟ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଏ ।
+ ଦୁଇଟି ଉପାୟରେ ରାଷ୍ଟ୍ରମାନେ ନିଜ ରାଷ୍ଟ୍ରୀୟ ସୁରକ୍ଷାକୁ ସୁଦୃଢ଼ କରିବାକୁ ଚେଷ୍ଟା କରନ୍ତି । ଯଥା– ଅସ୍ତ୍ର ପ୍ରତିଯୋଗିତା ଓ ନିରସ୍ତ୍ରୀକରଣ ।
+ ଅସ୍ତ୍ର ପ୍ରତିଯୋଗିତା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଯାହାଦ୍ୱାରା ପ୍ରତ୍ୟେକ ଦେଶ ନିଜର ସାମରିକ ଶକ୍ତିର ବିକାଶ କରିବା ସହିତ ଆଧୁନିକ କାରିଗରୀ ଜ୍ଞାନକୌଶଳରେ ସଜ୍ଜିତ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ମହଜୁଦ୍ କରି ରଖନ୍ତି । ଏହାଦ୍ୱାରା କୌଣସି ଗୋଟିଏ ଦେଶ ଅନ୍ୟ ଦେଶ ଉପରେ ଆକ୍ରମଣ କରିବାକୁ ଭୟ କରିବ ଓ ପୃଥିବୀରୁ ଯୁଦ୍ଧର ଭୟ ଦୂର ହୋଇପାରିବ ।
+ ଅସ୍ତ୍ର ପ୍ରତିଯୋଗିତା ଦ୍ୱାରା ପୃଥିବୀ ପୃଷ୍ଠରେ ଯୁଦ୍ଧର କଳାବାଦଲ ଘୋଟିବା ସହିତ, ଉଦ୍‌ବେଗ, ଭୟ ଓ ଅଶାନ୍ତିର ପରିବେଶ ସୃଷ୍ଟି ହୁଏ । ଦେଶର ବିକାଶ ବାଧାପ୍ରାପ୍ତ ହୁଏ ।
+ ନିରସ୍ତ୍ରୀକରଣ ଅର୍ଥ ଆଲୋଚନା ମାଧ୍ୟମରେ ଦେଶଗୁଡ଼ିକର ସୈନ୍ୟବଳ ହ୍ରାସ କରିବା ସହିତ ପ୍ରତିରକ୍ଷା ଖର୍ଚ୍ଚକୁ ବ୍ୟାପକ ଭାବରେ ହ୍ରାସ କରିବା ଓ ତତ୍ ସହିତ ସମସ୍ତ ପ୍ରକାରର ଯୁଦ୍ଧାସ୍ତ୍ରର ଉତ୍ପାଦନ, ପରୀକ୍ଷଣ ଓ ପ୍ରକ୍ଷେପଣକୁ ଧୀରେ ଧୀରେ ହ୍ରାସ କରି ତାର ବିଲୋପ ସାଧନ କରିବା । ଏହାଦ୍ୱାରା ରାଷ୍ଟ୍ରୀୟ ସୁରକ୍ଷା ଦୃଢ଼ୀଭୂତ ହୋଇପାରିବ ।
+ ନିରସ୍ତ୍ରୀକରଣ ପଥରେ ଅନେକ ପ୍ରତିବନ୍ଧକ ଅଛି ଯଥା– ବିଶ୍ୱାସ ଅଭାବ, ଭୟ ଓ ଅସୁରକ୍ଷାର ଭାବ, ଜିଦ୍‌ଖୋର ମନୋଭାବ, ଆନ୍ତର୍ଜାତୀୟ ସହଯୋଗର ଅଭାବ, ବୃହତ୍ ଶକ୍ତିମାନଙ୍କ ମଧ୍ୟରେ ବିବାଦ ଇତ୍ୟାଦି ।

# ଅଣପାରମ୍ପରିକ ସୁରକ୍ଷା ପ୍ରସଙ୍ଗ-ମାନବିକ ସୁରକ୍ଷା

## ଅଣପୁରାତନ ନିରାପତ୍ତା ପ୍ରସଙ୍ଗ - ମାନବିକ ନିରାପତ୍ତା, ବିଶ୍ୱ ଦାରିଦ୍ର୍ୟ, ଅସମାନତା, ସ୍ୱାସ୍ଥ୍ୟ ଓ ଶିକ୍ଷା

**ସଂରଚନା :**


୯.୪ ଅଣପାରମ୍ପରିକ ସୁରକ୍ଷା ଅନୁଚିନ୍ତା – ମାନବିକ ସୁରକ୍ଷା

୯.୫ ମାନବିକ ସୁରକ୍ଷାର ବିଭିନ୍ନ ଦିଗ

୯.୬ ମାନବିକ ସୁରକ୍ଷା କ୍ଷେତ୍ରରେ ପ୍ରତିବନ୍ଧକ (Hindrances to Human Security)

୯.୬.୧ ବିଶ୍ୱ ଦାରିଦ୍ର୍ୟତା – ଅର୍ଥ ଓ ଏହାର କାରଣ

୯.୬.୨ ବିଶ୍ୱ ଅସମତା – ଅର୍ଥ ଓ ଏହାର କାରଣ

୯.୬.୩ ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା

୯.୬.୪ ବିଶ୍ୱ ଶିକ୍ଷା ସମସ୍ୟା

୯.୭ ସାରାଂଶ

୯.୮ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ


### ୯.୪ ଅଣପାରମ୍ପରିକ ସୁରକ୍ଷା ଅନୁଚିନ୍ତା – ମାନବିକ ସୁରକ୍ଷା

ସମସାମୟିକ ବିଶ୍ୱରେ ଅନ୍ୟ ଏକ ସୁରକ୍ଷା ଅନୁଚିନ୍ତା ହେଉଛି ମାନବିକ ସୁରକ୍ଷା (Human Security) । ଆଗକାଳରେ ଦେଶମାନେ କେବଳ ନିଜ ରାଷ୍ଟ୍ରୀୟ ସୁରକ୍ଷା ଉପରେ ଚିନ୍ତିତ ଥିଲେ । କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ଜାତିସଂଘର ସୃଷ୍ଟି ହେବା ପରେ ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆସିଲା । ୧୯୪୮ ମସିହାରେ ମିଳିତ ଜାତିସଂଘ 'ସାର୍ବଜନୀନ ମାନବିକ ଅଧିକାର' ଘୋଷଣାନାମା ପ୍ରକାଶ କଲା । ଏଥିରେ ବ୍ୟକ୍ତିର ଜୀବନ, ସ୍ୱାଧୀନତା, ନିରାପତ୍ତା ଓ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଥିଲା । ତାପର ଠାରୁ ଜନସାଧାରଣଙ୍କ ଜୀବନର ସୁରକ୍ଷା ସହିତ ରାଷ୍ଟ୍ରୀୟ ନିରାପତ୍ତା ଜଡ଼ିତ ବୋଲି ନୂତନ ଧାରଣା ସୃଷ୍ଟି ହେଲା । ତେଣୁ ଦେଶମାନେ ମାନବିକ ଅଧିକାରର ସୁରକ୍ଷା ପାଇଁ ଅଧିକ ଯତ୍ନବାନ ହେଲେ । ସୁରକ୍ଷାର ଏହି ପରିବର୍ତ୍ତିତ ଦିଗକୁ ଅଣପାରମ୍ପରିକ ସୁରକ୍ଷା ପ୍ରସଙ୍ଗ ବୋଲି ଅଭିହିତ କରାଯାଏ ।

ମାନବିକ ସୁରକ୍ଷା ପ୍ରସଙ୍ଗକୁ ମୁଖ୍ୟ ଅନୁଚିନ୍ତା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା ମିଳିତ ଜାତିସଂଘର ଆର୍ଥିକ ଓ ସାମାଜିକ ପରିଷଦ (United Nations Economic and Social Council) । ୫୦ ଦଶକରୁ ୭୦ ଦଶକ ମଧ୍ୟରେ ଆଫ୍ରିକା ଓ ଏସିଆ ମହାଦେଶର ଅନେକଗୁଡ଼ିଏ ଦେଶ ଉପନିବେଶବାଦୀ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତା ଲାଭ କଲେ । ସେସବୁ ଦେଶର ଜନସାଧାରଣ ଅନେକଗୁଡ଼ିଏ ମୌଳିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଯଥା ଖାଦ୍ୟ, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ, ସୁସ୍ଥ ପରିବେଶ ଇତ୍ୟାଦି । ମିଳିତ ଜାତିସଂଘ ଏହିସବୁ ମୌଳିକ ସମସ୍ୟାର ସମାଧାନ ପାଇଁ

ଦେଶମାନଙ୍କୁ ଆର୍ଥିକ ସାହାଯ୍ୟ ଦେବା ସହିତ ବୈଷୟିକ ସହଯୋଗ ମଧ୍ୟ କରିଥିଲା । ତେଣୁ ଧୀରେ ଧୀରେ ମାନବିକ ସୁରକ୍ଷା ସାରା ବିଶ୍ୱ ପାଇଁ ଏକ ମୁଖ୍ୟ ପ୍ରସଙ୍ଗ ହୋଇ ଠିଆ ହେଲା ।

ମାନବିକ ସୁରକ୍ଷା ଅର୍ଥ ମନୁଷ୍ୟମାନଙ୍କୁ କ୍ଷୁଧା, ରୋଗ, ବ୍ୟାଧି, ଦାରିଦ୍ର୍ୟ, ବେକାରୀ, ଅଶିକ୍ଷା, ବେରୋଜଗାରୀ, ଅପୁଷ୍ଟି ଇତ୍ୟାଦିରୁ ରକ୍ଷା କରିବା ଏବଂ ସେମାନଙ୍କ ସୁସ୍ଥ ଜୀବନ ଓ ଉତ୍ତରୋତ୍ତର ଉନ୍ନତି ପାଇଁ ଏଭଳି ଏକ ମାନବୀୟ ପରିବେଶ ସୃଷ୍ଟି କରିବା ଯାହାଦ୍ୱାରା ସେମାନେ ନିଜ ଅଧିକାରର ପୂର୍ଣ୍ଣତଃ ଉପଭୋଗ କରିପାରିବେ । ଅନ୍ୟ ଅର୍ଥରେ କହିଲେ ମାନବିକ ସୁରକ୍ଷା ଲୋକମାନଙ୍କ ସାମାଜିକ, ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ ଅଧିକାରର ସୁରକ୍ଷା କରିବା ସହିତ ସେମାନଙ୍କ ଜୀବନ, ଜୀବିକା, ବୃତ୍ତି ଓ ମର୍ଯ୍ୟାଦାର ଅଭିବୃଦ୍ଧି ଉପରେ ଜୋର୍ ଦିଏ ।

ମାନବିକ ସୁରକ୍ଷାର ମୁଖ୍ୟ ଲକ୍ଷ୍ୟ ହେଉଛି ବ୍ୟକ୍ତିର ଉନ୍ନତି ଓ ତାହାର ସର୍ବାଙ୍ଗୀନ ବିକାଶ । ଏହା ତାର ଜୀବନଧାରଣର ମାନରେ ଉନ୍ନତି ଆଣିବା ସହିତ ତାର ବ୍ୟକ୍ତିତ୍ୱର ବିକାଶ ପଥରେ ଥିବା ପ୍ରତିବନ୍ଧକଗୁଡ଼ିକ ଦୂର କରିବା ଉପରେ ଗୁରୁତ୍ୱ ଦିଏ । ମାନବିକ ସୁରକ୍ଷା ମଣିଷକୁ ନିମ୍ନଲିଖିତ ଅସୁବିଧାରୁ ମୁକ୍ତି ଦେବାକୁ ଚାହେଁ :

(୧) ଭୟରୁ ମୁକ୍ତି (Freedom from fear)

(୨) ଅଭାବ ଅନାଟନରୁ ମୁକ୍ତି (Freedom from wants)

(୩) ରୋଗରୁ ମୁକ୍ତି (Freedom from disease)

(୪) ଅସହାୟତାରୁ ମୁକ୍ତି (Freedom from vulnerability)

(୫) କ୍ଷୁଧାରୁ ମୁକ୍ତି (Freedom from hunder)

୧୯୯୪ ମସିହାରେ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (United Nations Development Programme) ନିଜର ମାନବିକ ବିକାଶ ବାର୍ଷିକ ବିବରଣୀ (Human Development Annual Report) ରେ ବିଶଦ ଭାବରେ ମାନବିକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲା । ତାହାର ଆଧାରରେ ପ୍ରଥମ ଥର ପାଇଁ ମହବୁବ୍ ଉଲ୍ ହକ୍ (Mahbub-ul-Haq) ମାନବିକ ସୁରକ୍ଷା ଉପରେ ବିଶ୍ୱ ଦୃଷ୍ଟିକୋଣ ଆକର୍ଷିତ କରିଥିଲେ ଏବଂ ୧୯୯୫ ମସିହାରେ କୋପେନ୍ ହେଗେନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସାମାଜିକ ବିକାଶ ସମ୍ମିଳନୀ (World Summit on Social Developmet)ରେ ମାନବିକ ସୁରକ୍ଷା ଉପରେ ବିଶେଷ ଚିଠା ପ୍ରସ୍ତାବ ଗୃହୀତ କରିବାକୁ ଆହ୍ୱାନ ଦେଇଥିଲେ ।

## ୯.୫ ମାନବିକ ସୁର... ବିଭିନ୍ନ ଦିଗ ଓ ଏଥିରେ ଥିବା ପ୍ରତିବନ୍ଧକ

• ମାନବିକ ସୁରକ୍ଷାର ବିଭିନ୍ନ ଦିଗ :

UNDPର ମାନବିକ ବିକାଶ ବାର୍ଷିକ ବିବରଣୀ (Human Development Annual Report), ୧୯୯୪ ମାନବିକ ସୁରକ୍ଷାର ୭ଟି ଦିଗ ଉପରେ ଆଲୋକପାତ କରେ । ଏଗୁଡ଼ିକ ହେଲା :

(୧) ଆର୍ଥିକ ନିରାପତ୍ତା : ଏହା ପ୍ରତ୍ୟେକ ନାଗରିକଙ୍କୁ ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ନ୍ୟୁନତମ ସାଧାରଣ ଆର୍ଥିକ ସବିଧା ସୁଯୋଗ ଓ ଉପାର୍ଜନ କରିବାକୁ ନିର୍ଭର ସୁଯୋଗ ଦିଏ ।

(୨) ଖାଦ୍ୟ ନିରାପତ୍ତା : ଏହା ସମସ୍ତଙ୍କୁ ଖାଦ୍ୟ ଯୋଗାଇବା ଉପରେ ଗୁରୁତ୍ୱ ଦିଏ । ପୃଥିବୀରେ ଅନେକ ଲୋକ ଅନାହାର ଯୋଗୁଁ ମୃତ୍ୟୁବରଣ କରନ୍ତି । ଏହା ସମସ୍ତଙ୍କୁ ଖାଦ୍ୟ ଯୋଗାଇ ସେମାନଙ୍କ କ୍ଷୁଧା ଦୂର କରିବାକୁ ଚେଷ୍ଟା କରେ ।

**(୩) ସ୍ୱାସ୍ଥ୍ୟ ନିରାପତ୍ତା :** ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା । ଏହାଦ୍ୱାରା ଲୋକମାନେ ରୋଗବ୍ୟାଧିରୁ ମୁକ୍ତି ପାଇବ । ଅନେକ ଦେଶରେ ଲୋକମାନେ ରୋଗ, ପୁଷ୍ଟିହୀନତା ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଯୋଗୁଁ ମୃତ୍ୟୁମୁଖରେ ପଡ଼ନ୍ତି । ସେମାନଙ୍କ ପରିମଳ ବ୍ୟବସ୍ଥାରେ ବୃଦ୍ଧି କରି ସେମାନଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇବାର ନିର୍ଭର ପ୍ରତିଶ୍ରୁତି ହିଁ ସ୍ୱାସ୍ଥ୍ୟ ନିରାପତ୍ତାର ମୁଖ୍ୟ ଲକ୍ଷ୍ୟ ଅଟେ ।

**(୪) ପରିବେଶଗତ ନିରାପତ୍ତା :** ଏହା ମଣିଷଙ୍କୁ ବିଭିନ୍ନ ପ୍ରାକୃତିକ ଓ ମାନବକୃତ ଦୁର୍ବିପାକରୁ ରକ୍ଷା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହାଦ୍ୱାରା ପରିବେଶ ପ୍ରଦୂଷଣ, ଓଜୋନସ୍ତର ହ୍ରାସ, ବିଶ୍ୱ ତପାୟନ ଇତ୍ୟାଦିର ସ୍ୱତଃସ୍ଫୂର୍ତ୍ତ ଭାବରେ ବିଲୋପ ହେବ ।

**(୫) ବ୍ୟକ୍ତିଗତ ନିରାପତ୍ତା :** ଏହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶାରୀରିକ ହିଂସା, ପାରିବାରିକ ହିଂସା ଓ ସାମାଜିକ ହିଂସାରୁ ମୁକ୍ତି ଦେବାକୁ ପ୍ରତିଶ୍ରୁତିବଦ୍ଧ । ଏହାଦ୍ୱାରା ବ୍ୟକ୍ତି ତାର ଅଧିକାରକୁ ସଠିକ୍ ଭାବରେ ଉପଭୋଗ କରିପାରିବ ।

**(୬) ଗୋଷ୍ଠୀଗତ ନିରାପତ୍ତା :** ଏହାଦ୍ୱାରା ପୃଥିବୀପୃଷ୍ଠରୁ ସାଂସ୍କୃତିକ ହିଂସା, ବର୍ଣ୍ଣବୈଷମ୍ୟ, ଧାର୍ମିକ ହିଂସା ଇତ୍ୟାଦି ଦୂର ହୋଇପାରିବ । ଏହାଦ୍ୱାରା ପ୍ରତ୍ୟେକ ଗୋଷ୍ଠୀର ଅଧିକାର ସୁରକ୍ଷିତ ରହିପାରିବ ।

**(୭) ରାଜନୈତିକ ନିରାପତ୍ତା :** ଏହାର ଅର୍ଥ ଲୋକମାନଙ୍କୁ ରାଜନୈତିକ ଆକ୍ରୋଶ ଓ ଯୋଜନାବଦ୍ଧ ଅତ୍ୟାଚାରରୁ ମୁକ୍ତି ଦେବା । ଏହା ଲୋକମାନଙ୍କ ମାନବିକ ଅଧିକାରର ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରେ ।

## ୯.୬ ମାନବିକ ସୁରକ୍ଷା କ୍ଷେତ୍ରରେ ପ୍ରତିବନ୍ଧକ (Hindrances to Human Security)

ମାନବିକ ସୁରକ୍ଷା ଏକ ବିଶ୍ୱସ୍ତରୀୟ ସମସ୍ୟା ଅଟେ । ଯଦିଓ ବିଗତ ୭୦ ବର୍ଷ ମଧ୍ୟରେ ମାନବିକ ସୁରକ୍ଷା ପାଇଁ ଅନେକ ପ୍ରଚେଷ୍ଟା କରାଯାଇଛି ତଥାପି ଏହି ସମସ୍ୟା ଏବେ ମଧ୍ୟ ଉଜ୍ଜୀବିତ ଅଛି । ମାନବିକ ସୁରକ୍ଷା କ୍ଷେତ୍ରରେ ଥିବା ମୁଖ୍ୟ ପ୍ରତିବନ୍ଧକଗୁଡ଼ିକ ହେଉଛି :

(୧) ବିଶ୍ୱ ଦାରିଦ୍ର୍ୟତା (Global Poverty)

(୨) ବିଶ୍ୱ ଅସମାନତା (Global Inequality)

(୩) ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା (Global Health Problem)

(୪) ବିଶ୍ୱ ଶିକ୍ଷା ସମସ୍ୟା (Global Education Problem)

### ୯.୬.୧ ବିଶ୍ୱ ଦାରିଦ୍ର୍ୟତା – ଅର୍ଥ ଓ ଏହାର କାରଣ

ସମସାମୟିକ ବିଶ୍ୱରେ ମାନବିକ ସୁରକ୍ଷା କ୍ଷେତ୍ରରେ ପ୍ରଧାନ ଅନ୍ତରାୟ ହୋଇଥିବା ସମସ୍ୟା ହେଉଛି ବିଶ୍ୱ ଦାରିଦ୍ର୍ୟତା । ଅତି ଗରୀବ ହେବାର ଲକ୍ଷଣକୁ ଦାରିଦ୍ର୍ୟ କୁହାଯାଏ । ଏହା ଏଭଳି ଏକ ଅବସ୍ଥା ଯାହା ଦ୍ୱାରା ମଣିଷ ନିଜ ମୌଳିକ ଆବଶ୍ୟକତା ପୂରଣ କରିବାକୁ ଅସମର୍ଥ ହୁଏ । ଅର୍ଥର ଅଭାବ ଯୋଗୁଁ ମଣିଷ ନିଜ ପାଇଁ ଓ ନିଜ ପରିବାର ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଇତ୍ୟାଦି ଭଳି ମୌଳିକ ଆବଶ୍ୟକତା ପାଇବା ଠାରୁ ବଞ୍ଚିତ ହୁଏ । ଏହାଦ୍ୱାରା ସେ ଅସହାୟତା, ଅପପୁଷ୍ଟି, ଅନାହାର, ଅଶିକ୍ଷା ଓ ଅସ୍ୱାସ୍ଥ୍ୟକର ପରିବେଶର ଶୀକାର ହୁଏ । ଏହାଦ୍ୱାରା ସେ ମାନସିକ ଓ ଶାରୀରିକ ସ୍ତରରେ ସମାଜରେ ଶୋଷଣ ଓ ନିର୍ଯ୍ୟାତନାର ଶୀକାର ହୁଏ ।

ବିଶ୍ୱବ୍ୟାଙ୍କ ଅନୁସାରେ ସ୍ୱଳ୍ପ ଉପାର୍ଜନ ମଧ୍ୟ ଦାରିଦ୍ର୍ୟତା ଆଣିବାରେ ସାହାଯ୍ୟ କରେ । ଦାରିଦ୍ର୍ୟ ଯୋଗୁଁ ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଭଳି ଅତି ଆବଶ୍ୟକୀୟ ସେବା ପାଇବାରୁ ବଞ୍ଚିତ ହୁଅନ୍ତି । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ପୃଥିବୀରେ ପ୍ରାୟ ୩୦୦ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସକରନ୍ତି । ସେମାନଙ୍କ ମଧ୍ୟରୁ ୩୫ ପ୍ରତିଶତ ଆଫ୍ରିକା ମହାଦେଶରେ ବାସ କରୁଥିବା ବେଳେ ୧୩.୫ ପ୍ରତିଶତ କେବଳ ଦକ୍ଷିଣ ଏସିଆରେ ଅଛନ୍ତି ।

ନୂତନ ମାପଦଣ୍ଡ ଅନୁସାରେ ଯେଉଁ ଲୋକ ଦିନକୁ ଅତି କମ୍‌ରେ ୧.୨୫ ଡଲାର ଖର୍ଚ୍ଚ କରିପାରୁ ନଥିବ ତାକୁ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛି ବୋଲି କୁହାଯିବ । ଏହି ମାପଦଣ୍ଡ ଅନୁସାରେ ୨୦୦୫ ମସିହ ସୁଦ୍ଧା ପୃଥିବୀର ୧୪୦ କୋଟି ଲୋକ ଦାରିଦ୍ର୍ୟ ସୀମରେଖା ତଳେ ଥିଲେ । ସେମାନଙ୍କୁ ଅତି ଦରିଦ୍ର କୁହାଯାଏ । ବାକି ୧୭୦ କୋଟି ଲୋକ ଦିନକୁ ଅଧିକତମ ୨.୫୦ ଡଲାର ଖର୍ଚ୍ଚ କରନ୍ତି ସେମାନଙ୍କୁ ଦରିଦ୍ର କୁହାଯାଏ । ରିପୋର୍ଟ ଅନୁସାରେ ପୃଥିବୀର ଜନସଂଖ୍ୟାର ପ୍ରାୟ ୮୦ ଭାଗ ଲୋକ ଦିନକୁ ଅଧିକତମ ୧୦ ଡଲାର ମଧ୍ୟରେ ଆୟ କରନ୍ତି ।

ଭାରତରେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ସ୍ପଷ୍ଟ କରାହୋଇଛି । ଗ୍ରାମାଞ୍ଚଳରେ ଦିନକୁ ଅତି ବେଶିରେ ୨୬ ଟଙ୍କା ଖର୍ଚ୍ଚ କରୁଥିବା ଲୋକ ଦରିଦ୍ର କୁହାଯାଇଥିବା ବେଳେ ସହରାଞ୍ଚଳରେ ଏହି ମାପଦଣ୍ଡ ଦିନକୁ ଅତିବେଶୀରେ ୩୨ ଟଙ୍କାରେ ସ୍ଥିର ହୋଇଛି ।

ଦାରିଦ୍ର୍ୟତା ଯୋଗୁଁ ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକା ରାଷ୍ଟ୍ରରେ ଲୋକମାନଙ୍କ ଜୀବନଧାରଣ ଅତି ନିକୃଷ୍ଟ ଅଟେ । ସେମାନଙ୍କ ଜୀବନ ଅବଧି ମଧ୍ୟ ସ୍ୱଳ୍ପ ଅଟେ । ଅର୍ଥାତ୍ ଏହିସବୁ ଦେଶରେ ମୃତ୍ୟୁହାର ଢେର୍ ଅଧିକ ।

ବିଶ୍ୱ ଦାରିଦ୍ର୍ୟତାର କାରଣ :

ବିଶ୍ୱ ଦାରିଦ୍ର୍ୟତାର ଅନେକଗୁଡ଼ିଏ କାରଣ ରହିଛି । ସେଗୁଡ଼ିକ ହେଲା :

**(୧) ଜନସଂଖ୍ୟା ବୃଦ୍ଧି :** ବର୍ତ୍ତମାନ ପୃଥିବୀରେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଚାଲିଛି । ଏକ ପରିସଂଖ୍ୟାନ ଅନୁଯାୟୀ ଗରିବ ଦେଶମାନଙ୍କ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜୀବନ ଧାରଣ ପାଇଁ ସଂଘର୍ଷ କରିବାକୁ ପଡୁଛି । ଯେଉଁମାନେ ଏହି ସଂଘର୍ଷରେ ସଫଳ ହେଉ ନାହାନ୍ତି ସେମାନେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରିବାକୁ ବାଧ୍ୟ ହେଉଛନ୍ତି ।

**(୨) ସ୍ୱଳ୍ପ ମୁଣ୍ଡପିଛା ଆୟ :** ପୃଥିବୀରେ ଧନୀ ଓ ଗରିବ ରାଷ୍ଟ୍ରର ଲୋକମାନଙ୍କ ମୁଣ୍ଡପିଛା ଆୟରେ ତାରତମ୍ୟ ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ, ୨୦୦୭ ମସିହାରେ ଆମେରିକାରେ ମୁଣ୍ଡପିଛା ବାର୍ଷିକ ଆୟ ୯୭,୯୮୭ ଟଙ୍କା ଥିବାବେଳେ ଭାରତରେ ଏହା ୭୨୨୪ ଥିଲା ଓ କଙ୍ଗୋ ସାଧାରଣତନ୍ତ୍ରରେ ଏହା ମାତ୍ର ୮୧୮ ଟଙ୍କା ଥିଲା । ଏହି ସ୍ୱଳ୍ପ ମୁଣ୍ଡପିଛା ଆୟ ସେମାନଙ୍କ ଜୀବନ ଧାରଣର ମାନକୁ ନିକୃଷ୍ଟ କରେ ।

**(୩) ଋଣ ଗ୍ରସ୍ତତା :** ପୃଥିବୀର ଦାରିଦ୍ର୍ୟର ଅନ୍ୟତମ କାରଣ ହେଉଛି ଋଣ ଗ୍ରସ୍ତତା । ପୃଥିବୀର ପ୍ରାୟ ସମସ୍ତ ବିକାଶଶୀଳ ଓ ଅବିକଶିତ ରାଷ୍ଟ୍ର ନିଜ ଆବଶ୍ୟକତା ମେଣ୍ଟାଇବା ପାଇଁ ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଓ ଅନ୍ୟାନ୍ୟ ଧନୀଦେଶମାନଙ୍କଠାରୁ ଢେର ଋଣ କରିଛନ୍ତି । ସେହି ଋଣର ସୁଧ ସୁଝିବାକୁ ସେମାନେ ଆହୁରି ଋଣ କରନ୍ତି । ଏହା ଦ୍ୱାରା ସେମାନଙ୍କ ନାଗରିକମାନଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ଅସମର୍ଥ ହୁଅନ୍ତି । ଏହା ଦାରିଦ୍ର୍ୟତାକୁ ପ୍ରୋତ୍ସାହିତ କରେ ।

**(୪) ବିଶ୍ୱ ସମ୍ବଳ ବଣ୍ଟନରେ ଅସମତା :** ବିଶ୍ୱରେ ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ଆୟଗତ ଓ ସମ୍ବଳ ବଣ୍ଟନରେ ଥିବା ଅସମାନତା ଗରୀବ ଦେଶମାନଙ୍କରେ ଦାରିଦ୍ର୍ୟକୁ ଅଧିକ ପ୍ରୋତ୍ସାହିତ କରେ । ପୃଥିବୀର ତଳସ୍ତରରେ ଥିବା ଗରୀବମାନଙ୍କର ୨୦ ପ୍ରତିଶତ ଲୋକ ବିଶ୍ୱ ସମ୍ବଳର ମାତ୍ର ୧.୩ ପ୍ରତିଶତ ବ୍ୟବହାର କରୁଥିବା ବେଳେ ଉପର ସ୍ତରରେ ୨୦ ପ୍ରତିଶତ

ଧନୀମାନେ ୮୬ ପ୍ରତିଶତ ସମ୍ବଳ ବ୍ୟବହାର କରନ୍ତି । ବାକି ୨୦ ପ୍ରତିଶତ ଲୋକ ବିଶ୍ୱ ସମ୍ବଳର ମାତ୍ର ୧୨.୭ ପ୍ରତିଶତ ବ୍ୟବହାର କରନ୍ତି । ଏହି ସମ୍ବଳ ବଣ୍ଟନରେ ଅସମତା ଦାରିଦ୍ର୍ୟକୁ ପ୍ରୋତ୍ସାହନ ଦିଏ ।

(୫) ଯୁଦ୍ଧ ଓ ରାଜନୈତିକ ଅସ୍ଥିରତା : ବିଂଶ ଶତାବ୍ଦୀ ଶେଷ ସୁଦ୍ଧା ପୃଥିବୀର ୬୦ଟି ଦେଶ ଯୁଦ୍ଧରେ ଲିପ୍ତ ଥିଲେ ଏବଂ ପ୍ରାୟ ୫୫ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ । ଆହୁରି ଅନେକ ଦେଶରେ ଆଭ୍ୟନ୍ତରୀଣ ରାଜନୈତିକ ଅସ୍ଥିରତା ଦେଖାଦେଇଛି । ଏହାଦ୍ୱାରା ଲୋକମାନଙ୍କର ଅର୍ଥନୈତିକ କ୍ରୟ ଶକ୍ତି ହ୍ରାସ ପାଏ ଓ ସେମାନେ ଦାରିଦ୍ର୍ୟରେ ରହିବାକୁ ବାଧ ହୁଅନ୍ତି ।

ଉପରୋକ୍ତ ସମସ୍ୟାର ସ୍ଥାୟୀ ଓ ଦୀର୍ଘସୂତ୍ରୀ ସମାଧାନ ପନ୍ଥା ବାହାରି ପାରିଲେ ବିଶ୍ୱ ଦାରିଦ୍ର୍ୟତା ନିରାକରଣ ହୋଇପାରିବ ।

## ୯.୬.୨ ବିଶ୍ୱ ଅସମତା – ଅର୍ଥ ଓ ଏହାର କାରଣ

ମାନବିକ ସୁରକ୍ଷା କ୍ଷେତ୍ରରେ ଅନ୍ୟ ଏକ ଅନ୍ତରାୟ ହେଉଛି ବିଶ୍ୱ ଅସମତା । ଧନସମ୍ପତ୍ତି, ଆୟବ୍ୟୟ ଓ ଜୀବନ ଧାରଣର ମାନ କ୍ଷେତ୍ରରେ ଥିବା ଅସଙ୍ଗତି ବା ତାରତମ୍ୟକୁ ଅସମତା କୁହାଯାଏ । ଅସମତା ଦୁଇ ପ୍ରକାରର – ଆନ୍ତର୍ଜାତୀୟ ଅସମତା ଓ ବିଶ୍ୱ ଅସମତା । ଦେଶ ଦେଶ ମଧ୍ୟରେ ଥିବା ତାରତମ୍ୟକୁ ଆନ୍ତର୍ଜାତୀୟ ଅସମତା କୁହାଯାଏ । ଉଦାହରଣ ସ୍ୱରୂପ, ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଥିବା ଦେଶମାନେ ଶିଳ୍ପ, ବିଜ୍ଞାନ ଓ କାରିଗରୀ ଜ୍ଞାନକୌଶଳରେ ଅପେକ୍ଷାକୃତ ଭାବରେ ଉନ୍ନତ । ସେମାନଙ୍କ ଆର୍ଥିକ ସ୍ଥିତି ବେଶ୍ ସୁଦୃଢ଼ ଓ ସେମାନେ ବିଶ୍ୱର ସମୃଦ୍ଧ ରାଷ୍ଟ୍ର ଭାବରେ ପରିଚିତ । ଅପର ପକ୍ଷରେ ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧରେ ଥିବା ଦେଶମାନେ ଅର୍ଥିକ ଦୃଷ୍ଟିରୁ ଦୁର୍ବଳ । ଶିଳ୍ପ ଓ କାରିଗରୀ ଜ୍ଞାନ କୌଶଳରେ ମଧ୍ୟ ପଛୁଆ । ଏହାକୁ ଆନ୍ତର୍ଜାତୀୟ ଅସମତା କୁହାଯାଏ ।

କିନ୍ତୁ ପୃଥିବୀର ବିଭିନ୍ନ ଦେଶର ଜନସାଧାରଣଙ୍କ ମଧ୍ୟରେ ଥିବା ଆର୍ଥିକ ଅସମତା ଯଥା ଆୟ ବ୍ୟୟରେ ତାରତମ୍ୟ, ଧନସମ୍ପତ୍ତି ଓ ଜୀବନଧାରଣ କ୍ଷେତ୍ରରେ ଥିବା ପ୍ରଭେଦ ଇତ୍ୟାଦିକୁ ବିଶ୍ୱ ଅସମତା କୁହାଯାଏ ।

ଏକ ହିସାବ ଅନୁଯାୟୀ ପୃଥିବୀର ମାତ୍ର ୮.୧ ପ୍ରତିଶତ ଲୋକଙ୍କ ପାଖରେ ୮୪.୬ ପ୍ରତିଶତ ଧନସମ୍ପତ୍ତି ଅଛି । ୭୧ ପ୍ରତିଶତ ଲୋକ ମାତ୍ର ୩ ପ୍ରତିଶତ ଧନସମ୍ପତ୍ତିର ଅଧିକାରୀ ଅଟନ୍ତି । ପୃଥିବୀରେ ଥିବା ଧନୀମାନଙ୍କ ମଧ୍ୟରୁ କେବଳ ୨୮ ପ୍ରତିଶତ ଧନୀ ଇଉରୋପ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶରେ ବାସକରନ୍ତି । ଫୋର୍ବସ ରିପୋଟ ଅନୁସାରେ ବିଶ୍ୱର ୧୦ ଜଣ ଅତି ଧନୀଙ୍କ ପାଖରେ ୫୦୫ ବିଲିୟନ ଡଲାରର ଧନସମ୍ପତ୍ତି ଅଛି ଯାହା ବିଶ୍ୱର ଅନେକ ରାଷ୍ଟ୍ରଙ୍କ ଜାତୀୟ ସମ୍ପତ୍ତି ଠାରୁ କେତେ ଗୁଣ ଅଧିକ । ୨୦୦୯ ମସିହାରେ ପୃଥିବୀରେ ୭୯୩ ଅତିଧନୀ ଥିବା ବେଳେ ୨୦୧୬ ମସିହା ବେଳକୁ ଅତିଧନୀଙ୍କ ସଂଖ୍ୟା ବଢ଼ି ୧୮୧୦ରେ ପହଞ୍ଚିଛି ।

ଅପର ପକ୍ଷରେ ଦିନକୁ ଦିନ ଧନୀମାନଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ଗରୀବମାନଙ୍କ ସଂଖ୍ୟା ମଧ୍ୟ ସମପରିମାଣରେ ବୃଦ୍ଧି ପାଇଚାଲିଛି । ଧନୀ ରାଷ୍ଟ୍ରର ଲୋକମାନଙ୍କର ମୁଣ୍ଡପିଛା ଆୟ ବିଗତ ୫୦ ବର୍ଷ ଭିତରେ କାହିଁ କେତେ ଗୁଣ ବଢ଼ିଥିବାବେଳେ ଗରୀବ ଦେଶମାନଙ୍କର ମୁଣ୍ଡପିଛା ଆୟରେ ସେତେ ଆଖିଦୃଶିଆ ପରିବର୍ତ୍ତନ ହୋଇ ନାହିଁ । ଫଳରେ ଧନୀ ଓ ଗରୀବଙ୍କ ମଧ୍ୟରେ ଏକ ଯୋଜନ ଯୋଜନର ଦୂରତ୍ୱ ସୃଷ୍ଟି ହୋଇ ବିଶ୍ୱ ଅସମତାକୁ ପ୍ରୋତ୍ସାହିତ କରୁଛି । ବିଖ୍ୟାତ ଅର୍ଥନୀତିଜ୍ଞ ଜେମ୍ସ ଡାଭିସଙ୍କ ମତରେ ଜଗତୀକରଣ ଫଳରେ ବିଗତ ୨୦ ବର୍ଷ ମଧ୍ୟରେ ବିଶ୍ୱ ଅସମତା ଅତି ଦ୍ରୁତ ଗତିରେ ବୃଦ୍ଧି ପାଇଛି । ନିଜ ଶୋଚନୀୟ ଆର୍ଥିକ ସ୍ଥିତିକୁ ସଜାଡ଼ିବା ପାଇଁ ଗରୀବ ଦେଶମାନେ ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠିରୁ ଋଣ କରୁଛନ୍ତି । ବିଦେଶୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସେମାନେ ନିଜର ଅବ୍ୟବହୃତ ପ୍ରାକୃତିକ ସମ୍ବଳକୁ ଶାଗମାଛ ଦରରେ ବିକଶିତ

ତଥା ଧନୀଦେଶମାନଙ୍କୁ ଟେକି ଦେଉଛନ୍ତି । ଗରୀବ ଦେଶମାନଙ୍କରେ ଅତି କମ୍ ମଜୁରୀରେ ଶ୍ରମିକ ମିଳୁଥିବାରୁ ଏବଂ ସେମାନଙ୍କ ପରିବେଶ ଆଇନ୍ ଏତେ ଶକ୍ତ ନଥିବାରୁ ତାହାର ଫାଇଦା ଉଠାଇ ଧନୀଦେଶମାନେ ଗରୀବ ଦେଶମାନଙ୍କୁ ଶୋଷଣ କରୁଛନ୍ତି । ଏହା ଫଳରେ ଉଭୟ ଦାରିଦ୍ର୍ୟତା ଓ ଅସମତା ବୃଦ୍ଧି ପାଉଛି ।

**ବିଶ୍ୱ ଅସମତାର କାରଣ : ବିଶ୍ୱ ଅସମତାର ନିମ୍ନଲିଖିତ କାରଣ ଅଛି ।**

**(୧) ଉପନିବେଶବାଦ :** ଊନବିଂଶ ଶତାବ୍ଦୀରେ ଏସିଆ ଓ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ଉପନିବେଶ ବାଦର କବଳରେ ଥିଲେ । ଇଉରୋପ ମହାଦେଶର ଅନେକ ଦେଶ ମୁଖ୍ୟତଃ ଇଂଲଣ୍ଡ, ଫ୍ରାନ୍ସ ଇତ୍ୟାଦି ନିଜ ଉପନିବେଶ ରାଷ୍ଟ୍ରଗୁଡ଼ିକର ଆର୍ଥିକ ଶୋଷଣ କରୁଥିଲେ । ଏହା ଫଳରେ ସେ ଦେଶର ଲୋକମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇଯାଇଥିଲା । ବିଂଶ ଶତାବ୍ଦୀରେ ସ୍ୱାଧୀନତା ଲାଭ କରି ମଧ୍ୟ ସେହି ଦେଶଗୁଡ଼ିକ ନିଜ ଅର୍ଥ ବ୍ୟବସ୍ଥାକୁ ଏ ପର୍ଯ୍ୟନ୍ତ ସଜାଡ଼ି ପାରିନାହାନ୍ତି । ଏହାଦ୍ୱାରା ବିଶ୍ୱ ଅସମତା ବଢ଼ିଛି ।

**(୨) ବିଶ୍ୱ ଅର୍ଥନୈତିକ ବ୍ୟବସ୍ଥା :** ବର୍ତ୍ତମାନ ବିଶ୍ୱ ଅର୍ଥନୈତିକ ବ୍ୟବସ୍ଥା ମଧ୍ୟ ବିଶ୍ୱ ଅସମତାକୁ ପ୍ରୋତ୍ସାହନ ଦେଉଛି । ବର୍ତ୍ତମାନ ଉପନିବେଶବାଦର ପରିସମାପ୍ତି ଘଟିଛି ସତ ମାତ୍ର ଶୋଷଣର ସୀମା ମେଣ୍ଟି ପାରିନାହିଁ । ପାଶ୍ଚାତ୍ୟ ଦେଶର ବହୁଦେଶୀୟ କମ୍ପାନୀମାନେ (Multi National Corporations) ପ୍ରାଚ୍ୟ ଜଗତର ବହୁ ଅନୁନ୍ନତ ଓ ବିକାଶଶୀଳ ଦେଶରେ ନିଜର ଆଧିପତ୍ୟ ବିସ୍ତାର କରି ସେମାନଙ୍କ ଆର୍ଥିକ ଶୋଷଣ କରିଚାଲିଛନ୍ତି । ଏହାକୁ ନବ୍ୟ ଉପନିବେଶବାଦ କୁହାଯାଏ । ଏହାଦ୍ୱାରା ଗରୀବ ରାଷ୍ଟ୍ର ଧୀରେ ଧୀରେ ନିଜର ସାର୍ବଭୌମତ୍ୱ ହରାଇବାକୁ ଯିବା ସହିତ ଆର୍ଥିକ ଶୋଷଣର ଶୀକାର ହେଉଛି । କିନ୍ତୁ ଧନୀ ରାଷ୍ଟ୍ର ଧନୀରୁ ଅଧିକ ଧନୀ ହୋଇଚାଲିଛି । ଫଳରେ ବିଶ୍ୱ ଅସମତା ବୃଦ୍ଧି ପାଉଛି ।

**(୩) ଜନସଂଖ୍ୟା ବୃଦ୍ଧି :** ଜନସଂଖ୍ୟା ବୃଦ୍ଧି ମଧ୍ୟ ବିଶ୍ୱ ଅସମତାର ଅନ୍ୟ ଏକ କାରଣ ଅଟେ । ଗରୀବ ଦେଶରେ ମାତୃତ୍ୱ ହାର ଧନୀ ଦେଶ ତୁଳନାରେ ଢେର ଅଧିକ । ଅଧିକ ଜନସଂଖ୍ୟା ଦ୍ୱାରା ପ୍ରାକୃତିକ ସମ୍ବଳ ବିନିଯୋଗରେ ଅସନ୍ତୁଳନ ସୃଷ୍ଟି ହେଉଛି । ଗରୀବ ଦେଶରେ ଖାଦ୍ୟ ସମସ୍ୟା ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ମୁଣ୍ଡ ଟେକି ଉଠିଛି । ଫଳରେ ଧନୀ ଓ ଗରୀବ ଦେଶର ଲୋକମାନଙ୍କ ମଧ୍ୟରେ ଆର୍ଥିକ ଅସମତା ବୃଦ୍ଧି ପାଇଛି ।

**(୪) ରାଜନୈତିକ ଅସ୍ଥିରତା :** ଯେଉ ଦେଶରେ ରାଜନୈତିକ ଅସ୍ଥିରତା ଲାଗିରହିଛି ସେ ଦେଶର ଆର୍ଥିକ ବିକାଶ ମାନ୍ଦା ପଡ଼ିଛି । ବର୍ତ୍ତମାନ ଅନେକ ପ୍ରାଚ୍ୟ ଦେଶ, ଲାଟିନ୍ ଆମେରିକା, ଆଫ୍ରିକା ଓ ଏସିଆ ମହାଦେଶର ଅନେକ ରାଷ୍ଟ୍ରରେ କୌଣସି ନା କୌଣସି କାରଣରୁ ରାଜନୈତିକ ଅସ୍ଥିରତା ଲାଗିରହିଛି । ଫଳରେ ସେ ଦେଶ ଅନ୍ୟ ଦେଶ ତୁଳନାରେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁ ନାହିଁ । ଏହାଦ୍ୱାରା ସେମାନେ ଅନ୍ୟ ଧନୀରାଷ୍ଟ୍ର ଉପରେ ନିର୍ଭର କରୁଛନ୍ତି । ଧନୀରାଷ୍ଟ୍ରମାନେ ଏହି ସୁଯୋଗର ଫାଇଦା ଉଠାଇ ଗରୀବ ଦେଶମାନଙ୍କୁ ଆର୍ଥିକ ଶୋଷଣ କରିଚାଲିଛନ୍ତି ।

**(୫) ପ୍ରାକୃତିକ ବିପର୍ଯ୍ୟୟ :** ପ୍ରାକୃତିକ ବିପର୍ଯ୍ୟୟ ଯଥା – ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ଭିକ୍ଷ, ଭୂମିକମ୍ପ, ଭୂସ୍ଖଳନ, ସୁନାମି, ମହାବାତ୍ୟା ଇତ୍ୟାଦି ଗୋଟିଏ ଦେଶର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି । ଏହା ଯୋଗୁଁ ବିଶ୍ୱ ଅସମତା ବୃଦ୍ଧି ପାଉଛି ।

ଦେଶ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇଲେ ବିଶ୍ୱ ଅସମତା ଧୀରେ ଧୀରେ ବିଲୁପ୍ତ ହେବ । ଏଥିପାଇଁ ଧନୀରାଷ୍ଟ୍ରମାନଙ୍କ ପାଖରେ ଗରୀବ ଦେଶମାନଙ୍କୁ ଆର୍ଥିକ ଅନାଟନରୁ ବଞ୍ଚେଇବା ପାଇଁ ମାନସିକ ଦୃଢ଼ତା ଦରକାର ।

## ୯.୬.୩ ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା

ମାନବିକ ସୁରକ୍ଷା କ୍ଷେତ୍ରରେ ଅନ୍ୟ ଏକ ପ୍ରତିବନ୍ଧକ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା । ସ୍ୱାସ୍ଥ୍ୟଗତ ନିରାପତ୍ତା ଅଭାବରୁ ବିଶ୍ୱର ଅନେକ ରାଷ୍ଟ୍ରର ଲୋକମାନେ ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ସ୍ୱାସ୍ଥ୍ୟ ସମସ୍ୟା ଆଜିକାଲି ଏକ ବଡ଼ ସମସ୍ୟା ହୋଇ ଠିଆ ହୋଇଛି । ବିଶେଷକରି ଗରୀବ ଓ ଅନୁନ୍ନତ ଦେଶରେ ଏହା ଏକ ବିରାଟ ବିପଦ ହୋଇ ଉଭା ହୋଇଛି ।

ଜଗତୀକରଣ ପ୍ରକ୍ରିୟା ଆରମ୍ଭ ହେବା ଦିନ ଠାରୁ ସ୍ୱାସ୍ଥ୍ୟ ସମସ୍ୟାର ମଧ୍ୟ ଜଗତୀକରଣ ହୋଇଛି । ବିଶ୍ୱର ଗୋଟିଏ ଅଞ୍ଚଳରେ ଦେଖାଯାଉଥିବା ସଂକ୍ରାମକ ରୋଗ ତତ୍‌କ୍ଷଣାତ୍ ଅନ୍ୟ ରାଷ୍ଟ୍ରକୁ ବ୍ୟାପୀ ଯାଉଛି । ସାରା ବିଶ୍ୱରେ ଅନେକ ଲୋକ ପ୍ରତିବର୍ଷ ଟି.ବି., ମିଳିମିଳା, ମ୍ୟାଲେରିଆ, ଡାଇରିଆ, ଡେଙ୍ଗୁ, ନିମୋନିଆ, ଜଣ୍ଡିସ୍ ଇତ୍ୟାଦିରେ ମୃତ୍ୟୁବରଣ କରୁଛନ୍ତି । ଏହା ସହିତ ପାଗଳା ଗାଈ ରୋଗ (Mad cow disease), ପକ୍ଷୀ ଜ୍ୱର (Bird Flu), ଘୁଷୁରୀ ଜ୍ୱର (Ensephalitis), ଆନ୍ତ୍ରିକ ଜ୍ୱର, ଆନ୍ଥ୍ରାକ୍ସ ଇତ୍ୟାଦି ସାରା ବିଶ୍ୱର ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦ୍ୱିଗୁଣିତ କରିଛି । ହୃଦ୍‌ଘାତ (Heart attack), ମଧୁମେହ (Diabates), ରକ୍ତଚାପ (Blood Pressure) ଇତ୍ୟାଦି ରୋଗ ବର୍ତ୍ତମାନ ସାରା ବିଶ୍ୱକୁ କବଳିତ କରିରଖିଛି । ଏ ସମସ୍ତ ମହାମାରୀକୁ ରୋକିବା ପାଇଁ ବିଶ୍ୱସ୍ତରରେ ପ୍ରୟାସ କରାଯାଉଥିଲେ ମଧ୍ୟ ଏଥିରେ ଏପର୍ଯ୍ୟନ୍ତ ସଫଳତା ମିଳିପାରି ନାହିଁ ।

ଏକ ଆକଳନ ଅନୁଯାୟୀ, ପୃଥିବୀରେ ପ୍ରାୟ ୧୦ କୋଟି ଲୋକ ଦାରିଦ୍ର୍ୟ ଓ ସ୍ୱଳ୍ପ ଆୟ ଯୋଗୁଁ ଯଥେଷ୍ଟ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି । ଅପପୁଷ୍ଟି ଯୋଗୁଁ ପ୍ରତିବର୍ଷ ୭୫ ଲକ୍ଷ ଶିଶୁ ମୃତ୍ୟୁମୁଖରେ ପଡ଼ନ୍ତି । ସମଗ୍ର ବିଶ୍ୱରେ ବର୍ଷକୁ ପ୍ରାୟ ୩ କୋଟି ୬୦ ଲକ୍ଷ ଲୋକ ମଧୁମେହ (Diabates), କ୍ୟାନ୍‌ସର, ହୃଦଘାତ, ଉଚ୍ଚ ରକ୍ତଚାପ ଓ ଫୁସ୍‌ଫୁସ୍ ଜନିତ ରୋଗରେ ମୃତ୍ୟୁବରଣ କରୁଛନ୍ତି । ଟି.ବି. ଯୋଗୁଁ ପ୍ରତିବର୍ଷ ୧୦ ଲକ୍ଷ ୭୦ ହଜାର ଲୋକ ମୃତ୍ୟୁବରଣ କରନ୍ତି । ପ୍ରତିବର୍ଷ ୭ ଲକ୍ଷ ୮୦ ହଜାର ଲୋକ ମ୍ୟାଲେରିଆରେ ମୃତ୍ୟୁବରଣ କରନ୍ତି । ପ୍ରାୟ ୧ ଲକ୍ଷ ୬୦ ହଜାର ଶିଶୁ ମିଳିମିଳାରେ ମୃତ୍ୟୁବରଣ କରନ୍ତି । କ୍ୟାନ୍‌ସରରେ ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ବର୍ଷକୁ ପ୍ରାୟ ୫ ଲକ୍ଷ ଅଟେ । ସେହିଭଳି ସାଂପ୍ରତିକ ବିଶ୍ୱରେ ଏଡ୍‌ସ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି । ସମଗ୍ର ବିଶ୍ୱରେ ପ୍ରାୟ ୪ କୋଟିରୁ ଅଧିକ ଲୋକ ଏଡ୍‌ସ ରୋଗୀ ଅଛନ୍ତି । ପ୍ରତିବର୍ଷ ପ୍ରାୟ ୨୭ ଲକ୍ଷ ନୂଆ ଏଡ୍‌ସ ରୋଗୀ ଚିହ୍ନଟ ହେଉଛନ୍ତି । ଧୂମପାନ ଯୋଗୁଁ ପ୍ରତିବର୍ଷ ୬ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି । ମାନସିକ ଅବସାଦ ମଧ୍ୟ ଏବେ ଅନ୍ୟ ଏକ ମାରାତ୍ମକ ରୋଗ ହୋଇ ଠିଆହୋଇଛି । ପୃଥିବୀର ପ୍ରାୟ ୩ କୋଟି ଲୋକ ମାନସିକ ଅବସାଦର ଶିକାର ହେଉଛନ୍ତି ।

ସୁତରାଂ ଲୋକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା କୌଣସି ଗୋଟିଏ ଦେଶର ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ନାହିଁ । ଏହା ଏକ ଆନ୍ତର୍ଜାତୀୟ ସମସ୍ୟା ଭାବରେ ମୁଣ୍ଡ ଟେକି ଠିଆ ହୋଇଛି ଯାହା ନିରାକରଣ ପାଇଁ ସମଗ୍ର ବିଶ୍ୱରେ ଉଦ୍ୟମ ଆବଶ୍ୟକ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (World Health Organisaton) ଓ ୟୁନିସେଫ୍ (UNICEF) ଏହି ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ମିଳିତ ଭାବରେ ଉଦ୍ୟମ ଜାରି ରଖିଛନ୍ତି । ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ପ୍ରଦାନ, ଟୀକାକରଣ, ସୁଲଭ ମୂଲ୍ୟରେ ଔଷଧ ଯୋଗାଣ ତଥା ଅଧିକ ସଂଖ୍ୟାରେ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରମାନଙ୍କୁ ସ୍ୱାସ୍ଥ୍ୟସେବାରେ ନିୟୋଜନ ପାଇଁ ପଦକ୍ଷେପ ନିଆଯାଉଛି ।

## ୯.୬.୪ ବିଶ୍ୱ ଶିକ୍ଷା ସମସ୍ୟା

ଶିକ୍ଷା ଏକ ମୌଳିକ ଆବଶ୍ୟକତା । ଏହା ମଣିଷର ଜ୍ଞାନ ବୃଦ୍ଧି କରିବା ସହିତ ମଣିଷକୁ ବିଚାରବନ୍ତ କରେ । ଶିକ୍ଷା ଦ୍ୱାରା ଦେଶର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ତ୍ୱରାନ୍ୱିତ ହୁଏ । ଶିକ୍ଷା ଦ୍ୱାରା ମଣିଷ ସମାଜରେ ମୁକ୍ତ ଭାବରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୋଗଦାନ କରିପାରେ । ଏହା ମଣିଷକୁ ଉତ୍ତମ ଜୀବନଯାପନ କରିବାକୁ ସହାୟକ ହୁଏ । ଶିକ୍ଷା ଦ୍ୱାରା ମଣିଷ ସୁରକ୍ଷା ଅଧିକ ଦୃଢ଼ୀଭୂତ ହୁଏ । ଏହା ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବା ସହିତ ସମାଜରେ ଶାନ୍ତି

ପ୍ରତିଷ୍ଠାରେ ସାହାଯ୍ୟ କରେ । ଅନ୍ୟ ଅର୍ଥରେ କହିଲେ ମଣିଷର ଶୈକ୍ଷିକ ବିକାଶ ହେଲେ ହିଁ ସମାଜର ସାମଗ୍ରୀକ ବିକାଶ ହୋଇପାରିବ । ସେଥିପାଇଁ ସମଗ୍ର ବିଶ୍ୱରେ ଶିକ୍ଷାର ପ୍ରସାର ପାଇଁ ପ୍ରଚେଷ୍ଟା ଜାରିରହିଛି ।

ତଥାପି ୟୁନିସ୍କୋର ରିପୋର୍ଟ ଅନୁସାରେ ୨୦୧୫ ମସିହା ସୁଦ୍ଧା ପୃଥିବୀର ସାକ୍ଷରତା ହାର ଥିଲା ୮୬.୭ ପ୍ରତିଶତ । ସେଥିରୁ ପୁରୁଷ ସାକ୍ଷରତା ହାର ୯୦ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୮୨.୭ ପ୍ରତିଶତ ।

ପୃଥିବୀର ଧନୀ ଦେଶ (ବିକଶିତ ଦେଶ) ଓ ଗରୀବ ଦେଶ (ଅବିକଶିତ ଓ ବିକାଶଶୀଳ ଦେଶ) ମଧ୍ୟରେ ସାକ୍ଷରତା ହାରରେ ବିରାଟ ତାରତମ୍ୟ ଦେଖାଯାଏ । ବିକଶିତ ଦେଶର ସାକ୍ଷରତା ହାର ୯୯ ପ୍ରତିଶତ ଥିଲାବେଳେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ଏହା ୭୦.୨ ପ୍ରତିଶତ ଅଟେ । ଆଫ୍ରିକା ମହାଦେଶର ସାକ୍ଷରତା ହାର ୬୪ ପ୍ରତିଶତ ଅଟେ । ଅଶିକ୍ଷିତ ଲୋକମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ହେଉଛନ୍ତି ମହିଳା ।

ସମସ୍ତଙ୍କୁ ଶିକ୍ଷା ଅଧିକାର ଦୋବ ପାଇଁ ୟୁନେସ୍କୋ ପ୍ରଚେଷ୍ଟା ଜାରିରଖିଛି । ତାହାର ମୁଖ୍ୟ ଲକ୍ଷ୍ୟ ହେଉଛି ସମସ୍ତ ପାଇଁ ଶିକ୍ଷା (Education for All) । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗଗତ ବୈଷମ୍ୟ ଦୂର କରି ଶିକ୍ଷାର ଆଲୋକ ବର୍ତ୍ତିକା ସମସ୍ତଙ୍କ ପାଇଁ ଜଳାଇବା ଏହାର ଉଦ୍ଦେଶ୍ୟ ।

ସମସ୍ତଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମର ବିଶ୍ୱ ପର୍ଯ୍ୟବେକ୍ଷଣ ରିପୋର୍ଟ (Global Monitoring Report) ୨୦୧୫ ଅନୁଯାୟୀ, ସମଗ୍ର ବିଶ୍ୱରେ ଯଦିଓ ନାମଲେଖା ହାର ବୃଦ୍ଧି ପାଇଛି, ତଥାପି ୫୮ ନିୟୁତ ପିଲା ସ୍କୁଲ ମାଟି ମାଡ଼ି ନାହାନ୍ତି । ମଝିରେ ପାଠପଢ଼ା ଛାଡୁଥିବା ପିଲାଙ୍କ ସଂଖ୍ୟା ଏସିଆ ଓ ଆଫ୍ରିକା ମହାଦେଶରେ ବହୁତ ଅଧିକ ।

**ବିଶ୍ୱ ଶିକ୍ଷା ସମସ୍ୟାର କାରଣ :**

ବିଶ୍ୱ ଶିକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ସମସ୍ୟା ହେଉଛି ଦୁଇଟି । ଯଥା : ନାମଲେଖା ହାରରେ ହ୍ରାସ ଓ ଅଧାରୁ ସ୍କୁଲ ପାଠ ଛାଡୁଥିବା ପିଲାମାନଙ୍କ ସଂଖ୍ୟାରେ ବୃଦ୍ଧି । ଏହି ସମସ୍ୟାଗୁଡ଼ିକର ଅନେକଗୁଡ଼ିଏ କାରଣ ମଧ୍ୟ ରହିଛି । ସେଗୁଡ଼ିକ ହେଲା–

(୧) ସ୍କୁଲ ଓ ଶ୍ରେଣୀଗୃହର ଅଭାବ

(୨) ପାଠ୍ୟ ପୁସ୍ତକର ଅଭାବ

(୩) ଶିକ୍ଷକଙ୍କ ଅଭାବ

(୪) ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ

(୫) ଏକ ଉନ୍ନତ ଶୈକ୍ଷିକ ବାତାବରଣର ଅଭାବ

(୬) ଲିଙ୍ଗଗତ ବୈଷମ୍ୟ

(୭) କ୍ଷୁଧା ଓ ନିମ୍ନମାନର ଜୀବନଶୈଳୀ

(୮) ଯୁଦ୍ଧ ଓ ଗୃହଯୁଦ୍ଧ

(୯) ସାଧାରଣ ଶିକ୍ଷାର ବ୍ୟୟବହୁଳତା

(୧୦) ଶିକ୍ଷାର ବିକାଶ ପାଇଁ ଅନୁଦାନ ହ୍ରାସ

ମାନବିକ ଅଧିକାରର ସାର୍ବଜନୀନ ଘୋଷଣାପତ୍ର (୧୯୪୮) ସାର୍ବଜନୀନ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛି । ଏହା ମତରେ ଶିକ୍ଷା ହେଉଛି ପ୍ରତ୍ୟେକ ପିଲାର ଏକ ମୌଳିକ ଅଧିକାର ଏବଂ ଦେଶମାନଙ୍କର ଦାୟିତ୍ୱ ହେଉଛି ସେମାନେ ଏହା ସୁନିଶ୍ଚିତ କରିବେ ଯେପରି ଦାରିଦ୍ର୍ୟ ଓ ଅଭାବ ଯୋଗୁଁ କେହି ଶିକ୍ଷା ପ୍ରାପ୍ତିରୁ ବଞ୍ଚିତ ନ ହୁଅନ୍ତି । ସେଥିପାଇଁ ପ୍ରତ୍ୟେକ ଦେଶ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଦେବା ପାଇଁ ଘୋଷଣା କରିଛନ୍ତି । ଏହା ବ୍ୟତୀତ ସେମାନଙ୍କ କ୍ଷୁଧା ଓ ଅପପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ସ୍କୁଲରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି । ଅଧାରୁ ପାଠପଢ଼ା ଛାଡ଼ିବା ପିଲାଙ୍କୁ ସ୍କୁଲକୁ ଆକୃଷ୍ଟ କରିବା ପାଇଁ ସେମାନଙ୍କୁ ମାଗଣାରେ ବହିପତ୍ର, ପୋଷାକ ଇତ୍ୟାଦି ମଧ୍ୟ ବଣ୍ଟନ କରାଯାଉଛି ।

ତଥାପି ସମସ୍ତ ପାଇଁ ଶିକ୍ଷା କାର୍ଯ୍ୟକ୍ରମ ଅନେକ ଦେଶରେ ଏବେବି ସମସ୍ତଙ୍କ ପାଖରେ ଅପହଞ୍ଚ ହୋଇରହିଛି । ଏହି ସମସ୍ୟାର ସମାଧାନ ପାଇଁ ବିଶ୍ୱର ସବୁଦେଶ ମିଳିତ ଜାତିସଂଘ ତତ୍ତ୍ୱାବଧାନରେ ଚେଷ୍ଟା ଜାରି ରଖିଛନ୍ତି ।

## ୯.୭ ସାରାଂଶ :

+ ଅଣପାରମ୍ପରିକ ସୁରକ୍ଷା ପ୍ରସଙ୍ଗ ରାଷ୍ଟ୍ରୀୟ ସୁରକ୍ଷା ଅପେକ୍ଷା ମାନବିକ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଏ । ଏହି ପ୍ରସଙ୍ଗ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ବିଶ୍ୱସ୍ତରରେ ଆଦୃତି ଲାଭ କରିଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମନୁଷ୍ୟମାନଙ୍କ ମଧ୍ୟରେ ସୁରକ୍ଷାର ଭାବନା ସୁନିଶ୍ଚିତ କରିବା ।

+ ମାନବିକ ସୁରକ୍ଷାରେ ୭ ପ୍ରକାରର ସୁରକ୍ଷା ଜଡ଼ିତ ଅଛି ଯଥା– ଆର୍ଥିକ ନିରାପତ୍ତା, ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ ନିରାପତ୍ତା, ପରିବେଶଗତ ନିରାପ୍ତା, ବ୍ୟକ୍ତିଗତ ନିରାପତ୍ତା, ଗୋଷ୍ଠୀଗତ ନିରାପତ୍ତା ଓ ରାଜନୈତିକ ନିରାପତ୍ତା ।

+ ମାନବିକ ସୁରକ୍ଷା କ୍ଷେତ୍ରରେ ଅନେକଗୁଡ଼ିଏ ପ୍ରତିବନ୍ଧକ ଅଛି ଯଥା– ବିଶ୍ୱ ଦାରିଦ୍ର୍ୟତା, ବିଶ୍ୱ ଅସମତା, ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା ଓ ବିଶ୍ୱ ଶିକ୍ଷା ସମସ୍ୟା । ଉକ୍ତ ସମସ୍ୟାର ବହୁବିଧ କାରଣ ରହିଛି । ଏହିସବୁ ସମସ୍ୟାର ସମାଧାନ ହୋଇପାରିଲେ ମାନବିକ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ ।

## ୯.୮ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

**ଦୀର୍ଘ ପ୍ରଶ୍ନ :**

୧ । ସୁରକ୍ଷାର ବିଭିନ୍ନ ଗୁରୁତ୍ୱ ଓ ପ୍ରକାରଭେଦ ସଂପର୍କରେ ଆଲୋଚନା କର ।

୨ । ଅସ୍ତ୍ର ପ୍ରତିଯୋଗିତା କ'ଣ ? ଏହାର ଉପଯୋଗିତା ଓ ଅପକାରିତା ତର୍ଜମା କର ।

୩ । ନିରସ୍ତ୍ରୀକରଣ କ'ଣ ? ଏହାର ଆବଶ୍ୟକତା ଓ ପ୍ରତିବନ୍ଧକଗୁଡ଼ିକ ବର୍ଣ୍ଣନା କର ।

୪ । ମାନବିକ ସୁରକ୍ଷା କ'ଣ ? ଏହାର ବିଭିନ୍ନ ଦିଗ ଆଲୋଚନା କର ।

୫ । ମାନବିକ ସୁରକ୍ଷା କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକଗୁଡ଼ିକର ତର୍ଜମା କର ।

୬ । ବିଶ୍ୱ ଦାରିଦ୍ର୍ୟତା କ'ଣ ? ଏହାର କାରଣ ବିଶ୍ଳେଷଣ କର ।

୭ । ବିଶ୍ୱ ଅସମତାର କାରଣଗୁଡ଼ିକ ବିଶ୍ଳେଷଣ କର ।

୮ । ବିଶ୍ୱ ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟା ଆଲୋଚନା କର ।

**ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନୋତ୍ତର :**

୧ । ମିଳିତ ଜାତିସଂଘ ଦ୍ୱାରା ପରମ୍ପରାଗତ ଶସ୍ତ୍ର ଆୟୋଗ __________ ମସିହାରେ ଗଠିତ ହୋଇଥିଲା ।

ଉ. ୧୯୪୭

୨ । ମିଳିତ ଜାତିସଂଘ ଦ୍ୱାରା ନିରସ୍ତ୍ରୀକରଣ ଆୟୋଗ __________ ମସିହାରେ ଗଠିତ ହୋଇଥିଲା ।

ଉ. ୧୯୫୨

୩ । ପରମାଣୁ ଅପ୍ରସାର ସନ୍ଧି (NPT) __________ ମସିହାରେ କାର୍ଯ୍ୟକାରୀ ହୋଇଥିଲା ।

ଉ. ୧୯୭୦

୪ । __________ ରାଷ୍ଟ୍ର ପ୍ରଥମେ (TBT) ରେ ସ୍ୱାକ୍ଷର କରିଥିଲା ।

ଉ. ଯୁକ୍ତରାଷ୍ଟ୍ର ଆମେରିକା

୫ । SALT-I __________ ମସିହାରେ ଓ SALT-II __________ ମସିହାରେ ସ୍ୱାକ୍ଷରିତ ହୋଇଥିଲା ।

ଉ. ୧୯୭୨, ୧୯୭୯

୬ । ବ୍ୟାପକ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି (CTBT) __________ ମସିହାରେ ସ୍ୱାକ୍ଷରିତ ହୋଇଥିଲା ।

ଉ. ୧୯୯୬

୭ । ଆନ୍ତର୍ଜାତୀୟ ଦାରିଦ୍ର୍ୟ ଉନ୍ମୋଚନ ଦିବସ __________ ତାରିଖରେ ପାଳନ କରାଯାଇଥାଏ ।

ଉ. ଅକ୍ଟୋବର ୧୭

୮ । ବିଶ୍ୱ ଏଡ଼ସ୍ ଦିବସ __________ ତାରିଖରେ ପାଳନ କରାଯାଇଥାଏ ।

ଉ. ଡିସେମ୍ବର ୧

୯ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO) ରେ __________ ଜଣ ସଦସ୍ୟ ଅଛନ୍ତି ।

ଉ. ୧୯୪

❖❖❖

# ଦଶମ ଅଧ୍ୟାୟ

## ପରିବେଶ ଓ ପ୍ରାକୃତିକ ସମ୍ପଦ
## (ENVIRONMENT AND NATURAL RESOURCES)

## ପରିବେଶ ଓ ପ୍ରକୃତି ସମ୍ବଳ, ବିଶ୍ୱ ପରିବେଶ ପ୍ରସଙ୍ଗ, ବିକାଶ ଓ ପରିବେଶ; ବିଶ୍ୱ ତାପୟନ ଓ ଜଳବାୟୁ ପରିବର୍ତ୍ତନ ପରିବେଶ (ENVIRONMENT)

ସଂରଚନା :


୧୦. ଉଦ୍ଦେଶ୍ୟ

୧୦.୧ ପରିବେଶ - ଅର୍ଥ ଓ ପ୍ରକାର ଭେଦ

୧୦.୨ ପ୍ରାକୃତିକ ସମ୍ପଦ ଓ ଏହାର ପ୍ରକାର ଭେଦ

୧୦.୩ ବିଶ୍ୱ ପରିବେଶ ଅନୁଚିନ୍ତା

୧୦.୪ ବିକାଶ ଓ ପରିବେଶ

୧୦.୪.୧ ବିକାଶର ନକରାତ୍ମକ ପ୍ରତିକ୍ରିୟା

୧୦.୫ ବିଶ୍ୱ ତାପମାତ୍ରା ବୃଦ୍ଧି-କାରଣ ଓ ପ୍ରଭାବ

୧୦.୬ ଜଳବାୟୁ ପରିବର୍ତ୍ତନ-କାରଣ ଓ ପ୍ରଭାବ

୧୦.୭ ପରିବେଶ ସୁରକ୍ଷା ପାଇଁ ଉଦ୍ୟମ

୧୦.୮ ସାରାଂଶ

୧୦.୯ ନିଜର ପ୍ରଗତି ପରୀକ୍ଷାପାଇଁ ଅନୁଶୀଳନୀ

୧୦.ଉଦ୍ଦେଶ୍ୟ :

ଏହି ପରିଚ୍ଛେଦ ପାଠପରେ ଆପଣମାନେ

- ପ୍ରାକୃତିକ ସମ୍ପଦ ଓ ଏହାର ପ୍ରକାର ଭେଦ
- ବିକାଶ ଓ ପରିବେଶର ନକାରାତ୍ମକ ଦିଗ
- ବିଶ୍ୱ ତାପମାତ୍ରା ବୃଦ୍ଧି-କାରଣ ଓ ପ୍ରଭାବ
- ଜଳବାୟୁ ପରିବର୍ତ୍ତନ-କାରଣ ଓ ପ୍ରଭାବ
- ପରିବେଶ ସୁରକ୍ଷା ପାଇଁ ଉଦ୍ୟମ.

## ୧୦.୧ ପରିବେଶ - ଅର୍ଥ ଓ ପ୍ରକାର ଭେଦ

ଆମ ଚାରିପଟେ ଥିବା ସମସ୍ତ ପ୍ରାକୃତିକ, ଭୌତିକ, ରାସାୟନିକ ଓ ଜୈବିକ ଅବସ୍ଥା ଯାହା ଆମ ଜନଜୀବନକୁ ପ୍ରଭାବିତ କରେ ତାହାକୁ ପରିବେଶ କୁହାଯାଏ । ବାୟୁ, ଜଳ, ମୃତ୍ତିକା, ପ୍ରାଣୀଜଗତ, ଉଦ୍ଭିଦ ଜଗତ ଇତ୍ୟାଦି ଆମ ପରିବେଶର ଅଂଶବିଶେଷ । ପରିବେଶ ସବୁବେଳେ ଆମ ଜନଜୀବନକୁ ପ୍ରଭାବିତ କରିଆସିଛି ।

**ପ୍ରକାରଭେଦ (Types) :**

ପରିବେଶ ୨ ପ୍ରକାର ଯଥା- ପ୍ରାକୃତିକ ପରିବେଶ ଓ ମାନବୀୟ ପରିବେଶ । ଯେଉଁ ଉପାଦାନଗୁଡ଼ିକ ପ୍ରାକୃତିକ ଉପାୟରେ କେଉଁ ଆବାହମାନ କାଳରୁ ଜନଜୀବନକୁ ପ୍ରଭାବିତ କରି ଆସୁଅଛି ତାହାକୁ ପ୍ରାକୃତିକ ପରିବେଶ କୁହାଯାଏ । ବାୟୁମଣ୍ଡଳ, ବାରିମଣ୍ଡଳ, ଜୀବମଣ୍ଡଳ ଓ ଅଶ୍ମମଣ୍ଡଳକୁ ନେଇ ପ୍ରାକୃତିକ ପରିବେଶ ସୃଷ୍ଟି ହୋଇଥାଏ । ଜୀବନଧାରଣର ସମସ୍ତ ଉପାଦାନ ମଣିଷ ପ୍ରାକୃତିକ ପରିବେଶରୁ ହିଁ ପାଇଥାଆନ୍ତି ।

ପ୍ରାକୃତିକ ପରିବେଶ ମଧ୍ୟ ଦୁଇଟି ଉପାଦାନକୁ ନେଇ ଗଠିତ । ଯଥା- ସଜୀବ ଜଗତ (bio factors) ଓ ନିର୍ଜୀବ ଜଗତ (abiotic factors) ସମସ୍ତ ପ୍ରାଣୀଜଗତ, ମନୁଷ୍ୟ ଜଗତ ଓ ଉଦ୍ଭିଦ ଜଗତକୁ ନେଇ ସଜୀବ ଜଗତ ଗଠିତ । ଅନ୍ୟ ପକ୍ଷରେ ନଦୀ, ନାଳ, ହ୍ରଦ, ପର୍ବତ, ବାୟୁ ମଣ୍ଡଳ, ସୂର୍ଯ୍ୟାଲୋକ ଇତ୍ୟାଦିକୁ ନେଇ ନିର୍ଜୀବ ଜଗତ ଗଠିତ । ଉଭୟ ସଜୀବ ଜଗତ ଓ ନିର୍ଜୀବ ଜଗତ ପରସ୍ପର ଉପରେ ନିର୍ଭରଶୀଳ । ସଜୀବ ଜଗତକୁ ପ୍ରାକୃତିକ ପରିବେଶର ଜୈବିକ ଉପାଦାନ କୁହାଯାଏ । ନିର୍ଜୀବ ଜଗତକୁ ପ୍ରାକୃତିକ ପରିବେଶର ଭୌତିକ ଉପାଦାନ କୁହାଯାଏ । ଉଭୟ ଭୌତିକ ଓ ଜୈବିକ ଉପାଦାନକୁ ନେଇ ପ୍ରାକୃତିକ ପରିବେଶ ଗଠିତ ।

ଅନ୍ୟ ପକ୍ଷରେ ମାନବୀୟ ପରିବେଶ ଜନସଂଖ୍ୟା, ଜନବସତି ଓ ମଣିଷ ମାନଙ୍କର ସାମାଜିକ ଅବସ୍ଥାକୁ ନେଇ ଗଠିତ । ଏହା ମଣିଷ ଦ୍ୱାରା ସୃଷ୍ଟି କରାଯାଇଥିବା ଏକ ପରିବେଶ ଯାହା ଦ୍ୱାରା ମଣିଷ ନିଜର ଉତ୍ତରୋତ୍ତର ଉନ୍ନତି କରିବାକୁ ଚେଷ୍ଟା କରିଥାଏ ।

ଉଭୟ ପରିବେଶ ଓ ଜୀବଜଗତ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ଉଭୟ ପରସ୍ପର ଉପରେ ନିର୍ଭରଶୀଳ ।

## ୧୦.୨ ପ୍ରାକୃତିକ ସମ୍ପଦ ଓ ଏହାର ପ୍ରକାର ଭେଦ

**ପ୍ରାକୃତିକ ସମ୍ପଦ (Natural Resources) :**

ପ୍ରାକୃତିକ ଭୌତିକ ପରିବେଶରେ ଅନେକ ଗୁଡ଼ିଏ ଉପାଦାନ ଥାଏ ଯଥା- ବାୟୁ, ଜଳ, ମୃତ୍ତିକା ସୂର୍ଯ୍ୟଶକ୍ତି ଇତ୍ୟାଦି । ଉକ୍ତ ଉପାଦାନ ଗୁଡ଼ିକ ମନୁଷ୍ୟ ନିଜ ଆବଶ୍ୟକତା ପୂରଣ ପାଇଁ ବ୍ୟବହାର କରେ । ତାହାକୁ ପ୍ରାକୃତିକ ସମ୍ପଦ କହନ୍ତି । ଅର୍ଥାତ୍ ପ୍ରକୃତି ମଧ୍ୟରେ ଗଚ୍ଛିତ ଥିବା ସମସ୍ତ ସମ୍ପଦ ଯାହା ମନୁଷ୍ୟର ଆବଶ୍ୟକତା ପୂରଣ ପାଇଁ ବିନିଯୋଗ କରାଯାଇପାରେ ତାହାକୁ ପ୍ରାକୃତିକ ସମ୍ପଦ କୁହାଯାଏ । ପ୍ରାକୃତିକ ସମ୍ପଦର ବିନିଯୋଗ ପାଇଁ ଉପଯୁକ୍ତ କାରୀଗରୀ ଜ୍ଞାନକୌଶଳ (Technology) ର ଆବଶ୍ୟକତା ଅଛି । ଯେଉଁ ଦେଶ କାରିଗରୀ ଜ୍ଞାନକୌଶଳ ବିକାଶରେ ପଛୁଆ, ସେ ଦେଶ ପ୍ରାକୃତିକ ସମ୍ପଦରେ ଭରପୁର ହେଲେ ମଧ୍ୟ ତାହାର ସୁବିନିଯୋଗ କରିପାରେ ନାହିଁ । ତେଣୁ ସେ ଦେଶ ପଛୁଆ ଅଟେ ।

**ପ୍ରକାରଭେଦ (Types) :**

ପ୍ରାକୃତିକ ସମ୍ପଦ ଦୁଇ ପ୍ରକାରର । ଯଥା :

**(୧) ନବୀକରଣ ଯୋଗ୍ୟ ପ୍ରାକୃତିକ ସମ୍ପଦ (Renewable Resources) :** ଯେଉଁ ପ୍ରାକୃତିକ ସମ୍ପଦକୁ ବାରମ୍ବାର ବିନିଯୋଗ ବା ବ୍ୟବହାର କଲେ ମଧ୍ୟ ତାହା କ୍ଷୟ ହୋଇନଥାଏ ଓ ତାହା ପୁଣି ଏକାଧିକ ବାର ବିନିଯୋଗ କରାଯାଇପାରେ ତାହାକୁ ନବୀକରଣ ଯୋଗ୍ୟ ପ୍ରାକୃତିକ ସମ୍ପଦ କୁହାଯାଏ । ଉଦାହରଣତଃ- ଜଳ, ବାୟୁ, ସୌରଶକ୍ତି ଇତ୍ୟାଦି ।

**(୨) ନବୀକରଣ ଅଯୋଗ୍ୟ ପ୍ରାକୃତିକ ସମ୍ପଦ (Non-Renewable Resources) :** ଯେଉଁ ପ୍ରାକୃତିକ ସମ୍ପଦ ଗୁଡ଼ିକ ବାରମ୍ବାର ବିନିଯୋଗ କଲେ ଧୀରେ ଧୀରେ କ୍ଷୟ ହୋଇଥାଏ ଏବଂ ପରବର୍ତ୍ତୀ ସମୟରେ ଏହା ସମ୍ପୂର୍ଣ୍ଣ ବିଲୋପ ହୋଇଥାଏ ତାହାକୁ ନବୀକରଣ ଅଯୋଗ୍ୟ ପ୍ରାକୃତିକ ସମ୍ପଦ କୁହାଯାଏ । ଉଦାହରଣ ସ୍ୱରୂପ, ଜଙ୍ଗଲ, ଖଣିଜ ପଦାର୍ଥ ଯଥା- ଲୁହା, କୋଇଲା, ବକ୍ସାଇଟ୍, ମାଙ୍ଗାନିଜ୍, ସୁନା, ରୂପା, ଖଣିଜ ତୈଳ ଯଥା- ପେଟ୍ରୋଲ, ଡିଜେଲ୍, କିରୋସିନ୍ ଇତ୍ୟାଦି ।

**୧୦.୩ ବିଶ୍ୱ ପରିବେଶ ଅନୁଚିନ୍ତା (Global Environmental Concens) :**

ପୃଥିବୀ ହେଉଛି ଏକମାତ୍ର ଜୀବସତ୍ତା ଥିବା ଗ୍ରହ କାରଣ ଏହାର ବାୟୁମଣ୍ଡଳ ଓ ପରିବେଶ ଜୀବନ ସତ୍ତା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । କେଉଁ ଆବହମାନ କାଳରୁ ପୃଥିବୀରେ ପ୍ରାଣୀଜଗତ, ଉଦ୍ଭିଦ ଜଗତ, ପ୍ରାକୃତିକ ପରିବେଶ ଓ ବାୟୁମଣ୍ଡଳ ମଧ୍ୟରେ ଏକ ସନ୍ତୁଳନ ରକ୍ଷା ହୋଇଆସିଛି ।

କିନ୍ତୁ ଅଷ୍ଟାଦଶ ଶତାବ୍ଦୀରେ ଇଉରୋପରେ ଶିଳ୍ପ ବିପ୍ଳବ (Industrial Revolution) ଏବଂ ପୁଞ୍ଜିବାଦ (Capitalism) ର ବିକାଶ ଫଳରେ ବିଶ୍ୱ ପରିବେଶ ସନ୍ତୁଳନ ଧୀରେ ଧୀରେ ବିଗିଡି ଯାଇଛି । କ୍ରମବର୍ଦ୍ଧିଷ୍ଣୁ ଉପଭୋକ୍ତାବାଦୀ ଭୋଗବିଳାସୀ ସଂସ୍କୃତି, ଦ୍ରୁତ ଶିଳ୍ପାୟନ, ସହରୀକରଣ, ଯାନବାହନ ବୃଦ୍ଧି, ବୃହତ୍ ଶିଳ୍ପ ସ୍ଥାପନ, ଜଙ୍ଗଲ କ୍ଷୟ ଓ ସର୍ବୋପରି ପ୍ରାକୃତିକ ସମ୍ପଦର ଅତ୍ୟଧିକ ବିନିଯୋଗ ଦ୍ୱାରା ବିଶେଷକରି ପାଶ୍ଚାତ୍ୟ ଦେଶମାନେ ନିଜର ଆର୍ଥିକ ଅଭିବୃଦ୍ଧି କରିଛନ୍ତି । ତାଙ୍କୁ ଦେଖି ଏସିଆ, ଆଫ୍ରିକା ଲାଟିନ୍ ଆମେରିକାର ଦେଶମାନେ ମଧ୍ୟ ଏହି ବିକଶିତ ଦେଶମାନଙ୍କ ସହିତ ସମକକ୍ଷ ହେବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ବିକାଶ ନାମରେ ପ୍ରାକୃତିକ ସମ୍ପଦର ମନଇଚ୍ଛା ବିନିଯୋଗ କରାହେଉଛି । ଫଳରେ ଜଙ୍ଗଲ କ୍ଷୟ ହେବା ସହିତ ପରିବେଶର ମଧ୍ୟ ଅବକ୍ଷୟ ହେଉଛି । ଦ୍ରୁତ ଶିଳ୍ପାୟନ ଫଳରେ ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଜଙ୍ଗଲ ଧ୍ୱଂସ, ଅମ୍ଳବର୍ଷା, ବିଶ୍ୱ ତାପମାତ୍ରା ବୃଦ୍ଧି, ଋତୁଚକ୍ର ପରିବର୍ତ୍ତନରେ ଅନିୟମିତତା ଇତ୍ୟାଦି ବହୁବିଧ ସମସ୍ୟା ମଣ୍ଡ ଟେକିଛି ।

ଏହା ହିଁ ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ହୋଇ ଠିଆ ହୋଇଛି । ଏହା ସହିତ ପ୍ରାକୃତିକ ସମ୍ପଦର ଦ୍ରୁତ ଅବକ୍ଷୟ ମଧ୍ୟ ବିଶ୍ୱ ସମୁଦାୟ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଆଗକାଳରେ ବିଶ୍ୱାସ କରାହେଉଥିବା ଯେ, ପ୍ରାକୃତିକ ସମ୍ପଦ ଆମ ପୃଥିବୀ ପୃଷ୍ଠରେ ପ୍ରଚୁର ମାତ୍ରାରେ ଅଛି ଓ ତାହାର ଯଥେଷ୍ଟ ବିନିଯୋଗ କରାଯିବା ଉଚିତ୍ । କିନ୍ତୁ ମନଇଚ୍ଛା ବ୍ୟବହାର ଫଳରେ ଆମର ଖଣିଜ ସମ୍ପଦ ଯଥା : କୋଇଲା, ଲୁହାପଥର, ବକ୍ସାଇଟ୍, ମାଙ୍ଗାନିଜ୍, ଆଲୁମିନିୟମ୍, ତମ୍ବା ଇତ୍ୟାଦି ଏବଂ ଜୀବାଶ୍ମ ଓ ଖଣିଜ ତୈଳ ଯଥା : ପେଟ୍ରୋଲ, ଡିଜେଲ୍ ଇତ୍ୟାଦି ବହୁଳ ବ୍ୟବହାର ଫଳରେ ଏହିସବୁ ନବୀକରଣ ଅଯୋଗ୍ୟ ପ୍ରାକୃତିକ ସମ୍ପଦ ଧୀରେ ଧୀରେ ହ୍ରାସ ହୋଇଚାଲିଛି । ଏହିସବୁ ପ୍ରାକୃତିକ ସମ୍ବଳର ସୁବିନିଯୋଗ ନକଲେ ହୁଏତ ଆସନ୍ତା ୫୦ରୁ ୧୦୦ ବର୍ଷ ମଧ୍ୟରେ ଏହି ସମସ୍ତ ପ୍ରାକୃତିକ ସମ୍ପଦ ପୃଥିବୀପୃଷ୍ଠରୁ ଲୋପ ପାଇଯିବ । ଦ୍ରୁତ ଜଙ୍ଗଲ ଅବକ୍ଷୟ ଯୋଗୁଁ ପାଣିପାଗରେ ପରିବର୍ତ୍ତନ ହେବା ସହିତ ଜଳବାୟୁରେ ମଧ୍ୟ ଅନେକ ତାରତମ୍ୟ ଲକ୍ଷ୍ୟ କରାଯାଉଛି । ବିଶ୍ୱ ତାପମାତ୍ରା ଧୀରେ ଧୀରେ ବୃଦ୍ଧି ପାଉଛି ଓ ଋତୁଚକ୍ର ପରିବର୍ତ୍ତନରେ ଅନିୟମିତତା ଦେଖାଯାଉଛି ।

ଏହିସବୁ ସମସ୍ୟାର ସଠିକ୍ ଓ ଧୈର୍ଯ୍ୟପୂର୍ଣ୍ଣ ସମାଧାନ ନକଲେ ପୃଥିବୀ ପୃଷ୍ଠରୁ ଜୀବସତ୍ତାର ବିଲୋପ ହେବାର ପଥ ପରିଷ୍କାର ହୋଇଯିବ ।

ବର୍ତ୍ତମାନ ବିଶ୍ୱ ସମୁଦାୟ ଆଗରେ ସବୁଠାରୁ ବଡ଼ଚିନ୍ତା ହେଉଛି କିଭଳି ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷାକରିବା । କାରଣ ଉଭୟ ପରସ୍ପରର ପରିପୂରକ । ପ୍ରାକୃତିକ ସମ୍ପଦ ଓ ପରିବେଶର ଯୋଜନାବଦ୍ଧ ଭାବରେ ସୁବିନିଯୋଗ କରିପାରିଲେ ଆମ ପରବର୍ତ୍ତୀ ପିଢ଼ୀମାନେ ମଧ୍ୟ ପ୍ରାକୃତିକ ପରିବେଶ ଓ ସମ୍ବଳର ସୁବିନିଯୋଗ କରିବା ପାଇଁ ସୁଯୋଗ ପାଇବେ ଅନ୍ୟଥା ଜୀବସତ୍ତା ଧ୍ୱଂସ ପାଇବ ।

ପ୍ରାକୃତିକ ପରିବେଶ ଓ ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ବିଶ୍ୱସ୍ତରରେ ପ୍ରୟାସ ୧୯୭୦ ଦଶକରୁ ଆରମ୍ଭ ହୋଇଛି । ୧୯୮୨ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ବିଶ୍ୱ ପ୍ରକୃତି ସନନ୍ଦ (World Charter for Nature) ଗୃହୀତ କରିଥିଲା । ୧୯୮୭ ମସିହାରେ ହେଗ୍ ଠାରେ ବିକାଶ ଓ ପରିବେଶ ପାଇଁ ବିଶ୍ୱ ସମ୍ମିଳନୀ ହୋଇଥିଲା ଯେଉଁଥିରେ ମଣିଷଙ୍କ ମୌଳିକ ପରିବେଶଗତ ଅଧିକାରକୁ ସ୍ୱୀକାର କରାହୋଇଥିଲା । ୧୯୯୨ ମସିହାରେ ବ୍ରାଜିଲର ରାଜଧାନୀ ରିଓ-ଡି-ଜେନିରୋ ଠାରେ ବିଶ୍ୱ ବିକାଶ ଓ ପରିବେଶ ସମ୍ମିଳନୀରେ ୧୭୨ ଟି ଦେଶ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ୧୯୯୫ ମସିହା ଠାରୁ ପ୍ରତିବର୍ଷ ପୃଥିବୀର ବିଭିନ୍ନ ଦେଶରେ ମିଳିତ ଜାତିସଂଘ ଆନୁକୂଲ୍ୟରେ ଋତୁଚକ୍ର ପରିବର୍ତ୍ତନ ସମ୍ମିଳନୀ ହୋଇଆସୁଛି ।

ଏହିସବୁ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କିଭଳି ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇପାରିବ ଓ ପ୍ରାକୃତିକ ପରିବେଶର ସୁରକ୍ଷା ହୋଇପାରିବ । ଏହା ଫଳରେ ବିକାଶର ଫଳ ଆମ ପରବର୍ତ୍ତୀ ପିଢ଼ୀ ମଧ୍ୟ ଉପଭୋଗ କରିପାରିବ ।

**୧୦.୪ ବିକାଶ ଓ ପରିବେଶ (Development and Environment) :**

ସାଧାରଣ ଅର୍ଥରେ ବିକାଶ କହିଲେ ପ୍ରଗତି, ଉନ୍ନତି ଓ ଅଭିବୃଦ୍ଧିକୁ ବୁଝାଏ । ଏହା ଏକ ବହୁମୁଖୀ ପ୍ରକ୍ରିୟା ଓ ଏହାର ପରିସର ଅତି ବ୍ୟାପକ । ମାନବ ସଭ୍ୟତାର ପ୍ରଗତି ସହିତ ବିକାଶ ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ ଆସିଛି । ସାମ୍ପ୍ରତିକ ସମୟରେ ବିକାଶ ମୁଖ୍ୟତଃ ଆର୍ଥିକ ଅଭିବୃଦ୍ଧି, ଶିଳ୍ପାୟନ, ଭିତ୍ତିଭୂମିର ବିକାଶ, ସହରୀକରଣ, ପୁଞ୍ଜି ବିନିଯୋଗ, ଜାତୀୟ ଓ ମୁଣ୍ଡପିଛା ଆୟର ଅଭିବୃଦ୍ଧି ସହିତ ଜଡ଼ିତ ।

କିନ୍ତୁ ବିକାଶ ପ୍ରକ୍ରିୟା ସହିତ ପରିବେଶର ଏକ ଗଭୀର ସମ୍ପର୍କ ରହିଛି । କାରଣ ପରିବେଶରେ ଗଚ୍ଛିତ ଥିବା ସମ୍ପଦର ସୁବିନିଯୋଗ ଦ୍ୱାରା ହିଁ ବିକାଶ ସମ୍ଭବ ହୋଇଥାଏ । କିନ୍ତୁ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବିନିଯୋଗ ଓ ଅନିୟନ୍ତ୍ରିତ ଉତ୍ତୋଳନ ପରିବେଶର ସନ୍ତୁଳନକୁ ବିଗାଡ଼ିଥାଏ ।

ସମସାମୟିକ ବିଶ୍ୱରେ ପଛୁଆ ରାଷ୍ଟ୍ରମାନେ ଅନ୍ୟାନ୍ୟ ବିକଶିତ ରାଷ୍ଟ୍ରର ସମକକ୍ଷ ହେବା ପାଇଁ ବୃହତ୍ କଳକାରଖାନା ସ୍ଥାପନ, ଭିତ୍ତିଭୂମିର ବିକାଶ, ଶକ୍ତି ଉତ୍ପାଦନ ଓ ଦ୍ରୁତ ଆର୍ଥିକ ପ୍ରଗତି ଉପରେ ଗୁରୁତ୍ୱ ଦେଉଛନ୍ତି । ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ମଧ୍ୟ ମୁଣ୍ଡ ଟେକୁଛି । ଦ୍ରୁତ ଆର୍ଥିକ ଅଭିବୃଦ୍ଧି ପାଇଁ ପ୍ରାକୃତିକ ସମ୍ପଦର ଆଖିବୁଜା ବ୍ୟବହାର, ଜଙ୍ଗଲ ଧ୍ୱଂସ ଇତ୍ୟାଦି ଉପରେ ଜୋର୍ ଦିଆଯିବା ଫଳରେ ପ୍ରାକୃତିକ ସମ୍ପଦର ଅବକ୍ଷୟ ତଥା ଭୌଗୋଳିକ ଓ ପାରିପାର୍ଶ୍ୱିକ ପରିବେଶରେ ବ୍ୟାପକ ପରିବର୍ତ୍ତନ ହେବା ସହିତ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଋତୁଚକ୍ର ପରିବର୍ତ୍ତନରେ ଅନିୟମିତତା ଦେଖାଯାଉଛି ।

ଅର୍ଥାତ୍ ସମଗ୍ର ବିଶ୍ୱରେ ବିକାଶ ନାମରେ ଯେଉଁସବୁ କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଉଛି, ପରୋକ୍ଷରେ ତାହା ମନୁଷ୍ୟର ବିନାଶକୁ ଆମନ୍ତ୍ରଣ କରୁଛି । ପ୍ରକୃତ ବିକାଶ ପରିବେଶର ଅବକ୍ଷୟରେ ନୁହେଁ ବରଂ ପରିବେଶର ସୁରକ୍ଷା ଓ ପ୍ରାକୃତିକ ସମ୍ବଳର ସୁବିନିଯୋଗ ଉପରେ ନିର୍ଭର କରେ । କାରଣ ଅନିୟନ୍ତ୍ରିତ ଓ ଅତ୍ୟାଧିକ ସମ୍ବଳର ବିନିଯୋଗ ତାହାର ଦୁରୂପଯୋଗର କାରଣ ହୋଇଥାଏ ।

**୧୦.୪.୧ ବିକାଶର ନକରାତ୍ମକ ପ୍ରତିକ୍ରିୟା (Negative Impact of Development) :**

ବିକାଶର ପ୍ରଥମ ଲକ୍ଷ ହେଉଛି ଆର୍ଥିକ ଅଭିବୃଦ୍ଧି । ଏହା ପାଇଁ କଳକାରଖାନା ସ୍ଥାପନ, ଭିତ୍ତିଭୂମିର ବିକାଶ ତଥା ଖଣିଜ ସମ୍ପଦର ଉତ୍ତୋଳନ ଉପରେ ଗୁରୁତ୍ୱ ଦିଆଯାଏ । କିନ୍ତୁ ଏହା ଫଳରେ ପରିବେଶ ଉପରେ ନିମ୍ନଲିଖିତ ନକରାତ୍ମକ ପ୍ରଭାବ ପଡ଼େ ।

**(୧) ଜଳ ପ୍ରଦୂଷଣ (Water Pollution) :** ସିମେଣ୍ଟ ଶିଳ୍ପ, କାଗଜଶିଳ୍ପ, ରଙ୍ଗଶିଳ୍ପ, ଆଲୁମିନିୟମ ଶିଳ୍ପ, ଚମଡ଼ା ଶିଳ୍ପ, ଇସ୍ପାତ ଶିଳ୍ପ ଇତ୍ୟାଦିରୁ ନିର୍ଗତ ବର୍ଜ୍ୟବସ୍ତୁ ନଦୀ ସମୁଦ୍ରରେ ମିଶିବା ଯୋଗୁଁ ଜଳ ପ୍ରଦୂଷିତ ହୁଏ । ଏହାଛଡ଼ା କୃଷି କ୍ଷେତ୍ରରେ ପ୍ରୟୋଗ ହେଉଥିବା ରାସାୟନିକ ସାର ଓ କୀଟନାଶକ ଭୂତଳ ଜଳରେ ମିଶି ତାହାକୁ ପ୍ରଦୂଷିତ କରନ୍ତି । ଏହିସବୁ ଜଳ ବ୍ୟବହାର କରି ମଣିଷ ଓ ପଶୁପକ୍ଷୀ ରୋଗାକ୍ରାନ୍ତ ହୁଅନ୍ତି ।

**(୨) ବାୟୁ ପ୍ରଦୂଷଣ (Air Pollution) :** ବିଭିନ୍ନ ଶିଳ୍ପ ସଂସ୍ଥାନରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ ବାୟୁମଣ୍ଡଳରେ ମିଶି ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାଏ । ଯାନବାହାନରୁ ନିର୍ଗତ ହେଉଥିବା ଧୂଆଁ ମଧ୍ୟ ବାୟୁରେ ମିଶି ବାୟୁକୁ ପ୍ରଦୂଷିତ କରିଥାଏ । ଫଳରେ ବାୟୁମଣ୍ଡଳର ନିମ୍ନସ୍ତରରେ ଅଙ୍ଗାରକାମ୍ଳ ଗ୍ୟାସ ଜମାଟ ବାନ୍ଧି ଜୀବନ ଧାରଣରେ ସମସ୍ୟା ସୃଷ୍ଟି କରେ ।

**(୩) ମୃତ୍ତିକା ପ୍ରଦୂଷଣ (Soil Pollution) :** ବିଭିନ୍ନ ଶିଳ୍ପରୁ ନିର୍ଗର ପାଉଁଶ ନିକଟବର୍ତ୍ତୀ ଅଞ୍ଚଳରେ ଜମି ରହି ସେହି ଜମିକୁ କୃଷି ଅନୁପଯୋଗୀ କରିବା ସହିତ ମୃତ୍ତିକା ପ୍ରଦୂଷଣ କରିଥାଏ । କୃଷିରେ ବ୍ୟବହୃତ ରାସାୟନିକ ସାର ଓ ପୋକମରା ମଧ୍ୟ ମୃତ୍ତିକାର ଉର୍ବରତା ନଷ୍ଟ କରନ୍ତି ।

**(୪) ଜଙ୍ଗଲଧ୍ୱଂସ (Deforestation) :** ଜୀବଜଗତ ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ଜଙ୍ଗଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । କିନ୍ତୁ କଳକାରଖାନା ସ୍ଥାପନ, ଭିତ୍ତିଭୂମିର ନିର୍ମାଣ ଓ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ଖାଦ୍ୟ ଓ ବାସଗୃହ ନିର୍ମାଣ ପାଇଁ ଅବାଧରେ ଜଙ୍ଗଲ ସଫା କରାହେଉଛି । ଜଙ୍ଗଲ ଧ୍ୱଂସ ହେବା ଯୋଗୁଁ ବର୍ଷା ନହୋଇ ମରୁଡ଼ି ପଡ଼ିବା ସହିତ ତାପମାତ୍ରାରେ ମଧ୍ୟ ବୃଦ୍ଧି ଘଟୁଛି ।

**(୫) ସବୁଜ ଗୃହ ଗ୍ୟାସ ବଳୟରେ ବୃଦ୍ଧି (Increase in Green House Gases) :** ଅଙ୍ଗାରକାମ୍ଳ ଗ୍ୟାସ୍, ମିଥେନ୍, ଯବକ୍ଷାରଜାନ ଗ୍ୟାସ ଇତ୍ୟାଦି ଗ୍ୟାସକୁ ସବୁଜ ଗ୍ୟାସ୍ କୁହାଯାଏ । ଏମାନଙ୍କ ଯୋଗୁଁ ପୃଥିବୀର ବାୟୁମଣ୍ଡଳର ତାପମାତ୍ରା

ସ୍ଥିର ରହେ ଏବଂ ଜୀବସତ୍ତା ପାଇଁ ଏହା ଅନୁକୂଳ ପରିବେଶ ସୃଷ୍ଟି କରେ । କିନ୍ତୁ କଳକାରଖାନାରୁ ନିର୍ଗତ ଦୂଷିତ ଅଙ୍ଗାରକାମ୍ଳ ଗ୍ୟାସ୍, ମିଥେନ୍, ଯବକ୍ଷାରଜାନ ଇତ୍ୟାଦି ବାୟୁମଣ୍ଡଳରେ ମିଶିବା ଫଳରେ ଉକ୍ତ ସବୁଜ ଗ୍ୟାସ ବଳୟରେ ବୃଦ୍ଧି ହୁଏ । ଯାହା ଫଳରେ ପୃଥିବୀପୃଷ୍ଠରେ ପଡୁଥିବା ସୂର୍ଯ୍ୟ ରଶ୍ମୀ ଠିକ୍ ଭାବରେ ବିକିରଣ ହୋଇନପାରି ବାୟୁମଣ୍ଡଳରେ ମିଶିଯାଏ । ଏହା ଫଳରେ ବିଶ୍ୱତାପମାତ୍ରା ବୃଦ୍ଧି ପାଏ ।

**(୬) ପ୍ରାକୃତିକ ସମ୍ପଦର କ୍ଷୟ (Depletion of Natural Resources) :** ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତ୍ୟେକ ଦେଶ ଆଖିବୁଜା ପ୍ରାକୃତିକ ଖଣିଜ ସମ୍ପଦ ଉତ୍ତୋଳନ କରିଚାଲିଛନ୍ତି । ଯାନବାହନର ବୃଦ୍ଧି ପାଇଁ ଜୀବାଶ୍ମ ଓ ଖଣିଜ ତୈଳ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଚାଲିଛି । ଫଳରେ କ୍ଷୟପ୍ରାପ୍ତ ପ୍ରାକୃତିକ ସମ୍ପଦ ଧୀରେ ଧୀରେ କ୍ଷୟ ହେବାକୁ ଲାଗିଛି । ଯଦି ଏହିସବୁ ପ୍ରାକୃତିକ ସମ୍ପଦର ସୁନିୟନ୍ତ୍ରିତ ଉତ୍ତୋଳନ କରାନଯିବ ତେବେ ଆସନ୍ତା ୫୦ ରୁ ୧୦୦ ବର୍ଷ ମଧ୍ୟରେ ପୃଥିବୀ ପୃଷ୍ଠରୁ ଏହି ସବୁ ଖଣିଜ ସମ୍ପଦ ଶେଷ ହୋଇଯିବ ଏବଂ ବିଶ୍ୱ ଜନସଂଖ୍ୟା ଅନେକ ସମସ୍ୟାରେ ପଡ଼ିବେ ।

**(୭) ଓଜୋନସ୍ତର ହ୍ରାସ (Depletion of Ozone Layer) :** ପୃଥିବୀର ବାୟୁମଣ୍ଡଳର ନିମ୍ନସ୍ତରରେ ସବୁଜ ଗ୍ୟାସ ବଳୟ ରହିଥିବା ବେଳେ ଉପରସ୍ତରରେ ଓଜୋନ ଗ୍ୟାସ ବଳୟ ରହିଛି । ଏହା ଆମକୁ ସୂର୍ଯ୍ୟର ଅତିବାଇଗଣୀ ରଶ୍ମୀ (Ultra Violet Rays) ପ୍ରଭାବରୁ ମୁକ୍ତି ଦିଏ । ଅର୍ଥାତ୍, ସୂର୍ଯ୍ୟକିରଣ ପୃଥିବୀ ପୃଷ୍ଠରେ ପଡ଼ିବା ପୂର୍ବରୁ ଓଜୋନ୍ ସ୍ତର ତାହାର ଅତିବାଇଗଣୀ ରଶ୍ମୀକୁ ଛାଣି ରଖିଦେଇଥାଏ । କିନ୍ତୁ କଳକାରଖାନାରୁ ଅବିରତ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳ ଗ୍ୟାସ ଯୋଗୁଁ ଓଜୋନ ସ୍ତରରେ କ୍ଷତ ସୃଷ୍ଟି ହୋଇଛି । ଓଜୋନ ସ୍ତର ଧୀରେ ଧୀରେ ହ୍ରାସ ପାଇଚାଲିଛି । ଯଦି ଓଜୋନ ସ୍ତର ହ୍ରାସ ପାଇବ ତେବେ ସୂର୍ଯ୍ୟର ଅତିବାଇଗଣୀ ରଶ୍ମୀ ପ୍ରଭାବରେ ପୃଥିବୀରେ ମାରାତ୍ମକ ରୋଗ ଯଥା- କ୍ୟାନସର୍ ଇତ୍ୟାଦି ବୃଦ୍ଧି ପାଇବ ।

ଉପରୋକ୍ତ ନକରାତ୍ମକ ପ୍ରତିକ୍ରିୟା ସହିତ ଅନ୍ୟ ଦୁଇଟି ମୁଖ୍ୟ ପ୍ରତିକ୍ରିୟା ମଧ୍ୟ ରହିଛି । ଯଥା : ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଋତୁଚକ୍ର ପରିବର୍ତ୍ତନରେ ଅନିୟମିତତା । ଉକ୍ତ ଦୁଇଟି ପ୍ରତିକ୍ରିୟାକୁ ନିମ୍ନରେ ବିଶଦ୍ ଭାବରେ ବର୍ଣ୍ଣନା କରାଗଲା ।

## ୧୦.୫ ବିଶ୍ୱ ତାପମାତ୍ରା ବୃଦ୍ଧି (Global Warming) : କାରଣ ଓ ପ୍ରଭାବ

ସାମ୍ପ୍ରତିକ ସମୟରେ ବିଶ୍ୱବାସୀ ସମ୍ମୁଖୀନ ହେଉଥିବା ସମସ୍ୟା ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ବିଶ୍ୱ ତାପମାତ୍ରା ବୃଦ୍ଧି । ବିଶ୍ୱ ତାପୟନ (Global Warming) ର ଅର୍ଥ ହେଲା ପୃଥିବୀ ପୃଷ୍ଠର ତାପମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇବା । ବିଗତ ୧୦୦ ବର୍ଷ ମଧ୍ୟରେ ବିଶ୍ୱ ତାପମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇଚାଲିଛି । ଏହା ଫଳରେ ଅନେକ ସମସ୍ୟା ସୃଷ୍ଟି ହେଉଛି ।

ବିଶ୍ୱ ତାପମାତ୍ରା ବୃଦ୍ଧି ସମ୍ପର୍କରେ ପ୍ରଥମେ ଜୋସେଫ୍ ଫୋରିୟର ୧୮୨୪ ମସିହାରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ବାୟୁମଣ୍ଡଳ ଦ୍ୱାରା ସୌରରଶ୍ମୀ ପାଶବଦ୍ଧ ହୋଇ ରହୁଥିବା ଯୋଗୁଁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଉଛି । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ନୋବେଲ୍ ବିଜେତା R Haynes ଏ ସମ୍ପର୍କରେ ଫୋରିୟରଙ୍କ ଆବିଷ୍କାରକୁ ସବୁଜଗୃହ ପ୍ରଭାବ (Green House effect) ବୋଲି ମତ ଦେଇଥିଲେ ।

**ବିଶ୍ୱ ତାପମାତ୍ରା ବୃଦ୍ଧିର କାରଣ :**

ବିଶ୍ୱ ତାପମାତ୍ରା ବୃଦ୍ଧିର ତିନୋଟି ମୁଖ୍ୟ କାରଣ ଅଛି । ସେଗୁଡ଼ିକ ହେଲା :

**(୧) ବାୟୁମଣ୍ଡଳରେ ସବୁଜ ଗୃହ ବାଷ୍ପର ପ୍ରଭାବ :** ଅଙ୍ଗାରକାମ୍ଳ, ଯବକ୍ଷାରଜାନ, ମିଥେନ୍ ଇତ୍ୟାଦି ଗ୍ୟାସକୁ ସବୁଜ ଗ୍ୟାସ କୁହାଯାଏ । ଏହି ସବୁଜ ଗ୍ୟାସ ପୃଥିବୀର ବାୟୁମଣ୍ଡଳରେ ଆବହମାନ କାଳରୁ ପ୍ରାକୃତିକ ଉପାୟରେ ଅଛନ୍ତି । ଏହାଦ୍ୱାରା

ପୃଥିବୀର ଜଳବାୟୁ ଉତ୍ତପ୍ତ ରହି ଜୀବନ ସତ୍ତା ପାଇଁ ଉପଯୋଗୀ ପାଲଟିଛି । ଅନ୍ୟ ଗ୍ରହରେ ପୃଥିବୀର ବାୟୁମଣ୍ଡଳର ନିମ୍ନସ୍ତରରେ ଉକ୍ତ ସବୁଜଗ୍ୟାସ ଗୁଡ଼ିକ ଏକ ବଳୟ ସୃଷ୍ଟି କରିରହିଛନ୍ତି । ତେଣୁ ଏଗୁଡ଼ିକୁ ସବୁଜ କୋଠରୀ ଗ୍ୟାସ କୁହାଯାଏ । କିନ୍ତୁ ବିଗତ ୧୦୦ ବର୍ଷ ମଧ୍ୟରେ ଏହି ପ୍ରାକୃତିକ ସବୁଜ କୋଠରୀ ଗ୍ୟାସ ସହିତ କୃତ୍ରିମ ଉପାୟରେ କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ, ମିଥେନ୍, ନାଇଟ୍ରୋସ ଅକ୍ସାଇଡ୍, କ୍ଲୋରୋଫ୍ଲୋରୋ କାର୍ବନ ଇତ୍ୟାଦି ମିଶୁଛି । ଫଳରେ ସବୁଜ କୋଠରୀ ଗ୍ୟାସର ମାତ୍ରା ବାୟୁମଣ୍ଡଳରେ ବୃଦ୍ଧି ପାଇଚାଲିଛି ।

ଦିନରେ ସୂର୍ଯ୍ୟରଶ୍ମୀ ବାୟୁମଣ୍ଡଳ ଭେଦ କରି ପୃଥିବୀ ପୃଷ୍ଠରେ ପଡ଼େ । ମାତ୍ର ରାତିରେ ସେସବୁ ଉତ୍ତାପ ପୃଥିବୀରୁ ପୁନଃ ବିଚ୍ଛୁରିତ ହୋଇ ବାୟୁମଣ୍ଡଳ ବାହାରକୁ ଚାଲିଯାଏ । ଫଳରେ ପୃଥିବୀରେ ଦିନରେ ଗରମ ଅନୁଭୂତ ହେଉଥିବା ବେଳେ ରାତିରେ ଅପେକ୍ଷାକୃତ ଥଣ୍ଡା ହୁଏ । କିନ୍ତୁ ସବୁଜ ବଳୟ ଗ୍ୟାସର ବୃଦ୍ଧି ଯୋଗୁଁ ରାତିରେ ବିଚ୍ଛୁରିତ ହେଉଥିବା ସମସ୍ତ ଉତ୍ତାପ ବାୟୁମଣ୍ଡଳ ଭେଦ କରି ଯାଇପାରେ ନାହିଁ । କିଛି ଉତ୍ତାପ ବାୟୁମଣ୍ଡଳର ନିମ୍ନସ୍ତରରେ ଜମିରହେ । ଫଳରେ ପୃଥିବୀର ତାପମାତ୍ରା ରାତିରେ ମଧ୍ୟ ଉତ୍ତପ୍ତ ରହେ । ବିଗତ କିଛି ଦଶନ୍ଧି ଧରି ଏହି ଉତ୍ତାପ ଧୀରେ ଧୀରେ ବୃଦ୍ଧି ପାଇଚାଲିଛି ଏବଂ ପୃଥିବୀର ତାପମାତ୍ରା ସେହି ଅନୁସାରେ ବୃଦ୍ଧି ପାଇଛି ।

**(୨) ଓଜୋନ ସ୍ତର ହ୍ରାସ :** ବାୟୁମଣ୍ଡଳର ଉପରସ୍ତରକୁ ଓଜୋନ ସ୍ତର କୁହାଯାଏ । ଏହା ଭୂପୃଷ୍ଠରୁ ୧୦ ରୁ ୧୫ କି.ମି. ଉପରେ ଥାଏ । ଏହି ଓଜୋନ ସ୍ତର ସୂର୍ଯ୍ୟର ଅତିବାଇଗଣୀ ରଶ୍ମୀ (Ultra Violet Rays) କୁ ଅଟକାଇ ଥାଏ । ଏହା ପୃଥିବୀ ଉପରେ ଛାତ ଭଳି ରହି ସୂର୍ଯ୍ୟଙ୍କ କ୍ଷତିକାରକ ରଶ୍ମୀ ପ୍ରଭାବରୁ ଜୀବଜଗତକୁ ରକ୍ଷା କରିଥାଏ ।

ମାତ୍ର ବାୟୁମଣ୍ଡଳରେ କ୍ଲୋରୋଫ୍ଲୋରୋ କାର୍ବନ, ମିଥେନ୍, ଅଙ୍ଗାରକାମ୍ଳ ଗ୍ୟାସ, କ୍ଲୋରିନ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଇତ୍ୟାଦି ବାଷ୍ପର ଅତ୍ୟଧିକ ନିର୍ଗମନ ହେତୁ ଓଜୋନ୍ ସ୍ତରରେ ଫାଟ ସୃଷ୍ଟି ହୋଇଛି ଓ ଏହି ସ୍ତର ଅବକ୍ଷୟ ହେବାକୁ ଲାଗିଛି । ଫଳରେ ସୂର୍ଯ୍ୟ ଅତିବାଇଗଣୀ ରଶ୍ମୀ ପୃଥିବୀ ପୃଷ୍ଠରେ ସିଧାସଳଖ ପହଞ୍ଚି ଧରାପୃଷ୍ଠକୁ ଉତ୍ତପ୍ତ କରୁଛି ।

**(୩) ଆଗ୍ନେୟଗିରିର ଉଦ୍‌ଗୀରଣ :** ପୃଥିବୀରେ ଏବେ ମଧ୍ୟ ଅନେକ ଜୀବନ୍ତ ଆଗ୍ନେୟଗିରି ଅଛି । ସେଥିରୁ ତରଳ ଲାଭା ଉଦ୍‌ଗୀରଣ ହେବା ଫଳରେ କ୍ଲୋରିନ୍, ମିଥେନ୍ ଓ ଅନ୍ୟାନ୍ୟ ବିଷାକ୍ତ ରାସାୟନିକ ଗ୍ୟାସ ନିର୍ଗମନ ହେଉଛି । ସେଗୁଡ଼ିକ ଓଜୋନ୍ ସ୍ତର ସହିତ ମିଶି ପ୍ରତିକ୍ରିୟା ସୃଷ୍ଟି କରି ଓଜୋନ ସ୍ତରରେ କ୍ଷତି କରୁଛନ୍ତି । ଫଳରେ ପୃଥିବୀପୃଷ୍ଠ ଉତ୍ତପ୍ତ ହେଉଛି ।

**ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରଭାବ (Impact of Global Warming) :**

ପରିବେଶବିତ୍ ମାନଙ୍କ ମତରେ ନିୟମିତ ବିଷାକ୍ତ ଗ୍ୟାସ ନିର୍ଗତ ହେବା ଫଳରେ ବିଗତ ୫୦ ବର୍ଷ ମଧ୍ୟରେ ପୃଥିବୀର ତାପମାତ୍ରା ହାରାହାରି ୦.୪ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇଛି । ଏହାର କୁପ୍ରଭାବ ଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

**(୧) ବରଫ ତରଳିବା (Ice Melting) :** ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରତ୍ୟକ୍ଷ ପ୍ରଭାବ ମେରୁ ଅଞ୍ଚଳରେ ଦେଖାଯାଇଛି । ମେରୁ ଅଞ୍ଚଳର ବରଫ ତରଳିବାକୁ ଲାଗିଛି । ଫଳରେ ମେରୁ ଅଞ୍ଚଳର ଧଳାଭାଲୁ (Polar Bear) ଙ୍କ ଜୀବନ କ୍ଷତି ଗ୍ରସ୍ତ ହେଉଛି ।

**(୨) ସମୁଦ୍ର ଜଳପତନ ବୃଦ୍ଧି (Rise in Sea Level) :** ବରଫ ତରଳିବା ଯୋଗୁଁ ସମୁଦ୍ରର ଜଳପତନ ବୃଦ୍ଧି ପାଇଚାଲିଛି । ପରିବେଶବିତ୍‌ଙ୍କ ମତରେ ବିଂଶ ଶତାବ୍ଦୀରେ ସମୁଦ୍ରର ଜଳପତନ ହାରାହାରି ୧୦ରୁ ୨୦ ସେଣ୍ଟିମିଟର ବୃଦ୍ଧି ପାଇଛି । ଏକବିଂଶ ଶତାବ୍ଦୀର ଶେଷ ସୁଦ୍ଧା ଜଳପତନ ହାରାହାରି ୨୦ରୁ ୫୯ ସେଣ୍ଟିମିଟର ବୃଦ୍ଧି ପାଇବ । ସମୁଦ୍ରର ଜଳପତନ ବୃଦ୍ଧି ପାଇଲେ ଖାଲୁଆ ଅଞ୍ଚଳରେ ଅବସ୍ଥିତ ଦେଶ ଧୀରେ ଧୀରେ ସମୁଦ୍ର ଗର୍ଭରେ ଲୀନ ହେବ । ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ

ଆମ ରାଜ୍ୟରେ ସମୁଦ୍ର ଆଗ ଅପେକ୍ଷା ଅଧିକ ଅଶାନ୍ତ ହୋଇଛି । ସାତଭାୟା, ପୁରୀ, କୋଣାର୍କ, ଗଞ୍ଜାମ ଇତ୍ୟାଦି ଜିଲ୍ଲାରେ ସମୁଦ୍ର ଆଗକୁ ମାଡ଼ି ଆସି ଅନେକ ଗାଁ ଗଣ୍ଡା ଭସାଇ ନେଇାଣି ।

**(୩) ବରଫ ଆଚ୍ଛାଦିତ ସ୍ତର ଅବକ୍ଷୟ (Decrease in Snow Cover) :** ବିଶ୍ୱ ତାପମାତ୍ରା ବୃଦ୍ଧି ଫଳରେ ବରଫ ଆଚ୍ଛାଦିତ ସ୍ତରରେ ଅବକ୍ଷୟ ହୋଇଛି । କାରଣ ବରଫ ତରଳୁଛି । ଫଳରେ ଅନେକ ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ଯଥା- ବନ୍ୟା, ବାତ୍ୟା, ଭୂସ୍ଖଳନ ଇତ୍ୟାଦି ଦେଖାଦେଇଛି ।

**(୪) ଜୈବ ବିବିଧତା ହ୍ରାସ (Loss of Bio Diversity) :** ବିଶ୍ୱ ତାପମାତ୍ରା ବୃଦ୍ଧି ଫଳରେ ଜଳବାୟୁରେ ଘଟୁଥିବା ପରିବର୍ତ୍ତନ ସହିତ ଖାପଖୁଆଇ ନପାରି ଅନେକ ବିରଳ ପ୍ରଜାତିର ପ୍ରାଣୀ ଓ ଗଛଲତା ଇତ୍ୟାଦି ବିଲୁପ୍ତ ହେଇଗଲେଣି । ଏହି ପରିସ୍ଥିତି ଜାରି ରହିଲେ ଆହୁରି ଅନେକ ପ୍ରଜାତିର ପ୍ରାଣୀ ଓ ଗଛଲତା ବିଲୁପ୍ତ ହୋଇଯିବେ । ଆମ ରାଜ୍ୟରେ ଘର ଚଟିଆ, ଶାଗୁଣା ଇତ୍ୟାଦି ବିଲୁପ୍ତ ହୋଇଗଲେଣି ।

**(୫) ଜଳବାୟୁରେ ପରିବର୍ତ୍ତନ (Climate Change) :** ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ସମଗ୍ର ପୃଥିବୀର ଋତୁଚକ୍ର ଓ ପାଣିପାଗରେ ବ୍ୟାପକ ବ୍ୟତିକ୍ରମ ଦେଖାଯାଇଛି । ଗ୍ରୀଷ୍ମ ପ୍ରବାହ ଦୀର୍ଘ ହେଉଥିବା ବେଳେ ଶୀତଋତୁର ଅବଧି ହ୍ରାସ ପାଉଛି । ବୃଷ୍ଟିପାତ ଅନିଶ୍ଚିତ ଓ ଅନିୟମିତ ହେଉଛି । ମୌସୁମୀ ଆଗମନ ବିଳମ୍ବ ହେଉଛି । ବନ୍ୟା, ବାତ୍ୟା, ସୁନାମୀ, ମହାବାତ୍ୟା, ଭୂସ୍ଖଳନ ଇତ୍ୟାଦିରେ ଅପ୍ରତ୍ୟାଶିତ ବୃଦ୍ଧି ଘଟିଛି ।

**(୬) କୃଷି ଉତ୍ପାଦନ ହ୍ରାସ (Decrease in Production) :** ବିଶ୍ୱ ତାପମାତ୍ରା ବୃଦ୍ଧି ଫଳରେ ବୃଷ୍ଟିପାତରେ ଅନିୟମିତତା ପରିଲକ୍ଷିତ ହେଉଛି । ବର୍ଷା କମ୍ ହେଉଛି । ଦୁର୍ଭିକ୍ଷ ପଡୁଛି ଓ କୃଷି ଉତ୍ପାଦନ ହ୍ରାସ ପାଉଛି । ଫଳରେ ଜମିର ଉର୍ବରତା ହ୍ରାସ ପାଇଚାଲିଛି । ପରିବେଶବିତ୍ ମାନଙ୍କ ମତରେ ୨୦୩୦ ମସିହା ବେଳକୁ ଆଫ୍ରିକାରେ ମକା ଉତ୍ପାଦନ ୩୦ ପ୍ରତିଶତ ହ୍ରାସ ପାଇଥିବ । ଦକ୍ଷିଣ ଏସିଆରେ ମଧ୍ୟ ଖାଦ୍ୟଶସ୍ୟ ଓ ଡାଲିଜାତୀୟ ପଦାର୍ଥ ଉତ୍ପାଦନରେ ୧୦ ପ୍ରତିଶତ ହ୍ରାସ ପାଇଥିବ ।

## ୧୦.୬ ଜଳବାୟୁ ପରିବର୍ତ୍ତନ (Climate Change) :କାରଣ ଓ ପ୍ରଭାବ

ଅନ୍ୟ ଏକ ବିଶ୍ୱସ୍ତରୀୟ ପରିବେଶ ଗତ ସମସ୍ୟା ହେଉଛି ଜଳବାୟୁ ପରିବର୍ତ୍ତନ । ଜଳବାୟୁ ପରିବର୍ତ୍ତନର ଅନେକ କାରଣ ରହିଛି । ଯଥା : ପ୍ରାକୃତିକ ସମ୍ବଳର (ଜମି, ଜଳ, ଜଙ୍ଗଲ, ଖଣିଜ ପଦାର୍ଥ) ର ମନଇଚ୍ଛା ବିନିଯୋଗ, ଦ୍ରୁତ ଶିଳ୍ପାୟନ, ସମୁଦ୍ରର ଜଳପତନରେ ବୃଦ୍ଧି, ଜୀବାଶ୍ମ ଜାଳେଣୀ (ପେଟ୍ରୋଲ, ଡିଜେଲ ଇତ୍ୟାଦି) ର ବହୁଳ ବ୍ୟବହାର, ଜମିରେ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ ଇତ୍ୟାଦି ।

**ଜଳବାୟୁ (Climate) କାହାକୁ କହନ୍ତି ?**

ଜଳବାୟୁ (Climate) ଓ ପାଣିପାଗ (Weather) ପରସ୍ପର ପରିପୂରକ । କିନ୍ତୁ ବହୁତ ସମୟରେ ଲୋକ ଉଭୟଙ୍କ ମଧ୍ୟରେ ଥିବା ପ୍ରଭେଦ ଜାଣିନପାରି ତାହାକୁ ଭିନ୍ନ ଅର୍ଥରେ ବ୍ୟବହାର କରନ୍ତି । ଗୋଟିଏ ସ୍ଥାନରେ ଗୋଟିଏ ଦିନରେ ହେଉଥିବା ତାପମାତ୍ରା ଓ ଆର୍ଦ୍ରତାରେ ଥିବା ଭିନ୍ନତାକୁ ପାଣିପାଗ (Weather) କୁହାଯାଏ । ଗୋଟିଏ ସ୍ଥାନରେ ପାଣିପାଗ ଗୋଟିଏ ଦିନରେ ମଧ୍ୟ ହଠାତ୍ ପରିବର୍ତ୍ତନ ହୋଇପାରେ । କିନ୍ତୁ ଜଳବାୟୁ (Climate) ର ଅର୍ଥ ଅତି ବ୍ୟାପକ । ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ କେତେ ଗୁଡ଼ିଏ ସ୍ଥାନକୁ ନେଇ ଗୋଟିଏ ଅଞ୍ଚଳ ଗଠିତ)ରେ ବହୁ ଦିନ ଧରି ଅନୁଭୂତ ହେଉଥିବା ହାରାହାରି ପାଣିପାଗର ସ୍ଥିତିକୁ ଜଳବାୟୁ (Climate) କୁହାଯାଏ । ଋତୁ ସହିତ ଜଳବାୟୁ ପରିବର୍ତ୍ତନ ହୁଏ । ତେଣୁ ପାଣିପାଗ ହଠାତ୍ ପରିବର୍ତ୍ତନ ହେଉଥିବା ବେଳେ ଜଳବାୟୁ ଧୀରେ ଧୀରେ ପରିବର୍ତ୍ତନ ହୁଏ । ଗୋଟିଏ ବଡ଼ ଅଞ୍ଚଳର ହାରାହାରି ପାଣିପାଗକୁ ଜଳବାୟୁ କୁହାଯାଏ ।

ବିଭିନ୍ନ ଅଞ୍ଚଳ ମଧ୍ୟରେ ଜଳବାୟୁର ଭିନ୍ନତା ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ ଯେଉଁ ଅଞ୍ଚଳ ବିଷୁବରେଖା ନିକଟରେ ଅବସ୍ଥିତ, ସେ ଅଞ୍ଚଳ ଅପେକ୍ଷାକୃତ ଗରମ ଅଟେ । ଯେଉଁ ଅଞ୍ଚଳ ସମୁଦ୍ର ପତ୍ତନ ଠାରୁ ଅଧିକ ଉଚ୍ଚରେ ଥାଏ ସେ ଅଞ୍ଚଳ ଅପେକ୍ଷାକୃତ ଥଣ୍ଡା । ସମୁଦ୍ର ପାଖରେ ଥିବା ଅଞ୍ଚଳର ଆର୍ଦ୍ରତା ଅଧିକ ଥାଏ ତେଣୁ ସେ ଅଞ୍ଚଳରେ ଅଧିକ ଥଣ୍ଡା କିମ୍ବା ଅଧିକ ଗରମ ହୋଇନଥାଏ । ଅନ୍ୟ ଅର୍ଥରେ କହିଲେ ଜଳବାୟୁରେ ହେଉଥିବା ପରିବର୍ତ୍ତନର ସ୍ୱାଭାବିକ ଭାବରେ ପ୍ରାକୃତିକ ଉପାୟରେ ଧୀରେ ଧୀରେ ହୋଇଥାଏ ।

କିନ୍ତୁ ବିଗତ କିଛି ଦଶନ୍ଧି ଧରି ପରିବେଶବିତ୍ ମାନେ ଅନୁଭବ କରୁଛନ୍ତି ଯେ, ଜଳବାୟୁ ଯେଉଁ ହାରରେ ପରିବର୍ତ୍ତନ ହେବା କଥା ତା ଠାରୁ ଅଧିକ ବେଗରେ ପରିବର୍ତ୍ତନ ହେଉଛି । ଅର୍ଥାତ୍ ଗ୍ରୀଷ୍ମ ପ୍ରବାହ ପ୍ରାୟ ଦୀର୍ଘ ହେଉଥିବା ବେଳେ ଶୀତର ପ୍ରଭାବ ଧୀରେ ଧୀରେ କମି କମି ଯାଉଛି । ବର୍ଷା ମଧ୍ୟ ଠିକ୍ ସମୟରେ ନହୋଇ ବିକ୍ଷିପ୍ତ ଭାବରେ ହେଉଛି । ଅର୍ଥାତ୍ ପାଣିପାଗ ଓ ଜଳବାୟୁ ପରିବର୍ତ୍ତନରେ ଅସ୍ୱାଭାବିକତା ପରିଲକ୍ଷିତ ହେଉଛି । ଏହି ଅସ୍ୱାଭାବିକ ଜଳବାୟୁ ପରିବର୍ତ୍ତନ ବିଶ୍ୱ ସମୁଦାୟ ପ୍ରତି ଏକ ଆହ୍ୱାନ ହୋଇ ଠିଆ ହୋଇଛି ।

**ଜଳବାୟୁ ପରିବର୍ତ୍ତନର କାରଣ (Causes of climate change) :**

ପରିବେଶବିତ୍ ମାନେ ଜଳବାୟୁ ପରିବର୍ତ୍ତନର ନିମ୍ନଲିଖିତ କାରଣ ଅଛି ବୋଲି କହିଥାଆନ୍ତି ।

**(୧) ବିଶ୍ୱ ତାପମାତ୍ରା ବୃଦ୍ଧି (Global Warming) :** ଆଗକାଳରେ ବିଶ୍ୱ ତାପମାତ୍ରା ସ୍ଥିର ଥିଲା । ସେଥିପାଇଁ ଜଳବାୟୁ ପରିବର୍ତ୍ତନ ସ୍ୱାଭାବିକ ଭାବରେ ହେଉଥିଲା । କିନ୍ତୁ ବିଭିନ୍ନ କାରଣ ଯୋଗୁଁ ବିଶ୍ୱ ତାପମାତ୍ରା ବୃଦ୍ଧି ହେଉଥିବା ବେଳେ ତାହାର ପ୍ରଭାବ ଜଳବାୟୁ ଉପରେ ପଡୁଛି । ଜଳବାୟୁ ଅସ୍ୱାଭାବିକ ଭାବରେ ପରିବର୍ତ୍ତନ ହେଉଛି । ଅର୍ଥାତ୍ ଖରାଦିନେ ଅଧିକ ଗରମ ଅନୁଭୂତ ହେଉଥିବା ବେଳେ ବର୍ଷା ଦିନେ କମ୍ ବର୍ଷା ହେଉଛି ଓ ଶୀତଦିନେ କମ୍ ଶୀତ ଅନୁଭୂତ ହେଉଛି ।

**(୨) ସବୁଜ ଗୃହ ବାଷ୍ପର ପ୍ରଭାବ (Effect Green House Gases) :** ଅଙ୍ଗାରକାମ୍ଳ, ଯବକ୍ଷାରଜାନ, ମିଥେନ୍, କ୍ଲୋରୋଫ୍ଲୋରୋ କାର୍ବନ ଇତ୍ୟାଦି ବାଷ୍ପକୁ ସବୁଜଗୃହ ବାଷ୍ପ କୁହାଯାଏ । କାରଣ ସେମାନେ ଜୀବଜଗତ ଓ ଉଦ୍ଭିଦ ମଧ୍ୟରେ ସମନ୍ୱୟ ଆଣିବ ସାହିତ ବାୟୁମଣ୍ଡଳରେ ତାପମାତ୍ରାକୁ ସ୍ଥିର ରଖନ୍ତି । କିନ୍ତୁ କୃତ୍ରିମ ଉପାୟରେ ସେହିସବୁ ଗ୍ୟାସ୍ ଆମ କଳକାରଖାନା, ଗାଡ଼ିମଟର ଇତ୍ୟାଦିରୁ ଅହରହ ନିର୍ଗମନ ହୋଇ ଆମ ବାୟୁମଣ୍ଡଳ ତଥା ପରିବେଶକୁ ଦୂଷିତ କରୁଛି । ଏହିସବୁ ଗ୍ୟାସର ଅବିରତ ନିର୍ଗମନ ଯୋଗୁଁ ବାୟୁମଣ୍ଡଳରେ ଏମାନେ ମୋଟା ଚାଦର ଭଳି ଛାତ ଗଠନ କରନ୍ତି । ପୃଥିବୀ ପୃଷ୍ଠରେ ପଡୁଥିବା ସୂର୍ଯ୍ୟରଶ୍ମୀକୁ ସେମାନେ ପୁନଃ ବିଚ୍ଛୁରିତ ହେବାକୁ ନଦେଇ ବାୟୁମଣ୍ଡଳରେ ମିଶାଇ ଦିଅନ୍ତି । ଯାହା ଫଳରେ ବାୟୁମଣ୍ଡଳ ଉତ୍ତପ୍ତ ରହେ ଓ ଏହା ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନରେ ସାହାଯ୍ୟ କରେ ।

**(୩) ପ୍ରଦୂଷଣ (Pollution) :** ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ଅନ୍ୟ ଏକ କାରଣ ହେଉଛି ପରିବେଶ ପ୍ରଦୂଷଣ । ଆଜିକାଲି ପୃଥିବୀର ସମସ୍ତ ରାଷ୍ଟ୍ର ବିକାଶକୁ ଗୁରୁତ୍ୱ ଦେଇ ମନଇଚ୍ଛା କଳକାରଖାନା ଖୋଲିଚାଲିଛନ୍ତି । କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଜଳ ସହିତ ମିଶି ଜଳ ପ୍ରଦୂଷଣ କରନ୍ତି । ତାହାର ପାଉଁଷ ମୃତ୍ତିକା ପ୍ରଦୂଷଣ କରୁଥିବା ବେଳେ ସେଥିରୁ ବାହାରୁଥିବା ଅଙ୍ଗାରକାମ୍ଳ ଗ୍ୟାସ, ମିଥେନ୍ ଇତ୍ୟାଦି ବାୟୁ ପ୍ରଦୂଷଣ କରନ୍ତି । ଏହାଛଡ଼ା ଗାଡ଼ିମଟରରୁ ନିର୍ଗତ ଧୂଆଁ ମଧ୍ୟ ପରିବେଶ ପ୍ରଦୂଷଣରେ ସାହାଯ୍ୟ କରେ । ପ୍ରଦୂଷଣର ମାତ୍ରା ଏତେ ଅଧିକ ଯେ, ଏହା ଜୀବନଧାରଣ ପାଇଁ ସମସ୍ୟା ସୃଷ୍ଟି କରେ, ବିଶ୍ୱ ତାପମାତ୍ରାକୁ ଉତ୍ତପ୍ତ କରେ ଓ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ପାଇଁ ପଥ ପରିଷ୍କାର କରେ ।

**(୪) ଜଙ୍ଗଲ ଧ୍ୱଂସ (Deforestation) :** ଜଙ୍ଗଲ ସବୁବେଳେ ପରିବେଶ ଓ ଜୀବଜଗତ ମଧ୍ୟରେ ସନ୍ତୁଳନ ରକ୍ଷା କରେ । ଏହା ଆମ ବିଶ୍ୱର ତାପମାତ୍ରାକୁ ସ୍ଥିର ରଖିବା ସହିତ ବର୍ଷା ମଧ୍ୟ କରାଏ । କିନ୍ତୁ ଆଜିକାଲି ମଣିଷ ଆଧୁନିକୀକରଣ ଓ

ଶିଳ୍ପାୟନ ନାମରେ ଅବାଧରେ ଜଙ୍ଗଲ ଧ୍ୱଂସ କରିଚାଲିଛି । ଜଙ୍ଗଲ ଧ୍ୱଂସ ଫଳରେ ଜୈବ ବିବିଧତା ହ୍ରାସ ପାଇ ଚାଲିଥିବା ବେଳେ ବିକ୍ଷିପ୍ତ ଓ ଅନିୟମିତ ବର୍ଷା ହେଉଛି । ଫଳରେ ଋତୁଚକ୍ର ପରିବର୍ତ୍ତନରେ ଅନିୟମିତତା ପରିଲକ୍ଷିତ ହେଉଛି ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ **(Impact of Climate Change) :**

ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ନିମ୍ନଲିଖିତ କୁପ୍ରଭାବ ପୃଥିବୀ ପୃଷ୍ଠରେ ପଡୁଛି -

(୧) ବିଶ୍ୱ ତାପମାତ୍ରା ଅସ୍ୱାଭାବିକ ବୃଦ୍ଧି ହେଉଛି ।

(୨) ବାୟୁରେ ଆର୍ଦ୍ରତାର ପରିମାଣରେ ବ୍ୟାପକ ପରିବର୍ତ୍ତନ ହେଉଛି ।

(୩) ବୃଷ୍ଟିପାତର ଅନୁପାତ ଓ ଢାଞ୍ଚାରେ ପରିବର୍ତ୍ତନ ହେଉଛି । କମ୍ ବା ବେଶି ବୃଷ୍ଟି ଫଳରେ ଉତ୍କଟ ମରୁଡି ବା ତୀବ୍ର ବନ୍ୟା ଦେଖାଦେଉଛି ।

(୪) ଜଳଭାଗ ଓ ସ୍ଥଳଭାଗର ତାପମାତ୍ରାରେ ଦୀର୍ଘମିଆଦୀ ପରିବର୍ତ୍ତନ-ଗ୍ରୀଷ୍ମ ପ୍ରବାହ ବୃଦ୍ଧି, ଶୀତର ପ୍ରକୋପ ହ୍ରାସ, ବିକ୍ଷିପ୍ତ ବର୍ଷା ।

(୫) ହିମ ସ୍ରୋତରେ ପରିବର୍ତ୍ତନ ଓ ମେରୁ ଅଞ୍ଚଳରେ ସ୍ଥାୟୀ ବରଫାବୃତ ଅଞ୍ଚଳରେ ବରଫ ତରଳିବା ।

(୬) ସାମୁଦ୍ରିକ ଜଳସ୍ତରରେ ବୃଦ୍ଧି ଓ ମହାସାଗରର ଜଳର ତାପମାତ୍ରା ବୃଦ୍ଧି । ଫଳରେ ସମୁଦ୍ର କୂଳରେ ଥିବା ଦେଶ ଓ ତାହାର ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ।

(୭) ଏହା ପ୍ରାକୃତିକ ପର୍ଯ୍ୟାବରଣକୁ ନଷ୍ଟ କରିବା ସହିତ ଜୈବ ବିବିଧତା ହ୍ରାସ କରେ । ପରିବେଶ ସୁରକ୍ଷା ପାଇଁ ଉଦ୍ୟମ (Attempts at Environmental Protection)

## ୧୦.୭ ପରିବେଶ ସୁରକ୍ଷା ପାଇଁ ଉଦ୍ୟମ

ଜାତିସଂଘ ଗଠନ ହେବା ପର ଠାରୁ ପରିବେଶ ସୁରକ୍ଷା ପାଇଁ ସମଗ୍ର ବିଶ୍ୱରେ ଉଦ୍ୟମ ଆରମ୍ଭ ହୋଇଛି । ୧୯୯୫ ମସିହା ଠାରୁ ପ୍ରତିବର୍ଷ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ବୈଠକରେ ବିଶ୍ୱ ନେତୃବୃନ୍ଦ ଭାଗନେଇ ପରିବେଶ ସୁରକ୍ଷା ପାଇଁ ନେବାକୁ ଥିବା ଉଦ୍ୟମ ଉପରେ ଆଲୋଚନା କରୁଛନ୍ତି । ଏହା ବ୍ୟତୀତ ଅନେକ ଗୁଡ଼ିଏ ବେସରକାରୀ ସଂଗଠନ ମଧ୍ୟ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦେଶ ଉପରେ ଚାପ ପକାଇ ପରିବେଶ ସୁକ୍ଷା ପାଇଁ ସଚେତନତା ସୃଷ୍ଟି କରୁଛନ୍ତି ।

ପରିବେଶ ସୁରକ୍ଷା ପାଇଁ ଅନୁଷ୍ଠିତ ଆଲୋଚନା, ଅଧିବେଶନ ଓ ଉଦ୍ୟମ ଯୋଗୁଁ ଆନ୍ତର୍ଜାତୀୟ ସ୍ତରରେ ବିଶ୍ୱ ପରିବେଶର ସୁରକ୍ଷା ଓ ସଂରକ୍ଷଣକୁ ନେଇ ଜନସଚେତନତା ବୃଦ୍ଧି ପାଇଛି । ତଥାପି ଏବେ ମଧ୍ୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ମଧ୍ୟରେ ପରିବେଶ ସଂରକ୍ଷଣ ଓ ପ୍ରାକୃତିକ ସମ୍ପଦର ନ୍ୟାୟପୂର୍ଣ୍ଣ ବଣ୍ଟନକୁ ନେଇ ସହମତି ଆସିପାରେ ନାହିଁ । ବିକଶିତ ଓ ଶିଳ୍ପୋନ୍ନତ ରାଷ୍ଟ୍ରମାନେ ଆଜି ମଧ୍ୟ ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ନୁହଁନ୍ତି । ସେମାନେ ପରିବେଶ ଅପେକ୍ଷା ନିଜର ବ୍ୟାବସାୟିକ ସ୍ୱାର୍ଥ ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି । ପଛୁଆ ଓ ଅନୁନ୍ନତ ରାଷ୍ଟ୍ରମାନେ ମଧ୍ୟ ନିଜ ଆର୍ଥିକ ଅସମତାକୁ ଦୂର କରିବାକୁ ପ୍ରାକୃତିକ ସମ୍ପଦର ମନଇଚ୍ଛା ଦୁରୁପଯୋଗ କରୁଛନ୍ତି । ତେଣୁ ଦେଶ ଦେଶ ମଧ୍ୟରେ ଥିବା ଏହି ଦୋମୁହାଁ ନୀତି ଯୋଗୁଁ ପରିବେଶ ସଂରକ୍ଷଣ କେବଳ ଭାଷଣବାଜିରେ ହିଁ ସୀମିତ ରହିଛି ।

ବର୍ତ୍ତମାନ ସମୟ ଆସିଛି, ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ପରିବେଶର ସୁରକ୍ଷା ପାଇଁ ନିଷ୍ଠାପର ଉଦ୍ୟମ କରିବା ଆବଶ୍ୟକ ।

## ୧୦.୮ ସାରାଂଶ :

- ଆମ ଚାରିପଟେ ଥିବା ସମସ୍ତ ପ୍ରାକୃତିକ ଭୌତିକ, ଜୈବିକ ଓ ରାସାୟନିକ ଅବସ୍ଥା ଯାହା ଆମର ଜନଜୀବନକୁ ପ୍ରଭାବିତ କରେ ତାହାକୁ ପରିବେଶ କୁହାଯାଏ । ଏହା ଦୁଇ ପ୍ରକାରର-ପ୍ରାକୃତିକ ପରିବେଶ ଓ ମାନବୀୟ ପରିବେଶ ।
- ପ୍ରକୃତିରେ ଗଚ୍ଛିତ ଥିବା ଉପାଦାନ ଗୁଡ଼ିକ ଯାହା ମନୁଷ୍ୟର ଆବଶ୍ୟକତା ପୂରଣ ପାଇଁ ବିନିଯୋଗ କରାଯାଇପାରେ ତାହାକୁ ପ୍ରାକୃତିକ ସମ୍ପଦ କୁହାଯାଏ । ଏହା ଦୁଇ ପ୍ରକାରର-ନବୀକରଣ ଯୋଗ୍ୟ ପ୍ରାକୃତିକ ସମ୍ପଦ ଓ ନବୀକରଣ ଅଯୋଗ୍ୟ ପ୍ରାକୃତିକ ସମ୍ପଦ ।
- ବିକାଶ ସହିତ ପରିବେଶର ଏକ ଗଭୀର ସମ୍ପର୍କ ଅଛି । କାରଣ ପରିବେଶରେ ଗଚ୍ଛିତ ଥିବା ପ୍ରାକୃତିକ ସମ୍ପଦର ସୁବିନିଯୋଗ ଦ୍ୱାରା ହିଁ ବିକାଶ ସମ୍ଭବ ହୋଇଥାଏ ।
- କିନ୍ତୁ ଆଧୁନିକ ଯୁଗରେ ବିକାଶ ହିଁ ପରିବେଶ ପାଇଁ ଏକ ଆହ୍ୱାନ ହୋଇ ଠିଆ ହୋଇଛି । କାରଣ ବିକାଶ ନାମରେ ଦ୍ରୁତ ଜଙ୍ଗଲ କ୍ଷୟ ହେବା ସହିତ ପରିବେଶ ପ୍ରଦୂଷଣ ହେଉଛି । ବିଶ୍ୱ ତାପମାତ୍ରା ବୃଦ୍ଧି ହେବା ସହିତ ଋତୁଚକ୍ର ପରିବର୍ତ୍ତନରେ ଅନିୟମିତତା ପରିଲକ୍ଷିତ ହେଉଛି ।
- ବିଶ୍ୱ ତାପମାତ୍ରା ବୃଦ୍ଧି ବିଭିନ୍ନ କାରଣ ଯୋଗୁଁ ହୋଇଥାଏ ଯଥା- ସବୁଜ ଗୃହ ବାଷ୍ପର ପ୍ରଭାବ, ଓଜୋନ ସ୍ତରରେ ହ୍ରାସ ଓ ଆଗ୍ନେୟଗିରିର ଉଦ୍‌ଗୀରଣ ଇତ୍ୟାଦି । ଏହାର ଅନେକ ନକରାତ୍ମକ ପ୍ରଭାବ ମଧ୍ୟ ଅଛି । ଯଥା : ବରଫ ତରଳିବା, ସମୁଦ୍ର ଜଳପତନରେ ବୃଦ୍ଧି ହେବା, ଜୈବ ବିବିଧତା ହ୍ରାସ ହେବା, କୃଷି ଉତ୍ପାଦନ ହ୍ରାସ ତଥା ଜଳବାୟୁରେ ପରିବର୍ତ୍ତନ ଇତ୍ୟାଦି ।
- ଜଳବାୟୁ ପରିବର୍ତ୍ତନ ଏକ ବିଶ୍ୱସ୍ତରୀୟ ପରିବେଶଗତ ସମସ୍ୟା ଯାହାଫଳରେ ଋତୁଚକ୍ର ପରିବର୍ତ୍ତନ ସ୍ୱାଭାବିକ ଭାବରେ ନହୋଇ ଅସ୍ୱାଭାବିକ ଭାବରେ ହୋଇଥାଏ । ଏହାଦ୍ୱାରା ଗ୍ରୀଷ୍ମପ୍ରବାହ ଦୀର୍ଘ ହେଉଥିବା ବେଳେ ଶୀତର ପ୍ରକୋପ ହ୍ରାସ ପାଏ । ବର୍ଷା ମଧ୍ୟ ଅନିୟମିତ ଓ ବିକ୍ଷିପ୍ତ ହୁଏ ।
- ସବୁଜଗୃହ ବାଷ୍ପର ପ୍ରଭାବ, ପରିବେଶ ପ୍ରଦୂଷଣ ଓ ଜଙ୍ଗଲ ଧ୍ୱଂସ ଯୋଗୁଁ ଜଳବାୟୁ ପରିବର୍ତ୍ତନ ହୋଇଥାଏ । ଏହାର ଅନେକ ଗୁଡ଼ିଏ ନକାରାତ୍ମକ ପ୍ରଭାବ ଅଛି ଯଥା- ବିଶ୍ୱ ତାପମାତ୍ରାରେ ଅସ୍ୱାଭାବିକ ବୃଦ୍ଧି; ଆର୍ଦ୍ରତାର ପରିମାଣରେ ବ୍ୟାପକ ପରିବର୍ତ୍ତନ, ବୃଷ୍ଟିପାତର ଢାଞ୍ଚା ଓ ଅନୁପାତରେ ପରିବର୍ତ୍ତନ, ସାମୁଦ୍ରିକ ଜଳସ୍ତର ବୃଦ୍ଧି ଇତ୍ୟାଦି ।

## ୧୦.୯ ନିଜର ପ୍ରଗତି ପରୀକ୍ଷା ପାଇଁ ଅନୁଶୀଳନୀ

**ଦୀର୍ଘ ପ୍ରଶ୍ନ :**

୧ । ପରିବେଶର ଅର୍ଥ ଓ ପ୍ରକାରଭେଦ ଆଲୋଚନା କର ।

୨ । ପ୍ରାକୃତିକ ସମ୍ପଦ କ'ଣ ? ଏହାର ପ୍ରକାରଭେଦ ଆଲୋଚନା କର ।

୩ । ବିକାଶ କ'ଣ ? ଏହାର ନକରାତ୍ମକ ପ୍ରତିକ୍ରିୟା ବିଶ୍ଳେଷଣ କର ।

୪ । ବିଶ୍ୱ ତାପମାତ୍ରା ବୃଦ୍ଧି (Global Warming) କହିଲେ କ'ଣ ବୁଝ ?

୫ । ଜଳବାୟୁ ପରିବର୍ତ୍ତନ (Climate Change) କ'ଣ ? ଜଳବାୟୁର ପରିବର୍ତ୍ତନର କାରଣ ଓ ପ୍ରଭାବ ବର୍ଣ୍ଣନା କର

**ବସ୍ତୁନିଷ୍ଠ / ସଂକ୍ଷିପ୍ତ ପ୍ରଶ୍ନୋତ୍ତର**

୧ । ୧୯୯୨ ମସିହାରେ ଧରିତ୍ରୀ ସମ୍ମିଳନୀ __________ ଠାରେ ଅନୁଷ୍ଠିତ ହୋଇଥିଲା ।

**ଉ. ବ୍ରାଜିଲ୍‌ର ରାଜଧାନୀ ରିଓ ଡି. ଜେନେରୋ**

୨ । __________ ମସିହା ଡିସେମ୍ବର ମାସର ୨୧ ତାରିଖରେ ମିଳିତ ଜାତିସଂଘ ଆନୁକୂଲ୍ୟରେ ଜଳବାୟୁ ସନ୍ଧି ସ୍ୱାକ୍ଷରିତ ହୋଇଥିଲା ।

**ଉ. ୧୯୯୩**

୩ । ବିଶ୍ୱ ତାପମାତ୍ରା ଓ ଜଳବାୟୁ ପରିବର୍ତ୍ତନ ପାଇଁ __________ ଗ୍ୟାସ ମୁଖ୍ୟତଃ ଦାୟୀ ।

**ଉ. ଅଙ୍ଗାରକାମ୍ଳ**

୪ । ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ୨୦୦୯ ମସିହାରେ __________ ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

**ଉ. କୋପେନ୍‌ହେଗେନ**

❖❖❖

*Copyright reserved by*

**COUNCIL OF HIGHER SECONDARY EDUCATION**
ODISHA, BHUBANESWR

***Printed at :***

**ODISHA STATE BUREAU OF TEXTBOOK PREPARATION & PRODUCTION**
Pustak Bhawan, Bhubaneswar